
# ଉତ୍କଳ ପ୍ରସଙ୍ଗ

ଜନରାଜ୍ୟ ସଂଖ୍ୟା

1977 December & January 1978





## ଭାରତବର୍ଷର ସାମର୍ଥ୍ୟ

ଯେଉଁ ଦୁଃଖ ଓ ଅସୁବିଧା ବରଣ କରିବା ଧନୀ ଦେଶମାନଙ୍କ ପକ୍ଷରେ ସମ୍ଭବ ନୁହେଁ, ତାହା ବରଣ କରିବାକୁ ଭାରତର ପ୍ରତ୍ୟକ୍ଷ ସାମର୍ଥ୍ୟ ରହିଛି । ସେଭଳି ଦୁଃଖ ବରଣକରି ମଧ୍ୟ ଭାରତ ବର୍ଷ ବଂଚି ପାରିବ ।

--ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ନବବର୍ଷ ଉପଲକ୍ଷେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରି ଓଡ଼ିଶାର ସର୍ବାଙ୍ଗୀନ ବିକାଶସାଧନ ଲାଗି ନିଜ ନିଜ ମଧ୍ୟରେ ଗଭୀର ଆସ୍ଥା, ଆତ୍ମପ୍ରତ୍ୟୟ, ଉଚ୍ଚାଭିଳାଷ, ଉତ୍ସାହ, ପ୍ରେରଣା ଓ ପ୍ରଚେଷ୍ଟା ଜାଗରୂକ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ତାଙ୍କ ବାର୍ତ୍ତାର ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା :

ବନ୍ଧୁଗଣ,

"ଏକ ସୁଖୀ ଓ ସମୃଦ୍ଧ ନବବର୍ଷ ପାଇଁ ମୁଁ ଆଜି ଆପଣ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି । ସମଗ୍ର ମାନବ ଜାତି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଆଶା ପୋଷଣ କରି ଗତ ରାତ୍ରିରେ ଆମେ ୧୯୭୭ ମସିହାକୁ ବିଦାୟ ଦେଇଛୁ । ଲଗ ଲଗ ବିଗତ ଦୁଇଟି ନିର୍ବାଚନରେ ଜନସାଧାରଣ ଗଣତନ୍ତ୍ର ସପକ୍ଷରେ ସେମାନଙ୍କର ସୁସ୍ପଷ୍ଟ ମତ ବ୍ୟକ୍ତ କରିଥିବା ଦୃଷ୍ଟିରୁ ବିଶ୍ୱ ଇତିହାସରେ ୧୯୭୭ ମସିହା ଭାରତ ବର୍ଷ ନିମନ୍ତେ ଏକ ନୂତନ ଦିଗନ୍ତର ସୂତ୍ରପାତ କରିଛି । କିନ୍ତୁ ଆମ ସମସ୍ତଙ୍କ ଆଗରେ ରହିଥିବା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସଙ୍ଗେ ସଙ୍ଗେ ଯେପରି ଆମ ଦେଶର ସମସ୍ତ ନାଗରିକ ସାମାଜିକ ନ୍ୟାୟ ଓ ସମାନ ସୁବିଧା ସୁଯୋଗ ପାଆନ୍ତି ତହିଁର ନିଶ୍ଚିତ ବ୍ୟବସ୍ଥା କରିବା । ଆମ୍ଭମାନଙ୍କର ବହୁବିଧ ସମସ୍ୟା ରହିଛି । ଦାରିଦ୍ର୍ୟ ବିରୁଦ୍ଧରେ ଆମକୁ ସଂଗ୍ରାମ କରିବାକୁ ପଡ଼ିବ । ଆମେ ନିଜର କର୍ମକ୍ଷେତ୍ରରେ ନିଷ୍ଠାପର ଉଦ୍ୟମ କରିବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଜୀବନରେ ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦେଲେ ଏହି ଲକ୍ଷ୍ୟ ହାସଲ ହୋଇ

ପାରିବ । ଦୁର୍ଭାଗ୍ୟର ବିଷୟ ଗତ ବର୍ଷର ପରିସମାପ୍ତି ପୂର୍ବରୁ ପ୍ରକୃତିର ତାଣ୍ଡବଲୀଳା ଯୋଗୁଁ ଆନ୍ଧ୍ର ପ୍ରଦେଶ ଓ ତାମିଲିନାଡୁର ଜନସାଧାରଣ ଅକଥନୀୟ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଆମ ନିଜ ରାଜ୍ୟ ମଧ୍ୟ ବନ୍ୟା, ମରୁଡି ଓ ମଡ଼କ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି ; ମାତ୍ର ଏ ସବୁ ବିପର୍ଯ୍ୟୟ ସତ୍ତ୍ୱେ ଆମ୍ଭେମାନେ ପ୍ରଗତି ପଥରେ ଆଗେଇ ଯିବା ପାଇଁ ଦୃଢ଼ ପ୍ରତିଜ୍ଞ ।

"ଆମ ରାଜ୍ୟ ବିପୁଳ ପ୍ରାକୃତିକ ସଂପଦରେ ଭରପୁର । ମୁଁ ନିଃସନ୍ଦେହ, ଏହି ସଂପଦର ଯଥାଯଥ ଉପଯୋଗ କରାଗଲେ, ଆମ ରାଜ୍ୟ ସମଗ୍ର ଦେଶରେ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ ହୋଇପାରିବ । ସ୍ୱାଧୀନତା ପରଠାରୁ ଓଡ଼ିଶା ନିଶ୍ଚିତ ଭାବେ ଅଗ୍ରଗତି କରିଛି ଓ ଆଗାମୀ ବର୍ଷଗୁଡିକରେ ଏହା ଆହୁରି ଅଗ୍ରଗତି କରିବ । ଏ ଦିଗରେ ରାଜ୍ୟର ପ୍ରତ୍ୟେକ ନାଗରିକ ଯଥାସାଧ୍ୟ ଉଦ୍ୟମ କରିବା ବାଞ୍ଛନୀୟ ।

"ଏହି ଅବସରରେ ରାଜ୍ୟର ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ନିଜକୁ ନିୟୋଜିତ କରିବା ପାଇଁ ମୁଁ ଆଉଥରେ ସଂକଳ୍ପ ନେଉଛି ଏବଂ ଏହି ମହାନ୍ କାର୍ଯ୍ୟରେ ରାଜ୍ୟର ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରୁଛି ! ରାଜ୍ୟର ସର୍ବାଙ୍ଗୀନ ବିକାଶ ସାଧନ ଦିଗରେ ଏହି ଯେଉଁ ଆହ୍ୱାନ ଦେଖା ଦେଇଛି ନୂତନ ଉତ୍ସାହ ଉଦ୍ଦୀପନା ସହ ତା'ର ମୁକାବିଲା ନିମନ୍ତେ ଚାଲନ୍ତୁ ନିଜ ନିଜକୁ ଉତ୍ସର୍ଗ କରିବା । ଏ ସବୁ ଲକ୍ଷ୍ୟ ହାସଲ ନିମନ୍ତେ ଆମମାନଙ୍କ ମଧ୍ୟରେ ଗଭୀର ଆସ୍ଥା, ଆତ୍ମପ୍ରତ୍ୟୟ, ଉଚ୍ଚାଭିଳାଷ, ଉତ୍ସାହ, ପ୍ରେରଣା ତଥା ପ୍ରଚେଷ୍ଟା ଜାଗ୍ରତ ହେଉ ।

—ଜୟହିନ୍ଦ"



୧୯୭୮ ରାଜ୍ୟବାସୀଙ୍କ ପାଇଁ
ସୁଖ ଓ ସମୃଦ୍ଧିର ବର୍ଷ ହେଉ ।

ନୀଳମଣି ରାଉତରାୟ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ନବବର୍ଷ ଉପଲକ୍ଷେ
ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗର ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ

## ବାର୍ତ୍ତା

୧୯୭୮ ନୂତନବର୍ଷରେ ଓଡ଼ିଶାର ପୁରପଲ୍ଲୀ ଓ ନଗରବାସୀ ସମସ୍ତ ଭାଇଭଉଣୀମାନଙ୍କୁ, ତଥା "ଉତ୍କଳପ୍ରସଙ୍ଗ" ଓ "ଓଡ଼ିଶା ରିଭିଉ"ର ପାଠକପାଠିକା ଏବଂ ଲେଖକଲେଖିକାଙ୍କୁ ମୋର ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

# ଉତ୍କଳ ପ୍ରସଙ୍ଗ

୧୯୭୭ ଡିସେମ୍ବର : ୧୯୭୮ ଜାନୁଆରୀ : ପୌଷ ଓ ମାଘ
୧୮୯୯ ଶକାବ୍ଦ
୩୪ ଭାଗ—ପଞ୍ଚମ ଓ ଷଷ୍ଠ ସଂଖ୍ୟା

ଶ୍ରୀ ବିବେକାନନ୍ଦ ପଟ୍ଟନାୟକ
ମୁଖ୍ୟ ସମ୍ପାଦକ

ମହାପାତ୍ର ନୀଳମଣି ସାହୁ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ପ୍ରଚ୍ଛଦପଟ

ଓଡ଼ିଶା ସରକାରୀ ମୁଦ୍ରଣାଳୟ,
କଟକ

ବାର୍ଷିକ ଦେୟ—ଟ ୧୦.୦୦
ପ୍ରତିଖଣ୍ଡ—ଟ ୧.୦୦

*　　*　　*

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା (ଲୋକ ସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ବହୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

### ପ୍ରସଙ୍ଗ କ୍ରମେ

ଜନସତ୍ତା ଦିବସର ଅନୁଚିନ୍ତା ..... ୧

### ସମାଜ ପାଇଁ, ଜୀବନ ପାଇଁ

ମୋ ସ୍ୱପ୍ନର ଭାରତ ..... ୫
ନୂତନ ଶିଳ୍ପନୀତି ଓ ଗ୍ରାମ୍ୟ ଏବଂ କ୍ଷୁଦ୍ର ଶିଳ୍ପ ..... ୯
ମଦ୍ୟପାନ—ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏକ ଆଲୋଚନା ୧୫
ଜୟପ୍ରକାଶଜୀଙ୍କର—ସଂପୂର୍ଣ୍ଣ ବିପ୍ଳବ ଓ ସ୍ୱୈରଶାସନ ..... ୨୧
ଦରବୃଦ୍ଧି—ଏକ ସମସ୍ୟା ..... ୨୫
ଗାଁ ଟାଉନର—ଏକ ବିଷ ବୃକ୍ଷ ..... ୨୭
ଗ୍ରାମାଞ୍ଚଳର ବିକାଶ—ଶିକ୍ଷା କ୍ଷେତ୍ରରେ ..... ୩୧
ଆକାଶବାଣୀର ପରିଶଦର୍ଶ ..... ୩୫

### ସାହିତ୍ୟ ଓ ସଂସ୍କୃତି

ବିଶିଷ୍ଟ ମନୀଷୀ ମାଧବ ପଣ୍ଡିତଙ୍କ ମୁଖରୁ ..... ୪୧
ଶତାବ୍ଦୀର ଶେଷପାଦରେ ଓଡ଼ିଆ ନାଟକ ଶତବାର୍ଷିକୀ..... ୪୫
ଆମ ଆକାଶବାଣୀର—ଗତ, ଆଗତ, ଅନାଗତ ..... ୫୩
ଏବେ ବି ସମୟ ଅଛି (କବିତା) ..... ୫୭
ସହଦ୍ରବଳିର ନାଭକୀୟ ଉତ୍ସବ—ଗୁଳିଆ ଯାତ୍ରା ..... ୫୯
ଆଇନ୍‌ସାହିତ୍ୟ—ଯୌନ ଅପରାଧ ..... ୬୫
ଦେଶବିଦେଶରେ ନୂତନ ବର୍ଷ ..... ୬୯

### ଶିଷ୍ଟ ଓ ବିଶିଷ୍ଟ

ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ—ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଓଡ଼ିଆ ମନୋବୈଜ୍ଞାନିକ । ୭୨

### ଏ ବହିଟି

..... ୭୫
ଛିଣ୍ଡା ଶାଳଗ୍ରାମ
..... ୭୮
ଶ୍ରୀ ରାମକୃଷ୍ଣ ଉପଦେଶ

## ଆଜିର ଓଡ଼ିଶା


ଓଡ଼ିଶାର ଗ୍ରାମାଞ୍ଚଳରେ ଲୋକଶକ୍ତିର ବିନିଯୋଗ .. ୮୪

ବୀରନରସିଂହପୁର—ଜିଲ୍ଲାସ୍ତରୀୟ ପଲ୍ଲୀକ୍ରୀଡ଼ା ମଣ୍ଡଳୀ.. ୯୧

ନେହେରୁ ଯୁବକେନ୍ଦ୍ରର ଯୁବଯୋଜନା ... ୯୪

ବିକାଶ ପଥେ—ଗାଁଟିର ନାମ ଟୋଲ୍ପଡ଼ା ... ୯୯

ଜାତୀୟ ପରିବହନରେ ଓଡ଼ିଶା ଟାୟାର୍ସ ..... ୧୦୧

ରାଜ୍ୟର ଦ୍ରୁତ ବିକାଶ ଦିଗରେ ଇଂଜିନିୟରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ୧୦୩

ଡାକଘର ସଞ୍ଚୟ ବ୍ୟାଙ୍କ—ଏକାଉଣ୍ଟଧାରୀଙ୍କପାଇଁ ପୁରସ୍କାର ଯୋଜନା । ୧୦୬

ଶସ୍ୟ ସଂରକ୍ଷଣ ଅଭିଯାନ୍ କାହିଁକି ? ..... ୧୧୧

ଦଶମ ଜୁନିୟର ଜାତୀୟ ସାଇକେଲ ଚାଳନା ... ୧୧୩


## ଜ୍ଞାନ ବିଜ୍ଞାନ


ଜୀବଜଗତ ଓ ଚନ୍ଦ୍ର .... ୧୧୬



## ମଧୁଚରଣ .... ୧୧୯

# ପ୍ରସଙ୍ଗ କ୍ରମେ

## ଗଣତନ୍ତ୍ର ଦିବସର ଅଙ୍ଗୀକାର

୧୯୭୮ ମସିହା ଜାନୁୟାରୀ ୨୬ ତାରିଖ । ଆମେ ଆମର ଏହି ଗୌରବମୟ ଦିବସଟିକୁ ଯଥା ସମ୍ଭବ ଆଡ଼ମ୍ବର ସହକାରେ ପାଳନ କରୁଛୁ । ଇଂରେଜ ଶାସନରୁ ମୁକ୍ତ ହେବାପରେ ଭାରତ ନିଜକୁ କେବଳ ଏକ ସ୍ୱାଧୀନ ଦେଶ ବୋଲି ପରିଚିତ କରାଇଲା ନାହିଁ––ଏହାକୁ ଏକ ଜନ ରାଜ୍ୟରେ ମଧ୍ୟ ପରିଣତ କରିବାର ସଂକଳ୍ପ ନେଲା । ପ୍ରତିଟି ରାଷ୍ଟ୍ର ନିଜର ଏକ ଆଦର୍ଶ ରକ୍ଷା କରି ଗତିଶୀଳ ହୁଏ । ଆମ ଦେଶର ରାଷ୍ଟ୍ର ଦର୍ଶନ ହେଲା ନିଜକୁ ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା । ଏହାର ଅର୍ଥ ହେଲା, ଭାରତରେ ଯେ କୌଣସି ସମୟରେ ଯେ କୌଣସି ଦଳୀୟ ସରକାର ପ୍ରତିଷ୍ଠିତ ହେଲେ ମଧ୍ୟ, ଏ ଦେଶର ସରକାରଙ୍କର ମୌଳିକ ଲକ୍ଷ୍ୟ ହେବ ଯେ କୌଣସି ମୂଲ୍ୟ ଦେଇ ସର୍ବସାଧାରଣ ଅର୍ଥାତ୍ ଜନତାର ମଙ୍ଗଳ ଉଦ୍ଦେଶ୍ୟରେ ସରକାରୀ କଳର ପରିଚାଳନା କରିବା । ଏହି ଉଦ୍ଦେଶ୍ୟ ନେଇ ଆମର ଏକ ସମ୍ବିଧାନ ମଧ୍ୟ ତିଆରି ହୋଇଥିଲା । ଏ ଦେଶର ରାଷ୍ଟ୍ରନୀତି ହେଲା, ଏହା ଏକ ଧର୍ମ ନିରପେକ୍ଷ ଦେଶ ହେବ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଏଠାରେ ସମାଜବାଦ ପ୍ରତିଷ୍ଠିତ ହେବ । ଜାତି ଧର୍ମ ନିର୍ବିଶେଷରେ, ମୂର୍ଖ, ପଣ୍ଡିତ, ଧନୀ, ନିର୍ଦ୍ଧନ, ଉଚ୍ଚନୀଚ ନିର୍ବିଶେଷରେ ଏ ଦେଶରେ ସମସ୍ତେ ସମାନ ଆଇନଗତ ଅଧିକାର ଭୋଗ କରିବାକୁ ହକ୍‌ଦାର ହେବେ । ସମସ୍ତଙ୍କର ମତ ପ୍ରକାଶର ଅଧିକାର ମଧ୍ୟ ରହିବ ଏବଂ କ୍ରମଶଃ ସମାଜରେ ଧନଗତ ପାର୍ଥକ୍ୟକୁ ଦୂର କରିବାରେ ବିବିଧ ପ୍ରକାର ଯୋଜନା କାର୍ଯ୍ୟକାରୀ ହୋଇ ଚାଲିବ । ସ୍ୱାଧୀନତା ପାଇବା ପରଠାରୁ ଏହି ଲକ୍ଷ୍ୟ ନେଇ ଆମେ ଗୋଟିଏ ମର୍ଯ୍ୟାଦାବନ୍ତ ଗଣତାନ୍ତ୍ରିକ ସମାଜବାଦୀ ରାଷ୍ଟ୍ର ରୂପେ ନିଜକୁ ଗଢ଼ି ଚାଲିଛୁ, ଏବଂ ଏହି ପଥରେ ଆମର ଆଲୋକ ସ୍ତମ୍ଭ ରୂପେ ଆମେ ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ହିଁ ଲକ୍ଷ୍ୟ କରି ଆଗେଇ ଚାଲିଛୁଁ । ଇତି ମଧ୍ୟରେ ବହୁ ଭୁଲ ଭ୍ରାନ୍ତି ଘଟିଛି । ବହୁ ଉତ୍ଥାନପତନ ମଧ୍ୟରେ ଭାରତର ଭାଗ୍ୟରଥ ଆଗକୁ ଗଡ଼ି ଚାଲିଛି ସିନା, ପଛରେ ପଡ଼ି ରହି ନାହିଁ । ଗତ ୧୯୭୭ ମସିହାଟି ଥିଲା ଭାରତପକ୍ଷରେ ଏକ ନୂତନ ନିୟତିର ନିର୍ଦ୍ଦେଶକ ବର୍ଷ । ଅତୀତର ବହୁ ଭୁଲ ଭ୍ରାନ୍ତିକୁ

ସଂଶୋଧନ କରି ଏକ ନୂତନ ଆବେଗ ଏବଂ ପ୍ରେରଣା ନେଇ ଆମ୍ଭେମାନେ ଆମର ସେହି ମହାନ୍ ଲକ୍ଷ୍ୟ ପଥରେ ପୁନର୍ବାର ଆଗେଇ ଯିବା ପାଇଁ ସେହି ବର୍ଷଟି ଆମ ପକ୍ଷରେ ହୋଇଥିଲା ଏକ ସୈଦ୍ଧାନ୍ତିକ ବର୍ଷ ।

୧୯୭୮ ମସିହା ବହୁ ଉଜ୍ଜ୍ୱଳ ସମ୍ଭାବନାରେ ପରିପୂର୍ଣ୍ଣ । କେନ୍ଦ୍ରରେ ଓ ରାଜ୍ୟରେ ପ୍ରତିଷ୍ଠିତ ନୂତନ ସରକାର ବହୁ ପ୍ରକଳ୍ପ ଓ ଯୋଜନା କରି ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବା ଲାଗି ଖୁବ୍ ସଙ୍କଳ୍ପବଦ୍ଧ ହୋଇଛନ୍ତି । ଅବଶ୍ୟ ଜନସାଧାରଣଙ୍କର ବିନା ସହଯୋଗରେ କୌଣସି ଗଣତାନ୍ତ୍ରିକ ସରକାର ପକ୍ଷରେ ନିଜର ଜନମଙ୍ଗଳକାରୀ ପ୍ରକଳ୍ପ ବା ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ସହଜତର ହୁଏ ନାହିଁ ।

## ସ୍ୱାଧୀନତାର ନୂତନ ବ୍ୟବହାର

୧୯୭୭ ମସିହାରେ ପ୍ରତିଷ୍ଠିତ ନୂତନ ସରକାର ଗଣତନ୍ତ୍ରର ତାଗିଦ୍ ଅନୁସାରେ ଜନସାଧାରଣଙ୍କୁ ପ୍ରଚୁର ସ୍ୱାଧୀନତା ଭୋଗ କରିବାଲାଗି ସୁଯୋଗ ଦେଇଛନ୍ତି । ତା' ଫଳରେ ନିଜର ମତବ୍ୟକ୍ତ କରିବାର ସ୍ୱାଧୀନତା ଏହି କେତେ ମାସ ଭିତରେ ଖୁବ୍ ସୁସ୍ପଷ୍ଟଭାବେ ଦେଖାଯାଉଛି । ବିଭିନ୍ନ ବ୍ୟକ୍ତି, ଶାସକ, ପ୍ରଶାସକ ଓ ବିଭିନ୍ନ ପ୍ରକାର ମୂଲ୍ୟବୋଧ ବା ଆଦର୍ଶ ଉପରେ ଯେ କେହି ଆପଣାର ସ୍ୱାଧୀନ ମତ ବ୍ୟକ୍ତ କରି ପାରୁଛନ୍ତି । କିନ୍ତୁ ଏ କ୍ଷେତ୍ରରେ ଯଥେଷ୍ଟ ସାବଧାନତା ଓ ସଂଯମ ଯେ ଏକାନ୍ତ ଆବଶ୍ୟକ, ତାହା ଏହି କେତେ ଦିନର ଆବହାଉଆରୁ ବେଶ୍ ପରିଷ୍କାର ହୋଇ ଜଣା ପଡ଼ିଲାଣି । ଆମେ ଆମର ସ୍ୱାଧୀନ ମତ ପ୍ରକାଶ କଲାବେଳେ ଅନ୍ୟର ମୂଲ୍ୟବୋଧ ବା ରୁଚିପ୍ରତି ଆଞ୍ଚ ବୁଝି ଦେବା ଉଚିତ ହେବ ନାହିଁ । ଏହା ବ୍ୟତୀତ, ଭାରତବର୍ଷ ଭଳି ଏକ ବହୁରୁଚି, ବହୁନୀତି ଓ ବହୁ ସାଂସ୍କୃତିକ ମୂଲ୍ୟ-ବୋଧର ସମନ୍ୱିତ ଦେଶରେ କୌଣସି ମୌଳିକ ବିଷୟ ବସ୍ତୁ ଉପରେ ମତବ୍ୟକ୍ତ କଲାବେଳେ ଆମେ ଯେପରି ଆମର ପାରମ୍ପାରିକ ଶାଳୀନତା ଓ ସୁରୁଚିକୁ ଭୁଲି ନ ଯାଉ ଓ ଅନ୍ୟର ମତାମତ ବା ଅଭିରୁଚି ପ୍ରତି ଯେପରି ଆମର ଗଣତାନ୍ତ୍ରିକ ସମ୍ମାନ ବୋଧ ଅକ୍ଷୁର୍ଣ୍ଣ ରହେ ।

## ଆନ୍ଦୋଳନ ଓ ସତ୍ୟାଗ୍ରହ

ଗାନ୍ଧିଜୀଙ୍କ ମତରେ ଯେ କୌଣସି ଅନ୍ୟାୟ ବିରୋଧରେ ବା ଆପଣାର ମୌଳିକ ଅଧିକାରର ସୁରକ୍ଷା ଲାଗି ଜଣେ ବା ଦଳ ବିଶେଷ ଆନ୍ଦୋଳନ କରିପାରନ୍ତି, ଆଜି ମଧ୍ୟ ଏକ ନୂତନ ଆଦର୍ଶ ପ୍ରତିଷ୍ଠାଲାଗି ଅନୁରୂପ ଆନ୍ଦୋଳନ କରାଯାଇ ପାରେ । ମାତ୍ର ଏହି ଆନ୍ଦୋଳନ ସର୍ବଦା ଅହିଂସାତ୍ମକ ଓ ସତ୍ୟାଗ୍ରହରେ ବିଶୁଦ୍ଧ ହୋଇଥିବା ଉଚିତ୍ । ସତ୍ୟାଗ୍ରହ କାହାକୁ କହନ୍ତି ଏବଂ ଅହିଂସାତ୍ମକ ଆଚରଣ କପରି ଓ ତାହା କିପରି ସାଧିତ ହୋଇପାରେ ସେ ସମ୍ବନ୍ଧେ ଗାନ୍ଧିଜୀ ଅତି ସୂକ୍ଷ୍ମଭାବେ ବିଚାର ବିମର୍ଶ କରି ଯାଇଛନ୍ତି । ଆନ୍ଦୋଳନକାରୀର ଆଚରଣର ଶୁଦ୍ଧତା ଓ ଲକ୍ଷ୍ୟର ମହାନତା ଉପରେ ସେହି ଆନ୍ଦୋଳନର ସଫଳତା ନିର୍ଭର କରେ । ତେଣୁ ଆମକୁ ଗଣତାନ୍ତ୍ରିକ ଅଧିକାର ଦିଆଯାଇଛି ବୋଲି, ଆମେ କିପରି ଭାବେ ଆମର ଦାବୀ ଉପସ୍ଥାପିତ କରିବୁ ସେ ସମ୍ବନ୍ଧେ ଅବହିତ ନ ହୋଇ ସେହି ପୁରାତନ ରୀତିରେ ହିଂସା ଓ ଧମକ ଦେଇ ବା ସମାଜର ଅନ୍ୟମାନଙ୍କର କ୍ଷତି ସାଧନ କରି ଆମର ଦାବୀକୁ ସରକାର ବା ସାଧାରଣଙ୍କ ଉପରେ ଲଦି ଦେଇ ପାରିବୁ ନାହିଁ । କାରଣ, ଦେଶର ଜନସାଧାରଣ ମଧ୍ୟ ଆମର ଏହି ଅନ୍ୟାୟ ରୀତିରେ ପରିଚାଳିତ ସ୍ୱାର୍ଥପର ଦାବୀକୁ ଆପଣା ଆଡୁ ପ୍ରତିରୋଧ କରିବେ, ଏଥିରେ ସନ୍ଦେହ ନାହିଁ ।

## ନୂତନ ଆଭିମୁଖ୍ୟ

ନୂତନ ସରକାର ଦେଶର ଅର୍ଥନୀତିର ବିକାଶ ଦିଗରେ ଗାନ୍ଧିଜୀଙ୍କର ଆଦର୍ଶକୁ କାର୍ଯ୍ୟକାରୀ କରିବାକୁ ଯାଇ କୁଟୀର ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପର ପ୍ରତିଷ୍ଠା ଓ ବିକାଶ ଉପରେ ବେଶୀ ଜୋର ଦେବାକୁ ଯାଉଛନ୍ତି । ସେହିପରି ସମବାୟ ଆନ୍ଦୋଳନ ଉପରେ ମଧ୍ୟ ବେଶୀ ଗୁରୁତ୍ୱ ଦେବାକୁ ବସିଛନ୍ତି । ଏହି ଦିଗ୍ ଦର୍ଶନ ଓ ତାର କାର୍ଯ୍ୟକାରୀତା ଫଳରେ ପୂର୍ବପରି କେବଳ କେତେ ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ସବୁ ଧନ ବା ସବୁ ଲାଭ ଠୁଳ ନ ହୋଇ କ୍ରମଶଃ ଜନସାଧାରଣଙ୍କ ହାତକୁ ଯିବ । ଅତୀତରେ ଗାନ୍ଧିଜୀଙ୍କର କୁଟୀର ଶିଳ୍ପ ବ୍ୟାପାରକୁ କେବଳ ଖଦୀ, ମହୁ, ଝୁଣା ଆଦିରେ ସୀମିତ ରଖାଯାଇ ଭାରୀ ବା ବୃହତ୍ ଶିଳ୍ପଗୁଡ଼ିକୁ ହିଁ ବେଶୀ ଉତ୍ସାହିତ କରାଯାଉଥିଲା ଓ ସେଥିରେ ବହୁ ଅର୍ଥ ବିନିଯୋଗ କରା ଯା'ଉଥିଲା । ଗୋଟିଏ କୃଷି ଭିତ୍ତିକ ଦେଶରେ କୁଟୀର ଶିଳ୍ପ ବା କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକର ଉପାଦେୟତା କେତେ ବେଶୀ, ତାହା ଗାନ୍ଧିଜୀ ଓ ତାଙ୍କ ଚିନ୍ତାରେ ପ୍ରଣୋଦିତ ଅର୍ଥନୀତିବିଦ୍‌ମାନେ ବେଶ୍ ବୁଝିଥିଲେ ଓ ତାହା ସେମାନେ ପ୍ରାଞ୍ଜଳ ଭାବେ ବୁଝାଇ ଦେଇଛନ୍ତି । ଜାପାନରେ ଘଣ୍ଟା, ସୌଖିନ ବସ୍ତ୍ର, କଲମ, ପେନସିଲ, ଦିଆସିଲି, ସାବୁନ, ଆଦିଠାରୁ ଆରମ୍ଭ କରି ଟ୍ରାନ୍‌ଜିଷ୍ଟର ପର୍ଯ୍ୟନ୍ତ ବହୁ ବସ୍ତୁକୁ କୁଟୀର ବା କ୍ଷୁଦ୍ର ଶିଳ୍ପ ସଂସ୍ଥା ମାଧ୍ୟମରେ ଉତ୍ପନ୍ନ କରାଯାଉଛି ଓ ତା ଫଳରେ ସେ ଦେଶରେ ବହୁଲୋକ ଏତଦ୍ଦ୍ୱାରା ଆର୍ଥିକ ଦିଗରୁ ଉପକୃତ ହେଉଛନ୍ତି । ଆମର ନୂତନ ସରକାର ସେ ଦିଗରେ ଯେଉଁ ପ୍ରବଣତା ଦେଖାଉଛନ୍ତି, ତାହା ନିଶ୍ଚୟ ଖୁବ୍ ଆଶା ଓ ଆଶ୍ୱାସନାର କଥା ।

ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ନୂତନ ପ୍ରକାର ନୂତନ ଆଭିମୁଖ୍ୟ ନେଇ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଦେଶାଇ ନିଜେ ସଚ୍ଚା ଗାନ୍ଧିବାଦୀ ଥିବାରୁ ଭାରତର ମୌଳିକତା ଓ ପରଂପରା ଉପରେ ଭିତ୍ତିକରି ଏହାର ବର୍ତ୍ତମାନର ଆବଶ୍ୟକତା ଗୁଡ଼ିକୁ ପରିପୂରଣ କରିବା ଦିଗରେ ଖୁବ୍ ତୀକ୍ଷ୍ଣ ଦୃଷ୍ଟି ରଖୁଛନ୍ତି । ଆଶା କରାଯାଉଛି, ୧୯୭୮ ମସିହା ଶେଷ ସୁଦ୍ଧା ଆମର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ମୌଳିକ ପରିବର୍ତ୍ତନ ନିଶ୍ଚିତ ଭାବେ ସାଧିତ ହୋଇଯିବ ଏବଂ ଆମର ସମସ୍ତ ଲୋକମଙ୍ଗଳଜନକ କାର୍ଯ୍ୟକ୍ରମ ଗୁଡ଼ିକ ନିଶ୍ଚିତ ଭାବେ ଏକ ନୂତନ ଆଭିମୁଖ୍ୟ ଗ୍ରହଣ କରିବ ଏହା ନିଃସନ୍ଦେହ ।

## ନୂତନ ସାମାଜିକ ଦୃଷ୍ଟିକୋଣ ଲୋଡ଼ା

ସମ୍ବାଦ ପତ୍ରରୁ ପଢ଼ିବାକୁ ମିଳିଲା ଯେ, ଗତ କାର୍ତ୍ତିକ ପୂର୍ଣ୍ଣିମାର ପୁଣ୍ୟମୟ ଦିବସରେ କୌଣସି ଏକ ଗ୍ରାମରେ କେତେକ ହରିଜନ ସକାଳୁ ଗାଧୋଇ ପାଧୋଇ ଝାଞ୍ଜ ମୃଦଙ୍ଗ ବଜାଇ ହରିନାମ ସଂକୀର୍ତ୍ତନ ପୂର୍ବକ ସେହି ଗ୍ରାମର ଗୋଟିଏ ମନ୍ଦିରକୁ ଦେବ ଦର୍ଶନ ଓ ଉପାସନା ଲାଗି ଯାଇଥିଲେ । ମାତ୍ର ଦୁଃଖର କଥା, ସେହି ଗ୍ରାମର କେତେକ ଅଣ ହରିଜନ ବ୍ୟକ୍ତି ଅସୂୟାପରବଶ ହୋଇ ଏହି ପୁଣ୍ୟକାମୀ ହରିଜନ ଭାଇମାନଙ୍କୁ ମନ୍ଦିର ଭିତରକୁ ଯିବାକୁ ନ ଦେଇ ଧକ୍କା ଧକ୍କି କଲେ । ଅବଶ୍ୟ ଏହି ଶୋଚନୀୟ ବ୍ୟାପାରଟି ବର୍ତ୍ତମାନ ପୋଲିସ୍ ଅନୁସନ୍ଧାନ କରୁଛନ୍ତି । ତା ପରେ କେଶ୍ ହେବ ଓ ବିଗ୍ରରାରେ ଦୋଷୀମାନେ ଦଣ୍ଡ ପାଇବେ ।

ମାତ୍ର ଆମେ ଏଇ ଘଟଣାଟି ସଂପର୍କରେ ଯେ, କହୁଛୁ ତା ନୁହେଁ, ଆମେ ଏଭଳି ଘଟଣା ପଛରେ ଯେଉଁ ଧର୍ମାନୁଚିତ ବର୍ବର ମନୋଭାବ ରହିଛି, ସେ ସମ୍ବନ୍ଧେ କିଛି କହିବାକୁ ଇଚ୍ଛା କରୁ । ବର୍ତ୍ତମାନ ଯୁଗ ଯାଇଁ କେଉଁଠି ପହଞ୍ଚିଲଣି । ହିନ୍ଦୁ ଧର୍ମର କେତେ ସଂସ୍କାର ଘଟି ଗଲଣି । ଊନବିଂଶ ଶତାବ୍ଦୀଠାରୁ ଆଜି ପର୍ଯ୍ୟନ୍ତ ସ୍ୱାମୀ ଦୟାନନ୍ଦ, ପରମ ପୁରୁଷ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ ପ୍ରମୁଖ ଯୁଗାଗ୍ରଯାଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦ, ଗାନ୍ଧିଜୀ, ରବୀନ୍ଦ୍ରନାଥ ଓ ବିନୋବା ବାଭେ ପ୍ରମୁଖ ମାନବତାବାଦୀ ଦିବ୍ୟ ଦ୍ରଷ୍ଟା ମହାପୁରୁଷମାନେ ସମସ୍ତେ ହିନ୍ଦୁ ଧର୍ମର ଜାତିଭେଦ ଓ ଅସ୍ପୃଶ୍ୟତା ବିରୋଧରେ ବଜ୍ର କଣ୍ଠରେ ଘୋଷଣା କରି ଆସିଛନ୍ତି । ଜାତିଭେଦ ଓ ଅସ୍ପୃଶ୍ୟତା ଭାବ ହିନ୍ଦୁ ଧର୍ମର କର୍କଟ ରୋଗ ପରି ମାରାତ୍ମକ ଅଟେ । ଏହା ଏହି ସନାତନ ଧର୍ମର ମର୍ଯ୍ୟାଦାକୁ ନଷ୍ଟ କରିଛି । ଷୋଡ଼ଶ ଶତାବ୍ଦୀରେ ମହାପ୍ରଭୁ ଶ୍ରୀ ଚୈତନ୍ୟ ଏହି ଜାତି ଭେଦ ସମ୍ବନ୍ଧେ କହିଥିଲେ, ବ୍ରାହ୍ମଣ ଯଦି ହରିଭକ୍ତି ପରାୟଣ ନ ହୁଏ, ତେବେ ସେ ଚଣ୍ଡାଳ ଠାରୁ ମଧ୍ୟ ହୀନ ଓ ଚଣ୍ଡାଳ ଯଦି

ହରିନାମ କରେ ତେବେ ସେ ବ୍ରାହ୍ମଣ ସଙ୍ଗେ ସମାନ । ଶ୍ରୀ ଚୈତନ୍ୟ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ମୁଖରେ ହରିନାମ ଘୋଷାଇ ଥିଲେ ଓ ସମସ୍ତଙ୍କୁ ପ୍ରେମରେ ଆଲିଙ୍ଗନ କରିଥିଲେ । ବିଶେଷକରି ସେ ହରିଜନ-ମାନଙ୍କୁ ହିଁ ବୈଷ୍ଣବ ଦୀକ୍ଷା ଦେଇଥିଲେ ! ଆଜି ଗାନ୍ଧିଜୀ ସେହି ସତ୍ୟକୁହିଁ ଆମ ଆଗରେ ଉପସ୍ଥାପିତ କରିଛନ୍ତି । ଅଥଚ ଆମେ ଯଦି ଆଜି ହରିଜନ ଭାଇ ମାନଙ୍କୁ ଆମର ସର୍ବସାଧାରଣ ବ୍ୟବହାର୍ଯ୍ୟ କୂପ, ପୁଷ୍କରିଣୀ ଓ ଏପରିକି ମଠ ମନ୍ଦିର ବାରଣ କରୁ, ତେବେ ଆମଠାରୁ ବଳି ଅଧମ ଓ ଅବିବେକୀ ଆଉ କିଏ ଅଛି ?

ଯେଉଁ ଅଣ ହରିଜନଭାଇମାନେ ଆଜି ଏ କଥା ବୁଝୁନାହାନ୍ତି କିମ୍ବା ବୁଝିମଧ୍ୟ ଅବୁଝା ହେଉଛନ୍ତି, ସେମାନେ ନିଶ୍ଚିତ ଭାବେ ସେମାନଙ୍କ କୃତକର୍ମ ପାଇଁ ଦଣ୍ଡିତ ହେବେ । ମାତ୍ର କେବଳ ରାଷ୍ଟ୍ର ଦଣ୍ଡ ନୁହେଁ, ଭଗବାନଙ୍କ ସମ୍ମୁଖରେ ବି ସେମାନେ ଯୁଗଧର୍ମ ପାଳନ ନ କରିଥିବା ଦୋଷରେ ଦୋଷଯୁକ୍ତ ହେବେ । ଧର୍ମ ଏକ ସନାତନ ଶକ୍ତି ଓ ଚେତନା । ମାତ୍ର ପ୍ରତି ଯୁଗରେ ଭଗବାନଙ୍କ ବିଶେଷ ବିଭୂତି ବା କଳା ନେଇ ସମାଜର ମଙ୍ଗଳ କାମନାରେ ଯେଉଁ ମହାତ୍ମା ମାନେ ଜନ୍ମ ଗ୍ରହଣ କରନ୍ତି, ସେମାନେ ଯୁଗ ଧର୍ମ ସ୍ଥିର କରନ୍ତି । ପ୍ରତି ଯୁଗର ଏକ ସ୍ୱତନ୍ତ୍ର ଦାବୀ ରହିଛି । ପ୍ରତି ଯୁଗର ଏକ ସ୍ୱତନ୍ତ୍ର ଆଚରଣ ବିଧି ମଧ୍ୟ ରହିଛି । ଏବଂ ପ୍ରତିଯୁଗ ସନାତନ ସତ୍ୟର ଗୋଟିଏ ନୂତନ ରୂପକୁ ଉଜାଗର କରେ । ଭାରତବର୍ଷରେ ଏହି ଦୁଇଶତାବ୍ଦୀ ଭିତରେ ଯେଉଁ ଯୁଗାଗ୍ରଯା ମହାପୁରୁଷ ଗଣ ଜନ୍ମ ନେଇ ଏହି ଯୁଗ ପାଇଁ ବିହିତ ନୀତି ସ୍ଥିର କରି ଯାଇଛନ୍ତି ସେମାନେ ହେଲେ ଏ ଯୁଗର ଦିବ୍ୟ ଦ୍ରଷ୍ଟା ଋଷିବୃନ୍ଦ । ସେହିମାନଙ୍କ ମତହିଁ ଗ୍ରହଣୀୟ ଓ ବରଣୀୟ ଓ ପାଳନୀୟ । ଯେଉଁ ଅନ୍ଧ୍ୟା ପରାୟଣ ପୁରାତନ କୁସଂସ୍କାର ଗ୍ରସ୍ତ ବ୍ୟକ୍ତିମାନେ ଏହି ଯୁଗବାକ୍ୟକୁ ଲଂଘନ କରୁଛନ୍ତି, ସେମାନେ ଅଧର୍ମୀ ଓ ପାଷାଣ୍ଡ ବୋଲି ପରିଗଣିତ ହେବେ । ଏବଂ ଏ କଥା ସତ୍ୟ ଯେ ହିନ୍ଦୁ ଧର୍ମର ମଠ ମନ୍ଦିର ଭିତରକୁ ଜାତିବର୍ଣ୍ଣ ନିର୍ବିଶେଷରେ ହିନ୍ଦୁ ମାତ୍ରେହିଁ ଆପଣାର ଧାର୍ମିକ ଅଧିକାର ବଳରେ ନିଶ୍ଚୟ ପ୍ରବେଶ କରିବେ ହିଁ କରିବେ । କେହି ତାଙ୍କୁ ରୋକି ପାରିବେ ନାହିଁ ! ଏବଂ ଯଦି କେହି ଅବିମୃଶ୍ୟକାରୀ ଅହଂକାରୀତା ବଶତଃ ମହାକାଳର ଗତିକୁ ରୋଧ କରିବାକୁ ହୀନ ଉଦ୍ୟମ କରନ୍ତି, ତେବେ ସେମାନେ ମହାକାଳର ରଥ ଚକ୍ର ତଳେ ପେଷି ହୋଇ ନିଶ୍ଚିହ୍ନ ହୋଇ ଯିବେ ।

❋

# ଶିଳ୍ପଜାତ ପଦାର୍ଥର ରପ୍ତାନୀ ବୃଦ୍ଧି ପାଇଁ ବ୍ୟବସ୍ଥା

୧—ଇଞ୍ଜିନିୟରିଂ ଦ୍ରବ୍ୟ ରପ୍ତାନୀ ଉନ୍ନୟନ ପରିଷଦ ତରଫରୁ ଭୁବନେଶ୍ୱରଠାରେ ଏକ ଉପଦେଷ୍ଟା କମିଟି ଗଠିତ ହେବ । ଏଥିରେ ଓଡ଼ିଶା ରପ୍ତାନୀ ଉନ୍ନୟନ ତଥା ମାର୍କେଟିଂ ସଂସ୍ଥା ଓ ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସ୍ୱଳ୍ପ, କ୍ଷୁଦ୍ରଶିଳ୍ପ ସେବା ସଂସ୍ଥାର ନିର୍ଦ୍ଦେଶକ, ଶିଳ୍ପାନୁଷ୍ଠାନଗୁଡ଼ିକର କେତେକ ପ୍ରତିନିଧି ଏବଂ ରପ୍ତାନୀ ପରିଷଦର କେତେକ ବିଶେଷଜ୍ଞ ସଭ୍ୟ ରହିବେ । ରପ୍ତାନୀ କରୁଥିବା କିମ୍ବା କରିବାକୁ ଉତ୍ସାହୀ ଥିବା ଶିଳ୍ପ କର୍ତ୍ତୃପକ୍ଷମାନଙ୍କୁ ବିଦେଶ ବଜାରର ଦର ଏବଂ ରପ୍ତାନୀ ସଂପର୍କୀୟ ଉପାଦେୟ ତଥ୍ୟସବୁ ଏହି କମିଟି ଯୋଗାଇ ଦେବେ ।

୨—ଇଞ୍ଜିନିୟରିଂ ଦ୍ରବ୍ୟ ଉତ୍ପାଦନ କରୁଥିବା କ୍ଷୁଦ୍ରଶିଳ୍ପ ସଂସ୍ଥାମାନଙ୍କୁ ପରାମର୍ଶ ଦେବା ପାଇଁ ଏକ ସେଲ ଖୋଲାଯିବ । ଏହାର ଫିଲ୍ଡ ଅଫିସରମାନେ ବିଭିନ୍ନ ରାଜ୍ୟ ଗସ୍ତରେ ଯାଇ ଶିଳ୍ପ ସଂସ୍ଥାଗୁଡ଼ିକୁ ପରିଦର୍ଶନ କରିବେ ଏବଂ ଆବଶ୍ୟକୀୟ ପରାମର୍ଶ ଦେବେ ।

୩—ଶିଳ୍ପ ବିଭାଗ ଅଧୀନରେ କଟକ ଓ ରାଉରକେଲାଠାରେ ଥିବା ଦୁଇଟି ଉନ୍ନତ ଧରଣର ଗବେଷଣାଗାରରେ ବିଶେଷଜ୍ଞମାନଙ୍କ ସାହାଯ୍ୟରେ ରପ୍ତାନୀ ହେବାକୁ ଯାଉଥିବା ଦ୍ରବ୍ୟଗୁଡ଼ିକୁ ଯାଞ୍ଚ କରାଯିବ । ଏହି କାମ ପାଇଁ ଏମାନଙ୍କୁ ଅନୁମତି ଦେବା ପାଇଁ ରାଜ୍ୟ ସରକାର ରପ୍ତାନୀ ତଦାରଖ ପରିଷଦଙ୍କୁ ଅନୁରୋଧ କରିଛନ୍ତି । ଏହାଦ୍ୱାରା ରପ୍ତାନୀ ଯୋଗ୍ୟ ଦ୍ରବ୍ୟଗୁଡ଼ିକୁ ଯାଞ୍ଚ କରିବା ରପ୍ତାନୀ ଯୋଗ୍ୟ କ୍ଷେତ୍ରରେ ଯେଉଁ ବିଳମ୍ବ ଘଟୁଛି ତାହାକୁ ଏଡ଼ାଇ ଦିଆଯାଇ ପାରିବ ।

୪—ପାରାଦ୍ୱୀପ ବନ୍ଦରରେ ରପ୍ତାନୀକାରୀଙ୍କୁ ଯେଉଁ ସୁବିଧା ସୁଯୋଗ ଦିଆଯାଉଛି ସେ ସଂପର୍କରେ ରପ୍ତାନୀ କାରବାର ବୃଦ୍ଧି ପାଇବ ।

୫—କଲିକତା ବନ୍ଦରରେ ରେଳଡବାଗୁଡ଼ିକୁ ଜାହାଜରେ ବୋଝେଇ କରିବା କାର୍ଯ୍ୟ ସହଜ ତଥା ସୁବିଧାଜନକ ହେଉ ନ ଥିବାରୁ ବନ୍ଦର କର୍ତ୍ତୃପକ୍ଷ ପାରାଦ୍ୱୀପଠାରେ ବଡ଼ ବଡ଼ କ୍ରେନ୍‌ସବୁ ବସାଇଲେ ସେଠାରେ ରେଳଡବାଗୁଡ଼ିକୁ ସହଜରେ ତାହାର ସାହାଯ୍ୟରେ ରପ୍ତାନୀ କରିହେବ ।

୬—କଟକଠାରେ ଆମଦାନୀ-ରପ୍ତାନୀ କଂଟ୍ରୋଲରଙ୍କର ଏକ ଅଫିସ ଯଥାଶୀଘ୍ର ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ।

୭—ବୈଦେଶିକ ମୁଦ୍ରା କାରବାର ସଂପର୍କରେ ଉପଯୁକ୍ତ ଜ୍ଞାନ ଥିବା ଜଣେ ଜଣେ ବ୍ୟକ୍ତିଙ୍କୁ କଟକ, ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ ଓ ପୁରୀଠାରେ ଥିବା ବ୍ୟାଙ୍କମାନଙ୍କର ଯେ କୌଣସି ଗୋଟିଏ ଶାଖାରେ ନିଯୁକ୍ତ କରାଯିବ ।


୮—ରପ୍ତାନୀକାରୀମାନଙ୍କୁ କମ୍ ଦରରେ ଇସ୍ପାତ ଯୋଗାଇ ଦେବା ପାଇଁ ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ । ଇସ୍ପାତ ଓ ଲୁହାର ଦର ଏବଂ ସେଗୁଡ଼ିକୁ କି ପ୍ରଣାଳୀରେ ରପ୍ତାନୀକାରୀମାନଙ୍କୁ ଯୋଗାଇ ଦିଆଯିବ ସେ ସଂପର୍କରେ ନିଷ୍ପତ୍ତି ନେବାକୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ।

୯—ଦରିଆପାରି ଦେଶମାନଙ୍କୁ ଇଞ୍ଜିନିୟରିଂ ଦ୍ରବ୍ୟ ନେଉଥିବା ଜାହାଜଗୁଡ଼ିକୁ କଲିକତା ବନ୍ଦରରୁ ପାରାଦ୍ୱୀପ ବନ୍ଦର ବାଟେ ପଠାଯିବ । ଏଥିପାଇଁ ଜାହାଜ ଚଳାଚଳ କର୍ତ୍ତୃପକ୍ଷମାନଙ୍କୁ ଅନୁରୋଧ କରାଯିବ ।

୧୦—ପୂର୍ବ ଉପକୂଳବର୍ତ୍ତୀ ବନ୍ଦରମାନଙ୍କରେ ପ୍ରଚଳିତ ମାଲ ପରିବହନ ଖର୍ଚ୍ଚ ପଶ୍ଚିମାଞ୍ଚଳ ବନ୍ଦର ଅପେକ୍ଷା ଅଧିକ ହେଉଥିବାରୁ ପୂର୍ବାଞ୍ଚଳ ରାଜ୍ୟମାନଙ୍କର ରପ୍ତାନୀକାରୀମାନଙ୍କ ପକ୍ଷେ ଖର୍ଚ୍ଚ ଅଧିକ ହେଉଛି । ତେଣୁ ପୂର୍ବ ଓ ପଶ୍ଚିମାଞ୍ଚଳ ବନ୍ଦରମାନଙ୍କରେ ଯେପରି ମାଲ ପରିବହନ ଖର୍ଚ୍ଚ ସମାନ ହୋଇପାରିବ ଏଥିପାଇଁ ଭାରତ ସରକାରଙ୍କୁ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ ।

୧୧—ଦୂରରେ ଥିବା ଶିଳ୍ପ ସଂସ୍ଥାର ରପ୍ତାନୀଯୋଗ୍ୟ ପଦାର୍ଥ ବନ୍ଦରକୁ ରେଳ ଯୋଗେ ପଠାଇବା ପାଇଁ ଅଧିକ ଖର୍ଚ୍ଚ ପଡ଼ୁଛି । ଏହି ଖର୍ଚ୍ଚର ଶତକଡ଼ା ୫୦ ଭାଗ ରପ୍ତାନୀ କାରୀଙ୍କୁ ରିହାତି ଦେବା ପାଇଁ କେନ୍ଦ୍ର ମନ୍ତ୍ରଣାଳୟଙ୍କୁ ଅନୁରୋଧ କରାଯିବ । ଏଠାରେ ସ୍ମରଣ କରାଇ ଦିଆଯାଇ ପାରେ ଯେ ଏ ପ୍ରକାର ରିହାତି ଅତୀତରେ ଦିଆଯାଉଥିଲା । କିନ୍ତୁ ଗତ ୪ ବର୍ଷ ହେଲା ଏହି ରିହାତି ବ୍ୟବସ୍ଥା ପ୍ରତ୍ୟାହାର କରିନିଆଯାଇଛି ।

ବିଦେଶକୁ ଯେଉଁ ବିଶେଷଜ୍ଞଙ୍କ ଦଳ ଯାଆନ୍ତି ସେଥିରେ ଅଧିକ ସଂଖ୍ୟାର ଓଡ଼ିଶାର ପ୍ରତିନିଧିଙ୍କୁ ଯିବା ପାଇଁ ସୁଯୋଗ ଦେବା ନିମନ୍ତେ ରପ୍ତାନୀ ଉନ୍ନୟନ କର୍ପୋରେସନ ଦୃଷ୍ଟି ଦେବେ ।






# ମୋ ସ୍ୱପ୍ନର ଭାରତ

ସାଧାରଣତଃ ମନୁଷ୍ୟସମାଜ ସମ୍ବନ୍ଧେ ମୋର ଧାରଣା ହେଲା ଆମେ ସମସ୍ତେ ଜନ୍ମତଃ ସମାନ । ଆମ ସମସ୍ତଙ୍କର ସମାନ ସୁବିଧା ସୁଯୋଗ ପାଇବାର ଅଧିକାର ରହିଛି । ମାତ୍ର ଆମ ସମସ୍ତଙ୍କ ଶକ୍ତି ସମାନ ନୁହେଁ । ସମସ୍ତଙ୍କ ଉଚ୍ଚତା ଯେମିତି ସମାନ ନୁହଁ—ବର୍ଣ୍ଣ ଯେମିତି ସମାନ ନୁହଁ ସେମିତି ସମସ୍ତଙ୍କର ଜ୍ଞାନ ବା ବୁଦ୍ଧି ବି ସମାନ ନୁହେଁ । ଫଳରେ କେତେକ ଅଧିକ ଉପାର୍ଜନ କରିବେ ଓ ଅନ୍ୟ କେତେକ ଅଳ୍ପ ଉପାର୍ଜନ କରିବେ । ତୀକ୍ଷ୍ଣ ବୁଦ୍ଧିବାଲା ବେଶୀ ରୋଜଗାର କରିବେ । କିନ୍ତୁ ସେମାନେ ଯଦି ତାଙ୍କର ଏହି ବୁଦ୍ଧିକୁ ସହୃଦୟତା ସହିତ ନିୟୋଜିତ କରନ୍ତି, ତେବେ ରାଷ୍ଟ୍ରର ବହୁ ଉପକାର ହେବ । ସେହି ବୁଦ୍ଧିମାନ ଧନୀଲୋକେ ଟ୍ରଷ୍ଟି ବା ଆମାନତଦାର ହୋଇ ରହିବେ । ବୁଦ୍ଧିମାନର ବୁଦ୍ଧିଶକ୍ତିକୁ ସୀମାବଦ୍ଧ କରିବା ମୋର ଇଚ୍ଛା ନୁହେଁ । ମାତ୍ର ତାର ଉପାର୍ଜିତ ଅର୍ଥର ବହୁଭାଗ ଅନ୍ୟ ଦରିଦ୍ର ଲୋକଙ୍କ ମଙ୍ଗଳ ଲାଗି ଅବଶ୍ୟ ଖର୍ଚ୍ଚହେବା ଉଚିତ । ଏକାନ୍ନ ପରିବାରରେ ବାପର ସବୁ ପୁଅଙ୍କ ଉପାର୍ଜନ ଏକାଠିରହେ ପରିବାରର ସାଧାରଣ ପାଣ୍ଠିରେ ଓ ସେଇଥିରୁ ପରିବାର ପାଇଁ ଖର୍ଚ୍ଚହୁଏ । ଅହିଂସା ଓ ପ୍ରେମ-ବଳରେ ସାମ୍ୟ ପ୍ରତିଷ୍ଠା କରିବାକୁ ହେବ ।

### ଯଥାର୍ଥ ସ୍ୱାଧୀନତା କଣ ?

ଭାରତବର୍ଷ ଯଦି ଅହିଂସା ପନ୍ଥାରେ ବିକାଶଲାଭ କରିବାକୁ ଚାହେଁ, ତେବେ ଅନେକ ବିଷୟର ବିକେନ୍ଦ୍ରୀକରଣ ଆବଶ୍ୟକ । କେନ୍ଦ୍ରୀଭୂତ ବ୍ୟବସ୍ଥା ରହିପାରିବ ନାହିଁ । ମୁଁ ଚାହେଁ, ଏକ ସ୍ୱାଧୀନ ଓ ଶକ୍ତିଶାଳୀ ଭାରତ ଗଢ଼ିଉଠୁ । ତା' ହେଲେ ଯାଇ ଭାରତ ବିଶ୍ୱର କଲ୍ୟାଣ ନିମନ୍ତେ ସ୍ୱେଚ୍ଛାକୃତ ଅକୁଣ୍ଠ ଚିତ୍ତରେ କିଛି ତ୍ୟାଗ କରିବାରେ ସମର୍ଥ ହେବ । ଗଣତନ୍ତ୍ର ସମ୍ବନ୍ଧେ ମୋର ଧାରଣା ହେଲା—ଏଥିରେ ସର୍ବାପେକ୍ଷା ଶକ୍ତିଶାଳୀ ଲୋକପାଇଁ ଯେଉଁ ସୁବିଧା ସୁଯୋଗ ରହିବ, ଦୁର୍ବଳତମ ଲୋକପାଇଁ ମଧ୍ୟ ସେହି ସୁଯୋଗ ରହିଥିବ ।

### ଗ୍ରାମରୁ ହିଁ ଆରମ୍ଭ ହେବ

କିନ୍ତୁ ଏହି ସ୍ୱାଧୀନତା ଯଥାର୍ଥରେ ଆରମ୍ଭହେବ କେଉଁଠାରୁ? ନିମ୍ନଅରୁ ହିଁ ଏହା ଆରମ୍ଭ ହେବ । ଏଥିରେ ପ୍ରତ୍ୟେକ ଗ୍ରାମ ଗୋଟିଏ ସାଧାରଣତନ୍ତ୍ର ବା ପଞ୍ଚାୟତ ହେବ ଏବଂ ଏହାର ରହିବ ଆତ୍ମଂକାର ପୂର୍ଣ୍ଣ କ୍ଷମତା । ପ୍ରତ୍ୟେକ ଗ୍ରାମ ହେବ ଆତ୍ମନିର୍ଭରଶୀଳ । ସମଗ୍ର ପୃଥିବୀ ବିରୁଦ୍ଧରେ ଛିଡ଼ାହୋଇ ମଧ୍ୟ ନିଜକାମ କରିବାକୁ ପଡ଼ିବ ନିଜେ-ନିଜେ । ପ୍ରତ୍ୟେକ ଗ୍ରାମ ଅନ୍ୟ ଉପରେ ନିର୍ଭର କରି-ପାରେ ବା ପଡ଼ୋଶୀର ସ୍ୱେଚ୍ଛାକୃତ ସାହାଯ୍ୟ ଗ୍ରହଣ କରିପାରେ । ସ୍ୱାଧୀନ ଓ ସ୍ୱେଚ୍ଛାକୃତ ବ୍ୟକ୍ତିର ଏହା ହେବ ଏକ ମିଳନକ୍ଷେତ୍ର । ଏହି ଗ୍ରାମଭିତ୍ତିକ ସମାଜ ମଧ୍ୟ ଖୁବ୍ ଉଚ୍ଚ ସଂସ୍କୃତିସଂପନ୍ନ ହେବ ।

ଆଜି ସହରଗୁଡ଼ିକ ଆପଣାର କର୍ତ୍ତୃତ୍ୱ ବିସ୍ତାର କରି ଗ୍ରାମଗୁଡ଼ିକୁ ଶୋଷଣ କରୁଛନ୍ତି । ଫଳରେ ଗ୍ରାମଗୁଡ଼ିକରେ ଘୋର କ୍ଷୟିଷ୍ଣୁତା ଦେଖାଦେଲାଣି । କେନ୍ଦ୍ରରେ କୋଡ଼ିଏ ଜଣ ବସିଗଲେ ପ୍ରକୃତ ଗଣତନ୍ତ୍ର କାର୍ଯ୍ୟକାରୀ ହୋଇପିବ ନାହିଁ । ପ୍ରତ୍ୟେକ ଗ୍ରାମବାସୀଙ୍କ ଦ୍ୱାରା ତଳଅରୁ ହିଁ ଗଣତନ୍ତ୍ର ବିକାଶ ଲାଭକରିବ । ଭାରତ ମୁଖ୍ୟତଃ ଅସଂଖ୍ୟ ଗ୍ରାମକୁ ନେଇ ଗଠିତ । ତେଣୁ ଭାରତକୁ ସଂଗଠିତ କରିବାକୁ ଗଲେ ଆଗ ଆମ ଗ୍ରାମ-ଗୁଡ଼ିକୁ ସୁଗଠିତ କରିବା ଦରକାର ।

ଗ୍ରାମଗୁଡ଼ିକରେ ପଞ୍ଚାୟତିରାଜ ପ୍ରତିଷ୍ଠା ହିଁ ଆମ ଗଣ-ତନ୍ତ୍ରର ମୂଳ ଭିତ୍ତି ହେବ । ଆମେ ଦେଖିବା ଯେମିତି ଆମ ସମାଜର ସର୍ବାପେକ୍ଷା ନିମ୍ନ ଓ ସର୍ବାପେକ୍ଷା ଦରିଦ୍ରକୁ ସର୍ବା-ପେକ୍ଷା ଉଚ୍ଚ ସ୍ଥାନକରି ତାକୁ ମଧ୍ୟ ଭାରତର ଶାସକ ହେବାର ଯୋଗ୍ୟତା ଦେଇପାରିବା । ସମାଜ ଶାସନର ମୂଳସୂତ୍ର ହେବ ପ୍ରେମ । ସାମ୍ପ୍ରଦାୟିକତା ଓ ଅସ୍ପୃଶ୍ୟତାଦିର ମୂଳ ଲୋପକରିବାକୁ ହେବ । ଜଣେ ଶ୍ରମିକ ଓ ଜଣେ ପୁଞ୍ଜିପତି ସମାଜସ୍ତରରେ ସମାନଭାବେ ସମାନ ମର୍ଯ୍ୟାଦା ଓ ଅଧିକାର ନେଇ ଠିଆହେବେ । ବୌଦ୍ଧିକ ଓ ଶାରୀରିକ ଶ୍ରମଭିତରେ କୌଣସି ଭେଦ ରହିବ ନାହିଁ ।

### ଗ୍ରାମ୍ୟ ସାଧାରଣତନ୍ତ୍ର

ପ୍ରତିଟି ଗ୍ରାମରେ ସ୍ୱରାଜ ପ୍ରତିଷ୍ଠିତ ହେଉ । ଗ୍ରାମ ସ୍ୱରାଜ ହେଲା ଏକ ସମ୍ପୂର୍ଣ୍ଣ ଗ୍ରାମ୍ୟ ସାଧାରଣ ତନ୍ତ୍ର । ଏହା ନିଜପାଇଁ ମୌଳିକ ଆବଶ୍ୟକତାମାନ ପୂରଣ କରିବାରେ ସ୍ୱାବଲମ୍ବୀ ହୋଇଥିବ । ଖାଦ୍ୟ, ବସ୍ତ୍ର, ଶିକ୍ଷା, ବାସଗୃହ ଓ ସ୍ୱାସ୍ଥ୍ୟରକ୍ଷାଦି ବ୍ୟାପାରରେ ପ୍ରତି ଗ୍ରାମ ସ୍ୱୟଂସମ୍ପୂର୍ଣ୍ଣ ହେବ । ଏହାବ୍ୟତୀତ ଗାଈଗୋରୁଙ୍କ ପାଇଁ ସର୍ବସାଧାରଣ ଗୋଚରଜମି, ବୟସ୍କ ଓ ଶିଶୁ-ମାନଙ୍କ ପାଇଁ ଅବସର ବିନୋଦନ ଗୃହ ଓ ଖେଳପଡ଼ିଆ ରହିବ । ଗ୍ରାମର ବଳକା ଜମିରେ ଧୂଆଁପତ୍ର, ଅଫିମ ଓ ଗଞ୍ଜେଇ ବ୍ୟତୀତ ଅନ୍ୟାନ୍ୟ ଦରକାରୀ ଅର୍ଥକାରୀ ଫସଲ ଉତ୍ପାଦନ କରାଯିବ । ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗୋଟିଏ ରଙ୍ଗମଞ୍ଚ, ସ୍କୁଲ, ସାଧାରଣ ସଭାଗୃହ ଓ ପ୍ରାର୍ଥନାମନ୍ଦିର ନିର୍ମାଣ କରାଯିବା ଉଚିତ । ନିର୍ମଳ ଜଳପାଇଁ ଯଥାବଶ୍ୟକ ନିୟନ୍ତ୍ରିତ କୂପ ଓ ପୁଷ୍କରିଣୀ ରହିବ । ଏବଂ ଗ୍ରାମରେ ପ୍ରତ୍ୟେକ ପରିକଳ୍ପନା ସମବାୟ ସୂତ୍ରରେ ହିଁ କାର୍ଯ୍ୟକାରୀ ହେବ ।

ପୂର୍ବେ ଗ୍ରାମପଞ୍ଚାୟତର ସଭ୍ୟମାନେ ବଂଶଗତ ଥିଲେ । ଆଜିକାଲି ଠକ ଟାଉଟରମାନେ ଯେପରି ଗ୍ରାମ-ମୁଖିଆ ହୋଇଯାଇଛନ୍ତି ସେମାନେ ସେପରି ନଥିଲେ । ସେମାନେ ଥିଲେ ଗ୍ରାମର ସେବକ ଏବଂ ଲୋକଙ୍କ ଅସୁବିଧାମାନ ଦୂରକରିବା ଥିଲା ସେମାନଙ୍କର ଏକ ମାତ୍ର ଲକ୍ଷ୍ୟ । ସେମାନଙ୍କୁ ଗ୍ରାମର ପ୍ରତିପକ୍ଷ ମଧ୍ୟ ଡାକୁ-ଥିଲେ ଓ ଭକ୍ତି କରୁଥିଲେ । ତେଣୁ ବର୍ତ୍ତମାନର ଗ୍ରାମ ମୁଖିଆମାନେ ପ୍ରଥମେ ସଚ୍ଚୋଟ ଓ ଭଦ୍ର ହେବା ଆବଶ୍ୟକ ।

ଏହି ଗ୍ରାମଶାସନରୁ ହିଁ ବ୍ୟକ୍ତି-ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ପୂର୍ଣ୍ଣଗଣତନ୍ତ୍ର ଶାସନର ପ୍ରେରଣା ଓ ଆଦର୍ଶ ମିଳିବ । ବ୍ୟକ୍ତି ହେଉଛି ତା' ନିଜ ଶାସନର ଶିଳ୍ପୀ । ଅହିଂସା ନୀତିଦ୍ୱାରା ସେ ଓ ତାର ନିଜ ଶାସନ ପରିଚାଳିତ ।

ଏହା ବ୍ୟତୀତ ଗ୍ରାମ୍ୟ ଶିଳ୍ପଗୁଡ଼ିକର ମଧ୍ୟ ପୁନରୁଦ୍ଧାର ହେବା ଉଚିତ । ହାତବୁଣା ଲୁଗା, ହାତତିଆରି କାଗଜ, ହାତତିଆରି ଚୁଡ଼ି ଓ ଚାମାପଟା ସମେତ ଆହୁରି ଅନେକ ସୁନ୍ଦର ସୁନ୍ଦର ଜିନିଷ ମଧ୍ୟ ତିଆରି କରିବା ଲାଗି ଗ୍ରାମ-ମାନଙ୍କରେ କୁଟୀରଶିଳ୍ପ ଯୋଜନା ପ୍ରସ୍ତୁତ ହେବା ଉଚିତ । ଗ୍ରାମବାସୀମାନେ ଆଧୁନିକ କଳକବ୍ଜା ବା ଯନ୍ତ୍ରପାତି, ଯାହାକି ସେମାନେ ନିଜେ ନିଜେ ତିଆରି କରିପାରିବେ ଓ ବ୍ୟବହାର କରିପାରିବେ, ସେହିଭଳି ଉପକରଣ ସେମାନଙ୍କୁ ସରକାର ଯୋଗାଇ ଦେବେ ।

## ସରକାର ଓ ଜନତା

ସବୁକଥା ସରକାରଙ୍କ ଉପରେ ଛାଡ଼ିଦେଇ ଆମେ ହାତବାନ୍ଧି ବସିବା ଠିକ୍ ନୁହେଁ । ସରକାରଙ୍କ କାମ ସରକାର କରନ୍ତୁ । ମାତ୍ର ସାମାଜିକ ଉଦ୍ୟମ ନହେଲେ ଅଗ୍ରଗତି ସମ୍ଭବ ନୁହେଁ । ଜନସାଧାରଣଙ୍କର ନୈତିକ ଓ ବୈଷୟିକ ମାନ ବୃଦ୍ଧି କରିବା ନିମନ୍ତେ ସରକାର ଓ ଜନସାଧାରଣ ମିଳିମିଶି ଉଦ୍ୟମ କରିବା ଆବଶ୍ୟକ । ସ୍ୱାଧୀନତାର ଅର୍ଥ ହେଲା ଦାୟିତ୍ୱ ଓ ସ୍ୱେଚ୍ଛାମୂଳକ ସହଯୋଗ । ଯାହା ଦେଖାଯାଉଛି—ଲୋକଙ୍କ ଭିତରେ ପରସ୍ପର ପ୍ରତି ସହାନୁଭୂତି ଓ ସେବା ମନୋଭାବ ପ୍ରାୟ

ଯାଇନାହିଁ । ଯୋଜନାବଦ୍ଧ ଅର୍ଥନୀତିରେ ଏହି ମନୋବୃତ୍ତି ଶକ୍ତିଶାଳୀ ହୋଇଥାଏ । ପ୍ରତ୍ୟେକ ନାଗରିକ ଯଦି ସର୍ବଦା ସଜାଗ ନ ରହନ୍ତି, ତା'ହେଲେ ସେ ସ୍ୱତଃସ୍ଫୂର୍ତ୍ତ ସହାନୁଭୂତି ଓ ଉଦ୍ୟମ ନେଇ କାମ କରିବ । କୌଣସି ଶାସନପଦ୍ଧତି ବାହାରେ ଖୁବ୍ ଚାତୁର୍ଯ୍ୟମାନ ଦେଖାଯାଇପାରେ—ମାତ୍ର ଲୋକେ ଯଦି କାମରେ ଉତ୍ସାହ ପ୍ରକାଶ ନ କରନ୍ତି, ତା'ହେଲେ ଏହି ଶାସନପଦ୍ଧତି କାର୍ଯ୍ୟକାରୀ ହେବା ସମ୍ଭବ ନୁହେଁ । ଚରିତ୍ରବତ୍ତା ନଥିଲେ କୌଣସି ଅଗ୍ରଗତି ସମ୍ଭବ ନୁହେଁ । ଲୋକେ ଅଭାବମୁକ୍ତ ହୋଇପାରନ୍ତି—ମାତ୍ର ତା'ବୋଲି ସେମାନଙ୍କୁ ସ୍ୱାଧୀନ ବୋଲି କୁହାଯାଇ ପାରିବ ନାହିଁ । ପ୍ରକୃତ ଗଣତନ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିର ମୂଲ୍ୟ ରହିଛି । ସବୁକଥା ସରକାର ଉପରେ ଛାଡ଼ିଦେଲେ ଲୋକଙ୍କ ବୁଦ୍ଧିର ବିକାଶଘଟିବ ନାହିଁ ଓ ହୃଦୟ ପ୍ରସାରିତ ହୋଇପାରିବ ନାହିଁ । ସରକାରଙ୍କୁ କେବଳ ନିନ୍ଦା ବା ପ୍ରଶଂସା କରୁଥିବା ଲୋକଙ୍କୁ ନେଇ ଦେଶ ବଡ଼ ହେବ ନାହିଁ । ସ୍ୱାଧୀନତା ଅର୍ଥ ତା'ନୁହେଁ । ଅଧିକାଂଶ ଭଲ କାମ ନିଜେ ଲୋକଙ୍କୁ ହିଁ କରିବାକୁ ହେବ ଏବଂ ସାମାନ୍ୟ ଭଲ କାମ ସରକାରଙ୍କ ଉପରେ ଛାଡ଼ିଦେବାକୁ ହେବ । ସରକାର ଓ ଲୋକେ ଏକତ୍ର ହେଲେ ଯାଇ ପ୍ରକୃତ ଶକ୍ତି ବୃଦ୍ଧି ପାଇଥାଏ । ମୁଁ ବାରମ୍ବାର କହିଛି—ଲୋକେ ଏକ ହେଲେ ସରକାର ହେଉଛି ଶୂନ୍ । ଏକ୍ ସଙ୍ଗେ ଶୂନ ମିଶିଲେ ବିରାଟ ଶକ୍ତି ଉତ୍ପନ୍ନ ହେବ । କିନ୍ତୁ ଅଲଗା ଅଲଗା ରହିଲେ କାହାରି କିଛି ମୂଲ୍ୟ ରହିବ ନାହିଁ । ଲୋକେ ହେଲେ ସତ୍ତା—ମାତ୍ର ସରକାର ହେଲେ ଅସ୍ତିତ୍ୱ ଶୂନ୍ୟ । ସରକାରଙ୍କର କେତେକ କର୍ତ୍ତବ୍ୟ ଅଛି—କେତେକ କ୍ଷମତା ଅଛି । କିନ୍ତୁ ଲୋକଙ୍କ ସମ୍ମତିରୁ ସେହି ଶକ୍ତି ଆସିଛି ।


## ଲୋକଙ୍କ ଶକ୍ତି ହିଁ ପ୍ରକୃତ ଶକ୍ତି

ସରକାର ବାଲ୍‌ଟିଟିଏ ମାତ୍ର । କିନ୍ତୁ ଲୋକେ ହେଲେ କୂଅ । କୂଅରେ ପାଣି ନ ଥିଲେ ବାଲ୍‌ଟିରେ କ'ଣ ବା ଆସିବ ? ତେଣୁ ଆମକୁ ପାଣିର ମୂଳରୁ ଅର୍ଥାତ୍ ଲୋକଙ୍କ ନିକଟକୁ ଯିବାକୁ ହେବ । ସରକାର ଯାହା ନ କରି ପାରିବେ—ଲୋକେ ତାହା ସମ୍ପନ୍ନ କରିଦେବେ ।

## ପୂର୍ଣ୍ଣସ୍ୱରାଜ ଓ ରାମରାଜ୍ୟ

ଅଳ୍ପସଂଖ୍ୟକ ଲୋକେ କ୍ଷମତା ହାସଲ କରିଦେଲେ ଯେ ସ୍ୱରାଜ ପ୍ରାପ୍ତି ହୋଇଗଲା, ତା' ନୁହେଁ । କ୍ଷମତାର ଅପବ୍ୟବହାର ହେଲେ ତାର ପ୍ରତିରୋଧ କରିବାପାଇଁ ଯଦି ଜନତା ଶକ୍ତିସମ୍ପନ୍ନ ହୋଇଉଠେ, ତା'ହେଲେ ଯାଇ ସ୍ୱରାଜ ପ୍ରତିଷ୍ଠିତ ହେଲା ବୋଲି ବୁଝିବାକୁ ହେବ ।.... ପୂର୍ଣ୍ଣ ସ୍ୱରାଜ ହେଲା ବାହ୍ୟ ଓ ଅଭ୍ୟନ୍ତରୀଣ ଆକ୍ରମଣରୁ ରକ୍ଷାପାଇବାର ଏକମାତ୍ର ପାଥେୟ — ଅର୍ଥନୈତିକ ପ୍ରଗତିର ପ୍ରଥମ ସୋପାନ । ସମ୍ପୂର୍ଣ୍ଣ ଅର୍ଥନୈତିକ ସ୍ୱାଧୀନତାହିଁ ସ୍ୱରାଜ; କେବଳ ରାଜନୈତିକ ମୁକ୍ତି ଯଥେଷ୍ଟ ନୁହେଁ । ପୂର୍ଣ୍ଣସ୍ୱରାଜର ଚରମ ଲକ୍ଷ୍ୟ ଭୌତିକ ନୁହେଁ, ନୈତିକ ଓ ଧାର୍ମିକ । ଅହିଂସା ତାର ପନ୍ଥା, ଏଥିରେ ହିଂସା, ଅସତ୍ୟ ଓ ଶତ୍ରୁତାର ସ୍ଥାନ ନାହିଁ ।

.. ମୋ ସ୍ୱପ୍ନର ସ୍ୱାଧୀନତା ହେଉଛି ରାମରାଜ୍ୟ—ଅର୍ଥାତ୍ ପୃଥିବୀପୃଷ୍ଠରେ ଭଗବାନଙ୍କ ରାଜ୍ୟ ।. ଧାର୍ମିକ ଦୃଷ୍ଟିରୁ ଏହା ଧରାପୃଷ୍ଠରେ ଭଗବାନଙ୍କ ରାଜ୍ୟ ଏବଂ ରାଜନୈତିକ ଦୃଷ୍ଟିରୁ ଏହା ବିଶୁଦ୍ଧ ଗଣତନ୍ତ୍ର । ଏଠାରେ ସଂଗ୍ରହଲିପ୍ସା — ଚୌର୍ଯ୍ୟ ଲିପ୍ସା — ଅର୍ଥନୈତିକ ଭେଦଭାବ, ବର୍ଣ୍ଣବୈଷମ୍ୟ ବା ଲିଙ୍ଗ ବିଭେଦ ନ ଥିବ । ସର୍ବସାଧାରଣ ପୂଜା ଆରାଧନା, ବକ୍ତୃତା ଓ ସାମ୍ବାଦିକତାର ସ୍ୱାଧୀନତା ପାଇବେ । ବିଶେଷ ଖର୍ଚ୍ଚାନ୍ତ ନ ହୋଇ ସମସ୍ତେ ଶୀଘ୍ର ସମ୍ପୂର୍ଣ୍ଣ ନ୍ୟାୟ ପାଇବେ । ଏଭଳି ରାଷ୍ଟ୍ର ସର୍ବଦା ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ ହେବ ।....ଏହା ଏକ ମୁକ୍ତ ସମାଜର ଆଦର୍ଶ—ଏକ ସମବାୟ ଗଣରାଷ୍ଟ୍ରର ଆଦର୍ଶ....ଏକ ଉଜ୍ଜ୍ୱଳ ଗଣତନ୍ତ୍ର (Enlightened Democracy)






କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୬୭ ଡିସେମ୍ବର ୩ ତାରିଖ ଦିନ ଭୁବନେଶ୍ୱରସ୍ଥ ଆଞ୍ଚଳିକ ଗବେଷଣାଗାରଠାରେ ଖଣିଜ ଓ ଧାତବ ମଳର ଉପଯୋଗିତା ସଂପର୍କିତ ଏକ ଆଲୋଚନା ଚକ୍ରରେ ଉଦ୍‌ବୋଧନ ଦେଉଛନ୍ତି



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୬୭ ନଭେମ୍ବର ୧୭ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ୧୯୬୭ ନଭେମ୍ବର ୩୦ ତାରିଖ ଦିନ ଗଞ୍ଜାମ ଜିଲ୍ଲାର ଯାଜପୁର ଅଞ୍ଚଳରେ କୀଟମାନଙ୍କ ଦ୍ୱାରା ନଷ୍ଟ ହୋଇଥିବା ଶସ୍ୟକ୍ଷେତ୍ର ବୁଲି ଦେଖୁଛନ୍ତି ।

# ନୂଆ ଶିଳ୍ପନୀତି ଓ ଗ୍ରାମ୍ୟ ଏବଂ କ୍ଷୁଦ୍ରଶିଳ୍ପ

-ଶ୍ରୀ ଆର. ବି. ପୁରୀ

ଗ୍ରାମାଂଚଳରେ ବେକାରୀ ଏକ ଉତ୍କଟ ସମସ୍ୟା । କୃଷି ପକ୍ଷରେ କାମ ଖୋଜୁଥିବା ସବୁ ଲୋକଙ୍କୁ କାମ ଯୋଗାଇବା ସମ୍ଭବ ନୁହଁ । ଏହି କାରଣରୁ କାମ ଆଶାରେ ନଫପଲର ଲୋକେ ସହରକୁ ଧାଉଁଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ନିରାଶ ହେବାକୁ ପଡ଼ୁଛି ।

ଗାଁ ଗହଳରେ କ୍ଷୁଦ୍ର, କୁଟୀର ଏବଂ ଗ୍ରାମ୍ୟ ଶିଳ୍ପର ଅଭିବୃଦ୍ଧି ଘଟିଲେ ଏହି ସମସ୍ୟାର ସମାଧାନ ହୋଇପାରିବ । କେଉଁ କେଉଁ ଶିଳ୍ପଗୁଡ଼ିକ ଏ ଦିଗରେ ସହାୟକ ହେବେ ତାହା ନିର୍ଣ୍ଣୟ କରିବା ଆବଶ୍ୟକ ଏବଂ ସେଗୁଡ଼ିକର ସମ୍ଭାବନା କିଭଳି ତାହା ପରଖ କରି ଦେଖିବାକୁ ପଡ଼ିବ ।

ଏହି ଲେଖାରେ ବେକାରୀ ଦୂରୀକରଣ କ୍ଷେତ୍ରରେ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପର ସମ୍ଭାବନା କିଭଳି ତାହା ଆଲୋଚନା କରଯାଇଛି । ଲେଖକଙ୍କ ମତରେ ଗ୍ରାମ୍ୟ ଏବଂ କ୍ଷୁଦ୍ର ଶିଳ୍ପରେ ଉତ୍ପାଦନକୁ ବହୁମୁଖୀ କଲେ, ଶ୍ରମିକମାନଙ୍କ ଦକ୍ଷତା ବଢ଼ାଇଲେ, ବଜାର ବ୍ୟବସ୍ଥା ନିର୍ଦ୍ଦିଷ୍ଟ ହେଲେ ଏବଂ ଶିଳ୍ପଗୁଡ଼ିକୁ ଅର୍ଥ ଓ ଆବଶ୍ୟକୀୟ କଞ୍ଚାମାଲ ଆଦି ଯଥା ସମୟରେ ଯୋଗାଇଲେ ସମସ୍ୟାର ସମାଧାନ ସହଜ ହେବ ।

ଆମ ଦେଶରେ ଶିଳ୍ପ କହିଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବୃହତ୍ ଘରୋଇ ଉଦ୍ୟୋଗ ଏବଂ ଅସଂଗଠିତ ଗ୍ରାମ୍ୟ, କୁଟୀର ଓ କ୍ଷୁଦ୍ର ଶିଳ୍ପର ସମଷ୍ଟିକୁ ବୁଝାଏ । ଗତ ୩୦ ବର୍ଷ ମଧ୍ୟରେ ଦେଶ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ କେତେକାଂଶରେ ଆତ୍ମନିର୍ଭରଶୀଳ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ଦେଶର ଶତକଡ଼ା ୭୦ ଭାଗ ଲୋକ ଜୀବିକା ନିର୍ବାହ ଲାଗି କୃଷି ଉପରେ ନିର୍ଭର କରୁଛନ୍ତି । ବଡ଼ ବଡ଼ ସହରମାନଙ୍କରେ ଶିଳ୍ପ କାରଖାନାଗୁଡ଼ିକ ସ୍ଥାପିତ ହେଉଥିବାରୁ ଗାଁ ଗହଳରେ ବହୁଲୋକ ଚାକିରୀ ଆଶାରେ ସେଠାରେ ରୁଣ୍ଡ ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଅନେକଙ୍କୁ ନିରାଶ ହେବାକୁ ପଡ଼ୁଛି । ଫଳରେ ଗତ ୩୦ବର୍ଷ ଭିତରେ ଦେଶରେ

ବେକାରଙ୍କ ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇଛି । ଏବଂ ଅଣ-କୃଷି କ୍ଷେତ୍ରରେ ଚାକିରୀ ସଂଖ୍ୟା ଆଶାନୁରୂପ ଭାବେ ବୃଦ୍ଧି ପାଇନାହିଁ । କୃଷିର କର୍ମସଂସ୍ଥାନର କ୍ଷମତା ସୀମିତ ହୋଇଥିବାରୁ ଅଣ-କୃଷି କ୍ଷେତ୍ରରେ କାମ ପାଉ ନ ଥିବା ଶ୍ରମିକମାନଙ୍କୁ କୃଷିରେ ଥଇଥାନ କରିବା ସମ୍ଭବ ହେଉ ନାହିଁ । ତେଣୁ ବେକାର ସମସ୍ୟା ଉତ୍କଟ ହେଉଛି । ବେକାର, ଅର୍ଦ୍ଧ ବେକାର, ସାମୟିକ ଭାବେ ବେକାର ଓ ଲୁକ୍କାୟିତ ଭାବେ ବେକାର ରହୁଥିବା ବେକାରମାନଙ୍କ ପାଇଁ କର୍ମସଂସ୍ଥାନର ବ୍ୟବସ୍ଥା କରିବାକୁ ହେଲେ ଗ୍ରାମ୍ୟ, କୁଟୀର ଓ କ୍ଷୁଦ୍ର ଶିଳ୍ପର ପରିସର ପ୍ରଶସ୍ତ କରିବାକୁ ପଡ଼ିବ ।

## ଶିଳ୍ପ ନୀତିର କେତୋଟି ଆଭିମୁଖ୍ୟ

ନିକଟରେ ଶିଳ୍ପମନ୍ତ୍ରୀ ଶ୍ରୀ ଜର୍ଜ ଫର୍ଣ୍ଣାଣ୍ଡେଜ ଘୋଷଣା କରିଛନ୍ତି ଯେ ଶିଳ୍ପର ଆଭିମୁଖ୍ୟ ହେବ :—

୧ । ଖାଉଟି ଦ୍ରବ୍ୟର ବହୁଳ ଉତ୍ପାଦନ,

୨ । ଲୋକଶକ୍ତି ଏବଂ ସମ୍ବଳ ସଂକ୍ରାନ୍ତୀୟ ଦ୍ରବ୍ୟର ସର୍ବାଧିକ ବିନିଯୋଗ,

୩ । ଅର୍ଥନୀତିରେ ଏକଚାଟିଆ କାରବାର ନିରୋଧ,

୪ । କର୍ମ ସଂସ୍ଥାନକ୍ଷମ ଶିଳ୍ପଗୁଡ଼ିକର ଦ୍ରୁତ ଅଭିବୃଦ୍ଧି, ଏବଂ

୫ । ସମାଜର ଚାହିଦା ପ୍ରତି ଶିଳ୍ପକୁ ସମବେଦନଶୀଳ କରିବା ।

## ସ୍ୱଳ୍ପ ଅର୍ଥ ଲଗାଣ, ଦ୍ରୁତ ଫଳ

ଏହି ଆଭିମୁଖ୍ୟଗୁଡ଼ିକର ସଫଳ ରୂପାୟନ କ୍ଷେତ୍ରରେ କ୍ଷୁଦ୍ର, କୁଟୀର ଏବଂ ଗ୍ରାମ୍ୟ ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଶିଳ୍ପଗୁଡ଼ିକ ଜନସାଧାରଣଙ୍କ ଖାଉଟି ଦ୍ରବ୍ୟର ଚାହିଦା ବହୁଳାଂଶରେ ପୂରଣ କରିବା ସଙ୍ଗେ ସଙ୍ଗେ ଗାଁ ଗହଳ ଓ ଛୋଟ ଛୋଟ ସହରର ବହୁ ଲୋକଙ୍କୁ କାମ ଯୋଗାଇ ଦେଇ ପାରିବ । ବର୍ତ୍ତମାନ ୧୫୦ ଲକ୍ଷ ଗ୍ରାମ୍ୟ କାରିଗର, ୩୫ ଲକ୍ଷ ହାତତନ୍ତ ଏବଂ ଅନେକ କୃଷି-ଭିତ୍ତିକ ଶିଳ୍ପ ଗ୍ରାମାଞ୍ଚଳର ସମ୍ବଳକୁ ବିନିଯୋଗ କରୁଛନ୍ତି । ଏହା ସ୍ୱଳ୍ପ ମୂଳଧନରେ ପ୍ରତିଷ୍ଠିତ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଶିଳ୍ପ ସଂସ୍ଥା ଜରିଆରେ ଗ୍ରାମାଞ୍ଚଳର ବହୁ ଲୋକଙ୍କୁ କାମ ଯୋଗାଇବାକୁ ସକ୍ଷମ ହୋଇଛନ୍ତି ।

କିନ୍ତୁ ଏଥି ମଧ୍ୟରୁ ଅନେକଗୁଡ଼ିଏ ଶିଳ୍ପ ନିଜର ପୂରା କ୍ଷମତାକୁ ଚାହିଁ କାମ କରି ପାରୁନାହାନ୍ତି । ଲୋକମାନଙ୍କର କ୍ରୟ ଶକ୍ତିର ଅଭାବ, ଅନିୟମିତ ଭାବେ କଞ୍ଚାମାଲ ତଥା ପୁଞ୍ଜି ଯୋଗାଣ ଏବଂ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିକ୍ରି ନିମନ୍ତେ ବଜାର ସୃଷ୍ଟିର ଅଭାବ ଏବଂ ଲୋକମାନଙ୍କ ଚାହିଦାକୁ ଚାହିଁ ବିଭିନ୍ନ କିସମର ଦ୍ରବ୍ୟ ଉତ୍ପାଦନ କରିବାର ଅକ୍ଷମତା ଏଥିପାଇଁ ଦାୟୀ । କିନ୍ତୁ ଏହି ଶିଳ୍ପଗୁଡ଼ିକର ମୂଳଧନର ପୂର୍ଣ୍ଣ ବିନିଯୋଗ ଅଧିକ କର୍ମ ସଂସ୍ଥାନର କ୍ଷମତା ରହିଛି । ସବୁଠାରୁ ବଡ଼କଥା ହେଲା ଏଗୁଡ଼ିକୁ ଉତ୍ପାଦନ-କ୍ଷମ ହେବାଲାଗି ବେଶି ସମୟ ଲାଗୁ ନ ଥିବାରୁ ସେମାନେ ଅତିଶୀଘ୍ର ଦେଶର ମୋଟ ଉତ୍ପାଦନକୁ ସମୃଦ୍ଧ କରି ପାରିବେ । ସେମାନଙ୍କପାଇଁ ବଜାର ସୃଷ୍ଟି କରିବା ସଙ୍ଗେ ସଙ୍ଗେ କଞ୍ଚାମାଲ ଓ ସମ୍ବଳ ସଂଗ୍ରହ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବା ଦରକାର । ଏଥିପାଇଁ ମିଳୁଥିବା ସ୍ଥାନୀୟ ଜିନିଷଗୁଡ଼ିକର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ, ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ (CSIR) ର ବିଭିନ୍ନ ସଂସ୍ଥା ଏ ଦିଗରେ ଯେଉଁସବୁ ଗବେଷଣା କରୁଛନ୍ତି ସେଗୁଡ଼ିକର ପ୍ରୟୋଗପାଇଁ ଉଦ୍ୟମ ହେବା ଆବଶ୍ୟକ ।

## କ୍ଷୁଦ୍ର ଶିଳ୍ପସଂସ୍ଥାକୁ ସାହାଯ୍ୟ

ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଶିଳ୍ପନୀତିର ଅନ୍ୟତମ ଆଭିମୁଖ୍ୟ "ଅର୍ଥନୀତିରେ ଏକଚାଟିଆ କାରବାର ନିରୋଧ" ତାତ୍ପର୍ଯ୍ୟ ହେଲା ଯେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପଗୁଡ଼ିକ ଯେଉଁସବୁ ଦ୍ରବ୍ୟର ଉତ୍ପାଦନରେ ବ୍ରତୀ ସେ ସବୁର ଉତ୍ପାଦନ ବୃହତ୍ ଶିଳ୍ପ ଆଦୌ କରିବ ନାହିଁ, ଏବଂ କ୍ଷୁଦ୍ର ଶିଳ୍ପମାନଙ୍କ ମଧ୍ୟରେ ଯେଉଁଗୁଡ଼ିକ ଅପେକ୍ଷାକୃତ ବଡ଼ ସେଗୁଡ଼ିକ ନିଜ ରାଜ୍ୟ ବା ଅନ୍ୟ ରାଜ୍ୟରେ ଅନୁରୂପ ଶିଳ୍ପ ବସାଇବାର ପ୍ରବୃତ୍ତିକୁ ବିରୋଧ କରାଯିବ । ଏହା ଛଡ଼ା ଅର୍ଥନୈତିକ କ୍ଷେତ୍ରରେ ଶକ୍ତି ଠୁଳ କରିବାର ପ୍ରବୃତ୍ତି କଥା ମଧ୍ୟ ବିଚାରକୁ ନିଆଯିବା ଆବଶ୍ୟକ । କେବଳ କ୍ଷୁଦ୍ର ଶିଳ୍ପ ବା ଆନୁସଙ୍ଗିକ ଶିଳ୍ପ ଜରିଆରେ ଯେଉଁ ଦ୍ରବ୍ୟମାନଙ୍କରେ ଉତ୍ପାଦନ ନିର୍ଦ୍ଦିଷ୍ଟ ହୋଇଛି ବୃହତ୍ ଶିଳ୍ପମାନେ ସେ କ୍ଷେତ୍ରରେ ଏକ କୌଶଳ ଅବଲମ୍ବନ କରୁଛନ୍ତି । ଉତ୍ପାଦନକାରୀ କ୍ଷୁଦ୍ର ଶିଳ୍ପକୁ କେବଳ ସେମାନଙ୍କ ଲାଗି ଉତ୍ପାଦନ କରିବାପାଇଁ ଚୁକ୍ତି ବଦ୍ଧ କରାଯାଉଛି । ଫଳରେ ସେହି କ୍ଷୁଦ୍ର ଶିଳ୍ପଗୁଡ଼ିକ ବୃହତ୍ ଶିଳ୍ପର ହାତ ମୁଠାରେ ରହି ଯାଉଛନ୍ତି । କେବଳ ଯେ ଏହି ବ୍ୟବସ୍ଥାକୁ ବିରୋଧ କରାଯିବ ତାହା ନୁହେଁ ଉପରୋକ୍ତ ଦ୍ରବ୍ୟର ଉତ୍ପାଦନକୁ ବିକେନ୍ଦ୍ରୀକରଣ କରି ଆହୁରି ଅନେକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ପଡ଼ିବ । ଦରକାର ହେଲେ ଏ ଦିଗରେ ଆଇନ ପ୍ରଣୟନ ମଧ୍ୟ କରାଯିବ ।

କ୍ଷୁଦ୍ର ଶିଳ୍ପର ସମୀକ୍ଷାରୁ ଜଣାଯାଏ ଯେ କେତେଗୁଡ଼ିଏ ଦ୍ରବ୍ୟର ଉତ୍ପାଦନ ଏବଂ କେତେକ ବିଶେଷ ପ୍ରଣାଳୀର ପ୍ରୟୋଗରେ କର୍ମସଂସ୍ଥାନର ପରିସର ବୃଦ୍ଧି ପାଏ । ଉଦାହରଣ ସ୍ୱରୂପ ଫଳ ଓ ପନିପରିବାର କ୍ୟାନିଂ ବା ଟିଣରେ ରଖିବା, ଚମଡ଼ା କଷେଇବା, ପୋଷାକ ପରିଚ୍ଛଦ ପ୍ରସ୍ତୁତି, ଦିଆସିଲି ଓ ବାଣ, ଧୂପ ତିଆରି ଆଦି ଶିଳ୍ପରେ ଅଧିକ ଲୋକଙ୍କର କର୍ମସଂସ୍ଥାନ ହୁଏ । ଏ ପ୍ରକାର ଶିଳ୍ପର ଅଭିବୃଦ୍ଧି ଆବଶ୍ୟକ । ତା ଛଡ଼ା ଏଭଳି ଶିଳ୍ପ ଲାଗି ଦେଶ ବିଦେଶରେ ବଜାର ଖୋଜି ବାହାର କରିବାକୁ ପଡ଼ିବ । ନଚେତ୍ ସେଥିରେ କର୍ମ ସଂସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇ ପାରିବ ନାହିଁ ।

## ବୈଷୟିକ ସାହାଯ୍ୟ

ଶିଳ୍ପ ନୀତିର ଅନ୍ୟତମ ଆଭିମୁଖ୍ୟ "ସମାଜର ସ୍ପୃହା ପ୍ରତି ଶିଳ୍ପକୁ ସମବେଦନଶୀଳ କରିବା" । ପ୍ରକୃତ ରୂପାୟନ କରିବାକୁ ହେଲେ କ୍ଷୁଦ୍ର ଶିଳ୍ପ ଉନ୍ନୟନ ସଂସ୍ଥାର ସଂପ୍ରସାରଣ ଅଫିସରମାନଙ୍କୁ ଉତ୍ପାଦନ ଖର୍ଚ୍ଚ, ସହରମାନଙ୍କରେ ଜନଗହଳି ହ୍ରାସ, ଉତ୍ପାଦନ କୌଶଳ ଓ ଜାତୀୟ ଆୟର ସମବଣ୍ଟନ ଏବଂ ଗ୍ରାମ୍ୟ ଓ ସହର ଅର୍ଥନୀତିରେ ସଂହତି ରକ୍ଷା କ୍ଷେତ୍ରରେ କ୍ଷୁଦ୍ର ତଥା ଗ୍ରାମ୍ୟ ଓ କୁଟୀର ଶିଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପରେ ଜଣେ ବ୍ୟକ୍ତିର କର୍ମନିଯୁକ୍ତି ପାଇଁ ଏକ ହଜାରରୁ ଛ ହଜାର ଟଙ୍କା ଅର୍ଥ ଲଗାଣ ଆବଶ୍ୟକ ହେଉଥିବା ବେଳେ ଏକ ବୃହତ୍ ଶିଳ୍ପରେ ଜଣେ ବ୍ୟକ୍ତିର କର୍ମ ନିଯୁକ୍ତି ପାଇଁ ୪୦ ହଜାରରୁ ଏକ ଲକ୍ଷ ଟଙ୍କା ଅର୍ଥ ଲଗାଣ ଆବଶ୍ୟକ ହୁଏ । ଯଦି ଆସନ୍ତା ଦଶ ବର୍ଷରେ ଅନ୍ତତଃ ୮ କୋଟି ଲୋକଙ୍କୁ କାମ ଯୋଗାଇ ଦେବାକୁ ପଡ଼େ ତେବେ ବୃହତ୍ ଶିଳ୍ପ ଜରିଆରେ ତାହା ସମ୍ଭବ ହେବ ନାହିଁ । କାରଣ ଏଥିଲାଗି ଯେଉଁ ବିପୁଳ ଅର୍ଥ ଆବଶ୍ୟକ ତାହା ବୃହତ ଶିଳ୍ପ ପକ୍ଷରେ ଯୋଗାଡ଼ କରିବ ଅସମ୍ଭବ ।

## ଗ୍ରାମାଞ୍ଚଳ ଉପରେ ଗୁରୁତ୍ୱ

ଗତ ୩୦ ବର୍ଷ ହେଲା ଗ୍ରାମ୍ୟ ଅର୍ଥନୀତି ଶିଳ୍ପଠାରୁ ବିଚ୍ଛିନ୍ନ ହେବା ଫଳରେ ତାହା ଭାରସାମ୍ୟ ହରାଇ କୃଷି ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇଛି । ନୂତନ ଶିଳ୍ପ ନୀତିର ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳରେ ଆଧୁନିକ କାରିଗରୀ କୌଶଳ ପ୍ରୟୋଗ କରି ଏହି ଅବସ୍ଥାକୁ ବଦଳାଇବା । ପୁରୁଣା କାରିଗରୀ କୌଶଳ ଜରିଆରେ ଏହି ପରିବର୍ତ୍ତନ ସମ୍ଭବ ନୁହେଁ ।

ଶିଳ୍ପ ମନ୍ତ୍ରୀଙ୍କର ନୂତନ ଶିଳ୍ପ ନୀତିକୁ ନିର୍ବାହ ଉପଯୋଗୀ କାର୍ଯ୍ୟକ୍ରମରେ ପରିଣତ କରିବା ହେଉଛି କ୍ଷୁଦ୍ର ଶିଳ୍ପ ଉନ୍ନୟନ ସଂସ୍ଥାଗୁଡ଼ିକର ପ୍ରଧାନ କର୍ତ୍ତବ୍ୟ । ବାଙ୍ଗାଲୋରଠାରେ ଗତ ଜୁଲାଇ ମାସ ଶେଷ ସପ୍ତାହରେ ହୋଇଥିବା କ୍ଷୁଦ୍ର ଶିଳ୍ପ ଉନ୍ନୟନ ସଂସ୍ଥାଗୁଡ଼ିକର ସିନିଅର ଅଫିସରମାନଙ୍କ ବୈଠକରେ ଏହି ନୂତନ ଶିଳ୍ପ ନୀତି କିଭଳି କାର୍ଯ୍ୟକାରୀ କରାଯିବ ସେଥିଲାଗି କ୍ଷେତ୍ର ଅଫିସରମାନଙ୍କୁ ଜୁହାର ଦିଆଯାଇଥିଲା । ଖାଉଟି ଦ୍ରବ୍ୟ ଉତ୍ପାଦନ ବୃଦ୍ଧି ପାଇଁ କ୍ଷେତ୍ର ଅଫିସରମାନେ ଆଞ୍ଚଳିକ ତଥା ସ୍ଥାନୀୟ ଭିତ୍ତିରେ ସୁବିଧାରେ ଉତ୍ପାଦନ ହେଲାଭଳି କେତେକ ଦ୍ରବ୍ୟର ତାଲିକା ପ୍ରସ୍ତୁତ କରିଛନ୍ତି । ପ୍ରଥମାବସ୍ଥାରେ ଏହା ପରୀକ୍ଷାମୂଳକ ଭାବେ ହାତକୁ ନିଆଯିବ । ଲୋକମାନଙ୍କର କ୍ରୟ ଶକ୍ତି ବୃଦ୍ଧି ପାଇଲେ ଅନ୍ୟ ଦ୍ରବ୍ୟ ତୁଳନାରେ ଖାଉଟି ଦ୍ରବ୍ୟର ସ୍ପୃହା ବିଶେଷ ଭାବେ ବୃଦ୍ଧି ପାଇବ । କ୍ଷୁଦ୍ର ଶିଳ୍ପ ଉନ୍ନୟନ କମିଶନରଙ୍କ ଅଧୀନରେ ଥିବା କ୍ଷେତ୍ର ସଂସ୍ଥା ଗୁଡ଼ିକ ଅଧିକ ଖାଉଟି ଦ୍ରବ୍ୟ ଉତ୍ପାଦନ କରି ପାରୁଥିବା କ୍ଷୁଦ୍ର ୟୁନିଟଗୁଡ଼ିକୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ଗାଁ ଗହଳର କାରିଗରମାନଙ୍କୁ ଯଥାର୍ଥ ତାଲିମ ଦେଇ ଅନୁନ୍ନତ ଅଞ୍ଚଳରେ ନୂତନ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହୀ ନୂତନ ଶିଳ୍ପୋଦ୍ୟୋଗୀମାନଙ୍କୁ ଚିହ୍ନଟ କରିବା ଉଚିତ୍ ।

"ଲୋକ ଶକ୍ତି ତଥା ପ୍ରାକୃତିକ ସଂପଦର ପୂର୍ଣ୍ଣ ବିନିଯୋଗ" ନୀତିକୁ କାର୍ଯ୍ୟକାରୀ କରିବାକୁ ହେଲେ କାରଖାନାରେ ଅର୍ଦ୍ଧ-କୁଶଳୀ ତଥା ଅଣ-କୁଶଳୀ ଶ୍ରମିକମାନଙ୍କ ଦକ୍ଷତାକୁ ବୃଦ୍ଧି କରାଯିବା ଆବଶ୍ୟକ । ନଚେତ୍ ବିଭିନ୍ନ ଧନ୍ଦାରେ ଅଭିଜ୍ଞତା ଥିବା ନୂତନ କାରିଗରମାନଙ୍କୁ ନିଯୁକ୍ତି ଦେବା, କୃଷି ଶ୍ରମିକ ତଥା ଘରୋଇ କାର୍ଯ୍ୟରେ ନିଯୁକ୍ତ ଗ୍ରାମ୍ୟ ଶ୍ରମିକମାନଙ୍କୁ ତାଲିମ ଦେଇ ଦକ୍ଷତା ବୃଦ୍ଧି କରାଇବାକୁ ପଡ଼ିବ । ଅର୍ଥ କମାଇବା ଲାଗି କେବଳ ଯେ ଆବଶ୍ୟକୀୟ ବୈଷୟିକ ସାହାଯ୍ୟ ଯୋଗାଇଦେବାକୁ ପଡ଼ିବ ତାହା ନୁହେଁ, ଉତ୍ପାଦନର ବିକ୍ରୀ ମୂଲ୍ୟ ଉପରେ ସେମାନଙ୍କୁ ଦୃଷ୍ଟି ରଖିବାକୁ ପଡ଼ିବ । ଆଧୁନିକ କୃଷି, ଶିକ୍ଷାନୁଷ୍ଠାନ, ଜନସ୍ୱାସ୍ଥ୍ୟ ସଂସ୍ଥା, ଘରବାଡ଼ି ନିର୍ମାଣ ଆଦିରେ ବ୍ୟବହୃତ ହେଉଥିବା ଉପକରଣ ଯଦି କ୍ଷୁଦ୍ର ଶିଳ୍ପ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ କରେ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ଦିଗରେ ସାହାଯ୍ୟ କରେ ତେବେ ତାହା ସମାଜର ସ୍ପୃହା ପୂରଣ କରିବାକୁ ସକ୍ଷମ ହେବ । ନୂତନ ଶିଳ୍ପ ନୀତିକୁ କାର୍ଯ୍ୟକାରୀ କରିବାକୁ ହେଲେ ପ୍ରଶାସନିକ ତଥା ଉନ୍ନୟନ ଦିଗରୁ ବିଶେଷ ବ୍ୟବସ୍ଥାମାନ କରିବାକୁ ପଡ଼ିବ ।

ଦେଶରୁ ଦାରିଦ୍ର୍ୟ ଓ ବେକାରୀ ଦୂର କରିବା ଲାଗି ସରକାର କୃଷି, ଗ୍ରାମ୍ୟ ତଥା କ୍ଷୁଦ୍ର ଶିଳ୍ପ ଉନ୍ନୟନ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଞ୍ଚଳଗୁଡ଼ିକରେ ଉତ୍ପାଦନ ଏବଂ ଆୟକୁ ଭିତ୍ତିକରି ଚାକିରୀ ଓ ବେକାରୀ ସମସ୍ୟାକୁ ଅନୁଧ୍ୟାନ କରାଯିବା ଦରକାର ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ତଥା ନାମମାତ୍ର ଚାଷୀ ପ୍ରକଳ୍ପ, ଗ୍ରାମ୍ୟ ଶିଳ୍ପ ପ୍ରକଳ୍ପ, ଗ୍ରାମ୍ୟ କାରିଗରୀ କାର୍ଯ୍ୟକ୍ରମ ଏବଂ ପଶମ, କତା, ଦଉଡ଼ି, ହସ୍ତ ଶିଳ୍ପ, କୁକୁଡ଼ା ଚାଷ ଓ ଦୁଗ୍ଧ ଉତ୍ପାଦନ ଭଳି କେତେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିଲେ ସୁଫଳ ମିଳିବ ବୋଲି ଆଶା କରାଯାଏ । କ୍ଷୁଦ୍ର ଶିଳ୍ପ ଉନ୍ନୟନ କମିଶନରଙ୍କର ତତ୍ତ୍ୱାବଧାନରେ ଥିବା ଦୁଇଟି କେନ୍ଦ୍ରୀୟ ଯୋଜନା ଯଥା ଗ୍ରାମ୍ୟ ଶିଳ୍ପ ପ୍ରକଳ୍ପ ଏବଂ ଗ୍ରାମ୍ୟ କାରିଗରୀ କାର୍ଯ୍ୟକ୍ରମ ମଧ୍ୟରେ ବହୁଳାଂଶରେ ସମନ୍ୱୟ ରକ୍ଷା ଗଲାଣି । ଶ୍ରମିକମାନଙ୍କର ଉତ୍ପାଦନ କ୍ଷମତା, ଜନସାଧାରଣଙ୍କର କ୍ରୟ ଶକ୍ତି ଏବଂ ଅଧିକା କର୍ମ ନିଯୁକ୍ତି କରାଯିବା ଫଳରେ ଦାରିଦ୍ର୍ୟ ଲୋପ ପାଇବ ବୋଲି ଆଶା କରାଯାଏ । ଏହିସବୁ ସମସ୍ୟାର ସମାଧାନ ପାଇଁ ମଧ୍ୟ ଉତ୍ପାଦନ ଢାଞ୍ଚାର .ପରିବର୍ତ୍ତନ, କୃଷି କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର ଏବଂ ଉତ୍ପାଦିତ ଯନ୍ତ୍ରଗୁଡ଼ିକର ବିକ୍ରି ବ୍ୟବସ୍ଥା ସ୍ଥାନୀୟ ଅଞ୍ଚଳର ସୀମା ମଧ୍ୟରେ ନ କରି ଅନ୍ୟାନ୍ୟ ଗ୍ରାମ ତଥା ରାଜ୍ୟଗୁଡ଼ିକରେ କରିବା ଆବଶ୍ୟକ ।

ଗ୍ରାମ୍ୟ ଶିଳ୍ପ ପ୍ରକଳ୍ପ ଏବଂ ଗ୍ରାମ୍ୟ କାରିଗରୀ କାର୍ଯ୍ୟକ୍ରମ ଦୁଇଟି ହେଉଛି କ୍ଷୁଦ୍ରଶିଳ୍ପ ଉନ୍ନୟନ ସଂସ୍ଥାର ଏକ ପ୍ରଧାନ କାର୍ଯ୍ୟ । ଯେଉଁସବୁ କ୍ଷୁଦ୍ର ଶିଳ୍ପସଂସ୍ଥା ସହରାଞ୍ଚଳରେ ସୁପ୍ରତିଷ୍ଠିତ ହୋଇସାରିଲେଣି ସେସବୁ ସଂସ୍ଥାଗୁଡ଼ିକ ଏଣିକି ନିଜ ସମ୍ବଳ ଉପରେ ନିର୍ଭର କରିବା ଉଚିତ । ଅଧିକସଂଖ୍ୟକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା କ୍ଷୁଦ୍ର ଶିଳ୍ପ କାର୍ଯ୍ୟକ୍ରମର ଲକ୍ଷ୍ୟ ହେବା ଉଚିତ । ଏମାନଙ୍କ ପାଇଁ ସୁବିଧାସୁଯୋଗ, ଆର୍ଥିକ ସାହାଯ୍ୟ ଏବଂ ବିଭିନ୍ନ ପ୍ରକାର ଛାଡ଼ର ବ୍ୟବସ୍ଥା କଲାବେଳେ ସେମାନଙ୍କ କର୍ମ ସଂସ୍ଥାନର କ୍ଷମତା ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଅନୁନ୍ନତ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ କେବଳ ଆର୍ଥିକ ସାହାଯ୍ୟକୁ ଗୁରୁତ୍ୱ ଦେଲେ ଚଳିବ ନାହିଁ । ଆର୍ଥିକ ସାହାଯ୍ୟ ଯେପରି କର୍ମ ସଂସ୍ଥାନର ପରିସରକୁ ବୃଦ୍ଧି କରେ ତାହା ଦେଖିବାକୁ ପଡ଼ିବ । ତେଣୁ କର୍ମ ସଂସ୍ଥାନ ଦୃଷ୍ଟିରୁ ଆର୍ଥିକ ସାହାଯ୍ୟ କିଭଳି ହେବା ଆବଶ୍ୟକ ତାହା ନିରୂପିତ ହେବା ଆବଶ୍ୟକ ।

ସଂପ୍ରତି କେତେ ବର୍ଷ ଧରି ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ କ୍ଷୁଦ୍ରଶିଳ୍ପକୁ ଋଣର ପରିମାଣ ବଢ଼ାଇ ଦେଇଛନ୍ତି ; ତଥାପି ଅନେକ ସଂସ୍ଥା ଏଥିରୁ ବାଦ ପଡ଼ିଛନ୍ତି । ଷ୍ଟେଟ ବ୍ୟାଙ୍କର ଅନୁଧ୍ୟାନକାରୀ ଦଳ ଏହା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ ଏ ଧରଣର ଶିଳ୍ପଗୁଡ଼ିକର ସମ୍ବଳ ଖୁବ୍ ସୀମିତ ହୋଇଥିବାରୁ ସେମାନଙ୍କ ପକ୍ଷରେ ଭୁଲ ଚେକ କରିବା ମାରାତ୍ମକ ହେବ ।

## ଶୀର୍ଷ ଅର୍ଥଯୋଗାଣକାରୀ ସଂସ୍ଥାର ଆବଶ୍ୟକତା

ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅର୍ଥଯୋଗାଣକାରୀ ସଂସ୍ଥାମାନେ ଗ୍ରାମ୍ୟ ତଥା କୁଟୀର ଶିଳ୍ପଗୁଡ଼ିକର ଆବଶ୍ୟକତା ଅନୁଯାୟୀ ସମସ୍ତ ଋଣ ଯୋଗାଇବାକୁ କେତେଦୂର ସକ୍ଷମ ସେ ବିଷୟରେ ସନ୍ଦେହ ରହିଛି । ତେଣୁ ଶାସନ ସଂସ୍କାର କମିଶନ ପକ୍ଷରୁ ଦିଆଯାଉଥିବା ଶୀର୍ଷ ଅର୍ଥ ଯୋଗାଣକାରୀ ସଂସ୍ଥା ଗଠନ ପ୍ରସ୍ତାବକୁ ବିଚାର କରାଯିବା ଆବଶ୍ୟକ ।

ଗ୍ରାମ୍ୟ ଓ କ୍ଷୁଦ୍ରଶିଳ୍ପର ଅଭିବୃଦ୍ଧି ପଥରେ ବଜାରର ଅନିଶ୍ଚିତତା, ସାମଗ୍ରୀର ମାନ ଏବଂ ବଜାର ଚାହିଦାର ସ୍ଥିରତା ପ୍ରଭୃତି ଅନ୍ତରାୟ ବୋଲି ସମସ୍ତେ ଜାଣନ୍ତି । ଜନସାଧାରଣଙ୍କର କ୍ରୟ ଶକ୍ତି ବୃଦ୍ଧି ପାଇଲେ କ୍ଷୁଦ୍ର ଶିଳ୍ପରୁ ଉତ୍ପନ୍ନ ଜିନିଷର କାଟତି ଯେ ବେଶି ହେବ ତାହା କହିବା ନିଷ୍ପ୍ରୟୋଜନ । ତେବେ ଏଥିପାଇଁ ବଜାର ଆବଶ୍ୟକ । ତେବେ ସେ ବଜାର କେନ୍ଦ୍ରର ଉଦ୍ୟୋଗରେ ଗଢ଼ାଯିବ ନାଁ ଅନେକଗୁଡ଼ିଏ ବଜାରକୁ ଏକତ୍ରିତ କରି ସୃଷ୍ଟି କରାଯିବ ସେ ସଂପର୍କରେ ମତଭେଦ ରହିପାରେ । ଶିଳ୍ପ ଯେତେ କ୍ଷୁଦ୍ର ହେଉନା କାହିଁକି ତା ହାତରେ ନିର୍ଦ୍ଦିଷ୍ଟ ପରିମାଣର କିଛି ବରାଦ ରହିବା ଆବଶ୍ୟକ । ତାହାହେଲେ ବଜାରରେ ତା' ଜିନିଷର ଚାହିଦାରେ କ୍ଷୟବୃଦ୍ଧି ଘଟିଲେ, କିମ୍ବା ପଇସା ମିଳିବାରେ ଡେରି ହେଲେ ସୁଦ୍ଧା ତାହାର ଉତ୍ପାଦନ ବୃଦ୍ଧି ବ୍ୟାହତ ହେବ ନାହିଁ ।

ଏହି ଶିଳ୍ପଗୁଡ଼ିକ ଅବକାରୀ ଶୁଳ୍କ, ଜଳ ଓ ବିଦ୍ୟୁତ ଯୋଗାଣ, ବିକ୍ରି ଟିକସ ଆଦି ବିଷୟଗୁଡ଼ିକ ଉନ୍ନୟନ ସଂସ୍ଥାର କୌଣସି କେନ୍ଦ୍ରୀୟ ଅନୁଷ୍ଠାନ କରିଆରେ ବୁଝାସୁଝା କରାଗଲେ ସେମାନେ ପ୍ରତ୍ୟେକ ଉତ୍ପାଦନ ବୃଦ୍ଧି ଦିଗରେ ପୁରାପୁରି ଧ୍ୟାନ ଦେବାକୁ ସକ୍ଷମ ହେବେ । ଏହାଛଡ଼ା ଏହି ଶିଳ୍ପଗୁଡ଼ିକରେ ଉତ୍ପାଦନ କିଭଳି ହେଉଛି, କେତେ ଲୋକ କାମ ପାଉଛନ୍ତି, କଞ୍ଚାମାଲ କେତେ ପରିମାଣରେ ବ୍ୟବହୃତ ହେଉଛି ତାହାର ହିସାବ ରଖିବା ଆବଶ୍ୟକ । ସେତକ ହେଲେ ଏଗୁଡ଼ିକର ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ସମ୍ଭବ ହେବ ।

## ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ

ଗ୍ରାମାଂଚଳରେ ଦାରିଦ୍ର୍ୟ, ବେକାରୀ, ଅର୍ଦ୍ଧବେକାରୀ, ମଝି ସାମୟିକ ବେକାରୀ ଓ ଲୁକ୍କାୟିତ ବେକାରୀକୁ ସ୍ୱଳ୍ପ ଉତ୍ପାଦନ ଆୟର ବିଭିନ୍ନ ଦିଗ ବୋଲି ମନେ କରାଯାଏ, ତେବେ ଉପରୋକ୍ତ ଉପାୟମାନ ସେଗୁଡ଼ିକ ଦୂର କରିବାରେ ବିଶେଷ ସହାୟକ ହେବେ । ଏହି ଉପାୟମାନଙ୍କର ଉଲ୍ଲେଖନୀୟ ଦିଗ ହେଲା ଉତ୍ପାଦନ ଢାଞ୍ଚାର ପରିବର୍ତ୍ତନ ।

କୁଶଳୀ ଶ୍ରମିକଙ୍କ ଦକ୍ଷତା ବୃଦ୍ଧି, ବଜାର ସୃଷ୍ଟି ଏବଂ ଅର୍ଥ ଓ ଉପକରଣର ଯୋଗାଣ ଉପରେ ଗୁରୁତ୍ୱ ଆରୋପ । ଏହି ସଙ୍ଗେ ସଙ୍ଗେ ଆବଶ୍ୟକୀୟ ଅନୁଷ୍ଠାନ ଓ ତାଲିମର ମଧ୍ୟ ବ୍ୟବସ୍ଥା ହେବା ଫଳରେ ଗ୍ରାମାଞ୍ଚଳରେ କର୍ମସଂସ୍ଥାନର ରୂପରେଖ ବଦଳିଯିବ ଏବଂ ବଳକା ଶ୍ରମିକମାନଙ୍କୁ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପରେ ସ୍ଥାନ ମିଳିବ । ପ୍ରଧାନମନ୍ତ୍ରୀଙ୍କର ଘୋଷଣା ଅନୁଯାୟୀ ଚଳିତ ବର୍ଷର ଶେଷ ସୁଦ୍ଧା ବେକାରଙ୍କୁ କାମ ଯୋଗାଇବା ସଂପର୍କରେ ଯୋଜନା କମିଶନ କେତେକ କାର୍ଯ୍ୟକ୍ରମ ସ୍ଥିର କରିବେ । ବେକାରୀ ଦୂରୀକରଣ ଆମ ଅର୍ଥନୀତିର ଏକ ପ୍ରଧାନ ଲକ୍ଷ୍ୟ । ଯୋଜନା କମିଶନ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ସ୍ଥିର କଲେ, ଗ୍ରାମ୍ୟ ଓ କୁଟୀର ଶିଳ୍ପର ସେ ଦିଗରେ ଭୂମିକା କଅଣ ହେବ ଜଣାପିବ ।

(ଭାରତ ସରକାରଙ୍କ ପି : ଆଇ : ବି : ଆନୁକୂଲ୍ୟରୁ)

●


## ସାଂସ୍କୃତିକ ବ୍ୟାପାର ନିର୍ଦ୍ଦେଶାଳୟଦ୍ୱାରା ପ୍ରକାଶିତ

### ଶ୍ରୀମତୀ ପ୍ରମିଳା ମିଶ୍ରଙ୍କ ଦ୍ୱାରା ସମ୍ପାଦିତ--

| | | |
|---|---|---|
| ୧ । ସୁଚିତ୍ର ରାମାୟଣ— | ବନମାଳୀ ଦାସ | ଟ ୯·୩୦ |
| ୨ । ଲଭାବତୀ ପରିଣୟ— | ଜଗନ୍ନାଥ ନାରାୟଣ ଦେବ | ଟ ୫·୨୫ |
| ୩ । କୃଷ୍ଣକେଳି ତରଙ୍ଗିଣୀ— | ପୁରୁଷୋତ୍ତମ ଅନଙ୍ଗ ଭୀମଦେବ | ଟ ୫·୦୦ |
| ୪ । ଅନୁରାଗ କଳ୍ପଲତା ୧ମ ଖଣ୍ଡ— | ଗଜପତି ଶ୍ୟାମସୁନ୍ଦର ଦେବ | ଟ ୭·୫୦ |
| ୫ । ଅନୁରାଗ କଳ୍ପଲତା ୨ୟ ଖଣ୍ଡ— | ଗଜପତି ଶ୍ୟାମସୁନ୍ଦର ଦେବ | ଟ ୧୪·୦୦ |


ସାହିତ୍ୟପ୍ରେମୀ ପ୍ରତ୍ୟେକ ପାଠକ, ପାଠିକାଙ୍କୁ ଉପରୋକ୍ତ ପୁସ୍ତକରୁ ଖଣ୍ଡିଏ କରି କ୍ରୟ କରିବା ନିମନ୍ତେ ଅନୁରୋଧ ।

*ପ୍ରାପ୍ତିସ୍ଥାନ—*

(୧) ରାଜ୍ୟ ସଂଗ୍ରହାଳୟ, ବିକ୍ରୟ କେନ୍ଦ୍ର, ଭୁବନେଶ୍ୱର : (୨) ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ : (୩) ନିହାରୀକା, ମୋତିଗଞ୍ଜ ବଜାର, ବାଲେଶ୍ୱର : (୪) ବିଦ୍ୟାପୁରୀ, ବାଲୁବଜାର, କଟକ : (୫) ସାରସ୍ୱତ ପୁସ୍ତକ ଭଣ୍ଡାର, ପଟ୍ଟନାୟକପୁର : (୬) ଗ୍ରନ୍ଥମନ୍ଦିର, ବ୍ରହ୍ମପୁର : (୭) ବିଜୟ ଷ୍ଟୋର, ବଲାଙ୍ଗୀର : (୮) ଫ୍ରେଣ୍ଡସ୍ ବୁକ୍ ଷ୍ଟୋର, ବଲାଙ୍ଗୀର ।

ନିର୍ଦ୍ଦେଶକ

ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା


ଫସଫୋମିନ®
ସାରା ପରିବାରର
ସ୍ୱାସ୍ଥ୍ୟ ପାଇଁ ଫସଫୋମିନ
ସୁସ୍ଥ ରହିଲେ ଶରୀର,
ଜୀବନ ହୁଏ ମଜାଦାର
ଫସଫୋମିନ । ସବୁଜ ରଙ୍ଗର
ଫଳର ସ୍ୱାଦରେ ଉତ୍ତମ ଭିଟାମିନ
ଟନିକ । ଭୋକ ବଢ଼ାଏ ।
ସ୍ଫୂର୍ତ୍ତି ଆଣେ । ଶକ୍ତି ବଢ଼ାଏ ।
ରୋଗର ମୁକାବିଲା କରିବା ପାଇଁ
ଶରୀରରେ ପ୍ରତିରୋଧକ ଶକ୍ତି
ଗଢ଼ି ତୋଳେ । ସାରା ପରିବାରକୁ
ସୁସ୍ଥ ଓ ସ୍ଫୂର୍ତ୍ତିପୂର୍ଣ୍ଣ ରଖେ ।
Phasfomin®
ସାରାଭାଇ®
SARABHAI CHEMICALS
Shilpi SC 4/77

# ମଦ୍ୟପାନ.....

## ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏକ ଆଲୋଚନା

—ଶ୍ରୀ ଅରବିନ୍ଦ ଚନ୍ଦ୍ର ମିଶ୍ର

ସୃଷ୍ଟିର ପ୍ରାରମ୍ଭିକ କାଳରୁ ପୃଥିବୀର ପ୍ରତ୍ୟେକ ସମାଜରେ ମଦ୍ୟପାନ କରିବାର ବିଧି ଅଳ୍ପ ବହୁତେ ପ୍ରଚଳନ ହୋଇ ଆସୁଅଛି । ଅଧିକାଂଶ କ୍ଷେତ୍ରରେ ଏହା ସାମୟିକ ପ୍ରମୋଦ ପାଇଁ ବିଭିନ୍ନ ଉତ୍ସବମାନଙ୍କରେ ଦେବୀ ପୂଜା ପାଇଁ ଏବଂ କେତେକ କ୍ଷେତ୍ରରେ ଆବଶ୍ୟକତା ଓ ଅଭ୍ୟାସ ବଶତଃ ମଦ୍ୟପାନ କରାଯାଇଥାଏ । ମଦ୍ୟପାନର ପ୍ରଚଳନ ସଙ୍ଗେ ସଙ୍ଗେ ପ୍ରତ୍ୟେକ ସମାଜରେ ସାମାଜିକ ଗ୍ରୁପ ଦ୍ୱାରା ଏହାକୁ ବିରୋଧ ଓ ନିନ୍ଦା କରାଯାଇଥାଏ । କିନ୍ତୁ ଆଧୁନିକ ଯୁଗରେ ଏହା ଉପରୁ ସାମାଜିକ ପ୍ରତିବନ୍ଧକ କ୍ରମେ ହ୍ରାସ ପାଇବା ଫଳରେ, ମଦ୍ୟପାନ ପୃଥିବୀର ପ୍ରତ୍ୟେକ ଅଞ୍ଚଳକୁ ଏପରି ଭାବରେ ବ୍ୟାପି ଯାଉଛି ଯେ ସଂଖ୍ୟାଧିକ ମନୁଷ୍ୟ ଏହାର ବଶବର୍ତ୍ତୀ ହୋଇ ନିଜର କ୍ଷତି କରିବା ସଙ୍ଗେ ସଙ୍ଗେ ସମାଜକୁ ରସାତଳଗାମୀ କରିବାରେ ସାହାଯ୍ୟ କରୁଛନ୍ତି । ମାନବଜାତିର ଇତିହାସରେ ମଦ୍ୟପାନ ଓ ଔଷଧ ସେବନ-ଜନିତ ସମସ୍ୟାର ଉଦାହରଣ ଥିଲେ ମଧ୍ୟ ସଂପ୍ରତି ଏ ସମସ୍ୟା ଏତେ ଗୁରୁତର ହୋଇ ଉଠୁଛି ଯେ ଏହାର ପ୍ରତିରୋଧ ପ୍ରତି ଧ୍ୟାନ ଦେବା ଅବଶ୍ୟମ୍ଭାବୀ ହେଉଛି ।

ଏହି ପରିପ୍ରେକ୍ଷୀରେ କୁହାଯାଇ ପାରେ ଯେ ମଦ୍ୟପାନ ଓ "ନିଶା ଔଷଧ-ଆସକ୍ତି" ଏଇ କେତେ ବର୍ଷ ହେଲା ଭାରତର ଜନସାଧାରଣଙ୍କ ମଧ୍ୟରେ ବିଶେଷତଃ ଯୁବ ସଂପ୍ରଦାୟ ମଧ୍ୟରେ ବ୍ୟାପକ ଭାବରେ ପ୍ରସାର ଲାଭ କରିଅଛି । ଆମେରିକୀୟ ସମାଜ ଓ ହିପ୍‌ପୀବାଦର କୁପ୍ରଭାବ ଓ ଭୁଲ ବୁଝାମଣାର ଏହା ଦୁଃଖଦାୟକ ପରିଣତି । ଯୁବ ସଂପ୍ରଦାୟର ଏ ପ୍ରକାର ଅଧୋଗତି କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ସାରା ଦେଶର ଭବିଷ୍ୟତର କ୍ଷତି । ସଂପ୍ରତି ଏହା ବିରୁଦ୍ଧରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ ଏବଂ ଏହା ଏକ ଜରୁରୀ ଆବଶ୍ୟକତା ବୋଲି ମନେହୁଏ ।

ଇତିହାସର ନଥିପତ୍ରରେ ଏବଂ ସାହିତ୍ୟର ବହୁ ପୃଷ୍ଠାରେ ମଦ୍ୟପାନ ଓ ଏହାର କୁପରିଣତିର ପ୍ରମାଣ ଯଥେଷ୍ଟ ରହିଅଛି । ମଦ୍ୟପାନ ଜନିତ ସମସ୍ୟାକୁ ପ୍ରାଚୀନ କାଳରେ ଏକ ନୈତିକ ସମସ୍ୟା ଭାବରେ ଗ୍ରହଣ ନୈତିକ ଦୁର୍ବଳତା ଓ ଇଚ୍ଛାଶକ୍ତି ହ୍ରାସରୁ ଜନ୍ମିତ ଏକ ମାନସିକ ସମସ୍ୟା ଭାବରେ ଦଣ୍ଡାୟମାନ କରାଯାଉଥିଲା । କିନ୍ତୁ ଅଦ୍ୟାବଧି ମଦ୍ୟପାନ ଏକା ମାନସାତ୍ତ୍ୱିକ ଦୃଷ୍ଟିକୋଣରୁ 'ମଦ୍ୟପାନର' ଗବେଷଣା କରାଯାଇ ହୋଇଅଛି । ବୈଜ୍ଞାନିକ ପଦ୍ଧତିରେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ମଦ୍ୟପାନର' ଗବେଷଣା କରାଯାଇ ଏହାର ସମସ୍ୟା ସମାଧାନ ଦିଗରେ ଯଥେଷ୍ଟ ସାହାଯ୍ୟ କରାଗଲାଣି । ସାଧାରଣ ଖାପ ଖୁଆଇବା ସରଳ ଉପାୟରେ ମନୁଷ୍ୟ ନିଜର ଗୁରୁତର ଆନ୍ତଃ ଓ ବାହ୍ୟ ମାନସିକ ଗ୍ରୁପକୁ ସମାଧାନ କରିବାରେ ଅସମର୍ଥ ହେଲେ, ନିଶାଗ୍ରସ୍ତ ହୋଇ ଏଗୁଡ଼ିକୁ ନିଜଠାରୁ ଦୂର କରିବାକୁ ଚେଷ୍ଟା କରେ । ମଦ୍ୟପାନ ପ୍ରତି ଶରୀର ଆସକ୍ତିର ଏହା ପ୍ରଧାନ ଓ ପ୍ରାଥମିକ କାରଣ ।

ସାମୟିକ ମଦ୍ୟପାନକୁ କେହି ସାଧାରଣ କଥା ହିସାବରେ ଗ୍ରହଣ କରିଥାଏ । କାରଣ ଏହା ବିଶେଷ କ୍ଷତିକାରକ ନୁହେଁ ; କିନ୍ତୁ ଅଭ୍ୟାସବଶତଃ ମଦ୍ୟପାନ କରିବା ଅର୍ଥାନ୍ତରରେ 'ମଦ୍ୟପ' ହେବାକୁ କେହି ବିବେକୀ ଲୋକ ଭଲ ବୋଲି ଗ୍ରହଣ କରିପାରିବ ନାହିଁ । କାରଣ ଆସକ୍ତ ହୋଇ ଅଭ୍ୟାସବଶତଃ ମଦ୍ୟପାନ ଦ୍ୱାରା ମନ-ନୈତିକ, ଅର୍ଥନୈତିକ, ସାମାଜିକ, ଶାରୀରିକ ଓ ପ୍ରାଣ୍ଡିକ ଅଧୋଗତି ଘଟିଥାଏ । ନିଶାଗ୍ରସ୍ତ ହୋଇ ଅସାମାଜିକ କାର୍ଯ୍ୟକଲେ ଆମେ ବ୍ୟକ୍ତିକୁ ମଦ୍ୟପୀ (ମେଦୁଆ) କହି ଘୃଣା କରିଥାଉ । ତେଣୁ ମଦ୍ୟପାନ କରିବା ଓ ମଦ୍ୟପି ହେବା ଅଲଗା କଥା ବୋଲି ଧରାଯାଏ । ଆମ ଦେଶରେ ଏତେ ସାମାଜିକ ପ୍ରତିରୋଧ ଥାଇମଧ୍ୟ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶ୍ଚର୍ଯ୍ୟ ଏବଂ ଦୁଃଖଦାୟକ କଥା ।

ମଦ୍ୟପାନାସକ୍ତ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ଆମ-ଦେଶରେ ପରିସଂଖ୍ୟାନ ଅଛିକି ନାହିଁ ଏବଂ ଏମାନଙ୍କଦ୍ୱାରା ସୃଷ୍ଟ କ୍ଷତି ବା ଅପରାଧ ସଂବଧରେ ପରିସଂଖ୍ୟାନ ଅଛିକି ନାହିଁ ତାହା ଲେଖକର ଧାରଣା ବହିର୍ଭୁତ । କିନ୍ତୁ କେତେକ ଉନ୍ନତ ଦେଶର ପରିସଂଖ୍ୟାନ ଦେଖିଲେ ମଦ୍ୟପାନ ଯେ କିପରି ଏକ ସାମାଜିକ କଳଙ୍କ ତାହା ସ୍ପଷ୍ଟ ଅନୁମେୟ । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାୟ ୭୦ ନିୟୁତ ମଦ୍ୟାସକ୍ତ ଲୋକ ବର୍ଷକୁ ୧୦ ହଜାର ନିୟୁତ ଡ଼ଲାର ଖର୍ଚ୍ଚ କରିଥାନ୍ତି । ଏହି ପ୍ରକାର ମଦ୍ୟପ-ମାନେ ସାଧାରଣ ଏବଂ ନିଜର ବା ସମାଜର ଉଲ୍ଲେଖ-ନୀୟ କ୍ଷତି କରି ନଥାନ୍ତି । କିନ୍ତୁ ଯୁବ ସଂଖ୍ୟାର ପ୍ରାୟ ଶତକଡ଼ା ୬ଙ୍କୁ କ୍ଷତିକାରକ ମଦ୍ୟପ ବୋଲି ଗ୍ରହଣ କରାଯାଇଥାଏ । ବର୍ଷକଯାକ ନିଜକୁ ଚଳେଇବାରେ ଅସମର୍ଥ ହେଲପରି ବ୍ୟାଧିଗ୍ରସ୍ତ ମଦ୍ୟପଙ୍କ ସଂଖ୍ୟା ଶତକଡ଼ା ୧୫ ହାରରେ ବୃଦ୍ଧି ପାଇଥାଏ । ସଂପ୍ରତି ଏହା ଆମେରିକାର ଚତୁର୍ଥ ବିଶିଷ୍ଟ ରୋଗ ବୋଲି ଗ୍ରହଣ କରାଯାଏ । ଏହା ତୁଳନାରେ ଇଂରେଜ ଓ ଫ୍ରାନ୍ସ୍ ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ୍ । ଇଂଲଣ୍ଡରେ ସ୍ତ୍ରୀ ପୁରୁଷ ମଦ୍ୟପଙ୍କ ଅନୁପାତ ୧ : ୨ ଥିଲବେଳେ ଆମେରିକାରେ ଏହା ୧ : ୫ ଅଛି । ଏହିଥିରୁ ମଦ୍ୟପାନ କିପରି ଯେ ଏକ ସାମାଜିକ ସମସ୍ୟା ହୋଇପାରେ ତାହା ଅନୁମେୟ । ଉପରୋକ୍ତ ପରିସଂଖ୍ୟାନ ପ୍ରାୟ ଏକ ଦଶନ୍ଧି ତଳର ପରିସଂଖ୍ୟାନ ।

ଯୁକ୍ତରାଷ୍ଟ୍ର ଆମେରିକାରେ ମଦ୍ୟପାନ କରୁଥିବା ଲୋକ ସାଧାରଣତଃ ମଧ୍ୟବିତ୍ତ ଓ ଉଚ୍ଚ ସାମାଜିକ ଅର୍ଥନୀତିକ ଶ୍ରେଣୀର । ଭାରତୀୟ ସମାଜରେ ସେପରି କିଛି ହିସାବ ଦେଇ ହେବ ନାହିଁ । କିନ୍ତୁ ଯାହା ଅନୁମାନ, ଏ ଦେଶରେ ଧନୀକ ଶ୍ରେଣୀର ଲୋକମାନେ କେବଳ ପ୍ରଚୁର ମଦ୍ୟପାନ କରିଥାଆନ୍ତି । ଯୁବ ସଂପ୍ରଦାୟ ଓ ଅଳ୍ପ ସଂଖ୍ୟକ ନିମ୍ନଶ୍ରେଣୀୟ ଲୋକଙ୍କ ଭିତରେ ମଧ୍ୟ ଏହା ମାତ୍ରାଧିକ । ମୋଟ ଉପରେ, ଭାରତରେ ମଦ୍ୟପାନ କରୁଥିବା ଲୋକଙ୍କର ମଦ୍ୟପାନର କାରଣ ଆମେରିକାରେ ମଦ୍ୟପାନ କରୁଥିବା ଲୋକଙ୍କର ମଦ୍ୟପାନର କାରଣ ଠାରୁ ନିଶ୍ଚିତ ତଫାତ । ଆମେରିକାର ସାଂପ୍ରତିକ ସାମାଜିକ ଓ ପାରିବାରିକ ବ୍ୟବସ୍ଥା ଓ ଅର୍ଥନୀତିକ ଅବସ୍ଥା ଭାରତଠାରୁ ଯଥେଷ୍ଟ ତଫାତ୍ । ତେବେ ମାନସିକ ଚାପ ହେତୁ ଭାରତରେ ମଦ୍ୟପାନ କରୁଥିବା ଲୋକଙ୍କ ସଂଖ୍ୟା ନିଶ୍ଚିତ କମ୍ । ଏ ଦେଶରେ ସୌଖୀନ୍‌ରେ ଆମୋଦ ପାଇଁ ମଦ୍ୟପାନ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ । ମଜା ପାଇଁ, କୌତୁହଳ ଓ । ଦୃଷ୍ଟିରୁ ଓ ସଙ୍ଗ ଦୋଷରୁ ସାଧାରଣତଃ ଛାତ୍ର ଓ ଯୁବକମାନେ ମଦ୍ୟାସକ୍ତ ହୋଇଥାଆନ୍ତି । ଅସତ୍ ଉପାୟରେ ପ୍ରଚୁର ଅର୍ଥ ରୋଜଗାର କରୁଥିବା ଉଚ୍ଚସ୍ତରୀୟ ଅଫିସରମାନେ ଫେସନ୍ ଓ ଆମୋଦ ପାଇଁ ମଦ୍ୟପାନ କରିଥାଆନ୍ତି । ମଦ୍ୟପାନକୁ ତଥାକଥିତ ଉଚ୍ଚ ଶ୍ରେଣୀୟ ଓ ସଂଭ୍ରାନ୍ତ ଶ୍ରେଣୀୟ ଲୋକମାନେ "ବଡ଼ଲୋକି ଢ଼ଙ୍ଗ" ବୋଲି ଗ୍ରହଣ କରୁଥିଲା ବେଳେ, ମଧ୍ୟବିତ୍ତ ଶ୍ରେଣୀୟ ଲୋକମାନେ ଏହାକୁ ଏକ ଘୃଣ୍ୟ ପାପ ଓ ଚରମ ଅଧୋଗତି ବୋଲି ଗ୍ରହଣ କରିଥାଆନ୍ତି । କିନ୍ତୁ ବର୍ତ୍ତମାନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟ ଆମ ଦେଶରେ ମଦ୍ୟପାନକୁ ଏକ ସଂଭ୍ରାନ୍ତ ବିଳାସ ବୋଲି ମନେ କରୁଛନ୍ତି ।

ମଦ୍ୟପାନର ପ୍ରଭାବ—ମଦ୍ୟପାନର ସାମାଜିକ ଅର୍ଥନୀତିକ, ନୈତିକ, ଶାରୀରିକ ଓ ମାନସିକ ପ୍ରଭାବ ରହିଅଛି । ଏଠାରେ କିନ୍ତୁ ମାନସିକ ପ୍ରଭାବ ବିଷୟଟିକୁ ସମ୍ୟକ୍ ଭାବରେ ଆଲୋଚନା କରାଯିବ । ମଦ୍ୟ-ପାନକୁ ସାଧାରଣତଃ ଉତ୍ତେଜକ ପଦାର୍ଥ ଭାବରେ ବିଶ୍ୱାସ କରାଯାଉଥିଲେ ହେଁ ବାସ୍ତବରେ ଏହା ଏକ ନିସ୍ତେଜକ ପଦାର୍ଥ । ମଦ୍ୟପାନ କଲା ପରେ ଏହା ମସ୍ତିଷ୍କର ଉଚ୍ଚ ଓ ଗୁରୁତର କେନ୍ଦ୍ରଗୁଡ଼ିକୁ ଆକ୍ରମଣ କରି ଏହାର ନିଷେଧାତ୍ମକ ନିୟନ୍ତ୍ରଣ ଶକ୍ତିକୁ (inticbitory control) ହ୍ରାସ କରିଥାଏ । ଏହା ଦ୍ୱାରା ବ୍ୟବହାରିକ ଦମନ ଶକ୍ତି (behavioural restraint) କମିଯାଏ । ଫଳତଃ ମଦ୍ୟପ ତା'ର ସାଧାରଣ ଉତ୍ତେଜନା ପ୍ରବୃତ୍ତି (impulse) ର ପରିତୃପ୍ତି ପାଇଁ ବିଶେଷ ପ୍ରବୃତ୍ତ ହୋଇଥାଏ । ଧୀରେ ଧୀରେ ମଦ୍ୟପର ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ ହୁଏ ଏବଂ ଇନ୍ଦ୍ରିୟାନୁଭୂତି ନଷ୍ଟ ହୁଏ । ନିଜର ଅସାଧାରଣ ଅନୁଭବରେ ମଦ୍ୟପ ଆତ୍ମ ବିସ୍ମୃତ ହୁଏ । ଜୀବନର ଅପ୍ରୀତିକର ଘଟଣାଗୁଡ଼ିକ ଏହି ସମୟରେ ରୂପାନ୍ତର ହୋଇ ପ୍ରକାଶ ପାଏ ଏବଂ ଏହି ନିଶାଗ୍ରସ୍ତ ସମୟରେ ମଦ୍ୟପ ଆତ୍ମ ସନ୍‌ମାନ ଓ ଆତ୍ମ ବିଶ୍ୱାସ

ଅନୁଭବ କରିଥାଏ । ଏହି ଅବସ୍ଥା ମଦ୍ୟପକୁ ଅକଥନୀୟ ପ୍ରୀତିକର ଲାଗେ ଏବଂ ସେ ସାମୟିକ ନିଜର ଯନ୍ତ୍ରଣା ଚିନ୍ତା ଓ ଅନୁଶୋଚନା ଭୁଲିଯାଏ । ରକ୍ତରେ ମଦ୍ୟର ପରିମାଣ ୦.୧% ହେଲେ ମନୁଷ୍ୟର ଏ ପ୍ରକାରର ମନମଉ ଅବସ୍ଥା ଜାଗ୍ରତ ହୁଏ । କଥାବାର୍ତ୍ତା, ଦୃଷ୍ଟି ଓ ଭାବନା ଶକ୍ତି ବିଚିତ୍ର ଜଣାପଡ଼େ ।

ବ୍ୟକ୍ତି, ବ୍ୟକ୍ତିର ବ୍ୟକ୍ତିତ୍ୱ, ଶାରିରୀକ ଅବସ୍ଥା, ଉଦରସ୍ଥ ଖାଦ୍ୟର ପରିମାଣ ଓ ମଦ୍ୟପାନର ସ୍ଥାୟିତ୍ୱ (କେତେ ସମୟ ଧରି ପାନ କରୁଅଛି) ଉପରେ ମଦର ପ୍ରଭାବ ନିର୍ଭର କରେ । ମଦ୍ୟପର ନିଜସ୍ୱ ଚିନ୍ତାଧାରା ମଧ୍ୟ କିଛି ଅଂଶ ଗ୍ରହଣ କରିଥାଏ । ଏ ସବୁକୁ ବାଦ୍ ଦେଲାପରେ ମଧ୍ୟ, ମଦ୍ୟପାନ କଲେ କେତେ-ଗୁଡ଼ିଏ ସାଧାରଣଗୁଣ ସମସ୍ତଙ୍କଠାରେ ପ୍ରକାଶ ପାଇଥାଏ । କିଏ ଦୁଃଖ ଓ ବିଷାଦ ଚିତ୍ତରେ ବସି ବେତାଳିଆ ଓ ଅସ୍ପଷ୍ଟ ଶବ୍ଦରେ ନିଜ କଥା କହିଯାଉଥାଏ ତ କିଏ ନୀରବରେ ନିଦ୍ରା ଯାଏ । କିଏ ଉତ୍ତେଜିତ ହୋଇ ରକ୍ତପାତ ଆରମ୍ଭ କରେ ତ କିଏ ଆନନ୍ଦରେ ବେତାଳିଆ ଗୀତ ଛୁଟାଇଥାଏ । କିଏ ପୁଣି ସୃଷ୍ଟିକୁ ସନ୍ଦେହ କରି ଚିନ୍ତାଗ୍ରସ୍ତ ହେଉଥାଏ । ତେବେ ଯେ ପ୍ରକାରରେ ହେଉନା କାହିଁକି ଏହି ମଦ୍ୟପମାନେ ନିଜ ମନ ମୁତାବକ ଆତ୍ମ ସନ୍ତୋଷ ଲାଭ କରୁ ଥାଆନ୍ତି ।

ମସ୍ତିସ ଉପରେ ଅତ୍ୟଧିକ ମଦ୍ୟପାନର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ରହିଅଛି । କିନ୍ତୁ ମଦ୍ୟପାନ ଯୋଗୁଁ କ୍ରମାଗତ କ୍ଷୟ ଓ ଉତ୍ତେଜନା ଦ୍ୱାରା ମସ୍ତିଷ୍କର ତନ୍ତୁ ଧ୍ୱଂସ ହେବାର ବିଶେଷ ପ୍ରମାଣ ନାହିଁ । ମଦ୍ୟପାନ କେବଳ ସାମୟିକ ଭାବରେ ମସ୍ତିଷ୍କର କାର୍ଯ୍ୟକୁ ଶିଥିଳ କରିଥାଏ । ଏହି ଶିଥିଳତା କ୍ରମେ ସମଗ୍ର ମସ୍ତିଷ୍କକୁ ଗ୍ରାସ କରେ । ଫଳତଃ ମଦ୍ୟପ ବିଗ୍ଭର ଶକ୍ତି, ଦମନ ଓ ନିୟନ୍ତ୍ରଣ ଶକ୍ତି ଓ ଅଙ୍ଗ ପ୍ରତ୍ୟଙ୍ଗର ସଂହତି ରକ୍ଷା ଶକ୍ତି ହରାଇଥାଏ ।

ଶରୀରର କ୍ଷତି ପାଇଁ ମଦ୍ୟ ଏକ ଧାରାବାହିକ ବିଷ ରୂପେ କାର୍ଯ୍ୟ କରେ । ମଦରେ ଥିବା ଇଥାଇଲ ଆଲ୍‌କୋହଲ ଅଂଶ, ଜଳ, କ୍ୟାଲୋରିକ୍ ପଦାର୍ଥ ଓ ଅନ୍ୟ ପଦାର୍ଥ ଅଙ୍ଗ ପ୍ରତ୍ୟଙ୍ଗର କ୍ଷତି ଘଟାଇ ଥାଆନ୍ତି । ମଦ୍ୟପ ମଦକୁ ନିଜର ଏକ ପ୍ରକାର ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଜୀବନିକା ଓ ଖାଦ୍ୟାଭାବ ଜନିତ ରୋଗାକ୍ରାନ୍ତ ହୋଇଥାଏ । କ୍ରମାଗତ ଭାବରେ ପ୍ରଚୁର ପରିମାଣରେ ଅନେକ ଦିନ ମଦ୍ୟପାନ କଲେ ମସ୍ତିଷ୍କ ଧ୍ୱଂସ ହେବା ସଙ୍ଗେ ସଙ୍ଗେ ଶରୀରର ବିଭିନ୍ନ ଅଂଶରେ ଭିନ୍ନ ଭିନ୍ନ ରୋଗ ପ୍ରକାଶ ପାଏ ।

ମଦ୍ୟପମାନଙ୍କର ଆୟୁ ହ୍ରାସ ଘଟିଥାଏ । ସାଧାରଣ ଲୋକଙ୍କ ଅପେକ୍ଷା ମଦ୍ୟପଙ୍କର ୧୨ ବର୍ଷ ଆୟୁ କମ୍ ବୋଲି କୋଲମ୍ୟାନ୍ ପ୍ରକାଶ କରିଛନ୍ତି । ମଦ୍ୟପାନ ସମୟରେ ଅସ୍ୱାଭାବିକ ବ୍ୟବହାର ପ୍ରକାଶ ପାଏ । ଏହାଦ୍ୱାରା ଦୁର୍ଘଟଣା, ହତ୍ୟା ଓ ଅନ୍ୟାନ୍ୟ ଅପରାଧମାନ ମଦ୍ୟପ ସୃଷ୍ଟି କରେ । ନିଶା ଶଙ୍କିର ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟଗୁଡ଼ିକର ପ୍ରଭାବ ଓ ଅନୁଶୋଚନା ମଦ୍ୟପକୁ ଚିର ଜୀବନ ଅଶାନ୍ତିରେ ରଖିଥାଏ । ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ମଦ୍ୟପାନ କରିବାର ପରିଣତି ଖୁବ୍ ଗୁରୁତର । ଏହା ସମାଜରେ ସେମାନଙ୍କର ତୀବ୍ର ଅପଯଶ ସୃଷ୍ଟି କରିଥାଏ । ନିଶାଗ୍ରସ୍ତ ସମୟରେ ପ୍ରତିରୋଧ ଶକ୍ତି ହ୍ରାସ ହେତୁ ଓ ଶିଥିଳତା ହେତୁ ଯୌନ ଆକ୍ରମଣର ସମ୍ମୁଖୀନ ହେବାର ସଂଭାବନା ଥାଏ ଏବଂ ଏପରି ନହେଲେ ପରିସ୍ଥିତି ଗୁରୁତର ହେବା ସ୍ୱାଭାବିକ୍ ।

ମଦ୍ୟପାନ ହେତୁ ମାନସିକ ବ୍ୟାଧି—ସୀମାତୀତ ମଦ ଦୀର୍ଘଦିନ ଧରି ପାନ କଲେ ମଦ୍ୟପ (psychotic reaction) ପ୍ରକାଶ କରେ । ଏହି ପ୍ରକାର (psychotic) ପ୍ରତିକ୍ରିୟା ତୀବ୍ର ଓ ଦୀର୍ଘ ପ୍ରତିକ୍ରିୟା ଭାବରେ ବିଭକ୍ତ ହୋଇଥାଏ । ସାମୟିକ ଦ୍ୱନ୍ଦ୍ୱ ଉତ୍ତେଜନା, ପ୍ରଳାପ ମସ୍ତିଷ୍କ ବିକୃତି ଇତ୍ୟାଦି ତୀବ୍ର ପ୍ରତିକ୍ରିୟା ଅନ୍ତର୍ଗତ । ତୀବ୍ର ପ୍ରତିକ୍ରିୟାକୁ ପୁନଶ୍ଚ ଚାରି ଭାଗରେ ବିଭକ୍ତ କରାଯାଇପାରେ, ଏହିପରି—

(୧) ପାଥୋଲୋଜିକାଲ ଇଣ୍ଟକ୍ସିକେସନ (Pathological intoxication)

(୨) ଡେଲିରିୟମ୍ ଟ୍ରେମେନସ ( Delirium tremens ).

(୩) ଆକ୍ୟୁଟ ଅଲ୍‌କୋହଲିକ୍ ଇଣ୍ଟକ୍ସିକେସନ୍ (Acute alcholic intoxication).

(୪) କୋରସା କୋଫଙ୍କ ସାଇକୋସିସ୍ (Korsakoff's psychosis)

୧ । ମଦର ପ୍ରଭାବ ସହି ନ ପାରିବା ସାଧାରଣ ଲୋକଙ୍କ ପାଖରେ ଏହି ପ୍ରକାର ବ୍ୟାଧି ଦେଖାଯାଏ । ସାମାନ୍ୟ ପରିମାଣର ମଦ ଏମାନଙ୍କ ପାଖରେ ପ୍ରବଳ ମତିଭ୍ରମ ଓ ଅନ୍ୟକୁ କ୍ଷତିକରିବାର ପ୍ରବୃତ୍ତି ଦେଖାଯାଏ ।

୨ । ଦୀର୍ଘଦିନ ଧରି ପ୍ରଚୁର ପରିମାଣରେ ମଦ୍ୟପଙ୍କ ପାଖରେ ଏ ପ୍ରକାର ବ୍ୟାଧି ପରିଲକ୍ଷିତ ହୁଏ । ଏଥିରୁ ମାନସିକ ବିକୃତି ଘଟିବା ପୂର୍ବରୁ ବିଶ୍ରାମହୀନତା, ଅନିଦ୍ରା ପ୍ରକାଶ ପାଏ ଏବଂ ବ୍ୟକ୍ତିକୁ ନିରାନନ୍ଦ ଜଣା ପଡ଼େ । ସାମାନ୍ୟ ଚିନ୍ତା, ଦ୍ୱନ୍ଦ୍ୱ, ଗତିଶୀଳ ବସ୍ତୁ ପ୍ରଭୃତି ଉତ୍ତେଜନା ସୃଷ୍ଟି କରନ୍ତି । ବ୍ୟକ୍ତିର ସ୍ଥାନ, ସମୟ ଇତ୍ୟାଦି ସମ୍ବନ୍ଧରେ

ଅଯଥା ଭ୍ରମ ଯାତ ହୁଏ । ସରୀସୃପ ପ୍ରାଣୀମାନଙ୍କ ବିଷୟରେ ଅଯଥା ଭୟ ସୃଷ୍ଟି ହୁଏ । ଏହି ପ୍ରକାର ବ୍ୟାଧିଗ୍ରସ୍ତ ମଦ୍ୟପମାନଙ୍କୁ ସହଜରେ ଯେ କୌଣସି ଲୋକ ପ୍ରଭାବିତ କରି ପାରିବେ । ଅଙ୍ଗ ପ୍ରତ୍ୟଙ୍ଗ –ହାତ , ଗୋଡ଼, ଜିଭ, ଓଠ ଇତ୍ୟାଦି ଅଯଥା ଶିହରୀ ଉଠେ । ତିନି ଦିନ ଠାରୁ ଛଅ ଦିନ ପର୍ଯ୍ୟନ୍ତ ଏ ଅବସ୍ଥା ଲାଗି ରହେ ଏବଂ ଏହା ପରେ ଗଭୀର ନିଦ୍ରାବସ୍ଥା ଆସେ । କେତେକ କ୍ଷେତ୍ରରେ ଯକୃତ ଜନିତ ରୋଗ ଓ ହୃଦଯନ୍ତ୍ର ବନ୍ଦ ହେତୁ ମୃତ୍ୟୁ ଘଟିଥାଏ ।

୩ । ଏଥିରେ ଶ୍ରବଣ ଶକ୍ତି ଜନିତ ମତି ଭ୍ରମ ଦେଖାଯାଏ–ରୋଗୀ ଏହି ଅବସ୍ଥାରେ ଲୁହା ଚେନର ଝଣ ଝଣ ଶବ୍ଦ, ଛୁରୀର ଖଡ୍ ଖଡ୍ ଶବ୍ଦ, ବନ୍ଧୁକ ଓ ପିସ୍ତଲର ଗୁଳି ଫୁଟିବାର ଶବ୍ଦ ଶୁଣି ଆତ୍ମ ରକ୍ଷା ପାଇଁ ଚିତ୍କାର କରେ ବା ଆତ୍ମ ହତ୍ୟା କରେ । ଏହି ଅବସ୍ଥା ଦିନ ଦିନ ସପ୍ତାହ ବ୍ୟାପି ରହିଥାଏ ଏବଂ ଏହା ପରେ ରୋଗୀର ପରିବର୍ତ୍ତିତ ମନୋବୃତ୍ତି ପରିଲକ୍ଷିତ ହୁଏ ।

୪ । ଏଥିରେ ସାଂଘାତିକ ସ୍ମୃତି ଦୋଷ ପ୍ରକାଶ ପାଏ । ରୋଗୀ ପୂର୍ବରୁ ଜାଣିଥିବା ମୁହଁ, ଛବି, ଘର ଓ ଅନ୍ୟାନ୍ୟ ବସ୍ତୁକୁ ବର୍ତ୍ତମାନ ଦେଖିଥିବା ପଦାର୍ଥଗୁଡ଼ିକ ଠାରୁ ଚିହ୍ନି ପାରେ ନାହିଁ । ସ୍ମୃତି ଶକ୍ତି ବିପର୍ଯ୍ୟୟ ଘଟେ, ନୂତନ ସଂହତି ସୃଷ୍ଟି କରିବାର ଶକ୍ତିହୀନତା ପ୍ରକାଶ ପାଏ । ଏଥିରେ ବୁଦ୍ଧି ଶକ୍ତିର ବିପର୍ଯ୍ୟୟ ଚିରଦିନ ଲାଗି ରହେ ।

**ଦୀର୍ଘ ପ୍ରତିକ୍ରିୟା—ଜୀବନ ସମସ୍ୟା ସମାଧାନ** ପାଇଁ ମଦ୍ୟକୁ ଗ୍ରହଣ କରିବା ଦ୍ୱାରା, କ୍ରମେ ନୈତିକ, ବୌଦ୍ଧିକ ଓ ବ୍ୟକ୍ତିତ୍ୱର ବିପର୍ଯ୍ୟୟ ଘଟିଥାଏ । ସ୍ମୃତି ଶକ୍ତି, ଚିନ୍ତା ଶକ୍ତି, ବିଚାର ଶକ୍ତି ଧ୍ୱଂସ ପାଏ । ବ୍ୟକ୍ତି ସାମାନ୍ୟ କଥାରେ ସର୍ବଦା ଉତ୍ତେଜିତ ହୁଏ ଏବଂ କୌଣସି ଦାୟିତ୍ୱ ଗ୍ରହଣ କରି ପାରେ ନାହିଁ । ନିଜର ମଦ୍ୟପାନ ବିଷୟ ସମାଲୋଚନା ଶୁଣିଲେ ଚିଡ଼ି ଚିଡ଼ା ହୁଏ ଏବଂ ମଦ୍ୟାଭ୍ୟାସ ପରିତ୍ୟାଗ ନ କରି ଏହାକୁ ନ୍ୟାୟ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରେ । ଏହି ରୋଗୀର ମାନସିକ ଓ ଶାରୀରିକ ଦୁର୍ବଳତାକୁ ଆରୋଗ୍ୟ କରିବା କଷ୍ଟ, ଅସଂଭବ ମଧ୍ୟ । ମାନସିକ ବିଶୃଂଖଳା ସ୍ଥିତାବସ୍ଥାକୁ ଆସି ନ ପାରେ ।

**ମଦ୍ୟପାନର କାରଣ**—ବ୍ୟକ୍ତି କେଉଁ କାରଣରୁ ମଦ୍ୟପାନ ଆରମ୍ଭ କରେ ତାହା ତା'ର ନିଜସ୍ୱ । ତେବେ ସବୁ ମଦ୍ୟପଙ୍କୁ ଦେଖିଲେ କେତେଗୁଡ଼ିଏ ସାଧାରଣ କଥା ଏ ବାବଦରେ କହିହେବ । ମଦ୍ୟପ ହେବାର ଶାରୀରିକ, ମାନସିକ ଓ ସାମାଜିକ କାରଣମାନ ରହିଥାଏ ।

ଦୀର୍ଘ ଦିନ ଧରି ମଦ୍ୟପାନ କରିବା ଦ୍ୱାରା ଅଧିକାଂଶ ମଦ୍ୟପଙ୍କ ଶରୀର ମଦ୍ୟାସକ୍ତ ହୋଇଯାଏ । ଅଧିକ ମଦ୍ୟ ପାନ ସେ ହେତୁ ସ୍ୱାସ୍ଥ୍ୟହାନି ଘଟାଇଥାଏ ଏବଂ ମଦ୍ୟ ପାନ ଆଉ ବ୍ୟକ୍ତିର ନିୟନ୍ତ୍ରଣାଧୀନ ହୋଇ ରହେ ନାହିଁ । ମଦ୍ୟ ପାନ ବନ୍ଦ କରିବା ସମୟରେ ବ୍ୟକ୍ତିର ଦୁର୍ବଳତା, ବାନ୍ତି, ଜ୍ୱର, ମତିଭ୍ରମ ଇତ୍ୟାଦି "ପ୍ରତ୍ୟାହାର ଲକ୍ଷଣ" ପ୍ରକାଶ ପାଏ । ଏହି ଅବସ୍ଥା ପ୍ରକାଶ ପାଇଲେ ଏହା ଦୂର କରିବାକୁ ମଦ୍ୟପ ପୁନଶ୍ଚ ମଦ ପାନ କରେ । ଅନ୍ୟ ପକ୍ଷରେ ଶରୀରର କୋଷମାନେ ରକ୍ତରେ ମଦ୍ୟାଂଶ ସହିତ ଅଭ୍ୟସ୍ତ ହୋଇଥାନ୍ତି । ତେଣୁ ଶରୀର ପାଇଁ ମଦ୍ୟପାନ ଅନିବାର୍ଯ୍ୟ ହୋଇଉଠେ । ଅତ୍ୟଧିକ ପାନ କଲେ ଶରୀର ପାଇଁ ମଦ୍ୟର ଆବଶ୍ୟକତା ସୃଷ୍ଟି ହୁଏ ଏବଂ ଶରୀରର ଆବଶ୍ୟକତା ସୃଷ୍ଟି ହେଲେ ମଦ୍ୟ ପାନ ଦରକାର ହୁଏ । ଏହି କ୍ରିୟା ଏପରି ଅବସ୍ଥାରେ ପହଂଚେ ଯେ ଏହା ରୋଗରେ ପରିଣତ ହୁଏ ଏବଂ ଉଦରାଦି ଅଙ୍ଗ ର କାର୍ଯ୍ୟ ଏହା ଦ୍ୱାରା ପ୍ରତିହତ ଓ ପ୍ରଭାବିତ ହୁଏ ।

ମଦ୍ୟପାନ ଦ୍ୱାରା ମାନସିକ କ୍ଷତି ସର୍ବାଧିକ । ମଦ୍ୟପ ହେବା ଦ୍ୱାରା ବ୍ୟକ୍ତି ଜୀବନ ସହିତ ଖାପ ଖୁଆଇ ଚଳିବାରେ ଅସମର୍ଥ ହୁଏ । ତାର ପରିବାର, ସ୍ଥିତି, ସମ୍ମାନ, ବୈବାହିକ ସଂପର୍କ, ପିତା ହିସାବରେ କର୍ତ୍ତବ୍ୟ, ବ୍ୟକ୍ତି-ବ୍ୟକ୍ତି ଭିତରେ ସଂପର୍କ ଓ ବ୍ୟବହାର ଇତ୍ୟାଦି ଯେତେବେଳେ ମଦ୍ୟପ ହେବା ଦ୍ୱାରା ବିପର୍ଯ୍ୟସ୍ତ ହୁଏ, ସେଗୁଡ଼ିକର ପ୍ରଭାବ ବ୍ୟକ୍ତି ମନ ଉପରେ ପ୍ରତିଫଳିତ ହେବା ଦ୍ୱାରା, ସେ ମଦ୍ୟ ପାନରୁ ନିବୃତ ହେବା ବ୍ୟତିରେକେ ଅଧିକରୁ ଅଧିକ ପାନ କରେ । ବସ୍ତୁତଃ ମଦ୍ୟ ପାନ ଏକ ମାନସିକ ଆବଶ୍ୟକତାରେ ପରିଣତ ହୁଏ ।

ପରିତ୍ୟକ୍ତ ସ୍ତ୍ରୀ, ସନ୍ତାନ, ସ୍ନେହ ପ୍ରେମ ବଂଚିତ ବ୍ୟକ୍ତି, ଚିନ୍ତାଗ୍ରସ୍ତ ଲୋକ, ନୈରାଶ୍ୟବାଦୀ ବ୍ୟକ୍ତି, ବିକାର ଓ ବୈରାଗ୍ୟ ଗ୍ରସ୍ତ ବ୍ୟକ୍ତି, ପ୍ରେମ, ଛାଡ଼ପତ୍ର ଇତ୍ୟାଦି ବିଷୟ ନେଇ ହତାଶିଆ ବ୍ୟକ୍ତି ସାଧାରଣତଃ ମଦ୍ୟପାନକୁ ଏକ ଆଶ୍ରୟ ରୂପେ ଗ୍ରହଣ କରି ଥାଆନ୍ତି । ଅବୈଧ ଯୌନ କାର୍ଯ୍ୟ ଯୋଗୁଁ ଦୋଷୀ ଅନୁଭବ କରୁଥିବା ଲୋକ ନିଜର ଭାବପ୍ରବଣତା ଦୂରେଇବା ପାଇଁ ମଦ୍ୟ ପାନ କରେ । ନିଃସଙ୍ଗତା ପାଇଁ, ଆତ୍ମ ବିସ୍ମୃତ ହେବା ପାଇଁ ମଦ୍ୟ ପାନ କରାଯାଏ ।

ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ମଦ୍ୟପ ବ୍ୟକ୍ତିତ୍ୱ' ସମ୍ବନ୍ଧରେ ସେପରି ବିଶେଷ କିଛି ଜଣା ଯାଏ ନାହିଁ–ଯେ ଦେଖିଲେ ଅନୁମାନ କରିହେବ ଏଇ ଏଇ ଗୁଣଥିଲେ ଲୋକ ମଦ୍ୟପ ହେବ । ଜୀବନର ଅବସ୍ଥା ଓ ସମୟକୁ ନେଇ ଲୋକ ମଦ୍ୟପ ହୋଇଥାଏ । ତେବେ ସାଧାରଣ ଭାବରେ କହି ହେବ ଯେ ମଦ୍ୟପମାନେ–ଅପରିପକ୍ୱ, ଅବାସ୍ତବ ଓ ଅତ୍ୟନ୍ତ ଆଶାବାଦୀ ଓ ସାମାନ୍ୟ ଉତ୍ତେଜନା

…ଙ୍ଖଳତାକୁ ସହ୍ୟ କରି ପାରନ୍ତି ନାହିଁ । ସେମାନେ …ନିର ଆଶା ପୂରଣ ପାଇଁ ପ୍ରୟାସୀ ହୁଅନ୍ତି ନାହିଁ । …ଆଲୋଚନା ପ୍ରତି ଭୟାତୁର ଏବଂ ସର୍ବଦା ହୀନମନ୍ୟତା ପ୍ରକାଶ କରନ୍ତି ।

ସମାଜ ଦ୍ୱାରା ଜନ୍ମିତ ଓ ପ୍ରଭାବିତ ମାନସିକ ଗ୍ରନ୍ଥି …ହରେ ବ୍ୟକ୍ତି ମଦ୍ୟାସକ୍ତ ହୁଏ । ହୋଟେଲରେ, …ପରିବାରରେ, ପାର୍ଟିରେ, ବନ୍ଧୁ ବାନ୍ଧବଙ୍କ ପାଖରେ ମଦ …ଅଥବା ଦେଖିଲେ କିଶୋର ଓ ଯୁବ ଗୋଷ୍ଠୀ ମଦ୍ୟପ …ହୁଅନ୍ତି । ଭାରତରେ ମଦ୍ୟ ପାନ ପ୍ରସାର ଲଭ ପାଇଁ …ଛ ଚିତ୍ର ଏକ ଅତି ଉତ୍ତମ ମାଧ୍ୟମ ହୋଇଛି । ପତ୍ର …ପତ୍ରିକାରେ ମଦ୍ୟ ପ୍ରଚାର, ରାସ୍ତା ଘାଟରେ ବିଭିନ୍ନ ଉଦାହରଣ …ଇତ୍ୟାଦି ଘନ ଘନ ଦେଖିବା ଫଳରେ ବ୍ୟକ୍ତିର ମଦ୍ୟ ପାନ ପ୍ରତି ଥିବା ସ୍ୱାଭାବିକ ଘୃଣା ଓ ସାମାଜିକ ଭୟ ଦୂରୀଭୂତ ହୁଏ ଓ ସାମାନ୍ୟ ମାନସିକ ଗ୍ରନ୍ଥିକୁ ଦୂରୀ ଭୂତ କରିବା ପାଇଁ …ସେ ମଦ୍ୟ ପାନ କରେ । ଭାରତର ସହରାଞ୍ଚଳରେ …କ୍ରମେ ମଦ୍ୟ ପାନ ବ୍ୟାପୁଅଛି, କିନ୍ତୁ ଗ୍ରାମାଞ୍ଚଳରେ ଏହା …ପ୍ରାୟ ନାହିଁ । କଠିନ ସାମାଜିକ ପ୍ରତିରୋଧ ଏହାର କାରଣ । ଓଡ଼ିଶା ଭଳି ରାଜ୍ୟରେ ସାଧାରଣତଃ ମଦ୍ୟ-ପାନ ପ୍ରଚଳନ ନ ଥିଲା । କିନ୍ତୁ ଆଜି କାଲି ଏହା ବ୍ୟାପି-ଥିବା ଦୁଃଖର ବିଷୟ ।

ମଦ୍ୟ ପାନ କରିବାର ମାନସିକ ପରିଣତି ଓ ଏହାର କାରଣ ସମ୍ବନ୍ଧେ ଏଠାରେ କେବଳ ଆଲୋଚନା କରା ଗଲା । ମଦ୍ୟ ପାନ ଏକ ମାନସିକ ବ୍ୟାଧି ହିସାବରେ କିପରି ଦୂର କରାଯାଇ ପାରିବ ସେ ବିଷୟରେ ଏଠାରେ ଆଲୋଚନା କରା ହେଉନାହିଁ । ଏକ ସାମାଜିକ କଳଙ୍କ ହେତୁ ଏହାର ନିରାକରଣ ଏକ ତୁରନ୍ତ ଆବଶ୍ୟକତା । ଏଥି-ପାଇଁ କେବଳ ନିୟମ କରିଦେଲେ ଯଥେଷ୍ଟ ହେବନି, ଏହାର କାର୍ଯ୍ୟକାରିତା ଓ ସଫଳତା ପ୍ରତି ସବୁବେଳେ ଦୃଷ୍ଟି ଦିଆ ଯିବା ଉଚିତ । ମଦ୍ୟ ପାନ ବିରୁଦ୍ଧରେ ଲୋକଙ୍କ ମନରେ ଧାରଣା ଜାଗ୍ରତ କରିବା ଉଚିତ । ମଦ୍ୟ ପାନ କରୁଥିବା ଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କୁ ସାଧାରଣରେ ପ୍ରକାଶ କରିବା ଓ ସାମାଜିକ ବାସନ୍ଦ କରିବାର ବ୍ୟବସ୍ଥା କରାଯାଉ । ମଦ ଦୋକାନ, କାରଖାନାଗୁଡ଼ିକର ଉତ୍ପାଦନ କଡ଼ାକଡ଼ି ଭାବେ ନିୟନ୍ତ୍ରଣ କରାଯାଉ ଏବଂ ହ୍ରାସ କରାଯାଉ । ମଦ୍ୟର ଦାମ ପ୍ରଚୁର ଭାବରେ ବୃଦ୍ଧି କରାଯାଉ । ମୋଟାମୋଟି କହିବାକୁ ଗଲେ ଏମିମାନଙ୍କ ଏକ ସାମାଜିକ ଚେତନା ସୃଷ୍ଟି କରାଯାଉ ।

…କଂଗ୍ରେସ ଅଫିସ ଲେନ
…ଖଗଡ଼, ପୁରୀ ।

## ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ବାସଗୃହ ଯୋଜନା ବାବଦରେ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ

ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ସୂତ୍ରରେ ଆର୍ଥିକ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ …ଶ୍ରମ ସରକାର ସଂପ୍ରତି ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି ଏବଂ ତଦନୁଯାୟୀ ସଂପୃକ୍ତ ଜିଲ୍ଲାପାଳ ଓ ପଲିଟିକାଲ୍ …ଓ ସର୍ଭିସେସ୍ ବିଭାଗର ଡାଇରେକ୍ଟର ଅଫ୍ ଇଷ୍ଟେଟ୍‌ସଙ୍କୁ ଆବଶ୍ୟକ ପରିମାଣର ଟଙ୍କା ଦିଆଯାଇଛି । …ଡାଇରେକ୍ଟର ଅଫ୍ ଇଷ୍ଟେଟ୍‌ସଙ୍କ ଅଧୀନରେ ସର୍ବୋଚ୍ଚ ୬୫ ହଜାର ଟଙ୍କା ଏବଂ କୋରାପୁଟ ଓ ଢେଙ୍କାନାଳ ଜିଲ୍ଲା …ପାଇଁ ୩୦ ହଜାର ଲେଖାଏଁ ଟଙ୍କା ଦିଆଯାଇଛି । ସେହିପରି ସମ୍ବଲପୁର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲ୍ଲାମାନଙ୍କ ପାଇଁ …ହଜାର ଲେଖାଏଁ ଟଙ୍କା ଦିଆଯାଇଛି । ଏହା ବ୍ୟତୀତ ପୁରୀ, ବାଲେଶ୍ୱର, ବଲାଙ୍ଗିର, କଟକ, ଫୁଲବାଣୀ ଏବଂ …ସୁନ୍ଦରଗଡ଼ ଜିଲ୍ଲାମାନଙ୍କୁ କ୍ରମାନୁସାରେ ୫୮ ହଜାର ଟଙ୍କା, ୫୬ ହଜାର ଟଙ୍କା, ୨୫ ହଜାର ଟଙ୍କା, ୪୫ ହଜାର ଟଙ୍କା, ୨୦ …ହଜାର ଟଙ୍କା ଏବଂ ୧୬ ହଜାର ଟଙ୍କା ଗୃହ ନିର୍ମାଣ ବାବଦରେ ଦିଆଯାଇଛି । ଏହି ଯୋଜନାନୁଯାୟୀ ଲୋକମାନଙ୍କୁ …ଶତକଡ଼ା ବାର୍ଷିକ ଦଶଟଙ୍କା ସରଳସୁଧ ହାରରେ ଋଣ ମଞ୍ଜୁର କରାଯିବ । ନିୟମିତ ଭାବେ କିସ୍ତି ପରିଶୋଧ …କଲେ ଶତକଡ଼ା ଆଠ ଟଙ୍କା ହାରରେ ସୁଧ ଦେବାକୁ ପଡ଼ିବ । ପୂର୍ବରୁ ଏ ଯୋଜନାରେ ୩ ଲକ୍ଷ ୬୩ ହଜାର ୨୦୦ …ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

# ସଂରକ୍ଷିତ ଖାଦ୍ୟଶସ୍ୟ

## ଆପଣଙ୍କ ଉତ୍ପନ୍ନ ଖାଦ୍ୟସାମଗ୍ରୀ

୧—ଖାଦ୍ୟଶସ୍ୟ ସଂରକ୍ଷଣ ଅଭିଯାନ ଏକ ଦେଶବ୍ୟାପୀ କାର୍ଯ୍ୟକ୍ରମ । ବୈଜ୍ଞାନିକ ପ୍ରଣାଳୀରେ କିପରି ଖାଦ୍ୟଶସ୍ୟଗୁଡିକୁ ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ସେଗୁଡିକୁ ମୂଷା, ପୋକ, ଆର୍ଦ୍ରତା ଓ ପକ୍ଷୀଙ୍କ ଦାଉରୁ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ କୃଷକମାନଙ୍କୁ ଜଣାଇ ଦିଆଯାଇଥାଏ ।

୨- ଆପଣଙ୍କ ଖାଦ୍ୟଶସ୍ୟଙ୍କୁ ମୂଷା, ପୋକ, ଆର୍ଦ୍ରତା ଓ ପକ୍ଷୀଙ୍କ ଦାଉରୁ ରକ୍ଷା କରନ୍ତୁ ।

୩— ଏଥିନିମନ୍ତେ ୫ଟି ନିୟମ ମନେରଖନ୍ତୁ—

(କ) ମହଜୁଦ୍ କରିବା ପୂର୍ବରୁ ସେଗୁଡିକୁ ଭଲଭାବେ ଶୁଖାଇ ପରିଷ୍କାର କରନ୍ତୁ ।

(ଖ) ଉ ନତ ବ୍ୟବହାର କରନ୍ତୁ ।

(ଗ) କ୍ଷେତପୋକ ଦାଉରୁ ରକ୍ଷାକରିବା ନିମନ୍ତେ ଇ. ଡି. ବି. ବ୍ୟବହାର କରନ୍ତୁ ।

(ଘ) ମୂଷା ଦାଉରୁ ରକ୍ଷା କରିବା ନିମନ୍ତେ କୀଟନାଶକ ଔଷଧ ବ୍ୟବହାର କରନ୍ତୁ ।

(ଙ) ମହଜୁଦ୍ କରିବା ନିମନ୍ତେ ଧାତୁନିର୍ମିତ ଡୋଲି ବ୍ୟବହାର କରନ୍ତୁ ।

୪—ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ଖାଦ୍ୟ ସଂରକ୍ଷଣ ଅଭିଯାନକାରୀ ଦଳଙ୍କ ବୈଷୟିକ ପରାମର୍ଶ କ୍ରମେ ଆପଣ ଆପଣଙ୍କର ପାରମ୍ପରିକ ଅମାର ଓ କୋଠିର ଉନ୍ନତି ବିଧାନ କରନ୍ତୁ କିମ୍ବା ପକ୍କାକୋଠି ନିର୍ମାଣ କରନ୍ତୁ ।

୫—ଧାତୁନିର୍ମିତ ଡୋଲି କ୍ରୟ କରିବା ନିମନ୍ତେ ବ୍ୟାଙ୍କ୍ ଋଣ ମିଳୁଛି ଓ ରାଜ୍ୟ ସରକାର କ୍ରୟମୂଲ୍ୟର ଶତକଡ଼ା ୨୫ ଭାଗ ସବ୍‌ସିଡ଼ି ଆକାରରେ ଯୋଗାଇ ଦେଉଛନ୍ତି ।

ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ୍‌ର ୟୁନିସେଫ୍ ତରଫରୁ ଜି. ଆଇ. ସିଟ୍ ଆକାରରେ ଅଧିକ ୨୫ ଭାଗ ସବ୍‌ସିଡି ଯୋଗାଇ ଦିଆଯାଉଛି ।

୬—ଆପଣ ଏଥିପାଇଁ ଉପନିର୍ଦ୍ଦେଶକ (ସଂରକ୍ଷଣ ଓ ଗବେଷଣା) ଖାଦ୍ୟ ସଂରକ୍ଷଣ ଅଭିଯାନ ଭାରତ ସରକାର—ଖାଦ୍ୟ ବିଭାଗ, ୬୪୨ ସହିଦ୍ ନଗର, ଭୁବନେଶ୍ୱର-୭ କିମ୍ବା ଓଡ଼ିଶା ରାଜ୍ୟ କୃଷି ଶିଳ୍ପ କର୍ପୋରେସନ, କିଲ୍ଲାମଇଦାନ, କଟକ-୧

ଅଥବା

ସଂପୃକ୍ତ ଜିଲ୍ଲା କୃଷି ପଦାଧିକାରୀଙ୍କ ସହ ଯୋଗସୂତ୍ର ସ୍ଥାପନ କରନ୍ତୁ ।

ଜୟପ୍ରକାଶଜୀଙ୍କର



# ସମ୍ପୂର୍ଣ୍ଣ ବିପ୍ଳବ ଓ ଲୋକ ଶାସନ

ଶ୍ରୀ ପୂର୍ଣ୍ଣ ମହାପାତ୍ର

୧୯୭୪ ମସିହା ଜୁନ୍ ୫ ତାରିଖ । ପାଟଣାର ଗାନ୍ଧୀ ମୈଦାନରେ ସହସ୍ର ସହସ୍ର ଜନତାଙ୍କ ସ୍ଥିର ଦୃଷ୍ଟି ସଭା ମଣ୍ଡପ ଉପରେ ନିବଦ୍ଧ । ସେହି ଐତିହାସିକ ଜନସଭା ଲୋକ ନାୟକ ଜୟପ୍ରକାଶଙ୍କ ଆଗମନକୁ ଯେଉଁପରି ଭାବରେ ବ୍ୟାକୁଳ ହୃଦୟରେ ସ୍ୱାଗତ କରିବା ପାଇଁ ଉଦବିଗ୍ନଥିଲା—ହୁଏତ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପରେ ଆଉ କେହି ଜନନାୟକ ସେପରି ଜନ ହୃଦୟ ବ୍ୟାକୁଳତାର ଆହ୍ୱାନ ଅନୁଭବ କରି ନଥିବେ ବୋଲି ମନେ କରାଯାଇପାରେ ।

ଚିର ଆକାଂକ୍ଷିତ ଶ୍ରଦ୍ଧାବହନ ଲୋକନାୟକ ସଭା ମଣ୍ଡପରେ ଉପସ୍ଥିତ ହୋଇ ଆରମ୍ଭ କଲେ "ମିତ୍ରୋ, ୟହ ଆନ୍ଦୋଲନ ନେହିଁ, ସଂପୂର୍ଣ୍ଣ କ୍ରାନ୍ତି ହେ" ।

ମାତ୍ର ଦର୍ଶକ ଓ ଶ୍ରୋତାଙ୍କ ମନରେ ଯେଉଁ ଆଲୋଡ଼ନ ସୃଷ୍ଟି ହେଲା—ତା ପର ମୁହୂର୍ତ୍ତରେ ଜୟପ୍ରକାଶଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସମସ୍ତଙ୍କର ମନେ ହୋଇଥିଲା ଯେମିତି ଜେ. ପି. ନିଜେ ତାହା କହୁ ନଥିଲେ ଏକ ଅଦୃଶ୍ୟ ଶକ୍ତି ତାଙ୍କ ବାକ୍‌ଶକ୍ତିକୁ ପରିଚାଳିତ କରିଦେଇଥିଲା ।

ଜୟପ୍ରକାଶ କହିଲେ, ମୁଁ ସଭାରେ ଏଭଳିଟି କ୍ରାନ୍ତି ସମ୍ବନ୍ଧରେ କିଛି କହିବାପାଇଁ ପ୍ରସ୍ତୁତ ନଥିଲି ମାତ୍ର ହଠାତ୍ ସ୍ୱତଃସ୍ଫୁର୍ତ୍ତ ଭାବରେ ମୋ ମୁହଁରୁ ଏହା ବାହାରିଗଲା ।

ୟା'ର ପରବର୍ତ୍ତୀ କାଳରେ ଜେ. ପି.ଙ୍କର ବହୁ ଅନୁଗାମୀ ବନ୍ଧୁ ସଂପୂର୍ଣ୍ଣ କ୍ରାନ୍ତି ସମ୍ବନ୍ଧରେ ସନ୍ଦିହାନ ହୋଇ ପ୍ରଶ୍ନ କରିଛନ୍ତି । ବ୍ୟାକରଣିକ ଅର୍ଥରେ ବ୍ୟାଖ୍ୟା କରିବାର ପ୍ରଚେଷ୍ଟା ପରେ 'ସମଗ୍ର କ୍ରାନ୍ତି' ବୋଲି ଯେଉଁ ଅର୍ଥ ବାହାର କରାଯାଇଛି ତାହା "ସଂପୂର୍ଣ୍ଣ କ୍ରାନ୍ତି" ଶବ୍ଦ ପରି ପ୍ରଭାବଶାଳୀ ହୋଇ ପାରିନାହିଁ ।

ଆଜି ମନେହୁଏ, ସଂପୂର୍ଣ୍ଣ କ୍ରାନ୍ତି ମଧ୍ୟରେ ଏକ ଆଶ୍ଚର୍ଯ୍ୟ ମନ୍ତ୍ରଶକ୍ତି, ସମ୍ମୋହନ ଓ ଉଚ୍ଚାଟନ ଶକ୍ତି ନିହିତ, ଯାହାର ପରିପ୍ରକାଶ କଥାରେ କରାଯାଇ ପାରେନା । ମାତ୍ର ଅନୁଭବ କରାଯାଇ ପାରିବ ସୂକ୍ଷ୍ମ ଭାବରେ ।

ନିଜ ସମସାମୟିକ ନେତାମାନଙ୍କ ମଧ୍ୟରେ ବହୁ ମହତ୍ୱର ଅଧିକାରୀ ଜେ. ପି., ମହାତ୍ମାଗାନ୍ଧୀଙ୍କ ପରବର୍ତ୍ତୀ କାଳରେ ଏକ ଅଭିନବ ଦର୍ଶନର ଚିନ୍ତା ଆଜି ଜନମାନସରେ ବିସ୍ତାର କରି ପାରିଛନ୍ତି । ସତ୍ୟଧର୍ମର ନିଷ୍ପାପର ପ୍ରୟୋଗ ସମ୍ବନ୍ଧରେ ଗାନ୍ଧୀ ନିଜର ଦର୍ଶନକୁ କୌଣସି ନିର୍ଦ୍ଦିଷ୍ଟ ପୁସ୍ତକରେ ଲିପିବଦ୍ଧ ନକରି ଭାଷଣ, ପ୍ରବନ୍ଧ ଏବଂ ବିଭିନ୍ନ ପୁସ୍ତକ ମାଧ୍ୟମରେ ପ୍ରକାଶ କରିଥିଲାବେଳେ ଜେ. ପି. ତାଙ୍କ ସଂପୂର୍ଣ୍ଣ କ୍ରାନ୍ତିର ବାର୍ତ୍ତା ସ୍ୱତନ୍ତ୍ର ପୁସ୍ତକମାନଙ୍କରେ ପ୍ରକାଶ କରିଛନ୍ତି ।

୧୯୨୧ ମସିହାରେ ଆମେରିକାରୁ ଫେରି ଦେଶର ରାଜନୈତିକ ଯୁଦ୍ଧ କ୍ଷେତ୍ରରେ ଜୟପ୍ରକାଶ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସେଇଦିନଠୁଁ ତାଙ୍କ ବିଗ୍ଭରଧାରାରେ ବହୁ ଉତ୍ଥାନ ପତନ ହୋଇଛି । ସାମ୍ୟବାଦରୁ ସମାଜବାଦ–ସମାଜବାଦରୁ ସର୍ବୋଦୟ–ଏବେ ପୁଣି ସର୍ବୋଦୟରୁ ସଂପୂର୍ଣ୍ଣ କ୍ରାନ୍ତି । ପ୍ରଥମରୁ ହିଂସା ମାଧ୍ୟମରେ ସାମାଜିକ ପଟ୍ଟପରିବର୍ତ୍ତନରେ ବିଶ୍ୱାସୀ ଜେ. ପି. ସ୍ୱାଧୀନତା ଆନ୍ଦୋଳନରେ ହିଂସା ପ୍ରୟୋଗ, ଜେଲ ପ୍ରାଚୀର ଡେଇଁ ପଳାୟନ ଇତ୍ୟାଦି ବହୁ ଅଭିଜ୍ଞତାର ନାୟକ । ଗାନ୍ଧୀ ଓ ଜୟପ୍ରକାଶଙ୍କର ଜୀବନ ଦର୍ଶନ ସେତେବେଳେ ବିରୋଧାଭାସରେ ହିଁ ପ୍ରତିଷ୍ଠିତ ହୋଇଥିଲାବେଳେ ସେ ଆଜି ଗାନ୍ଧୀଙ୍କର ପଥଗାମୀ ହେବା ସଙ୍ଗେ ସଙ୍ଗେ ଭାରତର ଦ୍ୱିତୀୟ ଗାନ୍ଧୀ ରୂପରେ ଅନେକଙ୍କ ଆଗରେ ଆବିର୍ଭୂତ ହୋଇଛନ୍ତି ।

ଜୟପ୍ରକାଶ ୧୯୪୩ ମସିହାରେ କହିଥିଲେ ଅସଲ ଆନ୍ଦୋଳନ ଜୀବନର କ୍ରାନ୍ତିକାରୀ ପରିବର୍ତ୍ତନରେ ହିଁ ସଙ୍ଗଠିତ ହୁଏ । ସେ ସମୟରେ ଯେତେବେଳେ ପଣ୍ଡିତ ନେହେରୁ ତାଙ୍କୁ ଶାସନରେ ନିଜ ସହିତ ସାମିଲ କରିବାର ପ୍ରଯତ୍ନ କଲେ ସେତେବେଳେ ଜେ. ପି. ଗାନ୍ଧୀଜୀଙ୍କର ଲୋକ ସେବକ ସଂଘର ସ୍ଥାପନା ଓ ଜନତାର ସେବାରେ ଅନୁପ୍ରାଣିତ ଥିଲେ । ତେଣୁ ୧୯୭୪ରେ ତାଙ୍କର ସ୍ୱତଃସ୍ଫୂର୍ତ୍ତ "ସଂପୂର୍ଣ୍ଣ କ୍ରାନ୍ତି" ଏକ ବିସ୍ମୟକର ଆହ୍ୱାନ କେବେ ହୋଇ ନପାରେ । ପରନ୍ତୁ ଇତିହାସ ଅବଲୋକନ କଲେ ଜଣାପଡ଼େ ଯା ପଛରେ ବିରାଟ ଇତିହାସ ଲୁଲାୟିତ ଅଛି ସେଉଁଥିରେ ବହୁ ଧୈର୍ଯ୍ୟ, ଅପେକ୍ଷା, ପରିଣାମ ଓ ଅନୁଭବ ଇତ୍ୟାଦି ସନ୍ନିହିତ ।

୧୯୭୦ ମସିହାରେ ବିହାରର ନକସଲବାଦୀ ଆନ୍ଦୋଳନର ଆତଙ୍କ ଯେତେବେଳେ ପ୍ରବଳ, ସେ ଗାନ୍ଧୀ ପ୍ରଦର୍ଶିତ ଅହିଂସା ମାର୍ଗର ପରୀକ୍ଷା ଆରମ୍ଭ କରିଥିଲେ ଗ୍ରାମ ଦାନରୁ । ସେହି ବିହାରର ମୁଶହରି ଗ୍ରାମରୁ ତାଙ୍କର ସଂପୂର୍ଣ୍ଣ କ୍ରାନ୍ତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ

ସମାଜର ସର୍ବାଙ୍ଗୀନ ବିକାଶ ଏବଂ ଦୁର୍ବଳ ଶ୍ରେଣୀର ଉନ୍ନତି ବିଧାନ ନିମିତ୍ତ ଗାନ୍ଧୀଜୀ କଂଗ୍ରେସକୁ ଭାଙ୍ଗିଦେଇ "ଲୋକ ସେବକ ସଂଘ" ଗଠନ କରିଥିଲେ । ତାହାକୁ ସାକାର କରିବାକୁ ଜେ. ପି. ଯୁବଚେତନା ଜାଗ୍ରତ କରାଇଥିଲେ । ବହୁ ସ୍ୱତନ୍ତ୍ର ସଙ୍ଗଠନ ଦେଶର ଜନତନ୍ତ୍ରକୁ ସଜାଗ ରଖିବା ପାଇଁ ଗଠନ କରିଥିଲେ । ତେଣୁ ତାଙ୍କ ଜୀବନର ଅନୁଭୂତି ଶାସନ କ୍ଷେତ୍ରରେ ନହେଲେ ବି ସମାଜ ପରିବର୍ତ୍ତନ ପାଇଁ ଅନେକାଂଶରେ ଦାୟୀ ।

"ସମାଜବାଦ୍ ସେ ସର୍ବୋଦୟ କୀ ଓର୍" "A picture of Sarboday social order" A plea for reconstruction of Indian Polity ଏବଂ ଲୋକ ସ୍ୱରାଜ୍ୟ ଆଦିରେ ଜେ. ପି. ଙ୍କର ବିଗ୍ଭରଧାରା ଏବଂ ଆଚାର୍ଯ୍ୟ ରାମମୂର୍ତ୍ତିଙ୍କର ବ୍ୟାଖ୍ୟାନ ଇତ୍ୟାଦିରେ ସଂପୂର୍ଣ୍ଣ କ୍ରାନ୍ତି'ର ଏକ ସ୍ପଷ୍ଟ ଚିତ୍ର ପ୍ରତିଫଳିତ ।

ଅତୀତର କ୍ରାନ୍ତିମାନ କେବଳ ରାଜନୈତିକ, ଅର୍ଥନୈତିକ ଅଥବା ସାମାଜିକ କ୍ଷେତ୍ରରେ ସୀମିତ ଥିଲା ! ମାତ୍ର ଆଜିର ଆନ୍ଦୋଳନ ରାଜନୈତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଚାରିତ୍ରିକ ଆଦି ବିଭିନ୍ନ ଦିଗରେ ବିସ୍ତୃତ ହୋଇପଡ଼ିଛି । ଗାନ୍ଧୀ ଚିନ୍ତାଧାରା ମଧ୍ୟରେ ଟ୍ରୋସ୍କିଙ୍କର କ୍ରାନ୍ତି ରୂପ ପାଇବା ଯେପରି ସତ୍ୟ, ମାଓଙ୍କର ସାଂସ୍କୃତିକ କ୍ରାନ୍ତି ମଧ୍ୟ ସେଇ ପରିଧି ମଧ୍ୟରେ ଅବଶ୍ୟମ୍ଭାବୀ । ଏହା କୌଣସି ଶ୍ରେଣୀ ଆନ୍ଦୋଳନ ପର୍ଯ୍ୟାୟ-ବାଚୀ ନୁହେଁ । ସମସ୍ତ ସମାଜର ସଂପୂର୍ଣ୍ଣ ଆନ୍ଦୋଳନ ଯାହା ରାଜନୈତିକ ଦୃଷ୍ଟିକୋଣରୁ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅର୍ଥନୈତିକ କ୍ଷେତ୍ରରେ ମାନବବାଦୀ ଏବଂ ଶୋଷଣମୁକ୍ତ ସାମ୍ୟ ଏବଂ ଅହିଂସ ସମାଜ ଗଠନ କରିବାର ଲକ୍ଷ୍ୟ ରଖୁଛି ।

ସଂପୂର୍ଣ୍ଣ କ୍ରାନ୍ତି ମାଧ୍ୟମରେ ଲୋକସମିତିମାନ ଗ୍ରାମର ପ୍ରତ୍ୟେକ ସ୍ତରରୁ ନେଇ ନିର୍ବାଚନ କ୍ଷେତ୍ର ଏବଂ କେନ୍ଦ୍ରୀୟ ସ୍ତରରେ ମଧ୍ୟ ଗଠନ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଲୋକସମିତିମାନଙ୍କର କଳ୍ପନା ଜେ. ପି.ଙ୍କର ନିଜସ୍ୱ ପରିକଳ୍ପନା ନୁହେଁ । ପରନ୍ତୁ ଯୁଗୋସ୍ଲୋଭିଆରେ ଏହିପରି ସମିତିମାନଙ୍କ ମାଧ୍ୟମରେ ପରିବର୍ତ୍ତନର ନୂତନ ଯୁଗ ଦେଖା ଦେଇଛି ।

ଲୋକସମିତିର କାର୍ଯ୍ୟକଳାପ ସମ୍ବନ୍ଧରେ ବହୁ ପ୍ରବନ୍ଧ ପ୍ରକାଶିତ ହୋଇଛି । ତେବେ ଲୋକସମିତିର ଅର୍ଥ 'ଜନତା ସରକାର' । ପ୍ରକୃତ ଗଣତନ୍ତ୍ର ବା ଲୋକତନ୍ତ୍ରର ବ୍ୟାଖ୍ୟା କରି ଲିଙ୍କନ କହିଥିଲେ Democracy is for the People by the People and of the People ଲୋକ ନାୟକ ତାଙ୍କ ଭାଷାରେ ଏହାର

ସରଳ ଅର୍ଥ କରିଛନ୍ତି 'ଜନତା ସରକାର' । ପ୍ରାଥମିକ କ୍ଷେତ୍ରରୁ କେନ୍ଦ୍ର ପର୍ଯ୍ୟନ୍ତ ଗଠିତ ଲୋକ ସମିତିର କାର୍ଯ୍ୟମାନ ନେତା, ଅଫିସର, ମନ୍ତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବା ପରିବର୍ତ୍ତେ, ଜନତା ନିଜର ଓ ନିଜର ପାରିପାର୍ଶ୍ୱିକ କ୍ଷେତ୍ରରେ ପ୍ରତ୍ୟେକ ସମସ୍ୟା, ସମସ୍ତ ଆବଶ୍ୟକତାର ସମାଧାନର ନିଜସ୍ୱ ଚିନ୍ତାଧାରା, ସ୍ୱାଭିମାନ ଓ ସାମର୍ଥ୍ୟ ଦ୍ୱାରା କରିବେ । ଶିକ୍ଷା, ସ୍ୱାସ୍ଥ୍ୟ, ମତାନ୍ତରର ସମାଧାନ, ଭ୍ରଷ୍ଟାଚାର, ଅସ୍ପୃଶ୍ୟତା, ଯୌତୁକ ପ୍ରଭୃତିର ନିରାକରଣ, ଲୋକ ସମିତି ଗ୍ରାମ ସ୍ତରରୁ ସଂସଦୀୟ କ୍ଷେତ୍ର ସ୍ତର ପର୍ଯ୍ୟନ୍ତ ଲୋକ ପ୍ରତିନିଧି ନିର୍ବାଚନ ମଧ୍ୟ ନିର୍ଦ୍ଧାରିତ ନୀତିନିୟମ ଅନୁସାରେ କରିବେ । ଏବଂ ସର୍ବସମ୍ମତି କ୍ରମେ, ତାହା ନହେଲେ ନାମମାତ୍ର ଖର୍ଚ୍ଚରେ ନିର୍ବାଚନ ହେବ । ଅନ୍ତତଃ ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଅଞ୍ଚଳ ଗୋଟିଏ ଗୋଟିଏ ସ୍ୱୟଂଚାଳିତ ଗଣରାଜ୍ୟରେ ପରିଣତ ହୋଇ ପାରିବ ଯାହା ପାଇଁ ରାଜ୍ୟ ବା କେନ୍ଦ୍ରକୁ କୌଣସି କିଛି କରିବାକୁ ପଡ଼ିବ ନାହିଁ । ଏହା ରାଜ୍ୟ ବିହୀନ ସମାଜ ରୂପେ ପରିଗଣିତ ହେବ ।

୩୦ ବର୍ଷ ଧରି ଆମ ଦେଶରେ ଗଣତନ୍ତ୍ରର ପରୀକ୍ଷା ହେଉ ହେଉ, ହଠାତ୍ ଦିନେ ଦେଖାଦେଲା—ଏକଛତ୍ରବାଦର ଏକ ଅମଙ୍ଗଳକାରୀ ଧୂମକେତୁ ଆକାଶରେ ଉଦିତ ହେଉଛି । କିନ୍ତୁ ଏହି ଧୂମକେତୁ କୌଣସି ବ୍ୟକ୍ତି ବିଶେଷ ନୁହେଁ—ଏହା ଏକ ଚେତନା ରୂପେ ଶାସକମାନଙ୍କର ଚିତ୍ତାକାଶରେ ଉଦିତ ହେଲପରି ମନେହେଲା । ଆଜି ଦେଶ ପାଇଁ ଲୋକ ସମିତି ମାଧ୍ୟମରେ ସଂପୂର୍ଣ୍ଣ କ୍ରାନ୍ତି ବ୍ୟତୀତ ବିକଳ୍ପ ପନ୍ଥା ଆଉ କିଛି ନାହିଁ । ଗଣତନ୍ତ୍ରରେ ଜନତା ପୂର୍ଣ୍ଣଭାବରେ ଅଂଶ ଗ୍ରହଣ କରିବା ସମ୍ଭବ ହେବ କେବଳ ଲୋକ ସମିତି ସ୍ଥାପନା ଦ୍ୱାରା ଏବଂ ଜନତାର ସଚେତନ ସକ୍ରିୟ ଅଂଶ ଗ୍ରହଣ ଦ୍ୱାରା । ଏହାହିଁ ସଂପୂର୍ଣ୍ଣ କ୍ରାନ୍ତି ଲାଗି ଅନୁକୂଳ ପାଗ ।

ମାତ୍ର ଆଶଙ୍କା ଜନ୍ମେ ବହୁ ଜାତି, ବହୁ ଭାଷା, ବହୁ ଧର୍ମ ଇତ୍ୟାଦିର ଏକ ପ୍ରାଗ୍‌ଐତିହାସିକ ସଭ୍ୟତାର ଭାରତରେ କ'ଣ ସଂପୂର୍ଣ୍ଣ କ୍ରାନ୍ତି ସମ୍ଭବ ? ଯଦିବା ସମ୍ଭବ ହୁଏ ତେବେ ଦେଶରେ ଯେ ଏକ ବୈପ୍ଳବିକ ପରିବର୍ତ୍ତନ ଘଟିବ ତା' ନିଶ୍ଚିତ । ଭାରତରେ ହଜାର ହଜାର ବର୍ଷଧରି ଗଢି ଆସିଥିବା ଉନ୍ନତ ସଭ୍ୟତା ଅଧୁନା ପାଶ୍ଚାତ୍ୟ ଜଡ଼ବାଦୀ ସ୍ୱାର୍ଥ ସଂପୃକ୍ତ ସଭ୍ୟତାର ମିଶ୍ରଣରେ କଳୁଷିତ ହୋଇ ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ କ୍ରାନ୍ତିର ବିପ୍ଳବଧାରା କ'ଣ ଏତେ ସହଜରେ କାର୍ଯ୍ୟକାରୀ ହେବାର ଆଶା କରାଯାଇ ପାରେ ?

ଗତ ଅକ୍‌ଟୋବର ୧୧ ତାରିଖରେ ବୟୋବୃଦ୍ଧ ନେତା ଆଚାର୍ଯ୍ୟ କୃପାଳିନୀ ଜୟପ୍ରକାଶଙ୍କର ୭୫ ତମ ଜନ୍ମ ବାର୍ଷିକୀରେ ଭାଷଣ ଦେଇ ସୂଚାଇଥିଲେ ସଂପୂର୍ଣ୍ଣ କ୍ରାନ୍ତିର ଧାରଣା ଏବେ ବି ସୁସ୍ପଷ୍ଟ ହୋଇନାହିଁ ଏବଂ ଏହାର ବାସ୍ତବ ରୂପାୟନ କ୍ଷେତ୍ରରେ ବହୁ ଜଟିଳତା ସୃଷ୍ଟି ହୋଇପାରେ । ତେବେ ବି ସଂପୂର୍ଣ୍ଣ କ୍ରାନ୍ତି ଏକ ନୂତନ ପରୀକ୍ଷା ନହେଲେ ବି ଭାରତ ପାଇଁ ନୂତନ ଅଧ୍ୟାୟ ଯେ ସୃଷ୍ଟି ନକରିବ ଏକଥା କିଏ କହିପାରେ ?

ସାମ୍ବାଦିକ—ୟୁନିଟ—୫
ଭୁବନେଶ୍ୱର—୧

## କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାପାଇଁ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଋଣଦାନ

ଦୁର୍ବଳ ଶ୍ରେଣୀ ଲୋକଙ୍କ ମଧ୍ୟରୁ ଯେଉଁମାନେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଇଚ୍ଛୁକ, ସେମାନଙ୍କୁ ଋଣ ସୂତ୍ରରେ ଆର୍ଥିକ ସାହାଯ୍ୟ ଦେବାକୁ ଏକ ନୂତନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାନୁଯାୟୀ ଯେଉଁମାନଙ୍କର ବାର୍ଷିକ ଆୟ ୮ ହଜାରରୁ ଊର୍ଦ୍ଧ୍ୱ ହୋଇ ନ ଥିବ ସେମାନଙ୍କୁ ଏହି ଋଣ ସାହାଯ୍ୟ ଦିଆଯିବ । ଜଣେ ବ୍ୟକ୍ତି ବାର୍ଷିକ ଶତକଡ଼ା ୧୩ ଟଙ୍କା ୫୦ ପଇସା ସୁଧ ହାରରେ ସର୍ବୋଚ୍ଚ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପାଇ ପାରିବେ । ଋଣ ପାଇବାର ୫ମ ବର୍ଷଠାରୁ ୬ଟି ବାର୍ଷିକ ସମାନ କିସ୍ତିରେ ଟଙ୍କା ପରିଶୋଧ କରିବାକୁ ହେବ । ନିୟମିତ ଭାବରେ କିସ୍ତି ଦେଉଥିବା ବ୍ୟକ୍ତିଙ୍କୁ ଶତକଡ଼ା ୨ ଶତ ହାରରେ ରିହାତି ଦିଆଯିବ ।

ଏହି ଯୋଜନାନୁସାରେ ଅଦ୍ୟାବଧି ୧୫ ଜଣ ଉତ୍ସାହୀ ଶିଳ୍ପୋଦ୍ୟୋଗୀଙ୍କୁ ସର୍ବମୋଟ୍ ୧ ଲକ୍ଷ ୧୩ ହଜାର ୫୦୮ ଟଙ୍କା ଋଣ ଦିଆ ଗଲାଣି ।

ଦେଶର ସେବାରେ—

# ଓଡ଼ିଶା ସିମେଣ୍ଟ ଲିମିଟେଡ

କୋଟି ସନ୍ତାନ କଣ୍ଠ ନିସୃତ.... ..........

ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମୋସ୍ତସ୍ୟୈ ନମୋସ୍ତସ୍ୟୈ ନମୋସ୍ତସ୍ୟୈ ନମୋନମଃ
ଯା ଦେବୀ ସର୍ବ ଭୂତେଷୁ.........

ମାଙ୍କର ଜୟଜୟକାରରେ ଗଗନ ପବନ ମୁଖରିତ
ସନ୍ତାନର ଦୁଃଖ ଦୂର କରିବା ଲାଗି
ଏହି ଶରତ୍‌ର ଶୁଭ ବେଳାରେ ମା'ଙ୍କର ହୋଇଛି ଆଗମନ.....

ଏହି ପୂତ ଅବସରରେ ମା'ଙ୍କର ପଦ ରବିନ୍ଦରେ
ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ...

ଆଜି

ଦେଶର ସେବାରେ ଉତ୍ସର୍ଗୀକୃତ ୨୫ ବର୍ଷ
ଅତିକ୍ରମ କରି ପାଳନ କରୁଛୁଁ
ଆମର ରଜତ ଜୟନ୍ତୀ.....

ବିଭବଶାଳୀ ଭାରତବର୍ଷ ଗଠନରେ
ଏହି ୨୫ ବର୍ଷ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରି
ଉନ୍ନତରୁ ଉନ୍ନତତର ଦେଶ ଗଠନ ପାଇଁ
ଅଧିକରୁ ଅଧିକ ଉତ୍ପାଦନ କରି ଚାଲିଛୁ
**ସିମେଣ୍ଟ, ସ୍ପନ ଆର. ସି. ସି. ପାଇପ୍,**
**ପ୍ରିଷ୍ଟ୍ରେସ୍‌ଡ ସିମେଣ୍ଟ କଂକ୍ରିଟ ପୋଲ୍‌ସ୍**
ଓ ଦେଶବିଦେଶ ବଜାରରେ ଆଦୃତ ଆମର
ରିଫ୍ରାକ୍‌ଟୋରିଜ୍...............

ଓଡ଼ିଶା ସିମେଣ୍ଟ ଲିମିଟେଡ
ରାଜଗାଙ୍ଗପୁର-୭୭୦୦୧୭
ଟେଲେକ୍ସ ୦୬୩-୨୪୦

# ଦରବୃଦ୍ଧି - ଏକ ସମସ୍ୟା

ଶ୍ରୀ ବଂଶୀଧର ପାଣିଗ୍ରାହୀ

ବିକାଶୋନ୍ମୁଖୀ ଅର୍ଥନୀତିର ମୂଳ ଲକ୍ଷ୍ୟ ହେଲା ବିକାଶ ଲାଭ କରିବା । ତେଣୁ
ଦରଦାମ ସ୍ଥିରତା ଏହି ଅର୍ଥବ୍ୟବସ୍ଥାର ଏକ ଗୌଣ ଲକ୍ଷ୍ୟ ହୋଇଥାଏ । ଯଦି ବିକାଶୋନ୍ମୁଖୀ
ଅର୍ଥନୀତିରେ ବଜେଟକୁ ସମତୁଲ ରଖିବା, ଆମଦାନୀ ଓ ରପ୍ତାନୀକୁ ସମତୁଲ ରଖିବା ଏବଂ
କେବଳ ଦେଶ ମଧ୍ୟରେ ସଞ୍ଚିତ ହୋଇଥିବା ପରିମାଣର ପୁଞ୍ଜିର ବିନିଯୋଗ କରାଯିବା ଭଳି
ସ୍ଥିରତାର କଠୋର ନିୟମଗୁଡ଼ିକୁ ମାନି ଚଳିବାକୁ ନିଷ୍ପତ୍ତି ନିଆଯାଏ , ତାହାହେଲେ ଏହି ଅର୍ଥ
ବ୍ୟବସ୍ଥାର ବିକାଶ ଲାଭ ସମ୍ଭବ ହେବ ନାହିଁ । ବିକାଶ ଲାଭ କରିବାକୁ ହେଲେ କିଛିଟା ଅସ୍ଥିରତା,
କିଛିଟା ଦର ବୃଦ୍ଧି ସହିବାକୁ ହେବ । ଏହାର କାରଣ ହେଲା , ବିନିଯୋଗ ମାଧ୍ୟମରେ ହିଁ
ଅର୍ଥନୈତିକ ଅଭିବୃଦ୍ଧି ଘଟିଥାଏ ଏବଂ ଦ୍ରବ୍ୟ ଯୋଗାଣର ଯଥେଷ୍ଟ ପୂର୍ବରୁ ବିନିଯୋଗ
ଆୟ ଓ ଚାହିଦା ସୃଷ୍ଟି କରିଥାଏ । ଏହି ପ୍ରକ୍ରିୟା ମଧ୍ୟରେ ଏକ ମୃଦୁ ଦର ବୃଦ୍ଧି ସର୍ବଦୌ ବାଞ୍ଛନୀୟ,
କାରଣ ଏହା ପୁଞ୍ଜି ବିନିଯୋଗ ପାଇଁ ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହିତ କରିଥାଏ । ଏହି ଦୃଷ୍ଟିରୁ
ଭାରତୀୟ ଯୋଜନା କିମ୍ବା ଜନମତ ଦର ବୃଦ୍ଧି ଯୋଗୁଁ କେବେ ବିବ୍ରତ ହୋଇନାହିଁ, ବରଂ ୧୯୫୪ ରୁ
୧୯୬୨ ମଧ୍ୟରେ ବାର୍ଷିକ ହାରାହାରି ଶତକଡ଼ା ୬ ଭାଗ ଦର ବୃଦ୍ଧିକୁ ଏକ ଅତି ସ୍ୱାଭାବିକ
ଘଟଣା ଭାବେ ଗ୍ରହଣ କରି ନିଆ ଯାଇଥିଲା । କିନ୍ତୁ ୧୯୬୨ ପରଠାରୁ ଭାରତରେ ଯେଉଁ
ପ୍ରକାରର ଦ୍ରୁତ ଦରଦାମ ବୃଦ୍ଧି ଘଟିବାରେ ଲାଗିଲା ସେଥିରେ ସମସ୍ତେ ଆତଙ୍କିତ ହେଲେ ।
ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକ ପ୍ରକାର ସ୍ଥାଣୁ ଅବସ୍ଥା, ପ୍ରତିରକ୍ଷା ବ୍ୟୟ ବୃଦ୍ଧି ଏବଂ ଭୁଲ
ବାଟରେ ପୁଞ୍ଜି ବିନିଯୋଗ ଆଦି । ଏହାର ଯାହା କାରଣ ଥାଉନା କାହିଁକି ଦରଦାମ ବୃଦ୍ଧି କ୍ରମେ
ଗୁରୁତର ଆକାର ଧାରଣ କଲା ଏବଂ ୧୯୭୪ ବେଳକୁ ଭାରତରେ ବାର୍ଷିକ ଶତକଡ଼ା ୨୭ ହାରରେ
ଦରବୃଦ୍ଧି ଘଟୁଥିଲା । ଏଠାରେ ଗୋଟିଏ କଥା ସ୍ମରଣ କରାଇ ଦିଆଯାଇପାରେ ଯେ ଦରଦାମ
ବୃଦ୍ଧି ଯେ କେବଳ ଏହି ସମୟ କାଳ ମଧ୍ୟରେ ଭାରତରେ ଘଟୁଥିଲା ତାହା ନୁହେଁ, ଏହା ବର୍ତ୍ତମାନ
ଏକ ଆନ୍ତର୍ଜାତିକ ସମସ୍ୟା ହୋଇ ଦେଖା ଦେଇଛି । ୧୯୭୪ ରେ ଭାରତରେ ଶତକଡ଼ା ୨୭
ହାରରେ ଦରବୃଦ୍ଧି ଘଟୁଥିବା ବେଳେ ଦକ୍ଷିଣ କୋରିଆରେ ଶତକଡ଼ା ୨୦ ଭାଗ, ପାକିସ୍ତାନରେ
ଶତକଡ଼ା ୨୩, ଫିଲିପାଇନ୍ସରେ ଶତକଡ଼ା ୫୪, ଲାଟିନ ଆମେରିକୀୟ ଦେଶଗୁଡ଼ିକରେ
ଶତକଡ଼ା ୨୦ ଏବଂ ଯୁଗୋସ୍ଲାଭିଆ ଭଳି କମ୍ୟୁନିଷ୍ଟ ଦେଶରେ ଶତକଡ଼ା ୧୯ ଭାଗ ଦରଦାମ
ବୃଦ୍ଧି ଘଟୁଥିଲା । ଏପରିକି ପୃଥିବୀର ଧନୀ ଦେଶମାନଙ୍କ ମଧ୍ୟରୁ ଯୁକ୍ତରାଷ୍ଟ୍ର ଆମେରିକାରେ ବାର୍ଷିକ
ଶତକଡ଼ା ୧୧ ଭାଗ , ବ୍ରିଟେନରେ ଶତକଡ଼ା ୧୬ , ଫ୍ରାନସରେ ୧୩.୨, ଜାପାନରେ ଶତକଡ଼ା
୨୪ ଭାଗ ଏବଂ କାନାଡ଼ାରେ ଶତକଡ଼ା ୨୭ ଭାଗ ଦରବୃଦ୍ଧି ଏହି ବର୍ଷ ଘଟିଥିଲା । ଇଟାଲି
ଓ ଗ୍ରୀସରେ ଏହି ବାର୍ଷିକ ବୃଦ୍ଧି ହାର ଥିଲା ଯଥାକ୍ରମେ ଶତକଡ଼ା ୧୭ ଭାଗ ଓ ୫୧ ଭାଗ ।
ତେଣୁ ଦରବୃଦ୍ଧି ଏକ ପୃଥିବୀବ୍ୟାପୀ ସମସ୍ୟା ହୋଇପଡ଼ିଛି ।

ଏହିଭଳି ଗୋଟିଏ ପୃଥିବୀ ବ୍ୟାପୀ ସମସ୍ୟାର କାରଣ କେବଳ ଗୋଟିଏ ବୋଲି କୁହା ଯାଇ ନ ପାରେ । କିନ୍ତୁ ଏହି ସମସ୍ୟା ମୂଳରେ ଦୁଇଟି ପ୍ରଧାନ କାରଣ ରହିଛି । ଗୋଟିଏ ହେଲା, ଶିଳ୍ପୋନ୍ନତ ଦେଶମାନଙ୍କରେ ଥିବା ସରକାରମାନେ ପୂର୍ଣ୍ଣ କର୍ମସଂସ୍ଥାନ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଦ୍ୱିତୀୟଟି ହେଲା, ଅନ୍ନୋନ୍ନତ ଦେଶଗୁଡ଼ିକରେ ଥିବା ସରକାରମାନଙ୍କର ସାଧାରଣ ଜୀବନ-ଧାରଣର ମାନ ବୃଦ୍ଧି କରିବା ଲକ୍ଷ୍ୟରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାର ବ୍ୟାକୁଳତା । ଏହି ଲକ୍ଷ୍ୟ-ଗୁଡ଼ିକୁ ହାସଲ କରିବା ପାଇଁ ଏହି ଉଭୟ ପ୍ରକାର ଦେଶରେ ଥିବା ସରକାରମାନେ ନିଅଣ୍ଟିଆ ଅର୍ଥ ବ୍ୟବସ୍ଥାର ଆଶ୍ରୟ ନେଇଛନ୍ତି । ଏହା ଫଳରେ ମୁଦ୍ରା ଯୋଗାଣ, ଉତ୍ପାଦନ ଓ ଓ ବାଣିଜ୍ୟ ଚାହିଦା ଠାରୁ ଯଥେଷ୍ଟ ଅଧିକ ବୃଦ୍ଧି ପାଇଛି । ତେଣୁ ଦରଦାମ ବୃଦ୍ଧିର ମୂଳ କାରଣ ହେଲା, ନିଅଣ୍ଟିଆ ଅର୍ଥ ବ୍ୟବସ୍ଥା ଓ ମୁଦ୍ରା ଯୋଗାଣ ବୃଦ୍ଧି । ମୁଦ୍ରା ଯୋଗାଣ ବୃଦ୍ଧି ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରୁଥିବା ଦେଶଗୁଡ଼ିକୁ ବିଶେଷ ଅସୁବିଧାରେ ପକାଇ ନ ଥିଲା । ନିମ୍ନ ଅଭିବୃଦ୍ଧି ହାର ସଂପର୍ଣ୍ଣ ଦେଶମାନେ ଏହାର କୁପରିଣତି ଭୋଗ କରୁଥିଲେ । ଉଦାହରଣ ସ୍ୱରୂପ, ୧୯୭୨ ମସିହା ପର୍ଯ୍ୟନ୍ତ ଜାପାନର କୌଣସି ଦରବୃଦ୍ଧି ଜନିତ ସମସ୍ୟା ନ ଥିଲା । ଏହି ପ୍ରଧାନ କାରଣଗୁଡ଼ିକୁ ବାଦଦେଲେ ତିନୋଟି ଆନ୍ତର୍ଜାତିକ କାରଣ ମଧ୍ୟ ପୃଥିବୀ ସାରା ଦରବୃଦ୍ଧି ଘଟାଇବାରେ ବିଶେଷ ସହାୟକ ହୋଇଥିଲା । ପ୍ରଥମ ହେଲା, ୧୯୭୨ ଓ ୧୯୭୩ ରେ ଏସୀୟ ଓ ଆଫ୍ରିକୀୟ ଉତ୍କଟ ମରୁଡ଼ି ସମସ୍ୟା ମୁଖ୍ୟ ଖାଦ୍ୟଶସ୍ୟ ରପ୍ତାନୀ-କାରୀ ଦେଶଗୁଡ଼ିକର ମହଜୁଦ ଖାଦ୍ୟ . ପରିମାଣକୁ ବହୁଳ ଭାବେ ହ୍ରାସ କଲା । ଫଳରେ ଖାଦ୍ୟଶସ୍ୟ ଓ ସମସ୍ତ କୃଷିଜାତ ଉତ୍ପାଦନର ଦରବୃଦ୍ଧି ଘଟିଲା । ଦ୍ୱିତୀୟରେ, ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଏକା-ଥରକେ ତୈଳ ଦର ଚାରି ଗୁଣ ବୃଦ୍ଧି କରି ଦେଲେ । ଏହା ଫଳରେ ତୈଳ ଆମଦାନୀକାରୀ ଦେଶଗୁଡ଼ିକରେ ଶିଳ୍ପ ପରିବ୍ୟୟ ବୃଦ୍ଧି ପାଇଲା ଏବଂ କୃଷି ପ୍ରଧାନ ଦେଶଗୁଡ଼ିକରେ ସାର ଓ ବିଦ୍ୟୁତ ଶକ୍ତି ଅଭାବ ହେଲା ଓ ସଡ଼କ ପରି ବହନ ବ୍ୟବସ୍ଥା ଅତି ବ୍ୟୟସାପେକ୍ଷ ହୋଇ-ପଡ଼ିଲା । ଏସବୁର ପ୍ରତିଫଳନ ହେଲା ସାଧାରଣ ଦରଦାମ ସ୍ତରରେ । ତୃତୀୟରେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ପ୍ରବର୍ତ୍ତନ କରାଯାଇଥିବା ଆନ୍ତର୍ଜାତିକ ମୁଦ୍ରାବ୍ୟବସ୍ଥା ବିଫଳତା ବିଭିନ୍ନ ଦେଶର ମୁଦ୍ରା ମୂଲ୍ୟ ହ୍ରାସ ଘଟାଇଲା । ବିଭିନ୍ନ ଦେଶର ମୁଦ୍ରା ମୂଲ୍ୟ ହ୍ରାସ ଦରବୃଦ୍ଧି ଜନିତ ଚାପକୁ ଆହୁରି ବୃଦ୍ଧିକଲା ।

ତେଣୁ ଦେଖାଯାଉଛି ଯେ ବର୍ତ୍ତମାନ ଘଟୁଥିବା ଦରବୃଦ୍ଧିର ଉଭୟ ମୁଦ୍ରାଗତ ଓ ଅଣ–ମୁଦ୍ରାଗତ କାରଣ ରହିଛି ଏବଂ ଉଭୟ ଜାତୀୟ ଓ ଆନ୍ତର୍ଜାତିକ କାରଣମାନ ମଧ୍ୟ ରହିଛି । ଏହି 'ସମସ୍ୟା ବିଶ୍ୱ ବ୍ୟାପୀ ହୋଇଥିଲେ ମଧ୍ୟ ପ୍ରତ୍ୟେକ ସରକାର ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏହାର ସମାଧାନ ସମ୍ଭବ ହେବନାହିଁ । ଆମ ଦେଶରେ ଘଟୁଥିବା ଦରବୃଦ୍ଧି ଏବଂ ତାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ବ୍ୟବସ୍ଥାକୁ ଏହି ବ୍ୟାପକ ପୃଷ୍ଠଭୂମିରେ ବିଚାର କରିବାକୁ ହେବ ।

ଭାରତରେ ଘଟୁଥିବା ଦରଦାମ ବୃଦ୍ଧି ଗତ କେତେ ବର୍ଷ ହେଲା ଜନସାଧାରଣଙ୍କୁ ଅସ୍ଥିର କରି ସାରିଲାଣି ଏବଂ ଜାତୀୟ ସ୍ତରରେ ବା ରାଜ୍ୟ ସ୍ତରୀୟ ନିର୍ବାଚନ ଲଢ଼େଇରେ ଏହାକୁ ଏକ ବଡ଼ ସମସ୍ୟା ରୂପେ ମଧ୍ୟ ଚିତ୍ରଣ କରାଯାଉଛି । ଆମ ଦେଶରେ ଘଟୁଥିବା ଦର-ବୃଦ୍ଧି ପାଇଁ ଆନ୍ତର୍ଜାତିକ କାରଣ ଯେତିକି ପରିମାଣରେ ଦାୟୀ ହୋଇ ଥାଉନା କାହିଁକି, ଆଭ୍ୟନ୍ତରୀଣ କାରଣ ଗୁଡ଼ିକ ଦେଶ ମଧ୍ୟରେ ବହୁଳ ଦରବୃଦ୍ଧି ଘଟାଇବାରେ ଦାୟୀ । ଏହି କାରଣଗୁଡ଼ିକୁ ପ୍ରଧାନତଃ ଚାରି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ, ମୁଦ୍ରା ପରିମାଣରେ ଅଭୂତପୂର୍ବ ବୃଦ୍ଧି ଘଟିବା ଯୋଗୁଁ ସରକାର ଓ ଜନସାଧାରଣ ଉଭୟଙ୍କ ହାତରେ ପ୍ରଚୁର ମୁଦ୍ରା ଠୁଳ ହେଉଛି ଏବଂ ବ୍ୟୟ ପ୍ରଚୁର ଭାବେ ବୃଦ୍ଧି ପାଇବାରେ ଲାଗିଛି । ଦ୍ୱିତୀୟତଃ, କେତେକ ଲୋକଙ୍କ ପାଖେ ବିପୁଳ ପରିମାଣର ହିସାବ ବହିର୍ଭୂତ ଧନ ବା କଳା ଧନ ଠୁଳ ହୋଇ ରହିବାରୁ ସେମାନେ ବିଭିନ୍ନ ଦ୍ରବ୍ୟ ଚାହିଦା କରିଥାନ୍ତି ଓ ଏହା ଦର ବୃଦ୍ଧି ଘଟାଇଥାଏ । ତୃତୀୟତଃ, ବିଭିନ୍ନ ପ୍ରକାରର ପରୋକ୍ଷ କର ଏବଂ ଉତ୍ପାଦିତା ବୃଦ୍ଧି ନ ଘଟି ଶ୍ରମିକମାନଙ୍କର ମଜୁରୀ ଓ ଅନ୍ୟାନ୍ୟ ସୁଖସୁବିଧା ବୃଦ୍ଧି ଯୋଗୁଁ ଦର ବୃଦ୍ଧି ଘଟିଥାଏ । ପରିଶେଷରେ, ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ମନ୍ଥର ଉତ୍ପାଦନ ବୃଦ୍ଧି ପରିସ୍ଥିତିକୁ ଆହୁରି ଜଟିଳ କରି ଦେଇଛି । ଦର ବୃଦ୍ଧିକୁ ଆୟତ୍ତ କରିବାକୁ ହେଲେ ଉପରୋକ୍ତ ଚାରିଗୋଟି ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ । କିନ୍ତୁ ସଂକ୍ଷେପରେ କହିଲେ, କେବଳ ଅଧିକରୁ ଅଧିକ ଉତ୍ପାଦନହିଁ ଦରଦାମ' ସମସ୍ୟାର ଅସଲ ସମାଧାନ । ଆଜି ସରକାର ଉପଲବ୍ଧି କରି ସାରିଛନ୍ତି ଯେ ଏ ସମସ୍ୟାର ସମାଧାନ ପାଇଁ ଆମକୁ ସର୍ବନିମ୍ନ ସ୍ତରରୁ ଯୋଜନା କରିବାକୁ ହେବ ଏବଂ ଏହି ଯୋଜନା କୃଷି ଓ ଗ୍ରାମ୍ୟ ବିକାଶ, ଜଳ ସେଚନ ଓ ବିଦ୍ୟୁତ ପରି ଯୋଜନା ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବିକାଶ ଓ ଆତ୍ମନିଯୁକ୍ତି ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଆରୋପ କରିବ । ଜାତୀୟ ସମ୍ବଳ, ସଂସ୍କୃତି ଓ ପ୍ରତିଭା ସହିତ ଖାପ ଖାଇବା ଭଳି ନିଜସ୍ୱ ହୋଇଥିବା ଯୋଜନା ପ୍ରଣୟନ ଦର ବୃଦ୍ଧିକୁ ରୋକିବା ସଂଗେ ସଂଗେ ଜାତୀୟ ଇତିହାସରେ ଏକ ନୂତନ ଅଧ୍ୟାୟର ସୂତ୍ରପାତ କରିବ– ଏହା ଆଶା କରାଯାଇପାରେ ।

ଅଧ୍ୟାପକ, ଅର୍ଥନୀତି ବିଭାଗ
ବକ୍ସି ଜଗବନ୍ଧୁ କଲେଜ, ଭୁବନେଶ୍ୱର

# ଗାଁ ଟାଉଟର – ଏକ ସମୀକ୍ଷା

ଶ୍ରୀ ଲଳିତ ପଟ୍ଟଯୋଷୀ

ଆଜି ଗାଁ ଗହଳିରୁ ଆରମ୍ଭ କରି ସହର, ନଗର ସବୁଆଡ଼େ ଟାଉଟରମାନଙ୍କର କାର୍ଯ୍ୟକଳାପ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏହି ସମ୍ପ୍ରଦାୟର ଅଭ୍ୟୁଦୟର ବୋଧହୁଏ କିଛି ନିର୍ଦ୍ଦିଷ୍ଟ ଶକାବ୍ଦ ବା ମସିହା ନାହିଁ । ପୁଣି ଏମାନଙ୍କୁ ସଂପ୍ରଦାୟ ବା ଗୋଷ୍ଠୀଭୁକ୍ତ କରିଦେଇ ମୁଁ ବୋଧହୁଏ ଭୁଲ କହିଛି, କାରଣ ଏମାନଙ୍କ ମଧ୍ୟରେ କୁତ୍ରାପି ଅନାବିଳ ଏକତା ଦେଖାଯାଇ ନ ଥାଏ । ତଥାପି ଏମାନଙ୍କୁ ଏକ ଜାତିଭୁକ୍ତ କରିବା ପଛରେ ଏଇ ଯୁକ୍ତି ଅଛି ଯେ ସବୁ ଟାଉଟରଙ୍କର କାର୍ଯ୍ୟ ଅନେକ ବହୁତ ସମାନ । ରାଜା ରାଜୁଡ଼ା ଶାସନ ସମୟରେ ତୋଷାମଦକାରୀ ଓ ଚାଟୁକାରମାନେ ଗାଁ ଗହଳିରେ ଥିବା ରାଜ-ପ୍ରତିନିଧିମାନେହିଁ ଏହି ଭୂମିକାରେ ଥିଲେ । ସ୍ୱାଧୀନତା ପୂର୍ବବର୍ତ୍ତୀ ଜମିଦାରୀ, ଦେଓ୍ୱାନୀ ଶାସନରେ ସେମାନଙ୍କର ପାଖ ଲୋକମାନେ ମଫସଲର ନିରୀହ ଲୋକଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଥିଲେ । ଦେଶ ସ୍ୱାଧୀନତା ଲାଭ କରିବା ପରେ କଂଗ୍ରେସ ଶାସନରେ ଆଶ୍ଚର୍ଯ୍ୟ କଥା ବହୁ ଖଦଡ଼ଧାରୀ ଟାଉଟର ପାଲଟିଗଲେ । ଏହି ସମୟରେ ଏହି ଗୋଷ୍ଠୀର କାର୍ଯ୍ୟ ଦେଶର ପ୍ରତି ସ୍ତରକୁ ବ୍ୟାପିଗଲା । ଗାଁର ସାଧାରଣ ଗୃହ ବିବାଦଠାରୁ ଆରମ୍ଭ କରି ରାଜଧାନୀରେ କୌଣସି ବ୍ୟବସାୟୀକୁ ଲାଇସେନ୍ସ, ପରମିଟ୍ ଦେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର କାମରେ ଏମାନଙ୍କର ଦଖଲ ଅଛି । ଦେଶ ସ୍ୱାଧୀନତା ଲାଭ କରିବାର ତିରିଶ ବର୍ଷ ପରେ ମଧ୍ୟ ଆଜି କୌଣସି ଗାଁ'କୁ ଗଲେ ଗାଁମାନଙ୍କରେ ଟାଉଟରମାନେ କିପରି ପଲ୍ଲୀପ୍ରାଣର ଶାନ୍ତ ନିରୀହତା ଉପରେ ବିଷମଞ୍ଜି ବୁଣିଦେଇଛନ୍ତି, ତା'ର ପ୍ରତ୍ୟକ୍ଷ ପ୍ରମାଣ ସବୁ ମିଳେ । ଆଜି ଗ୍ରାମ୍ୟ ସାଧାରଣ ଜୀବନଯାପନର ସ୍ରୋତକୁ ଏହି ଟାଉଟରମାନେହିଁ ବିପଥଗାମୀ କରାଉଛନ୍ତି । ଅନେକ ଗାଁରେ ଗଣ୍ଡଗୋଳ, ମାରପିଟ୍, ମାମଲାମକଦ୍ଦମା ଲାଗିରହି ଗାଁ ଲୋକଙ୍କର ଦୁର୍ବଳ ଆର୍ଥିକ ଅବସ୍ଥାକୁ ଦୁର୍ବଳତର କରିବା ସଙ୍ଗେ ସଙ୍ଗେ ସାଧାରଣ ଜୀବନପ୍ରଣାଳୀରେ ରହିଥିବା ସହଯୋଗ ମନୋଭାବକୁ ସମସ୍ତଙ୍କ ମନରୁ ଦୂରେଇ ନେଇଛି । ଗାଁର ଶାନ୍ତ ବାତାବରଣ ଆଜି ହିଂସା, ବିଦ୍ୱେଷ, ଘୃଣା, ଈର୍ଷାରେ ହୋଇଛି କଳୁଷିତ । ଗାଁ ଟାଉଟରମାନଙ୍କର କୁପ୍ରରୋଚନା, ଷଡ଼ଯନ୍ତ୍ର, ଖଳବୁଦ୍ଧି ଗ୍ରାମ୍ୟଜୀବନର ସାମାଜିକ, ଅର୍ଥନୈତିକ ସ୍ଥିତାବସ୍ଥାକୁ ସର୍ବଦା ଧ୍ୱଂସକରି ଚାଲିଛି ।

ପ୍ରତ୍ୟେକ ଗ୍ରାମରେ ଆଜିକାଲି ଗ୍ରାମ୍ୟବିବାଦ ଭୀଷଣ ଭାବରେ ମୁଣ୍ଡ ଟେକିଛି । ଭାଇଭାଇ ମଧ୍ୟରେ ଜମିବିବାଦ, ଜମିମାଲିକ ଓ ଭାଗଚାଷୀ ମଧ୍ୟରେ ଜମି ଉପରେ ସ୍ୱତ୍ୱ ନେଇ ଗଣ୍ଡଗୋଳ, ପଡ଼ୋଶୀମାନଙ୍କ ମଧ୍ୟରେ ଘରବାଡ଼ି ନେଇ କଳହ ପ୍ରଭୃତି ଯାବତୀୟ ବିବାଦ ବହୁ କ୍ଷେତ୍ରରେ ସମୂହ ସ୍ତରକୁ ବ୍ୟାପି ଯାଉଛି । ସମଗ୍ର ଗାଁର ଅଧିବାସୀମାନେ ଭାଗ ଭାଗ ହୋଇ ବିଭକ୍ତ ହୋଇ ଯାଉଛନ୍ତି । ଏ ସମସ୍ତ ପଛରେ ଅଛନ୍ତି ଗାଁର ମୁଷ୍ଟିମେୟ ଟାଉଟର କେଇଜଣ

ସେମାନଙ୍କର ପ୍ରରୋଚନାରେ ସରଳ ଲୋକଙ୍କ ମଧ୍ୟରେ ସାଧାରଣ ମତପାର୍ଥକ୍ୟ ତୀବ୍ର କଳହରେ ପରିଣତ ହେଉଛି । ସେଥିରେ ସୃଷ୍ଟି ହେଉଛି ହିଂସାକାଣ୍ଡ ଓ ଶେଷରେ ରକ୍ତପାତ ମଧ୍ୟ ହେଉଛି । ଏହା ସଂପୂର୍ଣ୍ଣ ଭାବରେ ସାମାଜିକ ନିରାପତ୍ତାକୁ ବିପନ୍ନ କରୁଛି । ପାରସ୍ପରିକ ବିବାଦ କେବଳ ଯେ' ମାରପିଟ ମଧ୍ୟରେ ରହୁଛି ତା' ନୁହେଁ । ଏହା ଥାନା, କୋର୍ଟ କଚେରୀ ଉପରେ ଅର୍ଥସାପେକ୍ଷ ପ୍ରତିଦ୍ୱନ୍ଦ୍ୱିତାରେ ପହଞ୍ଚୁଛି । ବହୁକ୍ଷେତ୍ରରେ କୋର୍ଟରେ ସମସ୍ତ ମାଲି ମକଦ୍ଦମା ଏଇ ଟାଉଟରମାନଙ୍କ ଦ୍ୱାରା ପରିଚାଳିତ ହେଉଛି । କାରଣ ଗ୍ରାମର ସରଳ ଲୋକେ ସାଧାରଣତଃ ଥାନା, କୋର୍ଟ ସହ ସଂପର୍କ ରଖିବାକୁ ଭୟ କରନ୍ତି । କିନ୍ତୁ ଟାଉଟରଙ୍କର ଏଇ ଦୁଇଟି ସ୍ଥାନ ସହ ଭଲ ସଂପର୍କ ଥାଏ । ଏପରିକି ସଂପୃକ୍ତ ଦୁଇପକ୍ଷକୁ ଦୁଇଜଣ ଟାଉଟର ସମର୍ଥନ କରି ମନ୍ତ୍ରଣା ଦିଅନ୍ତି । କଳହରତ ଦୁଇ ଗୋଷ୍ଠୀ ଏଇ ଟାଉଟର ମାନଙ୍କର ଶୀକାର ହୁଅନ୍ତି । ତା'ପରେ ଚାଲେ ଟଙ୍କାର ଖେଳ । ସାଧାରଣ ପରିବାରମାନଙ୍କର ଆର୍ଥୀକ ସମ୍ବଳ ଶେଷ ହୁଏ, ଆୟ ବୃଦ୍ଧି ହୁଏ ଓକିଲମାନଙ୍କର, ଉତ୍କୋଚ ନେଉଥିବା ପୁଲିସର ସର୍ବୋପରି ଏଇ ଟାଉଟରମାନଙ୍କର ଏହା ଅତ୍ୟନ୍ତ ପରିତାପର ବିଷୟ ଯେ' ଗାଁର ସାଧାରଣ ଲୋକେ ନିଜ ପିଲାଙ୍କ ସକାଶେ ପାଠ୍ୟପୁସ୍ତକ କିଣିପାରୁନଥିବା ସ୍ଥଳେ, କଂସା ବାସନ ବନ୍ଧା ପକାଇ ଟଙ୍କା ଧରି କଚେରୀକୁ ଦଉଡୁଛନ୍ତି ।

ମଫସଲର ବହୁଲୋକ ଅଶିକ୍ଷିତ, କୁସଂସ୍କାର, ଭୟ, ଅଜ୍ଞତା ସେମାନଙ୍କ ମନକୁ ଅନ୍ଧକାର କରି ରଖିଛି । ସ୍ୱାଧୀନ ଦେଶର ନାଗରିକ ଭାବରେ ସମାଜର ଆଉ ସ୍ତରିଜଣଙ୍କ ସହ ଅଗ୍ରଗତି କରିବାର ଆକାଂକ୍ଷା ନେଇ ପାଦମିଳେଇ ଚାଲିବା ସେମାନଙ୍କ ଦ୍ୱାରା ହୋଇପାରୁନି । କେବଳ ନିର୍ବାଚନର ଫଳାଫଳରୁ ସେମାନଙ୍କର ଗଣତାନ୍ତ୍ରିକ ଚେତନାର ଅଭିବୃଦ୍ଧି ଘଟିଛି ବୋଲି ଭାବିବା ଭୁଲ୍ ହେବ । କାରଣ ଏପର୍ଯ୍ୟନ୍ତ ବି ସେମାନେ ଖଳ ଟାଉଟରମାନଙ୍କ ବୁଦ୍ଧିରେ ପରିଚାଳିତ ହୋଇ ନିଜର ତଥା ସମାଜର ଉନ୍ନତିର ଗତିକୁ ବାଧା ଦେଉଛନ୍ତି । କୌଣସି ମାମଲା ନେଇ କୋର୍ଟ ବା ପୁଲିସ୍ ଥାନାର କାମରେ ଏଇ ଟାଉଟରମାନେ ଲୋକଙ୍କ ମନରେ ଭୟ ସୃଷ୍ଟିକରି ସେମାନଙ୍କୁ ଶୋଷଣ କରନ୍ତି । ଟାଉଟରମାନଙ୍କ ହାତରେ ଏମାନେ ଖେଳନା ହେବାର କାରଣ ଏମାନଙ୍କର ଶିକ୍ଷାର ଅଭାବ । ସମଗ୍ର ଦେଶରେ ଅଶିକ୍ଷା, କୁସଂସ୍କାର, ଭୟ ଯେ ପର୍ଯ୍ୟନ୍ତ ବ୍ୟାପି ରହିଛି, ସେ ପର୍ଯ୍ୟନ୍ତ ଏଇ ଟାଉଟର ଗୋଷ୍ଠୀର ମୂଳୋତ୍ପାଟନ ଚିନ୍ତା କରିବା ଅସମ୍ଭବ ।

ଆମ ଦେଶର ଯୁଆଡ଼େ ଚାହିଁବ ଦାରିଦ୍ର୍ୟର କରୁଣ ଦୃଶ୍ୟ ଖୁବ୍ ବିକଟ ରୂପ ଧାରଣ କରି ରହିଛି । "ଅନ୍ନଚିନ୍ତା ଚମତ୍କାର", ଏତେ ପ୍ରଚଣ୍ଡ ଭାବରେ ଲୋକଙ୍କୁ କାବୋଡ଼ି ଧରିଛି ଯେ ଲୋକେ ଏଇ ସମସ୍ୟାଟିର ସୀମିତ ବୃତ୍ତ ମଧ୍ୟରେ ଆବଦ୍ଧ ରହି ଯାଉଛନ୍ତି । ସୀମା ଡେଇଁଲେ ଅର୍ଥ ଆବଶ୍ୟକ, କୌଣସିମତେ ଗଣ୍ଡେ ଖାଇବାର ବ୍ୟବସ୍ଥା କରିବାରେ ସବୁ କିଛିର ଶେଷ । ଉପରକୁ ଉଠିବାରେ ଅନେକ ବାଧା । ଉଦ୍ୟମର ଅଭାବ, ଅର୍ଥାଭାବ, ପ୍ରତିକୂଳ ପରିବେଶ ସବୁକିଛି ମଧ୍ୟରେ ସାଧାରଣ ମଣିଷଟି ଆଖି ବୁଜି ରହିଯିବାକୁ ଚାହୁଁଛି । ଦାରିଦ୍ର୍ୟ ଯେପରି ତା'ର ଚିରକାଳ ସାଥୀ, ଭୟ ଯେପରି ତା'ର ଶିକ୍ଷାଗତ ଯୋଗ୍ୟତା— ଏ ସମସ୍ତ ଦ୍ୱାରା ନିପିଡ଼ିତ ତା'ର ବିଚାରବୋଧଟି ଏକ ମୃତ ବିବେକ ଛଡ଼ା ଆଉକିଛି ନୁହେଁ । ଏହାପରେ ସେମାନେ ଟାଉଟର ନାମକ ଧୂର୍ତ୍ତ ଜୀବଟିର କ୍ରୀଡ଼ା ପୁତ୍ତଳିକା ହେବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ଏଠାରେ ମୁଖ୍ୟତଃ ଗାଁରେ ମୁଷ୍ଟିମେୟ ଟାଉଟରଙ୍କର ଭୂମିକା ସଂପର୍କରେ ଆଲୋଚନା କରାଯାଉଛି । ଆଜିକାଲି ଗ୍ରାମାଞ୍ଚଳରେ ଟାଉଟରମାନଙ୍କଦ୍ୱାରା ହରିଜନ, ଆଦିବାସୀ-ମାନେ କିପରି ନିଷ୍ପେଷିତ ହେଉଛନ୍ତି, ତାହାର ଦୃଷ୍ଟାନ୍ତସବୁ ବର୍ତ୍ତମାନ କୋର୍ଟ ମାନଙ୍କରେ ଚାଲିଥିବା ଫୌଜଦାରୀ ମାମଲାର ରେକର୍ଡ ଦେଖିଲେ ଜଣାପଡ଼ିବ । ଅନେକ ଗ୍ରାମରେ ସବର୍ଣ୍ଣମାନଙ୍କୁ ପ୍ରରୋଚିତ କରି ଏଇ ଟାଉଟରମାନେ ହରିଜନ ଆଦିବାସୀଙ୍କୁ ବାଛନ୍ଦ କରି ନାନା ଉପାୟରେ ହଇରାଣ କରିବାର ସତ୍ୟ ଘଟଣାସବୁ ଘଟୁଛି । ମୁଁ ଏଠାରେ ଗୋଟିଏ ସତ୍ୟ ଘଟଣା ଉଲ୍ଲେଖ କରୁଛି । ଏହା ଘଟିଥିଲା ପ୍ରାୟ ଦୁଇବର୍ଷ ତଳେ । ଗୋଟିଏ ଗାଁର ଜଣେ ମୁଖିଆ ଟାଉଟର ଗାଁର ହରିଜନ ଆଦିବାସୀ ସଂପ୍ରଦାୟଙ୍କୁ ହାତରେ ରଖି ଗାଁ ମୁଣ୍ଡରେ ଯାଇଥିବା ରାଜପଥ ଉପରେ ରାତିରେ ଯାଉଥିବା ଏକ ଚାଉଳ ଜିପ୍‌କୁ ରାସ୍ତାରେ କାଠଗଡ଼ ପକାଇ ଚାଉଳ ବସ୍ତା ସବୁ ଲୁଟ୍ କଲେ । ଚାଉଳ ରହିଲା ଟାଉଟରଙ୍କ ଘରେ । କଥାଟା ଖବରକାଗଜରେ ବାହାରିଲା । ପୁଲିସ୍ ନିରୀହ ଆଦୀବାସୀଙ୍କୁ ଗିରଫ୍‌କରି କେଶ୍ ଦେଲା । ଶେଷରେ ସଂପୃକ୍ତ ଟାଉଟରଟି ଆଦିବାସୀମାନଙ୍କ ପକ୍ଷ ତ୍ୟାଗକରି ସବର୍ଣ୍ଣମାନଙ୍କୁ ଏକଜୁଟ୍‌କରି ହରିଜନମାନଙ୍କୁ ହଇରାଣ କରୁଛି । ଫାଇଦା ଉଠାଇଲା ଟାଉଟରଟି, କ୍ଷତି ସହୁଛନ୍ତି ନିରୀହ, ଅଶିକ୍ଷିତ ଲୋକେ ।

ଏତଦ୍ ବ୍ୟତୀତ ବହୁ ଗାଁରେ ଯେକୌଣସି ଉନ୍ନୟନ ମଳକ କାର୍ଯ୍ୟ ସକାଶେ ଆଦାୟ କରାଯାଉଥିବା ଅର୍ଥକୁ ଗାଁର ଟାଉଟର ଆତ୍ମସାତ୍ କରିଦେବାର ଅଭିଯୋଗ ହୁଏ । ସମୂହ ପାଣ୍ଠିର ସର୍ବେସର୍ବା ହୋଇ ଟାଉଟରମାନେ ଆଗୁସାର ହୋଇ ସମସ୍ତ ଦାୟିତ୍ୱ ନିଜ ହାତକୁ ନିଅନ୍ତି ଓ ମୂର୍ଖଲୋକଙ୍କ ଆଖିରେ ଧୂଳି ଦେଇ ନିଜେ ସୁବିଧା ଉଠାଇ ନିଅନ୍ତି । ବାସ୍ତବିକ୍ ଟାଉଟରମାନେ ହେଲେ ନିତାନ୍ତଭାବେ ସ୍ୱାର୍ଥପର । ସ୍ୱାର୍ଥ ହାସଲ ପାଇଁ ସେମାନେ ସବୁ ଅପକର୍ମର ନାୟକ ହୋଇପାରନ୍ତି ।

ଗାଁ ଗହଳିର ଟାଉଟରମାନଙ୍କର କାର୍ଯ୍ୟକଳାପର ଏକ ସାମାନ୍ୟ ସୂଚନା ଦିଆଗଲା । ସାଧାରଣ ଜନଜୀବନର ଶୃଙ୍ଖଳାକୁ ଏହା କେତେଦୂର ବ୍ୟାହତ କରୁଛି ଏବଂ ଭାରତ ପରି ଏକ ବିକାଶୋନ୍ମୁଖୀ ଗ୍ରାମବହୁଳ ଦେଶର ପ୍ରଗତିର ପଥରେ ଏହି ମୁଷ୍ଟିମେୟ ଖଳପ୍ରକୃତି ବିଶିଷ୍ଟ ଟାଉଟରମାନେ ଯେ ଗୋଟିଏ ଗୋଟିଏ ପ୍ରତିବନ୍ଧକ, ତାହା ଏହି ସାଧାରଣ ବିବରଣୀରୁ ଅନୁମାନ କରାଯାଇପାରେ । ଏଇ ମାରାତ୍ମକ ବିଷବୃକ୍ଷମାନଙ୍କୁ ଉପାଡନ କରିବାର ଉଦ୍ୟମ ସମସ୍ତଙ୍କର ହେବା ଉଚିତ୍ । ଦେଶର ଚିନ୍ତାଶୀଳ ବୁଦ୍ଧିଜୀବୀ ଗୋଷ୍ଠୀ ଓ ଯୁବସମାଜ ସମାଜରେ ଏହି ଖଳନାୟକମାନଙ୍କର ପ୍ରଭାବକୁ ଲୋପକରିବାକୁ ଆଗୁଆ ହେବା ଉଚିତ୍ । ସର୍ବୋପରି ସରକାର ଆଇନର ସାହାଯ୍ୟରେ ସମାଜର ଏହି ଦୁଷ୍ଟବ୍ରଣ-ମାନଙ୍କୁ ନିପାତ କରିବା ସକାଶେ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ ।


ସାମ୍ବାଦିକ
ଧଉଳିମୁହଁ,
ପୋ : ରାମଚଣ୍ଡୀ, ଜି : ପୁରୀ

●


## ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ଉନ୍ନତ ଧାତୁ ନିର୍ମିତ ଡୋଲଗୁଡ଼ିକୁ ଲୋକପ୍ରିୟ କରିବା ନିମନ୍ତେ ବ୍ୟବସ୍ଥା

ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଏହି ଯୋଜନାରେ କୃଷୀ ତଥା ବ୍ୟବସାୟୀଙ୍କ ସ୍ତରରେ ବୈଜ୍ଞାନିକ ପଦ୍ଧତିରେ ଖାଦ୍ୟଶସ୍ୟ ଯେପରି ସଂରକ୍ଷିତ ହୋଇ ପାରିବ, ସେ ସମ୍ପର୍କରେ ତାଲିମ୍, ପ୍ରଚାର ଓ ପ୍ରଦର୍ଶନୀର ବ୍ୟବସ୍ଥା ରହିଛି । ଏହି ଯୋଜନାକୁ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ପକ୍ଷରୁ ଚଳିତ ବର୍ଷ ଅପ୍ରେଲ ମାସରୁ ଭୁବନେଶ୍ୱରଠାରେ ଖାଦ୍ୟଶସ୍ୟ ସଂରକ୍ଷଣ ଅଭିଯାନ ଦଳ ଗଠିତ ହୋଇଛି । ଉକ୍ତ ଯୋଜନା ଅନୁଯାୟୀ ଏଗ୍ରୋ-ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଦ୍ୱାରା ପ୍ରସ୍ତୁତ ହୋଇଥିବା ଧାତୁ ନିର୍ମିତ ଡୋଲି କୃଷୀମାନଙ୍କୁ ଯୋଗାଇ ଦିଆଯିବ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ କିସମର କୃଷୀଙ୍କୁ ଶତକଡ଼ା ୨୫ ଭାଗ ସବ୍‌ସିଡ଼ି ଦିଆଯିବା ସଙ୍ଗେ ସଙ୍ଗେ କ୍ଷୁଦ୍ର କୃଷୀ ଉନ୍ନୟନ ଯୋଜନା ଏବଂ ନାମମାତ୍ର କୃଷୀ ଉନ୍ନୟନ ଯୋଜନା ପକ୍ଷରୁ ଯଥାକ୍ରମେ ଶତକଡ଼ା ୨୫ ଓ ଶତକଡ଼ା ୩୩ ୧/୩ ଭାଗ ସବ୍‌ସିଡି ଦିଆଯିବାର ବ୍ୟବସ୍ଥା ରହିଛି । ଏତଦ୍‌ବ୍ୟତୀତ ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକରେ "ୟୁନିସେଫ୍" ପକ୍ଷରୁ ଶତକଡ଼ା ୨୫ ଭାଗ ସବ୍‌ସିଡି ଦିଆଯିବ ।

ବର୍ତ୍ତମାନ ୩.୨ କୁଇଣ୍ଟାଲ ଏବଂ ୬.୨ କୁଇଣ୍ଟାଲ ଖାଦ୍ୟଶସ୍ୟ ମହଜୁଦ୍ କରି ରଖିବା ପାଇଁ ଧାତୁ ନିର୍ମିତ ଡୋଲିଗୁଡ଼ିକ ଯଥାକ୍ରମେ ୧୮୬ ଟଙ୍କା ଓ ୨୮୬ ଟଙ୍କାରେ ବିକ୍ରୟ ହେଉଛି । ତେଣୁ ଡୋଲିଗୁଡ଼ିକ ଟିକସ ଇତ୍ୟାଦି ବାଦ୍ ଦେଇ ଯଥାକ୍ରମେ ୧୪୫ ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ପାଇ ପାରିବେ । ସମବାୟ କୃଷକମାନେ ଗୋଟିଏ ଧାତୁ ନିର୍ମିତ ଡୋଲି ୧୪୫ ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ପାଇ ପାରିବେ । ଆଗ୍ରୋ-ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଓ ବ୍ୟାଙ୍କଗୁଡ଼ିକ ମଧ୍ୟ ଏଥିପାଇଁ କୃଷକମାନଙ୍କୁ ଋଣ ଯୋଗାଇ ପାରିବେ । ଆଗ୍ରୋ-ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଓ ସେମାନଙ୍କର ଆଞ୍ଚଳିକ ୟୁନିଟ୍‌ଗୁଡ଼ିକ ଏହି ଧାତୁ ନିର୍ମିତ ଡୋଲି ଯୋଗାଇବାର ବ୍ୟବସ୍ଥା କରିବେ । ପ୍ରତ୍ୟେକ ବ୍ଲକର ସଦର ମହକୁମାରେ ସର୍ବସାଧାରଣଙ୍କ ଜାଣିବା ପାଇଁ ପ୍ରଦର୍ଶନୀର ବ୍ୟବସ୍ଥା ସ୍ୱରୂପ ଗୋଟିଏ ଗୋଟିଏ ଧାତୁ-ଡୋଲି ରଖାଯିବାର ନିଷ୍ପତ୍ତି ହୋଇଛି । ଖାଦ୍ୟଶସ୍ୟ ସଂରକ୍ଷଣ ଅଭିଯାନ ଦଳର ସଭ୍ୟମାନେ ମଧ୍ୟ ଭୁବନେଶ୍ୱର-ଠାରେ ଧାତୁ ନିର୍ମିତ ଡୋଲିରେ ଖାଦ୍ୟଶସ୍ୟ ସଂରକ୍ଷଣ କରି ରଖିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବୈଜ୍ଞାନିକ ପଦ୍ଧତି ବିଷୟ ମଧ୍ୟ ଶିକ୍ଷା ଦେବେ । କୃଷକମାନଙ୍କର ଗୃହମାନଙ୍କରେ "ପୁସା ବାଇନ୍" ଡୋଲି ତିଆରି କରିବା ଦିଗରେ ଏକ ଯୋଜନା କରାଯାଇଛି । ଅଭିଯାନ ଦଳର ସଭ୍ୟମାନେ କୃଷକମାନଙ୍କୁ ବୈଷୟିକ ଜ୍ଞାନ ଓ ଉପଦେଶ ଦେଇ ପାରିବେ । ଖାଦ୍ୟଶସ୍ୟ ସଂରକ୍ଷଣ ଦିଗରେ ଉତ୍ସାହୀ କୃଷକମାନଙ୍କୁ ବ୍ଲକର କୃଷି ସମ୍ପ୍ରସାରଣ ଅଫିସର ଏବଂ ଜିଲ୍ଲା କୃଷି ଅଫିସରଙ୍କ ସହିତ ଯୋଗାଯୋଗ ରଖିବାକୁ ପରାମର୍ଶ ଦିଆଯାଇଛି ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ୧୯୭୭ ନଭେମ୍ବର ୧୨ ତାରିଖ ଦିନ ଗଞ୍ଜାମ ଜିଲ୍ଲା ଭୀଷ୍ମଗିରୀ ଗ୍ରାମ ପଞ୍ଚାୟତ ଭବନ ଉଦ୍‌ଘାଟନ କରୁଛନ୍ତି ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୭ ନଭେମ୍ବର ୨୩ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟ ଉଦ୍‌ଘାଟନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।



ଫୁଲବାଣୀ କଲେଜର ୪୨ତମ ଜାତୀୟ ଶିକ୍ଷା ସେବା ସଂସ୍ଥାର ଛାତ୍ରମାନେ ବୁଢାଙ୍ଗାଠାରେ ଶାଳ-ବୃକ୍ଷ ସଂରକ୍ଷଣରେ କାର୍ଯ୍ୟକରୁଛନ୍ତି ।

# ଗ୍ରାମାଞ୍ଚଳର ବିକାଶ ଶିକ୍ଷା ମାଧ୍ୟମରେ

ଶ୍ରୀ ରଞ୍ଜନ କୁମାର ନାଥ

ଭାରତ ବର୍ଷ ଏକ ଗ୍ରାମବହୁଳ ଦେଶ । ଜାତିର ପିତା ଗାନ୍ଧିଜୀ ଏ ଦେଶ ପାଇଁ ଯେଉଁ ସ୍ୱରାଜ କଥା ଚିନ୍ତା କରୁଥିଲେ, ତାହା ଗ୍ରାମ ସ୍ୱରାଜ ବା ଗ୍ରାମ ରାଜ ବୋଲି ଆଚାର୍ଯ୍ୟ ବିନୋବା ଭାବେ ବର୍ଣ୍ଣନା କରିଛନ୍ତି । ଗାନ୍ଧିଜୀଙ୍କ ଅନ୍ୟତମ ପଟ୍ଟଶିଷ୍ୟ ଶ୍ରୀଯୁକ୍ତ ଜୟପ୍ରକାଶ ନାରାୟଣ ତାଙ୍କର "ସ୍ୱରାଜରୁ ସର୍ବୋଦୟ" ଶୀର୍ଷକ ପ୍ରବନ୍ଧରେ ଏହି ଗ୍ରାମରାଜର ବିଶ୍ଳେଷଣ କରି କହିଛନ୍ତି ଯେ ଗ୍ରାମବହୁଳ ଭାରତ-ବର୍ଷରେ ସ୍ୱରାଜର ଅର୍ଥ ଶାସନର ବିକେନ୍ଦ୍ରୀକରଣ ହୋଇ ଗ୍ରାମଭିତ୍ତିକ ଅର୍ଥନୀତିର ପ୍ରତିଷ୍ଠା । କେନ୍ଦ୍ରରେ ସମସ୍ତ କ୍ଷମତା ଠୁଳ ନ ହୋଇ ଗ୍ରାମାଞ୍ଚଳରେ ଅର୍ଥନୈତିକ ଉନ୍ନୟନ ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ଏକାନ୍ତ କାମ୍ୟ ବୋଲି ସେ ଦର୍ଶାଇଛନ୍ତି । ଗ୍ରାମାଞ୍ଚଳର ବିକାଶ ଦେଶର ସାମୂହିକ ଉନ୍ନୟନର ଏକ ସୁଦୃଢ଼ ଭିତ୍ତି ।

ଗ୍ରାମାଞ୍ଚଳର ଉନ୍ନୟନରେ ଶିକ୍ଷାର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ପୃଥିବୀର ଅନ୍ୟାନ୍ୟ ପ୍ରାନ୍ତରେ ଗ୍ରାମ ଓ ସହରାଞ୍ଚଳ ମଧ୍ୟରେ ବ୍ୟବଧାନ ଦୂରୀକରଣ ଦିଗରେ ଶିକ୍ଷା ସହାୟକ ହୋଇଛି । ଏହି ଶିକ୍ଷାର ତାରତମ୍ୟ ଭାରତବର୍ଷରେ ଗ୍ରାମ ଓ ସହର ମଧ୍ୟରେ ଆକାଶ ପାତାଳ ପ୍ରଭେଦ ସୃଷ୍ଟି କରିଛି । ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଶିକ୍ଷାର ଆଶୁ ପ୍ରସାର ତଥା ଶିକ୍ଷା ପଦ୍ଧତିର ଉନ୍ନୟନ ସର୍ବାଦୌ ଆବଶ୍ୟକ । ଶିକ୍ଷାର ଅଭାବ ହେତୁ ଗ୍ରାମାଞ୍ଚଳରେ ଅର୍ଥନୈତିକ ବିକାଶ ବ୍ୟାହତ ହେଉଛି । ଗ୍ରାମର କୃଷକ ତଥା ଅନ୍ୟାନ୍ୟ କ୍ଷୁଦ୍ରଶିଳ୍ପ ସହିତ ସମ୍ପୃକ୍ତ ଗ୍ରାମବାସୀ ଶିଳ୍ପ ତଥା କୃଷି କ୍ଷେତ୍ରର ପ୍ରଗତି ସହ ପରିଚିତ ହୋଇ ପାରୁନାହିଁ । ବିଭିନ୍ନ ଉନ୍ନତ ଚିନ୍ତାଧାରା ସହିତ ସମ୍ପୃକ୍ତ ହେଲେ କୃଷକ ତଥା ବିଭିନ୍ନ କ୍ଷୁଦ୍ରଶିଳ୍ପ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହୋଇ ପାରିବେ । ଗ୍ରାମାଞ୍ଚଳରେ ଉତ୍ପାଦନ ବୃଦ୍ଧି ନିମନ୍ତେ ଶିକ୍ଷାର ଏହି ଭୂମିକା ଉପଲବ୍ଧି କରି ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ, ସାଂସ୍କୃତିକ ସଂସ୍ଥା ଓ ଭାରତ ସରକାରଙ୍କ ମିଳିତ ସହଯୋଗରେ ଏବେ ଦେଶର ବିଭିନ୍ନ ପ୍ରାନ୍ତରେ Functional Literacy ବା ଉତ୍ପାଦନ ଭିତ୍ତିକ ସାକ୍ଷର ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାନୁଯାୟୀ ବୟସ୍କ ନିରକ୍ଷର କୃଷକମାନଙ୍କୁ ସାକ୍ଷର କରିବା ସମୟରେ କୃଷି ସମ୍ବନ୍ଧୀୟ ଜ୍ଞାନ ପ୍ରଦାନର ବ୍ୟବସ୍ଥା କରାଯାଉଛି । ମୃତ୍ତିକା ପରୀକ୍ଷା କରି ବିଭିନ୍ନ ପ୍ରକାରର ଫସଲର ଉପଯୋଗିତା ବିଚାର କରିବା, ବିଭିନ୍ନ ପ୍ରକାର ସାର ପ୍ରୟୋଗ କରିବା ନିମନ୍ତେ ବିଶେଷଜ୍ଞମାନଙ୍କ ସହ ଯୋଗସୂତ୍ର ରକ୍ଷା କରିବା, ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ଉପଯୁକ୍ତ ଶିକ୍ଷାହିଁ ସର୍ବାଦୌ ଆବଶ୍ୟକ ବୋଲି ଏହି ଯୋଜନାରେ ନିରକ୍ଷରତା ଦୂରୀକରଣ ସଙ୍ଗେ ସଙ୍ଗେ କୃଷି ସମ୍ବନ୍ଧୀୟ ଜ୍ଞାନ ଦେବା ନିମନ୍ତେ ବ୍ୟବସ୍ଥା କରାଯାଉଛି । ନିରକ୍ଷରତା

ଭାରତବର୍ଷରେ ଏକ ବ୍ୟାଧି ଏବଂ ଏହାର ଦୂରୀକରଣ ପାଇଁ ବ୍ୟାପକ ବ୍ୟବସ୍ଥା କରିବା ନିମନ୍ତେ ବର୍ତ୍ତମାନ ମତପ୍ରକାଶ ପାଉଛି । ଏହି ନିରକ୍ଷରତା ଦୂରୀକରଣ ନିମନ୍ତେ ଶିକ୍ଷା ବିଭାଗ ତରଫରୁ ବିଭିନ୍ନ ବ୍ୟବସ୍ଥା କରା- ଯାଇଛି । Functional Literacy ବା ଉତ୍ପାଦନ ଉପଯୋଗୀ ସାକ୍ଷର ଯୋଜନାରେ ଜଣେ ଯୋଜନା- ଅଧିକାରୀଙ୍କ ତତ୍ତ୍ୱାବଧାନରେ ଓ ସହକାରୀ ସ୍କୁଲ ପରିଦର୍ଶକଙ୍କ ସହାୟତାରେ ପ୍ରାଥମିକ ଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟରେ ନିରକ୍ଷର କୃଷକମାନଙ୍କୁ ରାତ୍ରରେ ଶିକ୍ଷାଦାନର ବ୍ୟବସ୍ଥା ହୋଇଅଛି । ଏବଂ ଏହି ସାକ୍ଷର ବ୍ୟବସ୍ଥାରେ କୃଷି ସମ୍ବନ୍ଧୀୟ ଜ୍ଞାନ ସହ କୃଷକମାନଙ୍କୁ ପରିଚିତ କରାଇବା ପାଇଁ ଉଦ୍ୟମ ହେଉଛି । ସେହିପରି ସାଧାରଣ ନିରକ୍ଷରତା ଦୂରୀକରଣ ବ୍ୟବସ୍ଥାରେ ଜିଲ୍ଲା ପ୍ରୌଢ଼ଶିକ୍ଷା ସଂଗଠକଙ୍କ ତତ୍ତ୍ୱାବଧାନରେ ନିରକ୍ଷର ପ୍ରୌଢ଼ ଗ୍ରାମବାସୀ- ମାନଙ୍କୁ ସାକ୍ଷର କରିବା ନିମନ୍ତେ ପ୍ରାଥମିକ ସ୍କୁଲମାନଙ୍କରେ ରାତ୍ରରେ ଶିକ୍ଷା ଦାନର ବ୍ୟବସ୍ଥା କରାଯାଇଛି ।

ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଦ୍ୱାରା ଅନୁସୃତ ବିଭିନ୍ନ ଧନ୍ଦାକୁ ଅଧିକ ଉତ୍ପାଦନ ଅଭିମୁଖୀ କରିବା ପାଇଁ ବର୍ତ୍ତମାନ ଭାରତ ସରକାରଙ୍କ ଦ୍ୱାରା ଅଣଆନୁଷ୍ଠାନିକ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଛି । ସେହି ବ୍ୟବସ୍ଥାନୁଯାୟୀ ପନ୍ଦରରୁ ପଚିଶ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକାର କର୍ମରେ ନିଯୁକ୍ତ ଥିବା ନିରକ୍ଷର ବ୍ୟକ୍ତିମାନଙ୍କୁ ଅଧିକ କର୍ମକ୍ଷମ କରିବା ଦଗରେ ପାଠ୍ୟୋପକରଣ ଯୋଗାଇ ଦେବା ବ୍ୟବସ୍ଥା ହୋଇଛି । ଏହି ଯୋଜନା ପରୀକ୍ଷାମୂଳକ ଭାବରେ, ପୁରୀ, ବାଲେଶ୍ୱର ସୁନ୍ଦରଗଡ଼, ସମ୍ବଲପର, କଳାହାଣ୍ଡି ଓ ଢେଙ୍କାନାଳ ଜିଲ୍ଲାର କେତୋଟି ବ୍ଲକରେ କାର୍ଯ୍ୟକାରୀ କରାଯାଇଛି । କେବଳ ସରକାରୀ କଳ ମାଧ୍ୟମରେ ନିରକ୍ଷରତା ଦୂରୀ- କରଣ ତଥା ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ହୋଇପାରିବ ନାହିଁ । ଗ୍ରାମାଞ୍ଚଳର ଶିକ୍ଷିତ ନରନାରୀଙ୍କ ସାମୂହିକ ଉଦ୍ୟମ ଫଳରେ ଗ୍ରାମାଞ୍ଚଳର ଶିକ୍ଷା କ୍ଷେତ୍ରରେ ଥିବା ଅଭାବ ଅସୁବିଧା ଦୂର ହୋଇ ଗ୍ରାମ୍ୟ ଅର୍ଥନୀତିର ଘଟାନ୍ତର ଘଟିବା ସମ୍ଭବ ହୋଇ ପାରିବ ।

ଗ୍ରାମାଞ୍ଚଳର ଶିକ୍ଷାକ୍ଷେତ୍ରରେ ବିକାଶ ଦିଗରେ ଏକ ପ୍ରଧାନ ଅନ୍ତରାୟ ହେଉଛି ଦାରିଦ୍ର୍ୟ । ଅଭାବ ଅନାଟନର ସମ୍ମୁଖୀନ ହୋଇ ଗ୍ରାମର ଦରିଦ୍ର ଅଭିଭାବକ ନିଜର ସନ୍ତାନ ସନ୍ତତିଙ୍କ ପାଇଁ ଅବୈତନିକ ପ୍ରାଥମିକ ଶିକ୍ଷାର ସୁଯୋଗ ନେବାକୁ ସକ୍ଷମ ହୋଇ ପାରୁନାହିଁ । ଶିକ୍ଷା ଅବୈତନିକ ହେଲେ ହେଁ, ସେ ତାର ସନ୍ତାନ ସନ୍ତତିଙ୍କୁ ଉପଯୁକ୍ତ ଖାଦ୍ୟ ଓ ପୋଷାକ ଦେଇ ବିଦ୍ୟାଳୟକୁ ପଠାଇ ପାରୁନାହିଁ । ତାର ଆର୍ଥିକ ଦୁରାବସ୍ଥା ହେତୁ ସେ ତାର ସନ୍ତାନ ସନ୍ତତିଙ୍କୁ ତାର ବୃତ୍ତିରେ ସାହାଯ୍ୟ କରିବାପାଇଁ ନିଯୁକ୍ତ କରୁଛି । ଫଳରେ କୋମଳ ମତି । ବାଳକ ବାଳିକା ବିଦ୍ୟାଳୟକୁ ଆସିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ନିରାକରଣ କରିବା ଦିଗରେ ଉଦ୍ୟମ ହୋଇ ଗ୍ରାମାଞ୍ଚଳରେ ବିଭିନ୍ନ କ୍ଷୁଦ୍ରଶିଳ୍ପର ତଥା କୃଷିର ବିକାଶ କରାଯାଇ ଉପଯୁକ୍ତ କର୍ମ ସଂସ୍ଥାନ ହୋଇ ପାରିଲେ ବହୁ ଦରିଦ୍ର ଅଭିଭାବକଙ୍କର ସନ୍ତାନ ସନ୍ତତି ବିଦ୍ୟାଳୟରେ ଶିକ୍ଷାର ସୁଯୋଗ ନେଇ ପାରିବେ । ତେଣୁ ଗ୍ରାମ୍ୟ ଅର୍ଥନୀତିର ବିକାଶସହ ଶିକ୍ଷାର ପ୍ରଗତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇଛି । କେବଳ ନିରକ୍ଷରତା ଦୂରୀକରଣ ଏବଂ ତା ଜରିଆରେ ଉତ୍ପାଦନ ବୃଦ୍ଧି ଶିକ୍ଷା- କ୍ଷେତ୍ରରେ ଏକମାତ୍ର କାର୍ଯ୍ୟନୁହେଁ । ଗ୍ରାମାଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନମାନଙ୍କ ସହ ଜନସାଧାରଣଙ୍କ ଘନିଷ୍ଠ ସଂପର୍କ ପ୍ରତିଷ୍ଠା ଦ୍ୱାରାହିଁ ଗ୍ରାମାଞ୍ଚଳରେ ପ୍ରଗତିରେ ଶିକ୍ଷା ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିପାରିବ । ସେହିପରି ଗ୍ରାମାଞ୍ଚଳରେ ଶିକ୍ଷାକ୍ଷେତ୍ରରେ ବିକାଶ ନିମନ୍ତେ ଗ୍ରାମରେ ଥିବା ସମସ୍ତ ଅଧିବାସୀଙ୍କ ଅକୁଣ୍ଠ ସହଯୋଗହିଁ ପ୍ରଧାନ ନିୟାମକ ଭାବେ କାର୍ଯ୍ୟ କରିବ । ଗ୍ରାମରେ ଥିବା ଉଚ୍ଚବିଦ୍ୟାଳୟଠାରୁ ପ୍ରାଥମିକ ବିଦ୍ୟାଳୟ- ମାନଙ୍କରେ ଶିକ୍ଷକ ଅଭିଭାବକ ସଂଘ ପ୍ରତିଷ୍ଠିତ ହୋଇ ବିଦ୍ୟାଳୟ ତଥା ଛାତ୍ରମାନଙ୍କର ବିଭିନ୍ନ ସମସ୍ୟା ସମାଧାନର ନିରାକରଣ ନିମନ୍ତେ ସାମୂହିକ ଉଦ୍ୟମ ହେବା ଆବଶ୍ୟକ । ବିଦ୍ୟାଳୟ ଗୃହର ରକ୍ଷଣାବେକ୍ଷଣ, ଉନ୍ନତି ସାଧନ, ପାଠାଗାର ସଂପ୍ରସାରଣ, କ୍ରୀଡ଼ାଉପକରଣ ଯୋଗାଣ ତଥା ଅନ୍ୟାନ୍ୟ ଛାତ୍ର କଲ୍ୟାଣକର ବ୍ୟବସ୍ଥାରେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ । ଗ୍ରାମାଞ୍ଚଳରେ ଥିବା ବେସରକାରୀ ଶିକ୍ଷାନୁଷ୍ଠାନରେ ଜନ ସହଯୋଗ କେତେକାଂଶରେ ମିଳିଥିଲେହେଁ ସରକାରୀ ଶିକ୍ଷାନୁଷ୍ଠାନ ବହୁକ୍ଷେତ୍ରରେ ଏଥିରୁ ବଞ୍ଚିତ ହୋଇଥାଏ । ତେଣୁ ସରକାରୀ ହେଉ ବା ବେସରକାରୀ ହେଉ ଗ୍ରାମାଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଅପରିହାର୍ଯ୍ୟ । ଅନ୍ୟପକ୍ଷରେ ବିଦ୍ୟାଳୟର ଶିକ୍ଷକ- ମାନେ ଅଭିଭାବକ ତଥା ଅନ୍ୟାନ୍ୟ ଗ୍ରାମବାସୀଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ବିଦ୍ୟାଳୟଗୁଡ଼ିକୁ ଗ୍ରାମାଞ୍ଚଳର ପ୍ରାଣକେନ୍ଦ୍ରରୂପେ ରୂପାୟିତ କରିବାକୁ ଯତ୍ନବାନ ହେବା- ଉଚିତ । ଗ୍ରାମର ବିଦ୍ୟାଳୟମାନଙ୍କର ପୁସ୍ତକାଗାରରେ ଥିବା ପୁସ୍ତକ ବ୍ୟବହାର ନିମନ୍ତେ ଗ୍ରାମବାସୀଙ୍କୁ ସୁଯୋଗ ଦିଆଗଲେ ସେମାନଙ୍କର ମନରେ ବିଦ୍ୟାଳୟ- ପ୍ରତି ମମତା ଓ ଆକର୍ଷଣ ସୃଷ୍ଟି ହେବ । ବିଦ୍ୟାଳୟରେ ଥିବା ସମ୍ବାଦ ପତ୍ରଗୁଡ଼ିକ ବ୍ୟବହାର ନିମନ୍ତେ ଗ୍ରାମବାସୀଙ୍କୁ ସୁଯୋଗ ଦିଆଯାଇ ସେମାନଙ୍କୁ ଅନ୍ୟାନ୍ୟ ଅଞ୍ଚଳସହ ଯୋଗସୂତ୍ର ରକ୍ଷା କରିବା ନିମନ୍ତେ ସହାୟତା ଦେବାରେ ବିଦ୍ୟାଳୟର ଶିକ୍ଷକମାନେ ଉଦ୍ୟମୀ ହେବା ଆବଶ୍ୟକ । ବିଦ୍ୟାଳୟଗୁଡ଼ିକ ବିଦ୍ୟାଦାନର ପୀଠ ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଅଧିବାସୀମାନଙ୍କର ସାଂସ୍କୃତିକ ତଥା ସାମାଜିକ କେନ୍ଦ୍ରରୂପେ ରୂପାୟିତ

ସେଗା ଏକାନ୍ତ ବାଞ୍ଛନୀୟ । ଅଧିକାଂଶ କ୍ଷେତ୍ରରେ ଯାଏଗଲାଯାଏ ଯେ ବିଦ୍ୟାଳୟର ଶିକ୍ଷକମାନେ ସ୍କୁଲ ପାଠ୍ୟକାଳର ଅବସାନ ପରେ ବିଦ୍ୟାଳୟସହ କୌଣସି ସଂପର୍କ ରଖନ୍ତି ନାହିଁ କିମ୍ବା ବିଦ୍ୟାଳୟକୁ ଜନସାଧାରଣଙ୍କ ନିମନ୍ତେ ବ୍ୟବହାର କରିବାଲାଗି କୌଣସି ପଦକ୍ଷେପ ଗ୍ରହଣ କରନ୍ତି ନାହିଁ । ଅଧିକାଂଶ ଶିକ୍ଷକ ବିଦ୍ୟାଳୟଠାରୁ ବହୁଦୂରରେ ନିଜବାସଗୃହ ଥିବା ହେତୁ ସ୍କୁଲ ସମୟ ପରେ ପରେ ବିଦ୍ୟାଳୟ ଅଞ୍ଚଳରୁ ଦୂରକୁ ଚାଲିଯାନ୍ତି । ଫଳରେ ଜନସଂପର୍କ ଓ ଭାବ ବିନିମୟ ହେବାରେ ବାଧା ସୃଷ୍ଟି ହୁଏ । ସ୍କୁଲ ଥିବା ଅଞ୍ଚଳରେ ଶିକ୍ଷକମାନଙ୍କ ଉପସ୍ଥିତି ତଥା ସେମାନଙ୍କର ଗ୍ରାମବାସୀଙ୍କ ସହ ସକ୍ରିୟ ସହଯୋଗ ବିଦ୍ୟାଳୟକୁ ଗ୍ରାମର ପ୍ରାଣକେନ୍ଦ୍ରରୂପେ ଗଢ଼ି ପାରିବ ଏବଂ ଜନସାଧାରଣ ମଧ୍ୟ ଶିକ୍ଷାୟତନର ପରିବେଶକୁ ନିଜର ସାମାଜିକ ସ୍ଥିତିର ଏକ ବିଶିଷ୍ଟ ଅଙ୍ଗବୋଲି ସ୍ୱୀକାର କରି ବିଦ୍ୟାଳୟର ସାମୂହିକ ଉନ୍ନତି ନିମନ୍ତେ ଯତ୍ନବାନ ହେବେ । ଗ୍ରାମାଞ୍ଚଳରେ ଶିକ୍ଷା ଅବହେଳିତ ଭାବରେ ରହିଛି । ଗ୍ରାମବାସୀଙ୍କ ମଧ୍ୟରେ ବ୍ୟବଧାନ ସଙ୍କୁଚିତ ହୋଇନାହିଁ । ଶିକ୍ଷାୟତନରେ ଜ୍ଞାନ ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କର ଗ୍ରାମର ସାମୂହିକ ଉନ୍ନତି ନିମନ୍ତେ ସକ୍ରିୟ ଭୂମିକା ନାହିଁ । ଏହି ପରିପ୍ରେକ୍ଷୀରେ ଶିକ୍ଷାୟତନ ଓ ସମାଜ ମଧ୍ୟରେ ନିବିଡ଼ ସଂପର୍କ ସ୍ଥାପନ ଦ୍ୱାରାହିଁ ଗ୍ରାମାଞ୍ଚଳର ବିକାଶରେ ଶିକ୍ଷାର ମୁଖ୍ୟ ଭୂମିକାକୁ ଉପଯୁକ୍ତ ରୂପଦେଇ ହେବ । ଗ୍ରାମାଞ୍ଚଳରେ ରାସ୍ତାଘାଟ ନିର୍ମାଣ, ଅସ୍ୱାସ୍ଥ୍ୟକର ପରିବେଶର ନିରାକରଣ, ନିରକ୍ଷର ଜନସାଧାରଣଙ୍କୁ ଶିକ୍ଷାଦାନ ପ୍ରଭୃତି ଗ୍ରାମର ଉନ୍ନତିମୂଳକ ବ୍ୟବସ୍ଥାରେ ଛାତ୍ରମାନେ ଶିକ୍ଷକମାନଙ୍କ ଅଧିନାୟକତ୍ୱରେ ନିଜର ପାଠ୍ୟକ୍ରମ ବହିର୍ଭୂତ ସମୟର ସୁବିନିଯୋଗ କରିପାରିଲେ ଗ୍ରାମାଞ୍ଚଳରେ ସମ୍ୟକ୍ ବିକାଶ ସମ୍ଭବ ହୋଇପାରିବ । ଶିକ୍ଷା ଓ ସମାଜ ପରସ୍ପର ପରିପୂରକ । ଶିକ୍ଷାରେ ସମାଜର ବିକାଶ ହୁଏ, ଓ ସମାଜ ହିଁ ଶିକ୍ଷାର ବିକାଶରେ ସହାୟକ । ଶିକ୍ଷା ଓ ସମାଜର ଏହି ଅବିଚ୍ଛିନ୍ନ ସଂପର୍କକୁ ଲକ୍ଷ୍ୟ ରଖି ଗ୍ରାମାଞ୍ଚଳରେ ଶିକ୍ଷାକ୍ଷେତ୍ରର ବିକାଶ ଦିଗରେ ଆୟୋଜନ ହେବା ଉଚିତ ।

ଉପଶିକ୍ଷା ନିର୍ଦ୍ଦେଶକ
ଭୁବନେଶ୍ୱର

●

## ସ୍ୱଳ୍ପ ଆୟକାରୀଙ୍କ ଗୃହ ନିର୍ମାଣ ସକାଶେ ୬ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ବରାଦ

ରାଜ୍ୟ ସରକାର ଶ୍ରମ, ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଜରିଆରେ ସ୍ୱଳ୍ପ ଆୟକାରୀଙ୍କ ବାସଗୃହ ନିର୍ମାଣ ସକାଶେ ଚଳିତ ବର୍ଷ ପାଇଁ ୬ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ବରାଦ କରିଛନ୍ତି । ଏହିମଧ୍ୟରୁ ୧ ଲକ୍ଷ ୨୦ ହଜାର ଟଙ୍କା ପୁରୀ ଜିଲ୍ଲା ପାଇଁ, ୧ ଲକ୍ଷ ଟଙ୍କା ବାଲେଶ୍ୱର, ୬୦ ହଜାର ଟଙ୍କା ସମ୍ବଲପୁର, ୬୫ ହଜାର ଟଙ୍କା କଟକ, ୫୦ ହଜାର ଟଙ୍କା ଗଞ୍ଜାମ, ୪୫ ହଜାର ଟଙ୍କା ସୁନ୍ଦରଗଡ, ୪୦ ହଜାର ଟଙ୍କା କୋରାପୁଟ, ୩୦ ହଜାର ୫ ଶହ ଟଙ୍କା ଫୁଲବାଣୀ, ୨୨ ହଜାର ୫ ଶହ ଟଙ୍କା କେନ୍ଦୁଝର, ୨୨ ହଜାର ୫ ଶହ ଟଙ୍କା ଢେଙ୍କାନାଳ, ୧୩ ହଜାର ୪ ଶହ ଟଙ୍କା କଳାହାଣ୍ଡି, ୧୪ ହଜାର ୫ ଶହ ଟଙ୍କା ମୟୂରଭଞ୍ଜ, ୬୦ ହଜାର ଟଙ୍କା ବଲାଙ୍ଗୀର, ୩୦ ହଜାର ଟଙ୍କା ଡାଇରେକ୍ଟର ଅଫ୍ ଇଷ୍ଟେଟ୍, ପବ୍ଲିଟିକାଲ ଆଣ୍ଡ ସର୍ଭିସେସ୍ ବିଭାଗ ଓ ୫୦ ହଜାର ଟଙ୍କା ଗୃହ ନିର୍ମାଣ ସମବାୟ ସମିତି ସମୂହକୁ ଦିଆଯାଇଛି ।

ଏହି ପରିକଳ୍ପନାନୁଯାୟୀ ସ୍ୱଳ୍ପ ଆୟକାରୀଙ୍କୁ ବାସଗୃହ ନିର୍ମାଣ ସକାଶେ ଏହି ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯିବ । ଏହାରି ଉପରେ ଶତକଡ଼ା ବାର୍ଷିକ ୧୦ ହାରରେ ସୁଧ ଦେବାକୁ ପଡ଼ିବ । ସେଉଁମାନେ ମୂଳ ସହିତ ସୁଧ ନିୟମିତ ଭାବେ ପରିଶୋଧ କରିବେ ସେମାନଙ୍କଠାରୁ ଶତକଡ଼ା ବାର୍ଷିକ ୮ ହାରରେ ସୁଧ ନିଆଯିବ ।

ଆପଣଙ୍କ ପରିବାରର ସୁଖସମୃଦ୍ଧି ନିମନ୍ତେ

# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଆପଣମାନଙ୍କ ସେବାରେ

ଆପଣଙ୍କ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ
କେତେକ ଉପାଦେୟ ଯୋଜନା

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ପ୍ରବର୍ତ୍ତନ କରିଛନ୍ତି

**ଗୃହିଣୀମାନଙ୍କ ପାଇଁ**—ଘରର ଆୟବ୍ୟୟ ଅଟକଳ ଠିକଣାରେ ତୁଲାଇବା ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ମାସିକିଆ ଆୟ ଜମା ଯୋଜନା ।

**ପିଲାମାନଙ୍କ ପାଇଁ**—ସେମାନଙ୍କୁ ପ୍ରୋତ୍ସାହିତ କରି ନିଜ ନିଜର ଆକାଉଣ୍ଟ ଖୋଲିବା ଲାଗି ସ୍ୱଳ୍ପ ସଞ୍ଚୟ, ରେକରିଂ ଏବଂ ଫିକ୍ସଡ ଡିପୋଜିଟ୍ ଯୋଜନାର ପ୍ରବର୍ତ୍ତନ; ସଞ୍ଚୟ ଜରିଆରେ ସେମାନଙ୍କ ଭବିଷ୍ୟତ ସକାଶେ ଅଟୋମେଟିକ୍ କ୍ୟୁମୁଲେଟିଭ୍, ବିବାହ ଓ ଶିକ୍ଷା ଜମା ଯୋଜନା

**ଏବଂ ଆପଣଙ୍କ ଅବସର ନିମନ୍ତେ**—ଚାକିରିରୁ ଅବସର ଗ୍ରହଣ କରିବା ପରେ ଆପଣ କିପରି ସୁଖସ୍ୱାଚ୍ଛନ୍ଦ୍ୟରେ ସମୟ ଅତିବାହିତ କରିପାରିବେ, ସେଥିପାଇଁ ଦୀର୍ଘକାଳୀନ 'ବେନିଫିଟ୍ ଡିପୋଜିଟ୍' ଯୋଜନା ।

ଏହିଭଳି କେତେକ ଯୋଜନା ଓ ଅନ୍ୟାନ୍ୟ ଯୋଜନା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ପକ୍ଷରୁ ଆରମ୍ଭ କରାଯାଇଛି । ସବିଶେଷ ବିବରଣୀ ପାଇଁ ଆପଣ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ର ସନ୍ନିକଟ ଶାଖା ଅଫିସ ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।

ଆଜିପାଇଁ କେବଳ ଯେତିକି ଆବଶ୍ୟକ ସେତିକି ଖର୍ଚ୍ଚ କରନ୍ତୁ
ଅବଶିଷ୍ଟ, ଅନ୍ୟଦିନ ପାଇଁ ସଞ୍ଚୟ କରନ୍ତୁ

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ବିଜ୍ଞ ପାଠକମାନେ ଏହାର ସୁଯୋଗ ନିଅନ୍ତୁ

# ଆକାଶବାଣୀର ପଚାଶ ବର୍ଷ

ଶ୍ରୀ ଯତୀନ ଦାସ

ଭାରତର ନିୟମିତ ବେତାର ପ୍ରସାର ପଚାଶ ବର୍ଷ ପୁରିଗଲା । ଏହି ଅର୍ଦ୍ଧଶତାବ୍ଦୀର ପୁରୁଣା ଇତିହାସ ପୃଷ୍ଠା ଓଲଟେଇଲେ, ବେତାର ପ୍ରସାର'ର ଉତ୍‌ଥାନ ପତନ ଘଟଣା ସଂପର୍କରେ ବହୁ ଅଜଣା କଥାର ସଂଧାନ ମିଳିବ । ପ୍ରକୃତରେ କହିବାକୁ ଗଲେ, ୧୯୨୭ ମସିହା ଜୁଲାଇ ମାସ ୨୩ ତାରିଖ, ଭାରତର ବେତାର ପ୍ରଚାର ଇତିହାସରେ ଗୋଟିଏ ସ୍ମରଣୀୟ ଦିନ । ସେହିଦିନ ବମ୍ବେ ରେଡ଼ିଓ ଷ୍ଟେସନ ଖୋଲୁ ହେବା ସଂଗେ ସଂଗେ, ଦେଶରେ ନିୟମିତ ବେତାର ପ୍ରସାର ଶୁଭାରମ୍ଭ ହେଲା ।

ତା ପୂର୍ବରୁ ୧୯୨୬ ମସିହାରେ ବମ୍ବେରେ କେତେଜଣ ଉଦ୍ୟମୀ ତରୁଣ ବ୍ୟବସାୟୀ 'ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କଂପାନି ଲିମିଟେଡ଼'–ନାମରେ ଗୋଟିଏ କଂପାନୀ ଗଢିଥିଲେ । ସେହି ବର୍ଷ ଭାରତ ସରକାରଙ୍କ ସାଙ୍ଗରେ କଂପାନୀର ଗୋଟିଏ ଚୁକ୍ତି ହେଲା ! ସେହି ଚୁକ୍ତି ଅନୁଯାୟୀ ପ୍ରଥମେ ଦୁଇଟି ରେଡ଼ିଓ ଷ୍ଟେସନ ଖୋଲିବା ସକାଶେ ସରକାର, କଂପାନୀକୁ ଲାଇସେନ୍‌ସ ଦେଲେ । ପ୍ରଥମେ ବମ୍ବେ ଏବଂ ପରେ କଲିକତାରେ ଗୋଟିଏ ଷ୍ଟେସନ ଖୋଲା ହେବ ବୋଲି ସ୍ଥିର ହେଲା । ୧୯୨୭ ମସିହା ଜୁଲାଇ ମାସ ୨୩ ତାରିଖ ଦିନ, ଭାରତର ଭାଇସ୍‌ରାୟ ଲର୍ଡ ଇରୱାଇନ୍ (Lord Irwin) ବମ୍ବେ ରେଡ଼ିଓ ଷ୍ଟେସନର ଉଦ୍‌ଘାଟନ କଲେ । ତାର କିଛି ଦିନ ପରେ ସେହି ବର୍ଷ ଅଗଷ୍ଟ ମାସ ୨୬ ତାରିଖ ଦିନ, କଲିକତା ରେଡ଼ିଓ ଷ୍ଟେସନ ଖୋଲୁ ହେଲା । ଷ୍ଟେସନର ଉଦ୍‌ଘାଟନ କଲେ, ଅବିଭକ୍ତବଂଗର ଗଭର୍ଣ୍ଣର ସାର ଷ୍ଟାନ୍‌ଲି ଜ୍ୟାକ୍‌ସନ୍ (Sir Stanleny Jackson) ।

ତା ପୂର୍ବରୁ ଦେଶର ବିଭିନ୍ନ ରାଜ୍ୟରେ, କେତେ ଗୁଡ଼ିଏ ଏ୍ୟାମେଚର ବା ସୌଖିନ ରେଡ଼ିଓ କ୍ଲବଥିଲା । ସେହି ସବୁ କ୍ଲବ, ଶ୍ରୋତାମାନଙ୍କର ମନୋରଂଜନ ସକାଶେ, ରେଡ଼ିଓ ପ୍ରୋଗ୍ରାମ ପ୍ରସାର କରୁଥିଲେ । ୧୯୨୪ ମସିହା ମେ ମାସ ୧୬ ତାରିଖ, 'ମାଡ୍ରାସ ପ୍ରେସିଡେନ୍‌ସି ରେଡ଼ିଓ କ୍ଲବ' ନାମକ ଏହି ଧରଣର ସର୍ବ ପ୍ରଥମ ଗୋଟିଏ କ୍ଲବ ଗଢ଼ା ଯାଇଥିଲା । କ୍ଲବଟି, ତିନି ବର୍ଷ ଯାଏ ପ୍ରୋଗ୍ରାମ ଚଳେଇଲା । ତା ପରେ ଖର୍ଚ୍ଚ ତୁଳେଇ ନ ପାରିବାରୁ, କ୍ଲବର ମାଲିକ ବାଧ୍ୟ ହୋଇ ଟ୍ରାନସ୍ ମିଟର ଯନ୍ତ୍ରଟିକୁ ମାଡ୍ରାସ କରପୋରେସନକୁ ବିକି ଦେଲେ । ୧୯୩୮ ମସିହା ଜୁନ ମାସ ୧୬ ତାରିଖ ଦିନ, ଅଲ ଇଣ୍ଡିଆ ରେଡ଼ିଓ, ମାଡ୍ରାସ ଷ୍ଟେସନ ଖୋଲୁ ହେବା ମାତ୍ରେ, କରପୋରେସନ ପକ୍ଷରୁ ପ୍ରୋଗ୍ରାମ ପ୍ରସାର ବନ୍ଦ କରି ଦିଆଗଲା ।

ଏହ୍ଲାବାଦରେ ମଧ୍ୟ ପରୀକ୍ଷାମୂଳକ ଭାବରେ ବେତାର ପ୍ରଚାର ଆରମ୍ଭ କରା ଯାଇଥିଲା । ସେଠାକାର ଏଗ୍ରି-କଲ୍ଚର ଇନ୍‌ଷ୍ଟିଚ୍ୟୁଟର ପ୍ରିନ୍‌ସିପାଲ, ଗୋଟିଏ ଲାଇସେନ୍‌ସ ଯୋଗାଡ଼ କରି ସେହି 'ଇନ୍‌ଷ୍ଟିଚ୍ୟୁଟରୁ ପ୍ରତିଦିନ ଘଣ୍ଟାଏ ଲେଖା ପ୍ରୋଗ୍ରାମ ପ୍ରଚାର କରୁଥିଲେ । ୧୯୪୯ ମସିହା ଫେବୃଆରୀ ମାସ ପହିଲା ତାରିଖ ଦିନ ଏହ୍ଲାବାଦ ରେଡ଼ିଓ ଷ୍ଟେସନ ଖୋଲା ଯିବା ପରେ, ଇନ୍‌ଷ୍ଟିଚ୍ୟୁଟରୁ ପ୍ରଚାରିତ ଘଣ୍ଟାକିଆ ପ୍ରୋଗ୍ରାମ ବନ୍ଦ କରି ଦିଆ ଗଲା ।

୧୯୩୫ ମସିହା ସେପ୍‌ଟେମ୍ବର ମାସ ୧୦ ତାରିଖ ଦିନ, ମହୀଶୁର ରାଜ୍ୟରେ ଯେଉଁ ନୂଆ ରେଡ଼ିଓ ଷ୍ଟେସନ ଖୋଲା-ହେଲା, ତାର ନାମକରଣ କରାହେଲା, 'ଆକାଶବାଣୀ' । ଏହି ଆକାଶବାଣୀ ନାଁ ,ପରେ ଇଂରାଜୀ ଓ ବହିର୍ଭାରତୀୟ-କାର୍ଯ୍ୟକ୍ରମ (External Programme) ବ୍ୟତୀତ, ଅନ୍ୟ ସବୁ କ୍ଷେତ୍ରରେ ଅଲଇଣ୍ଡିଆ ରେଡ଼ିଓର ସ୍ଥାନ ଗ୍ରହଣ କଲା ।

ଇତି ମଧ୍ୟରେ ଯେଉଁ କଂପାନୀ , କଲିକତା ଓ ବମ୍ବେ, ଏହି ଦୁଇଟି ଷ୍ଟେସନର ପରିଚାଳନା କରୁଥିଲେ, ସେହି, 'ଇଣ୍ଡିଆନ ବ୍ରଡ୍ କାଷ୍ଟିଂ କଂପାନୀର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଗତି କଲା । ତଥାପି ଟାଣି ଓଟାରି ପ୍ରୋଗ୍ରାମ ଚଳେଇବା ସକାଶେ କଂପାନୀ ତା'ର ସାଧ୍ୟ ପଣେ ଚେଷ୍ଟା କଲା, ହେଲେ ଆୟ ତୁଳନାରେ ବ୍ୟୟ ଅଧିକ ହେବାରୁ ଆଉ ପାରିଲା ନାହିଁ । ୧୯୩୦ ମସିହା ମାର୍ଚ୍ଚ ମାସ ପହିଲା ତାରିଖ ଦିନ କଂପାନୀ ଉଠି ଗଲା । ସେହି ବର୍ଷ ଏପ୍ରିଲ ମାସ ପହିଲା ତାରିଖ ଠାରୁ ଏହାର ପରି-ଚାଳନା ଦାୟୀତ୍ୱ, ସରକାରଙ୍କର ଶିଳ୍ପ ଓ ଶ୍ରମ ବିଭାଗ ହାତକୁ ଗଲା । ନୂଆ ନାଁ ଦିଆଗଲା, 'ଇଣ୍ଡିଆନ ଷ୍ଟେଟ୍ ବ୍ରଡ୍ କାଷ୍ଟିଂ ସର୍ଭିସ୍ ।'

ତାର ବର୍ଷେ କିଂବା ଦେଢ଼ ବର୍ଷ ପରେ, ଦେଶରେ ପ୍ରଚଣ୍ଡ ଅର୍ଥ ସଂକଟ ଦେଖା ଦେଲା । ତା ଛଡ଼ା ବ୍ରଡ୍ କାଷ୍ଟିଂ ସର୍ଭିସ୍‌ରୁ ପଇସାଟିଏ ହେଲେ ଲାଭ ମିଳିଲା ନାହିଁ । ବରଂ ଦିନକୁ ଦିନ ଲୋକସାନ ହେବାକୁ ଲାଗିଲା । ଶେଷରେ ଆଉ କୌଣସି ଉପାୟ ନ ଦେଖି ବେତାର ପ୍ରଚାର ବନ୍ଦ କରି ଦେବା ଲାଗି ସରକାର ନିଷ୍ପତି ନେଲେ । ସରକାରଙ୍କର ଏହି ନିଷ୍ପତି ବିଷୟ ଖବର କାଗଜ ମାନଙ୍କରେ ପ୍ରକାଶ ପାଇବା ମାତ୍ରେ, ଦେଶ ସାରା ଗୋଳ-ମାଳ ଆରମ୍ଭ ହୋଇଗଲା ।

ଲୋକମାନେ ପାଟିତୁଣ୍ଡ କଲେ । ଖବର କାଗଜ ମାନଙ୍କରେ ଲେଖାଲେଖି ଚାଲିଲା, ବଡ଼ ବଡ଼ ନେତାମାନେ ଏ ବିଷୟ ନେଇ ଆଇନ ସଭାରେ ସରକାରଙ୍କ ସହିତ ଯୁକ୍ତି ତର୍କ କଲେ, ଶେଷରେ ସରକାର ଜନତାଙ୍କ ଦାବି ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ । ୧୯୩୨ ମସିହାରେ ଚୂଡ଼ାନ୍ତ ନିଷ୍ପତି ନିଆଗଲାଯେ, ଇଣ୍ଡିଆନ- ଷ୍ଟେଟ୍ ବ୍ରଡ୍ କାଷ୍ଟିଂ ସର୍ଭିସ୍, ସରକାରଙ୍କ ପରିଚାଳନାଧୀନରେ ରହିବ ।

ତା ପରଠାରୁ ବେତାର ପ୍ରଚାରର ଉନ୍ନତି ଓ ଅଭି-ବୃଦ୍ଧି ସକାଶେ ସରକାର ଲାଗି ପଡ଼ିଲେ । ୧୯୩୫ ମସିହା ଅଗଷ୍ଟ ମାସ, ବି. ବି. ସି. (British Broad-casting Corporation) ରୁ ମିଷ୍ଟର ଫିଲଡ଼େନଙ୍କୁ ବ୍ରଡ୍ କାଷ୍ଟିଂ ବିଭାଗର କଣ୍ଟ୍ରୋଲ କରି ଅଣା ଗଲା । ମିଷ୍ଟର ଫିଲିଡ଼େନ୍ ଆସିବାପରେ ୧୯୩୬ ମସିହା ଜାନୁୟାରୀ ମାସ ପହିଲା ତାରିଖ ଦିନ, ଦିଲ୍ଲୀ ବେତାର କେନ୍ଦ୍ର ସ୍ଥାପିତ ହେଲା । ସେହି ବର୍ଷ ଜୁନ୍ ମାସ ୮ ତାରିଖରେ, ଇଣ୍ଡିଆନ ଷ୍ଟେଟ ବ୍ରଡ୍ କାଷ୍ଟିଂ ସର୍ଭିସର ନୂଆ ନାଁ ହେଲା ଅଲ ଇଣ୍ଡିଆ ରେଡ଼ିଓ ।

ଫିଲ୍‌ଡ଼େନ ସାହେବ, ବ୍ରଡ଼ କାଷ୍ଟିଂ ସଂସ୍ଥାର ଦାୟୀତ୍ୱ ନେବା ପରେ ପରେ ସାରା ଦେଶରେ ବେତାର ପ୍ରଚାରର ସଂପ୍ରସାରଣ ଲାଗି ଗୋଟିଏ ସୁଚିନ୍ତିତ ଏବଂ ବ୍ୟାପକ ଯୋଜନା ପ୍ରସ୍ତୁତ କଲେ । ତାଙ୍କର ସେହି ଯୋଜନା ଅନୁଯାୟୀ ବମ୍ବେ, କଲିକତା ଓ ଦିଲ୍ଲୀ ବେତାର କେନ୍ଦ୍ରରେ ସର୍ଟ ଉଯେଭ ଟ୍ରାଂସମିଟର ଖଞ୍ଜା ଗଲା । ଏହା ଫଳରେ ଶ୍ରୋତାମାନଙ୍କ ସଂଖ୍ୟା ବୃଦ୍ଧି ପାଇଲା ଏବଂ ସେଥି ସଂଗେ ସଂଗେ ଆଗ ତୁଳନାରେ ଆୟ ମଧ୍ୟ ବଢ଼ିବାକୁ ଲାଗିଲା ।

ମିଡ଼ିୟମ ଓ ସର୍ଟ ଉଯେଭ ମଧ୍ୟରେ ପ୍ରଭେଦ କଣ, ସେ ବିଷୟ ଜାଣିବାର ଆଗ୍ରହ ସମସ୍ତଙ୍କର ଥିଲେ ମଧ୍ୟ, କେବଳ ଏ ବିଷୟରେ ବିଶେଷ ଜ୍ଞାନ ଥିବା ଲୋକଙ୍କ ବ୍ୟତୀତ ଠିକିନିଖି ଭାବରେ ବୁଝେଇବା ସାଧାରଣ ଲୋକଙ୍କ ପାଖରେ କଷ୍ଟ କର । ତେବେ ମୋଟାମୋଟି ଭାବରେ କହିବାକୁ ଗଲେ, ମିଡ଼ିୟମ ଉଯେଭର ନିର୍ଦ୍ଦିଷ୍ଟ ଗୋଟିଏ ସୀମା ଥାଏ । ସେହି ସୀମା ଟପି ଗଲେ ପ୍ରୋଗ୍ରାମ ଅସ୍ପଷ୍ଟ ଶୁଣାଯାଏ ଏବଂ ତା ପରେ ବିଲକୁଲ୍ ଶୁଭେ ନାହିଁ । ସର୍ଟ ଉଯେଭରେ କିନ୍ତୁ ଏ ସବୁ ଝିଙ୍କି ବାଧା ନ ଥାଏ । ସର୍ଟ ଉଯେଭ ପ୍ରୋଗ୍ରାମ ବହୁ ଦୂର-ଦୂରାନ୍ତର ଓ ତା ସାଂଗେ ସାଂଗେ ବ୍ୟାପକ ଅଂଚଳର ଲୋକେ ମଧ୍ୟ ପରିଷ୍କାର ଶୁଣି ପାରନ୍ତି ।

୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ହେବା ଫଳରେ ଦେଶରେ ଆହୁରି ନୂଆ ନୂଆ ଷ୍ଟେସନ ଖୋଲି ଷ୍ଟୁଡ଼ିଓ ଗୁଡ଼ିକୁ ଆଧୁନିକ ଢାଞ୍ଚାରେ ତିଆରି କରିବା ଲାଗି ସରକାର ଯେଉଁ ସବୁ ଯୋଜନା ପ୍ରସ୍ତୁତ କରିଥିଲେ, ସେ ସବୁ ଯୋଜନାର କାମ ଓଲଟ ପାଲଟ ହୋଇ ଗଲା । ତେବେ ୧୯୩୫ ମସିହାରେ ମିଷ୍ଟର ଫିଲ୍‌ଡ଼େନ, ବ୍ରଡ୍ କାଷ୍ଟିଂ ସର୍ଭିସ୍ ର କନ୍‌ଟ୍ରୋଲର ହୋଇ ଆସିବା ପରଠାରୁ ୧୯୩୯ ମସିହା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ହେବା ଯାଏ, ସେହି

ସମୟ ଭିତରେ ଯେ କେତେ ଗୁଡ଼ିଏ ଉଲ୍ଲେଖନୀୟ କାମ ହୋଇଥିଲା, ଏ କଥା ନିଃସନ୍ଦେହରେ କୁହା ଯାଇପାରେ । ଅନ୍ତତଃ ଏହି ଭିତରେ ରେଡ଼ିଓ ଲାଇସେନ୍ସର ସଂଖ୍ୟା ୩୮ ହଜାରରୁ ୭୪ ହଜାରକୁ ବୃଦ୍ଧି ପାଇଥିଲା ।

ପରିଶେଷରେ ୧୯୪୭ ମସିହା ଅଗଷ୍ଟ ମାସ ଦେଶ ସ୍ୱାଧୀନ ହେଲା । କ୍ଷମତା ହସ୍ତାନ୍ତର ପାଇଁ ସେହିମାସ ୧୪ ତାରିଖ ରାତିରେ, ନୂଆ ଦିଲ୍ଲୀ, ପାର୍ଲିଆମେଣ୍ଟ ଭବନର ସେଣ୍ଟ୍ରାଲହଲ ଭିତରେ, ଗୋଟିଏ ଉତ୍ସବର ଆୟୋଜନ କରାଗଲା । ରାତି ଠିକ୍ ୧୨ ଟା ବାଜିବା ସଂଗେ ସଂଗେ ଲର୍ଡ ମାଉଣ୍ଟବ୍ୟାଟେନ୍ ଭାରତର ସ୍ୱାଧୀନତା ଘୋଷଣା କଲେ । ସେ ଥିଲେ ସେତେବେଳେ ଭାରତର ଗଭର୍ଣ୍ଣର ଜେନେରାଲ । ପଣ୍ଡିତ ଜବାହାରଲାଲ ନେହେରୁ ହେଲେ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ । ଶପଥ ନେଇ ସାରିବା ପରେ, ପଣ୍ଡିତ ନେହେରୁ ଘୋଷଣା କଲେ : Long years ago we made a tryst with destiny and now the time comes when we shall redeem our pledge, not wholly or in full measure, but very substantially. At the stroke of the midniqht hour, when the world sleep, India will awake to life and freedom.....

ପ୍ରଧାନ ମନ୍ତ୍ରୀଙ୍କର ଏହି ବାର୍ତ୍ତାଟିକୁ ନେଇ ରେଡ଼ିଓ ଆଖି ପିଛୁଳାକେ ଦେଶର କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚାଇ ଦେଲା । ଯେଉଁମାନେ ଶୋଇ ପଡ଼ିଥିଲେ ରେଡ଼ିଓ ଡ଼ାକରେ ଉଠି ବସିଲେ , ଶଂଖ ହୁଳ ହୁଳି ନାଦରେ ଗାଁ ଗଣ୍ଡା କଂପି ଉଠିଲା । ନାଚ ଗୀତ ଆନନ୍ଦ ଫୂର୍ତ୍ତିରେ ରାତି ବିତିଗଲା । ସକାଳେ ସମସ୍ତେ ସ୍ୱାଧୀନ ଦେଶର ପ୍ରଥମ ସୂର୍ଯ୍ୟଙ୍କୁ ପ୍ରଣାମ କରି ଯିଏ ଯେଉଁ କାମରେ ବାହାରି ପଡ଼ିଲେ । ସେହିଦିନ ଠାରୁ ରେଡ଼ିଓ ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ିଲା, ଏବଂ ଆଗ ଅପେକ୍ଷା ଅଧିକ ଲୋକ ରେଡ଼ିଓ ଶୁଣିବା ଆରମ୍ଭ କଲେ ।

ଏହି ଘଟଣାର ମାତ୍ର ଛଅ ମାସରୁ କମ୍ ସମୟ ଭିତରେ ୧୯୪୮ ମସିହା ଜାନୁୟାରୀ ମାସ ୩୦ ତାରିଖ ଅପରାହ୍ନରେ , ଜାତିର ଜନକ ମହାତ୍ମା ଗାନ୍ଧି, ଜଣେ ଆତତାୟୀର ଗୁଳି ଚୋଟରେ ପ୍ରାଣ ବଳି ଦେଲେ । ତା ଫଳରେ ସାରା ଦେଶରେ ବିଷାଦର ଛାୟା ଖେଳିଗଲା । ପଣ୍ଡିତ ନେହେରୁ ପୁଣି ଆସି ମାଇକ୍ ଆଗରେ ଠିଆ ହେଲେ । ଅଶ୍ରୁସିକ୍ତ ନୟନ ଓ ଭାରାକ୍ରାନ୍ତ ହୃଦୟରେ ଘୋଷଣା କଲେ, '........ । The light has gone out, I said and yet I was wrong. For the light that shone was no ordinary light. A thousand years later that light will be still seen in the Country, and the world will see it and it will give solace to innumerable hearts..........

ବ୍ରିଟିଶ ସରକାରଙ୍କ ଶାସନ ଶେଷ ହୋଇଯିବା ପରେ ଦେଶରେ ଯେତେ ଗୁଡ଼ିଏ ଗଡ଼ଜାତ ରାଜ୍ୟ ଥିଲା ସେ ସବୁ ଗୋଟାକ ପରେ ଗୋଟାଏ, ଭାରତ ସହିତ ସାମିଲ ହୋଇଗଲା । ଫଳରେ ସେଠାକାର ରେଡ଼ିଓ ଷ୍ଟେସନ ଗୁଡ଼ିକ ଉପରେ ରାଜାମହାରାଜାଙ୍କର ଆଉ କୌଣସି ଅଧିକାର ରହିଲା ନାହିଁ । ଆପଣା ଛାଏଁ ସେଗୁଡ଼ିକ ଅଲଇଣ୍ଡିଆ ରେଡ଼ିଓ ପରିସର ଭିତରକୁ ଆସି ଗଲା ।

ଏହିପରି ଭାବରେ ସେତେବେଳେ ରେଡ଼ିଓ ଷ୍ଟେସନ ଗୁଡ଼ିକର ସଂଖ୍ୟା ହେଲା ଚଉଦ । ତା ଭିତରୁ ଲାହୋର, ପେଶୱାର ଓ ଢ଼ାକା ଏହି ତିନୋଟି ଷ୍ଟେସନ ପାକିସ୍ଥାନ ଭାଗରେ ପଡ଼ିଲା । ଅର୍ଥାତ, ଆମେ ତିନୋଟି ଷ୍ଟେସନ ହରେଇଲୁ । ଦେଶ ଭାଗ ବଣ୍ଟୁରା ହେବା ପରେ ପରେ ଲକ୍ଷ ଲକ୍ଷ ଲୋକ ପିଲା ଛୁଆ ସାଂଗରେ ଧରି ପାକିସ୍ଥାନରୁ ଆମ ଦେଶକୁ ପଳେଇ ଆସିଲେ । ଏହା ଫଳରେ ପଢ଼ିଶା ରାଜ୍ୟ ପଞ୍ଜାବର ଅବସ୍ଥା ଅସମ୍ଭାଳ ହୋଇ ପଡ଼ିଲା । ସରକାର ବିଷମ ଚିନ୍ତାରେ ପଡ଼ିଗଲେ । ଏକା ସାଂଗରେ ଏତେ ଲୋକଙ୍କ ସକାଶେ ସବୁ ପ୍ରକାର ସୁବିଧା କରିବା କଣ ସହଜ କଥା ?

ଏଥି ସକାଶେ ସାରା ଦେଶର ପୁରା ସହଯୋଗ ଦରକାର । ତା ନ ହେଲେ ଏକୁଟିଆ ସରକାରଙ୍କ ପକ୍ଷରେ ଏତେ ବଡ଼ ଗୋଟିଏ ସମସ୍ୟା'ର ମୁକାବିଲା କରିବା କୌଣସି ମତେ ସମ୍ଭବ ନୁହଁ । କିନ୍ତୁ ଲୋକମାନେ ଅସଲ କଥା ନ ଜାଣିବା ଯାଏ ସହଯୋଗ କରିବେ କିମିତି ? ଘର ଘର ବୁଲି ସେମାନଙ୍କୁ ଏ କଥା କହିବାକୁ ଯିବ କିଏ ?

ସରକାର ଚିନ୍ତା କରି ଦେଖିଲେ, କେବଳ ରେଡ଼ିଓ ଛଡ଼ା, ଏ ସବୁ କାମ ଆଉ କାହାରି ଦ୍ୱାରା ହୋଇ ପାରିବ ନାହିଁ । କଥା ହେଲା ଯେ ତୁରନ୍ତ ସେହି ଇଲାକାରେ ଗୋଟିଏ ରେଡ଼ିଓ ଷ୍ଟେସନ ଖୋଲା ହେବ । ଷ୍ଟୁଡ଼ିଓ ତିଆରି କାମ ସରିଗଲା ପରେ , ୧୯୪୭ ମସିହା ନଭେମ୍ବର ମାସ ପହିଲା ଦିନ ଜଳନ୍ଧର ଠାରେ ଗୋଟିଏ ମିଡ଼ିୟମ ୱେଭ ଷ୍ଟେସନ ଖୋଲା ଗଲା ।

ସେହି ବର୍ଷ ଶେଷ ଆଡ଼କୁ ଦିନେ, ପାକିସ୍ଥାନ ଅଶ୍ୱନର କାଶ୍ମୀର ଉପରେ ଆକ୍ରମଣ କଲାରୁ, ସେଠାକାର ଅବସ୍ଥା ମଧ୍ୟ ଜଟିଳ ହୋଇ ପଡ଼ିଲା । ସରକାର ଡ଼ିସେମ୍ବର ମାସ ସୁଦ୍ଧା ଜମ୍ମୁରେ ଗୋଟିଏ ନୂଆ ରେଡ଼ିଓ ଷ୍ଟେସନ

ଖୋଲିଲେ । ତା ନ ହୋଇ ଥିଲେ, ପାକିସ୍ଥାନ ଯେ କାଶ୍ମୀର ଆକ୍ରମଣ କରିଥିଲା, ସେ କଥା କେହି ଜାଣି ପାରି ନଥାନ୍ତେ ।

ଦେଶ ସ୍ୱାଧୀନ ହେବା ପରେ ବେତାର ପ୍ରଚାର ଉପରେ ଅଧିକ ଗୁରୁତ୍ୱ ଆରୋପ କରାଗଲା । କାରଣ, ସରକାର ଏ କଥା ଭଲ ଭାବରେ ଜାଣିଥିଲେ ଯେ, ବେତାର ହେଉଛି ଏକମାତ୍ର ମାଧ୍ୟମ, ଯାହା କରିଆ ଦେଇ ଗଲେ ଅତି ସହଜରେ ଯାଇ ଲୋକମାନଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇପାରିବ । ସେଥି ସକାଶେ ଗୋଟିଏ ବ୍ୟାପକ ଯୋଜନା ପ୍ରସ୍ତୁତ କରାଗଲା । ସେହି ଯୋଜନା ଅନୁଯାୟୀ ପାଟନା, କଟକ, ଗୌହାଟି, ନାଗପୁର, ବିଜୟୱାଡ଼ା, ଶ୍ରୀନଗର, ଅହମେଦାବାଦ, ଧରୱାର, ତ୍ରିଭେନ୍ଦ୍ରମ୍, ମହୀଶୂର, ହାଇଦ୍ରାବାଦ, କୋଜିକୋଡ଼, ପୁନା, ରାଜକୋଟ, ଜୟପୁର, ଇନ୍ଦୋର ଓ ବାଙ୍ଗାଲୋର ସମେତ ଆହୁରି ଅନେକ ଗୁଡ଼ିଏ ନୂଆ ନୂଆ ରେଡ଼ିଓ ଷ୍ଟେସନ ଖୋଲାଗଲା । ୧୯୪୭ ମସିହାରେ ଭାରତ ଯେତେବେଳେ ସ୍ୱାଧୀନ ହେଲା, ସେତେବେଳେ ଦେଶରେ ମାତ୍ର ୬ଟି ବେତାର କେନ୍ଦ୍ର ଥିଲା—ତା ପରଠାରୁ ଏ ଗୁଡ଼ିକର ସଂଖ୍ୟା ବଢ଼ି ବଢ଼ି ବର୍ତ୍ତମାନ ୭୯ରେ ଯାଇ ପହଞ୍ଚିଲାଣି । ଭବିଷ୍ୟତରେ ଆହୁରି ବୃଦ୍ଧି ପାଇବାର ମଧ୍ୟ ସମ୍ଭାବନା ରହିଛି ।

୧୯୪୮ ମସିହା ଜୁଲାଇ ମାସ, ଅଲ ଇଣ୍ଡିଆ ରେଡ଼ିଓ ଷ୍ଟାଫ୍ ଟ୍ରେନିଂ ସ୍କୁଲର ଉଦ୍‌ଘାଟନ କରାଗଲା । ସେହି ବର୍ଷ ସେପଟେମ୍ବର ମାସ ୧୫ ତାରିଖ ଦିନ ନ୍ୟୁଜ ଓ ଏକ୍ସ-ଟାରନ୍ୟାଲ ସର୍ଭିସ୍, ପରସ୍ପର ଠାରୁ ପୃଥକ ହୋଇଗଲେ । ତା ପୂର୍ବରୁ ଦୁଇଟି ଯାକ ସଂସ୍ଥା, ଜଣେ ଡ଼ାଇରେକ୍‌ଟରଙ୍କ ତତ୍ତ୍ୱାବଧାନରେ ଏକାଠି କାମ କରୁଥିଲେ । ୧୯୫୨ ମସିହା ଏପ୍ରିଲ ମାସ ୨୦ ତାରିଖ ଦିନ 'ନ୍ୟାସନ୍ୟାଲ ପ୍ରୋଗ୍ରାମ ଅଫ୍ ମ୍ୟୁଜିକ୍' କାର୍ଯ୍ୟକ୍ରମ ଆରମ୍ଭ ହେଲା ଏବଂ ସେହି ବର୍ଷ ଅକ୍‌ଟୋବର ମାସ ଏ. ଆଇ. ଆର. ନ୍ୟାସନ୍ୟାଲ ଅରକେଷ୍ଟ୍ରା ଦଳ ଗଢ଼ାଗଲା ।

୧୯୫୪ ମସିହା ଏପ୍ରିଲ ମାସ ୩ ତାରିଖ ଦିନ, 'ଟ୍ରାନ୍‌ସ୍‌କ୍ରିପ୍‌ଶନ ସର୍ଭିସ, ନାମକ ଗୋଟିଏ ପୃଥକ ବିଭାଗ ଖୋଲା ଗଲା । ଅକ୍‌ଟୋବର ମାସ ୨୩ ତାରିଖ ଦିନ 'ରେଡ଼ିଓ ସଂଗୀତ ସମ୍ମିଳନୀ' ଏବଂ ଅଗଷ୍ଟମାସ ୧୪ ତାରିଖ ଦିନ 'ସର୍ଦ୍ଦାର ପଟେଲ ମେମୋରିଆଲ ଲେକ୍‌ଚର୍' କାର୍ଯ୍ୟ କ୍ରମର ଶୁଭାରମ୍ଭ ହେଲା । ୧୯୫୬ ମସିହା ଜାନୁୟାରୀ ମାସ ୨୫ ତାରିଖ—'ନିଖିଳ ଭାରତ, କବି ସମ୍ମିଳନୀ', ଏପ୍ରିଲ ମାସ ୧୯ ତାରିଖ—ଆକାଶ ବାଣୀ ସାହିତ୍ୟ ସମାରୋହ, ଏବଂ ଜୁଲାଇ ମାସ ୮ ତାରିଖ ଦିନ 'ନ୍ୟାସନାଲ ଡ୍ରାମା ଫେଷ୍ଟିଭାଲ' ପ୍ରୋଗ୍ରାମ ସୁରୁ ହେଲା ।

୧୯୫୭ ମସିହା ଅକ୍‌ଟୋବର ମାସ ୩ ତାରିଖ ଦିନ 'ବିବିଧ ଭାରତୀ'ର ଉଦ୍‌ଘାଟନ କରାଗଲା । ୧୯୫୯ ମସିହା—ଦିଲ୍ଲୀରେ ପରୀକ୍ଷାମୂଳକ ଭାବରେ ଗୋଟିଏ ଟେଲିଭିଜନ କେନ୍ଦ୍ର ପ୍ରତିଷ୍ଠା କରାଗଲା ଏବଂ ସେହି ବର୍ଷ ସେପ୍‌ଟେମ୍ବର ମାସ ୧୫ ତାରିଖ ଦିନ ନବ-ପ୍ରତିଷ୍ଠିତ ସେହି କେନ୍ଦ୍ରର ଉଦ୍‌ଘାଟନ କଲେ, ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ଼କଟର ରାଜେନ୍ଦ୍ର ପ୍ରସାଦ । ଦିଲ୍ଲୀ ଟେଲିଭିଜନ ସେଣ୍ଟର ସ୍ଥାପନ ହେବା ସଂଗେ ସଂଗେ ଭାରତରେ ଟେଲିଭିଜନ ଯୁଗର ଶୁଭାରମ୍ଭ ହେଲା ।

ଦିଲ୍ଲୀ ଟେଲିଭିଜନ କେନ୍ଦ୍ର ପ୍ରତିଷ୍ଠାର ତେର ବର୍ଷ ପରେ ୧୯୭୨ ମସିହା ଅକ୍‌ଟୋବର ମାସ ଦୁଇ ତାରିଖ ଦିନ, ବମ୍ବେରେ ଦେଶର ଦ୍ୱିତୀୟ ଟେଲିଭିଜନ କେନ୍ଦ୍ରର ଉଦ୍‌ଘାଟନ କରାଗଲା । ତା ପରେ ୧୯୭୩ ମସିହା ସେପ୍‌ଟେମ୍ବର ମାସ ୨୯ ତାରିଖ—ଅମୃତ ସହର, ଅକ୍‌ଟୋବର ମାସ ୨ ତାରିଖ ପୁନା, ନଭେମ୍ବର ମାସ ୬ ତାରିଖ ଶ୍ରୀନଗର, ୧୯୭୫ ମସିହା ଅଗଷ୍ଟ ମାସ ୯ ତାରିଖ କଲିକତା, ସେହିମାସ ୧୫ ତାରିଖ ମାଡ୍ରାସ ଏବଂ ନଭେମ୍ବର ମାସ ୧୭ ତାରିଖ ଲକ୍ଷ୍ନୌରେ ଗୋଟିଏ ଲେଖା, ଟେଲିଭିଜନ କେନ୍ଦ୍ର ସ୍ଥାପନ କରାଗଲା ।

୧୯୭୧ ମସିହାରେ ଶହେ ମିଟର ଉଚ୍ଚ ଗୋଟିଏ ଟାୱାର ଖଞ୍ଜାଯାଇ ଦିଲ୍ଲୀ ଟେଲିଭିଜନ କେନ୍ଦ୍ରର ପ୍ରସାରଣ କ୍ଷମତା ୪୦ କିଲୋମିଟରରୁ ୬୦ କିଲୋମିଟରକୁ ବୃଦ୍ଧି କରାଗଲା । ସେହି ବର୍ଷ ଏପ୍ରିଲ ମାସ ପହିଲା ତାରିଖ ଦିନ ଟି. ଭି. ରେଡ଼ିଓରୁ ପୃଥକ ହୋଇଗଲା । ପରି-ଶେଷରେ ଟେଲିଭିଜନର ଭାରତୀୟ ନାମ କରଣ କରାଗଲା 'ଦୂର ଦର୍ଶନ' । ୧୯୭୬ ମସିହା ଜାନୁୟାରୀ ମାସ ପହିଲା ତାରିଖଠାରୁ ଟେଲିଭିଜନରେ ବିଜ୍ଞାପନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଗଲା ।

୧୯୭୨ ମସିହା ନଭେମ୍ବର ମାସ ବିବିଧ ଭାରତୀ ଇଉନିଟ୍‌କୁ ଦିଲ୍ଲୀରୁ ବମ୍ବେକୁ ଉଠେଇ ନିଆଗଲା । ସେହି ମାସ ଠାରୁ ରେଡ଼ିଓରେ ହାରମୋନିୟମ ବ୍ୟବହାର କରିବା ଲାଗି ପୁଣି ଅନୁମତି ଦିଆଗଲା । ତିରିଶ ବର୍ଷ ପୂର୍ବେ, ହାରମୋନିୟମ ବନ୍ଦ କରିଦିଆ ଯାଇଥିଲା । ୧୯୭୬ ମସିହାରେ, ଦ୍ୱାରଭଂଗା, ଛତରପୁର (ମଧ୍ୟ ପ୍ରଦେଶ) ଆଉରଂଗାବାଦ, ମାଙ୍ଗାଲୋର, ଅମ୍ବିକାପୁରରେ ଗୋଟିଏ ଲେଖା ନୂଆ ରେଡ଼ିଓ ଷ୍ଟେସନ ଖୋଲାଗଲା । ୧୯୭୭ ମସିହା ଜାନୁୟାରୀ ମାସ ୨୨ ତରିଖ ଦିନ ମଧ୍ୟ ପ୍ରଦେଶର ଜବଲପୁର ଠାରେ ମଧ୍ୟ ଗୋଟିଏ ରେଡ଼ିଓ ଷ୍ଟେସନ ସ୍ଥାପନ କରାଗଲା ।

୧୯୭୦ ମସିହା ଡ଼ିସେମ୍ବର ମାସ ଶେଷ ସୁଦ୍ଧା ରେଡ଼ିଓ ଲାଇସେନ୍‌ସ୍ କୋଟିଏ ସତର ଲକ୍ଷ ଛୟାନବେ ହଜାର ଛଅଶହ ଦୁଇ ଥିବା ସ୍ଥଳେ, ୧୯୭୬ ମସିହା

ଡିସେମ୍ବର ମାସ ଶେଷ ସୁଦ୍ଧା ରେଡ଼ିଓ ଲାଇସେନ୍ସର ସଂଖ୍ୟା ହେଲା, ସତର କୋଟି, ତିନି ଲକ୍ଷ ଅଣଷଠି ହଜାର ସାତଶହ ଦଶ ଏବଂ ଟେଲିଭିଜନ୍ ଲାଇସେନ୍ସର ସଂଖ୍ୟା ଥିଲା, ଚାରି ଲକ୍ଷ ଅଣାଅଣି ହଜାର ଦୁଇ ଶହ ତିରିଶ । ଏହି ସବୁ ହେଲା ଆକାଶବାଣୀର ପଚାଶ ବର୍ଷ ଇତିହାସର କେତେଗୁଡ଼ିଏ ସଂକ୍ଷିପ୍ତ ଘଟଣା ।

ତା ପୂର୍ବରୁ ୧୯୫୧ ମସିହାରେ ସରକାର ଯେଉଁ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିଥିଲେ, ସେହିବର୍ଷ ଏପ୍ରିଲ ମାସ ପହିଲା ତାରିଖଠାରୁ ସେହି ଯୋଜନାର କାମ ଆରମ୍ଭ ହେଲା । ତାପରେ ପ୍ରତି ପାଞ୍ଚ ବର୍ଷରେ ଥରେ ଗୋଟିଏ ଲେଖାଁ ଯୋଜନା ତିଆରି କରି ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇ ନେବା ସକାଶେ ସରକାର ସବୁପ୍ରକାର ବ୍ୟବସ୍ଥା କଲେ । ହେଲେ, ରେଡ଼ିଓ ଭଳି ଯାଏଁ ପିଛୁଲାକେ ଯାଇ, ସାଧାରଣ ଲୋକଙ୍କର ଏତେ ପାଖରେ ପହଞ୍ଚିବା ଅନ୍ୟ କାହାରି ପକ୍ଷରେ ସମ୍ଭବ ହୋଇ ପାରିଲା ନାହିଁ ।

କିଏ କେଉଁ ପ୍ରଦେଶର ଲୋକ, କାହାର କି ଭାଷା, କିଏ କି ଜାତି, କାହାର କି ଧର୍ମ, ମନରେ ଏସବୁ କୌଣସି ପ୍ରକାର ବାଛ ବିଚାର ନରଖି, ରେଡ଼ିଓ ହେଲା ଦେଶର କୋଟି କୋଟି ଲୋକଙ୍କର ସୁଖ-ଦୁଃଖର ସାଥୀ, ଶ୍ରୋତାମାନଙ୍କର ଏକନିଷ୍ଠ ସେବକ । ରାଜ ଦରବାରଠାରୁ ଆରମ୍ଭ କରି ଶ୍ମଶାନ ଭୂଇଁ ଯାଏ, ଯେଉଁଠି ଯେତେବେଳେ ଦରକାର, ଅନ୍ୟ କେହି ଯାଇ ପହଞ୍ଚିବା ପୂର୍ବରୁ ରେଡ଼ିଓ ଯାଇ ସେଠାରେ ହାଜର ହେଲା ।

ସେଇଥିଯୋଗୁଁ ଲୋକେ ମଧ୍ୟ ରେଡ଼ିଓକୁ ଆଦର କରିବାକୁ ଲାଗିଲେ । ଦୁହିଁଙ୍କ ଭିତରେ ଘନିଷ୍ଠତା ବଢ଼ିଲା । ଛୁଆଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ଏପରିକି ଘରର ଗୃହିଣୀମାନେ ମଧ୍ୟ ରେଡ଼ିଓ କଥା ନଶୁଣି ରହି ପାରିଲେ ନାହିଁ । ଏହିପରି ଭାବରେ ରେଡ଼ିଓ ଧୀରେ ଧୀରେ ନୀତିଦିନିଆ ଜୀବନର ଏକ ଅପରିହାର୍ଯ୍ୟ ବିଷୟ ହୋଇ ପଡ଼ିଲା ଏବଂ ଦିନକୁ ଦିନ ଅଧିକରୁ ଅଧିକ ଲୋକ ଆଗ୍ରହର ସହ ରେଡ଼ିଓ ଶୁଣିବାକୁ ଲାଗିଲେ ।

ଆକାଶବାଣୀ
ନୂଆଦିଲ୍ଲୀ

ହେଲେ ପ୍ରୋଗ୍ରାମର ଭଲ ମନ୍ଦ କିଛି ବାରି ପାରିଲେ ନାହିଁ । କାରଣ ସେତେବେଳେ ସବୁ କିଛି ସେମାନଙ୍କୁ ଅଦଭୁତ ବୋଲି ମନେ ହେଉଥିଲା । ବିନା ତାରର ଛୋଟ ଗୋଟିଏ ଯନ୍ତ୍ରର ଚାବି ମୋଡ଼ି ଦେଲେ, ଶୂନ୍ୟରୁ ମଣିଷର କଣ୍ଠସ୍ୱର ଭାସି ଆସୁଛି, ସେମାନେ ଗୀତ ବୋଲୁଛନ୍ତି, ବାଜା ବଜାଉଛନ୍ତି, ନାଟ ତାମସା କରୁଛନ୍ତି, ମୋଟରେ ଆଖି ଆଗରେ ସବୁ କିଛି ଘଟୁଛି, ହେଲେ କେହି ଦିଶୁ ନାହାନ୍ତି ।

ଏହି ବିଚିତ୍ର ଘଟଣାଟି ସେତେବେଳେ ସେମାନଙ୍କ ମନରେ ଏତେ କୌତୂହଳ ସୃଷ୍ଟି କରୁଥିଲା ଯେ, ସେତେବେଳେ ଯାହା କିଛି ପ୍ରଚାର କରାଯାଉଥିଲା, ସେ ସବୁ ସେମାନେ ଭାରି ଆଗ୍ରହରେ ମନଦେଇ ଶୁଣୁଥିଲେ । ହେଲେ ପ୍ରୋଗ୍ରାମର ଭଲ ମନ୍ଦ କିଛି ଧରି ପାରୁନଥିଲେ ।

ସମୟର ଗତି ସାଙ୍ଗେ ସାଙ୍ଗେ ବେତାର ପ୍ରଚାର ବ୍ୟବସ୍ଥାର ଧୀରେ ଧୀରେ ଉନ୍ନତି ହେବାରୁ, ମନରୁ ଯାହା ସବୁ ଅସୁବିଧା ଥିଲା, ସେ ସବୁ ଦୂର ହୋଇ ଗଲା । ନୂଆ ନୂଆ ଆର୍ଟିଷ୍ଟ ଆସିଲେ, ଭଲ ଭଲ ପ୍ରୋଗ୍ରାମ୍ ତିଆରି ହେଲା, ଶ୍ରୋତାମାନଙ୍କ ସଂଖ୍ୟା ବଢ଼ିଲା ଏବଂ ଆଗ ଅପେକ୍ଷା ସେମାନେ ଆହୁରି ସେନ୍ସିଟିଭ୍ (Sensitive) ହେବାକୁ ଲାଗିଲେ । ପ୍ରୋଗ୍ରାମ ଭଲ ହେଲେ ପ୍ରଶଂସା କଲେ ଏବଂ ମନ ଲାଖି ନହେଲେ କଡ଼ା ଭାଷାରେ ସମାଲୋଚନା କରିବାକୁ ଛାଡ଼ିଲେ ନାହିଁ । ଏହାଫଳରେ ଉପର ମହଲର ବଡ଼ କର୍ତ୍ତାମାନେ ସବୁବେଳେ ସଜାଗ ହୋଇ ରହିଲେ ଏବଂ ଆର୍ଟିଷ୍ଟମାନଙ୍କୁ ମଧ୍ୟ ନିଜ ନିଜର ଭୁଲ ତ୍ରୁଟିଗୁଡ଼ିକୁ ସୁଧାରି ନେବାରେ ସୁଯୋଗ ମିଳିଲା ।

ଏହିପରିଭାବରେ, ଶ୍ରୋତା, କଳାକାର ତଥା କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମ ଓ ଘନିଷ୍ଠ ସହଯୋଗ ଫଳରେ, ଅଲ ଇଣ୍ଡିଆ ରେଡ଼ିଓ ଦେଶର ସର୍ବ ବୃହତ୍ ସାଂସ୍କୃତିକ କେନ୍ଦ୍ର ହିସାବରେ ଗଢ଼ି ଉଠିଲା ଏବଂ ତାର ମୂଳ ମନ୍ତ୍ର ହେଲା, ବହୁଜନ ସୁଖାୟ, ବହୁଜନ ହିତାୟ । ଏହି ମହାମନ୍ତ୍ରଟିକୁ ପାଥେୟ କରି, ଆକାଶବାଣୀ ଏବେ ଅର୍ଦ୍ଧ ଶତାବ୍ଦୀର ପଥ ଅତିକ୍ରମ କରିଗଲା ।



ଡାକଘର ସଞ୍ଚୟ ବ୍ୟାଙ୍କ୍ ଏକାଉଣ୍ଟଧାରୀଙ୍କ ପାଇଁ

# ଅଭିନବ ପୁରସ୍କାର ଯୋଜନା

ଏକ ଲକ୍ଷ ଟଙ୍କା ପୁରସ୍କାର ବିଜେତା

**ଶ୍ରୀମାନ୍ ସୂର୍ଯ୍ୟନାରାୟଣ ମିଶ୍ର**

ବ୍ରହ୍ମପୁର ଷ୍ଟେସନର ଚିଫ୍ ବୁକିଂ କ୍ଲର୍କ

**ଶ୍ରୀ ପି. ସି. ମିଶ୍ରଙ୍କ ପୁତ୍ର**

ଶ୍ରୀମାନ୍ ସୂର୍ଯ୍ୟନାରାୟଣ ମିଶ୍ର ପୋଷ୍ଟ ଅଫିସ୍ ସେଭିଂସ୍ ବ୍ୟାଙ୍କ୍‌ରେ ଟ ୨୦୦.୦୦ଙ୍କା ଜମାରଖି ଭାରତ ସରକାରଙ୍କ ଅର୍ଥ ବିଭାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ତା୩୦-୬-୭୬ରିଖରେ ଅନୁଷ୍ଠିତ ସପ୍ତମ ଉଠାଣରେ **ସର୍ବଭାରତୀୟ ସ୍ତରରେ ପ୍ରଥମ ପୁରସ୍କାର ଏକ ଲକ୍ଷ ଟଙ୍କାର ବିଜେତା** ରୂପେ ଯେଉଁ ଗୌରବ ଅର୍ଜନ କରିଛନ୍ତି ଆପଣ ଯେକୌଣସି ପୋଷ୍ଟ ଅଫିସରେ ସେଭିଂସ୍ ବ୍ୟାଙ୍କ୍ ଏକାଉଣ୍ଟରେ ଯଦି ଟ ୨୦୦.୦୦ ଙ୍କା ବର୍ଷସାରା ଜମା ରଖନ୍ତି, ତେବେ ପ୍ରତ୍ୟେକ ବର୍ଷ ଜୁଲାଇ ୩୧ ତାରିଖ ଏବଂ ଜାନୁୟାରୀ ୩୧ ତାରିଖରେ ହେଉଥିବା ଉଠାଣରେ ଭାଗ ନେଇ ସେହିପରି ସୌଭାଗ୍ୟର ଅଧିକାରୀ ହୋଇ ପାରିବେ । ପ୍ରତ୍ୟେକ ବର୍ଷ ଜୁଲାଇ ୩୧ ତାରିଖ ଏବଂ ଜାନୁୟାରୀ ୩୧ ତାରିଖରେ ହେଉଥିବା ଉଠାଣରେ ଏକ ଲକ୍ଷ ଟଙ୍କା ବ୍ୟତିତ ୫୦ ହଜାର ଟଙ୍କା ମୂଲ୍ୟର ୫ଟି, ୨୦ ହଜାର ଟଙ୍କା ମୂଲ୍ୟର ୧୦ଟି ଓ ୫ ହଜାର ଟଙ୍କା ମୂଲ୍ୟର ୧୦୦ଟି ପୁରସ୍କାର ଏବଂ ଟ ୫୦୦.୦୦ଙ୍କା ଓ ଟ ୫୦.୦୦ଙ୍କା ମୂଲ୍ୟର ୧୧ ହଜାରଟି ପୁରସ୍କାର ଏହିପରି ମୋଟ ଟ ୨୦,୫୦,୦୦୦.୦୦ ଙ୍କାର ପୁରସ୍କାର ଭାଗ୍ୟବାନ ବିଜେତାମାନେ ପାଉଛନ୍ତି ।

ଓଡ଼ିଶାରେ ସେଭିଂସ୍ ବ୍ୟାଙ୍କ୍ ସୁବିଧାଥିବା ୫ ହଜାରରୁ ଉର୍ଦ୍ଧ୍ୱ ପୋଷ୍ଟ ଅଫିସ ମଧ୍ୟରୁ ଯେକୌଣସି ପୋଷ୍ଟ ଅଫିସରେ ଆଜି ଗୋଟିଏ ଏକାଉଣ୍ଟ ଖୋଲନ୍ତୁ ଓ ଟ୨୦୦.୦୦ ଜମା ଦିଅନ୍ତୁ ।

**ମନେରଖନ୍ତୁ--**

ପୋଷ୍ଟ ଅଫିସ୍ ସେଭିଂସ୍ ବ୍ୟାଙ୍କ୍ ଜନତାର ବ୍ୟାଙ୍କ୍ । ବିଶଦ ବିବରଣୀ ପାଇଁ ନିକଟସ୍ଥ ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟର ଏବଂ ଶ୍ରୀ ରାଘବାନନ୍ଦ ପାଣିଗ୍ରାହୀ, ଡେପୁଟି ଡାଇରେକ୍ଟର ସ୍ୱଳ୍ପ ସଞ୍ଚୟ, ଅର୍ଥ ବିଭାଗଙ୍କ ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ**

ଅର୍ଥ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

## ସାହିତ୍ୟ ଓ ସଂସ୍କୃତି

— ସର୍ଦ୍ଦାର ଅମର ସିଂହ

# ପ୍ରତିଷ୍ଠ ମହାତ୍ମା.... ଆଦେବ ପଣ୍ଡିତଙ୍କ ମୁଖରୁ

ଭାରତର ସଭ୍ୟତା ଏ ଦେଶର ନଦୀ ଓ ପର୍ବତଭଳି ପ୍ରାଚୀନ । ଏ ସଭ୍ୟତାର ଭିତ୍ତି ଏତେ ଦୃଢ଼ ଯେ ବହୁ ପରାକ୍ରମୀ ଆକ୍ରମଣକାରୀଙ୍କ ଅପଚେଷ୍ଟା ସତ୍ତ୍ୱେ ବି ଏହାର ମୂଳ ଦୋହଲି ଯାଇନାହିଁ ।

ଗୋଟିଏ ଦେଶର ସଭ୍ୟତା ବା ସଂସ୍କୃତିର ଭୂମିକା ସମଗ୍ର ବିଶ୍ୱର କ୍ରମବିକାଶପାଇଁ ଖୁବ୍ ଗୁରୁତ୍ୱ ପୂର୍ଣ୍ଣ । ପ୍ରତି ଜାତି ଗୋଟିଏ ସତ୍ୟକୁ ଆବିଷ୍କାର କରେ ଓ ସେହି ସତ୍ୟକୁ ନେଇ ବଞ୍ଚେ । ଏହି ଆବିଷ୍କୃତ ସତ୍ୟଟି ବିଶ୍ୱର ସାମଗ୍ରିକ ଚେତନା ବିକାଶରେ ଖୁବ୍ ସାହାଯ୍ୟ କରିଥାଏ । ଇତିହାସରେ ରୋମାନ୍ ଜାତି ସାମରିକ ଶକ୍ତି ସଙ୍ଗଠନରେ ଖୁବ୍ ଦକ୍ଷତା ଅର୍ଜନ କରିଥିଲେ ଏବଂ ରାଜନୈତିକ ସିଦ୍ଧି ମଧ୍ୟ ଅର୍ଜ୍ଜନ କରିଥିଲେ । ସେହିପରି ଗ୍ରୀକ୍‌ମାନେ ମାନସିକ ଦକ୍ଷତାରେ ଖୁବ୍ ସମୃଦ୍ଧି ଲାଭ କରିଥିଲେ । କିନ୍ତୁ ଭାରତବର୍ଷରେ ଆଧ୍ୟାତ୍ମ ସାଧନାର ସିଦ୍ଧି ଲାଭ ହୋଇଥିଲା । ଭାରତର ଋଷି ଓ ମନୀଷୀ-ମାନେ ଆତ୍ମାର ବିଭୂତିକୁ ଚିହ୍ନିଥିଲେ ଓ ଆଧ୍ୟାତ୍ମିକ ଜଗତର ବହୁ ସତ୍ୟ ଆବିଷ୍କାର କରିଥିଲେ । ମୁନିଋଷିମାନେ ଈଶ୍ୱରଙ୍କୁ ଅନ୍ୱେଷଣ କରିଥିଲେ ଏବଂ ଠାବ ମଧ୍ୟ କରିଥିଲେ । ଯେ ପର୍ଯ୍ୟନ୍ତ ଭାରତ ସେହି ଅନ୍ୱେଷଣରେ ରତ ଥିବ, ସେପର୍ଯ୍ୟନ୍ତ ଭାରତବର୍ଷର ପତନ ହୋଇପାରିବ ନାହିଁ । କାରଣ ଏହାହିଁ ଭାରତୀୟ ଜାତିର ବିଶେଷ ଓ ମୌଳିକ ଗୁଣ । ଏହି ଗୁଣ ତିରୋହିତ ହେଲେ ଜାତିର ଅବନତି ଓ ବିଲୟ ଘଟିଯିବ । କାରଣ ଜାତିର ମୌଳିକ ଗୁଣହିଁ ତାର ଜୀବନୀ ଶକ୍ତି ।

ଅନେକ କହିବାର ଶୁଣାଯାଏ ଯେ ଭାରତରେ ବହୁବିଧ ଧର୍ମ ରହିଛି ଏବଂ ଏହା ଭାରତର ଉନ୍ନତି ପଥରେ ଅନ୍ତରାୟ । ମାତ୍ର ପ୍ରକୃତରେ ଦେଖିବାକୁ ଗଲେ, ବହୁ ଶତାବ୍ଦୀ ହେଲା ଭାରତବର୍ଷରେ ଯଥାର୍ଥ ଧର୍ମାଚରଣର ଅବନତି ଘଟିଛି । ସବୁ ଧର୍ମର ସାରକଥା ହେଲା ଆଧ୍ୟାତ୍ମ ଉନ୍ନତି । ତା'ମାନେ ଈଶ୍ୱରଙ୍କ ସହିତ ଅନ୍ତରର ପରିଚୟ ବା ମିଳନ ହେଲା ଏହାର ମୂଳକଥା । ଈଶ୍ୱର କିନ୍ତୁ ଅସୀମ । ତେଣୁ ତାଙ୍କ ସଙ୍ଗେ ମିଳିତ ହେବାକୁ ହେଲେ ନିଜର ଆତ୍ମାକୁ ଖୁବ୍ ଉନ୍ନତ କରିବାକୁ ପଡ଼ିବ । ଏହି ଅସୀମ ଉଚ୍ଚତାରେ ଉପନୀତ ହେବାଲାଗି ଭାରତବର୍ଷ ହଜାର ହଜାର ବର୍ଷ ଧରି ସାଧନା କରି ଆସିଛି ଏବଂ ବିଭିନ୍ନ ସମୟରେ ଏହି ଆଧ୍ୟାତ୍ମିକ ଉଚ୍ଚତାର ବିଭିନ୍ନ ସମୁନ୍ନତସ୍ତରକୁ ଉଠି ଚାଲିଛି । ପୃଥିବୀର ଅନ୍ୟ କୌଣସି ଦେଶରେ ଏହି ନିରବଚ୍ଛିନ୍ନ ଆଧ୍ୟାତ୍ମ-ସାଧନା ଚାଲିନାହିଁ । କାରଣ ଈଶ୍ୱର ଏହି ଦାୟିତ୍ୱ ଭାରତବର୍ଷ ଉପରେ ହିଁ ଦେଇଛନ୍ତି ।

ଭାରତବର୍ଷ ଆଧ୍ୟାତ୍ମିକ ଜଗତର ଗୁରୁ ସ୍ଥାନରେ ରହିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ସେହି ଭୂମିକାରେ ତାକୁ ଠିଆହେବାକୁ ପଡ଼ିବ । କିନ୍ତୁ ଏଥିପାଇଁ ତାକୁ ବହୁ ପରିଶ୍ରମ କରିବାକୁ ପଡ଼ିବ । ଜାତୀୟ ବ୍ୟକ୍ତିତ୍ୱକୁ ତଦନୁଯାୟୀ ପ୍ରସ୍ତୁତ ରଖିବାକୁ ପଡ଼ିବ । ପ୍ରଥମତଃ ଆମକୁ ଆମର ଆଧ୍ୟାତ୍ମିକ ଅତୀତକୁ ପୁନର୍ଜୀବିତ କରିବାକୁ ହେବ । ଶ୍ରୀଅରବିନ୍ଦ କହିଛନ୍ତି–ଭାରତର ତୁଣ୍ଡରେ ହିଁ ଈଶ୍ୱରଙ୍କ ବାଣୀ ପ୍ରକାଶିତ ହେବ ଏବଂ ଭାରତବର୍ଷ ହିଁ ବିଶ୍ୱର ଦିବ୍ୟରୂପାନ୍ତର ପ୍ରକ୍ରିୟାରେ ଯନ୍ତ୍ର ସ୍ୱରୂପ କାର୍ଯ୍ୟ କରିବ । ବିଶ୍ୱର ଯାବତୀୟ ମାନବୀୟ ସମସ୍ୟାଗୁଡ଼ିକ ଏହି ଭାରତବର୍ଷରେ ହିଁ ଗାଢ଼ତମ ରୂପେ ଆବିର୍ଭୂତ ହେବ ଏବଂ ସେସବୁର ପୂର୍ଣ୍ଣ ସମାଧାନ ଏହି ଦେଶରେ ହିଁ ହୋଇଯିବ । ଏହି ଲକ୍ଷ୍ୟରେ ଶ୍ରୀମା ଅରୋଭିଲ୍ ନଗରୀର ପରିକଳ୍ପନା କରିଥିଲେ ଓ ୧୯୬୮ ରେ ଏହି ନଗରୀର ଶୁଭ ଦେଇଥିଲେ । ଏହି ଆନ୍ତର୍ଜାତିକ ନଗରୀରେ ସମଗ୍ର ମାନବଜାତି ଏକ ଆଧ୍ୟାତ୍ମିକ ଆଦର୍ଶକୁ ସାଧନ କରିଚାଲିବ । ଏଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି–ବିଶ୍ୱରେ ଯେଉଁ ନୂତନ ମାନବ ଜାତିର ଆବିର୍ଭାବ ହେବ, ତାର ଶୈଶବାବସ୍ଥା ଏହି ଭାରତର ଦୋଳା (Cradle) ଭିତରେ ଲାଳିତ ହେବ ।

ଆମର ତେଣୁ ଦାୟିତ୍ୱ କେତେବେଶୀ, ତାହା ଆମର ସର୍ବଦା ସ୍ମରଣ ରହିବା ଉଚିତ । ମାନବଜାତିର ଐକ୍ୟ ପ୍ରତିଷ୍ଠାରେ , ବିଶ୍ୱଭ୍ରାତୃତ୍ୱର ଭାବ ଓ ପରିସ୍ଥିତି ସୃଷ୍ଟି କରିବାରେ, ବିଭେଦ ଓ ଅସାମ୍ୟ ଦୂର କରି ବିଶ୍ୱରେ ଏକ ମହାନ ଉଦାର ଶୁଭଙ୍କର ସାମ୍ୟଭାବ ସୃଷ୍ଟି କରିବାରେ ଭାରତବର୍ଷ ହିଁ ବର୍ତ୍ତମାନ ବେଶୀ ନେତୃତ୍ୱ ନେବା ଉଚିତ ।

ଆଧ୍ୟାତ୍ମିକ ଚେତନାରେ ଆମ ଦେଶ ଖୁବ୍ ସୁପରିପକ୍ୱ ସତ୍ୟ–ମାତ୍ର ସାମୂହିକଭାବେ ଆମେ ତାର ସୁଯୋଗ ଏଯାବତ୍ ଗ୍ରହଣ କରି ପାରିନାହୁଁ । ଭବିଷ୍ୟତର ମାନବଜାତି ଏକ ଉଚ୍ଚତର ଚେତନାରେ ପରିପୂର୍ଣ୍ଣ ହେବ—ଏହି ବିଶ୍ୱାସ ଓ ଆସ୍ପୃହା ଏପର୍ଯ୍ୟନ୍ତ ଆମର ଆଧୁନିକ ଭାରତର ମାନସରେ ପ୍ରତିଷ୍ଠିତ ହେଲଣି କି ? ବର୍ତ୍ତମାନ ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ଯେଉଁ ଝଡ଼ଝଞ୍ଜା ଦେଖାଦେଉଛି, ମିଥ୍ୟା ଓ ପ୍ରତାରଣାର ଯେଉଁ ଜୟ ଦୁନ୍ଦୁଭି ସାମୟିକଭାବେ ବାଜିଉଠୁଛି, ଦୁର୍ବଳ ଉପରେ ଯେପରିଭାବେ ସବଳର ଅତ୍ୟାଚାର ବଢ଼ିଚାଲିଛି, ଏବଂ ଏସବୁ ସଙ୍ଗେ ଯେଉଁପରି ସାମାଜିକ ବ୍ୟଭିଚାର, ଅନୀତି ଓ ବିଶୃଙ୍ଖଳା ବଢ଼ିଚାଲିଛି– ଏସବୁର ଗୋଟାଏ ବ୍ୟଞ୍ଜନା ମଧ୍ୟ ରହିଛି । କୁରୁକ୍ଷେତ୍ର ବର୍ତ୍ତମାନ ମଧ୍ୟ ଉନ୍ମୁକ୍ତ ଏବଂ ତା'ଉପରେ ସତ୍ ଓ ଅସତ୍ର ଲଢ଼େଇ ଏବେ ମଧ୍ୟ ଚାଲିଅଛି ଏବଂ ସମସ୍ତେ ଦେଖିବେ—ସତ୍ ଶକ୍ତିର ବିଜୟ ଅବଶେଷରେ ହେବହିଁ ହେବ ଏବଂ "କଳିଯୁଗ"ର ପ୍ରଭାବ ନିଶ୍ଚୟ କ୍ଷୁଣ୍ଣ ହେବ । କେବଳ ସମୟ ପାଇଁ ଯାହା ଅପେକ୍ଷା କରିବାକୁ ପଡ଼ିବ । ସତ୍ୟର ବିଜୟ ପାଇଁ କେତେ ସମୟ ଲାଗିବ, ତାହା କେହି କହିପାରିବ ନାହିଁ । ମାତ୍ର ନୂତନ ଚେତନା ବା ନୂତନ ସତ୍ୟ ଯେ ପୃଥିବୀ ପୃଷ୍ଠରେ କ୍ରମଶଃ ନିଜକୁ ପ୍ରତିଷ୍ଠିତ କରିଚାଲିଛି—ଏହା କେହି ଅସ୍ୱୀକାର କରି ପାରିବେନାହିଁ ।

ତେଣୁ ବର୍ତ୍ତମାନର ଏହି ଅନ୍ଧକାରମୟ ଯୁଗ ବିଶ୍ୱରେ ଆଉ ବେଶୀଦିନ ତିଷ୍ଠି ରହି ପାରିବନାହିଁ । ଧ୍ୱଂସକାରୀ ଶକ୍ତିଗୁଡ଼ିକ ଅତଳପାତାଳ ଭିତରୁ ବାହାରି ଆସି ବିଶ୍ୱର ସବୁ ଭାଗରେ ଯୁଦ୍ଧଂ ଦେହୀ ଡ଼ାକଦେଇ ପ୍ରଳୟକାଣ୍ଡ ଘଟାଉଛନ୍ତି– ପୃଥିବୀର ଯନ୍ତ୍ରଣା ବଢ଼ିଯାଉଛି । ମାତ୍ର ତା ବୋଲି ସତ୍ୟ ବା ଧର୍ମର ଶକ୍ତି ମଧ୍ୟ ନିଶ୍ଚେଷ୍ଟ ବା ଦୁର୍ବଳ ହୋଇ ପଡ଼ିନାହିଁ । ସତ୍ ଶକ୍ତିମାନେ ମଧ୍ୟ ଶେଷ ଲଢ଼େଇ ପାଇଁ ପ୍ରସ୍ତୁତ ରହିଛନ୍ତି ଓ ଲଢ଼ୁଛନ୍ତି ମଧ୍ୟ । ବେଳେ ବେଳେ ଅଚାନକଭାବେ ଅଘଟଣ ଘଟିଯାଏ ଏବଂ ଧର୍ମର ବିଜୟ ମଧ୍ୟ ଘଟିଯାଏ । ନୂତନ ଆଧ୍ୟାତ୍ମ ଶକ୍ତିମାନେ ମଧ୍ୟ ଏହି ଅନ୍ଧକାର ଭିତରେ ବାଟ ଫିଟାଇ ଆସୁଛନ୍ତି । ତେଣୁ ନୈରାଶ୍ୟ ବା ବ୍ୟର୍ଥତାବୋଧ ଲାଗି ଅବକାଶ ନାହିଁ ।

ଆଜହିଁ ତେଣୁ ସତଶକ୍ତିର ବିଜୟପଥ ସୁଗମ କରିବାପାଇଁ ଆମେ ଆମର ଜୀବନପ୍ରଣାଳୀରେ ମଧ୍ୟ କେତେକ ପରିବର୍ତ୍ତନ ଆଣିବା ଉଚିତ । ଆମର ନୈତିକ, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନଧାରାରେ କେତେକ ଆଖିଦୃଶିଆ ପରିବର୍ତ୍ତନ ଆଣିବା ଦରକାର । ପୁରାତନ ସ୍ୱାର୍ଥପର ଅହଂ-କେନ୍ଦ୍ରିକ ଜୀବନଧାରା ପରିବର୍ତ୍ତେ ଏକ ଶୁଦ୍ଧ ଆତ୍ମିକ ଜୀବନଚର୍ଯ୍ୟାର ଅନୁଶୀଳନ ବର୍ତ୍ତମାନ ନିତାନ୍ତ ଜରୁରୀ । ଆମର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଈଶ୍ୱର ଭାବ, ପ୍ରେମ, କରୁଣା, ସହାନୁଭୂତି ଓ ଆନନ୍ଦ ଭାବ ଏକ ପ୍ରତିଷ୍ଠିତ ରହିବା ଉଚିତ । ସମାଜରେ ଉନ୍ନତ ଚିନ୍ତା ଏବଂ ବିଶୁଦ୍ଧ ହୃଦୟର ଲୋକେ ଏକତ୍ର ହୋଇ କୌଣସି ମହତ୍ କାର୍ଯ୍ୟ କଲେ ତାର ପ୍ରଭାବ ସମଗ୍ର ସମାଜ ଉପରେ ନିଶ୍ଚୟ ପରିବ୍ୟାପ୍ତ ହେବ । ଅନ୍ୟର ମଙ୍ଗଳ କାମନା, ତ୍ୟାଗ

ସ୍ତରରେ ସ୍ପର୍ଶ ହେବା, ଏବଂ ହୃଦୟରୁ ଈର୍ଷା ହିଂସାଦିଭାବ ଦୂରକରି, ସମାଜରେ ଯେଉଁମାନେ ପତିତ ବା ଅଧଃପତିତ ଅବସ୍ଥାରେ ଅଛନ୍ତି, ସେମାନଙ୍କୁ ସର୍ବପ୍ରକାରେ ଉପରକୁ ଉଠାଇବାର ପ୍ରୟାସ ଇତ୍ୟାଦି ସଦ୍‌ଭାବ ଓ ସତକର୍ମରେ ଯଦି ଅଧିକାଂଶ ବ୍ୟକ୍ତି ନିଜକୁ ନିୟୋଜିତ କରନ୍ତି—ତେବେ ନିଶ୍ଚିତ ଭାବେ ଆମ ସମାଜରେ ଏକ ଉଜ୍ଜ୍ୱଳ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇପାରିବ । ବର୍ତ୍ତମାନର ସଙ୍କଟମୟ ପରିସ୍ଥିତିକୁ ଦେଖି ନିରାଶ ହେବାର କୌଣସି କାରଣ ନାହିଁ । ଶ୍ରୀମା କହିଛନ୍ତି—ସଙ୍କଟ ଯେତିକି ଗାଢ଼ ଓ ଗୁରୁତର ହୋଇଉଠିବ—ତାକୁ ସମ୍ମୁଖୀନ ହୋଇ ତାର ସମାଧାନ ପାଇଁ ବ୍ୟାକୁଳତା ମଧ୍ୟ ସେତିକି ପ୍ରବଳ ହୋଇ ଚାଲିବ ।

ଦାନବୀୟ ସମାଜ ପରିବର୍ତ୍ତେ ଦିବ୍ୟ ସମାଜ ପ୍ରତିଷ୍ଠା ଯେଉଁମାନଙ୍କର ପ୍ରକୃତ ଲକ୍ଷ୍ୟ, ସେମାନେ ଈଶ୍ୱରଙ୍କ ନାମ ଧରନ୍ତୁ ବା ନଧରନ୍ତୁ ସେଥିରେ କିଛି ଯାଏ ଆସେନାହିଁ । ବ୍ୟକ୍ତି ପ୍ରଥମେ ନିଜର ହୃଦୟକୁ ପବିତ୍ର କରି ସମାଜର ସେବା କରିବାରେ ବ୍ରତୀହେବା ଉଚିତ । ଯେଉଁମାନେ ସମାଜ ବା ରାଷ୍ଟ୍ର ପରିଚାଳନାର ଦାୟିତ୍ୱରେ ଅଛନ୍ତି—ପ୍ରଥମେ ସେମାନଙ୍କ ହୃଦୟରେ ଦିବ୍ୟବିଧାନ ପ୍ରତିଷ୍ଠା ହେବାଲାଗି ଆସ୍ପୃହା ଜାଗ୍ରତ ହେବା ଲୋଡ଼ି । ସେମାନେ ହିଁ ପ୍ରଥମେ "ସତ୍ୟ"କୁ ଦୃଢ଼ଭାବେ ଧରି ରଖିବା ଉଚିତ ।

ବାହ୍ୟ ଧାର୍ମିକ ଆଚରଣଗୁଡ଼ିକ ସଙ୍ଗେ ଅନ୍ତରର ଅନୁଭୂତି ସଂପୃକ୍ତ ରହିଲେ ଯାଇ ସେଗୁଡ଼ିକର ସୁଫଳ ମିଳିବ । ଅନେକ ଧରଣର କୁସଂସ୍କାର ଏପର୍ଯ୍ୟନ୍ତ ଆମ ସମାଜରେ ରହିଆସିଛି ଯେଉଁଗୁଡ଼ିକ ଆମର ଚେତନାର ଉର୍ଦ୍ଧ୍ୱଗତିରେ ବାଧା ଦିଅନ୍ତି । ସେଗୁଡ଼ିକ ଦୂର କରିବା ଉଚିତ । ପ୍ରତ୍ୟେକ ଧର୍ମ ଓ ମତବାଦ ପ୍ରତି ସହିଷ୍ଣୁତା ଓ ସମ୍ମାନବୋଧ ସଙ୍ଗେ ସଙ୍ଗେ ବ୍ୟକ୍ତିର ହୃଦୟରେ ସର୍ବଦା ସମତା ଓ ଶାନ୍ତଭାବ ବିରାଜମାନ କରିବା ଉଚିତ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି—"ସବୁ ପଥ ଶେଷରେ ମୋଠାରେ ଇ ଶେଷ ହୁଏ" ।

କୌଣସି ଉଦ୍ଦେଶ୍ୟ ବା ଲକ୍ଷ୍ୟ ଶୀଘ୍ର ସାଧିତ ନ ହେଲେ ବୋଲି ନିରାଶ ବା ହତୋତ୍ସାହ ହେବା ଅନୁଚିତ । ନୈରାଶ୍ୟ ବା ଉତ୍ସାହହୀନତା ହେଉଛି ଅହଂକାରର ପ୍ରାଣିକ ପ୍ରତିକ୍ରିୟା । ଯେତେ ଝଡ଼ ଝଞ୍ଜା ଆମ ଉପରେ ବହିଗଲେ ମଧ୍ୟ ଆମେ ଖୁବ୍ ଧୀର ଓ ଶାନ୍ତ ରହିବା ମଙ୍ଗଳକର । ସବୁ ଝଡ଼ ଝଞ୍ଜା ଓ ଅନ୍ଧକାର ପଛେ ପଛେ ସତ୍ୟ ଶିବ ସୁନ୍ଦରର ଆଲୋକ ଆସିବ ହିଁ ଆସିବ ।

ନାରୀ ଓ ପୁରୁଷ ମଧ୍ୟରେ କୌଣସି ଭେଦାତ୍ମକ ବିରୋଧଭାବ ରହିବା ଉଚିତ ନୁହେଁ । ପ୍ରକୃତି ତାର ବଂଶଧାରାକୁ ଅବ୍ୟାହତ ରଖିବା ପାଇଁ କେବଳ ଏଭଳି ସ୍ତ୍ରୀ, ପୁରୁଷ ସୃଷ୍ଟି କରିଛି । ଏତିକି ବ୍ୟତୀତ ଏହି ଭେଦର ଆଉ କୌଣସି ଗୁରୁତ୍ୱ ନାହିଁ । ଉଚ୍ଚତର ଚେତନାରେ ଦେବ ବା ଦେବୀ ଭିତରେ ପାର୍ଥକ୍ୟ ନାହିଁ । ନାରୀଠାରୁ ପୁରୁଷ ଉଚ୍ଚତର ବୋଲି ଯେଉଁ ପାରଂପାରିକ ଧାରଣା ରହିଛି ତାହା ଦୂରୀଭୂତ ନହେଲେ ବ୍ୟକ୍ତି ବା ସମାଜ କାହାର ମଙ୍ଗଳ ହେବନାହିଁ । ବିଜ୍ଞାନ ମଧ୍ୟ ନାରୀ ପୁରୁଷ ମଧ୍ୟରେ ବୁଦ୍ଧିଗତ ବା ଯୋଗ୍ୟତାଗତ କିଛି ପ୍ରଭେଦ ଦେଖି ପାରିନାହିଁ । ବରଂ ମନୋବିଜ୍ଞାନ କହେ—ପ୍ରତି ପୁରୁଷ ଭିତରେ କିଞ୍ଚିତ ପରିମାଣରେ ନାରୀ ଭାବ ଓ ପ୍ରତି ନାରୀ ଭିତରେ କିଞ୍ଚିତ ପରିମାଣରେ ପୁରୁଷ ଭାବ ରହିଛି । ଶିକ୍ଷା କ୍ଷେତ୍ରରେ ଓ ଅନ୍ୟାନ୍ୟ କ୍ଷେତ୍ରରେ ନାରୀ ପୁରୁଷ ସମାନ ଅଧିକାର ଓ ସୁଯୋଗ ପାଇ ଯେପରି ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ କରି ପାରିବେ ସେ ଦିଗରେ ରାଷ୍ଟ୍ର ସମସ୍ତ ବ୍ୟବସ୍ଥା କରିବା ଉଚିତ । ସିଷ୍ଟର ନିବେଦିତା, ଆନିବେସାଣ୍ଟ ପ୍ରଭୃତି ମହିଳାମାନେ ଗତ ଶତାବ୍ଦୀରେ ଅଦ୍ଭୁତ ପ୍ରତିଭା ପ୍ରଦର୍ଶନ କରିଯାଇଛନ୍ତି । ବରଂ ନାରୀ ଯେତିକିବେଳେ ପ୍ରକୃତରେ ସ୍ୱାଧୀନ ହେବ, ଯେତେବେଳେ ସେ ପୁରୁଷର ପ୍ରଶଂସାବାଦ ପାଇବା ପାଇଁ କାଙ୍ଗାଳ ହେବନାହିଁ ଏବଂ ପୁରୁଷ ଉପରେ ହିଁ ନିର୍ଭର କରି ବଞ୍ଚିବାର ଦୁର୍ବଳ ମନୋଭାବକୁ ତ୍ୟାଗକରି ପାରିବ । ଆଉମଧ୍ୟ ନାରୀ ତାର ଆକର୍ଷଣ ଦ୍ୱାରା ପୁରୁଷକୁ ବିପଥଗାମୀ କରିବା ମନୋଭାବ ଠାରୁ ଦୂରେଇ ରହିବା ଉଚିତ । ବରଂ ତାର ଆକର୍ଷଣ ଯେପରି ପୁରୁଷକୁ ଶକ୍ତି, ସାମର୍ଥ୍ୟ ଓ ଉନ୍ନତ ଅନୁଭବ ଦେଇପାରେ ସେ ଦିଗରେ ନାରୀ ତାର ଆକର୍ଷକ ଶକ୍ତିକୁ ବ୍ୟବହାର କରିବା ଉଚିତ । ଗୃହକର୍ତ୍ତାଳିର ଦାୟିତ୍ୱ ନେବା ବା ପିଲା ଜନ୍ମ କରିବା—ଏ ଦୁଇଟି ପାଇଁ କେହି ନାରୀକୁ ବାଧ୍ୟ କରି ନପାରେ । ଏହା ତାର ସ୍ୱେଚ୍ଛାଧୀନ । କାରଣ ଏ ଦୁଇଟି କାର୍ଯ୍ୟ ନ କରି ମଧ୍ୟ ନାରୀ ଅନ୍ୟ ବହୁ କାର୍ଯ୍ୟ ଦ୍ୱାରା ତାର ନାରୀତ୍ୱର ବିକାଶ କରିପାରେ ।

ପୁରୁଷ ମଧ୍ୟ ନିଜକୁ ନାରୀଠାରୁ ବଡ଼ ନ ଭାବି ଓ ନାରୀକୁ ନିଜର ଭୋଗ ଲାଳସାର ଏକ ସାମଗ୍ରୀ ମନେ ନ କରି ତା' ସଙ୍ଗେ ସମାନ ଓ ସ୍ୱାଧୀନ ମନେ କରିବା ଉଚିତ । ନାରୀକୁ ଅଧୀନସ୍ଥ କରି ରଖିବା, ବା କବଳିତ କରିବାର ଇଚ୍ଛା ହେଉଛି ଏକପ୍ରକାର କାପୁରୁଷତା । ପୁରୁଷ ମଧ୍ୟ ବିବାହ ଓ ସଂସାର କରିବାକୁ ଯେ ବାଧ୍ୟ ତା' ନୁହେଁ । ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଭାରସାମ୍ୟ ରକ୍ଷା କରିବା ପାଇଁ ଓ ଜୀବନର ଭୂୟୋବିକାଶ ପାଇଁ ସମାଜରେ ନାରୀ ଓ ପୁରୁଷ ସମାନ ମର୍ଯ୍ୟାଦା ଲାଭ କରିବା ଦରକାର । ତା'ହେଲେ ଯାଇ ସମାଜରେ ଯଥାର୍ଥ ସଙ୍ଗତି ମଧ୍ୟ ପ୍ରତିଷ୍ଠା ପାଇ ପାରିବ । ତା'ଛଡ଼ା, ନାରୀ ପୁରୁଷର ସଂପର୍କ ଆଧୁନିକ କାଳରେ ଯେପରି କେବଳ ଯୌନମିଳନାତ୍ମକ ମନୋଭାବ ଉପରେ ପ୍ରତିଷ୍ଠିତ ହୋଇଛି ତାକୁ ନିଶ୍ଚିତ ଭାବେ ଭାଙ୍ଗିବାକୁ ପଡ଼ିବ । ନାରୀ ଓ ପୁରୁଷ ଭିତରେ ବହୁ ଉଚ୍ଚତର ଅନୁଭୂତି ମୂଳକ ସଂପର୍କ ସ୍ଥାପନ କରାଯାଇ ପାରେ ।

ଖବ୍ ବିଶୁଦ୍ଧ ଗଭୀର ଆନନ୍ଦମୟ ସମ୍ବନ୍ଧ ଗଢି ଉଠିପାରେ । ଏବଂ ଉଭୟେ ମିଶି ଆଉ ଏକ ଉର୍ଦ୍ଧ୍ୱତର ଜୀବନ ପାଇଁ ଆସ୍ପୃହା ଓ ପ୍ରୟାସ କରିପାରନ୍ତି ।

ବର୍ତ୍ତମାନ ଆମେ ଯେଉଁ ଅବସ୍ଥାରେ ଅଛୁ ତା'ଠାରୁ ଉଚ୍ଚତର ଏବଂ ଉର୍ଦ୍ଧ୍ୱତର ଅବସ୍ଥାରେ ଉପନୀତ ହେବାଲାଗି ଯେତେ କଠିନ ପ୍ରୟାସ ଓ ତ୍ୟାଗ ଦରକାର ପଡୁଛି ଆମେ ବୀର ପରି ନିଶ୍ଚୟ ତାହା ବରଣ କରିବା । ଆମ ମନ ଭିତରେ, ଆମ ଦେଶ ପ୍ରତି, ଜଗତ ପ୍ରତି ଓ ଈଶ୍ୱରଙ୍କ ପ୍ରତି ଯଥେଷ୍ଟ ପ୍ରେମ, ଅନୁରକ୍ତି ଓ ଦାୟିତ୍ୱବୋଧ ସୃଷ୍ଟି ନହେଲେ—ଆମେ ନିଜ ପାଇଁ ଅର୍ଥାତ୍ ନିଜର ଆନନ୍ଦ ଓ ମଙ୍ଗଳ ପାଇଁ ମଧ୍ୟ ବେଶୀ କିଛି କରି ପାରିବୁନାହିଁ ।

ଉଦୟନ୍ତ୍ରୀ ମାର୍ଗ
ଭୁବନେଶ୍ୱର

( ମାଧବ ପଣ୍ଡିତ ହେଉଛନ୍ତି ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀର ଜଣେ ବିଶିଷ୍ଟ ସାଧକ । ଭାରତୀୟ ଯୋଗ, ଦର୍ଶନ ଓ ସଂସ୍କୃତି ଉପରେ ତାଙ୍କର ଗଭୀର ପାଣ୍ଡିତ୍ୟ ରହିଛି । ଏସବୁ ଉପରେ ସେ ଅନ୍ୟୁନ ସତୁରୀଖଣ୍ଡ ସାନ ବଡ଼ ଗ୍ରନ୍ଥ ଇଂରାଜୀ ଭାଷାରେ ରଚନା କରିଛନ୍ତି । ସେ ବିଶ୍ୱର ବିଭିନ୍ନ ସ୍ଥାନ ଭ୍ରମଣ କରି ଭାରତୀୟ ସଂସ୍କୃତି ଓ ଦର୍ଶନ ଉପରେ ବହୁ ବକ୍ତୃତା ଦେଇଛନ୍ତି । ଗତ ଅକ୍‌ଟୋବର ମାସରେ ସେ ଓଡ଼ିଶାରେ ବହୁ ସହରରେ ଏବଂ ବିଶ୍ୱବିଦ୍ୟାଳୟମାନଙ୍କରେ କେତେକ ବକ୍ତୃତା ଦେଇଥିଲେ । ତାଙ୍କ ବକ୍ତୃତା ଭବିଷ୍ୟତ ଲାଗି ଗଭୀର ଆଶାବାଦରେ ପୂର୍ଣ୍ଣ । ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ କାଳରେ ସେ ଓଡ଼ିଆମାନଙ୍କ ଅତୀତ କୀର୍ତ୍ତୀ-କଳାପ ସମେତ ସେମାନଙ୍କର ବର୍ତ୍ତମାନର ଆଧ୍ୟାତ୍ମିକ ମନୋଭାବ ଉପରେ ଖୁବ୍ ଆଶାଜନକ କଥା କହିଛନ୍ତି । ପୁରୀ ଓ କୋଣାର୍କ ପ୍ରଭୃତି ଦେଖି ସେ ଓଡ଼ିଆମାନଙ୍କ ଉପରେ ଖୁବ୍ ଉଚ୍ଚ ଆଶା ପୋଷଣ କରିଛନ୍ତି । ଉକ୍ତ ବକ୍ତବ୍ୟଟି ସେ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଦେଇଥିବା ବକ୍ତୃତାର କେତେକ ବିଶେଷ ଅଂଶ ଉପରେ ଆଧାରିତ । )

ସଂପାଦକ—

## ଇନ୍ଦ୍ରାବତୀ ବହୁମୁଖୀ ଯୋଜନା କାର୍ଯ୍ୟକାରୀ ହେବ

ଇନ୍ଦ୍ରାବତୀ ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରିବାକୁ ଭାରତ ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟି ଅନୁମତି ଦେଇଥିବା ଜଣାଯାଇଛି । ଏ ସମ୍ପର୍କରେ କେନ୍ଦ୍ର ବିଦ୍ୟୁତ୍ ଅଥରିଟିଙ୍କ ଆନୁଷ୍ଠାନିକ ଅନୁମୋଦନ ଖୁବ୍ ଶୀଘ୍ର ମିଳିଯିବ ଓ ଏହାପରେ ଏହି ଯୋଜନା କାର୍ଯ୍ୟ ଆରମ୍ଭ ହେବ ।

ଏହି ବହୁମୁଖୀ ଯୋଜନା ୨୦୮ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବ । ଏହା ଫଳରେ ୬ ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ କଳାହାଣ୍ଡି ଜିଲ୍ଲାରେ ବାର୍ଷିକ ୫ ଲକ୍ଷ ୪୦ ହଜାର ଏକର ଜମି ଜଳସେଚିତ ହୋଇ ପାରିବ ।

# ଶତାବ୍ଦୀର ଶେଷ ପାଦରେ ଓଡ଼ିଆ ନାଟକ ଶତବାର୍ଷିକୀ

-ଶ୍ରୀ କାର୍ତ୍ତିକ କୁମାର ଘୋଷ

ବିଭିନ୍ନ ସ୍ଥାନରେ ପାଳିତ ହୋଉଛି ଓଡ଼ିଆ ନାଟକ ଶତବାର୍ଷିକୀ, ଆହୁରି କେତେ ସ୍ଥାନରେ ହୁଏତ ପାଳିତ ହୋଇପାରେ । ସ୍କୁଲ, କଲେଜ, କ୍ଲବ ଓ ଅନ୍ୟାନ୍ୟ ଅନୁଷ୍ଠାନମାନେ ଏଥି ଲାଗି ଉତ୍ସାହିତ । ନିକଟରେ ଏହି ଶତବାର୍ଷିକୀ ଉତ୍ସବ ପାଳିତ ହେଲା କଟକର ସୁପ୍ରତିଷ୍ଠିତ କଳା ବିକାଶ କେନ୍ଦ୍ରରେ । ଓଡ଼ିଶାର ନୂଆ ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କଲେ କଳାବିକାଶ କେନ୍ଦ୍ରର ନୂଆ ରଙ୍ଗ ମଞ୍ଚରେ ଗତ ଅକ୍‌ଟୋବର ୮ ତାରିଖ ଶୁଭ ସନ୍ଧ୍ୟାରେ ।

ଏହି ଶତବାର୍ଷିକୀ ଉତ୍ସବ ପାଳନ ଲାଗି ପୁରପଲ୍ଲୀରେ ମଧ୍ୟ ଉନ୍ମାଦନା ଜାଗିଛି । ଏହା ପ୍ରକୃତରେ କଳ୍ପନାତୀତ–ଅଭୂତ ପୂର୍ବ । ଏଥିଲାଗି କାହାରି ପ୍ରରୋଚନା ନାହିଁ । ଆଦେଶ ନାହିଁ କିମ୍ବା ଅନୁରୋଧ ନାହିଁ ! ସାହିତ୍ୟ ପ୍ରେମୀ–ନାଟ୍ୟ ପ୍ରେମୀଗଣ ସ୍ୱତଃ ପ୍ରବୃତ୍ତ ହୋଇ ଆଗେଇ ଆସିଛନ୍ତି, ବୟସ ନିର୍ବିଶେଷରେ । ବିଶ୍ଲେଷଣ କଲେ ଦେଖାଯାଏ, ଏହା ପଛରେ ରହିଛି ଭାଷା ପ୍ରୀତି -- ଜାତୀୟ ଅଭିମାନ ଓ ଦେଶାତ୍ମବୋଧ ପ୍ରତିଷ୍ଠାର ଏକାନ୍ତ ଚେଷ୍ଟା ।

ନାଟକ ରଚନାର ଏକ ଶତ ବର୍ଷ ପୂର୍ଣ୍ଣ ହେଲା । ଏହି ଶହେ ବର୍ଷ ମଧ୍ୟରେ ଆମେ କେତେ ନାଟକ—କିଭଳି ନାଟକ ଏବଂ କେତେ ନାଟ୍ୟ ରଚୟିତାଙ୍କୁ ପାଇଛୁଁ ତାହା ମଧ୍ୟ ଜାଣିବାର କଥା । ଅବଶ୍ୟ ଏହି ସୀମିତି ପୃଷ୍ଠା ଭିତରେ ଏଭଳି ବିରାଟ ବିଷୟରେ ଆଲୋଚନା ଲିପିବଦ୍ଧ କରିବା ସମ୍ଭବ ନୁହେଁ । ତଥାପି ଯଥା ସମ୍ଭବ ଏହି ବିଷୟରେ ସୂଚନା ଦେଉଛି ନାଟକକୁ ୪ଗୋଟି ଭାଗରେ ଭାଗ କରାଯାଉ–

(୧) ପୂର୍ଣ୍ଣାଙ୍ଗ ନାଟକ (ଯାହା ଚିରନ୍ତନ ରୀତିରେ ଅଭିନୀତ ହୁଏ) ।


(୨) ଏକାଙ୍କିକା (ଯେଉଁଥିରେ ପଟ ପରିବର୍ତ୍ତନର ବ୍ୟବସ୍ଥା ନ ଥାଏ, ବିଶ୍ରାମ ଲାଗି ନାଟକ ମଝିରେ ମଧ୍ୟାନ୍ତରର ବ୍ୟବସ୍ଥା ନ ଥାଏ–ମାତ୍ର ଏକ ଘଣ୍ଟା ମଧ୍ୟରେ ନାଟକ ସମାପ୍ତି ଘଟେ) ।

(୩) ଗୀତି ନାଟ୍ୟ (ଯାହା ଯାତ୍ରା ବୋଲି କୁହାଯାଏ) ।

(୪) ନୃତ୍ୟ ନାଟିକା (ନୃତ୍ୟ ମାଧ୍ୟମରେ ନାଟକର ଆଖ୍ୟାନ ଭାବକୁ ଉପସ୍ଥାପିତ କରାଯାଏ) ।

**ପୂର୍ଣ୍ଣାଙ୍ଗ ନାଟକ—:**

୧୮୭୭ ମସିହାରେ ସ୍ୱର୍ଗତଃ ଜଗ ମୋହନ ଲାଲ ଲେଖିଥିଲେ ଓଡ଼ିଆ ପ୍ରଥମ ନାଟକ "ବାବାଜି" । ଏହା ପୂର୍ବରୁ ଓଡ଼ିଆ ଭାଷାରେ ନାଟକ ନାମରେ ଯେଉଁ ସବୁ ଦୃଶ୍ୟ କାବ୍ୟ ରଚିତ ହୋଇ ଥିଲା ତାହା ନାଟକ ପର୍ଯ୍ୟାୟଭୁକ୍ତ ହୋଇ ପରି ନ ଥିଲା । କାରଣ ନାଟକ ରଚନା ଓ ପରେ ପରେ ଅନେକ ନାଟକ ରଚନାରେ ମନ ବଳାଇଲେ । ସେମାନଙ୍କ ମଧ୍ୟରୁ ଁକାମପାଳ ମିଶ୍ର, ଭିକାରି ପଟନାୟକ, ଁଗୋଦାବରିଶ ମିଶ୍ର ପ୍ରଭୃତି ଅନ୍ୟତମ । ପ୍ରଥମ ନାଟକ ରଚନାର ପଚିଶ ବର୍ଷ ପର୍ଯ୍ୟନ୍ତ ବିଶେଷ ଉନ୍ନତି ଘଟି ନ ଥିଲା ଲେଖା ଓ ଲେଖକଙ୍କର । ଅବଶ୍ୟ ଏହି ପଚିଶ ବର୍ଷ ପରେ ଶତାବ୍ଦୀର ଦ୍ୱିତୀୟ ପାଦରେ ସ୍ୱର୍ଗତ ଅଶ୍ୱିନୀ କୁମାର ଘୋଷଙ୍କର ନାଟକ ରଚନା ଆରମ୍ଭ ହୁଏ ଏବଂ ନାଟକ



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ୍ ଶର୍ମା, ୧୯୭୭ ନଭେମ୍ବର ୭ ତାରିଖ ଦିନ ବିଶିଷ୍ଟ ନାଟ୍ୟକାର ଓ ପ୍ରବୀଣ ଅଭିନେତା ଶ୍ରୀକାର୍ତ୍ତିକ କୁମାର ଘୋଷଙ୍କୁ ମାନପତ୍ର ଅର୍ପଣ କରୁଛନ୍ତି ।

ପ୍ରଦର୍ଶନର ମୌଳିକ ରୀତିକୁ ସେମାନେ ଅନୁସରଣ କରି ନ ଥିଲେ । ନାଟକ ରଚନାର ଧାରା ହେଉଛି, ନାଟକଟି ନବରସ ପୂର୍ଣ୍ଣ ହେବ । ଦୃଶ୍ୟାବଳୀକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇ ପ୍ରତ୍ୟେକ ଭାଗକୁ ଏକ ଅଙ୍କ ବୋଲି କୁହାଯିବ । ତା' ଛଡ଼ା ଏହି ନାଟକର ପ୍ରଦର୍ଶନ ମଧ୍ୟ ଏକ ଏକମୁଖୀ ମଞ୍ଚ (ତିନି ପାଖ ବନ୍ଦ ରଖି କେବଳ ଗୋଟିଏ ପାଖ ଖୋଲା ରହିବ ଦର୍ଶକମାନଙ୍କ ଉପଭୋଗ ଲାଗିରେ ହେବ । ନାଟକ ମାଧ୍ୟମରେ ରଚୟିତା ଶିକ୍ଷା, ସଭ୍ୟତା, ରୁଚି, ସମାଜ ଚେତନା, ଦେଶ ପ୍ରୀତି ଇତ୍ୟାଦି ବିଷୟରେ ନିଜର ମତବାଦ ସ୍ପଷ୍ଟ ଭାବରେ ପ୍ରକାଶ କରିଥିବେ । ନାଟକର ବିଷୟବସ୍ତୁ ଲାଗି କୌଣସି ବାଧା ନାହିଁ । ହୋଇପାରେ ଏହା ପୌରାଣିକ, ଐତିହାସିକ, ସାମାଜିକ ବା କାଳ୍ପନିକ । ସୁଶ୍ରାବ୍ୟ ସହଜ ବୋଧ ସଂଳାପ ହିଁ ହେବ ନାଟ୍ୟ କାରର ପରିଚୟ । ଏହି **ଭଳି ନାଟକ ରଚନା କଲେ ସ୍ୱର୍ଗତ ରାମଶଙ୍କର ରାୟ, ଜଗ ମୋହନ ଲାଲଙ୍କର ପ୍ରାୟ ୪ ବର୍ଷ ପରେ, ତାଙ୍କ** ପ୍ରଦର୍ଶନ ଶୈଳୀର ଉନ୍ନତି ତଥା ଦର୍ଶକଙ୍କର ଦର୍ଶନ ସ୍ପୃହା ବୃଦ୍ଧି ପାଇଲା ପ୍ରଭୂତ ଭାବରେ । ପୌରାଣିକ ଓ ଐତିହାସିକ ନାଟକମାନ ଲେଖି ସେ ଏକ ନୂତନ ସ୍ୱାଦର ସନ୍ଧାନ ଦେଇଥିଲେ, ସେହି ସମୟରେ । ନାଟକ ଶତାବ୍ଦୀର ଦ୍ୱିତୀୟ ପାଦ ଶେଷ ଏବଂ ତୃତୀୟ ପାଦର ଆରମ୍ଭରେ ତାଙ୍କର ରଚିତ "କୋଣାର୍କ" ନାଟକ ନାଟ୍ୟ-ଜଗତରେ ଆଣି ଦେଇଥିଲା ଆଲୋଡ଼ନ ।

ଠିକ୍ ପଚାଶ ବର୍ଷ ତଳର ସେହି "କୋଣାର୍କ" ନାଟକ ସେ ସମୟରେ ଯେପରି ଭାବେ ପ୍ରଦର୍ଶିତ ହୋଇଥିଲା ତାହାର ଏକ ପ୍ରତି ଛବି ଭଳି ସେହି "କୋଣାର୍କ" ନାଟକର ପ୍ରଦର୍ଶନ ହେଲା କଳା ବିକାଶ କେନ୍ଦ୍ରର ରଙ୍ଗ ମଞ୍ଚରେ ଗତ ଅକଟୋବର ୧୦ ତାରିଖ ସନ୍ଧ୍ୟାରେ । ପଚାଶ ବର୍ଷ ତଳର ନାଟକକୁ ପୂର୍ବ ଭଳି ବ୍ୟବସ୍ଥାରେ ଉପସ୍ଥାପନା କରିବା ଏକ କଷ୍ଟ ସାଧ୍ୟ ବ୍ୟାପାର । **ତଥାପି ସେହି ଉଦ୍ୟମକୁ ସଫଳ କରି ପାରିଲେ ସେ ଦିନ ରଙ୍ଗ**

ମଞ୍ଚରେ ଯେଉଁ କଳାକାର ଗଣ, ତା ପଛରେ ଥିଲା କଳା ବିକାଶ କେନ୍ଦ୍ରର ପ୍ରେରଣା ଓ ଉତ୍ସାହ ।

ଓଡ଼ିଆ ନାଟକ ଶତବାର୍ଷିକୀ ପାଳନ କରିବା ଲାଗି କଳା ବିକାଶ କେନ୍ଦ୍ର ଯେଉଁ ଅଭିନବ ଯୋଜନା କରିଥିଲେ ତାହା ଅବିସ୍ମରଣୀୟ । ପ୍ରାୟ ଏକ ମାସ ଧରି ସ୍କୁଲ ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ଏକାଙ୍କିକା ପ୍ରତିଯୋଗିତା, କଲେଜ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ଓଡ଼ିଆ ନାଟକର ବିକାଶ" କୁ ଭିତ୍ତି କରି ପ୍ରବନ୍ଧ ପ୍ରତି ଯୋଗୀତା, କଳାକାର ଓ ଶିଳ୍ପୀ ସମ୍ବର୍ଦ୍ଧନା, ନାଟକ ଓ ମଞ୍ଚ ସମ୍ବନ୍ଧରେ ଆଲୋଚନାଚକ୍ର ଓ ସାତ ଦିନ ଧରି ନାଟକ ମହୋତ୍ସବ ଏହି ଯୋଜନାର ଅନ୍ତର୍ଭୁକ୍ତ ଥିଲା । ଏହି ଉତ୍ସବକୁ ସଫଳ କରିବାରେ ଜାତି, ଧର୍ମ ନିର୍ବିଶେଷରେ ଆଗେଇ ଆସିଥିଲେ, ନାଟ୍ୟ ପ୍ରେମୀଗଣ —ଉତ୍ସାହିତ କରିଥିଲେ ତାଙ୍କର କାୟିକ ଓ ଆର୍ଥିକ ସାହାଯ୍ୟ ଦ୍ୱାରା ।




ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ୧୯୭୬ ନଭେମ୍ବର ୧୧ ତାରିଖ ଦିନ କଳାବିକାଶ କେନ୍ଦ୍ର ଠାରେ ଓଡ଼ିଆ ନାଟକ ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟନ କରିସାରିବା ପରେ ଦର୍ଶକମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ଶତାବ୍ଦୀର ତୃତୀୟ ପାଦରେ ନାଟକ ରଚନାର ପ୍ରଭୂତ ଉନ୍ନତି ଘଟିଥିଲା ଏବଂ ନାଟକ ପ୍ରଦର୍ଶନ ମଧ୍ୟ ବିଭିନ୍ନ ରାଜ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲା । ଏହି ସମୟ ମଧ୍ୟରେ ବହୁ ନୂଆ ଲେଖକଙ୍କର ନାଟକ ଜନପ୍ରିୟ ହୋଇ ପାରିଥିଲା ।

ଦ୍ୱିତୀୟ ପାଦର ପ୍ରାୟ ମଧ୍ୟ ଭାଗରେ ଅଶ୍ୱିନୀବାବୁ ନାଟକ ଲେଖିବାକୁ ଆରମ୍ଭ କଲେ ଏବଂ ୨ । ୩ ବର୍ଷ ମଧ୍ୟରେ ତାଙ୍କର ନାଟକଗୁଡ଼ିକ ଆଦୃତ ହେବାରୁ ସେ ସବୁ ପ୍ରକାରର ନାଟକ ଲେଖି ମଞ୍ଚାଭିନୟକୁ ଆକର୍ଷଣୀୟ କଲେ । ଏହି ସମୟରେ ସେ ନାଟକ ସମ୍ରାଟ ଭାବରେ ମଧ୍ୟ ସ୍ୱୀକୃତି ପାଇଲେ । ରାଧାକୃଷ୍ଣ ଥିଏଟର ଓ ଆର୍ଟ ଥିଏଟର (ପେଶାଦାର ଦଳ) ଦ୍ୱାରା ଏହି ନାଟକମାନ ପ୍ରଦର୍ଶିତ ହୋଇଥିଲା । ଏହି ସମୟରେ ସ୍କୁଲ ଓ କଲେଜ-ମାନଙ୍କରେ ମଧ୍ୟ ନାଟକ ପ୍ରଦର୍ଶନର ବ୍ୟବସ୍ଥା ହେଲା ।

ତୃତୀୟ ପାଦ ଆରମ୍ଭର ଅଳ୍ପ କେତେ ବର୍ଷ ପରେ ନାଟ୍ୟ ଚିନ୍ତାର ରୂପ ବଦଳିଲା । ପ୍ରତିବେଶୀ ବଂଗ ଦେଶ (ବର୍ତ୍ତମାନ ପଶ୍ଚିମ ବଂଗ) କଲିକତାର ନାଟ୍ୟ ଉପସ୍ଥାପନା ସହିତ ସମକକ୍ଷ ହେବା ଭଳି ଆଶା ସଞ୍ଚାର କଲା । ୧୯୩୪-୩୫ ମସିହାରେ କଲିକତାର ରଙ୍ଗ ମହଲ ଥିଏଟର କଟକ ଆସିଲେ "ନିଖିଳ ଉତ୍କଳ କୃଷି ଓ ଶିଳ୍ପ ପ୍ରଦର୍ଶନୀ"-ରେ ଅଭିନୟ ଦେଖାଇବା ଲାଗି । କଟକର ଆର୍ଟ ଥିଏଟର ମଧ୍ୟ ତାଙ୍କର ଦଳ ନେଇ ନାଟକ ପ୍ରଦର୍ଶନ କଲେ ଉତ୍କଳ ସାହିତ୍ୟ ସମାଜ (ରାମଚନ୍ଦ୍ର ଭବନ) ହଲରେ । ଏକ ଦିଗରେ ବିଜୁଳି ବତିର ଚମତ୍କାରିତ୍ୱ ସଙ୍ଗେ ନାରୀ ଭୂମିକାରେ ନାରୀମାନଙ୍କର ଚପଳ, ଚଟୁଳ ଭଙ୍ଗୀ, ଅନ୍ୟ ଦିଗରେ ପଞ୍ଚ ଲାଇଟ ବା ଦୁଇ ଲାଇଟ ଆଲୁଅରେ ନାରୀ ଭୂମୀକାରେ ପୁରୁଷ ପିଲାଙ୍କୁ ସୁବେଶ କରାଇ ନାଟକ ପରି-ବେଷଣ । କିଏ ହାରିଲା, କିଏ ଜିତିଲା ବା କାହାର କେତେ ଆୟ ବା ବ୍ୟୟ ହେଲା ତାହା ଆଲୋଚନାର ବିଷୟ ନୁହେଁ । ସେ ଦିନ ଆର୍ଟ ଥିଏଟରର ସେହି କଳାକାରମାନେ

ରଙ୍ଗ ମହଲରେ "ବାଙ୍ଗାଲର ମେୟେ" ବିଷୟରେ ଯେଉଁ "ଓଡ଼ିଆ ଝିଅ" ର ରୂପାଦାନ କରିଥିଲେ ତାହା ପ୍ରକୃତରେ ଓଡ଼ିଆର ଗର୍ବ କରିବାର ବିଷୟ । ରଙ୍ଗ ମହଲ ଥିଏଟରର ବିଶିଷ୍ଟ ଆଲୋକ ଶିଳ୍ପୀ ସତୁ ସେନ ସେ ନାଟକ ଦେଖି କହିଥିଲେ "ଆମର ସବୁ ସୁବିଧା ସତ୍ୱେ ଦର୍ଶକଙ୍କୁ ଦୀର୍ଘ ସମୟ ବସେଇ ରଖି ପାରୁନା । ମାତ୍ର ଆପଣଙ୍କର କିଛି ନ ଥିଲେ ମଧ୍ୟ ସେମାନେ ଏତେ ସମୟ ଧୈର୍ଯ୍ୟ ଧରି ବସି ନାଟକ ଦେଖୁଛନ୍ତି ଏହା ବିଚାରକୁ ନେଲେ କଳାକାରଙ୍କର ଅଭିବ୍ୟକ୍ତି ତଥା ନାଟକର ଉପାଦେୟତା ବିଷୟରେ ବିଶେଷ ପ୍ରଶଂସା ନ କରି ରହି ହୁଏନା । ଦିନେ ଓଡ଼ିଶାର ମଞ୍ଚ ଯେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ଏହା ମୁଁ ବୁଝି ପାରୁଛି ।



କୋଣାର୍କ ନାଟକର ଏକ ହୃଦୟସ୍ପର୍ଶୀ ଦୃଶ୍ୟ ।

ତୃତୀୟ ପାଦରେ କାଳୀବାବୁଙ୍କର ସାମାଜିକ ନାଟକରେ ନୂତନତ୍ୱ ଦର୍ଶକଙ୍କୁ ଆକୃଷ୍ଟ କଲା । କ୍ରମେ ପୌରାଣିକ ଓ ଐତିହାସିକ ଲେଖା କମି ଆସିଲା । ସାମାଜିକ ନାଟକ ରଚନା କରି ସେତେବେଳର ତିନୋଟି ମଞ୍ଚକୁ ଓଡ଼ିଶା ଥିଏଟର, ଅନ୍ନପୂର୍ଣ୍ଣା 'ଏ' ଓ 'ବି' (କଟକ ଓ ପୁରୀ) ଅଭିନୟ ସମୃଦ୍ଧି କଲେ ସର୍ବଶ୍ରୀ ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଞ୍ଜ କିଶୋର ପଟ୍ଟନାୟକ, ଲକ୍ଷ୍ମୀଧର ନାୟକ, ସତ୍ୟ ନାରାୟଣ ପଣ୍ଡା, ବଳରାମ ମିଶ୍ର, ମନୋରଞ୍ଜନ ଦାସ , ରାମଚନ୍ଦ୍ର ମହାପାତ୍ର ପ୍ରଭୃତି । ଏହା ପୂର୍ବରୁ ଆହୁରି କେତେକ ଯଥା—ମହେଶ ଚନ୍ଦ୍ର ରାୟ, ଯତୀନ୍ଦ୍ର ମୁଖାର୍ଜୀ ପ୍ରଭୃତି ମଧ୍ୟ ନାଟକ ରଚନା କରିଥିଲେ ।

ତୃତୀୟ ପାଦରୁ ଚତୁର୍ଥ ପାଦଠ ମଧ୍ୟଭାଗ ପର୍ଯ୍ୟନ୍ତ ନାଟକ ରଚନା ଓ ପ୍ରଦର୍ଶନ ଥିଲା ଲକ୍ଷଣୀୟ । ଏହି ସମୟରେ ବହୁ ନୂଆ ନାଟ୍ୟକାର ଯଥା—ସର୍ବଶ୍ରୀ କମଳଲୋଚନ ମହାନ୍ତି, ଭୁବନେଶ୍ୱର ମହାପାତ୍ର, ଆନନ୍ଦଶଙ୍କର ଦାଶ, ବସନ୍ତ ମହାପାତ୍ର, ନୀଳକଣ୍ଠ ମିଶ୍ର, ବିଜୟ ମିଶ୍ର, ବ୍ୟୋମକେଶ ତ୍ରିପାଠୀ, ସୀମାଚଳ ପାତ୍ରୀ, ପ୍ରଫୁଲ୍ଲ କୁମାର ରଥ, ବୈକୁଣ୍ଠ ନାଥ ମହାନ୍ତି, ଚିନ୍ତାମଣି ଜେନା, ବୈଷ୍ଣବ ଚରଣ ମହାନ୍ତି, ନାରାୟଣ ଶତପଥୀ, ହିମାଂଶୁ ଭୂଷଣ ସାବତ, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବଳ ଓ ଆହୁରି ଅନେକ ତାଙ୍କର ନୂତନ ଚିନ୍ତା ଧାରା ସହ ନାଟ୍ୟ ରଚନାରେ ପ୍ରବୃତ୍ତ ହୋଇଥିଲେ । ଏହି ସମୟରେ ମୋର ବହୁ ପ୍ରକାର ନାଟକ ମଧ୍ୟ ମଞ୍ଚସ୍ଥ ହୋଇଥିଲା ଓ ଓଡ଼ିଶାର ପ୍ରତିଟି ଥିଏଟର ଦଳ ଦ୍ୱାରା ସଫଳତାର ସହ ।

ଚତୁର୍ଥ ପାଦର ଶେଷ ଭାଗରେ ଦେଖା ଦେଲା ବିପର୍ଯ୍ୟୟ । ରଙ୍ଗାଳୟଗୁଡ଼ିକର ଅବସ୍ଥା ଶୋଚନୀୟ

ହୋଇଗଲା । କାରଣ ଅନୁସନ୍ଧାନ କରି ତାହାକୁ ପୁନର୍ଗଠିତ କରିବାର ଚେଷ୍ଟା ହେଲେ ମଧ୍ୟ ସୁଫଳ ମିଳିଲା ନାହିଁ । ଫଳରେ ପୂର୍ଣ୍ଣାଙ୍ଗ ନାଟକ ରଚନା ଶିଥିଳ ହୋଇଗଲା । ଅବଶ୍ୟ ଏହି ୧୦ । ୧୨ ବର୍ଷ ମଧ୍ୟରେ ବହୁ ପ୍ରକାର ପରୀକ୍ଷାମୂଳକ ଛୋଟ ନାଟକ ଅଭିନୀତ ହେଇ ବହୁ ସୌଖୀନ ନାଟ୍ୟ ସଂସ୍ଥା ଦ୍ୱାରା । ଏହି ସଂସ୍ଥା ଗୁଡ଼ିକ ମଧ୍ୟରେ ସୃଜନୀ, ସ୍ରଷ୍ଟା, ସଂକେତର ନାମ ଉଲ୍ଲେଖ ଯୋଗ୍ୟ । ନାଟ୍ୟକାରମାନଙ୍କ ମଧ୍ୟରେ ସର୍ବଶ୍ରୀ ମନୋରଂଜନ ଦାଶ, ବିଶ୍ୱଜିତ ଦାଶ, କାର୍ତ୍ତିକ ରଥ, ବିଜୟ ମିଶ୍ର, ରତ୍ନାକର ଚଇନୀ ଓ ଅନ୍ୟ କେତେକେ ନୂତନ ଆଙ୍ଗୀକରେ ନାଟକ ରଚନା କରି ଜାଗରଣ ଆଣିଥିଲେ ରଙ୍ଗ ମଞ୍ଚରେ ।

ଗୋଟିଏ ମାତ୍ର ଦୃଶ୍ୟରେ କିମ୍ବା ତିନି ଚାରୋଟି ଦୃଶ୍ୟରେ ନାଟକର ସମାପ୍ତି ଓ ବିଷୟ ବସ୍ତୁର ପ୍ରଭାବହିଁ ଥିଲା ଅନ୍ୟତମ ଆକର୍ଷଣ ।

ଏଭଳି ଏକାଙ୍କିକା ହୁଏତ ବହୁ ପୂର୍ବରୁ ରହିଛି । ପୂର୍ବର ନାଟ୍ୟକାରମାନଙ୍କ ମଧ୍ୟରୁ କେହି କେହି ଏ ଭଳି ସ୍ୱଳ୍ପ ସମୟ ମଧ୍ୟରେ ଏକ ନାଟକର ବିନ୍ୟାସ କରିଛନ୍ତି । ସେତେବେଳେ ଏହି ସ୍ୱଳ୍ପ ସମୟର ନାଟିକା ରଚିତ ହେଉଥିଲା ସାଧାରଣତଃ ହାସ୍ୟରସକୁ ଭିତ୍ତିକରି । ୰ଗୋବିନ୍ଦ ଶୂର ଦେଓଙ୍କର 'ପେଟେଣ୍ଟ ମେଡ଼ିସିନ', ୰ଅଶ୍ୱିନୀ ବାବୁଙ୍କର 'ରିପର୍ଣ୍ଣ ଲେଡ଼ି' ପ୍ରଭୃତି ନାଟିକାକୁ ଏକାଙ୍କିକା କହିଲେ ଭୁଲ ହେବ ନାହିଁ । ତଥାପି ଏହି ଏକାଙ୍କିକା ନାମ କରଣ ସେତେବେଳେ ନ ଥିଲା—ନାଟିକା ବୋଲି ହିଁ ପରିଚିତ ଥିଲା ।



'ସୀତାବିବାହ' ନୃତ୍ୟ-ନାଟିକାର ଏକ ମନୋରମ ଦୃଶ୍ୟ

## ଏକାଙ୍କିକା—

ପୂର୍ଣ୍ଣାଙ୍ଗ ନାଟକ ରଚନାର ଗତି ଯେତେବେଳେ ପ୍ରଖର ସେହି ସମୟରେ ଏକାଙ୍କିକା ନାଟକ ମଧ୍ୟ ପ୍ରସାର ଲାଭ କଲେ ରଙ୍ଗ ଜଗତରେ । କ୍ଲବ ଓ ସୌଖୀନ ସଂସ୍ଥାମାନେ ଏ ଭଳି ନାଟକ ପ୍ରଦର୍ଶନରେ ଆନନ୍ଦ ଉପଭୋଗ କଲେ ଦୁଇଟି ଦିଗରୁ । ଏକରେ ସମୟ ସଂକ୍ଷେପ, ଦୁଇରେ ଅଳ୍ପ କଳାକାର ଘେନି ଅଭିନୟ । ଏଥି ନିମିତ୍ତ ଦୃଶ୍ୟ ସଜ୍ଜାର ମଧ୍ୟ ବିରାଟ ବ୍ୟବସ୍ଥା ନ ଥିଲା ।

କଲିକତାରେ ଏକାଙ୍କିକା ନାଟକ ପ୍ରତିଯୋଗିତାରେ ଓଡ଼ିଆ ନାଟକ 'ଶ୍ୱେତ ପଦ୍ମା'ର ଶ୍ରେଷ୍ଠତ୍ୱ ଓଡ଼ିଶାରେ ଯେ ଏକାଙ୍କିକାର ପ୍ରସାର ବୃଦ୍ଧି କଲା ଏହା ଅନସ୍ୱୀକାର୍ଯ୍ୟ । କଳାବିକାଶ କେନ୍ଦ୍ର ତରଫରୁ କଲିକତା ଥିଏଟର ସେଣ୍ଟରରେ ଯୋଗଦାନ ଓ ତାକୁ ସାଫଲ୍ୟମଣ୍ଡିତ କରିବାରେ ସେଇଁ ଐକାନ୍ତିକ ଚେଷ୍ଟା ତାହା ପ୍ରଶଂସନୀୟ । "ଶ୍ୱେତ ପଦ୍ମା" ର



ପରକଲମ ନାଟକରେ ବିଖ୍ୟାତ ହାସ୍ୟାଭିନେତା ଦୀନବନ୍ଧୁ ଦାସ (ଟିମା)

ଲେଖକ ଶ୍ରୀ ପ୍ରାଣବନ୍ଧୁ କର । ଏହା ପ୍ରଥମ ମଞ୍ଚସ୍ଥ ହୁଏ ୧୯୫୮ ମସିହାରେ କଲିକତାରେ । ଏହି ଏକାଙ୍କିକାର ନିର୍ଦ୍ଦେଶକ ଥିଲେ ସ୍ୱର୍ଗତ ଖଗେନ୍ଦ୍ର ମିତ୍ର । ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ୫୪ଟି ଦଳ ମଧ୍ୟରୁ କଳା ବିକାଶ କେନ୍ଦ୍ରର ଏକାଙ୍କିକା ଶ୍ରେଷ୍ଠ ବିବେଚିତ ହେବା ଓଡ଼ିଶାର ଗୌରବ ବୋଲି କହିବାକୁ ହେବ । ଏହା ପରେ ପରେ ଏକାଙ୍କିକାର ଅଭିନୟ ଓଡ଼ିଶାରେ ଅଧିକ ଭାବରେ ହେବାକୁ ଲାଗିଲା ।

ଗୀତିନାଟ୍ୟ—

ପୂର୍ବେ ଯେଉଁ ଯାତ୍ରାଭିନୟ ହେଉଥିଲା ତାହାର ବର୍ତ୍ତମାନ ନାମକରଣ ଗୀତିନାଟ୍ୟ । ଗୀତିନାଟ୍ୟ ଅର୍ଥାତ ଗୀତ ବହୁଳ ନାଟକ । ଏହି ପ୍ରକାର ନାଟକ ଅଭିନିତ ହୁଏ ମୁକ୍ତ ମଞ୍ଚରେ । ମଞ୍ଚର ଚତୁର୍ଦ୍ଦିଗରେ ଦର୍ଶକ ବସି ଅଭିନୟ ଦେଖନ୍ତି । ଏହି ଗୀତିନାଟ୍ୟକୁ ଦକ୍ଷିଣାଞ୍ଚଳରେ ନାଟକ ବୋଲି ମଧ୍ୟ କହନ୍ତି । ଦୃଷ୍ଟାନ୍ତସ୍ୱରୂପ "ପ୍ରହଲ୍ଲାଦ ନାଟକ" "ରାଧା ପ୍ରେମ ଲୀଳା" ପ୍ରଭୃତି । "ଗୋପିନାଥ ବଲ୍ଲଭ" ନାଟକ ମଧ୍ୟ ଏହି ପର୍ଯ୍ୟାୟର । ନାଟକ ପରି ଏହି ଗୀତିନାଟ୍ୟରେ ପଶ୍ଚାତ ପଟର ବ୍ୟବସ୍ଥା କିଛି ରହେ ନାହିଁ । ନାଟକ ବର୍ଣ୍ଣିତ ଘର ବା ଉଦ୍ୟାନ କିମ୍ବା ରାସ୍ତା ଓ ଜଙ୍ଗଲ ପ୍ରଭୃତିର ଦୃଶ୍ୟ ମଧ୍ୟ କଳ୍ପନା କରି ନେବାକୁ ହୁଏ । ଏହି ଗୀତିନାଟ୍ୟକୁ ଲୋକେ ଉପଭୋଗ କରନ୍ତି ସରଳ ସହଜ ଭାଷା, ଅଭିନୟର ଧାରା ଓ ନୃତ୍ୟ ଗୀତର ପର୍ଯ୍ୟାପ୍ତ ସମାବେଶ ହେତୁ । ଏଥିରେ ସବୁ ରସର ଆସ୍ୱାଦ ମିଳେ ସେଥିପାଇଁ ଏହାର ଜନ ପ୍ରିୟତା ଅଧିକ ।

ଓଡ଼ିଶାରେ ଯାତ୍ରା ଅଭିନୟରେ ଏବଂ ରଚନାରେ ଯେଉଁ ମାନେ ପ୍ରସିଦ୍ଧି ଲାଭ କରିଥିଲେ ତାଙ୍କ ମଧ୍ୟରୁ ଗୋପାଳ ଦାସ, ଗୋପାଳ ଓଝା, ବୈଷ୍ଣବ ପାଣି, ବାଳ କୃଷ୍ଣ ମହାନ୍ତି, କୃଷ୍ଣ ପ୍ରସାଦ ଘୋଷ ଓ ରାମ ଚନ୍ଦ୍ର ସ୍ୱାଇଁଙ୍କର ନାମ ଉଲ୍ଲେଖ ଯୋଗ୍ୟ । ଏବେ ଏହି ଯାତ୍ରା ଲେଖି ଯେଉଁମାନେ ଲୋକ ଲୋଚନକୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ ଉମାକାନ୍ତ ବେହେରା, ରଘୁନାଥ ପଣ୍ଡା, ନବ କିଶୋର ଦାସ, ଯଦୁମଣି କାନୁନ୍‌ଗୋ ପ୍ରଭୃତିଙ୍କର ନାମ କୁହାଯାଇ ପାରେ । ଯାତ୍ରାର ପ୍ରସାର ବଢ଼ିବାରୁ ବହୁ ନୂଆ ନୂଆ ଦଳ ଓ ନୂଆ ନୂଆ ଲେଖକ ଉତ୍ସାହିତ ହୋଇ ଗୀତିନାଟ୍ୟ ରଚନାରେ ବ୍ରତୀ ହେଲେଣି । ଯାତ୍ରାକୁ ନୂଆ ରୂପରେ ମଞ୍ଚସ୍ଥ କରାଯିବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ଗୋଟିଏ ମଞ୍ଚରେ ଅଭିନୟ ହେଉଥିବା ବେଳେ ଅନ୍ୟ ଏକ ଅନୁରୂପ ମଞ୍ଚରେ କାହାଣୀର ପ୍ରୟୋଜନାନୁଯାୟୀ ଦୃଶ୍ୟାବଳୀ ପ୍ରଦର୍ଶିତ ହେବାର ବ୍ୟବସ୍ଥା ହେଲାଣି । ନାରୀ ଭୂମିକାରେ ନାରୀ ମାନେ ମଧ୍ୟ ଅଭିନୟ କରିବାକୁ ଦ୍ୱିଧା ବୋଧ କରୁ ନାହାନ୍ତି । ଏହା ପ୍ରକୃତରେ ଶୁଭ ଲକ୍ଷଣ । ଯାତ୍ରାର ପ୍ରସାର ଦ୍ୱାରା ଦେଶର ବହୁ ପ୍ରକାର ହିତ ସାଧିତ ହେବାର ସମ୍ଭାବନା ଉଜ୍ଜ୍ୱଳ । କାରଣ ଥିଏଟର ଭଳି ଯାତ୍ରାଭିନୟ ଦ୍ୱାରା ବହୁ ବିଷୟର ପ୍ରଚାର ସହଜ ହୋଇ ଉଠେ ।

ପୂର୍ବେ ଅଭିନୀତ ହେଉଥିବା ଯାତ୍ରା ବହି ଗୁଡ଼ିକକୁ ବେତାରରେ ପ୍ରଚାର କରିବାକୁ ଯାଇ ସମୟ ସଂକ୍ଷେପ ସଂଗେ କେତେକ ପରିବର୍ତ୍ତନ କରି ଶ୍ରୀ ଗୋପାଳ ଛୋଟରାଏ ତା'ର ନାମ ଦେଲେ ଗୀତିନାଟ୍ୟ । ଯାତ୍ରାର ସମଷ୍ଟିଗତ ରସକୁ ସେଥିରେ ପ୍ରାଧାନ୍ୟ ଦେବାକୁ ଭୁଲି ନ ଥିଲେ । ତାଙ୍କର ଏହି ଉଦ୍ୟମ ଖୁବ୍ ସଫଳ ହେଲା ! ବର୍ତ୍ତମାନ ଗୀତିନାଟ୍ୟର ପ୍ରଚାର ସର୍ବାଧିକ କହିଲେ ଅତ୍ୟୁକ୍ତି ନୁହେଁ । ବହୁ ନୂତନ ନୂତନ ଲେଖକ ଏଭଳି ଗୀତିନାଟ୍ୟ ରଚନାରେ ପ୍ରବୃତ୍ତ ହେଲେଣି । ଅବଶ୍ୟ ବିଷୟବସ୍ତୁ ପୌରାଣିକ ଉପାଖ୍ୟାନକୁ ଭିତ୍ତିକରି ରଚିତ ହେଉ ଥିବାର ବିଶେଷ ଲକ୍ଷ କରାଯାଏ । ମୋର ବକ୍ତବ୍ୟ ଏଭଳି ଗୀତିନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିବାରେ ଏବଂ ସାଧାରଣଙ୍କୁ ଅଳ୍ପ ସମୟ ପାଇଁ ନାଟକର ସ୍ୱାଦୁ ଦେବାଲାଗି ମଧ୍ୟ ସକ୍ଷମ ହୋଇଛି । ବିଶେଷତଃ ସ୍କୁଲମାନଙ୍କରେ ଓ ସାହି ସାହିରେ ଛୋଟ ଛୋଟ ବୃତ



କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର "ପଞ୍ଚନାୟିକା" ନୃତ୍ୟ-ନାଟିକାର ଏକ ଚମତ୍କାର ଦୃଶ୍ୟ ।

ବା ଅନୁଷ୍ଠାନ ଗୁଡ଼ିକରେ ନାଟକ ପରିବେଷଣ ପରିବର୍ତ୍ତେ ଗୀତିନାଟ୍ୟର ଅଭିନୟ ସହଜ ହେଉଥିବାରୁ ଏହାର ପ୍ରସାର ବୃଦ୍ଧି ପାଇଛି ।

ନୃତ୍ୟ-ନାଟିକା—

ଗୀତିନାଟ୍ୟ ଭଳି ନୃତ୍ୟ-ନାଟିକା ମଧ୍ୟ ନାଟକର ଏକ ଅଙ୍ଗ ବୋଲି କହିବାରେ ବାଧା ନାହିଁ । ନୃତ୍ୟ ସହ ଅଙ୍ଗ ଚାଳନାରେ ଅଭିବ୍ୟକ୍ତି ଦ୍ୱାରା କଥାବସ୍ତୁକୁ ଦର୍ଶକଙ୍କ ଆଗରେ ବାଢ଼ି ଦିଆଯାଏ । ଗୀତିନାଟ୍ୟ ଭଳି ସଂଳାପ ଏଥିରେ ନାହିଁ । କେବଳ ଭାବ ଓ ଭଙ୍ଗୀ ଦ୍ୱାରା ମୂକାଭିନୟ ହେଉଛି ନୃତ୍ୟ-ନାଟିକାର ବିଶେଷତ୍ୱ । ଏହି ମୂକାଭିନୟକୁ ସରସ ଓ ସୁନ୍ଦର କରିବା ଲାଗି ନୂପୁରର ରୁଣୁଝୁଣୁ ଶବ୍ଦ ଦର୍ଶକ ମନରେ ଆନନ୍ଦ ସୃଷ୍ଟି କରେ । ସେ ନର୍ତ୍ତକ ବା ନର୍ତ୍ତକୀର ଅଙ୍ଗ ପରିଚାଳନା ଦେଖି ମୁଗ୍ଧ ହୁଏ ଏବଂ ତା'ର ତତ୍କାଳୀନ ମୂକ ଅଭିବ୍ୟକ୍ତି ଦ୍ୱାରା ଭାଷା ପ୍ରକାଶକୁ ଉପଭୋଗ କରେ । ପ୍ରକୃତ ପକ୍ଷେ ଗୀତିନାଟ୍ୟ ଅପେକ୍ଷା ନୃତ୍ୟ-ନାଟିକାର ପ୍ରଭାବ ବେଶି । ତଥାପି ଦୃଶ୍ୟାତ୍ମକ ନାଟକର ନବରସକୁହିଁ ଏକ ରସକୁ ପ୍ରାଧାନ୍ୟ ଦିଆଯାଏ ଏହି ଦୁଇ ନାଟ୍ୟ ଓ ନାଟିକାରେ ।

ମୋର ବିଶ୍ୱାସ, ନୃତ୍ୟ-ନାଟିକାର ପ୍ରଚଳନ ଯେତେ ହେବ ଦର୍ଶକଙ୍କର ନାଟକ ଦର୍ଶନ ସ୍ପୃହା ସେତେ ଅଧିକ ହେବ । ନୃତ୍ୟ-ନାଟିକାର ପ୍ରବର୍ତ୍ତକ କହିଥିଲେ ସ୍ୱର୍ଗତ ସୁରେନ୍ ମହାନ୍ତି (ଆଧୁନିକ ଭାବରେ), ଛଉ ନାଚକୁ ମଧ୍ୟ ନୃତ୍ୟ-ନାଟିକା ଆଖ୍ୟା ଦିଆଯାଇ ପାରେ । କିନ୍ତୁ ଛଉ ନାଚରେ ଭାବ ପ୍ରକାଶର ଭଙ୍ଗୀ ସ୍ପଷ୍ଟ ନୁହେଁ । ଏଥିର ଅଙ୍ଗଭଙ୍ଗୀ ଟିକିଏ କ୍ଳିଷ୍ଟ । 'ଛଉ'କୁ କେତେକଙ୍କ ମତରେ ଛାଉଣୀ ନୃତ୍ୟ ଅର୍ଥାତ୍ ସମର ପରେ ଅବସର କାଳୀନ ସମୟରେ ଆନନ୍ଦ ଉପଭୋଗ ପାଇଁ ଯେଉଁ ବ୍ୟବସ୍ଥା କରାଯାଉ ଥିଲା ସେହି ନୃତ୍ୟକୁ ହିଁ ଏବେ 'ଛଉ' କୁହାଯାଉଛି । ସମରରେ ଲିପ୍ତ ବ୍ୟକ୍ତି-ମାନେ ନୃତ୍ୟ କରୁଥିବାରୁ କୋମଳ ଓ ଲଳିତ ଭଙ୍ଗୀ ଏହି ନାଚରେ ବିରଳ ଏବଂ ଭାବ ପ୍ରକାଶର ଭଙ୍ଗୀ ବା ମୁଦ୍ରା ମଧ୍ୟ କଠିଣ—ବୋଧଗମ୍ୟ ନୁହେଁ । ନୃତ୍ୟ-ନାଟୀକାର ପ୍ରବର୍ତ୍ତନ ପରେ କଟକର କଳା ବିକାଶ କେନ୍ଦ୍ର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ନୃତ୍ୟ ନାଟିକା ପ୍ରଦର୍ଶନ କରି ପାରିଛନ୍ତି । ଓଡ଼ିଶା ବାହାରେ ବିଭିନ୍ନ ରାଜ୍ୟରେ ଏହି ବିଭିନ୍ନ ବିଷୟର ନୃତ୍ୟ-ନାଟିକା କଳା ବିକାଶ କେନ୍ଦ୍ରର ସୁନାମ ତଥା ଓଡ଼ିଶାର ନୃତ୍ୟ-କଳାକୁ ଉଚ୍ଚସ୍ଥାନ ଦେବାରେ ସକ୍ଷମ ହୋଇଛି । ନୃତ୍ୟ-ନାଟିକା ଦ୍ୱାରା ଶିକ୍ଷା ସଭ୍ୟତା ଓ ସଂସ୍କୃତିର ପରିଚୟ ମିଳେ । ଦେଶ ଓ ଜାତିର ମର୍ଯ୍ୟାଦା ବୃଦ୍ଧି ପାଏ । ଉତ୍କଳୀୟ କଳାକୁ ଭାରତ ବାହାରେ ବିଭିନ୍ନ ଦେଶ ସମ୍ମୁଖରେ ଉପସ୍ଥାପନା କରିବାର ଏକମାତ୍ର ପନ୍ଥା ହେଉଛି ନୃତ୍ୟ-ନାଟିକାଭିନୟ । ଓଡ଼ିଶୀ ନାଚ ଯେ ଏ ପର୍ଯ୍ୟନ୍ତ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ରହିଛି—ଓଡ଼ିଶୀ ଗୀତ

ଯେ ତାହାର ମୌଳିକତ୍ୱ ବଜାୟ ରଖି ବିଜୟ ଗର୍ବରେ ସଂଗୀତ ଅସରର ଶିଖରରେ ରହିଛି ତାହା ଅସ୍ୱୀକାର କରି ହେବ ନାହିଁ ।

ଆଜି ଓଡ଼ିଆ ନାଟକର ଶତ ବାର୍ଷିକୀ ଉପଲକ୍ଷେ ନାଟ୍ୟସାହିତ୍ୟ—ନାଟ୍ୟକଳା—ନାଟ୍ୟାଭିନୟ ଲାଗି ମୁଁ ଆହ୍ୱାନ କରୁଛି । ଲେଖକ ଆଗେଇ ଆସନ୍ତୁ ତାଙ୍କର ଶୌର୍ଯ୍ୟାଭିନୟ ଅଭିବ୍ୟକ୍ତି ପ୍ରକାଶର ମନୋବୃତ୍ତିନେଇ ! ଓଡ଼ିଆ ସାହିତ୍ୟ ହେଉ ସମୃଦ୍ଧ—ଉତ୍କଳୀୟ କଳା ପୁଣି ସାରା ପୃଥିବୀରେ ପ୍ରସାରିତ ହୋଇ ହୃତ ଗୌରବର ପୁନରୁଦ୍ଧାର କରୁ । କଳା ଓ କଳାକାର ଦୀର୍ଘଜୀବୀ ହୁଅନ୍ତୁ ।

କଳାବିକାଶ କେନ୍ଦ୍ର,
କଟକ

## ଆଳୁ ବିହନ ଋଣ ସୁଧ ଛାଡ଼ ଯୋଜନା

ରାଜ୍ୟ ସରକାରଙ୍କ କୃଷି ବିଭାଗ ତରଫରୁ ୧୯୬୩-୬୪ ମସିହାଠାରୁ ୧୯୬୩-୬୪ ମସିହା ପର୍ଯ୍ୟନ୍ତ କୃଷକମାନଙ୍କୁ ଆଳୁ ବିହନ ଋଣ ଆକାରରେ ଯୋଗାଇ ଦିଆଯାଇଥିଲା । ଆଳୁ ବିହନ ବାବଦ ଋଣ ଯେପରି ଶୀଘ୍ର ଆଦାୟ କରାଯାଇ ପାରିବ, ସେଥିନିମନ୍ତେ କୃଷି ବିଭାଗ ତରଫରୁ ଏକ ଋଣଛାଡ଼ ଯୋଜନା ପ୍ରସ୍ତୁତ କରାଯାଇଛି । ଋଣର ବକେୟା ମୂଳ ଟଙ୍କା ଯେଉଁ ଚାଷୀମାନେ ୧୯୬୮ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ପରିଶୋଧ କରିଦେବେ ସେମାନଙ୍କୁ ସୁଧ ବାବଦ ଟଙ୍କା ପରିଶୋଧ କରିବାକୁ ପଡ଼ିବ ନାହିଁ । ଏହି ସୁଯୋଗର ସୁବିଧା ନେଇ କେତେକ କୃଷକ ସେମାନଙ୍କର ଋଣ ପରିଶୋଧ କରି ଦେଲେଣି । ୧୯୬୮ ମାର୍ଚ୍ଚ ୩୧ ତାରିଖ ପରେ କୃଷକମାନଙ୍କୁ ସୁଧଛାଡ଼ ସୁଯୋଗ ଆଉ ମିଳିବ ନାହିଁ ଏବଂ ସେମାନଙ୍କୁ ଋଣ ଓ ସୁଧ ଉଭୟ ଟଙ୍କା ପରିଶୋଧ କରିବାକୁ ପଡ଼ିବ । ଏହି ସୁଯୋଗ ନେଇନଥିବା ଆଳୁ ବିହନ ଋଣ ଗ୍ରହୀତାଙ୍କୁ ପୁନର୍ବାର ସୂଚାଇ ଦିଆଯାଉଛି ଯେ, ସେମାନେ ସେମାନଙ୍କର ବକେୟା ଋଣ ଟଙ୍କା ୧୯୬୮ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିଜ କୃଷି ଜିଲ୍ଲାର ଉପ-କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଥିବା ସହକାରୀ କୃଷି ନିର୍ଦ୍ଦେଶକ (ଭିଜିଲାନ୍ସ)ଙ୍କ ଜରିଆରେ ଦାଖଲ କରି ଏହି ସୁଧଛାଡ଼ ଯୋଜନାର ସୁଯୋଗ ନିଅନ୍ତୁ ।




ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ୧୯୬୭ ଡିସେମ୍ବର ୧୪, ତାରିଖ ଦିନ ଆଇ. ଏଫ୍. ଏଫ୍. ସି. ଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଉଛନ୍ତି ।

# ଆମ ଆକାଶ ବାଣୀର....
# ଗତ, ଆଗତ, ଅନାଗତ

ଶ୍ରୀ ଭଗବାନ ପ୍ରସନ୍ନ ବର୍ମା

### ବେତାର ପ୍ରଚାରର ମୂଳକଥା

ପଞ୍ଚଶ ବର୍ଷ ତଳେ ଭାରତକୁ ରେଡ଼ିଓ ଆସିଥିଲା । ଗୋଟିଏ ଘରୋଇ କଂପାନୀ ପକ୍ଷରୁ ପ୍ରଥମେ ୧୯୨୭ ମସିହା ଜୁଲାଇ ୨୩ ତାରିଖ ଦିନ ବମ୍ବେଠାରେ ଏକ ବେତାର ପ୍ରସାର କେନ୍ଦ୍ର ସ୍ଥାପନ କରାଯାଇଥିଲା । ତତ୍କାଳୀନ ବ୍ରିଟିଶ ସରକାର ଏଥିଲାଗି ଲାଇସେନ୍ସ ଦେଇଥିଲେ । ଏ କଂପାନୀର ନାମ ଥିଲା ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଙ୍ଗ କଂପାନୀ । ମାସକ ପରେ ଅଗଷ୍ଟ ୨୬ ତାରିଖ ଦିନ କଲିକତାଠାରେ ଆଉ ଏକ ବେତାର କେନ୍ଦ୍ର ସ୍ଥାପିତ ହୋଇଥିଲା । ଏହାହିଁ ଭାରତରେ ବେତାର କେନ୍ଦ୍ର ସ୍ଥାପନର ମୂଳ କଥା । ଅବଶ୍ୟ ତା' ପୂର୍ବରୁ, ୧୯୨୪ ରେ ମାନ୍ଦ୍ରାଜର କେତେକ ବ୍ୟକ୍ତି ଏକ ରେଡ଼ିଓ କ୍ଲବ୍ ଗଢ଼ି ଗୋଟିଏ କିସମର ବେତାର ପ୍ରସାର ଆରମ୍ଭ କରିଥିଲେ ।

ସେ ଯାହା ହେଉ, ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଙ୍ଗ କଂପାନୀ ସେତେ ସୁସଂଗଠିତ ନ ଥିବାରୁ ଓ ଭାରତରେ ବେତାର ଯନ୍ତ୍ର ସଂଖ୍ୟା ଅତି ସୀମିତ ଥିବାରୁ ଏହା ବେଶୀ ଦିନ ଚାଲି ପାରିଲା ନାହିଁ । ବିଶେଷ କରି ଆର୍ଥିକ ଅଭାବ ଏହାର ପ୍ରଧାନ ଅନ୍ତରାୟ ହେଲା । ୩ ବର୍ଷ ମଧ୍ୟରେ ଏହା ଦେବାଳିଆ ହୋଇ ଭାଙ୍ଗିଗଲା । ସେତେବେଳେ ସମଗ୍ର ଦେଶରେ ମାତ୍ର ୮ ହଜାର ପର୍ଯ୍ୟନ୍ତ ରେଡ଼ିଓ ସେଟ୍ ଥିଲା । ସେତେବେଳେ ରେଡ଼ିଓ ସେଟ୍ ପିଛା ଲାଇସେନ୍ସ ଥିଲା ବାର୍ଷିକ ଦଶ ଟଙ୍କା । ଏ ବାବଦରେ ମୋଟ ଆୟ ଥିଲା ମାତ୍ର ୭୫ ହଜାର ଟଙ୍କା ।

ଉପରୋକ୍ତ କଂପାନୀଟି ଭାଙ୍ଗିଗଲେ ମଧ୍ୟ, ଭାରତରେ ରେଡ଼ିଓ-ଯୁଗର ଅବସାନ ହେଲା ନାହିଁ । ଲୋକେ ଏହାର ସ୍ୱାଦ ଚାଖି ସାରିଥିବାରୁ ବେତାର ପ୍ରସାରକୁ ଅବ୍ୟାହତ ରଖିବା ନିମନ୍ତେ ସରକାରଙ୍କ ଠାରେ ଦୃଢ଼ ଦାବୀ ଜଣାଇବାରେ ସରକାର ନିଜେ ବେତାର ସଂଗଠନ କରିବା ପାଇଁ ବାଧ୍ୟ ହେଲେ । ସେଇଠୁ ଜନ୍ମ ନେଲା ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଙ୍ଗ୍ ସର୍ଭିସ୍ । ମଝିରେ ମଝିରେ ନାନା ବ୍ୟାଘାତ ଓ ଅସୁବିଧା ସତ୍ତ୍ୱେ ବେତାର ପ୍ରସାର ଅବ୍ୟାହତ ରହିଲା ।

### ଅଲ୍‌ଇଣ୍ଡିଆ ରେଡ଼ିଓର ଜନ୍ମ କାହାଣୀ

ଆଇ. ଏସ୍. ବି. ଏସ୍. ଶେଷରେ କିପରି ଅଲ୍ ଇଣ୍ଡିଆ ରେଡ଼ିଓ ବା ଏ. ଆଇ. ଆର. ରେ ପରିଣତ ହେଲା, ସେ ସମ୍ବନ୍ଧରେ ଏକ ମଜାଦାର କାହାଣୀ ରହିଛି । ବ୍ରଡ୍‌କାଷ୍ଟିଙ୍ଗ୍ ସର୍ଭିସ୍‌ର ପ୍ରଥମ କଂଟ୍ରୋଲର ଲିଓନେଲ୍ ଫିଲ୍‌ଡେନ୍ ତାଙ୍କର ଆତ୍ମଜୀବନୀ "ଦି ନେଚୁରାଲ୍ ବେଣ୍ଡ" ରେ ନିମ୍ନ ମର୍ମରେ ଉଲ୍ଲେଖ କରିଛନ୍ତି :—

"ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଙ୍ଗ୍ ସର୍ଭିସ୍ ନାମଟି ମୋତେ ମୋଟେ ଭଲ ଲାଗୁ ନଥିଲା ବିଭିନ୍ନ ବ୍ୟକ୍ତିଙ୍କ ସହିତ ବ୍ୟାପକ ପରାମର୍ଶ କରିବା ପରେ ମୁଁ ପ୍ରସ୍ତାବ କଲି ଯେ

ସଂଗଠନର ନାମ ଅଲ୍ ଇଣ୍ଡିଆ ରେଡ଼ିଓ ରଖାଯାଉ, ଏହାର ମୂଳ ଅକ୍ଷର ଗୁଡ଼ିକ ମିଶି ମଧ୍ୟ ଏକ ଉପଯୁକ୍ତ ସାଂକେତିକ ଶବ୍ଦ (A.I.R.) ସୃଷ୍ଟି ହୋଇପାରିବ ବୋଲି ମୁଁ ଦର୍ଶାଇଲି । କିନ୍ତୁ ସଂସ୍ଥାର ନାମ ପରିବର୍ତ୍ତନ ବିରୁଦ୍ଧରେ ସେକ୍ରେଟାରୀ—ଏଟରୁ ପ୍ରବଳ ବିରୋଧ ହେଲା । ମୁଁ ଦେଖିଲି ଯେ, ପ୍ରସ୍ତାବଟି ମୋ ଆଡ଼ୁ ଆସୁଥିବାରୁହିଁ ବିରୋଧ ହେଉଛି । ତେଣୁ ମୁଁ ଏକ କୌଶଳ ଖଞ୍ଜିଲି । ଭାଇସରାୟ ଲର୍ଡ ଲିନ୍‌ଲିଥ୍‌ଗୋଙ୍କୁ ଥରେ ମୁଁ ପ୍ରସଙ୍ଗ କ୍ରମେ ନାମ ପରିବର୍ତ୍ତନର ପ୍ରସ୍ତାବ ଦେଲି ଏବଂ ଆଇ. ଏସ୍. ବି. ଏସ୍. ଭଲ ଶୁଭୁନାହିଁ ବୋଲି ଦର୍ଶାଇଲି । ଆଉ ଗୋଟିଏ ଭଲ ନାମ ସଙ୍କେତ କରିବା ପାଇଁ ମୁଁ ତାଙ୍କୁ ଅନୁରୋଧ କଲି । ସେ ଯେପରି ଅଲ୍ ଇଣ୍ଡିଆ ରେଡ଼ିଓ ନାମକରଣ କରିବେ, ସେଥିପାଇଁ କୌଶଳକ୍ରମେ ମୁଁ ସୂଚନା ପ୍ରକାଶ କଲି ଏବଂ ସେ ଏଇ ନାମଟି ଉଚ୍ଚାରଣ କରିବା ମାତ୍ରେ ମୁଁ ତାଙ୍କ ବିଦ୍‌ବତା, ଦୂର ଦୃଷ୍ଟି ଓ ଚିନ୍ତାଶୀଳତାକୁ ଉଚ୍ଛ୍ୱସିତ ପ୍ରଶଂସା କଲି । ନିଜେ ଭାଇସ୍‌ରାୟ ଏଇ ନାମ (ଅଲ୍ ଇଣ୍ଡିଆ ରେଡ଼ିଓ) ଦେଇଛନ୍ତି ବୋଲି ମୁଁ ପ୍ରଚାର କରାଇ ଦେଲି । ଫଳରେ ସମସ୍ତ ବିରୋଧ ପାଣି ଫାଟିଗଲା । ଏହିଭଳି ଭାବେହିଁ ଜନ୍ମ ନେଲା ଅଲ୍ ଇଣ୍ଡିଆ ରେଡ଼ିଓ ।"

ଭାରତ ସ୍ୱାଧୀନ ହେବା ପରଠାରୁ ଏହାର ଯେଉଁ ଭାରତୀୟ ନାମଟି (ଆକାଶବାଣୀ) ପ୍ରଚଳିତ ହେଉଛି, ତାହା ପଣ୍ଡିତ ଜବାହରଲାଲ ନେହୁରୁଙ୍କ ଅନୁରୋଧ କ୍ରମେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦ୍ୱାରାହିଁ ପ୍ରଚଳିତ ହୋଇଥିଲା ।

### ଅଢ଼େଇ ଲକ୍ଷରୁ ୧୮ ନିୟୁତ

ଭାରତ ସ୍ୱାଧୀନ ହେବା ବେଳକୁ (୧୯୪୭) ଦେଶରେ ମାତ୍ର ଛଅଟି ବେତାର କେନ୍ଦ୍ର, ୧୦ଟି ଟ୍ରାନ୍‌ସମିଟର ଏବଂ ମୋଟ ପ୍ରାୟ ଅଢ଼େଇ ଲକ୍ଷ ରେଡ଼ିଓ ସେଟ୍ ଥିଲା । ପ୍ରତି ଅଠର ଶହ ଲୋକ ପିଛା ଗୋଟିଏ ରେଡ଼ିଓ ସେଟ୍ ଥିଲା ବୋଲି ହିସାବ କରାଯାଇଛି । ସ୍ୱାଧୀନତାର ୩୦ ବର୍ଷ ପରେ ବର୍ତ୍ତମାନ ଆମ ଦେଶରେ ସ୍ଥାପିତ ହୋଇଥିବା ବେତାର କେନ୍ଦ୍ର ଗୁଡ଼ିକର ସଂଖ୍ୟା ୮୧ କୁ ବଢ଼ିଛି, ୧୫୧ ଟି ଟ୍ରାନ୍‌ସମିଟର ରହିଛି ଏବଂ ମୋଟ ପ୍ରାୟ ୧୮ ନିୟୁତ ବା ୧୮୦ ଲକ୍ଷ ରେଡ଼ିଓ ସେଟ୍ କାର୍ଯ୍ୟ କରୁଛି । ବର୍ତ୍ତମାନ ହାରାହାରି ପ୍ରତି ୩୫ ଜଣରେ ଗୋଟିଏ କରି ରେଡ଼ିଓ ଥିବାର ହିସାବ କରାଯାଇଛି । ଦିଲ୍ଲୀ ଓ ବମ୍ବେ ଭଳି ମେଟ୍ରୋପଲିଟାନ୍ ସହରରେ ପ୍ରତି ଆଠ-ନଅ ଜଣରେ ଗୋଟିଏ କରି ରେଡ଼ିଓ ଥିବା ଜଣାଯାଇଛି । ବର୍ତ୍ତମାନ ଆମ ଦେଶର ଶତକଡ଼ା ପ୍ରାୟ ୯୦ ଭାଗ ଲୋକଙ୍କ ମଧ୍ୟରେ ଏବଂ ଶତକଡ଼ା ପ୍ରାୟ ୮୦ ଭାଗ ଇଲାକାରେ ବେତାର ପ୍ରଚାର ଶୁଣାଯାଇ ପାରୁଛି ।

### ସାଫଲ୍ୟର ଜୟମାଲ୍ୟ

ଆକାଶବାଣୀର ବିଭିନ୍ନ କେନ୍ଦ୍ରରୁ ବର୍ତ୍ତମାନ ଦୈନିକ ମୋଟ ପ୍ରାୟ ୨୪୦ଟି ସଂବାଦ-ବୁଲେଟିନ୍ ପ୍ରସାରିତ ହେଉଛି । ଆକାଶବାଣୀର ଆଭ୍ୟନ୍ତରୀଣ ସର୍ଭିସ୍‌ରେ ମୋଟ ୨୦ଟି ଲିଖିତ ଭାଷା ଏବଂ ୧୩୬ଟି କଥିତ ଭାଷା ବ୍ୟବହାର କରାଯାଉଛି । ବୈଦେଶିକ ସର୍ଭିସ୍‌ରେ ବହୁ ଭାଷାର ବ୍ୟବହାର କରାଯାଉଛି । ଭାରତ ଭଳି ଏକ ବହୁଭାଷୀ ଦେଶରେ ଏତେ ପ୍ରକାର ଭାଷା ବ୍ୟବହାର ଯୋଗେ ବେତାର ପ୍ରଚାର କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ମଧ୍ୟ, ସେ ଦିଗରେ ଆକାଶବାଣୀ ଯଥେଷ୍ଟ ସାଫଲ୍ୟ ଅର୍ଜନ କରି ପାରିଛି ।

### ବିଫଳତାର ଖୋଦୋକ୍ତି

ବେତାରପ୍ରଚାରର ଅନ୍ୟାନ୍ୟ ଦିଗରେ ମଧ୍ୟ ପ୍ରଭୂତ ଉନ୍ନତି ହୋଇଛି—ଏହା ଅନସ୍ୱୀକାର୍ଯ୍ୟ । ତା' ସତ୍ତ୍ୱେ ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ଗତ ୩୦ ବର୍ଷ ମଧ୍ୟରେ ବେତାର କାର୍ଯ୍ୟକ୍ରମର ମାନ ଯେତିକି ବୃଦ୍ଧି ପାଇ ପାରିଥାନ୍ତା, ତାହା ସେତିକି ବୃଦ୍ଧି ପାଇ ନାହିଁ । ବେତାର-ପ୍ରଚାରର ବୈଚିତ୍ର୍ୟ ଓ କାର୍ଯ୍ୟକ୍ରମର ବିଭିନ୍ନତା ବଢ଼ି ଆଇପାରେ ; ମାତ୍ର ଏହାର ସାମଗ୍ରିକ ମାନ ଆଶାନୁରୂପ ବଢ଼ିନାହିଁ । ତା'ର ବହୁବିଧ କାରଣ ଭିତରୁ ଗୋଟିଏ କାରଣ ହେଲା, ଏହା ପୁରାପୁରି ଏକ ସରକାରୀ ନିୟନ୍ତ୍ରିତ ତଥା ପ୍ରତିଦ୍ୱନ୍ଦ୍ୱୀ ବିହୀନ ସଂଗଠନ ହୋଇଥିବାରୁ ଏଥି ସହିତ ସଂପୃକ୍ତ ଲୋକେ କୌଣସି ମତେ ନିଜ ନିଜର କାର୍ଯ୍ୟ ବଜାୟ ରଖି କର୍ତ୍ତବ୍ୟ ସଂପାଦନ ମାତ୍ର କରି ଚାଲିଛନ୍ତି ଏବଂ ବେତାର-ପ୍ରଚାରର ମାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଆଗ୍ରହ ପ୍ରଦର୍ଶନ କରିବାର କୌଣସି ଆବଶ୍ୟକତା ଅନୁଭବ କରି ନାହାନ୍ତି । ଅବଶ୍ୟ ଏ ମତଟି ଯେଉଁମାନେ ଦିଅନ୍ତି, ସେମାନେ ଆକାଶ-ବାଣୀକୁ ଏକ କର୍ପୋରେସନ୍‌ରେ ପରିଣତ କରାଯିବା ପାଇଁ ବହୁଦିନରୁ ଚିନ୍ତା କରି ଆସୁଛନ୍ତି ଓ ଏଥିପାଇଁ ଦାବୀ ମଧ୍ୟ କରାଯାଇ ଆସୁଛି । କିନ୍ତୁ ଏହି ପ୍ରଭାବଶାଳୀ ପ୍ରଚାର ମାଧ୍ୟମଟିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତିଦେବା ସରକାରଙ୍କ ପକ୍ଷରେ ବା ଜନସାଧାରଣଙ୍କ ପକ୍ଷରେ କେତେଦୂର ହିତକର ହେବ, ତାର ବିଚାର ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । ଏ ପ୍ରସଙ୍ଗରେ ଏକଥା ମଧ୍ୟ କୁହାଯାଇ ପାରେ କି ସରକାରୀ ନିୟନ୍ତ୍ରଣ ଭିତରେ ରହିଲେ ବି ଆକାଶବାଣୀ ତାର ନିଜସ୍ୱ ମାନ ଓ ଧର୍ମ ରକ୍ଷା କରିବାରେ କି କି ବାଧାର ସମ୍ମୁଖୀନ ହେଉଛି ତାର ପୁଙ୍ଖାନୁପୁଙ୍ଖ ବିଚାର ବିଶ୍ଳେଷଣ ହେବା ଉଚିତ ।

### ମାନ ବଢ଼ିବା ଆବଶ୍ୟକ

ଆକାଶବାଣୀ ସଂଗଠନଟି ପୁରାପୁରି ସରକାରୀ କର୍ତ୍ତୃତ୍ୱାଧୀନ ହୋଇ ରହୁ କି କର୍ପୋରେସନ୍‌ରେ ପରିଣତ


ହେଉ, ଏହାର କାର୍ଯ୍ୟକ୍ରମ ଗୁଡ଼ିକ ଯେ ଯଥେଷ୍ଟ ଉନ୍ନତ ଓ ସମୁଚିତ ମୂଲ୍ୟବୋଧ ସଂବଳିତ ହେବା ବାଞ୍ଛନୀୟ– ଏଥିରେ ଦ୍ୱିମତର ଅବକାଶ ନାହିଁ । ଆକାଶବାଣୀର ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଥିଲେ ମଧ୍ୟ, ସାମୂହିକ ଦୃଷ୍ଟିରୁ ଏହା ଆଶାଜନକ ଭାବେ ଆଦୃତ ହୋଇ ପାରିନାହିଁ । ଏ ଦିଗରେ ବର୍ତ୍ତମାନର ସରକାର ବିଶେଷ ଯତ୍ନବାନ ହେବା ଉଚିତ । ଏହାର ମାନ ବୃଦ୍ଧି ଲାଗି କେବଳ ସଂପୃକ୍ତ ସରକାରୀ କର୍ମଚାରୀ ମାନଙ୍କ ଉପରେ ନିର୍ଭର କଲେ ଚଳିବ ନାହିଁ । ଅନ୍ୟାନ୍ୟ ଜ୍ଞାନୀ, ଗୁଣୀ, ଅଭିଜ୍ଞ ଓ ଦକ୍ଷ ବ୍ୟକ୍ତିମାନଙ୍କୁ ନାନା ଭାବେ ଏଥି ସହିତ ସଂପୃକ୍ତ କରାଯିବା ଉଚିତ ।

### ଆକାଶବାଣୀ ନା ମାଟିରବାଣୀ ?

ଆଉ ଗୋଟିଏ କଥା ଏବେ ଶୁଣିବାକୁ ମିଳୁଛି ଯେ କିଛିଦିନ ତଳେ ଆକାଶବାଣୀର କ୍ରେଡ଼ିବିଲିଟି ନଷ୍ଟ ହୋଇ ଯାଇଥିଲା ଏବଂ ବର୍ତ୍ତମାନ ତାକୁ ପୁନରୁଦ୍ଧାର କରିବାର ଚେଷ୍ଟା କରାଯାଉଛି । ଅବଶ୍ୟ ଏ ଦିଗରେ କେତେଦୂର କିପରି ଚେଷ୍ଟା କରାଯାଉଛି, ତାହା ଲକ୍ଷ୍ୟ କରିବାର କଥା । ଗୋଟିଏ ସରକାରୀ କର୍ତ୍ତୃତ୍ୱାଧୀନ ସଂସ୍ଥାରେ ଏହା ଅବଶ୍ୟ କେତେକାଂଶରେ ସ୍ୱାଭାବିକ ଯେ ଏହା ପ୍ରଚଳିତ ସରକାର ଓ କର୍ତ୍ତୃପକ୍ଷଙ୍କ ନୀତି ସଙ୍ଗେ ସାମଞ୍ଜସ୍ୟ ରଖି କାର୍ଯ୍ୟକ୍ରମ ପ୍ରଚଳନ କରିବ । କିନ୍ତୁ ତାହା ସତ୍ତ୍ୱେ ବି ଆକାଶବାଣୀର କାର୍ଯ୍ୟକ୍ରମକୁ କିପରି ଅଧିକନ୍ତୁ ଅଧିକ ଲୋକପ୍ରିୟ, ଫଳପ୍ରଦ ଓ ଶିକ୍ଷଣୀୟ କରି ହେବ ସେଥିପାଇଁ ଚିନ୍ତାକରାଯିବା ଓ ପରାମର୍ଶ ଦିଆଯିବା ବାଂଛନୀୟ । ଜାତୀୟ ସଂହତି ସାଧନ କ୍ଷେତ୍ରରେ ଆକାଶବାଣୀର ଯଥେଷ୍ଟ ଅବଦାନ ରହିଛି । ଏହାକୁ ସେ ଦିଗରେ ଆହୁରି ବେଶି ସକ୍ରିୟ ଭାବରେ ଉପଯୋଗ କରାଯାଇ ପାରିବ । ଲୋକଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି, ଶିକ୍ଷା ପ୍ରସାର ଓ ଉପଯୁକ୍ତ ମୂଲ୍ୟବୋଧର ପ୍ରସାର ଦିଗରେ ମଧ୍ୟ ଏହାକୁ ଏକ ବଳିଷ୍ଠ ମାଧ୍ୟମ କରାଯାଇ ପାରିବ । ଏହାର ସାଂସ୍କୃତିକ, ଶିକ୍ଷା ସମ୍ବନ୍ଧୀୟ, ସଂଗୀତ, ନାଟକ, ସାହିତ୍ୟ, କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଇତ୍ୟାଦି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଗୁଡ଼ିକୁ କିପରି ଯଥେଷ୍ଟ ଉପାଦେୟ, ମଜାଦାର ଓ ଆଗ୍ରହମୂଳକ କରାଯାଇ ପାରିବ, ସେଥିପାଇଁ ଧାରାବାହିକ ଓ ଆନ୍ତରିକ ପ୍ରୟାସ ହେବା ଆବଶ୍ୟକ । ଭାରତରେ ଆକାଶବାଣୀର ବିପୁଳ ଭୌତିକ ବିକାଶ ସାଙ୍ଗକୁ ତା'ର ଆତ୍ମିକ ଉନ୍ନତି ପ୍ରତି ଯଥେଷ୍ଟ ଦୃଷ୍ଟି ଦିଆ ନ ଗଲେ ବେତାର ଯନ୍ତ୍ର ଯୋଗେ ପ୍ରସାରିତ ହେଉଥିବା ବାଣୀ ଗୁଡ଼ିକ କେବଳ ଆକାଶର ଶୂନ୍ୟତା ଭିତରେ ପବନରେ ଉଡ଼ିବୁଲୁଥିବ ସିନା, ଏ ଦେଶର ମାଟିର ମଣିଷମାନଙ୍କ ଚିତ୍ତରେ ନୂତନ ସୃଷ୍ଟିର ପ୍ରେରଣା ଦେଇ ପାରିବ ନାହିଁ ।

ଜନସାଧାରଣଙ୍କ ମନରେ ନୂତନ ଚିନ୍ତା, ନୂତନ ଅନୁଭୂତି ଓ ନୂତନ କାର୍ଯ୍ୟକ୍ରମର ବାର୍ତ୍ତା ସଂଚାର କରିବା ପାଇଁ ଯେତେ ପ୍ରକାର ଗଣ ମାଧ୍ୟମ ବର୍ତ୍ତମାନ ପ୍ରଚଳିତ ରହିଛି–ତନ୍ମଧ୍ୟରେ ଆକାଶବାଣୀର ପ୍ରଭାବ ସର୍ବାଧିକ ବୋଲି ମାନିବାକୁ ହେବ । ଏ ସ୍ଥଳେ ଆକାଶବାଣୀର ଦାୟିତ୍ୱ ମଧ୍ୟ ସର୍ବାଧିକ ବୋଲି ବୁଝିବାକୁ ହେବ । ଦେଶର ଆବାଳବୃଦ୍ଧ ବନିତା, ଆମୂର୍ଖ ପଣ୍ଡିତ ସମସ୍ତଙ୍କ ପାଇଁ ଏହି ଆକାଶବାଣୀର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ଏହାର ବାର୍ତ୍ତାଗୁଡ଼ିକ କେବଳ ଶ୍ରବଣୀୟ ହୋଇଥିବା ଦୃଷ୍ଟିରୁ–ଏହି ମାଧ୍ୟମର କେତେକ ସୀମିତତା ମଧ୍ୟ ରହିଛି ଏବଂ ଯାନ୍ତ୍ରିକତା ମଧ୍ୟ ସ୍ୱୟଂ ଏହାର ଏକ ସୀମିତତା । ମାତ୍ର ଯଦି ଏହା ମାଧ୍ୟମରେ ଜନ ଜୀବନରେ କିଛିତ ନୂତନ ଜାଗରଣ ସୃଷ୍ଟି କରିବାର ଏକ ସାମାଜିକ ପ୍ରେରଣା ଏହାର କର୍ମକର୍ତ୍ତାମାନଙ୍କ ଭିତରେ କାମ କରେ, ତେବେ ଆକାଶବାଣୀ ସୀମାତିରିକ୍ତ ସାମାଜିକ ଉପଯୋଗିତା ଦେଖାଇ ପାରିବ ।

"ଧରିତ୍ରୀ" ସମ୍ବାଦ ସଂସ୍ଥା
ଶିଳ୍ପାଞ୍ଚଳ
ଭୁବନେଶ୍ୱର






ଶବରୀ ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ୧୯୭୭ ଡିସେମ୍ବର ୧୬ତାରିଖ ଦିନ ଭୁବନେଶ୍ୱରଠାରେ ଆୟୋଜିତ ଉପଜାତୀୟମାନଙ୍କର ସାମାଜିକ, ଅର୍ଥନୀତିକ ଓ ଶିକ୍ଷାଗତ ଉନ୍ନୟନ ଆଲୋଚନା ଚକ୍ରରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଭାଷଣ ଦେଉଛନ୍ତି ।



ଲୋକସଭା ସଦସ୍ୟ ଶ୍ରୀ ରବିରାୟ ୧୯୭୭ ଅକ୍ଟୋବର ୨ ତାରିଖ ଦିନ କଟକ ସହିଦ୍ ଭବନଠାରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ ସଭାରେ ଭାଷଣ ଦେଉଛନ୍ତି ।

# ଓଡ଼ିଶା ସଂସ୍କୃତି

## ଗର୍ବ ଗାଥା

—ଶ୍ରୀ ଅଜୟାନନ୍ଦ ସାମନ୍ତସିଂହ

ସେଇ ଆଜି ଏକମାତ୍ର ନିଜସ୍ୱ ସମ୍ବଳ—
ସଞ୍ଚିତ ସମ୍ପତ୍ତିଧନ.....ଜୀବନର ଉଦ୍‌ଫୁଲ୍ଲିତ ଯେତେ ଅହଙ୍କାର
ସତ୍ୟର ଅହିଂସାର ଝଙ୍କାରରେ ହୁଏ ଫରଫର ;
ସେଇ ଆମ ତେଜବୀର୍ଯ୍ୟ, ଧନମାନ ଯଶ ଧୈର୍ଯ୍ୟ
ବିଶ୍ୱରେ ସେଇ ଆମ ସାର୍ଥକତା ଜନ୍ମ ଜାତକର ॥

ବାରମ୍ବାର ସବୁକୁ ହରାଇ ସାରି ସମୟର ସମୁଦ୍ର ବାଲିରେ
ତା ଆଶା ଭରସାର ବିଶ୍ୱାସରେ, ସ୍ୱପ୍ନରେ, ଆକାଂକ୍ଷାରେ
ଭୁଲିହୁଏ ଦୁଃଖ ଶୋକ, ବଞ୍ଚିବାର ଯନ୍ତ୍ରଣାରେ ଯେତେ କଲବଲ ;
ଏବେ ବି ଅକ୍ଷୁର୍ଣ୍ଣ ସେଇ ମହାସୂତ୍ର/ମହାମନ୍ତ୍ର
ଉଦ୍‌ଭାସିତ ଅକୁମାରି ବିନ୍ଧ୍ୟ ହିମାଚଳ............
ଇତିହାସ ଲିପିଯାଏ କଷଟିର ମହା ପରୀକ୍ଷାରେ
ସେଇ ଆମ ସମୃଦ୍ଧ କାଳ କାଳ—ନିଜସ୍ୱ ସମ୍ବଳ ॥

ତାକୁ ଆମେ ସାଇତିବୁ ସଯତ୍ନରେ ହୃଦ କନ୍ଦରରେ
ସେଇ ଆମ ପୂଜା ଫୁଲ.....ସେଇ ଆମ ଜପମାଳ
କୋଟି କୋଟି ଶାନ୍ତିକାମୀ ଜନତାର ବେକରୁ ବେକରେ
ସବୁ ଶିରା ପ୍ରଶିରାର ପ୍ରତି ବିନ୍ଦୁ ରକ୍ତ କଣିକାରେ—

କୋଣାର୍କର ନଗ୍ନ ନର୍ତ୍ତକୀ ସ୍ତନ ଯୁଗଳରେ
ତାଜ୍'ର ଚିରନ୍ତନ ପ୍ରେମ ସୌରଭରେ
ବେଦ ଉପନିଷଦର ଓଁ କାର ଧ୍ୱନିରେ
ରାଧା କୃଷ୍ଣ ପ୍ରେମ କେଳି କଦମ୍ବର ଗଣ୍ଡରେ ଗଣ୍ଡରେ
ମହା ଭାରତ ଯୁଦ୍ଧର ଅଗ୍ନିସମ ତୀର ତୂଣୀରରେ
ରାମାୟଣ ସପ୍ତକାଣ୍ଡ ବଜ୍ରନାଦ ଧନୁର ଗୁଣରେ

ସୃଷ୍ଟି ପରି ଘୋଷି ଘୋଷାଇଛୁ ଆମେ ମହାନ୍ ସେ ମହା ଦୀକ୍ଷା
ନଦ ନଦୀ ବିଲ ବନ ଗିରି ଗୁମ୍ଫା ପ୍ରାନ୍ତରୁ ପ୍ରାନ୍ତରେ
ଦେଶ ଦେଶ ମହାଦେଶ ବିଶ୍ୱ ଦରବାରେ.........
କିଏ ପିଟାଇବ ଏହି ଘଣ୍ଟାଘର
ଦୁଃସାହସେ ଲୁଟି ନେବ ଔଦ୍ଧତ୍ୟର କେଉଁ ସୋପାନରେ ?

ଇତିହାସ କହୁ ଏବେ ଆମେ କିଏ.........
କ'ଣ ଆମ ଜାତି ଗୋତ୍ର ରୂପ ଭେକ ରଙ୍ଗ ବର୍ଣ୍ଣ
କାହାର ଦାୟାଦ ଆମେ ସ୍ମୃତି ତଳେ କାହାର ସଂସ୍କୃତି ;
କିଏସେ ବୁଦ୍ଧ ବାଲ୍ମୀକି ... କିଏ ବ୍ୟାସ ରାମକୃଷ୍ଣ
କିଏସେ ବିବେକାନନ୍ଦ ଶଙ୍କର ଅରବିନ୍ଦ
କିଏସେ ରାଧାକ୍ରିଷ୍ଣନ, ଜବାହାର, ଶାସ୍ତ୍ରୀ ବା ଗାନ୍ଧୀ.......

କହ—କହରେ ବିଶ୍ୱ ଜନତା ପିଟାଇ ଅଡୁଆ ସୂତା
କିଏ—କିଏ ଆମେ ନିରସ୍ତ୍ର ଏ ଭାରତୀୟ
ବିଂଶ ଏ ଶତାବ୍ଦୀର ଶକ୍ତିର ଘୋଡ଼ା ଦୌଡ଼େ
ଯୁଦ୍ଧ ବିଭୀଷିକାଠାରୁ କେତେ ଦୂରେ କାହିଁ ଆମ ସ୍ଥିତି ?
କେତେ ହିଂସା/ରକ୍ତପାତ କରିଥିଲୁ ପାଇବାକୁ ମୁକ୍ତି ??

x x x x x

ସମୟ ଦଣ୍ଡାୟମାନ ସାମନାରେ ଆହ୍ୱାନ ଦେଇ
କିଏ ସତେ ଆମେ ସବୁ.... କେଉଁଠାରେ ଠିଆ ଆଜି
ଆସ ଏବେ ପରସ୍ପରର ପଚାରିବା ବିଚାରିବା
ଆତ୍ମ ସମୀକ୍ଷା ପରେ ସନ୍ତୋଷ ସମାଧାନ ପାଇଁ—

ସେ ମହାନ୍ ସଂସ୍କୃତିର ଯଶ ଗର୍ବ ଗୌରବରେ
ସ୍ୱପ୍ନ ଦିନ ଦେଖିଥିଲୁ ତିରିଶି ବରଷ ତଳେ
କେବେ ତା'ର ବାସ୍ତବ ରୂପାୟନ ବାପୁଜୀଙ୍କ ରାମ ରାଜ୍ୟ
ଦମ୍ଭରେ ମୁଣ୍ଡ ଟେକି ଚାଲିବାକୁ ବିଶ୍ୱ ଦରବାରେ,

ଏବେ ବି ସମୟ ଅଛି—
ଆପଣାକୁ ସଜାଡ଼ି ନେବାରେ
ସ୍ୱାଗତକୁ କୋଳେଇ ନେବାରେ
ପଥ ଖୋଜି ନୂଆ ଏକ ନକ୍ସା ଆଙ୍କିବାରେ ।।

ଯୋଜନା ଓ ସମନ୍ୱୟ ବିଭାଗ
ରାଜ୍ୟ ସଚିବାଳୟ, ଭୁବନେଶ୍ୱର



# ସହସ୍ର ବଳିର ଶାରଦୀୟ ଉତ୍ସବ

# ଶୁଳିଆ ଯାତ୍ରା

-ଶ୍ରୀ ନରସିଂହ ପ୍ରସାଦ ଗୁରୁ ●
ଶ୍ରୀ ରାଧାକୃଷ୍ଣ ମିଶ୍ର

ଜୀବନରେ ଏଭଳି ଯାତ୍ରା କେବେହେଲେ ଦେଖି ନ ଥିଲୁ, ଯାହାକି ମୂଳତଃ ଅସଂଖ୍ୟ ପଶୁବଳି ଉପରେ ହିଁ ଆଧାରିତ । ସକାଳପହରୁ ଆରମ୍ଭ ହୋଇ ଅଧରାତି ଯାଏ ଅଁତରା(୧) ଜଳାଇ ଗ୍ଭଲିଥିବା ଏଇ ଯାତ୍ରାର ଏହା ହିଁ କେବଳ ଏକମାତ୍ର ଆକର୍ଷଣ ! ଏବଂ ଏଇ ଆକର୍ଷଣ ବର୍ଷକୁ ବର୍ଷ ବଢିଗ୍ଭଲିଛି । ଯାତ୍ରାର ନିକଟତମ ଗାଁ 'ଖଇରଗୁରା'ର ଜଣେ ବୃଦ୍ଧ କହିଲେ, କେଉଁ ଆବହମାନ କାଳରୁ ଯାତ୍ରାଟି ଆମେ ଦେଖି ଆସୁଛୁ । ସେତେବେଳେ ଯେତେ କଠୋର ନୀତି ନିୟମ ଥିଲା ଆଜି ଆଉ ନାହିଁ । ସ୍ତ୍ରୀ-ଝିଅଙ୍କୁ ଯାତ୍ରା-ପଦାକୁ ଯିବାପାଇଁ ମନା ଥିଲା । ଆମର ଛୋଟ ବୟସରେ ବି ବୁଢ଼ାମାନେ ଆମକୁ ଯାତ୍ରାପଦାକୁ ଯିବାକୁ ମନା କରୁଥିଲେ । ହାତଗଣା କେଇ- ଲୋକଙ୍କ ବାର୍ଷିକ ପୂଜା ହୁଏ । ଏଇ ବରଷ ଦଶଟାରେ ତ ଶହେ-ପଚାଶରୁ ବେଶୀ ଲୋକ ଜମୁ ନ ଥିଲେ । ଏବେ ନୀତିଗଲା, ନିୟମଗଲା, ଯାତରା-ପଦାକୁ ଯିଏ ସେ ଆସୁଛନ୍ତି ।

ପରଂପରା ଭାଙ୍ଗିବସୁଛି । ନୀତିନିୟମ କୋହଳ ହୋଇଆସୁଛି । ଅନେକ ସ୍ତ୍ରୀଙ୍କୁ ବି ଆମେ ଯାତରାପଦାରେ ଦେଖିଲୁ । ପାହାଡ଼ ଘେରା ଜଙ୍ଗଲିଆ ଦୂରଦ୍ରାଘା ହୋଇଥିବା କାରଣରୁ ବି ହୁଏତ ଅନେକ ସ୍ତ୍ରୀ ଆସି ପାରୁନାହାନ୍ତି । ତଥାପି ଯେତେଜଣ ଆସନ୍ତି, ଦେଖିଲୁ, ସମସ୍ତଙ୍କ ମନରେ ବଦ୍ଧମୂଳ ଧାରଣା ଯେ ଯାତରାର ଯେ କୌଣସି ଜିନିଷ ଖାଇଲେ ବନ୍ଧ୍ୟା ହୋଇ ଯାଆନ୍ତି । ଦେବୀ ପ୍ରସାଦ ଖାଇବା ମଧ୍ୟ ତାଙ୍କ ପାଇଁ ମନା ।

ପୌଷ ଶୁକ୍ଳ ପ୍ରଥମ ମଙ୍ଗଳବାରର ତିଥି । ବଲାଙ୍ଗିର ଜିଲ୍ଲାର ମହୀମୁଣ୍ଡା ନିକଟସ୍ଥ ଏ ହେଉଛି ପ୍ରସିଦ୍ଧ ଶୁଳିଆଯାତ୍ରା । ବଲାଙ୍ଗିର ଟାଉନ୍‌ରୁ ଯାତ୍ରାପଦା ପର୍ଯ୍ୟନ୍ତ ଯିବାକୁ ପ୍ରାୟ କୋଡ଼ିଏ କିଲୋମିଟର ବାଟ । ରାସ୍ତାରେ ଦୁଇଟି ଟିକରା ଟିକରା ଘାଟୀ(୨) ପାରି ହେବାକୁ ପଡ଼େ ।

ଆସିଲାବେଳେ ରାସ୍ତାରେ ଦେଖିଥିଲୁ, ହଳ-ହଳ ପୋଢ଼ଙ୍କ ବେକରେ ମନ୍ଦାର, କନିଅର ମାଳ ପିନ୍ଧାଇ ସାମନାରେ ବାଜା ବଜେଇ ବିଭିନ୍ନ ଗାଆଁରୁ ଲୋକ ଦଳ-ଦଳ ଆସୁଛନ୍ତି । ଏତଦ୍- ବ୍ୟତୀତ କିଏ କୁକୁଡ଼ା ଆଣୁଛି, କିଏ ବୋଦା ବା ମେଣ୍ଢା ଆଣୁଛି । ପୋଢ଼ ବଳି ବୋଧହୁଏ ଏ ଉତ୍ସବର ମୁଖ୍ୟ । ତେଣୁ ତା' ବେଳକୁ ଏତେ ଆଡ଼ମ୍ବର । ସକାଳୁ କୁକୁଡ଼ା ବଳି, ତା ପରେ ବୋଦା ବଳି ତା'ପରେ ମେଣ୍ଢା ଓ ଶେଷରେ ଅତି ଜାକଜମକରେ ପୋଢ଼ ବଳି ଦିଆଯାଏ । ସାଧାରଣତଃ ପୋଢ଼ ବଳି ଆରମ୍ଭ ହେଲାବେଳକୁ ରାତି ପହରେ ଗଡ଼ିଯାଇଥାଏ । ତଥାପି ମଧ୍ୟ ପୌଷ- ମାସର ଏଇ ଶୀତୁଆ ରାତିରେ ପାହାଡ଼ ଜଙ୍ଗଲର ହିଂସ୍ର ଛାଇ ତଳେ ଏହି ହିଂସ୍ର ଦୃଶ୍ୟଟିର ପୁନରାବୃତ୍ତିରେ ମଧ୍ୟ ବିରକ୍ତ ନହୋଇ ଲୋକେ ଅଁତରା ଜାଳି ଏଉଠି ରାତି ପୁହାନ୍ତି ।

ଘୋଡ଼ ବଳି କନ୍ଧପର୍ବର ଏକ ମୁଖ୍ୟ ଅଙ୍ଗ ବୋଲି ଶୁଣିଲୁ । ଆର୍ଥିକ ଅସୁବିଧା ସ୍ଥଳେ ଅନ୍ୟ ବଳି ଅବଶ୍ୟ ଚଳନୀୟ । ତେଣୁ ଏଇ ପରମ୍ପରା ଏଇଠି ମଧ୍ୟ ରହିବାରେ ସ୍ୱାଭାବିକତା ନାହିଁ । ଯାତରା ପାଇଁ ଏଭଳି ସ୍ଥାନ ବଛା ହୋଇଛି, ସହରର ସଭ୍ୟତା, ଲୋକଠାରୁ ଅନେକ ଦୂରର ଏକ ଅଗମ୍ୟ ଜଙ୍ଗଲିଆ ସ୍ଥାନ । ଫଳରେ ଯାତ୍ରାର କୀଭତ୍ସତାରୁ ସମାଜ ସୁରକ୍ଷିତ । ଅବଶ୍ୟ ଏବେ ସହରୀ ଆଲୁଅ ଯାତରାପଦାର ସୀମା ଯାଏ ପ୍ରସରି ଗଲଣି । ଦ୍ୱିତୀୟତଃ ବଲାଙ୍ଗିର, ଦେଓଗାଁ, ବଉଦ ଓ ସୋନପର ଷ୍ଟେଟର ସୀମା ଅଞ୍ଚଳ ହୋଇଥିବା କାରଣରୁ ଏଇ ସୀମା-ପାର୍ବତୀୟ କନ୍ଧ ବସ୍ତୀଗୁଡ଼ିକର କେନ୍ଦ୍ରସ୍ଥଳୀ ମଧ୍ୟ ।

ଛାତିଏ ଉଚ୍ଚର ଗୁରିକୋଣିଆ ସିମେଣ୍ଟ ଘେରାଟିଏ ତାକୁ ସେମାନେ ଖଳା କହନ୍ତି । ଖଳା ଭିତରେ କେବଳ କୁକୁଡ଼ା ବଳି ଚାଲିଥାଏ । ଦେହେରୀ(୩) ଟି ବଡ଼ ଟାଙ୍ଗୀଟିଏ ପନିକି ଭଳି ସଜାଇ ରଖିଥାଏ । ସାହାଯ୍ୟକାରୀମାନେ ଦିପଟ ତିନିପଟ କୁକୁଡ଼ା ଏକାସଙ୍ଗେ ଆଣି ମୂଳା କାଟିଲା ଭଳି ଟାଙ୍ଗୀରେ ଚକ୍ କିନା କାଟି ପକାନ୍ତି । ମୁଣ୍ଡଟା ସେଇଠି ପଡ଼େ, ଛଟପଟ ଗଣ୍ଡିଟା ପ୍ରସାଦ ସ୍ୱରୂପ ଫେରାଇ ଦିଆ-ଯାଏ । ଖଳା ବାହାରେ ଲୋକଙ୍କ ପ୍ରବଳ ଭିଡ଼ । ଦୀର୍ଘ ଅନେକ ସମୟ ଧରି ଅବିରତ କୁକୁଡ଼ା କଟା ଚାଲିଛି । ବଳିପୂଜା ନାହିଁ କି କାହାରି ମୁଣ୍ଡରେ ରକ୍ତ ଢ଼ଳା ହେଉ ନାହିଁ । ଜଣେ ଦେହେରୀ କହିଲେ,—"ଟାଙ୍ଗୀ ନିଜେ ହିଁ ଦେବୀ । ଏ ଟାଙ୍ଗୀଟିରେ କାହିଁ କେତେ ଯୁଗରୁ ବଳି ଦିଆ ହୋଇ ଆସୁଛି । ଏଥିରେ କେବେ ଶାଣ ଦିଆ ହୁଏନି ଅଥଚ ଏହା ଧାରରେ ଏବେ ବି ମାଛି ବସିଲେ ବି' ଖଣ୍ଡ ହୋଇଯିବ । ଟାଙ୍ଗୀରେ ସ୍ୱୟଂ ଦେବୀ ନିବାସ କରନ୍ତି । ଆଖପାଖ କେତୋଟି ନିର୍ଦ୍ଦିଷ୍ଟ ଗାଁର ଦେବୀଙ୍କ ଟାଙ୍ଗୀ ଆସିଲା ପରେ ଯାତ୍ରା ପୂର୍ବ ରାତିରେ 'ଖଇରଗୁରା' ଗାଆଁ ମନ୍ଦିର 'ନିଶିଘରେ' ପୂଜା ହୁଏ । ଯାତ୍ରା ଦିନ ସକାଳେ ଦେହେରୀ ଗାଧୋଇ ପାଧୋଇ ଶିଆଳୀ ପତ୍ର ପିନ୍ଧି ଶୂଳିଆ ବୁଢ଼ାଙ୍କୁ ଭୋଗ ଲଗାଇଲାପରେ ଯାତ୍ରା ଆରମ୍ଭ ହୁଏ ।" ବଳି ଯାତ୍ରାରେ ଦେବୀ ଯଦି ଟାଙ୍ଗୀ ରୂପରେ ପୂଜା ପାଆନ୍ତି, ଏଥିରେ ଅସ୍ୱାଭାବିକତା ବା କ'ଣ ଥାଇପାରେ ।

'ଜୟ ମାଁ ଶୂଳିଆବୁଢ଼ା'—ଖଳାର କାନ୍ଥରେ ମୁଣ୍ଡ ଲଗାଇ ଜଣେ ବୃଦ୍ଧବ୍ୟକ୍ତି ଶ୍ରଦ୍ଧା ନିବେଦନ କରୁଥିଲେ । ମନରେ ଆମର କୁତୁହଳ ହେଲା—ଶୂଳିଆ-ମା ନା ବୁଢ଼ା? ଏ ଯାଏଁ ଆମେ ନିଃସନ୍ଦେହଥିଲୁ ଯେ ଶୂଳିଆ ଜଣେ ଦେବୀ । ଅନୁସନ୍ଧାନ ପ୍ରସଙ୍ଗରେ ଜାଣିଲୁ ଯେ ଆମଭଳି କେବଳ ଯାତ୍ରାପଦାର ହିଁ ନୁହେଁ ଆଖପାଖ ଗାଁର ଅନେକଙ୍କ ମଧ୍ୟ ବିଶ୍ୱାସ ଯେ ଶୂଳିଆ—ଦେବୀ । କିନ୍ତୁ ମହୀମୁଣ୍ଡାର ଅଶୀତୀପରବୃଦ୍ଧ ଶ୍ରୀ ମହେଶ୍ୱର ରଥଙ୍କ ସଙ୍ଗେ ଆଲୋଚନା ପ୍ରସଙ୍ଗରେ ଏ ବିଷୟ ସ୍ପଷ୍ଟ ହେଲା । ଶୂଳିଆ ଯାତ୍ରାପଦା ପାଖ ଏଇ ଗାଁର ସ୍ଥାୟୀ ବାସିନ୍ଦା ସେ । ନିଜ ବାପ-ଅଜାଙ୍କ ଅମଳରୁ ଶୁଣିଆସିଥିବା ଏଇ ଯାତ୍ରାପଦାର ଇତିହାସ କିମ୍ବଦନ୍ତୀ ଶୁଣାଇଲେ ସେ—

"ଓଡ଼ିଶାର ଗଜପତି ଶୈଳଗଙ୍ଗଦେବ କର୍ଣ୍ଣାଟର ସେଠି ଦଶହଜାର କନ୍ଧ ସୈନ୍ୟଙ୍କ ସାହାଯ୍ୟରେ ଓଡ଼ିଶା ଜୟ କରିଥିଲେ, ତାଙ୍କ ମଧ୍ୟରୁ ଅନେକ ବସବାସ କରିବା ପାଇଁ ତାଙ୍କଠାରୁ ପୂର୍ବଘାଟ ପର୍ବତମାଳାର ଏଇ ପାର୍ବତୀୟ ଅଂଞ୍ଚଳ ମାଗିନେଇଥିଲେ । ଏଇ ଆଖପାଖ ଅଞ୍ଚଳରେ ମଧ୍ୟ ତାଙ୍କ ଭିତରୁ ଅନେକେ ହଳଦୀ ଚାଷ କରୁଥିଲେ । ସେ ପର୍ଯ୍ୟନ୍ତ ଶୂଳିଆ ବାବା ପାଖ ଗାଁ ମୁଡ଼ପଲର ମାଝୀ ଘରେ ପୂଜିତ ହେଉଥିଲେ । କିନ୍ତୁ ସୁରକ୍ଷାରୂପେ ପୂଜାରେ ନିଜର ଅସୁବିଧା କାରଣରୁ ଥରେ ଜଣେ କନ୍ଧକୁ ନିଜ ଅଧିକାରରେ ଥିବା ଗୁରୋଟି ଗାଁ ସହିତ ଦେବପ୍ରତିମାଙ୍କ ପୂଜାର ଦାୟିତ୍ୱ ଦେଲେ । ଯାତ୍ରାପଦା ନିକଟସ୍ଥ ଶୂଳିଆ ପାହାଡ଼ ଉପରେ କନ୍ଧଟି ଶୂଳିଆ ବାବାଙ୍କୁ ସେ' ଦିନଠୁ ପୂଜାକଲେ ଏବଂ ତାଙ୍କ ପରେ ତାଙ୍କ ବଂଶଧରମାନେ ସେଇଦିନୁ ପଜାକରି ଆସୁଛନ୍ତି ।"

ବର୍ତ୍ତମାନ ପ୍ରଶ୍ନ ଉଠେ ଶୂଳିଆ, ଦେବୀ ନା ବୁଢ଼ା ? ଶ୍ରୀ ରଥ କହିଲେ, ଶୂଳଭଳି ଗୋଜିଆ ପାହାଡ଼ର ନାମ ହେଉଛି 'ଶୂଳିଆ ପାହାଡ଼' । ଏହାରି ଉପରେ ପୂଜା ପାଉଥିବାରୁ ଏଇ ଦେବୀ—ବୁଢ଼ାଙ୍କ ନାମ ଶୂଳିଆ ହୋଇଥାଇପାରେ । ଅନ୍ୟଥା ମହାଦେବଙ୍କ ଅର୍ଥରେ ନେଲେ ଶୂଳଧାରୀଙ୍କ ଅନ୍ୟନାମ ଶୂଳିଆ । "କସ୍ତ୍ୱଂ ଶୂଳୀଃ ମୃଗୟା ଭିଷଦଂ ନୀଳକଣ୍ଠ ପ୍ରିୟେଃହଂ"—ଆଦି ଶ୍ଳୋକ କହି ସେ ତାଙ୍କର ଦ୍ୱିତୀୟ ମତକୁ ପୁଷ୍ଟକଲେ ଏବଂ ଦ୍ୱିତୀୟଟି ଆମମନକୁ ପାଇଲା ।

କିନ୍ତୁ ମହାଦେବଙ୍କ ନାମରେ ବଳି ତ କେଉଁ କାଳେ, ପୁରାଣେ ଶୁଣା ଯାଇନି । ଜଣେ ଦେହରୀଙ୍କଠାରୁ ପୂଜାର ବିବରଣୀ ସଂଗ୍ରହ ପ୍ରସଙ୍ଗରେ ଏକ ଆଶ୍ଚର୍ଯ୍ୟ କଥା ଶୁଣିବାକୁ ମିଳିଲା ଯେ ଶୂଳିଆ ନିରାମିଷ ଅଟନ୍ତି । ଯାତ୍ରା ଦିନ ପହପହରୁ (୪) ଦେହେରୀ ସ୍ନାନକରି ଖଳାରେ ଶୂଳିଆଙ୍କ ପାଇଁ ଭୋଗ ତିଆରି କରେ । ଏ ଭୋଗ ତିଆରିର ପଦ୍ଧତି ବଡ଼ ବିଚିତ୍ର । ତିନୋଟି ଇଟାମଝିରେ ନିଆଁ ଜଳାଇ ଇଟା ପଛକୁ ତିନୋଟି ବାଉଁଶ ନଳୀରେ ପାଣି ଓ କିଛି ଅରୁଆଗ୍ଉଳ ଦେଇ ପାକ ସିଦ୍ଧ କରାଯାଏ । ନିଆଁ ଧାସରୁ ଦୂରରେ ରହିଲେ ମଧ୍ୟ ଦୈବୀ ଶକ୍ତିରେ ଏହା ସିଦ୍ଧ ହୁଏ ବୋଲି ଲୋକଙ୍କର ବିଶ୍ୱାସ । ଏଇ ଭୋଗକୁ ତଳେ ଖଳା ପାଖର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଶୂଳିଆ ପାହାଡ଼ ଟିପି(୫)ର ମୂଳ ଖଳା ଆଡ଼କୁ ଅନାଇ ସମର୍ପଣ କରି ପୂଜା କରାଯାଏ । ପରେ ସାରାଦିନ ଚାଲିଥିବା ଏଇ ପଶୁବଳି ଶୂଳିଆଙ୍କ ଉଦ୍ଦେଶ୍ୟରେ ନୁହେଁ ବରଂ ତାଙ୍କ ପାର୍ଶ୍ୱ ଦେବୀଙ୍କ ଉଦ୍ଦେଶ୍ୟରେ ଦିଆଯାଏ ।

ଶୁଳିଆଯାତ୍ରାର ଇତିହାସ ବହୁ ପ୍ରାଚୀନ । ପୂର୍ବେ ଏହା ଶୁଳିଆ ପାହାଡ଼ ଉପରେ ହେଉଥିଲା, କିନ୍ତୁ କିଛିବର୍ଷରୁ ପାହାଡ଼ତଳର ସମତଳ ଛାୟାଦାର ମହୁଲ ଗଛଗହଳ ପଡ଼ିଆରେ ହୋଇ ଆସୁଛି । ପାହାଡ଼ ଉପରେ ଥିବା ପୁରୁଣା ଦରଭଙ୍ଗା ଖଳାଟି ଆଜି ବି ସେଇ କେତେକାଳର ଯାତ୍ରା କଥା ଓ କିମ୍ବଦନ୍ତୀକୁ ଉଦ୍ଭାବିତ କରେ । ବଡ଼ କୁତୂହଳ ଜାଗେ ମନରେ । ଅନେକ ବର୍ଷତଳେ ଏଇଉଚି ଯାତ୍ରା ଶଳିଆ ପାହାଡ଼ ଉପରେ ସୀମିତ ଲୋକଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିଲା । ଥରେ ପୂଜା ଓ ବଳି ଶେଷରେ କେତେଜଣ ଦେହେରୀଙ୍କ ସଙ୍ଗେ ମୁଖ୍ୟ ଦେହେରୀ ପାହାଡ଼ରୁ ଓହ୍ଲାଇ ଆସିଲେ । ତଳେ ହଠାତ୍ ମନେ ପଡ଼ିଲା ଯେ ସେ ପାହାଡ଼ ଉପରେ ଖଳାରେ ଲେଟାଟି ଛାଡ଼ି ଆସିଛନ୍ତି । ବାକିମାନଙ୍କୁ ତଳେ ଅପେକ୍ଷା କରିବାକୁ କହି ଏକା ସେ ଚଢ଼ିଲେ ଉପରକୁ । ସେତେବେଳେ ଖଳା ଭିତରର ବଳି ଭୋଗକୁ ସାତଦେବୀ ପ୍ରତ୍ୟକ୍ଷ୍ୟେ ଉଭା ହୋଇ ଭାଗବଣ୍ଟାରେ ବ୍ୟସ୍ତ । ତାଙ୍କୁ ଦେଖିଲାମାତ୍ରେ ଦେହେରୀ ଗଛ ଆଢୁଆଳରେ ଛପିଗଲେ । ଏଣେ ଯେତେ ସମାନ ଭାଗ ବାଣ୍ଟିଲେ ବି ଭାଗଟିଏ ବଳିପଡୁଛି । ଦେବୀମାନେ ଜାଣି ପାରିଲେ ଯେ ନିଶ୍ଚୟ କେହି ଜଣେ ଆଖପାଖରେ ଲୁଚିରହିଛି । ଶେଷକୁ ତାଙ୍କ ଡ଼ାକରାରେ ଦେହେରୀ ବାହାରିଲେ । ଦେବୀମାନେ କହିଲେ—ତୁ ଆଜି ଆମକୁ ଅକସ୍ମାତ୍ ଦର୍ଶନ କରି ପକାଇଲୁ, ଯାହାକି ଉଚିତ ନ ଥିଲା । ଏ ପାହାଡ଼ ଆମର ଆଡ଼ଡ଼ା ସ୍ଥଳୀ । ଏଣିକି ଆଉ କେହି ଏଠିକି ଆସିବ ନାହିଁ । ତୋର ଏଇ ଲେଟା ଫିଙ୍ଗିଦେଉଛୁ । ପାହାଡ଼ ତଳେ ଯେଉଁଠି ଏଇଟା ପଡ଼ିବ, ସେଇଠୁ ତୁ ପାହାଡ଼ ଆଡ଼କୁ ମୁହଁ କରି ଏଣିକି ପ୍ରତିବର୍ଷ ପୂଜା କରିବୁ ଏବଂ ପରବର୍ଷ ଠାରୁ ତାହା ହିଁ ହେଲା । ଲେଟା ପଡ଼ି ହୋଇଥିବା ଗର୍ତ୍ତ ଏବେବି ଖଳା ପାଖରେ ରହିଛି, ସେଇଠି ହିଁ ପୂଜାହୁଏ ।

ଦେବୀମାନେ ଟାଙ୍ଗୀ ରୂପରେ ଆସନ୍ତି । ଶିଆଳୀ ପତର ଅଣ୍ଟାରେ ବାନ୍ଧି ଟାଙ୍ଗୀ ଉଠାଇ ଊର୍ଦ୍ଧ୍ୱବାହୁ ହୋଇ ହୃଦୟ-ଥରା ବାଦ୍ୟରେ ତାଳେ ତାଳେ ଦେହେରୀ ନାଚୁଥାଏ । ଖଳା ବାହାରେ ତାଂକୁ ଘେରି ଅସଂଖ୍ୟ ଲୋକଙ୍କ ଭିଡ଼ । ଗୋଟିଏ ପରେ ଗୋଟିଏ ବୋଦା ତା' ସାମନାରେ ଦଉଡ଼ି-ବାଉଁଶ ବାନ୍ଧି ରଖାଯାଏ । ଟାଙ୍ଗୀର ଗୋଟିଏ ଚୋଟରେ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଯାଏ । ଗୋଟିଏ ଚୋଟରେ ବୋଦାର ବେକ ଦରଛିଣ୍ଡା ରହିଗଲେ ମଧ୍ୟ ଟାଙ୍ଗୀ ଦ୍ୱିତୀୟ ଥର ନଏଁ ନାହିଁ । ରକ୍ତମୁଖା ଶାଣିତ ଛୁରୀଟିଏରେ ସଙ୍ଗେ ସଙ୍ଗେ ତାଂକୁ ଯନ୍ତ୍ରଣାରୁ ମୁକ୍ତି ଦିଆଯାଏ । ଦେବୀରୂପୀ ଉତ୍ତୋଳିତ ଟାଙ୍ଗୀ ବଳି ଭିନ୍ନ ଅନ୍ୟ କୌଣସି କାରଣ ପାଇଁ ତଳକୁ ନୁଅନ୍ତି ନାହିଁ । ଲମ୍ବା ଲମ୍ବା ଝାମ୍ପୁରାବାଳ, ସିନ୍ଦୁର ମୁଖା ମନ୍ଦାରମାଳ ପରିହିତ ନୃତ୍ୟରତ ଦେବତା (୬) ଭରିଥିବା ଯୋଗିନୀ ମାନେ ପାଖକୁ ଆସୁଥିବା ଲୋକଙ୍କ କାନ୍ଧରେ ହାତରଖି ଝୁଲି ଝୁଲି କଲ୍ୟାଣ କରନ୍ତି । ସନ୍ଦ୍ୟ କଟା ବୋଦାର ଗଣ୍ଡିକୁ କେହି ଟେକି ଧରିଲେ ସେ ଦିଂହାତରେ ଜାବୁଡ଼ି ତା'ର ବେକନଳୀର ପିଚ୍ ପିଚ୍ ରକ୍ତରେ ମୁହଁ ଲଗାଇ ଚପ୍ ଚପ୍ କଞ୍ଚାରକ୍ତ ଗୁଡ଼ାକ ଶୋଷି ଯାଆନ୍ତି । ଅନେକଥର ଦେଖିଲି ଯେ ବୋଦା ମୁଣ୍ଡ କଟା ହେବା ମାତ୍ରେ ସେ' ତା'ର ଛଟପଟ ଗଣ୍ଡି ଉପରକୁ ଡ଼େଇଁପଡ଼ି ତା'ର ବେକନଳୀରୁ ରକ୍ତ ପିଉଛନ୍ତି । ସାହାଯ୍ୟକାରୀମାନେ ଅଛନ୍ତି । ସେଇମାନେ ତାଂକୁ ଉଠାଇ ତାଙ୍କ ପାଟିରୁ ପୁରା ପୁରା କଞ୍ଚାମାଂସ କାଢ଼ି ବାହାରକୁ ଫିଙ୍ଗନ୍ତି । ଶିରଚ୍ଛେଦ ଛଟପଟ ବୋଦା ବା ମେଣ୍ଢାର ଫଡ଼ିଆଟିଏ କାଟି ରଖି ବାକୀ ପ୍ରସାଦ ଫେରାଇ ଦିଆଯାଏ ।

ରାତିର ଦୃଶ୍ୟ ଆହୁରି ବିଭତ୍ସ । ସିନ୍ଦୁର ମନ୍ଦାର ମଣ୍ଡିତ ପୋଡ଼ ଗ୍ରିପଟେ ଟାଙ୍ଗୀଧରି ଦେହେରୀ ଓ ଅନ୍ୟ ଲୋକଙ୍କ ନାଚ ସଙ୍ଗେ ହୃଦୟଥରା ବାଦ୍ୟରେ ଦେହ ରୋମାଞ୍ଚିତ ହୋଇ ଉଠେ । ଏହିଭଳି କିଛି ବେଢ଼ା ବୁଲି ସାରିବା ପରେ ପୋଡ଼କୁ ନିର୍ମମ ଭାବରେ ବଳି ଦିଆଯାଏ । ଗ୍ରିଗୋଡ଼ ଉପରକୁ ଟେକି ଧରି, ଲାଞ୍ଜକୁ ଟାଣି, ଶିଙ୍ଗରେ ବାଉଁଶ ଦେଇ ଡଣ୍ଡି ଛିଣ୍ଡିବା ପର୍ଯ୍ୟନ୍ତ ବାରମ୍ବାର ଟାଙ୍ଗୀ ଚୋଟର ହୃଦୟ ବିଦାରକ ଦୃଶ୍ୟକୁ ନିର୍ବିକାର ଭାବରେ ଦେଖିବା ସମ୍ଭବ ନୁହେଁ । ଅବଶ୍ୟ ପୋଡ଼ର ଛଟପଟ ମୃତ୍ୟୁ ଯନ୍ତ୍ରଣା ଜନିତ ଚିତ୍କାର ଓ ପିଚ୍ ପିଚ୍ ରକ୍ତର ଧାରକୁ ହସ ହସ ମୁଖରେ ଦେଖୁଥିବା ଲୋକଙ୍କ ଅଭାବ ନ ଥିଲା ।

ଯେଉଁ ଯାତ୍ରାରେ ପୂର୍ବେ ନରବଳି ଦିଆଯାଉଥିଲା, ସେ'ଠି ପୋଡ଼ବଳିର ବିଶେଷତ୍ୱ ବା କ'ଣ ? ! ଇଂରେଜଙ୍କ ସମୟରେ ନରବଳି ପ୍ରଥାକୁ ବନ୍ଦ କରି ଦିଆଯାଇଥିଲା । ଏହାରି ବିରୋଧରେ ମୁତ୍ପଲା ଓ ହୁମରିଆ—ପାଖ ଅଞ୍ଚଳର ଦୁଇଟି ମୁଖ୍ୟ ଗାଁ ର ବିଶେଷତଃ ଦୁଇଟି ପରିବାର ଆଜିପର୍ଯ୍ୟନ୍ତ ଯାତ୍ରାରେ ଭାଗ ନିଅନ୍ତି ନାହିଁ । ବାଜା ବଜେଇ ଯାତ୍ରା ପାଖ ଟିକ୍ରା ପର୍ଯ୍ୟନ୍ତ ଆସି ଫେରିଯିବା ତାଂଙ୍କ ପ୍ରତିବର୍ଷର ଏକ ପରଂପରା ରୂପେ ଚଳି ଆସିଛି ।

ଏତେ ବର୍ଷରୁ ଚଳି ଆସିଥିବା ଏଇ ଯାତ୍ରାର ଦେବତାଙ୍କ ପାଇଁ ଦେବୋତ୍ତର ଜମି ଖଞ୍ଜା ହୋଇନାହିଁ । ଅଥଚ ଦେହେରୀ ବଡ଼ ନିୟମ ନିଷ୍ଠାରେ ପ୍ରତିଦିନ ଚଳୁଛନ୍ତି । ଜାହାଘରେ ପାଣି ସୁଦ୍ଧା ସ୍ପର୍ଶ କରନ୍ତି ନାହିଁ । ଯୁଆଡ଼େ ଯାଆନ୍ତୁ, ସଞ୍ଜବେଳକୁ ଘରକୁ ନିଶ୍ଚୟ ଫେରି ଆସନ୍ତି । କାହାର ବିବାହ ବା ମୃତକାର୍ଯ୍ୟ ରେ ପ୍ରତ୍ୟକ୍ଷ ଯୋଗ ଦିଅନ୍ତି ନାହିଁ । ପ୍ରତିବର୍ଷ ଗାଁ ଆର ପ୍ରଜାମାନେ ଧାନ ଅମଳ ବେଳକୁ ତାଂଙ୍କୁ କିଛି କିଛି ଧାନ ସାହାଯ୍ୟ କରନ୍ତି ଏବଂ ସେଇ ସମୟରେ ସେ' ଭଲ ପରିମାଣରେ ଧାନ ସଂଗ୍ରହ କରନ୍ତି ବୋଲି ଶୁଣିଲୁ । ଯାତ୍ରା ବାହାରେ ନବାନ୍ନ ଓ ଦଶହରା ଆଦି ବର୍ଷର କେତୋଟି ମୁଖ୍ୟ ଉତ୍ସବ ବେଳେ ସେ ଖଳାକୁ ଆସି ଶୁଳିଆ ବାବାଙ୍କୁ ପୂଜା କରନ୍ତି ।

ଯାତ୍ରା ବେଳେ ଖଳା ଭିତରେ ଗୋଟିଏ କୋଣରେ ଛାତିଏ ଉଚ୍ଚର ଚଢ଼ା ନଢ଼ିଆ ଓ ତା' ପାଖକୁ ଡ଼ହଣା ଓ ଡ଼ହଣା ଭର୍ତ୍ତି ଦୁଧ । ଲୋକେ ନିଜ ନିଜ ଲୋଟାର ଦୁଧ ଆଣି ଡହଣା ଗୁଡ଼ିକରେ ଢ଼ାଳୁଛନ୍ତି । ତା'କୁ ରାତିରେ ଖଣ୍ଡେ ଦୂରରେ ପାହାଡ଼ ତଳ ନାଳ କୂଳରେ ନେଇ ଦେହେରୀ ରଖି ପୂଜା କରନ୍ତି ଏବଂ ବିଶ୍ୱାସ କରାଯାଏ ଯେ ଦେବୀ ନିଜେ ବାଘ ରୂପରେ ଆସି ରାତିରେ ସେଇ ଦୁଧ ପିଅନ୍ତି । ଅବଶ୍ୟ ଏହାବି ଏକ ପ୍ରମାଣିତ ସତ୍ୟ ବୋଲି ଶୁଣିଲୁ ଯେ ଯାତ୍ରାର ପୂର୍ବ-ପର ଦି' ସପ୍ତାହ ଭିତରେ ପ୍ରତିବର୍ଷ ଆଖ ପାଖ ଇଲାକାରେ ବାଘ ଦେଖିବାକୁ ମିଳେ । ଶିକ୍ଷକ ବନ୍ଧୁ ଶ୍ରୀ ମାର୍କଣ୍ଡ ରଥ ଏ ବର୍ଷ ଯାତ୍ରାର ପାଞ୍ଚଦିନ ପୂର୍ବେ ବାଘକୁ ସଂଜବେଳେ ରାସ୍ତା ଉପରେ ଶୋଇଥିବା ଅବସ୍ଥାରେ ଦେଖିଥିବା ବ୍ୟକ୍ତି ସଙ୍ଗେ ପରିଚୟ କରାଇ ଦେଲେ ।

ଯାତ୍ରାର କିଛିବର୍ଷ ତଳର ରୂପରେଖ ସଙ୍ଗେ ଆଜିର ଅବସ୍ଥାକୁ ତୁଳନା କଲେ ଦେଖାଯାଏ ଯେ ସହରଠୁ ଯେତେଦୂର ହେଲେ ବି, ବିଭତ୍ସତାର ଯେତେ ଚରମସୀମାକୁ ସ୍ପର୍ଶକଲେ ବି ଏହାର ଖ୍ୟାତି ବର୍ଷାନୁକ୍ରମେ ବଢ଼ି ଚାଲିଛି । ଗୋଟିଏ ମହୁଲ ଗଛ ତଳେ ହଳେ ମନ୍ଦାର ମଣ୍ଡିତ ପୋଢ଼ ଧରି ବସିଥିବା ଜଣେ ବ୍ୟକ୍ତିଙ୍କୁ ପଚାରିଲୁ । ସମ୍ବଲପୁରରୁ ପୋଢ଼ଧରି ପାଦରେ ଚାଲି ଚାଲି ଆସିଥିଲେ ସେ । କହିଲେ-ଗୋଟିଏ ପ୍ରକାରର ଘା' ତା'ଙ୍କ ଦେହଯାକ ଭରିଭରେଇ ଯାଇଥିଲା । ଯେତେ ଔଷଧକଷା କଲେ ଛାଡ଼ିଲା ନାହିଁ । ଶୁଳିଆ ବାବାଙ୍କ ଖ୍ୟାତି ଶୁଣି ତା'ଙ୍କ ନାଆଁରେ ମନାସିଥିଲେ । ମାସକେ ଭିତରେ ଘା ଶୁଖି ଯିବାରୁ ଏ ବର୍ଷ ସେଥିପାଇଁ ମାନସିକ ଅନୁସାରେ ପୋଢ଼ ହଳ ଆଣିଛନ୍ତି । ଏଇଭଳି ପ୍ରାୟ ସମସ୍ତେ ମାନସିକରୁ ପ୍ରତ୍ୟକ୍ଷ ଫଳ ପାଇ ବିଭିନ୍ନ ସ୍ଥାନରୁ ବଳି ଆଣିଥିବା ଦେଖାଗଲା ।

ପାଖ ଗାଁ ହିନ୍ଦ୍ରୀ ମାଳର ଦୁଇଜଣ ଉତ୍ସାହୀ ଯୁବକ କହିଲେ—ପ୍ରତ୍ୟେକ ବର୍ଷ ଶହ ଶହ ପୋଢ଼ ବଳି ଦେବା କାରଣରୁ ଚାଷପାଇଁ ଆଉ ଯଥେଷ୍ଟ ପୋଢ଼ ମିଳୁନାହାନ୍ତି । ଏଥର ଆମେ ଦେବୀଙ୍କୁ ଗୁହାରି କରିବୁ, ବୋଦା-କୁକୁଡ଼ାର ବଳି ଚାଲୁ, ପୋଢ଼ ବଳି ବନ୍ଦ କରିବାର ଅନୁମତି ମିଳୁ ।

ଯାତ୍ରା ପର ଦିନ ସକାଳେ ବଳି ପଡ଼ିଥିବା ଖଳାର ବିଭତ୍ସ ଓ କରୁଣ ଦୃଶ୍ୟ ଦେଖିଲେ ଲୋମ ଟାଙ୍କୁରି ଉଠେ । ଗୋଟିଏ ପାଖରେ ହଜାର ହଜାର କୁକୁଡ଼ା, ପାରା ଓ ହଂସଙ୍କ କଟା ମୁଣ୍ଡର ଅଣ୍ଟାଏ ଉଚ୍ଚର ଗଦା । ଅନ୍ୟପଟେ ଶହ ଶହ ବୋଦା, ମେଣ୍ଢା ଓ ପୋଢ଼ ମୁଣ୍ଡର ମାଳ । ରକ୍ତମୟ ଖଳାର ଆଉ ଗୋଟିଏ ପାଖରେ ଦେବୀଙ୍କ ଉଦ୍ଦେଶ୍ୟରେ ଚଢ଼ା ନଢ଼ିଆର ପାହାଡ଼ । ବଳି ପାଇଁ ଏଠି ଜୋର ନାହିଁ; ଜୁଲମ୍ ନାହିଁ । ତଥାପି ପ୍ରତିବର୍ଷ ସ୍ୱତଃପ୍ରବୃତ୍ତ ହୋଇ ଭକ୍ତମାନେ ଏତେ ଅସଂଖ୍ୟ ପରିମାଣରେ ଯାଚିକରି ଦେଇଯିବାର ଦୃଶ୍ୟ ବାସ୍ତବିକ ଶୁଳିଆ ବାବାଙ୍କ ପ୍ରତାପ ମାନିବା ପାଇଁ ବାଧ୍ୟ କରେ ।

ଶୁଳିଆ ଯାତ୍ରାର ମୁଖ୍ୟ ଅଂଶ ଏଇ ଗୋଟିଏ ଦିନରେ ଶେଷହୁଏ ସତ, କିନ୍ତୁ ଏହାର ଅଙ୍ଗ ରୂପେ ଆହୁରି ଛଅଟି ଯାତ୍ରା ଆଖ ପାଖ ନିର୍ଦ୍ଦିଷ୍ଟ ଗାଆଁରେ କ୍ରମାନୁଯାୟୀ ପରବର୍ତ୍ତୀ ମଙ୍ଗଳବାରଗୁଡ଼ିକରେ ହୁଏ । ଏଇ ସର୍ବମୋଟ ସାତ ଦେବୀ ହେଲେ (୧) ଶୁଳିଆ (୨) ଖର୍ସା (୩) ପାହାଜୁରେନ୍ (୪) ଡ଼େଣ୍ଟୁ ଡୁଙ୍ଗ୍ରି (୫) ତେଲପଲିଏନ୍ (୬) ପୁଢ଼ାପାଟ (୭) ଶିକେରପାଟ । ସାମାନ୍ୟ କେତୋଟି ବଳି ଦ୍ୱାରା ଏଇ ପରବର୍ତ୍ତୀ ଯାତ୍ରାଗୁଡ଼ିକ ସୀମିତ ଲୋକଙ୍କ ଦ୍ୱାରା ଅନୁଷ୍ଠିତ ହୁଏ ।

ଶେଷରେ ପୁଣି ସେଇ ପ୍ରଶ୍ନର ସମାଧାନ ବାକୀ ରହିଗଲା ଶୁଳିଆ ବାବା ନିରାମିଷ ହୋଇ ମଧ୍ୟ ତା'ଙ୍କ ନାମରେ ଏତେ ପଶୁବଳୀ କାହିଁକି ? ପୌରାଣିକ ଦଷ୍ଟିରୁ ଦେଖିବା—ଚଣ୍ଡୀ ପୁରାଣରେ ବର୍ଣ୍ଣିତ ହୋଇଛି ଯେ, ମହୀଷାସୁରର ସେନାପତି ରକ୍ତବୀର୍ଯ୍ୟର ଉତ୍ପତିତ ପ୍ରତ୍ୟେକ ରକ୍ତ ବିନ୍ଦୁରୁ ଅସଂଖ୍ୟ ସୈନ୍ୟ ଜାତ ହେଉଥିଲେ । ତେଣୁ ମା ଦୁର୍ଗା ଯୋଗିନୀଙ୍କୁ ସୃଷ୍ଟିକଲେ । ଏଥର ରକ୍ତବୀର୍ଯ୍ୟର ଶିରଚ୍ଛେଦ ପରେ ଏଇ ଯୋଗିନୀ ମାନେ ତା'ର ରକ୍ତ ଭୂଇଁରେ ପଡ଼ିବା ପୂର୍ବରୁ ଗ୍ରହିଁ ରାକ୍ଷସକୁ ନିର୍ବିହ୍ନ ହେବାରେ ସାହାଯ୍ୟ କରିଥିଲେ ଏବଂ ଏଇଭଳି ରକ୍ତମୁଖା ହୋଇଥିଲେ ସେମାନେ । କନ୍ଧମାନେ ସାଧାରଣତଃ ଦେବୀ ଉପାସକ । ତେଣୁ ମହୀଷାସୁରର ପ୍ରତୀକ ମହୀଷର ବଳୀ ଦେବା ତାଙ୍କ ପୂଜାର ପରଂପରା ଏବଂ ଯୋଗିନୀ ରୂପୀ 'ଦେବତା'ଙ୍କ ରକ୍ତ ପାନ ତା'ର ପ୍ରତୀକ ।

ଅନ୍ୟ ଦୃଷ୍ଟିକୋଣରୁ ଦେଖିଲେ କନ୍ଧମାନେ ମୂଳତଃ ଦେବୀ ଉପାସକ । ତା'ଙ୍କ ପୂଜା ସଙ୍ଗରେ ବଳି ପ୍ରଥା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଶୁଳିଆ ମହାଦେବ ମୂଳତଃ ତା'ଙ୍କ ନିଜ ଦେବତା ନୁହନ୍ତି । କିନ୍ତୁ କୌଣସି କାରଣରୁ ପୂଜାର ଦାୟିତ୍ୱ ତା'ଙ୍କ ଉପରେ ରହିଥିବାରୁ ତା'ଙ୍କ ନିରାମିଷ ଭୋଗର ପରମ୍ପରା ତ ଏ ଯାଏଁ ଅକ୍ଷୁର୍ଣ୍ଣ ରହିଛି । କିନ୍ତୁ ତା' ସଙ୍ଗରେ ତା'ଙ୍କ ବଳି ପ୍ରଥା ମଧ୍ୟ ଯୋଡ଼ି ଦିଆଯାଇଛି । ବାଘ ରୂପରେ ହୁଏତ ଦୁର୍ଗା ଏଇ ଅବସରରେ ଆବିର୍ଭୂତା ହେଉଥିବେ । ସାତଦେବୀଙ୍କ ଭିତରେ ଶୁଳିଆଙ୍କୁ ଗଣାଯିବା ଏକ ପାରଂପରିକ ଭୁଲ । ରାଣୀପୁର ଝରିଆଲ ନିକଟରେ ମଧ୍ୟ ଆମେ ଦେଖିଛୁ ଗୋଟିଏ ସିନ୍ଦୁର ମଖା ପଥର ମୂର୍ତ୍ତି ସାମନାରେ ସ୍ଥାନୀୟ କନ୍ଧ ଜାତିର ଲୋକେ ନିୟମିତ କୁକୁଡ଼ା ବଳି ଦିଅନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଉକ୍ତ

ସିନ୍ଧୁର ମଖା ପଥର ମୂର୍ତ୍ତି ହେଉଛି ଧ୍ୟାନସ୍ଥ ବୁଦ୍ଧଙ୍କ ପ୍ରତିମା । ଶୁଳିଆ ବାବାଙ୍କ ସମ୍ବନ୍ଧରେ ଯଦି ଏଇ ଧରଣର କିଛି ହୋଇଥାଏ ତା'ହେଲେ ଏଇ ଅଶିକ୍ଷିତ, ସରଳ, ଧର୍ମବିଶ୍ୱାସୀ ଲୋକଙ୍କ ପକ୍ଷରେ ଏହା ସ୍ୱାଭାବିକ ବୋଲି କହିବାକୁ ହେବ ।

ଯେ' ଯାହା ହେଉ 'ଶୁଳିଆ ଯାତ୍ରା' କେବଳ ବଲାଙ୍ଗିର ଜିଲ୍ଲାର ହିଁ ନୁହେଁ ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାର ଏକ ପ୍ରତ୍ୟକ୍ଷ ଫଳଦାୟୀ ଓ ଚମକପ୍ରଦ ଯାତ୍ରା ଭାବରେ ବିଖ୍ୟାତ ହୋଇ ରହୁଛି, ଏଥିରେ ସନ୍ଦେହ ନାହିଁ ।

ପାଦଟୀକା–

(୧) ଥିଁ ତରା–ଶୀତ ଦାଉରୁ ରକ୍ଷା ପାଇବା ପାଇଁ କାଷ୍ଠାଦି ସଂଗ୍ରହ କରି ସାମୟିକ ଯେଉଁ ନିଆଁ ଜଳାଯାଏ ।
(୨) ଟିକ୍‌ରା ଘାଟୀ–ବିପଦ ସଂକୁଳ ଉଠାଣିଆ ଗିରିପଥ
(୩) ଦେହେରୀ–ଦେବୀ ପୂଜକ
(୪) ପହପହ–ପାହାନ୍ତା ପହର
(୫) ଟିପି–ଶିଖର
(୬) ଦେବ୍‌ତା–କାଳିସୀଦେବୀ
(୭) ଭରଭରେଇ–ଘା' ବିକୃତ ରୂପରେ ଖୁପି ଯିବା

ରାମଜୀପଡ଼ା
ବଲାଙ୍ଗୀର, ଓଡ଼ିଶା

## ରେଲିଂ ପ୍ଲାନ୍

ରେଲିଂପ୍ଲାନ କଣ—ଏହା କିପରି କାର୍ଯ୍ୟକାରୀ ହେବ ତାହା ବାସ୍ତବରେ ଯୋଜନା କମିସନ୍ ହିଁ କାର୍ଯ୍ୟକାରୀ କରିବେ । ଯୋଜନା କମିସନ ରାଜ୍ୟସରକାରମାନଙ୍କ ସହ ପରାମର୍ଶ କରି ଏହି ପ୍ଲାନ୍ ପ୍ରସ୍ତୁତ କରିବେ । ଯୋଜନାରେ ମଧ୍ୟମଧରଣର ପୁଂଜି ଲଗାଣକୁ ଅଧିକ ବାସ୍ତବବାଦୀ ଓ ସଂପ୍ରସାରଣ କରିବା ହେଉଛି ରେଲିଂ ପ୍ଲାନ୍‌ର ଲକ୍ଷ୍ୟ । ପ୍ରଥମେ ବଡ଼ ବଡ଼ ଉଦ୍ୟୋଗ କ୍ଷେତ୍ରରେ ୧୯୭୮ ରୁ ୧୯୮୫ ମସିହା ଭିତରେ ସମୁଦାୟ ସଂଚୟ ପୁଂଜି ଲଗାଣ ଓ ବିଭିନ୍ନ ସେକ୍‌ଟରର ଖର୍ଚ୍ଚ ଓ ଉତ୍ପାଦନ ଲକ୍ଷ୍ୟ ସ୍ଥିର କରିବାକୁ ହେବ । ତା'ପରେ ପ୍ରତ୍ୟେକ ବର୍ଷର ଶେଷରେ ଯୋଜନା କାଳକୁ ଆଉ ଏକ ବର୍ଷ ବଢ଼ାଇ ଏହି ଅତିରିକ୍ତ ବର୍ଷଟିର ଲକ୍ଷ୍ୟ ଓ ପରିକଳ୍ପନା ସ୍ଥିର କରାଯିବ । ମୌଳିକସ୍ତରରୁ ପରିକଳ୍ପିତ କାର୍ଯ୍ୟକ୍ରମଗୁଡ଼ିକ ଲାଗି ରେଲିଂପ୍ଲାନ୍ ବ୍ୟବସ୍ଥା ସୁବିଧାଜନକ । ପ୍ରତ୍ୟେକ ବର୍ଷ ଏ ବ୍ୟବସ୍ଥା ଦ୍ୱାରା ଯୋଜନାର ସମୀକ୍ଷା-କରି ଅଦଳ ବଦଳ କରାଯିବା ଦ୍ୱାରା ଭୁଲଭ୍ରାନ୍ତିର ଧାରାବାହିକ ସଂଶୋଧନ ହୋଇ ପାରିବ ଏବଂ ପୁଂଜିଲଗାଣ ନିଷ୍ପତ୍ତି ଲାଗି ବରାବର ଏକ ନିର୍ଦ୍ଦିଷ୍ଟ ସମୟର ମିଆଦ ସୃଷ୍ଟି କରି ପାରିବ ।

ଯୋଜନା ପ୍ରଣାଳୀରେ ଏହି ପ୍ରସ୍ତାବିତ ଅଦଳ ବଦଳ ଦ୍ୱାରା ସରକାର ସମ୍ଭାବ୍ୟ ଯୋଜନାର ପରିହାର କରି ନାହାନ୍ତି କିମ୍ବା ଅସ୍ଥାୟୀ ଭାବରେ ବର୍ଷିକିଆ ନିଷ୍ପତ୍ତି ବ୍ୟବସ୍ଥା ଦ୍ୱାରା ପଞ୍ଚବାର୍ଷିକ ଯୋଜନାର ଶୃଙ୍ଖଳାକୁ ଅଚଳ କରି ଦେଇଛନ୍ତି ବୋଲି ଯେଉଁ ସମାଲୋଚନା ହେଉଛି—ତାହା ଠିକ୍ ନୁହେଁ ।

ଏହା ବ୍ୟତୀତ, ଜନ ସଂଖ୍ୟାକୁ ଆଖି ଆଗରେ ରଖି ଅର୍ଥ ନୀତିର ଦୀର୍ଘ ମିଆଦୀ ଉନ୍ନୟନ ଲାଗି ଏକ ନୂତନ ୧୫-ବର୍ଷିଆ ସମ୍ଭାବ୍ୟ ଯୋଜନାର ପ୍ରସ୍ତୁତି କରାଯିବ । ଏଥିରେ ମଧ୍ୟ କାର୍ଯ୍ୟକାରୀ ହେବା ଲାଗି ଦୀର୍ଘକାଳ ସାପେକ୍ଷ ପରିକଳ୍ପନାର ପୁଂଜି ଲଗାଣ ଲାଗି ନିଷ୍ପତ୍ତି ଗୃହୀତ ହେବ । ଜାତୀୟ ଉନ୍ନୟନ ପରିଷଦ ସହିତ ପରାମର୍ଶ କଲାପରେ ଯୋଜନା କମିସନ ପ୍ରସ୍ତାବିତ ରେଲିଂପ୍ଲାନ୍ ପ୍ରବର୍ତ୍ତନ କରିବେ । ୧୯୭୮—୮୫ ଯୋଜନାର ଗୋଟିଏ ବର୍ଷ ପୁରିଯିବା ପରେ ହିଁ ବସ୍ତୁତଃ ରେଲିଂପ୍ଲାନ୍ କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ନିଶ୍ଚିତ ଭାବେ କୃଷି ଓ ଗ୍ରାମ ଉନ୍ନୟନ ଉପରେ ଅଗ୍ରାଧିକାର ଦିଆଯିବ ।

( ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇଙ୍କ ବକ୍ତବ୍ୟରୁ )

# ଫସଫୋମିନ® ଆୟରନ

ପରିବାର ପାଇଁ... ପ୍ରେମ, ଆନନ୍ଦ, ମମତା



ଆଉ ନିଜ ପାଇଁ

## ଫସଫୋମିନ ଆୟରନ

**ମହିଳାମାନଙ୍କ ପାଇଁ**
**ବିଶେଷଭାବେ ପ୍ରସ୍ତୁତ ଟନିକ**




ଯାହାକି ସୁସ୍ଥ ଲାଲ ରକ୍ତ ନିର୍ମାଣ କରେ, ସ୍ଫୂର୍ତ୍ତି ଆଣେ, ଶକ୍ତି ବଢ଼ାଏ, ରୋଗର ମୁକାବିଲା କରିବା ପାଇଁ ଶରୀରରେ ପ୍ରତିରୋଧକ ଶକ୍ତି ଗଢ଼ି ତୋଳେ ।

**ପ୍ରତିଦିନ ଫସଫୋମିନ ଆୟରନ ଖାନ୍ତୁ**

ସାରାଭାଇ* ନିର୍ଭରଯୋଗ୍ୟ ଔଷଧ ପ୍ରସ୍ତୁତକର ନାମ
SARABHAI CHEMICALS

Shilpi SC-5/77 ori

# ଯୌନ ଅପରାଧ

## ରେପ୍-ବା ବଳାତ୍କାର ଧର୍ଷଣ

ଶ୍ରୀ ଗଙ୍ଗାଧର ତ୍ରିପାଠୀ

ସମାଜରେ ବିଭିନ୍ନ ଅପରାଧ ଘଟୁଛି । ଚୋରୀ, ଡକାୟତି, ଘରପୋଡ଼ି, ମାରପିଟ ଓ ହତ୍ୟା ଇତ୍ୟାଦି ଅପରାଧ ସଙ୍ଗକୁ ବିଭିନ୍ନ ଯୌନ ଅପରାଧ ଯଥା:—ନାରୀ ଅପହରଣ, ବଳପୂର୍ବକ ଅତ୍ୟାଚାର, ଅସତ୍ ଉଦ୍ଦେଶ୍ୟ ରଖି ବାଳିକା ଚୋରୀ ଏବଂ ବିଭିନ୍ନ ଅସଙ୍ଗତ ଯୌନ ସଂପର୍କ ସ୍ଥାପନ ଇତ୍ୟାଦି ଅପରାଧ ମଧ୍ୟ ଆଜିର ସମାଜରେ ଅଭାବ ନାହିଁ । ଏହି ଅପରାଧ ସବୁ କାହିଁକି ଘଟେ ବୋଲି ଯଦି ପ୍ରଶ୍ନ ହୁଏ, ତେବେ ତାର ଉତ୍ତର ଦେବା ସହଜ । ଜଣେ ସାଧାରଣ ଆଇନଜୀବୀ ଭାବେ ନିଜର ଅନୁଭୂତିକୁ ନେଇ ଏତିକି କହିବି—ମଣିଷ ଯେତେବେଳେ ଦୁର୍ବଳ ହୁଏ ସେତେବେଳେ ସେ ଅପରାଧ କରେ । ଏହି ଦୁର୍ବଳତା ପଇସା ବା ଅନ୍ୟ କିଛିର ଅଭାବରୁ ଯେ ଆସେ ତା'ନୁହେଁ ; କିମ୍ବା ଶରୀରର ବାହ୍ୟ ହୃଷ୍ଟ ପୁଷ୍ଟତା ବା ଦୁର୍ବଳତା ସଙ୍ଗେ ଏହି ଦୁର୍ବଳତାର କୌଣସି ସଂପର୍କ ନାହିଁ । ମଣିଷ ଯେତେବେଳେ ଇନ୍ଦ୍ରିୟମାନଙ୍କର ବଶବର୍ତ୍ତୀ ହୁଏ ବା ଲୋଭ, ମୋହ, କାମ କ୍ରୋଧ, ଭିତରେ ବୁଡ଼ିଯାଏ, ସେତେବେଳେ ତାର ପ୍ରାଣ ଶକ୍ତି ହୁଏ ଦୁର୍ବଳ ଏବଂ ତାର ଆତ୍ମାକୁ ଅନ୍ଧକାର ଘୋଟିଯାଏ । ଇନ୍ଦ୍ରିୟଗତ ଭାବନା ସବୁ ବଳଶାଳୀ ହୋଇ ତାକୁ ଗ୍ରାସ କରନ୍ତି ଠିକ୍ ପୂର୍ଣ୍ଣୀମାର ଚନ୍ଦ୍ରକୁ ରାହୁ ଗ୍ରାସ କଲାଭଳି ; ସେତେବେଳେ ସେ ଅପରାଧ କରେ । କୌଣସି ସୁସ୍ଥ ବିଚାର ସଂପନ୍ନ ମଣିଷ ଅପରାଧ କରେ ନାହିଁ । ଶତକଡ଼ା ପ୍ରାୟ ଏକଭାଗ ସୁସ୍ଥ ମଣିଷ ହୁଏତ କାଁ ଭାଁ କେବେ କେତେବେଳେ Self Defence ବା ଆତ୍ମରକ୍ଷା କରିବାକୁ ଯାଇ ଅକସ୍ମାତ ଅପରାଧ ଘଟାଇ ଥାଇ ପାରନ୍ତି କିମ୍ବା Sudden Provocation ବା ଅସ୍ଵାଭାବିକ ଅସହିଷ୍ଣୁ ପରିସ୍ଥିତିରେ ପଡ଼ି ନିଜକୁ ହଠାତ୍ ସମ୍ଭାଳି ନପାରି ଅପରାଧ କରି ପକାଇଥାନ୍ତି । ନଚେତ୍ ସମାଜରେ ଘଟୁଥିବା ସବୁପ୍ରକାର ଅପରାଧ କେବଳ ଦୁର୍ବଳ ମଣିଷ ଦ୍ଵାରା ହିଁ ସଂଘଠିତ ହେଉଛି । ଏହି ସବୁ ଅପରାଧର ନିରାକରଣ ପାଇଁ ପୁରୁଣା ସମାଜରେ ବିଭିନ୍ନ ସାମାଜିକ ବ୍ୟବସ୍ଥା ବା କଟକଣାମାନ ରହିଥିଲା । ଆଜିର ସମାଜରେ ଏହିସବୁ ବ୍ୟବସ୍ଥା ଓ କଟକଣାମାନଙ୍କୁ ପ୍ରକାରାନ୍ତରେ ଆଇନ ହିସାବରେ ଗ୍ରହଣ କରାଯାଇ ବିଚାରାଳୟ ମାନଙ୍କରେ ଅପରାଧ—ନିରପରାଧର ବିଚାର ହୋଇ ଦଣ୍ଡବିଧାନର ବ୍ୟବସ୍ଥାମାନ କରାଯାଇଛି ।

ଆଲୋଚ୍ୟ ପ୍ରବନ୍ଧଟିରେ ଯୌନ ଅପରାଧ ସଂପର୍କରେ ଆଲୋଚନା କରିବାକୁ ଯାଇ କେବଳ Rape ବା ବଳାତ୍କାର ସ୍ତ୍ରୀ–ହରଣ ବା ପାଶବିକ ଅତ୍ୟାଚାର ଅପରାଧଟି ସଂପର୍କରେ ଆଲୋଚନା ହେଉଛି । ଏହି ଅପରାଧ ସଂପର୍କୀୟ ବ୍ୟାଖ୍ୟା ଭାରତୀୟ ପିଙ୍ଗଳ କୋର୍ଡର ୩୭୫ ଦଫାରେ ରହିଛି ଏବଂ ଅପରାଧ ପ୍ରମାଣିତ ହେଲେ ଦଣ୍ଡ-ବିଧାନ ୩୭୬ ଦଫାରେ ରହିଛି । ଏହି ଦଫା ଅନୁଯାୟୀ କୌଣସି ବ୍ୟକ୍ତି ନିଜର ବିବାହିତ ସ୍ତ୍ରୀ ବ୍ୟତିରେକ ଅନ୍ୟ କୌଣସି ସ୍ତ୍ରୀର ବିନା ସମତିରେ ତାର ଇଛା ବିରୁଦ୍ଧରେ କିମ୍ବା ଉକ୍ତ ସ୍ତ୍ରୀକୁ ଭୟଭୀତ ଅବସ୍ଥାରେ ସମ୍ମତ କରାଇ ତା'ଉପରେ ପାଶବିକ ଅତ୍ୟାଚାର କଲେ ସେ ଦୋଷୀ ସାବ୍ୟସ୍ତ ହେବେ । ଏହି ଦଫା ଅନୁଯାୟୀ ୧୬ ବର୍ଷରୁ କମ୍ ବୟସା କୌଣସି ସ୍ତ୍ରୀ ଲୋକର ସମତି ଥାଇ ମଧ୍ୟ ତାହା ସହିତ ସହବାସ କଲେ ଅପରାଧୀ ବୋଲି ଧରାଯିବେ । ଇମିତିକି ନିଜ ସ୍ତ୍ରୀ ସେ ଯଦି ୧୫ ବର୍ଷରୁ କମ୍ ବୟସା ତେବେ ମଧ୍ୟ ତା'ପ୍ରତି ପାଶବିକ ଅତ୍ୟାଚାର କଲେ ଦୋଷୀ ସାବ୍ୟସ୍ତ ହେବେ । ଏହି ଦଫା ଅନୁଯାୟୀ ଅପରାଧ ପ୍ରମାଣିତ ହେଲେ ଅପରାଧୀକୁ ଯାବଜୀବନ କାରାଦଣ୍ଡ କିମ୍ବା କୋର୍ଟଙ୍କ ବିଚାର ଅନୁଯାୟୀ ଅନ୍ୟୁନ ୧୦ ବର୍ଷ ଏବଂ ତା ସହିତ ଅର୍ଥ ଦଣ୍ଡ ଦେବାର ବ୍ୟବସ୍ଥା ଅଛି । ଏହାଛଡ଼ା ଅତ୍ୟାଚାରିତ ହୋଇ ଥିବା ସ୍ତ୍ରୀ ଲୋକଟି ଅପରାଧୀର ନିଜ ସ୍ତ୍ରୀ ହୋଇଥିଲେ ଏବଂ ତାର ବୟସ ୧୫ବର୍ଷରୁ କମ୍ ହୋଇଥିଲ, ଅପରାଧୀକୁ ଅନ୍ୟୁନ ୨ ବର୍ଷ କାରାଦଣ୍ଡ କିମ୍ବା ଅର୍ଥ ଦଣ୍ଡ କିମ୍ବା ଉଭୟ ଦଣ୍ଡ ଭୋଗ କରିବାକୁ ପଡ଼ିଥାଏ ।

ରେପ୍ ବା ବଳାତ୍କାର ପାଶବିକ ଅତ୍ୟାଚାରର ସଂଜ୍ଞା ନିରୂପଣ ବିଧିବଦ୍ଧ ଭାବେ ଭାରତୀୟ ପିଙ୍ଗଳ କୋର୍ଡରେ ଲିପିବଦ୍ଧ ହୋଇଥିଲେ ମଧ୍ୟ ମାନ୍ୟବର ଅଦାଲତମାନେ ଏହାର ବିଶ୍ଳେଷଣ ବିଭିନ୍ନ ଭାବେ କରିଛନ୍ତି । କିନ୍ତୁ ସଂକ୍ଷିପ୍ତ ଭାବେ କହିବାକୁ ଗଲେ—କୌଣସି ସ୍ତ୍ରୀଲୋକକୁ ତାର ଇଛା ବିରୁଦ୍ଧରେ ହରଣ କଲେ ତାହା ବଳାତ୍କାର ଧର୍ଷଣ ପର୍ଯ୍ୟାୟ ଭୁକ୍ତ ଅପରାଧ ହେବ । ଉପରେ କହିବା ଅନୁଯାୟୀ ସ୍ତ୍ରୀଲୋକଟି ଯଦି ୧୬ ବର୍ଷରୁ କମ୍ ବୟସା, ତେବେ ତା'ର ଏହି କାର୍ଯ୍ୟପାଇଁ ଇଛା ଥାଉ ବା ନଥାଉ ତାହା ସହିତ ସହବାସ କରିବା ଅପରାଧ । ୧୬ ବର୍ଷରୁ ଅଧିକ ବୟସା ସ୍ତ୍ରୀମାନଙ୍କୁ ଯଦି କିଛି ଛଦ୍ମତା ବା କପଟତା ଭିତରେ କିମ୍ବା ଧମକ ଦେଇ ଭୟଭୀତ କରାଇ ରାଜି କରାଯାଇ ଥିବାର ପ୍ରମାଣ ମିଳେ ତେବେ ମଧ୍ୟ ଅପରାଧ ହେବ । କୌଣସି ଅବିବାହିତା ଝିଅକୁ ନିଜେ ବିବାହ କରିବାର ପ୍ରତିଶ୍ରୁତି ଦେଇ ବା ପ୍ରଲୋଭନ ଦେଖାଇ କିମ୍ବା ବାରମ୍ବାର ମିଥ୍ୟା ପ୍ରବର୍ତ୍ତନାରେ ତା ମନରେ ବିଶ୍ୱାସ ଜନ୍ମାଇ ଯଦି କେହି ତାହା ସହିତ ସହବାସ କରନ୍ତି, ତେବେ ଏହା ଏହି ପର୍ଯ୍ୟାୟର ଅପରାଧ ହେବ ।

ମାନ୍ୟବର ଅଦାଲତ ଏହି ପର୍ଯ୍ୟାୟର ଅପରାଧ ବିଚାର କରୁଥିବାବେଳେ ମୁଖ୍ୟତଃ ଦୁଇଟି ବିଷୟ ପ୍ରତି ଖୁବ୍ ସତର୍କ ରହିଥାନ୍ତି । ପ୍ରଥମ ବିଷୟଟି ହେଲା ଧର୍ଷିତା ହୋଇଥିବା ସ୍ତ୍ରୀ ଲୋକର ବୟସ ଏବଂ ଦ୍ୱିତୀୟଟି ହେଲା ପ୍ରକୃତରେ ଅତ୍ୟାଚାର ଅର୍ଥାତ୍ ଯଥାର୍ଥ ଭାବେ ପୁଂ ଓ ସ୍ତ୍ରୀ ଯୌନେନ୍ଦ୍ରିୟ ମିଳିତ ହୋଇଛିକି ନାହିଁ, ଅତ୍ୟାଚାରୀତ ସ୍ତ୍ରୀ ଲୋକର ବୟସ ଯଦି ୧୬ ବର୍ଷରୁ ଅଧିକ ବୋଲି ସାବ୍ୟସ୍ତ ହୋଇପାରିଲା, ତେବେ ସେ କ୍ଷେତ୍ରରେ ପ୍ରକୃତ ଅତ୍ୟାଚାର ହୋଇଛିକି ନାହିଁ ବିଚାର ହେବ ଏବଂ ଅତ୍ୟାଚାର ପ୍ରମାଣିତ ହେଲେ, ଏଥିରେ ସ୍ତ୍ରୀର ଇଛା କେତେଦୂର ଥିଲା ନଥିଲା ସେଥିପ୍ରତି ମାନ୍ୟବର ଅଦାଲତ ଦୃଷ୍ଟି ଦେବେ । କିନ୍ତୁ ସ୍ତ୍ରୀର ବୟସ ୧୬ ବର୍ଷରୁ କମ୍ ବୋଲି ପ୍ରମାଣିତ ହେଲେ, ଏଥିରେ ତା'ର ଇଛା ଥାଉ ବା ନଥାଉ ଦଣ୍ଡର କଠୋରତା ବଢିଥାଏ । ତେଣୁ ଅତ୍ୟାଚାରୀତ ସ୍ତ୍ରୀର ବୟସ ନିର୍ଣ୍ଣୟ ଏ କ୍ଷେତ୍ରରେ ଏକ କଠିନ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ।

ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରୁ ସାକ୍ଷ୍ୟ ଗ୍ରହଣ କରି ମାନ୍ୟବର କୋର୍ଟ ଅତ୍ୟାଚାରୀତ ସ୍ତ୍ରୀର ବୟସ ନିର୍ଣ୍ଣୟ କରିଥାନ୍ତି । ଗୋଟିଏ ପର୍ଯ୍ୟାୟ ହେଲା ଉକ୍ତ ସ୍ତ୍ରୀଲୋକ ସ୍କୁଲରେ ପାଠପଢି–ଥିଲେ ସ୍କୁଲ ରେଜିଷ୍ଟାରରୁ ଜନ୍ମ ତାରିଖ, ମ୍ୟୁନିସ୍ ପାଲିଟ୍, ପଞ୍ଚାୟତ କିମ୍ବା ନିକଟସ୍ଥ ପୋଲିସ ଷ୍ଟେସନର ଜନ୍ମ–ମୃତ୍ୟୁ ପୁସ୍ତକରୁ ଜନ୍ମ ତାରିଖ, ଉକ୍ତ ସ୍ତ୍ରୀର ପିତା–ମାତାଙ୍କଠାରୁ ଜନ୍ମ ସଂପର୍କରେ ମୌଖୀକ ସାକ୍ଷ୍ୟ ଏବଂ ତାଳପତ୍ର ଜାତକ ଇତ୍ୟାଦିରୁ ମଧ୍ୟ ସ୍ତ୍ରୀର ଜନ୍ମ ତାରିଖ ଇତ୍ୟାଦିକୁ ପରୀକ୍ଷା କରି ମାନ୍ୟବର କୋର୍ଟ ସିଦ୍ଧାନ୍ତରେ ଉପନୀତ ହୋଇଥାନ୍ତି । ଏହାଛଡ଼ା ଅନ୍ୟ ଏକ ପର୍ଯ୍ୟାୟରୁ ମଧ୍ୟ ସାକ୍ଷ୍ୟ ଗ୍ରହଣ କରି ସ୍ତ୍ରୀର ବୟସ ନିର୍ଣ୍ଣୟ କରାଯାଇ ଥାଏ । ତାହାହେଲା ସ୍ତ୍ରୀକୁ ପରୀକ୍ଷା କରି ଡ଼ାକ୍ତର ଉପସ୍ଥାପିତ କରିଥିବା ରିପୋର୍ଟ । ଅତ୍ୟାଚାରୀତ ହୋଇଥିବା ସ୍ତ୍ରୀଲୋକର ବୟସ ନିର୍ଣ୍ଣୟ ପାଇଁ ଡ଼ାକ୍ତର ରେଡ଼ିଓଲୋଜିକାଲ ଟେଷ୍ଟ (Rediological Test) ଏବଂ ଅସିଫିକେସନ୍ ଟେଷ୍ଟ (Ossielfication Test) କରି ବୟସ ନିର୍ଣ୍ଣୟ କରିଥାନ୍ତି । ଏସବୁ ପ୍ରକାର ପରୀକ୍ଷାରେ ହାତ କଟି ପାଖର ହାଡ଼ ଏବଂ ଅନ୍ୟ କେତେକ ହାଡ଼ର ବୃଦ୍ଧିକୁ ଏକ୍ସ–ରେ (X-Ray କରି ଡ଼ାକ୍ତର ପରୀକ୍ଷା କରିଥାନ୍ତି । ତେବେ କେତେକ କ୍ଷେତ୍ରରେ ଝିଅମାନଙ୍କର ଶାରୀରିକ ବୃଦ୍ଧି ବୟସର ବୃଦ୍ଧି ସଙ୍ଗେ ସମାନ ନଥିବାରୁ ଶରୀରର ହାଡ଼ ଗୁଡ଼ିକର ବୃଦ୍ଧି ମଧ୍ୟ ତଦନୁସାରେ ହୋଇ ପାରିନଥାଏ । ତେଣୁ ନିର୍ଦ୍ଦିଷ୍ଟ କେତେକ ହାଡ଼ର ବୃଦ୍ଧିକୁ ନେଇ ବୟସ ସଂପର୍କରେ ମତାମତ ଦେବା ଯଥାର୍ଥ ହୋଇ ପାରିନଥାଏ । ବୟସ ସହିତ ଶରୀରର ବୃଦ୍ଧି ଅସାମଞ୍ଜସ୍ୟ ରହିବାର ବହୁତ କାରଣ ଅଛି । କେତେକ କ୍ଷେତ୍ରରେ ବଂଶ ପରଂପରାକୁ ନେଇ, କେତେକ କ୍ଷେତ୍ରରେ ଶାରୀରିକ ଅସୁସ୍ଥତାକୁ ନେଇ ଏବଂ ଅନ୍ୟ କେତେକ କ୍ଷେତ୍ରରେ ଜଳବାୟୁକୁ ନେଇ ବୟସ ଅନୁପାତରେ ମଣିଷ ବଢି ପାରିନଥାଏ । ତେଣୁ ଶରୀର ମଧ୍ୟସ୍ଥ ଅସ୍ଥିର ବୃଦ୍ଧି ଉପରେ ନିର୍ଭର କରି କେବଳ ମତାମତ ଦେଲେ କେତେକ ସ୍ଥଳରେ ତାହା ଏକବାର ଠିକ୍ ବୟସ ହିସାବ

ହୋଇପାରିଛି ବୋଲି କୁହାଯାଇ ନପାରେ । ଏହାଛଡ଼ା ସ୍ତ୍ରୀ ଲୋକଟିର ଦନ୍ତ, କେଶ, ବକ୍ଷଦେଶର ଉଚ୍ଚତା ଓ ଓଜନ ଇତ୍ୟାଦିକୁ ପରୀକ୍ଷା କରି ଡ଼ାକ୍ତର ବୟସ ସଂପର୍କରେ ମତାମତ ଦେଇଥାନ୍ତି । ଏହିସବୁ ପରୀକ୍ଷା—ନୀରୀକ୍ଷାକୁ ନେଇ ଅତ୍ୟାଚାରିତା ହୋଇଥିବା ସ୍ତ୍ରୀ ଲୋକର ବୟସ ନିର୍ଦ୍ଧାରଣ କରାଗଲା ପରେ ବର୍ତ୍ତମାନ ମାନ୍ୟବର କୋର୍ଟ ବିଚାର କରିବେ ପ୍ରକୃତ ଅତ୍ୟାଚାର ହୋଇଛି କି ନାହିଁ ।

ଅତ୍ୟାଚାର ସଂପର୍କରେ ସାକ୍ଷ୍ୟ ଗ୍ରହଣ କଲବେଳେ ମାନ୍ୟବର କୋର୍ଟ ଡ଼ାକ୍ତରଙ୍କ ସାର୍ଟିଫିକେଟ ଏବଂ ଏଥି ଜନିତ ପ୍ରମାଣ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥାନ୍ତି । ଡ଼ାକ୍ତର ଅତ୍ୟାଚାରିତା ହୋଇଥିବା ସ୍ତ୍ରୀ ଲୋକଟିର ଯୌନେନ୍ଦ୍ରିୟକୁ ପରୀକ୍ଷା କରି ତାହା ଉପରେ ହୋଇଥିବା କ୍ଷତମାନଙ୍କର ସବିଶେଷ ବିବରଣୀ ଦେଇଥାନ୍ତି ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନମାନଙ୍କରେ ହୋଇଥିବା କ୍ଷତ ଚିହ୍ନ, ନଖଚିହ୍ନ କିମ୍ବା କାମୁଡ଼ା ଚିହ୍ନ ଇତ୍ୟାଦିର ବିବରଣୀ ମଧ୍ୟ ଦେଇଥାନ୍ତି । ଏହାଛଡ଼ା ଲୁଗା ବା ଶାୟା ଇତ୍ୟାଦିରେ ଲାଗିଥିବା ରକ୍ତ ଓ ସ୍ଖଳନ ଜନିତ ଚିହ୍ନକୁ ରାସାୟନିକ ପରୀକ୍ଷା କରାଯାଇ ତାହାର ରିପୋର୍ଟ ଉପସ୍ଥାପିତ କରାଯାଇଥାଏ । ଏହିସବୁ ରିପୋର୍ଟ, ଡ଼ାକ୍ତରଙ୍କ ସାକ୍ଷ୍ୟ, ଅତ୍ୟାଚାରୀତ ହୋଇଥିବା ସ୍ତ୍ରୀଲୋକର ଅତ୍ୟାଚାର ଜନିତ ବିବରଣୀ ଏବଂ ଚକ୍ଷୁସ ତଥା ଠିକ୍ ଅତ୍ୟାଚାର ପୂର୍ବର କିମ୍ବା ପର ମୁହୂର୍ତ୍ତର ସାକ୍ଷ୍ୟ ଗ୍ରହଣ କରି ମାନ୍ୟବର କୋର୍ଟ ପ୍ରକୃତ ଅତ୍ୟାଚାର ଅର୍ଥାତ୍ ଅତ୍ୟାଚାରୀ ପୁରୁଷର ଓ ଅତ୍ୟାଚାରୀତା ହୋଇଥିବା ସ୍ତ୍ରୀର ପ୍ରକୃତ ଯୌନସଙ୍ଗମ ହୋଇଛି କି ନାହିଁ ବିଚାର କରିବେ । ଯଦି ଏହି କାର୍ଯ୍ୟ ହୋଇଥିବାର କୌଣସି ସୂଚନା ନମିଳେ, ଟଣା ଓଟରା ବା ଅନ୍ୟ କିଛି ଅସୌଜନ୍ୟ ବ୍ୟବହାର ଘଟିଥିବାର ପ୍ରମାଣ ଥିଲେ ମଧ୍ୟ, ୩୭୫ ଦଫାରେ ଆସାମୀ ଅଭିଯୁକ୍ତ ହୋଇନପାରେ । ତେବେ ଏହିକ୍ଷେତ୍ରରେ ସମାନୀୟ ସୁପ୍ରିମକୋର୍ଟ ମତବ୍ୟକ୍ତ କରି କହିଅଛନ୍ତି ଯେ—ସ୍ତ୍ରୀଠାରେ କୌଣସି କ୍ଷତ ନହୋଇ ଥିଲେ ମଧ୍ୟ କିମ୍ବା ସ୍ଖଳନ ଆଦି ଘଟିନଥିଲେ ମଧ୍ୟ କିମ୍ବା ଯୌନାଙ୍ଗ ପୁରୁଷ ଆଡ଼ୁ ଆଂଶିକ ସଙ୍ଗମ ପ୍ରଚେଷ୍ଟାର ପ୍ରମାଣ ମିଳିଲେ ମଧ୍ୟ ଏହି ୩୭୫ ଦଫାରେ ଆସାମୀ ଅଭିଯୁକ୍ତ ହେବ ।

ଅତ୍ୟାଚାର ଜନିତ ପ୍ରମାଣ ମିଳିସାରିଲା ପରେ ବର୍ତ୍ତମାନ ମାନ୍ୟବର କୋର୍ଟ ଦେଖିବେ ଯଦି ୧୬ ବର୍ଷରୁ ଅଧିକ ବୟସା ସ୍ତ୍ରୀ ଉପରେ ଅତ୍ୟାଚାର ହୋଇଛି ତେବେ, ତା'ର ଏ କାର୍ଯ୍ୟପାଇଁ କେତେ ଦୂର ଇଚ୍ଛା ଥିଲା ବା ନଥିଲା । କିନ୍ତୁ ଏସବୁ ବ୍ୟାପାରରେ କୌଣସି ସ୍ତ୍ରୀଲୋକ ନିଜର ସମ୍ମତି ଥିବା ଭାଷାରେ ପ୍ରକାଶ ନକରି ଭାବ, ଭଙ୍ଗୀ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ଭିତରେ ପ୍ରକାଶ କରିଥାଏ । ମାନ୍ୟବର କୋର୍ଟ ମକଦମା ବିଚାର କରୁଥିବା ସମୟରେ ନିଜର ତୀକ୍ଷ୍ଣ ବିଚାର ବୁଦ୍ଧି ଖଟାଇ ଅପରାଧ ଘଟିଥିବା ସମୟର ପରିବେଶକୁ ଟିକି ନିକି ବିଶ୍ଳେଷଣ କରି ଏହା ଉପରେ ଆପେକ୍ଷିକ ଗୁରୁତ୍ୱ ଆରୋପ କରିଥାନ୍ତି ଏବଂ ସ୍ତ୍ରୀଲୋକଟିର ଏହି କାର୍ଯ୍ୟରେ ଇଚ୍ଛା ଥିବା, ନଥିବା ବିଚାର କରିଥାନ୍ତି । ସ୍ତ୍ରୀଲୋକଟିର ମୁକ୍ତ ଇଚ୍ଛା ଯୋଗୁ ଏହି କାର୍ଯ୍ୟ ଘଟିଥିବାର ପ୍ରମାଣ ମିଳିଲେ ଆସାମୀକୁ ନିର୍ଦ୍ଦୋଷରେ ମୁକ୍ତି ଦିଆଯାଇଥାଏ ।

ଏହିପରି ବିଭିନ୍ନ ପର୍ଯ୍ୟାୟନୁକ୍ରମ ବିଚାର ଆଲୋଚନାରୁ ପାଶବିକ ଅତ୍ୟାଚାର ସାବ୍ୟସ୍ତ ହୋଇଥାଏ ।

ଆଡ଼ଭୋକେଟ ।
କଟକ ।

---

## ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ପାଇଁ ୧୬·୭୨ ଲକ୍ଷ ଟଙ୍କା ବ୍ୟୟ ବରାଦ

ରାଜ୍ୟ ସରକାର ଶ୍ରମ, ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ
ଗାଁ ଗହଳିରେ ବାସଗୃହ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ଶ୍ରମ, ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଚଳିତ ଆର୍ଥିକ ବର୍ଷ ସକାଶେ ବ୍ୟୟ ବରାଦ କରିଛନ୍ତି ।
ହରିଆରେ ବିଭିନ୍ନ ଜିଲ୍ଲା ସକାଶେ ୧୬·୭୨ ଲକ୍ଷ ଟଙ୍କା ଚଳିତ ଆର୍ଥିକ ବର୍ଷ ସକାଶେ ବ୍ୟୟ ବରାଦ କରିଛନ୍ତି ।
ସେଥି ମଧ୍ୟରୁ ୩·୮୦ ଲକ୍ଷ ଟଙ୍କା କଟକ ଜିଲ୍ଲା ପାଇଁ, ୩·୦୬ ଲକ୍ଷ ଟଙ୍କା ପୁରୀ, ୨·୦୬ ଲକ୍ଷ ଟଙ୍କା ବାଲେଶ୍ୱର, ୫୦,୦୦୦ ଟଙ୍କା ମୟୂରଭଞ୍ଜ,
୧·୬୮ ଲକ୍ଷ ଟଙ୍କା ଗଞ୍ଜାମ, ୧·୮୯ ଲକ୍ଷ ଟଙ୍କା କେନ୍ଦୁଝର, ୫୦,୦୦୦ ଟଙ୍କା କୋରାପୁଟ, ୬୫,୦୦୦ ଟଙ୍କା କଳାହାଣ୍ଡି
୭୯,୦୦୦ ଟଙ୍କା ସୁନ୍ଦରଗଡ଼, ୮୭,୦୦୦ ଟଙ୍କା ଢେଙ୍କାନାଳ, ୯୫,୦୦୦ ଟଙ୍କା ବଲାଙ୍ଗୀର,
ଓ ୩୦,୦୦୦ ଟଙ୍କା ଫୁଲବାଣୀ ଜିଲ୍ଲା ପାଇଁ ବରାଦ କରାଯାଇଛି ।

ଏହି ଯୋଜନା ଅନୁଯାୟୀ ଗ୍ରାମାଞ୍ଚଳର ଲୋକମାନଙ୍କୁ ଅଗ୍ନି ନିରୋଧକ ବାସଗୃହ ନିର୍ମାଣ ପାଇଁ ଋଣ ସୂତ୍ରରେ ଏହି ଅର୍ଥ ଯୋଗାଇ ଦିଆଯିବ । ଯେଉଁମାନେ ସମୁଳ ସୁଧ ବାର୍ଷିକ ଶତକଡ଼ା ୧୦ ଟଙ୍କା ସରଳ ସୁଧ ହାରରେ ଯୋଗାଇ ଦିଆଯିବ । ସେମାନଙ୍କୁ ଶତକଡ଼ା ୮ ଟଙ୍କା ହାର ସୁଧ ଦେବାକୁ ହେବ । ଏ ସମ୍ପର୍କୀୟ
ନିୟମିତ ଭାବେ ପରିଶୋଧ କରିବେ ସେମାନଙ୍କୁ ଶତକଡ଼ା ୮ ଟଙ୍କା ହାର ସୁଧ ଦେବାକୁ ହେବ । ଏ ସମ୍ପର୍କୀୟ
ସରକାରୀ ନିର୍ଦ୍ଦେଶାବଳୀ ଜିଲ୍ଲାପାଳମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।

# ORISSA STATE ELECTRICITY BOARD

## MARCHES AHEAD

### *TOWARDS MORE PROSPEROUS FUTURE OF ORISSA*

* It offers more power at attractive rates for Large, Medium and Small-scale Industries for exploiting Orissa's rich mineral and natural resources and for intensive agricultural pumping and extensive rural development through Rural Electrification.
* Orissa is one of the few States in India which is surplus in power.
* It has been extending power support to the neighbouring States of Bihar and Andhra Pradesh to meet their emergent power requirement.
* It has extended many attractive concession for growth and development of Small and Medium Scale Industries, particularly in rural areas.
* It has taken up massive programme for Rural Electrification and energisation of Lift Irrigation Pumps.
* It has implemented the Scheme on "Workers Participation in Management

**A Few Salient Features—**

* Present installed capacity — 861·5 MW.
* **New Power Projects under execution—**
  - Talcher Thermal Power Station Expansion — 220 MW.
  - Balimela Hydro Project (6th Unit) — 60 MW.
  - Rengali Hydro Project — 100 MW.
  - Upper Kolab Hydro Project — 240 MW.
* **New E. H. T. and Transmission Schemes under execution—**
  - 220 K.V. and 132 K.V. Lines — 1,011·4 Kms.
* New E. H. T. Sub-station under execution — 395 MVA. capacity
* Villages electrified by the end of 1976-77 — 14,758
* **Rural lines planned during 5th plan—**
  - 33 K.V. Line — 886 Kms.
  - 11 K. V. Line — 11,081 Kms.
  - L. T. Lines — 9,070 Kms.
* Power sold during 1976-77 — 2,500 Million Units (Approx.)
* Number of consumers by the end of 1976-77 — 3,00,000 (Approx.)
* Strength of employees — 28,000 (Approx.)

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**

*Issued by*—ORISSA STATE ELECTRICITY BOARD
BHUBANESWAR-751007

# ଦେଖ ଜୀବେଣୀର...

# ନୂତନ ବର୍ଷ

- ଶ୍ରୀ ଅନ୍ତର୍ଯ୍ୟାମୀ ମହାପାତ୍ର

ବିସ୍ମୟ ଭରା ଏହି ବିଶ୍ୱ । ପୃଥିବୀର ସର୍ବପ୍ରଥମ ମଣିଷ ଗୋଷ୍ଠୀ ପ୍ରକୃତିର ପରିବର୍ତ୍ତନରେ ବିସ୍ମିତ ଓ ବିମୁଗ୍ଧ ହୋଇଥିଲେ । ତା'ର କୌତୂହଳୀ ମନରେ ଗ୍ରହ, ନକ୍ଷତ୍ରର ସ୍ଥାନାନ୍ତରୀକରଣ ଓ ପରିବର୍ତ୍ତନ ଉନ୍ମାଦନା ମଧ୍ୟ ସୃଷ୍ଟି କରିଥିଲା ଏବଂ ସେ ମଧ୍ୟ କିଛିଟା ଉପଲବ୍ଧି କରିଥିଲା ।

ସୂର୍ଯ୍ୟ ଦେବତାଙ୍କର ବିଷୁବରେଖା ସଂକ୍ରମଣ ସମୟରେ ଦିନ ରାତିର ପରିଧି ସମାନକୁ ଆସେ ଓ ତାହାକୁ ସଂକ୍ରାନ୍ତି କୁହାଯାଏ । ଠିକ୍ ସଂକ୍ରାନ୍ତିର ପରଦିନଠାରୁ ଆହ୍ନିକ ଗତିର ପରିବର୍ତ୍ତନ ହେତୁ ପ୍ରକୃତିର କିଛି ପରିବର୍ତ୍ତନ ଦୃଷ୍ଟ ହୁଏ । ଏଇ ପରିବର୍ତ୍ତନକୁ ମାନବ ସ୍ୱାଗତମ୍ ଜଣାଏ । ଯାହାକି ନୂତନ ବର୍ଷ ହୁଏ ।

ପୁନଶ୍ଚ ସୂର୍ଯ୍ୟ ଦେବତାଙ୍କର ଅୟନ ପରିବର୍ତ୍ତନ ଯୋଗୁଁ ଶୈତ୍ୟର ହୁଏ ଆଗମନୀ । ଏଥିରେ ମଧ୍ୟ ପ୍ରକୃତିର ଚେହେରାରେ ପରିବର୍ତ୍ତନ ଆସେ । ଏଇ ସମୟ ମଧ୍ୟ ନୂତନ ବର୍ଷ ବିଭିନ୍ନ ଢଗ ଢମାଳୀ ମାଧ୍ୟମରେ ପ୍ରମାଣିତ ହୁଏ । ଜଣାଯାଏ ମାର୍ଗଶୀର ଠାରୁ ନୂତନ ବର୍ଷ ମଧ୍ୟ ଆରମ୍ଭ ହେଉଥିଲା । ଗୀତା ମଧ୍ୟ ପ୍ରମାଣ ଦେଉଛି ଯେ, ମାର୍ଗଶୀର ପ୍ରଥମ ମାସ । ମାର୍ଗଶୀରର ଅନ୍ୟ ନାମ ମଧ୍ୟ ଅଗ୍ରହାୟଣ । ଜ୍ୟୋତିଷ ମତରେ ଏହା ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ବର୍ଷ ତଳେ ମାର୍ଗଶୀର ବର୍ଷର ପ୍ରଥମ ମାସ ଥିଲା ।

କାର୍ତ୍ତିକ ମାସରେ ନୂତନ ବର୍ଷ ପାଳନ କରାଯାଏ ।
ମିଥିଳା ନିକଟବର୍ତ୍ତୀ କେତେକ ସ୍ଥାନରେ ଏବେ ମଧ୍ୟ ବଙ୍ଗଳା, ଆସାମ, ବିହାର ଓ ଗୁଜୁରାଟର ବହୁ ସ୍ଥାନରେ ଶରତ କାଳର ବିଜୟା ଦଶମୀଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ । ଗ୍ରହ ନକ୍ଷତ୍ରାଦିର ପରିବର୍ତ୍ତନ ଓ ବିଭିନ୍ନ ସ୍ଥାନରେ ଅବସ୍ଥାନ ସମୟରେ ପ୍ରକୃତିର ଯେଉଁ ପରିବର୍ତ୍ତନ ହୁଏ ବା ମାନବ ସମାଜ ନୂତନ ପରିବେଶ କିମ୍ବା ପରିସ୍ଥିତି ଅନୁଭବ କରିଥାଏ ; ସେଇୟାକୁ ଭିତ୍ତିକରି ଭାରତରେ ଓ ବିଶ୍ୱରେ ବିଭିନ୍ନ ସମୟରେ ଓ ବିଭିନ୍ନ ମାସରେ ବୋଧ ହୁଏ ନୂତନ ବର୍ଷର ଆରମ୍ଭ ହୋଇଛି । ପରେ ପରେ ମଧ୍ୟ କୌଣସି କୌଣସି ସ୍ଥାନରେ ତା'ର ପରିବର୍ତ୍ତନ ହୋଇ ବିଲୁପ୍ତି ଘଟିଥିବାର ଜଣା ପଡୁଛି ।

ଇତିହାସ କହେ, କୌଣସି କୌଣସି ମହାପୁରୁଷ ମାନଙ୍କ ଜନ୍ମ କିମ୍ବା ମୃତ୍ୟୁକୁ କିମ୍ବା ସେମାନଙ୍କ ଜୀବନର କୌଣସି ଏକ ସ୍ମରଣୀୟ ଦିନରେ ମଧ୍ୟ ନୂତନ ବର୍ଷ ସୃଷ୍ଟ ହୋଇଛି । ଖ୍ରୀଷ୍ଟିୟାନ ସଂପ୍ରଦାୟ ଯେପରି ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସକୁ ନୂତନ ବର୍ଷ ଭାବେ ପାଳନ କରିଥାନ୍ତି ଠିକ୍ ସେଇପରି ମୁସଲମାନ ସଂପ୍ରଦାୟ ମଧ୍ୟ ମହମ୍ମଦଙ୍କ ମକ୍କାରୁ ମଦିନାକୁ ପଳାୟନ କରିଥିବା ଦିବସକୁ ନୂତନ ବର୍ଷ ଭାବେ ପାଳନ କରିଥାନ୍ତି । ଭାରତରେ ମଧ୍ୟ ସେଇଭଳି ସୁପାବ୍ଦ, ବଙ୍ଗାବ୍ଦ ଓ ଶକାବ୍ଦ ଏକ ଏକ ପ୍ରମାଣ୍ୟ ଯୋଗ୍ୟ ଅଟେ ।

ଭାରତର ବିଭିନ୍ନ ସ୍ଥାନରେ ଏବେ ମଧ୍ୟ ଦିପାବଳୀ ଦିନ ନୂଆ ଖାତା ଉତ୍ସବ ପାଳିତ ହୋଇଥାଏ । ଘର, ଗ୍ରାମ, ନଗରାଦି ଆଲୋକମାଳାରେ ସୁସଜ୍ଜିତ ହୋଇଥାଏ । ଋଣ କରିଥିବା ବ୍ୟକ୍ତି ଏଇଦିନ ଋଣ ପରିଶୋଧ କରିବାର ଦୃଷ୍ଟାନ୍ତ ମିଳେ । ସେଇଭଳି ଓଡ଼ିଶାରେ "ସୁନିଆଁ" ପାଳିତ ହୋଇଥାଏ । ଏଇ ଦିବସଟିକୁ ସୂର୍ଯ୍ୟବଂଶୀ ଗଜପତିମାନେ ପ୍ରଚଳନ କରାଇଥିଲେ । ଏବେ ମଧ୍ୟ ଓଡ଼ିଶାର ବହୁ ସ୍ଥାନରେ ସୁନିଆଁ ଦିନ ନୂତନ ବର୍ଷର ଆରମ୍ଭ ହୋଇଥାଏ ।

ଶିଖ ସଂପ୍ରଦାୟର ଏପ୍ରିଲ ୧୩ ତାରିଖଟି ନୂତନ ବର୍ଷ ଭାବେ ବିଖ୍ୟାତ । ଗୁରୁ ଗୋବିନ୍ଦ ସିଂହ ଶିଖମାନଙ୍କୁ ଏକ ବଳିଷ୍ଠ ଓ ଦୃଢ଼ ଜାତି ରୂପେ ପ୍ରତିଷ୍ଠା କରାଇବାକୁ ଏଇଦିନ "ଖାଲସା" ଗଠନ କରିଥିଲେ । ପଞ୍ଜାବର କୃଷକମାନେ ବଡ଼ ଉନ୍ମାଦନା ଓ ଆନନ୍ଦ ସହକାରେ ଫସଲ ଆମଦାନୀ ପରେ ଏଇ ଉତ୍ସବକୁ ପାଳନ କରିଥାନ୍ତି । ନଦୀ, ଝରଣା, ପୁଷ୍କରିଣୀମାନଙ୍କରେ ପ୍ରତ୍ୟୁଷରୁ ସ୍ନାନ ସାରି ମନ୍ଦିରରେ ଦେବ ଦର୍ଶନ କରିବା ସଙ୍ଗେ ସଙ୍ଗେ ପୂଜାରାଧନା ମଧ୍ୟ କରାଯାଏ । ଅଧିକାଂଶ ଗ୍ରାମରେ "ଭଙ୍ଗଡ଼ା" ନାଚ ଓ ବିଭିନ୍ନ ଆମୋଦ ପ୍ରମୋଦ ମାଧ୍ୟମରେ ଏହା ପାଳନ କରାଯାଏ ।

ସେଇଭଳି ତାମିଲନାଡୁର "ପୋଙ୍ଗାଲ" ନୂତନ ବର୍ଷର ସଙ୍କେତ ଦିଏ । ମକର ସଂକ୍ରାନ୍ତି ପରଦିନ ଠାରୁ ୩ ଦିନ ପର୍ଯ୍ୟନ୍ତ ଘରେ ଘରେ ଆନନ୍ଦ ଉତ୍ସବ ପାଳିତ ହୁଏ । ଷଣ୍ଢକୁ ବିଭିନ୍ନ ସାଜ ସଜ୍ଜା କରି ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଏ । ମହୀଶୂରରେ ମଧ୍ୟ ଏହାକୁ ସଂକ୍ରାନ୍ତି ପର୍ବ କୁହାଯାଏ । ଆନ୍ଧ୍ରରେ ମଧ୍ୟ ଏଇଦିନ ମଟର ପ୍ରତିଯୋଗିତା ହୁଏ । ବିଭିନ୍ନ ଭାବେ ବିଭିନ୍ନ ସ୍ଥାନରେ ଏହାକୁ ପାଳନ କରାଯାଏ ।

କେରଳର "ବିଶୁ" ଓ ମାଲୟଲୀ ବର୍ଷର ପ୍ରଥମ ମାସ "ମେଢ଼ାମ"ର ପ୍ରଥମ ତାରିଖ ପ୍ରାୟ ଏପ୍ରିଲ ମାସର ୨ୟ ସପ୍ତାହରେ ପଡ଼ିଥାଏ । ଘରେ ଘରେ ଆନନ୍ଦ କୋଳାହଳ । ରାସ୍ତା ଘାଟ ମିଳନୀ ଓ ପ୍ରୀତି ସମ୍ଭାଷଣରେ ମୁଖରୀତ ହୋଇଉଠେ ।

ଭାରତଭଳି ପୃଥିବୀର ବିଭିନ୍ନ ଦେଶର ବିଭିନ୍ନ ଜାତି, ସଂପ୍ରଦାୟ ମଧ୍ୟ ନୂତନ ବର୍ଷକୁ ବିଭିନ୍ନ ସମୟରେ ପାଳନ କରିଥାନ୍ତି । ବର୍ମାରେ ଗ୍ରୀଷ୍ମ ଋତୁରେ ଏଇ ଉତ୍ସବ ଅନୁଷ୍ଠିତ ହୁଏ । ଜଳକ୍ରୀଡ଼ା ବର୍ମୀଜମାନଙ୍କର ନୂତନ ବର୍ଷର ଏକ ମୁଖ୍ୟ ଅଂଶ ଅଟେ । ସେଠା ଲୋକମାନଙ୍କର ବିଶ୍ୱାସ ନୂତନ ବର୍ଷରେ ଜଳ ସିଞ୍ଚନ ବା ଜଳ ସିକ୍ତ ବ୍ୟକ୍ତିର ବହୁ ପୁଣ୍ୟ ହୋଇଥାଏ ।

ଚୀନରେ ନୂତନ ବର୍ଷ ମାଘ ମାସରେ ପ୍ରାୟ ୧୫ ଦିନ ବ୍ୟାପି ବହୁ ଆଡ଼ମ୍ବର ସହିତ ପାଳନ କରାଯାଇ ଥାଏ । କାଗଜର ବିଭିନ୍ନ ରଙ୍ଗ ବେରଙ୍ଗ ଫୁଲରେ ଘରଦ୍ୱାର ସୁସଜ୍ଜିତ ହୋଇଥାଏ । ଭୂତ, ପ୍ରେତାଦିଙ୍କ ଉତ୍ପାତରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ପ୍ରକାରର ବାଣ ଫୋଟକା ରାସ୍ତାଘାଟରେ ଫୁଟାଯାଏ । ବିଭିନ୍ନ ମହାପୁରୁଷମାନଙ୍କର ପବିତ୍ର ବାଣୀ କାଛରେ, ଝରକା ଓ ଦରଜାର ପରଦାରେ ଲେଖା ଯାଇଥାଏ । ପୂର୍ବେ ଋଣ ଗ୍ରସ୍ତ ବ୍ୟକ୍ତି ଋଣ ଦାତାର ଅତ୍ୟାଚାରରେ ଉତ୍ପୀଡ଼ିତ ହୋଇ ଆତ୍ମହତ୍ୟା କରିଥିବାର ବହୁ କରୁଣ କାହାଣୀମାନ ଚୀନା ଜୀବନରେ ଦୃଷ୍ଟାନ୍ତ ଥିବାରୁ ବହୁ ଋଣ ଗୃହୀତ ଏଇ ସମୟର ପୂର୍ବରୁ ତା'ର ଋଣ ପରିଶୋଧ କରିବାକୁ ଯଥାସାଧ୍ୟ ଚେଷ୍ଟା କରି ନୂତନ ବର୍ଷ ଉତ୍ସବ ପାଳନ କରିବାକୁ ନିଜକୁ ଋଣମୁକ୍ତ କରିଥାଏ ।

ଜାପାନରେ ନୂତନ ବର୍ଷ ଉତ୍ସବକୁ "ସେଟ୍ ସୁବୁସୁ" କହିଥାନ୍ତି । ନୂତନ ବର୍ଷର ପ୍ରଥମ ସକାଳେ ଧର୍ମପ୍ରାଣ ବ୍ୟକ୍ତି (ଅମଙ୍ଗଳ ଦୂର ହେଉ, ମଙ୍ଗଳ ପ୍ରାପ୍ତି ହେଉ) ମନ୍ତ୍ର ପଢ଼ି ଘରର ଚାରି ଦିଗରେ ଶିମ୍ବ ମଞ୍ଜି ବୁଣିଥାଏ । ସେଠାକାର ଅଧିବାସୀମାନଙ୍କର ଧାରଣା ଏଇ ମନ୍ତ୍ରପୂତ ମଞ୍ଜି ଆହାର କଲେ ଦୁଃଖ, ଯନ୍ତ୍ରଣା ବା ଭୂତ ପ୍ରେତର ଭୟ ନଥାଏ । ଜାପାନିଜମାନେ ଏଇ ନୂତନ ବର୍ଷକୁ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି ।

ସ୍କଟଲଣ୍ଡରେ ପ୍ରଥମେ ଏଇ ଉତ୍ସବ ସପ୍ତାହେ ବ୍ୟାପି ପାଳିତ ହେଉଥିଲା । ନରନାରୀମାନଙ୍କର ଅତ୍ୟଧିକ ସୁରାପାନ ଯୋଗୁଁ ବହୁ ଅଶାଳୀନତା ଓ ଅଭଦ୍ରୋଚିତ ବ୍ୟବହାର ପାଇଁ ଧର୍ମଯାଜକମାନେ ପରବର୍ତ୍ତୀ ସମୟରେ ଏହାକୁ ଏକ ଦିନରେ ସୀମିତ କରାଇ ଥିଲେ । ବିଦାୟୀ ବର୍ଷର ସଂଜରେ ଜଣେ ବ୍ୟକ୍ତି ନିଜ ଦେହରେ ଗୋରୁ ଚମଡ଼ା ଆଚ୍ଛାଦନ କରି ଘରର ଚତୁଃପାର୍ଶ୍ୱରେ ତିନିଥର ଘୂରିବୁଲେ ଏବଂ ସେ ବୁଲିବା ବେଳେ ଦଳେ ଯୁବକ ତା ପଛରୁ ବାଡ଼ିରେ ମୃଦୁ ଆଘାତ କରିଥାନ୍ତି । ତିନିଥର ଘୂରିବା ପରେ ଉକ୍ତ ବ୍ୟକ୍ତି ଘର ମଧ୍ୟରେ ପ୍ରବେଶ କରେ ଓ ସେ ଆଚ୍ଛାଦନ କରିଥିବା ଚମଡ଼ାକୁ ଘରର ସମସ୍ତେ ମିଳି ଟିକି ଟିକି କରି ନିଆଁରେ ପୋଡ଼ି ସେଇ ଉତ୍କଟ ଆଘ୍ରାଣ କରନ୍ତି । ଏହାଦ୍ୱାରା ଆଗାମୀ ବର୍ଷରେ ସେମାନେ ସମସ୍ତ ଭୟରୁ ମୁକ୍ତି ପାଇଯାନ୍ତି ବୋଲି ବିଶ୍ୱାସ କରିଥାନ୍ତି ।

ଇହୁଦୀମାନେ ଶରତ କାଳରେ ନୂତନ ବର୍ଷ ପାଳନ କରିଥାନ୍ତି । ସେମାନଙ୍କର ପୁରୋଧା ସେଇଦିନ ନୂତନ ବର୍ଷ ପାଇଁ ନୂଆ ନୂଆ ଆଇନ ପ୍ରଣୟନ କିମ୍ବା ପୁରୁଣା ଆଇନର ସଂଶୋଧନ କରି ଜନ ସମାବେଶରେ ପଢ଼ି ଶୁଣାଇ ଦିଅନ୍ତି ଏବଂ ସମସ୍ତ ଇହୁଦି ଜାତି ବର୍ଷକ ପାଇଁ ସେଇ ନିୟମମାନି ଚଳିଥାନ୍ତି । ନିଜର ଅଭିଷ୍ଟ ସିଦ୍ଧି ପାଇଁ

ଇହୁଦୀମାନେ ସେମାନଙ୍କର ଶିଶୁ ସନ୍ତାନକୁ ନିଜ ନିଜର ଆରାଧ୍ୟ ଦେବତାଙ୍କ ନିକଟରେ ବଳି ଦେଉଥିବା ପ୍ରାଚୀନ କାଳରେ ଘଟିଥିବାର ଜଣାଯାଏ । କିନ୍ତୁ ଏବେ ଆଉ ତାହା ହେଉ ନାହିଁ ।

ବହୁ ପୂର୍ବେ ରୋମରେ ମଧ୍ୟ ଡିସେମ୍ବର ମାସର ୩ୟ ସପ୍ତାହରେ ନୂତନ ବର୍ଷ ପାଳନ କରାଯାଉଥିଲା । ଏଇ ଉତ୍ସବକୁ "ସାଟାର୍ଣ୍ଣଲିୟା" କୁହା ଯାଉଥିଲା । ଆଉ ମଧ୍ୟ ଲଟାରୀ ଜରିଆରେ ଏଇ ଦିନ ରୋମରେ ବହୁ ଲୋକମାନଙ୍କର ଭାଗ୍ୟ ନିର୍ଣ୍ଣୟ କରାଯାଉଥିଲା । ଏହି ଉତ୍ସବ ପାଇଁ ୭ ଦିନ ଧରି ଚାଲୁଥିଲା । ବିଶେଷ କରି କୃଷି ଦେବତାଙ୍କର ପୂଜା କରାଯାଉଥିଲା । ସମ୍ଭବତଃ, ଆଜିକାଲି ପ୍ରଚଳିତ ହେଉଥିବା "ଲଟାରୀ" ଖେଳ ସେଇଠାରୁ ଆରମ୍ଭ ହୋଇଥିବାର ଜଣାଯାଏ ଇହୁଦିଜାତି ଭଳି ପ୍ରାଚୀନ ରୋମୀୟମାନେ ମଧ୍ୟ ଉତ୍ସବର ୩୦ ଦିନ ପୂର୍ବରୁ ଏକ ସୁନ୍ଦର ସୁଠାମ ଯୁବକକୁ "ସାଟାର୍ଣ୍ଣ" (ଶନି ଦେବତାଙ୍କ) ଅବତାର ରୂପେ ମନୋନୀତ କରାଯାଇ ରଖାଯାଉଥିଲା ଓ ନୂତନ ବର୍ଷ ଆରମ୍ଭର ସପ୍ତାହକ ପୂର୍ବରୁ ପୂଜା ଅର୍ଚ୍ଚନା କରାଯାଇ ନୂତନ ବର୍ଷ ଦିନ "ସାଟାର୍ଣ୍ଣ" ଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଉଥିବାର ଜଣାଯାଏ ।

ଯାହା ଜଣାଯାଏ, ଗ୍ରୀସ୍‌ରେ ବହୁ ପୂର୍ବେ ଏଇ ନୂତନ ବର୍ଷ ପ୍ରଥମେ ଶୀତ ଋତୁରେ ଓ ପରେ ପରେ ଗ୍ରୀଷ୍ମ ଋତୁରେ ପାଳନ କରାଗଲା । ବିଶେଷତଃ କ୍ରୀଡ଼ାପ୍ରେମୀମାନେ ଏହାକୁ ଅନ୍ୟମାନଙ୍କ ଅପେକ୍ଷା ବେଶୀ ଆଡ଼ମ୍ବର ସହକାରେ ପାଳନ କରୁଥିଲେ । ସେମାନେ ତାଙ୍କ ଦେବତାଙ୍କୁ "ଶୂକର" ବଳି ଦେଇ ନିଜକୁ ବିଜୟୀ ହେବାକୁ ପ୍ରସ୍ତୁତ କରୁଥିଲେ । ଯାହା ଅନୁମିତ ହୁଏ ଆଜିକାର ବିଶ୍ୱ ପ୍ରସିଦ୍ଧ ଅଲିମ୍ପିକ ଖେଳର ବୋଧହୁଏ ସେଇ ଅନାମଧେୟ ବ୍ୟକ୍ତି ବିଶେଷଙ୍କର ପ୍ରଚ୍ଛନ୍ନ ଆଶୀର୍ବାଦ ଥିଲା ଓ ସେମାନେ ଯେ ଏଇ ବିଶ୍ୱ ବିଖ୍ୟାତ ଖେଳର ସ୍ରଷ୍ଟା ସ୍ୱରୂପ କହିଲେ ବୋଧ ହୁଏ ଅଯୌକ୍ତିକ ହେବ ନାହିଁ ।

ଇରାନରେ ନୂତନ ବର୍ଷ ଶରତ ଋତୁରେ ପାଳିତ ହୁଏ । ପୂର୍ବେ ଏଇ ଦିନ ବାଦଶାହାମାନେ ସେମାନଙ୍କର ଅନୁଗ୍ରହ ପ୍ରାର୍ଥୀମାନଙ୍କୁ ଜାଗିରୀ ପ୍ରଦାନ କରୁଥିବାର ଜଣାଯାଏ । କିନ୍ତୁ ଏବେ ଆଉ ଜାଗିରୀ ଦେବା ପ୍ରଥା ନାହିଁ । ଭାରତରେ ବସବାସ କରୁଥିବା ଇରାନୀମାନେ "ପାର୍ଶୀ" ନାମରେ ସୁପରିଚିତ । ଏଇମାନେ ମାର୍ଚ୍ଚ ମାସରେ ନୂତନ ବର୍ଷ ପାଳନ କରିଥାନ୍ତି । ପାର୍ଶୀ ବା ଇରାନୀ-ମାନଙ୍କର ନୂତନ ବର୍ଷକୁ "ନଓରୋଜ" କୁହାଯାଏ ।

ମିଶରରେ ନୂତନ ବର୍ଷକୁ ଗୋଟିଏ ଦିନରେ ପାଳନ କରାଯାଉଥିଲା । କିନ୍ତୁ ଏବେ ଏହା ୫ ଦିନ ପାଳନ କରାଯାଉଛି । ଅନୁମିତ ହୁଏ, ରୋମ୍ କିମ୍ବା ଗ୍ରୀସ୍‌ଠାରୁ ମିଶରର ନୂତନ ବର୍ଷ ଉତ୍ସବ ପାଳନ କରାଯିବା ପୁରାତନ ଅଟେ । ସେମାନଙ୍କର ବିଭିନ୍ନ ଦେବା ଦେବୀଙ୍କର ପୂଜା ଅର୍ଚ୍ଚନା ଇତ୍ୟାଦି ଦ୍ୱାରା ନିମଜ୍ଜିତ ରହି ଏହାକୁ ପାଳନ କରିଥାନ୍ତି ।

ଆମେରିକାର ମେକ୍ସିକୋର "ଆଜ୍ ଟେକ୍" ଜାତିର ଲୋକମାନେ ମଧ୍ୟ ସୂର୍ଯ୍ୟଦେବତାଙ୍କ ଉତ୍ତରାୟଣର ସମାପ୍ତ ଦିନରୁ ନୂତନ ବର୍ଷ ପାଳନ କରୁଥିଲେ । ରୋମୀୟ-ମାନଙ୍କ ଭଳି ଏଇମାନେ ମଧ୍ୟ ନୂତନ ବର୍ଷରେ ନରବଳି ଦେଉଥିଲେ । ପବିତ୍ର ତଥା ସଂପୂର୍ଣ୍ଣ ଧର୍ମୀୟ ପରି-ବେଶରେ ଏଇ ଉତ୍ସବ ଅନୁଷ୍ଠିତ ହେଉଥିଲେ ହେଁ, ନରବଳି ଭଳି ଏକ ନୃଶଂସ କାର୍ଯ୍ୟ କୁ ସଂହାର ବ୍ୟତୀତ ଆଉ କ'ଣ ହୋଇ ପାରେ ।

ଆମ ଭାରତର ଓ ଭାରତ ବାହାରେ ଥିବା ବିଭିନ୍ନ ଦେଶ ଓ ଜାତି ମଧ୍ୟରେ କିଭଳି ଭାବେ ନୂତନ ବର୍ଷ ଉତ୍ସବ ପାଳନ କରାଯାଏ ତା'ର ଏକ କ୍ଷୁଦ୍ର ତଥା ସଂକ୍ଷିପ୍ତ ଧାରାର ଆଭାସ ମାତ୍ର ଏଠାରେ ପ୍ରଦତ୍ତ କରାଗଲା ।

ଆଜିକାର ଗବେଷକ ବନ୍ଧୁମାନଙ୍କୁ ମୁଁ ଅନୁରୋଧ କରୁଛି, ଏଇ ନୂତନ ବର୍ଷ ଉତ୍ସବର ପଶ୍ଚାତ୍ ଭାଗରେ ଦେଶ ଓ ଜାତିର ଯେଉଁ ବ୍ୟାପକ ସାଂସ୍କୃତିକ, ଐତିହାସିକ ଲୋକାଚାର ଓ ସାମାଜିକ ଆସ୍ତର ବିସ୍ତର ରହିଛି ତା'ର ଯଥାର୍ଥ ବିଶ୍ଳେଷଣ ସହ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାହେଲେ ବହୁ ଅନାବିଷ୍କୃତ ବିଷୟବସ୍ତୁ ଆବିଷ୍କୃତ ହୋଇ ଆଜିର ଜନ ସମାଜର ଦୃଷ୍ଟି ପଥାରୂଢ଼ ହୋଇପାରନ୍ତା !

ସଂପାଦକ, ଅପରାଜିତା,
କଟକ ।

ଶ୍ରୀ ପ୍ରମୋଦ କୁମାର ମହାନ୍ତି

# ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ

## ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଓଡ଼ିଆ ମନୋ ବୈଜ୍ଞାନିକ

ଆପଣ ମନୋବୈଜ୍ଞାନିକ ଡ଼କ୍‌ଟର ଜଗନ୍ନାଥ ପ୍ରସାଦ ଦାସଙ୍କୁ ଜାଣିଛନ୍ତି ? ପଇଁଚାଳିଶ୍ ବର୍ଷ ବୟସ୍କ ଏହି ଯୁବ ବୈଜ୍ଞାନିକ ସଂପ୍ରତି କାନାଡ଼ାର ଆଲବର୍ଟା ବିଶ୍ୱବିଦ୍ୟାଳୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରୁଛନ୍ତି ।

ଓଡ଼ିଶାରେ ତାଙ୍କର ଜନ୍ମ ଓ ଶିକ୍ଷା । ମାଟ୍ରିକଠାରୁ ଆରମ୍ଭ କରି ବି. ଏ. ପର୍ଯ୍ୟନ୍ତ ସର୍ବଦା ପ୍ରଥମ ଶ୍ରେଣୀ ପାଇ ୧୯୫୧ ରେ ସର୍ବୋଚ୍ଚ ନମ୍ବର ରଖି ସେ ଅନର୍ସ ସହିତ ବି. ଏ. ଶେଷ କରନ୍ତି । ୧୯୫୩ରେ ସେ ପାଟନା ବିଶ୍ୱବିଦ୍ୟାଳୟରୁ ଏମ. ଏ. (ମନୋବିଜ୍ଞାନ)ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୁଅନ୍ତି । ରେଭେନ୍‌ସା କଲେଜରେ ଅଧ୍ୟାପନା କରୁଥିବା ସମୟରେ ୧୯୫୫ ରେ ସେ ଲଣ୍ଡନ୍ ଯାଇ ଲଣ୍ଡନ୍ ବିଶ୍ୱବିଦ୍ୟାଳୟର Institute of Psychiatry ରୁ ସୁପ୍ରସିଦ୍ଧ ମନୋବିଜ୍ଞାନୀ ଆଇଜେଙ୍କଙ୍କର ଛାତ୍ର ଭାବେ ପି.ଏଚ. ଡ଼ି କରନ୍ତି । ନିଜର ମୌଳିକ ଶିକ୍ଷାଦାନ ପ୍ରଣାଳୀ ଓ ଅପୂର୍ବ ବୁଦ୍ଧିମତ୍ତା ଫଳରେ ସେତେବେଳେ ସେ ଛାତ୍ର ଓ ସହକର୍ମୀମାନଙ୍କର ଯଥେଷ୍ଟ ଶ୍ରଦ୍ଧା ଭାଜନ ହୋଇଥିଲେ । ଏହି ସମୟରୁ ତାଙ୍କର ଗବେଷଣାତ୍ମକ ପ୍ରବନ୍ଧମାନ ଧାରାବାହିକ ଭାବରେ ଭାରତୀୟ ଓ ଆନ୍ତର୍ଜାତୀୟ ପତ୍ରପତ୍ରିକାଗୁଡ଼ିକରେ ପ୍ରକାଶ ପାଇବାରେ ଲାଗିଲା । ନିଜର ମୌଳିକ ଗବେଷଣା ଯୋଗୁଁ ଯୁକ୍ତରାଷ୍ଟ୍ର ଆମେରିକାର Nashville ର George Peabody College Teachers ପକ୍ଷରୁ ୧୯୬୩ ରେ ମନୋବିଜ୍ଞାନରେ "କେନେଡ଼ି ପ୍ରଫେସର" ଭାବରେ ସେ ନିମନ୍ତ୍ରିତ ହୋଇଥିଲେ । ଲସ୍ ଆଞ୍ଜେଲସ୍ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗରେ ଆସୋସିଏଟ ପ୍ରଫେସର ପଦ ତାଙ୍କୁ ୧୯୬୪ ମସିହାରେ ମିଳିଥିଲା । ୧୯୬୫ରେ ସେ ଭାରତକୁ ଫେରି ଉତ୍କଳ ବିଶ୍ୱବିଦ୍ୟାଳୟରେ ତାଙ୍କ ପୂର୍ବ ରିଡ଼ର ପଦରେ ଯୋଗଦାନ କରିଥିଲେ, ଏବଂ ଏହାର ମାତ୍ର ତିନିବର୍ଷ ପରେ ୧୯୬୮ରେ ସେ କାନାଡ଼ାର ଆଲବର୍ଟା ବିଶ୍ୱବିଦ୍ୟାଳୟ, ଏଡ଼ମଣ୍ଟନ୍‌ରେ Centre for the Study of Mental Retardation ର ରିସର୍ଚ୍ଚ ପ୍ରଫେସର ଭାବରେ ଯୋଗଦେଲେ ।

ଓଡ଼ିଶାର ଶିକ୍ଷା କ୍ଷେତ୍ରରୁ ତାଙ୍କର ବିଦାୟ ଫଳରେ ମନୋବିଜ୍ଞାନ ଗବେଷଣା କ୍ଷେତ୍ରରେ ଅପୂରଣୀୟ କ୍ଷତି ହେଲା । କିନ୍ତୁ ଗବେଷଣା ଓ ଶିକ୍ଷାଦାନ କ୍ଷେତ୍ରରେ ସେ ଯେଉଁ ବୃହତ୍ତର ଆହ୍ୱାନ ଏବଂ ବିଜ୍ଞାନର ପ୍ରୟୋଗ ତଥା ପରୀକ୍ଷା କ୍ଷେତ୍ରରେ ଯେଉଁ ବିପୁଳ ସୁବିଧା ଓ ସୁଯୋଗ ତାଙ୍କର ବର୍ଦ୍ଧିଷ୍ଣୁ ଗବେଷଣା ନିମିତ୍ତ ଆବଶ୍ୟକ ହେଉଥିଲା, ସେଥି ନିମିତ୍ତ କାନାଡ଼ା, ବିଶେଷକରି ଆଲବର୍ଟା ବିଶ୍ୱବିଦ୍ୟାଳୟ ତାଙ୍କୁ ପ୍ରଶସ୍ତ କ୍ଷେତ୍ର ଯୋଗାଇ ଦେଇଛି । ତାଙ୍କର କାନାଡ଼ା ରହଣି ସଂପର୍କରେ ସେ

ରୁହନ୍ତି, ବେଳେ ବେଳେ ସାମୟିକ ଘର କଥା—ବାପା, ବୋଉଙ୍କ କଥା ମନେପଡ଼ିବା ଛଡ଼ା ସେଠାରେ ଆଉ କୌଣସି ଅସୁବିଧା ନାହିଁ । ତା' ଛଡ଼ା, ଦିଲ୍ଲୀ, ମସୋରୀରେ ରହୁଥିବା ଓଡ଼ିଆଏ ବର୍ଷକୁ ଥରେ



ଘରକୁ ଆସି ପାରୁ ନ ଥିବାବେଳେ ସେତ ପ୍ରାୟ ସପରିବାର ପ୍ରତି ୨ ବର୍ଷରେ ୨ ମାସ ପାଇଁ ଓଡ଼ିଶା ଆସି ବାପା, ବୋଉଙ୍କୁ ଦେଖି ପାରୁଛନ୍ତି——କିଛି ଗବେଷଣା କାର୍ଯ୍ୟ ମଧ୍ୟ ଓଡ଼ିଶାରେ କରିପାରୁଛନ୍ତି ।

୧୯୭୨ ରେ ସେ CSMR ଡ଼ିରେକଟର ପଦକୁ ଉନ୍ନୀତ ହେଲେ । ସେହି ବର୍ଷ ସେ Nuffild Fellowship ପାଆନ୍ତି । ଏହା ସହିତ ସେ ଶିକ୍ଷା ମନୋବିଜ୍ଞାନର ପ୍ରଫେସର ମଧ୍ୟ ହେଲେ । ବିଜ୍ଞାନ କ୍ଷେତ୍ରରେ ତୀବ୍ର ପ୍ରତିଯୋଗିତା ଚାଲିଥିବା କାନାଡ଼ା ଭଳି ଦେଶରେ ଦୁଇ ଦୁଇଟି ଉଚ୍ଚ ପଦବୀରେ ଜଣେ ଓଡ଼ିଆ ଯୁବ ବୈଜ୍ଞାନିକ ନିଯୁକ୍ତି ପାଇବା ଗୌରବର କଥା ନିଶ୍ଚୟ ।

ଅଧିକାଂଶ ଖ୍ୟାତିସଂପନ୍ନ ଆନ୍ତର୍ଜାତିକ ଗବେଷଣା ଅନୁଷ୍ଠାନ ସହିତ ସେ ସକ୍ରିୟ ସଭ୍ୟ ଭାବରେ ସଂପୃକ୍ତ । ସେଥିମଧ୍ୟରୁ "ଆମେରିକା ମନୋବିଜ୍ଞାନ ସଂସଦ" (APA), "American Association for Advancement of Science", "Internatio-nal Association for Scientific Study of Mental Deficiency" ଏବଂ "Canadian Psychological Society" ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଦୁର୍ଲଭ ବୈଜ୍ଞାନିକ—ନାମ—ସୂଚୀ, ଯଥା, "American Men and Women of Science", "Who's Who in the West" ଏବଂ "International Scholars Directory" ରେ ତାଙ୍କର ନାମ ଅନ୍ତର୍ଭୁକ୍ତ ହୋଇଛି । ଅନ୍ୟୂନ ଶତାଧିକ ଗବେଷଣାତ୍ମକ ପ୍ରବନ୍ଧମାନ ପୃଥିବୀରେ ବିଭିନ୍ନ ଆନ୍ତର୍ଜାତିକ ଗବେଷଣା ପତ୍ରିକାରେ ପ୍ରକାଶିତ ହେବା ଛଡ଼ା ଡ଼ଃ. ଦାସଙ୍କ ଦ୍ୱାରା ନିମ୍ନଲିଖିତ ପୁସ୍ତକଗୁଡ଼ିକ ତାଙ୍କର ଗବେଷଣାର ସ୍ୱାକ୍ଷର ବହନ କରିଛନ୍ତି, ଯଥା :

(1) Verbal Conditioning and Behaviour (Pergamun Press, Oxford, London).

(2) Mental Retardation for Special Educators (C. C. Thromas Publishers, Illinois, U. S. A.)

ଓଡ଼ିଆରେ—"ସମାଜ", "ଅସୁସ୍ଥ ମନ", ଏବଂ "ପରୀକ୍ଷାମୂଳକ ମନୋବିଜ୍ଞାନ" । ଏହାଛଡ଼ା ତାଙ୍କର ପିଏଚ୍. ଡ଼ି. ଥେସିସ୍ "An Experimental Study of the Relation between Hypnosis, Conditioning, and Reactive Inhibition ପ୍ରକାଶିତ ହୋଇଛି ।

ସେ ନିକଟ ଅତୀତରେ ସୋଭିଏତ୍ ଋଷିଆର ଏକାଡ଼େମୀ ଅଫ୍ ସାଇନ୍ସ୍ ଦ୍ୱାରା ନିମନ୍ତ୍ରିତ ହୋଇ ସୋଭିଏତ୍ ଋଷିଆ ପରିଭ୍ରମଣରେ ଯାଇଥିଲେ । ଋଷିଆର ପ୍ରସିଦ୍ଧ ମନୋ-



ବିଜ୍ଞାନୀ ଲୁରିଆ, ଚମସ୍କି ଏବଂ ସାଇମୋନୋଭ୍ ପ୍ରଭୃତିଙ୍କ ସହିତ ବ୍ୟକ୍ତିଗତ ଭାବେ, ତାଙ୍କର ଗବେଷଣାତ୍ମକ ଦୃଷ୍ଟି-ଭଙ୍ଗୀର ଆଦାନ ପ୍ରଦାନ ହୋଇଥିଲା । ସେଠାକାର

ମସ୍କୋ ବିଶ୍ୱବିଦ୍ୟାଳୟ, ଲେନିନ୍‌ଗ୍ରାଡ୍ ପ୍ରଭୃତିର ବିଭିନ୍ନ ଅନୁଷ୍ଠାନରେ ସେ ଭାଷଣ ଦେଇଥିଲେ । ମନୋବିଜ୍ଞାନର ଅଗ୍ରଗତି ସଂପର୍କରେ ଋଷ ଦେଶରେ ତାଙ୍କର ଅନୁଭୂତି "Canadian Journal of Psychology"ରେ ପ୍ରକାଶିତ ।

ଜଣେ ଶିକ୍ଷାବିତ୍ ଭାବରେ ଡ଼ଃ. ଦାସ ମୁଖ୍ୟତଃ ଶିକ୍ଷକ ଓ ଗବେଷକ । ତାଙ୍କର ମେଧାବୀ ଅନ୍ତର୍ଦୃଷ୍ଟି, ବିଚକ୍ଷଣ, ପ୍ରତିଭା, ସାଧନା ତଥା ମୌଳିକ ଗବେଷକ ଭାବରେ ପ୍ରତିଷ୍ଠା ଛଡ଼ା ତାଙ୍କର ମାନବିକତା ଓ ଅନଗ୍ରସର ଓଡ଼ିଶା ପ୍ରତି ସମ୍ବେଦନଶୀଳତା ତାଙ୍କର ଛାତ୍ର ମାତ୍ରେଇ ଜାଣନ୍ତି । ବାଣୀବିହାର କ୍ୟାଂପସ୍‌ରେ ଥିଲାବେଳେ ସେଠାକାର ଜନୈକ ଝାଡୁଦାର "କାର୍ତ୍ତିକ"ର ଛୋଟ ପୁଅକୁ ଡ଼ଃ. ଦାସ ଓ ଶ୍ରୀମତୀ ଦାସ ନିଜ ଘରେ ପାଠ ପଢ଼ାଉଥିଲେ । ତାଙ୍କ ନାଁ ପଡ଼ିଲେ କାର୍ତ୍ତିକ ଭାବ ପ୍ରବଣ ହୋଇ କୁହନ୍ତି, "ସେଭଳି ବାବୁ ଆଉ ମିଳିବେ ନାହିଁ" । ନିଜର ଓଡ଼ିଶାରେ ବିଶ୍ୱ-ବିଦ୍ୟାଳୟ ଶିକ୍ଷକ ଭାବେ ରହଣି କାଳରେ ନିଜ ଘରେ ଜଣେ ଜଣେ ଗରିବ ଛାତ୍ରକୁ ରଖି ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । କିନ୍ତୁ ଏହା ଏଭଳି ଗୋପନରେ କରୁଥିଲେ ଯେ ସେହି ଛାତ୍ରଟି ବ୍ୟତୀତ ସେ କଥା ଆଉ କେହି ଜାଣୁ ନଥିଲେ । ସେହିପରି ଉପାଧ୍ୟାୟଙ୍କର ପ୍ରଥମ ଛାତ୍ରାବାସର ତତ୍ତ୍ୱାବଧାରକ ଥିଲାବେଳେ ବହୁ ମେଧାବୀ ଦରିଦ୍ର ଛାତ୍ରଙ୍କର ବିନା ଦେୟରେ ଖାଦ୍ୟ ପେୟର ସୁବିଧା କରିଦେଇଥିଲେ । ଏହା ଏଭଳି ଭାବରେ କରାଯାଉଥିଲା ଯେ ସେ ବିଷୟରେ ଅଳ୍ପ କେତେଜଣ ମାତ୍ର ଜାଣୁଥିଲେ । ତା'ଛଡ଼ା ବହୁ ଦରିଦ୍ର ଛାତ୍ର ତାଙ୍କଠାରୁ ଆର୍ଥିକ ସାହାଯ୍ୟ ଦ୍ୱାରା ଉପକୃତ ହୋଇଛନ୍ତି ମଧ୍ୟ । (ଜଣେ ଉପକୃତ ଛାତ୍ରଙ୍କଠାରୁ ଲେଖକ ଏହା ନିଜେ ଶୁଣିଛି) ।


ଡ଼ଃ. ଦାସଙ୍କ ପତ୍ନୀ ଶ୍ରୀମତୀ ଗୀତା ଦାସ ଲଣ୍ଡନ୍ ବିଶ୍ୱ-ବିଦ୍ୟାଳୟରୁ ମନୋବିଜ୍ଞାନରେ ଏମ୍. ଏ. କରି ପ୍ରଥମେ ରେଭେନ୍‌ସା ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ଥିଲେ । ତାଙ୍କର ପରମ ବୈଷ୍ଣବ ପିତା ଶ୍ରୀଯୁକ୍ତ ବିଶ୍ୱନାଥ ଦାସ, ମାତା ଶ୍ରୀମତୀ ନୀଳମଣି ଦେବୀଙ୍କ ସହିତ ଭୁବନେଶ୍ୱରରେ ଅବସର ଜୀବନ-ଯାପନ କରୁଛନ୍ତି । ଡ଼ଃ. ଦାସଙ୍କର ଦୁଇଜଣ ସାନଭାଇଙ୍କ ମଧ୍ୟରୁ ଖ୍ୟାତନାମା ହୃଦ୍‌ରୋଗ ବିଶେଷଜ୍ଞ ଡ଼ଃ. ଯଦୁନାଥ ପ୍ରସାଦ ଦାସ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜରେ କାର୍ଡ଼ିଓଲୋଜି ବିଭାଗର ପ୍ରଫେସର । କନିଷ୍ଠ ଡ଼କ୍ଟର ରାଧାନାଥ ପ୍ରସାଦ ଦାସ ପି. ଏଚ. ଡ଼ି (ପେନ୍‌ସିଲ୍‌ଭାନିଆ) ହିନ୍ଦୁସ୍ଥାନ ଷ୍ଟିଲ୍‌ର ରିସର୍ଚ୍ଚ ଇଞ୍ଜିନିୟର ଭାବରେ ରାଞ୍ଚିଠାରେ ଅବସ୍ଥାପିତ ।

ପ୍ରତି ଦୁଇବର୍ଷରେ ଡ଼ଃ. ଦାସ ଓଡ଼ିଶାକୁ ଆସି କିଛି ନା କିଛି ଗବେଷଣା କରିଥାଆନ୍ତି । ଗତ ଦୁଇବର୍ଷ ତଳେ ଓଡ଼ିଶା ଆସି ପାଞ୍ଚ ମାସ ରହଣି ମଧ୍ୟରେ ସେ ଶାସନୀ ବ୍ରାହ୍ମଣ ଓ କୋରାପୁଟର ଆଦିବାସୀ ତଥା ଉପକୂଳ ଅଞ୍ଚଳର ହରିଜନ ପିଲାଙ୍କର ବୁଦ୍ଧିଗତ ଓ ଜ୍ଞାନାତ୍ମକ ତାରତମ୍ୟ ଉପରେ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ଏହି ସଂକ୍ରାନ୍ତରେ (Cross Cultural Studies) ସେ ସେତିକିବେଳେ ଶ୍ରୀଲଙ୍କାରେ ଦୁଇମାସ କଟାଇଥିଲେ । କାନାଡ଼ା ଫେରିବା ପରେ ତାଙ୍କର ପୁଣି ଗବେଷଣା ଉଦ୍ଦେଶ୍ୟରେ ଅଷ୍ଟ୍ରେଲିୟା ଯିବାର କାର୍ଯ୍ୟକ୍ରମ ରହିଛି ।

ଆଶା କରାଯାଏ, ଏହି ଶିକ୍ଷାବିତ୍ ତଥା ଯୁବ ବୈଜ୍ଞାନିକଙ୍କର ଗବେଷଣା କୃତିତ୍ୱ, ସାଧନା ଓ ନିଷ୍ଠା ସର୍ବୋପରି କର୍ମପ୍ରବଣତା ଆମର ନୂତନ ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରେରିତ କରିବ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଦ୍ଭାବିତ ଅବଦାନମାନ ଆମ ଦେଶବାସୀଙ୍କର ଅଧିକରୁ ଅଧିକ ଉପକାରରେ ଲାଗିପାରିବ ।

ାନୋବିଜ୍ଞାନ ବିଭାଗ,
ୃକଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର





# ଜିଅନ୍ତା ଶାଳଗ୍ରାମ

ଆଧୁନିକ ପ୍ରତିଷ୍ଠିତ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ଲିଖିତ ଏ ବହିଟିରେ ପ୍ରାୟ ଶତାଧିକ କ୍ଷୁଦ୍ର କବିତା ରହିଛି । ପ୍ରହରାଜ ବାବୁଙ୍କ କବିତାଗୁଡ଼ିକ ସର୍ବଦା ଏକ ଭିନ୍ନ ସ୍ତରର ଅନୁଭୂତି ଓ ସ୍ୱାଦ ପାଠକର ମନରେ ସଞ୍ଚାର କରିଥାଏ । କବି ନିଜେ ଏ ବହିର ଭୂମିକାରେ କହିଛନ୍ତି—"କବିତାର ଊର୍ଦ୍ଧ୍ୱରେ ଆଉ ଏକ ଜଗତ ରହିଛି ଯାହାକୁ ବ୍ୟକ୍ତ କରି ହୁଏ ନାହିଁ । ସେ ଜଗତର ଜ୍ୟୋତି ସମ୍ମୁଖରେ ସବୁ କିଛି ମ୍ଳାନ" । ପ୍ରହରାଜ ଏଠାରେ ଋଷି କବିମାନଙ୍କର ଊର୍ଦ୍ଧ୍ୱଚେତନାର କଥା କହିଛନ୍ତି । ଅବଶ୍ୟ ସେହି ଋକର ମନ୍ତ୍ର କବିତା ଉଚ୍ଚାରଣ କରିବା ଆମ ସାଧାରଣ କବିଙ୍କ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ଯେଉଁ କବିମାନେ ଏକ ଊର୍ଦ୍ଧ୍ୱଲୋକର ସତ୍ୟ, ଶିବ ଓ ସୁନ୍ଦରର ଚେତନା ଲାଭ କରିବାକୁ ବ୍ୟାକୁଳ ବା ଆସ୍ପୃହାବନ୍ତ—ସେମାନଙ୍କ ହୃଦୟରେ ବେଳେ ବେଳେ ଏପରି ସବୁ ଅନୁଭୂତି ବା ଉପଲବ୍ଧିର ଢେଉ ଉଠେ, ଯାହାକି ପାଠକର ତପ୍ତ ପ୍ରାଣକୁ ଶୀତଳ କରିଦିଏ ଓ ପଙ୍କିଳ ଚେତନାକୁ ନିର୍ମଳ କରିବାରେ ସାହାଯ୍ୟ କରିଥାଏ । ତମସାଚ୍ଛନ୍ନ ଚେତନାକୁ ଉଦ୍ଦୀପ୍ତ କରିଦିଏ । ଉଚ୍ଚାଙ୍ଗ କବିତା ତେଣୁ କବିର ସାଧାରଣ ମନର ବ୍ୟକ୍ତିଗତ କ୍ରିୟା ପ୍ରତିକ୍ରିୟାରୁ ଉଦ୍‌ଭୁତ ହୁଏ ନାହିଁ । କବିର ଦେହଗତ, ପ୍ରାଣଗତ ବା ମନୋଗତ ଚେତନା ଭୂମିକୁ ସ୍ପର୍ଶ କରି ମଧ୍ୟ ଉଚ୍ଚାଙ୍ଗ କବିତାର ସୃଷ୍ଟି ହୋଇ ପାରିବ—ଯଦି କବିତାର ମୂଳ ଥିମ୍‌ଟି ତାର ଚୈତ୍ୟସ୍ତରରୁ ଉଦ୍‌ଭୁତ ହୋଇଥିବ ।

"ଜିଅନ୍ତା ଶାଳଗ୍ରାମ"ର ଛୋଟ ଛୋଟ କବିତାଗୁଡ଼ିକ ପଢ଼ିଲା ବେଳେ ମନରେ ବିଶ୍ୱାସ ଆସେ ଯେ ଏଗୁଡ଼ିକ ଭିତରେ କବିଙ୍କ ବ୍ୟକ୍ତିତ୍ୱର ଗଭୀରତମ ଚୈତ୍ୟ ଚେତନାଞ୍ଚଳର କିଛି କିଛି ଅନୁଭୂତିର ସ୍ପର୍ଶ ରହିଛି । କବି ପୁରୁଷ ଏଗୁଡ଼ିକର ଆତ୍ମସ୍ଥ, ଧ୍ୟାନସ୍ଥ ଓ ତଥାପି ଗୀତିମୁଖର । ସେଥିଲାଗି, ଜଗତର ଯାବତୀୟ ବିଷୟ ଓ ଭାବରାଜି ପ୍ରହରାଜଙ୍କ ହୃଦୟର ଏକ ଗଭୀର ପବିତ୍ର ଉପଲବ୍ଧିର କ୍ଷେତ୍ର ଭିତରକୁ ପ୍ରବେଶ କରି ସ୍ୱତଃ ରୂପାନ୍ତରିତ ହୋଇ ଯାଇଛନ୍ତି ଏବଂ ସେହି ରୂପାନ୍ତରିତ ଅବସ୍ଥାରେ କାବ୍ୟିକ ଅଭିବ୍ୟକ୍ତି ଲାଭ କରିଛନ୍ତି ।

ପ୍ରତିଟି କବିତା ଆଙ୍ଗିକରେ ପାଶ୍ଚାତ୍ୟ ଲିମେରିକ୍, ଜାପାନୀ ହାଇକୁ, ସଂସ୍କୃତ ଶ୍ଳୋକ ବା ଓଡ଼ିଆର ଢଗଢ଼ମାଳି ଭଳି ଖୁବ୍ ଛୋଟ । ସତେକି ଛୋଟ ଛୋଟ ସଂପୂଜିତ ଶାଳଗ୍ରାମ ଗୁଡ଼ିଏ । କିମ୍ବା ପ୍ରତିଟି କବିତା ସତେକି ପୂଜା ସକାଶେ ନିବେଦିତ ତୁଳସୀ ପତ୍ରଟିଏ ଅଥବା

ମସ୍କୋ ବିଶ୍ୱବିଦ୍ୟାଳୟ, ଲେନିନ୍‌ଗ୍ରାଡ୍ ପ୍ରଭୃତିର ବିଭିନ୍ନ ଅନୁଷ୍ଠାନରେ ସେ ଭାଷଣ ଦେଇଥିଲେ । ମନୋବିଜ୍ଞାନର ଅଗ୍ରଗତି ସଂପର୍କରେ ଋଷ ଦେଶରେ ତାଙ୍କର ଅନୁଭୂତି "Canadian Journal of Psychology" ରେ ପ୍ରକାଶିତ ।

ଜଣେ ଶିକ୍ଷାବିତ୍ ଭାବରେ ଡ଼ଃ. ଦାସ ମୁଖ୍ୟତଃ ଶିକ୍ଷକ ଓ ଗବେଷକ । ତାଙ୍କର ମେଧାବୀ ଅନ୍ତର୍ଦୃଷ୍ଟି, ବିଚକ୍ଷଣ, ପ୍ରତିଭା, ସାଧନା ତଥା ମୌଳିକ ଗବେଷକ ଭାବରେ ପ୍ରତିଷ୍ଠା ଛଡ଼ା ତାଙ୍କର ମାନବିକତା ଓ ଅନଗ୍ରସର ଓଡ଼ିଶା ପ୍ରତି ସମ୍ବେଦନଶୀଳତା ତାଙ୍କର ଛାତ୍ର ମାତ୍ରେଇ ଜାଣନ୍ତି । ବାଣୀବିହାର କ୍ୟାଂପସ୍‌ରେ ଥିଲାବେଳେ ସେଠାକାର ଜନୈକ ଝାଡୁଦାର "କାର୍ତ୍ତିକ"ର ଛୋଟ ପୁଅକୁ ଡ଼ଃ. ଦାସ ଓ ଶ୍ରୀମତୀ ଦାସ ନିଜ ଘରେ ପାଠ ପଢ଼ାଉଥିଲେ । ତାଙ୍କ ନାଁ ପଡ଼ିଲେ କାର୍ତ୍ତିକ ଭାବ ପ୍ରବଣ ହୋଇ କୁହନ୍ତି, "ସେଭଳି ବାବୁ ଆଉ ମିଳିବେ ନାହିଁ" । ନିଜର ଓଡ଼ିଶାରେ ବିଶ୍ୱ-ବିଦ୍ୟାଳୟ ଶିକ୍ଷକ ଭାବେ ରହଣି କାଳରେ ନିଜ ଘରେ ଜଣେ ଜଣେ ଗରିବ ଛାତ୍ରଙ୍କୁ ରଖି ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । କିନ୍ତୁ ଏହା ଏଭଳି ଗୋପନରେ କରୁଥିଲେ ଯେ ସେହି ଛାତ୍ରଟି ବ୍ୟତୀତ ସେ କଥା ଆଉ କେହି ଜାଣୁ ନଥିଲେ । ସେହିପରି ଉପାଧ୍ୟାୟଙ୍କର ପ୍ରଥମ ଛାତ୍ରାବାସର ତତ୍ତ୍ୱାବଧାରକ ଥିଲାବେଳେ ବହୁ ମେଧାବୀ ଦରିଦ୍ର ଛାତ୍ରଙ୍କର ବିନା ଦେୟରେ ଖାଦ୍ୟ ପେୟର ସୁବିଧା କରିଦେଇଥିଲେ । ଏହା ଏଭଳି ଭାବରେ କରାଯାଉଥିଲା ଯେ ସେ ବିଷୟରେ ଅଳ୍ପ କେତେଜଣ ମାତ୍ର ଜାଣୁଥିଲେ । ତା'ଛଡ଼ା ବହୁ ଦରିଦ୍ର ଛାତ୍ର ତାଙ୍କଠାରୁ ଆର୍ଥିକ ସାହାଯ୍ୟ ଦ୍ୱାରା ଉପକୃତ ହୋଇଛନ୍ତି ମଧ୍ୟ । (ଜଣେ ଉପକୃତ ଛାତ୍ରଙ୍କଠାରୁ ଲେଖକ ଏହା ନିଜେ ଶୁଣିଛି) ।


ଡ଼ଃ. ଦାସଙ୍କ ପତ୍ନୀ ଶ୍ରୀମତୀ ଗୀତା ଦାସ ଲଣ୍ଡନ୍ ବିଶ୍ୱ-ବିଦ୍ୟାଳୟରୁ ମନୋବିଜ୍ଞାନରେ ଏମ. ଏ. କରି ପ୍ରଥମେ ରେଭେନ୍‌ସା ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟା-ପିକା ଥିଲେ । ତାଙ୍କର ପରମ ବୈଷ୍ଣବ ପିତା ଶ୍ରୀଯୁକ୍ତ ବିଶ୍ୱନାଥ ଦାସ, ମାତା ଶ୍ରୀମତୀ ନୀଳମଣି ଦେବୀଙ୍କ ସହିତ ଭୁବନେଶ୍ୱରରେ ଅବସର ଜୀବନ-ଯାପନ କରୁଛନ୍ତି । ଡ଼ଃ. ଦାସଙ୍କର ଦୁଇଜଣ ସାନଭାଇଙ୍କ ମଧ୍ୟରୁ ଖ୍ୟାତନାମା ହୃଦ୍‌ରୋଗ ବିଶେଷଜ୍ଞ ଡ଼ଃ. ଯଦୁନାଥ ପ୍ରସାଦ ଦାସ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜରେ କାର୍ଡ଼ିଓଲୋଜି ବିଭାଗର ପ୍ରଫେସର । କନିଷ୍ଠ ଡ଼କ୍ଟର ରାଧାନାଥ ପ୍ରସାଦ ଦାସ ପି. ଏଚ. ଡ଼ି (ପେନ୍‌ସିଲ୍‌ଭାନିଆ) ହିନ୍ଦୁସ୍ଥାନ ଷ୍ଟିଲ୍‌ର ରିସର୍ଚ୍ଚ ଇଞ୍ଜିନିୟର ଭାବରେ ରାଉରକେଲା ... 

ପ୍ରତି ଦୁଇବର୍ଷରେ ଡ଼ଃ. ଦାସ ଓଡ଼ିଶାକୁ ଆସି କିଛି ନା କିଛି ଗବେଷଣା କରିଥାଆନ୍ତି । ଗତ ଦୁଇବର୍ଷ ତଳେ ଓଡ଼ିଶା ଆସି ପାଞ୍ଚ ମାସ ରହଣି ମଧ୍ୟରେ ସେ ଶାସନୀ ବ୍ରାହ୍ମଣ ଓ କୋରାପୁଟର ଆଦିବାସୀ ତଥା ଉପକୂଳ ଅଞ୍ଚଳର ହରିଜନ ପିଲାଙ୍କର ବୁଦ୍ଧିଗତ ଓ ଜ୍ଞାନାତ୍ମକ ତାରତମ୍ୟ ଉପରେ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ଏହି ସଂକ୍ରାନ୍ତରେ (Cross Cultural Studies) ସେ ସେତିକିବେଳେ ଶ୍ରୀଲଙ୍କାରେ ଦୁଇମାସ କଟାଇଥିଲେ । କାନାଡ଼ା ଫେରିବା ପରେ ତାଙ୍କର ପୁଣି ଗବେଷଣା ଉଦ୍ଦେଶ୍ୟରେ ଅଷ୍ଟ୍ରେଲିଆ ଯିବାର କାର୍ଯ୍ୟକ୍ରମ ରହିଛି ।

ଆଶା କରାଯାଏ, ଏହି ଶିକ୍ଷାବିତ୍ ତଥା ଯୁବ ବୈଜ୍ଞାନିକଙ୍କର ଗବେଷଣା କୃତିତ୍ୱ, ସାଧନା ଓ ନିଷ୍ଠା ସର୍ବୋପରି କର୍ମପ୍ରବଣତା ଆମର ନୂତନ ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରେରିତ କରିବ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଦ୍ଭାବିତ ଅବଦାନମାନ ଆମ ଦେଶବାସୀଙ୍କର ଅଧିକରୁ ଅଧିକ ଉପକାରରେ ଲାଗିପାରିବ ।

ମନୋବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର





# ଜିଅନ୍ତା ଶାଳଗ୍ରାମ

ଆଧୁନିକ ପ୍ରତିଷ୍ଠିତ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ଲିଖିତ ଏ ବହିଟିରେ ପ୍ରାୟ ଶତାଧିକ କ୍ଷୁଦ୍ର କବିତା ରହିଛି । ପ୍ରହରାଜ ବାବୁଙ୍କ କବିତାଗୁଡ଼ିକ ସର୍ବଦା ଏକ ଭିନ୍ନ ସ୍ତରର ଅନୁଭୂତି ଓ ସ୍ୱାଦ ପାଠକର ମନରେ ସଞ୍ଚାର କରିଥାଏ । କବି ନିଜେ ଏ ବହିର ଭୂମିକାରେ କହିଛନ୍ତି—"କବିତାର ଉର୍ଦ୍ଧ୍ୱରେ ଆଉ ଏକ ଜଗତ ରହିଛି ଯାହାକୁ ବ୍ୟକ୍ତ କରି ହୁଏ ନାହିଁ । ସେ ଜଗତର ଜ୍ୟୋତି ସମ୍ମୁଖରେ ସବୁ କିଛି ମ୍ଳାନ" । ପ୍ରହରାଜ ଏଠାରେ ଋଷି କବିମାନଙ୍କର ଉତଚେତନାର କଥା କହିଛନ୍ତି । ଅବଶ୍ୟ ସେହି ଉଚ୍ଚର ମନ୍ତ୍ର କବିତା ଉଚ୍ଚାରଣ କରିବା ଆମ ସାଧାରଣ କବିଙ୍କ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ଯେଉଁ କବିମାନେ ଏକ ଉର୍ଦ୍ଧ୍ୱଲୋକର ସତ୍ୟ, ଶିବ ଓ ସୁନ୍ଦରର ଚେତନା ଲାଭ କରିବାକୁ ବ୍ୟାକୁଳ ବା ଆସ୍ପୃହାବନ୍ତ—ସେମାନଙ୍କ ହୃଦୟରେ ବେଳେ ବେଳେ ଏପରି ସବୁ ଅନୁଭୂତି ବା ଉପଲବ୍ଧିର ଢେଉ ଉଠେ, ଯାହାକି ପାଠକର ତପ୍ତ ପ୍ରାଣକୁ ଶୀତଳ କରିଦିଏ ଓ ପଙ୍କିଳ ଚେତନାକୁ ନିର୍ମଳ କରିବାରେ ସାହାଯ୍ୟ କରିଥାଏ । ତମସାଛନ୍ନ ଚେତନାକୁ ଉଦ୍ଦୀପ୍ତ କରିଦିଏ । ଉଚ୍ଚାଙ୍ଗ କବିତା ତେଣୁ କବିର ସାଧାରଣ ମନର ବ୍ୟକ୍ତିଗତ କ୍ରିୟା ପ୍ରତିକ୍ରିୟାରୁ ଉଦ୍‌ଭୂତ ହୁଏ ନାହିଁ । କବିର ଦେହଗତ, ପ୍ରାଣଗତ ବା ମନୋଗତ ଚେତନା ଭୂମିକୁ ସ୍ପର୍ଶ କରି ମଧ୍ୟ ଉଚ୍ଚାଙ୍ଗ କବିତାର ସୃଷ୍ଟି ହୋଇ ପାରିବ—ଯଦି କବିତାର ମୂଳ ଥିମ୍‌ଟି ତାର ଚୈତ୍ୟସ୍ତରରୁ ଉଦ୍‌ଭୂତ ହୋଇଥିବ ।

"ଜିଅନ୍ତା ଶାଳଗ୍ରାମ"ର ଛୋଟ ଛୋଟ କବିତାଗୁଡ଼ିକ ପଢ଼ିଲା ବେଳେ ମନରେ ବିଶ୍ୱାସ ଆସେ ଯେ ଏଗୁଡ଼ିକ ଭିତରେ କବିଙ୍କ ବ୍ୟକ୍ତିତ୍ୱର ଗଭୀରତମ ଚୈତ୍ୟ ଚେତନାଞ୍ଚଳର କିଛି କିଛି ଅନୁଭୂତିର ସ୍ପର୍ଶ ରହିଛି । କବି ପୁରୁଷ ଏଗୁଡ଼ିକର ଆତ୍ମସ୍ଥ, ଧ୍ୟାନସ୍ଥ ଓ ତଥାପି ଗୀତିମୁଖର । ସେଥିଲାଗି, ଜଗତର ଯାବତୀୟ ବିଷୟ ଓ ଭାବରାଜି ପ୍ରହରାଜଙ୍କ ହୃଦୟର ଏକ ଗଭୀର ପବିତ୍ର ଉପଲବ୍ଧିର କ୍ଷେତ୍ର ଭିତରକୁ ପ୍ରବେଶ କରି ସ୍ୱତଃ ରୂପାନ୍ତରିତ ହୋଇ ଯାଇଛନ୍ତି ଏବଂ ସେହି ରୂପାନ୍ତରିତ ଅବସ୍ଥାରେ କାବ୍ୟିକ ଅଭିବ୍ୟକ୍ତି ଲାଭ କରିଛନ୍ତି ।

ପ୍ରତିଟି କବିତା ଆଙ୍ଗିକରେ ପାଶ୍ଚାତ୍ୟ ଲିମେରିକ, ଜାପାନୀ ହାଇକୁ, ସଂସ୍କୃତ ଶ୍ଳୋକ ବା ଓଡ଼ିଆର ଢଗଢ଼ମାଳି ଭଳି ଖୁବ୍ ଛୋଟ । ସତେକି ଛୋଟ ଛୋଟ ସଂପୂଜିତ ଶାଳଗ୍ରାମ ଗୁଡ଼ିଏ । କିମ୍ବା ପ୍ରତିଟି କବିତା ସତେକି ପୂଜା ସକାଶେ ନିବେଦିତ ତୁଳସୀ ପତ୍ରଟିଏ ଅଥବା

"ଦେହ " ଓ ଆତ୍ମା" ପରି ଦୁଇଟି ନିଗୂଢ଼ ବିଷୟର ଉପଲବ୍ଧି ପ୍ରହରାଜ କରିଛନ୍ତି—ଏହିପରି—ଦେବତା କୁଆଡ଼େ ଅଦୃଶ୍ୟ ଏବଂ ତାଙ୍କର ପାଦ୍ ଭୂଇଁରେ ଲାଗେ ନାହିଁ । ଅଥଚ—

ସମସ୍ତ ଜାଣିବା ସତ୍ତ୍ୱେ
ସେ ଗଢ଼ିଲେ
ମନ୍ଦିର ତଥାପି ।

ଏହି ମନ୍ଦିରର ରୂପକଟି ହେଲା ଦେହ । ଏବଂ ଏହା ଦେବତା ଲାଗି ପୁଣି ଏକ ଅବଶ୍ୟମ୍ଭାବୀ ଅତିରିକ୍ତତା । ଏବଂ ଏହି ସତ୍ୟ ଆତ୍ମଦର୍ଶୀ ଲାଗି କିଂଚିତ ହାସ୍ୟକର ହେଲେବି—ଏହା ପଛରେ ଏକ ସଚେତନ ସିଦ୍ଧାନ୍ତ ଅଛି । କାରଣ "ସମସ୍ତ ଜାଣିବା ସତ୍ତ୍ୱେ"—ଏବଂ "ତଥାପି" ପଦ ଦୁଇଟି ତାର ଅଦ୍ଭୁତ ସାର୍ଥକତା ପ୍ରମାଣ କରୁଛି ।

ସେହିପରି "ଆତ୍ମା" କବିତାଟି ଦେଖନ୍ତୁ—"ସେ" ନାମକ କର୍ତ୍ତାଟି ଦଲିଲରେ ଟିପଚିହ୍ନ ଦିଏ—ଅଥଚ ଚୁକ୍ତିରେ ଏ ସତ୍ତ୍ୱଟି କାହାର ବା କିଏ ଅଧିକାରୀ, ସେ କଥା ଦେଖେ-ନାହିଁ । କାରଣ—

ସମସ୍ତ ସଂପତ୍ତି ତାର
ସେ ନୁହେଁ କାହାରି ।

ଏତେ କମ୍ କଥାରେ "ଆତ୍ମା"ର ସ୍ୱରୂପ ସୂଚାଇ ଦେବା ପ୍ରହରାଜଙ୍କର ପରି ଆତ୍ମାନୁଭବୀ କବି ପକ୍ଷରେ ହିଁ ସମ୍ଭବ । "ଦଲିଲ" "ସତ୍ତ୍ୱ" "ଅଧିକାରୀ" "ଟିପଚିହ୍ନ" "ଚୁକ୍ତି" ଆଦି ଶବ୍ଦଗୁଡ଼ିକ ଅତ୍ୟନ୍ତ ସ୍ଥୂଳ ଓ କଚେରୀୟା ହେଲେବି ନୈର୍ବ୍ୟକ୍ତିକ ଆତ୍ମାର ବ୍ୟକ୍ତତା ସୂଚାଇ ଦେଇ ସେଗୁଡ଼ିକ ଆପେ ଆପେ ନିରର୍ଥକ ହୋଇ ଯାଉଅଛି । କାରଣ ସମସ୍ତ କରିବା ପରେ ବି "ଦେଖେନା" କ୍ରିୟାଟି ଆତ୍ମାର ନିର୍ଗୁଣତା ପ୍ରତିପାଦନ କରୁଛି । ନିର୍ଲେପତା ମଧ୍ୟ ସୂଚିତ ଅଛି

ଏମିତି ବହୁ ଉଦାହରଣ ଦେଇ ହେବ । ବହିର ଶେଷରେ "ମଧ୍ୟବିନ୍ଦୁ" ଶୀର୍ଷକ ଏକ ନାଟକୀୟ ଦୀର୍ଘ କବିତା ଅଛି । ଏଇଟି ଆପଣା ଦୃଷ୍ଟିରୁ ଏକ ସାର୍ଥକ ଗଭୀର କବିତା । କବିତାଟିର ନାୟିକା ଝରଣାର ବକ୍ତବ୍ୟରେ —

"ମୋ ଦେହର କାରାଗାରେ ମୁଁ ଅପେକ୍ଷା କରଇ ମୁକ୍ତିର
ଯେଉଁ ମୁକ୍ତି
ନିଜ କାରାଗାର ପରି ବନ୍ଦୀ କରୁଥିବ ମୋତେ
ଆଣିବାକୁ ରୂପାନ୍ତର ପ୍ରତ୍ୟେକ ଚେଷ୍ଟାର........"

ଏପରି ଗୁରୁତ୍ୱପୂର୍ଣ୍ଣ ଉକ୍ତି ଥିଲେ ବି ମୋର ମତ ହେଲା ଏ କବିତାଟିକୁ ଏଥିରେ ନ ଦେବା । କାରଣ ତାଙ୍କ ଏ ଯୂଇ ଫୁଲ ଭିତରେ ଆଉ ଗୋଟିଏ ମନ୍ଦାର କିମ୍ବା ପଦ୍ମ କିମ୍ବା ଖଟୁଲିଏ ଶାଳଗ୍ରାମ ଭିତରେ ଗୋଟିଏ ମୂର୍ତ୍ତି ଅବାଂଛିତ ନ ହେଲେବି କିଂଚିତ୍ ଅତିରିକ୍ତ ମନେ ହୁଏ ।

ମୋର ବିଶ୍ୱାସ ଆମର କବିତାମୋଦୀ ମାନେ ଏହି ସଂକଳନଟିକୁ ଖୁବ୍ ଆଦର କରିବେ । ଏହା ଅବସରର ଉପଯୁକ୍ତ ଖୋରାକ ହୋଇ ପାରିବ । ଅଥବା ମାନସିକ ଅବସରକୁ ବେଶ୍ କିଛି ଭାବ ବ୍ୟଂଜନାର ସରଳ ସହଜ ଆବେଦନରେ ସତେଜ କରିଦେବ ।

ବହିଟି ପ୍ରକାଶ କରିଛନ୍ତି—କେ. ମହାପାତ୍ର ଏଣ୍ଡ କୋ, ଭାଷାକୋଷଲେନ୍-କଟକ, ୨ । ଅସିତ୍ ମୁଖାର୍ଜିଙ୍କର ଅଙ୍କିତ ସୁନ୍ଦର ପ୍ରଚ୍ଛଦପଟ ଶୋଭିତ ବଡ଼େଇ ଡ଼ିମେଇ ସାଇଜ୍ ବହିଟିର ଦାମ୍ ମାତ୍ର ସାତଟି ଟଙ୍କା ।

—ମ. ନୀ. ସା.—



# ଶ୍ରୀ ରାମକୃଷ୍ଣ ଉପଦେଶ
# ବିବେକାନନ୍ଦ ବାଣୀ
# କର୍ମଯୋଗ
# ଶ୍ରୀରାମକୃଷ୍ଣ ଉପନିଷଦ୍

ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତୀୟ ଧର୍ମ ଚେତନାକୁ ନୂତନ ଦିଗ୍ ଦର୍ଶନ ଦେଇଥିଲେ ମଧ୍ୟ ସେମାନେ ସମୟ ଗଣ୍ଡିରେ ଆବଦ୍ଧ ନଥିଲେ । ସନାତନ ଧର୍ମ ପାଇଁ ପରମହଂସ ଓ ତାଙ୍କର ଯୋଗ ଶିଷ୍ୟ ନରେନ୍ (ବିବେକାନନ୍ଦ) ଥିଲେ ସନାତନ ପୁରୁଷ । 'ବ୍ରହ୍ମବିଦ ବ୍ରହ୍ମୈବ ଭବତି' । ଉଭୟ ଥିଲେ ବ୍ରହ୍ମ ସ୍ୱରୂପ । ଦେହ ତ୍ୟାଗ କରିବା ପୂର୍ବରୁ ରାମକୃଷ୍ଣ କହି ଯାଇଥିଲେ, ସେ ଭକ୍ତ ହୋଇ ନିଜର ସମସ୍ତ ଶକ୍ତି ବିବେକାନନ୍ଦଙ୍କୁ ଅର୍ପଣ କରିଛନ୍ତି । କହିବା ବାହୁଲ୍ୟ ଯେ ଗୁରୁଙ୍କର ଆଶିର୍ବାଦ ଲଭ କରି ବିବେକାନନ୍ଦ ବିଶ୍ୱ ଦରବାରରେ ଭାରତୀୟ ଆଦର୍ଶର ମହତ୍ୱ ପ୍ରତିପାଦିତ କରିଥିଲେ ।

ରାମକୃଷ୍ଣ ଓ ବିବେକାନନ୍ଦଙ୍କ ବାଣୀ ବୈଦିକ ଋଷି ମୁଖର ମନ୍ତ୍ରବାଣୀ ବ୍ୟତୀତ ଅନ୍ୟ କିଛି ନୁହେଁ । ପ୍ରଜ୍ଞାର ଉନ୍ମୀଳନ ପାଇଁ ପ୍ରତ୍ୟେକ ବ୍ୟକ୍ତି ରାମକୃଷ୍ଣ ଓ ବିବେକାନନ୍ଦଙ୍କର ଉପଦେଶାବଳୀ ମନନ କରିବା ଉଚିତ । ସାଂପ୍ରତିକ ଜୀବନରେ ଦୁଃଖ, ହତାଶା ଓ କ୍ଷୋଭର ମାତ୍ରା ଯେପରି ବଢି ଗ୍ଲଲିଛି ଜାତିପାଇଁ ତାହା କଲ୍ୟାଣକର ମନେ ହେଉନାହିଁ । ତେଣୁ ଜୀବନର ଉଚ୍ଚତର ମୂଲ୍ୟବୋଧ ସଂପର୍କରେ ସଚେତନ ହେବାପାଇଁ ପ୍ରତ୍ୟେକ ବ୍ୟକ୍ତି ସତ୍ୟନିଷ୍ଠ ସାଧନାର ତାତ୍ପର୍ଯ୍ୟ ବୁଝିବା ଉଚିତ ଏବଂ ତାହା ଅଭ୍ୟାସ କରିବା ବାଞ୍ଛନୀୟ ।

ସ୍ୱାମୀ ବ୍ରହ୍ମାନନ୍ଦ ସଂପାଦିତ 'ଶ୍ରୀ ରାମକୃଷ୍ଣ ଉପଦେଶ' (ମୂଲ୍ୟ ଏକ ଟଙ୍କା ଅଶୀ ପଇସା); 'ବିବେକାନନ୍ଦ ବାଣୀ' (ମୂଲ୍ୟ ଏକ ଟଙ୍କା); ସ୍ୱାମୀ ବିବେକାନନ୍ଦଙ୍କ 'କର୍ମଯୋଗ' (ମୂଲ୍ୟ ତିନି ଟଙ୍କା ପଚାଶ ପଇସା); ଓ ଚକ୍ରବର୍ତ୍ତି ରାଜଗୋପାଳଚାରୀଙ୍କ 'ଶ୍ରୀ ରାମକୃଷ୍ଣ ଉପନିଷଦ୍' (ମୂଲ୍ୟ ତିନି ଟଙ୍କା) ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ଭୁବନେଶ୍ୱର ରାମକୃଷ୍ଣ ମଠର ଦାନ । ଏହି ଅନୁବାଦ ଗ୍ରନ୍ଥଗୁଡ଼ିକ ସତ୍ୟର ଚିରନ୍ତନ ପ୍ରହରୀ, ମଣିଷର ହିତୈଷୀ ବନ୍ଧୁ । ଏହା ରାମକୃଷ୍ଣ ବା ବିବେକାନନ୍ଦଙ୍କର ଉପଦେଶ ନୁହେଁ ମଣିଷ ସମାଜ ପାଇଁ ଏଗୁଡ଼ିକ ଈଶ୍ୱରଙ୍କ ମୁଖ ନିଃସୃତ ଅମୃତ ବାଣୀ । ଶ୍ରୀ ରାମକୃଷ୍ଣଙ୍କ ଭାଷାରେ, "ଛାତ ଉପରେ ଜମିଥିବା ଜଳ ଯେପରି ବାଘ ମୁଖ ବାଟେ ବା ଅନ୍ୟ ନଳ ଦେଇ ପଡ଼େ, କିନ୍ତୁ ସେ ଜଳ ସେମାନଙ୍କର ନୁହେଁ—ଆକାଶର, ସେହିପରି ସାଧୁ ଭକ୍ତମାନଙ୍କର ମୁଖରୁ ଯେଉଁ ସକଳ ସତ୍ୟ, ଆଧ୍ୟାତ୍ମିକ ତତ୍ତ୍ୱ ବାହାରେ, ତାହା ସେମାନଙ୍କର ନିଜର ନୁହେଁ, ଈଶ୍ୱରଙ୍କର" । ନିମ୍ନୋକ୍ତ କେତୋଟି ଉଦାହରଣରୁ ରାମକୃଷ୍ଣଙ୍କ ବାଣୀର ସତ୍ୟତା ଅଧିକ ଉପଲବ୍ଧି କରିହେବ ।

"ଚିନିରେ ବାଲି ମିଶିଥିଲେ ପିମ୍ପୁଡ଼ି ଯେପରି ବାଲି ଛାଡ଼ି ଚିନି ଖାଏ, ସେହିପରି ସାଧୁ ଓ ପରମହଂସ ମାନେ ଏହି ସଂସାରରେ ସଦ୍‌ବସ୍ତୁ ଯେ ସଚ୍ଚିଦାନନ୍ଦ, ତାଙ୍କୁ ଗ୍ରହଣ କରନ୍ତି ଆଉ ଅସଦ୍ ବସ୍ତୁ ଯେ କାମ କାଞ୍ଚନ, ସେ ସମସ୍ତ ତ୍ୟାଗ କରନ୍ତି" ।

(ଶ୍ରୀ ରାମକୃଷ୍ଣ ଉପଦେଶ ପୃ :୪୮)

"ତୁମେ ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ସ୍ୱାଧୀନ ହୋଇପାର, କିନ୍ତୁ ଯେ ପର୍ଯ୍ୟନ୍ତ ତୁମେ ତୁମର ବାସନା କାମନାର ଦାସ ହୋଇ ରହିଛ, ସେ ପର୍ଯ୍ୟନ୍ତ ଅନାବିଳ ଆନନ୍ଦ କେଉଁଠୁ ପାଇବ, କାହିଁ ବା ତୁମର ଯଥାର୍ଥ ସ୍ୱାଧୀନତା" ।

(ଶ୍ରୀ ବିବେକାନନ୍ଦ ବାଣୀ ପୃ : ୧୭ )

"ଏହା (କର୍ମ ଯୋଗ) ର ଅର୍ଥ ମୃତ୍ୟୁର ସମ୍ମୁଖୀନ ହେଲେ ସୁଦ୍ଧା ମୁହଁ ବନ୍ଦ କରି ସମସ୍ତଙ୍କୁ ସାହାଯ୍ୟ କରିବା । ଲକ୍ଷ ଲକ୍ଷ ଥର ଲୋକ ତୁମକୁ ପ୍ରତାରଣା କରନ୍ତୁ କିନ୍ତୁ ତମେ କୌଣସି ପ୍ରଶ୍ନ କର ନାହିଁ କିମ୍ବା ତୁମେ ଯେ କୌଣସି ଭଲ କାମ କରୁଅଛ, ତାହା ମଧ୍ୟ ଭାବ ନାହିଁ" ।

(କର୍ମଯୋଗ ପୃ : ୩୭ )

ଉପସଂହାରରେ କୁହା ଯାଇପାରେ ଯେ ରାମକୃଷ୍ଣ ବା ବିବେକାନନ୍ଦଙ୍କ ଉପଦେଶ ମଣିଷ ପାଇଁ ସ୍ୱୟଂ ପରମାତ୍ମାଙ୍କ ଉପଦେଶ । କେବଳ ପାଳନ ଦ୍ୱାରାହିଁ ଉପଦେଶର ମହତ୍ତ୍ୱ ପ୍ରତିପାଦିତ ହୁଏ । ପଠନରେ ନୁହେଁ କି ଉଦ୍ଧୃତିରେ ନୁହେଁ ।

ଏହି ବହି ଗୁଡ଼ିକର ବିଶେଷ ପ୍ରସାର ସାଂପ୍ରତିକ ଜୀବନରୁ ଜଡ଼ତା ଦୂର କରିବାରେ ସହାୟକ ହେବ । ସ୍କୁଲ, କଲେଜ ଓ ଲାଇବ୍ରେରୀରେ ରାମକୃଷ୍ଣ ଓ ବିବେକାନନ୍ଦଙ୍କ ଅମୂଲ୍ୟ ଉପଦେଶ ଗ୍ରନ୍ଥମାନ ସ୍ଥାନ ପାଇଲେ ଭାରତୀୟ ସଂସ୍କୃତିର ଭିତ୍ତି ଦୃଢ଼ତର ହେବ ବୋଲି ଆଶା କରିବା ସ୍ୱାଭାବିକ ।

ପ୍ର. ସ'ନ.



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଳ ଶର୍ମା ୧୯୭୭ ନଭେମ୍ବର ୮ ତାରିଖ ଦିନ ଭୁବନେଶ୍ୱରସ୍ଥ ଧଉଳି ଶାନ୍ତିସ୍ତୂପର ବାର୍ଷିକ ଉତ୍ସବରେ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ଆଜିର ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ପ୍ରାଣବଳୀ ଦେଇଥିବା ଶହୀଦମାନଙ୍କୁ ଆମର ଆନ୍ତରିକ କୃତଜ୍ଞତା ।

# ସମାଜ

ପ୍ରତିଷ୍ଠିତ : ୧୯୧୯

ପ୍ରତିଷ୍ଠାତା :

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ଗ୍ରାମ : ସମାଜ

ଫୋନ : ୨୦୯୯୪ ଓ ୨୧୦୪୪

# ଆଜିର ଓଡ଼ିଶା

## କଣ ହେବାକୁ ଯାଉଛି

ବନ୍ୟା ଓ ପୋକଦ୍ୱାରା ଫସଲ ନଷ୍ଟ ହେବାରେ ଯେଉଁ କ୍ଷୟକ୍ଷତି ଘଟିଛି, ସେଥିଲାଗି କେନ୍ଦ୍ର ସରକାର ୮ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଦେଇଛନ୍ତି । ଗୃହ ନିର୍ମାଣ ଯୋଜନାଲାଗି ୧ କୋଟି ଟଙ୍କା ଦେଇଛନ୍ତି ।

ଆର୍ଥିକକ୍ଷେତ୍ରରେ ପଛୁଆ ଥିବାରୁ ରାଜ୍ୟର ୧୯୬୮-୬୯ ଆର୍ଥିକ ବର୍ଷର ଯୋଜନାଖର୍ଚ୍ଚ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିବାଲାଗି ଯୋଜନା କମିଶନରଙ୍କୁ ବୁଝାଇ ଦିଆଯାଇପାରିଛି ।

ଓଡ଼ିଶାରେ ଏକ ବନସ୍ପତି କାରଖାନା ପ୍ରତିଷ୍ଠା କରିବାକୁ ମସୁଧା କରାଯାଉଛି, ଏବଂ ପାରାଦ୍ୱୀପଠାରେ ଜାହାଜ ନିର୍ମାଣ କାରଖାନା ପ୍ରତିଷ୍ଠାଲାଗି ଉଦ୍ୟମ କରାଯାଉଛି ।

ଆମର ୪ଟି ସହରରେ ବିଦ୍ୟୁତ୍‌କରଣ ପାଇଁ ୨ କୋଟି ଟଙ୍କାର ଏକ ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ମଧ୍ୟ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି ।

ଦେଶର କୃଷି ଓ କୁଟୀର ଶିଳ୍ପର ଦ୍ରୁତବିକାଶ ଲାଗି ସମବାୟ ଅନୁଷ୍ଠାନର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଦୁର୍ବଳଶ୍ରେଣୀ ଲୋକଙ୍କ ଆର୍ଥିକ ଉନ୍ନତି ନିମିତ୍ତ ଯେଉଁସବୁ ଉନ୍ନୟନ ଯୋଜନାମାନ କରାଯାଉଛି, ସେଗୁଡ଼ିକ ମୁଖ୍ୟତଃ ସମବାୟ ମାଧ୍ୟମରେ ହିଁ କରାଯାଉଛି, ତେଣୁ ସମବାୟସମିତି ଓ ବ୍ୟାଙ୍କଗୁଡ଼ିକ ଏପରିଭାବେ କାର୍ଯ୍ୟକରିବା ଉଚିତ, ଯାହା ଫଳରେକି ସେମାନଙ୍କପ୍ରତି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ । ମଫସଲ ଅଞ୍ଚଳରେ ଅଧିକ ସଂଖ୍ୟାରେ ଖାଉଟି ସମବାୟ ଭଣ୍ଡାରମାନ ଖୋଲିବା ମଧ୍ୟ ବର୍ତ୍ତମାନ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲାଣି ।

ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ସମାଜବାଦ ଢାଞ୍ଚାରେ ସରକାର ଆର୍ଥିକ ନୀତି ସବୁ କାର୍ଯ୍ୟକାରୀ କରୁଛନ୍ତି । ଆର୍ଥିକ ବୈଷମ୍ୟ ଦୂରକରିବା ଆମ ସରକାରଙ୍କ ଲକ୍ଷ୍ୟ ।

କେନ୍ଦ୍ର ସରକାରଙ୍କ ଗ୍ରାମାଞ୍ଚଳପାଇଁ ଦ୍ରୁତ ପାନୀୟ ଜଳଯୋଗାଣ ଯୋଜନା ଅନୁଯାୟୀ ରାଜ୍ୟସରକାର
ଓଡ଼ିଶାପାଇଁ ୬୧କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଏବଂ ଏହା ଏବର୍ଷଠୁ ଆରମ୍ଭହୋଇ
ପାଞ୍ଚବର୍ଷ ମଧ୍ୟରେ ଶେଷ ହେବ । କେନ୍ଦ୍ର ସରକାର ଚଳିତବର୍ଷପାଇଁ ଏ ବାବଦକୁ ୧କୋଟି ୪୦ଲକ୍ଷ ଟଙ୍କା
ସ୍ୱତନ୍ତ୍ର ସାହାଯ୍ୟ ମଞ୍ଜୁର କରିଛନ୍ତି । ଏହି ଆର୍ଥିକବର୍ଷ ଭିତରେ ୧,୪୫୧ଟି ନଳକୂପ ଖନନ ପାଇଁ କାର୍ଯ୍ୟାରମ୍ଭ
ହେଲାଣି । ଆସନ୍ତା ଆର୍ଥିକବର୍ଷରେ ୧୦,୨୩୮ଟି ନଳକୂପ ଖନନ ସମାପ୍ତ ହେବ । ଏହାଫଳରେ ମୋଟ
୧୯,୬୭୮ଟି ଗ୍ରାମରେ ପାନୀୟଜଳ ସମସ୍ୟା ମେଣ୍ଟିଣ ହେବ । ଆମ ରାଜ୍ୟରେ ଏପର୍ଯ୍ୟନ୍ତ ପାନୀୟଜଳ ଅଭାବ-
ଗ୍ରସ୍ତ ୧୯,୨୭୭ଟି ଗ୍ରାମ ରହିଛି । ଜଳାଭାବ ପ୍ରପୀଡ଼ିତ ୧୮,୨୬୬ଟି ଗ୍ରାମପାଇଁ ୪୨,୪୦୦ଟି ନଳକୂପ ଖନନ
କରିବା ଏବଂ ୧,୦୧୧ଟି ଗ୍ରାମପାଇଁ ୧,୮୧୩ଟି ଜଳାଶ୍ରୟ ଖନନ କରିବାପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

(ମୁଖ୍ୟମନ୍ତ୍ରୀ—ଶ୍ରୀ ନୀଳମଣି ରାଉତରାୟଙ୍କ ବକ୍ତବ୍ୟରୁ)

ଆଜିର ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ପ୍ରାଣବଳୀ ଦେଇଥିବା ଶହୀଦମାନଙ୍କୁ ଆମର ଆନ୍ତରିକ କୃତଜ୍ଞତା ।

# ସମାଜ

ପ୍ରତିଷ୍ଠିତ : ୧୯୧୯

ପ୍ରତିଷ୍ଠାତା :

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ


ଗ୍ରାମ : ସମାଜ

ଫୋନ : ୨୦୯୯୪ ଓ ୨୧୦୪୪

# ଆଜିର ଓଡ଼ିଶା

## କଣ ହେବାକୁ ଯାଉଛି

ବନ୍ୟା ଓ ପୋକଦ୍ୱାରା ଫସଲ ନଷ୍ଟ ହେବାରେ ଯେଉଁ କ୍ଷୟକ୍ଷତି ଘଟିଛି, ସେଥିଲାଗି କେନ୍ଦ୍ର ସରକାର ୮ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଦେଉଛନ୍ତି । ଗୃହ ନିର୍ମାଣ ଯୋଜନାଲାଗି ୧ କୋଟି ଟଙ୍କା ଦେଉଛନ୍ତି ।

ଆର୍ଥିକକ୍ଷେତ୍ରରେ ପଛୁଆ ଥିବାରୁ ରାଜ୍ୟର ୧୯୬୮-୬୯ ଅର୍ଥିକ ବର୍ଷର ଯୋଜନାଖର୍ଚ୍ଚ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିବାଲାଗି ଯୋଜନା କମିଶନଙ୍କୁ ବୁଝାଇ ଦିଆଯାଇପାରିଛି ।

ଓଡ଼ିଶାରେ ଏକ ବନସ୍ପତି କାରଖାନା ପ୍ରତିଷ୍ଠା କରିବାକୁ ମଞ୍ଜୁରୀ କରାଯାଇଛି, ଏବଂ ପାରାଦ୍ୱୀପଠାରେ ଜାହାଜ ନିର୍ମାଣ କାରଖାନା ପ୍ରତିଷ୍ଠାଲାଗି ଉଦ୍ୟମ କରାଯାଉଛି ।

ଆମର ଗାଁ ଗହଳରେ ବିଦ୍ୟୁତ୍‌କରଣ ପାଇଁ ୨ କୋଟି ଟଙ୍କାର ଏକ ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ମଧ୍ୟ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି ।

ଦେଶର କୃଷି ଓ କୁଟୀର ଶିଳ୍ପର ଦ୍ରୁତବିକାଶ ଲାଗି ସମବାୟ ଅନୁଷ୍ଠାନର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଦୁର୍ବଳଶ୍ରେଣୀ ଲୋକଙ୍କ ଆର୍ଥିକ ଉନ୍ନତି ନିମିତ୍ତ ଯେଉଁସବୁ ଉନ୍ନୟନ ଯୋଜନାମାନ କରାଯାଉଛି, ସେଗୁଡ଼ିକ ମୁଖ୍ୟତଃ ସମବାୟ ମାଧ୍ୟମରେ ହିଁ କରାଯାଉଛି, ତେଣୁ ସମବାୟସମିତି ଓ ବ୍ୟାଙ୍କଗୁଡ଼ିକ ଏପରିଭାବେ କାର୍ଯ୍ୟକରିବା ଉଚିତ, ଯାହା ଫଳରେକି ସେମାନଙ୍କପ୍ରତି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ । ମଫସଲ ଅଞ୍ଚଳରେ ଅଧିକ ସଂଖ୍ୟାରେ ଖାଉଟି ସମବାୟ ଭଣ୍ଡାରମାନ ଖୋଲିବା ମଧ୍ୟ ବର୍ତ୍ତମାନ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲାଣି ।

ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ସମାଜବାଦ ଢାଞ୍ଚାରେ ସରକାର ଆର୍ଥିକ ନୀତି ସବୁ କାର୍ଯ୍ୟକାରୀ କରୁଛନ୍ତି । ଅର୍ଥିକ ବୈଷମ୍ୟ ଦୂରକରିବା ଆମ ସରକାରଙ୍କ ଲକ୍ଷ୍ୟ ।

କେନ୍ଦ୍ର ସରକାରଙ୍କ ଗ୍ରାମାଞ୍ଚଳପାଇଁ ଦ୍ରୁତ ପାନୀୟ ଜଳଯୋଗାଣ ଯୋଜନା ଅନୁଯାୟୀ ରାଜ୍ୟସରକାର ଓଡ଼ିଶାପାଇଁ ୬୧କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଏବଂ ଏହା ଏବର୍ଷରୁ ଆରମ୍ଭହୋଇ ପାଞ୍ଚବର୍ଷ ମଧ୍ୟରେ ଶେଷ ହେବ । କେନ୍ଦ୍ର ସରକାର ଚଳିତବର୍ଷପାଇଁ ଏ ବାବଦକୁ ୧କୋଟି ୪୦ଲକ୍ଷ ଟଙ୍କା ସ୍ୱତନ୍ତ୍ର ସାହାଯ୍ୟ ମଞ୍ଜୁର କରିଛନ୍ତି । ଏହି ଆର୍ଥିକବର୍ଷ ଭିତରେ ୧,୪୪୧ଟି ନଳକୂପ ଖନନ ପାଇଁ କାର୍ଯ୍ୟାରମ୍ଭ ହେଲାଣି । ଆସନ୍ତା ଆର୍ଥିକବର୍ଷରେ ୧୦,୨୩୭ଟି ନଳକୂପ ଖନନ ସମାପ୍ତ ହେବ । ଏହାଫଳରେ ମୋଟ ୧୧,୬୬୮ଟି ଗ୍ରାମରେ ପାନୀୟଜଳ ସମସ୍ୟା ମେଣ୍ଟିଣ ହେବ । ଆମ ରାଜ୍ୟରେ ଏପର୍ଯ୍ୟନ୍ତ ପାନୀୟଜଳ ଅଭାବ- ଗ୍ରସ୍ତ ୧୯,୨୬୬ଟି ଗ୍ରାମ ରହିଛି । ଜଳାଭାବ ପ୍ରପୀଡ଼ିତ ୧୮,୨୨୨ଟି ଗ୍ରାମପାଇଁ ୪୨,୪୦୦ଟି ନଳକୂପ ଖନନ କରିବା ଏବଂ ୧,୦୧୧ଟି ଗ୍ରାମପାଇଁ ୧,୮୧୩ଟି ଜଳାଶ୍ରୟ ଖନନ କରିବାପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

(ମୁଖ୍ୟମନ୍ତ୍ରୀ—ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଭାଷଣରୁ)

## ରାଉରକେଲାର "ଶାନ୍ତିଭବନ"

ଅନାଥ ବ୍ୟକ୍ତିମାନଙ୍କ ପାଇଁ ମଦର ଟେରେସା ଯେଉଁ ସବୁ କାର୍ଯ୍ୟ ଆଜିପର୍ଯ୍ୟନ୍ତ କରିଛନ୍ତି ତାହା ଅତୁଳନୀୟ ଏବେ ରାଉରକେଲା ଗୋପବନ୍ଧୁ ପଲ୍ଲୀଠାରେ ଏକଲକ୍ଷ ଟଙ୍କା ବ୍ୟୟରେ ଏକ "ଶାନ୍ତିଭବନ" ସେ ତିଆରି କରାଇଛନ୍ତି ଏହି ଅନାଥଗୃହ ତାଙ୍କର ୪୯ତମ ଶାଖା । ରାଉରକେଲା ଇସ୍ପାତ କାରଖାନା ଏହି ଭବନ ପାଇଁ ୩ ଏକର ଜ ଦାନ କରିଛନ୍ତି, ଏବଂ ମାସିକ ଏକ ହଜାର ଟଙ୍କା ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ବର୍ତ୍ତମାନ ଏ ଶାନ୍ତିଭବନରେ ଏକ ହଜାର ଅନାଥ ବାଳକ, ବାଳିକା, ପୋଷଣୀୟ ଶିଶୁ ଓ ସମାଜ ପରିତ୍ୟକ୍ତ ମହିଳାଙ୍କୁ ରଖା କରାଯାଇଛି । ସେମାନଙ୍କୁ ବିଭିନ୍ନ ପ୍ରକାର କୁଟୀର ଶିଳ୍ପ ଶିକ୍ଷା ଦିଆଯାଉଛି ।

## ଗ୍ରାମ୍ୟ ଶିଳ୍ପ ସଂସ୍ଥା

ଚଳିତ ଆର୍ଥିକବର୍ଷ ଲାଗି ଓଡ଼ିଶାରେ ଗ୍ରାମ୍ୟଶିଳ୍ପ ସଂସ୍ଥା ନିମନ୍ତେ କେନ୍ଦ୍ର ସରକାର ୬ ଲକ୍ଷ ଟଙ୍କା ମ କରିଛନ୍ତି । ଏହି ଟଙ୍କା ଋଣସୂତ୍ରରେ ଯୋଗାଇ ଦିଆଯିବ । ସରକାରୀ ବିଜ୍ଞପ୍ତିରୁ ପ୍ରକାଶ ଯେ ଏହି ଟ କଟକ, ସମ୍ବଲପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ଶିଳ୍ପସଂସ୍ଥାମାନଙ୍କୁ ଯୋଗାଇ ଦିଆଯିବ ।

ଏହାଛଡ଼ା, ୧ ଲକ୍ଷ ୨୬ ହଜାର ଟଙ୍କା କଟକ ଓ ବଲାଙ୍ଗୀର ଜିଲ୍ଲାର ଗ୍ରାମ୍ୟ ଶିଳ୍ପମାନଙ୍କୁ ତାଲିମ ଦେ ଓ ଯନ୍ତ୍ରପାତି ଯୋଗାଇ ଦେବାଲାଗି ମଧ୍ୟ ମଞ୍ଜୁର ହୋଇଛି ।

---

ଗତ ୧୯୭୩-୭୪ ଆର୍ଥିକବର୍ଷରେ ରାଜ୍ୟସରକାରଙ୍କ ଦ୍ୱାରା ପରିଚାଳିତ ଶିଳ୍ପ ଉନ୍ନୟନ କର୍ପୋରେସନ୍ ୪୪ ଲକ୍ଷ ଟଙ୍କା ଲାଭ କରିଛନ୍ତି । ଏହା ପୂର୍ବରୁ ଏହି ସଂସ୍ଥା କ୍ଷତି ସହୁଥିଲା ।

## ନୂତନ କାରଖାନା ଓ ଖଣିଜ ପଦାର୍ଥ ରପ୍ତାନୀ

ଆମରାଜ୍ୟରୁ ପୂର୍ବେ ବିଦେଶକୁ କେବଳ ଖଣିଜ ପଦାର୍ଥ କଞ୍ଚାମାଲ ରପ୍ତାନୀ କରାଯାଉଥିଲା । କିନ୍ତୁ ଅ ସ୍ଥିର କରିଛୁ, ତା' ବଦଳରେ ଆମେ ଆମରାଜ୍ୟରେ ସେଇସବୁ କଞ୍ଚାମାଲରୁ ଇଞ୍ଜିନିଅରିଂ ଓ ରାସାୟନିକ ପଦାର୍ଥ ତିଆରି କରି ବାହାରକୁ ରପ୍ତାନୀ କରିବୁ । ଏହାଦ୍ୱାରା ଆମେ ଅଧିକ ଅର୍ଥ ତ ନିଶ୍ଚୟ ଲାଭ କରିବୁ । ତା' ସ ଆମେ ଆମର ନିର୍ମାଣ କ୍ଷମତା ମଧ୍ୟ ବିକଶିତ ହେବ ।

ଗତ ଆର୍ଥିକ ବର୍ଷରେ ରାଜ୍ୟରୁ ସମୁଦାୟ ସତୁରୀ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପଦାର୍ଥ ଦେଶ ମଧ୍ୟରେ ଓ ବାହାରକୁ ରପ୍ତାନୀ କରାଯାଇଥିଲା । ତା' ଭିତରୁ କେବଳ ୪୬ କୋଟି ୩୪ ଲକ୍ଷ ଟଙ୍କାର ଖଣିଜ ପଦାର୍ଥ ଅନ୍ତର୍ଭୁ

ଆମ ରାଜ୍ୟରେ ନିର୍ମିତ କ୍ଷୁଦ୍ର ଓ କୁଟୀରଜାତ ଶିଳ୍ପ ବିଦେଶରେ ଖୁବ୍ ଆଦୃତ ହେଉଛି । ଆମେ ଅ କାରିଗରମାନଙ୍କୁ ଅଧିକ ସରକାରୀ ଆର୍ଥିକ ସାହାଯ୍ୟ ଦେଇ ସେମାନଙ୍କୁ ଉତ୍ସାହିତ କରିବୁ ।

କୋରାପୁଟ ଜିଲ୍ଲାରେ ଏକ ଆଲୁମିନିୟମ କାରଖାନା ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇ ଏଥିରେ ପ୍ରାୟ ୬୦୦ କୋଟି ଟଙ୍କା ଖରଚ ହେବ । ରୁଷ୍ ଓ ଇରାନ୍ ଏଥିରେ ସହାୟତା କରିବେ ।

କେନ୍ଦ୍ର ସରକାର ଆଉରି ନିଷ୍ପତ୍ତି କରିଛନ୍ତି ଯେ ପାରାଦ୍ୱୀପଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ କାରଖାନା ପ୍ରତିଷ୍ଠା କରିବେ ।

ଦେଶରେ ୧୯୬୦-୬୧ରେ ଦରିଦ୍ରଲୋକଙ୍କ ସଂଖ୍ୟା ପ୍ରାୟ ୨୩ କୋଟି ଥିବାସ୍ଥଳେ ୧୯୬୫-୬୬ ମସିହା ବେ ଏହା ୩୧ କୋଟିକୁ ବୃଦ୍ଧି ପାଇଥିଲା । ଯୋଜନା କାଳ ମଧ୍ୟରେ ଗ୍ରାମାଞ୍ଚଳ ଲୋକ ବିଶେଷତଃ କୃଷିଜୀବୀ ଶ୍ରମିକମାନଙ୍କର ଆର୍ଥିକାବସ୍ଥାରେ ପରିବର୍ତ୍ତନ ହୋଇନାହିଁ । ଗାଁ ଗହଳରୁ ଦାରିଦ୍ର୍ୟ ଓ ବେକାରୀ କରିବାପାଇଁ ବର୍ତ୍ତମାନର ରାଜ୍ୟ ସରକାର କୃଷି, କୁଟୀର ଓ ଗ୍ରାମ୍ୟଶିଳ୍ପ, କ୍ଷୁଦ୍ରଶିଳ୍ପ ଏବଂ କୃଷିଭିତ୍ତିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ।

(ଶିଳ୍ପ, ଖଣି ଏବଂ ଭୂତତ୍ତ୍ୱ ବିଭାଗର
ଶ୍ରୀ ହରୀଶଚନ୍ଦ୍ର ବକ୍ସିପାତ୍ରଙ୍କ ବକ୍ତବ

## କଣ ହେବାକୁ ଯାଉଛି

ଆସନ୍ତା ମାର୍ଚ୍ଚମାସ ଶେଷସୁଦ୍ଧା ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ପିଇବାପାଣି ନଳ କୂପମାନ ଯୋଗାଇ ଦେବାକୁ ସରକାର ସ୍ଥିର କରିଛନ୍ତି । "ଖାଦ୍ୟ ବଦଳରେ କାମ" ଯୋଜନା ଅନୁଯାୟୀ ଏହି କାମ ହାତକୁ ନିଆଯାଇଛି ।

ସରକାର ଏବେ ୫,୦୦୦ ଗ୍ରାମ ଭିତରକୁ ବିଦ୍ୟୁତ ଯୋଗାଇ ଦେବେ । ସସ୍ତା ଖୁଣ୍ଟିଲାଇଟ ବଲ୍ବ ଯୋଗାଇ ଦେବେ ।

ଆଗାମୀ ମାର୍ଚ୍ଚମାସ ଶେଷସୁଦ୍ଧା ସମସ୍ତ ବାସହୀନ ଲୋକଙ୍କୁ ଅତିକମ୍‌ରେ ୪ ଡେସିମିଲ କରି ଘରଡିହ ଜମି ଯୋଗାଇ ଦିଆଯିବ । ଏହିସବୁ ଜମି ବଣ୍ଟନ କାର୍ଯ୍ୟରେ ମନ୍ତ୍ରୀମାନେ ଯିବେନାହିଁ, ବର୍ତ୍ତମାନସୁଦ୍ଧା ରାଜ୍ୟରେ ମୋଟ ୪୦ହଜାର ହେକ୍ଟର ସିଲିଂ ବହିର୍ଭୂତ ଜମି ମିଳିଛି ଏବଂ ସେଥିମଧ୍ୟରୁ ୩୬ହଜାର ହେକ୍ଟର ଜମି ଭୂମିହୀନମାନଙ୍କୁ ବଣ୍ଟନ କରାଯାଇ ସାରିଲାଣି । ଏହାଛଡ଼ା, ଭୂଦାନ ଯଜ୍ଞ ସମିତି ପକ୍ଷରୁ ମଧ୍ୟ ଗତବର୍ଷ ୧୧ହଜାର ହେକ୍ଟର ଜମି ବଣ୍ଟନ କରାଯାଇଛି ।

(ରାଜସ୍ୱ, ବାଣିଜ୍ୟ, ବିଦ୍ୟୁତ ବିଭାଗ ମନ୍ତ୍ରୀ
ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ବକ୍ତବ୍ୟରୁ)

## ସମବାୟ ବ୍ୟାଙ୍କର ଗୁରୁତ୍ୱ

ବର୍ତ୍ତମାନ ଅନ୍ୟାନ୍ୟ ବ୍ୟବସାୟ ବ୍ୟାଙ୍କ୍ ଗୁଡ଼ିକର ଶାଖା ପ୍ରସାରିତ ହୋଇ ଚାଲିଛି ସତ୍ୟ, କିନ୍ତୁ ସମବାୟ ବ୍ୟାଙ୍କ୍ ଓ ସମିତିଗୁଡ଼ିକ ଗାଁ ଗହଳର କୃଷି ଓ କୁଟୀର ଶିଳ୍ପରେ ନିୟୋଜିତ ବ୍ୟକ୍ତିମାନଙ୍କର ପ୍ରକୃତ ଉପକାର କରିବ । ଆମର ସମବାୟ ଅନୁଷ୍ଠାନ ମାଧ୍ୟମରେ ପ୍ରଥମଥର ସେଚକୂପ ଖନନ କରାଯାଇ କୃଷି ଉତ୍ପାଦନ ବୃଦ୍ଧି ଦିଗରେ ଏକ ସଫଳ ପଦକ୍ଷେପ ନିଆଯାଇଛି । ବର୍ତ୍ତମାନର ପରିବର୍ତ୍ତିତ ନୂତନ ଅର୍ଥନୀତି ପ୍ରବର୍ତ୍ତନ ଦିଗରେ ସମବାୟ କର୍ମୀମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

(ଲୋକ ସଂପର୍କ, ସମବାୟ ଓ ଗ୍ରାମଗୋଷ୍ଠୀ ଉନ୍ନୟନ ବିଭାଗର
ରାଷ୍ଟ୍ରମନ୍ତ୍ରୀ—ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ବକ୍ତବ୍ୟରୁ)

## ଆଦିବାସୀଙ୍କ କଲ୍ୟାଣ ପାଇଁ

ମାନବିକତାବୋଧ, ଦାୟିତ୍ୱବୋଧ ଏବଂ ସେବା ମନୋବୃତ୍ତି ନେଇ କାମକଲେ ଆଦିବାସୀମାନଙ୍କ ଅର୍ଥନୈତିକ ଓ ସାମାଜିକ ଉନ୍ନତି ନିଶ୍ଚୟ ସମ୍ଭବ ହେବ । ସେମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟସରକାର ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ଏବଂ ଆଦିବାସୀ ଉନ୍ନୟନ ସଂସ୍ଥା ଗଠିଅଛି ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହିସବୁ ଯୋଜନାରେ ଆଦିବାସୀମାନଙ୍କୁ ଜମି, ବଳଦ, ଗାଈ, ଛେଳି, କୁକୁଡ଼ା ପ୍ରଭୃତି ଦିଆଯାଉଛି । କୃଷିର ଉନ୍ନତି ନିମନ୍ତେ ଜଳଭଣ୍ଡାର ନିର୍ମାଣ ଏବଂ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଆଦିବାସୀ ଅଞ୍ଚଳଗୁଡ଼ିକ ସହିତ ଯୋଗାଯୋଗ ପାଇଁ ରାସ୍ତାଘାଟ ନିର୍ମାଣ କରାଯାଉଛି । ଆଦିବାସୀ ଛାତ୍ରଙ୍କପାଇଁ ଆବାସିକ ସେବାଶ୍ରମ, ଆଶ୍ରମ ସ୍କୁଲ ସ୍ଥାପନ କରାଯାଇଛି । ଉଚ୍ଚ ଶିକ୍ଷାଲାଗି ଛାତ୍ରବୃତ୍ତି ଦିଆଯାଉଛି । ସାହୁକାରମାନଙ୍କଠାରୁ ମୁକ୍ତି ଦେବାଲାଗି ସମବାୟ ସମିତି ଗଠିଆରେ ସୁଲଭମୂଲ୍ୟ ଦୋକାନମାନ ଖୋଲାଯାଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ କ୍ରୟକରିବା ସଙ୍ଗେ ସଙ୍ଗେ ସୁଲଭ ମୂଲ୍ୟରେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ମଧ୍ୟ ଯୋଗାଇ ଦିଆଯାଉଛି । ଚିକିତ୍ସାଳୟ ମଧ୍ୟ ଖୋଲାଯାଇଛି ।

(ପରିବହନ ଓ ଜେଲ୍ ବିଭାଗର ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ହରିହର ସ୍ୱାଇଁଙ୍କ ବକ୍ତବ୍ୟରୁ)

ସୁର ଫୁଲଟିଏ । ପନ୍ଦର ତିରିଶଟି ଶବ୍ଦ ଭିତରେ ସତେକି ସେ ତାର କହିବା କଥାଟି ନିଃଶବ୍ଦରେ କହିଦିଏ । ଉଦାହରଣ ଦେଲେ ବହିଟିଙ୍କାଙ୍କର କବିତାକୁ ଉଦାହରଣ ଦେଇ ହେବ । "ଦେହାତୀତ"ର ଭାବଟି ବୁଝାଇବାକୁ ଛଅଗୋଟି ଧାଡ଼ି ମାତ୍ର ଲାଗିଛି—

ଧାନ ଫୁଲର ବାସ୍ନାରେ ପବନ
ଓ
ପବନର ବାସ୍ନାରେ ଧାନଫୁଲ
ପରସ୍ପରକୁ ଆଲିଙ୍ଗନ କରୁଛନ୍ତି
ବାରମ୍ବାର ବାରମ୍ବାର—

ଧାନ ଓ ତାର ଫୁଲ ଅତ୍ୟନ୍ତ ଭାବେ ପ୍ରତ୍ୟକ୍ଷ ସ୍ଥୂଳ । ମାତ୍ର ଫୁଲର ବାସ୍ନା ସଙ୍ଗେ ଆଉ ଏକ ସୂକ୍ଷ୍ମ ଜଡ଼ର ବାରମ୍ବାର ଆଲିଙ୍ଗନ ଭିତରେ ଦେହର ସ୍ଥୂଳ ଅର୍ଗଳୀକୁ ଅତିକ୍ରମ କରି ଆଉ କିଛି ସୂକ୍ଷ୍ମତାକୁ ବୁଝି ହୋଇ ଯାଉଛି । ସେମିତି 'ଶିଳାଲିପି' କବିତାରେ କବି କହୁଛନ୍ତି ଈଶ୍ୱର କଳା ଧଳା ଘୋଡ଼ାରେ ଚଢ଼ି ଏକବିଂଶ ଶତାବ୍ଦୀରେ ଏ ପୃଥିବୀକୁ ଆସିବେ—କାହିଁକି ?

ନା "ପଢ଼ିବାକୁ ମୋର ହସ୍ତାକ୍ଷର",

ଏଠି ଏଇ "ହସ୍ତାକ୍ଷର ଓ ମୋର" ଶବ୍ଦ ଦୁଇଟି ଭିତରେ କବି ନିଜକୁ କାଳପୁରୁଷ ପାଖେ ସମୀକ୍ଷା ଲାଗି ଅନୁଷ୍ଠିତ ଭାବେ ଭକ୍ତି ଓ ବିନମ୍ରତାର ସହିତ ବଢ଼ାଇ ଦେଇଛନ୍ତି । ଏଠାରେ "ମୁଁ" ବା "ମୋର" ଭାବଟି ଏକ ନିବେଦିତ ଅହଂ ।

ଆଉ ଗୋଟିଏ ଦେଖନ୍ତୁ—"ଅସମୟ"ର ପରିଚୟ ଦେବାକୁ ଯାଇ ସେ ଲେଖିଛନ୍ତି—ସମୟ ହେଲେ ଚିଠି ଲେଖ । ସମୟ ହେଲେ ବୁଲିଯାଅ । ସମୟ ହେଲେ ନକ୍ଷତ୍ରକୁ ପଚାର ନଦୀର ଠିକଣା । କିନ୍ତୁ ସମୟ କରନା ।

କବିଙ୍କର ଏଠି କହିବା କଥା—ସୁସମୟଟିଏ ଆମ ହୃଦୟର ବ୍ୟାକୁଳତାରୁ ଜନ୍ମ ହୁଏ । ମସ୍ତିଷ୍କର ତତ୍ପରତା ଜନିତ ରୁଟିନ୍‌ଟି ନିଶ୍ଚିନ୍ତ ଭାବେ ଅସମୟ । କାରଣ ତାହା ସୃଜନ ମୂଳକ ନୁହେଁ । ବାହାରର କୌଣସି ବସ୍ତୁ ଉତ୍ତେଜକ ନ ହୋଇ ଯଦି ଉଦ୍ଦୀପକ ହୁଏ ତେବେ ତାହାହିଁ କିଛି ସୃଜନ ପାଇଁ—ବା ଉପଲବ୍ଧି ପାଇଁ ସୁ ସମୟ ସୃଷ୍ଟି କରି ପାରେ । ଆଉ ଗୋଟିଏ ଅତି ଛୋଟ କବିତା ଦେଖନ୍ତୁ "ରୋଗଶଯ୍ୟା" । ସେଇଟି ହେଲା—

"ତାଙ୍କୁ ଫେରି ଯିବାକୁ କୁହ
ସମୟ ଖୁବ୍ କମ୍ ।
ତାଙ୍କୁ ଫେରି ଯିବାକୁ କହ
ସମୟ ଖୁବ୍ ଘନିଷ୍ଠ ।"

ବାସ୍ କବିତାଟି ଏତିକିରେ ଶେଷ । ଏବଂ ଏତକିହିଁ ଘନିଷ୍ଠ ଭାବେ ଯେ କୌଣସି ରୋଗ ଶଯ୍ୟାର ସର୍ବଶେଷ କବିତାଠାରୁ ଗୋଟିଏ ଅକ୍ଷର ବି ବେଶୀ ନୁହଁ କି କମ୍ ନୁହଁ । କବିତାଟିର ଅତି ସୀମିତ ଆୟତନକୁ ଯଥା ସ୍ଥାନରେ ସନ୍ନିବିଷ୍ଟ "ଘନିଷ୍ଠ" ଶବ୍ଦଟି ଖୁବ୍ ଅର୍ଥପୂର୍ଣ୍ଣ କରି ଦେଇଛି । କାରଣ ପ୍ରଥମ ଧାଡ଼ିରେ "ତାଙ୍କୁ" ଓ "ଫେରି ଯିବାକୁ କୁହ" ଭିତରେ ରୋଗଶଯ୍ୟାର ନାୟକ ତାର ହୃଦୟର ସର୍ବଶେଷ ଅକଥ୍ୟ କଥାଟିକୁ କହି ଦେଉଛି ।

"ଖୋଲା ଅଛି" ଶୀର୍ଷକ ୨୫ଟି ଶବ୍ଦର କବିତାଟିରେ କବି ଯାହାକୁ "ଦମକାଏ ପବନ" ପରି କେବେ ଆସିବ ବୋଲି ବ୍ୟାକୁଳ କଣ୍ଠରେ ପଚାରୁଛନ୍ତି—ସେଇ ଆକାଂକ୍ଷିତ ବସ୍ତୁଟି କୌଣସି ନାୟିକା, ବନ୍ଧୁ ବା ସ୍ୱୟଂ ଈଶ୍ୱର ବି ହୋଇ ପାରନ୍ତି । କିନ୍ତୁ ସେ ଯେ ହୁଅନ୍ତୁ ତାଙ୍କ ଆସିବା ଲାଗି କବିଙ୍କର ସବୁ କିଛି ଖୋଲା ଅଛି । "ଦର୍ଜା ଖୋଲା ଅଛି" "ଝର୍କା ବି ଖୋଲା ଅଛି"—ଯଦିଓ ଏ ଘରେ ଶଯ୍ୟାଟି ଶେଯ-ହୀନ ଏବଂ ଚୌକିଟି ହାତ ହୀନ—ଏବଂ ଏପରିକି ତାଙ୍କ ନିଜ ହାତର ପାପୁଲୀଟି ମଧ୍ୟ ରେଖାହୀନ । ଏହି ରେଖାହୀନ ପାପୁଲିଟିର ବ୍ୟଂଜନା ହେଲା ଭାଗ୍ୟହୀନତାର ଅବସ୍ଥା—କିମ୍ବା ଆଉ ଟିକିଏ ଗଭୀରକୁ ଗଲେ ଏକ ଆଧ୍ୟାତ୍ମିକ ଅକିଂଚନତାର ଅବସ୍ଥା । ଦୀନ ନ ହେଲେ ଦୀନ ବନ୍ଧୁ ଆସିବେ ନାହିଁ । ହତଭାଗ୍ୟ ଏଠିହିଁ ସିନା ଲକ୍ଷ୍ମୀଙ୍କର କରୁଣା ହେବ !

ଆଉ କେତୋଟି କବିତା ଅଛି ସେଗୁଡ଼ିକ ବ୍ୟଂଜନା ବଦଳରେ ସଂକ୍ଷୋକ୍ତି ପାଇଁ ଅଥଚ ଗଭୀର ଗୋଟିଏ ବୁଝାମଣା ପାଇଁ ଚମତ୍କାର ଲାଗେ । ଯେମିତି "ମହାରୁଦ୍ର" କବିତାଟି । ତାର ଭାବଟି ହେଲା—ସ୍ରଷ୍ଟା ସ୍ୱୟଂ ସଂହାରକର୍ତ୍ତା ହୋଇ ନ ପାରନ୍ତି । କାରଣ, କବି ଜାଣିଛନ୍ତି ଯେ "ଯେଉଁ ଦେବତା ଫୁଲ ଭିତରେ

କୀଟ ହୋଇ
ନିଃଶ୍ୱାସ ଭିତରେ ସମୟ ହୋଇ
ରୁମାଲ ତଳେ ଛୁରୀ ହୋଇ
ଛପି ରହେ—

ସିଏ ହେଉଛନ୍ତି "ଶିବ"—ଅର୍ଥାତ୍ ସେହି ହେଉଛନ୍ତି ମଙ୍ଗଳମୟ ମହାରୁଦ୍ର । କାରଣ, ଏଠି ସଂହାରକଟିଟି ମଧ୍ୟ ମଙ୍ଗଳମୟ କୃତି—ଅର୍ଥାତ୍ ସର୍ଜନାତ୍ମକ । ସେମିତି "ମେଣ୍ଢାଛୁଆ" କବିତାଟି ଆମକୁ ଏକ ସତେଜ ଚପଳ ନିରୀହ ଅଥଚ ପବିତ୍ର ଇନ୍ଦ୍ରିୟ ଗ୍ରାହ୍ୟ ଶିଶୁ ସୁଲଭ କ୍ରୀଡ଼ାତ୍ମକ ଆମୋଦ ଦିଏ । ମେଣ୍ଢାଛୁଆ ସକାଳର ଘାସ ପଡ଼ିଆରେ ସାଙ୍ଗ ସାଥୀଙ୍କୁ ଦେଖିଲେ, ଗଛ ଫାଙ୍କରେ ଝଲସୁ ଥିବା ସର୍ଯ୍ୟକିରଣ ପରି କୁଦି ଯାଏ ତାଙ୍କ ପିଠିକୁ—ଘଷି ହେବାକୁ । କାରଣ, ଅତି ସରଳ ସହଜ କଥାର ଧାଡ଼ିଟିଏ କାରଣ—"ମେଣ୍ଢାଛୁଆ ସର୍ଯ୍ୟାଲୋକ ଭଲ ପାଏ" ।



# ଓଡ଼ିଶାର ଗ୍ରାମାଞ୍ଚଳରେ

## ଲୋକ ଶକ୍ତିର ବିନିଯୋଗ

ଅଧ୍ୟାପିକା ମନୋରମା ମହାପାତ୍ର

ଗ୍ରାମବହୁଳ ଦେଶ ଏହି ଭାରତବର୍ଷରେ ଅଧିକାଂଶ ଲୋକ ଜୀବିକାଙ୍କ ନିମନ୍ତେ କୃଷି ଉପରେ ହିଁ ନିର୍ଭର କରନ୍ତି । ବିଶେଷରେ ଜାତୀୟ ଆୟର ଶତକଡ଼ା ୪୧ ଭାଗ କେବଳ କୃଷିରୁହିଁ ଉପାର୍ଜିତ ହୁଏ । ଏହି ବିଶାଳ ଗ୍ରାମବହୁଳ ରାଜ୍ୟରେ ସବୁପ୍ରକାର ମାଟି ଓ ଜଳବାୟୁ ପରିଲକ୍ଷିତ ହେଉ ଥିବାରୁ ନାନା ଶ୍ରେଣୀର ଫସଲ ଉତ୍ପନ୍ନ ହୋଇଥାଏ । ଚାଉଳ, ଗହମ, ରବିଫସଲ, ବାଜରା, ମାଣ୍ଡିଆ, ତୁଳା, ଝୋଟ, ତମାଖୁ, ନୈଦବାଳଠାରୁ ଆରମ୍ଭ କରି ଆଖୁ, ଗୁଆ ଅତି ବିବିଧ ଫସଲ ଉତ୍ପନ୍ନ କରିବାରେ ଏ ମାଟି ଧନ୍ୟ ।

ପ୍ରଭୂତ ପ୍ରାକୃତିକ-ସଂପଦରେ ପରିପୂର୍ଣ୍ଣ ଭାରତର ବୈଚିତ୍ର୍ୟ ମଧ୍ୟ ସର୍ବଜନ ବିଦିତ । ନଦୀ ମାତୃକ ଓ ଅରଣ୍ୟ ସଂପଦରେ ପରିପୂର୍ଣ୍ଣ ଭାରତବର୍ଷ ଏକାଧାରରେ ବିବିଧ ଖଣିଜ ସଂପଦରେ ସମୃଦ୍ଧ । ଜନ ସଂପଦର ଅଭାବ ମଧ୍ୟ ଏଠାରେ ପରିଲକ୍ଷିତ ହୁଏନାହିଁ । ମାତ୍ର ଏଭଳି ସମସ୍ତ ପ୍ରାକୃତିକ ସୁସ୍ଥ ଓ ଅନୁକୂଳ ପରିବେଶ ସତ୍ତ୍ୱେ ଭାରତବର୍ଷ ଅଦ୍ୟାବଧି ଦାରିଦ୍ର୍ୟ କବଳରୁ ମୁକ୍ତି ଲାଭ କରିବାକୁ ସମର୍ଥ ହୋଇ ପାରିନାହିଁ । ବିଶେଷରେ ଖାଦ୍ୟ ସମସ୍ୟାର ସଂପୂର୍ଣ୍ଣ ସମାଧାନ ମଧ୍ୟ ହୋଇ ପାରିନାହିଁ । ପୁଣି ଏହି ପ୍ରକାଣ୍ଡ ଭୂଖଣ୍ଡ ଭାରତବର୍ଷର ଏକ ଅଂଶ ଓଡ଼ିଶାର ସମସ୍ୟାକୁ ଚିନ୍ତାକୁ ଆଣିଲେ ଆହୁରି ନିରାଶ ହେବାକୁ ହୁଏ । ଓଡ଼ିଶାରେ ମଧ୍ୟ ଅନୁରୂପ ପ୍ରାକୃତିକ ବୈଚିତ୍ର୍ୟର ସମାବେଶ ଦୃଷ୍ଟି ଆକର୍ଷଣ କରିଥାଏ । "ପ୍ରାଚୁର୍ଯ୍ୟ ମଧ୍ୟରେ ଦୈନ୍ୟ, ସମ୍ପଦ"—ଏହି ଉକ୍ତିଟିର ଏଭଳି ସଫଳ ପ୍ରୟୋଗ ବୋଧହୁଏ କେବଳ ଓଡ଼ିଶା ଭୂଇଁରେହିଁ ଦେଖିବାକୁ ମିଳିଥାଏ ।

*With best compliments*

# HINDUSTAN AERONAUTICS LIMITED

**KORAPUT DIVISION**

**SUNABEDA**

PIN : 763002

ଏଥିନିମନ୍ତେ ଦାୟୀ । ପୁନଶ୍ଚ ଆଳସ୍ୟ, ଅଜ୍ଞାନ ତଥା ଲୋକଶକ୍ତିର ବିନିଯୋଗ ସଂପର୍କରେ ଅନୁଧ୍ୟାନ ତଥା କାର୍ଯ୍ୟାନୁଷ୍ଠାନର ଅଭାବ ମଧ୍ୟ ଏ ଦିଗରେ ବହୁ ପରିମାଣରେ ଦାୟୀ । ପୁଣି ଗୋଟିଏ ଅନ୍ୟର କାରଣ । ଶ୍ରମ ଶକ୍ତି ଭଣାହୁଏ ଦାରିଦ୍ର୍ୟ ହେତୁ ପୁନଶ୍ଚ ଶ୍ରମ ଶକ୍ତିର ଅଭାବ ଆମକୁ ଦରିଦ୍ର କରି ରଖିଛି । ପୁନଶ୍ଚ କେବଳ ପୁଂଜି ଥିଲେ ତା ହେବନାହିଁ ! ପୁଂଜିର ବିନିଯୋଗ ପାଇଁ ମଧ୍ୟ ପ୍ରାକୃତିକ ସମ୍ବଳ ସଙ୍ଗେ ସଦା ସର୍ବଦା ସଜାଗ କର୍ମତତ୍ପର ଜନଶକ୍ତିର ଏକାନ୍ତ ସଫଳ ପ୍ରୟୋଗ ଆବଶ୍ୟକ । ତା ନହେଲେ ପୁଂଜିର ସଦୁପଯୋଗ ହୋଇ ପାରିବନାହିଁ । ଗ୍ରାମ ବହୁଳ ଦେଶ ଓଡ଼ିଶାର ଦାରିଦ୍ର୍ୟ ଦୂର କରିବାକୁ ହେଲେ ସର୍ବ-ପ୍ରଥମେ ଏହି ଉଦ୍‌ବୃତ୍ତ ଲୋକଶକ୍ତିକୁ ସଫଳ ଭାବରେ ପ୍ରୟୋଗ କରିବାକୁ ହେବ ଯେପରିକି ପ୍ରାକୃତିକ ସମ୍ବଳର ପୂର୍ଣ୍ଣ ବିନିଯୋଗ ସଙ୍ଗେ ସଙ୍ଗେ ପ୍ରତି କ୍ଷେତ୍ରରେ ଗୁଣାତ୍ମକ ଭାବରେ ଉତ୍ପାଦନ ବୃଦ୍ଧି ହୋଇପାରିବ ।

ଦ୍ରୁତ ଶିଳ୍ପୋନ୍ନତି ନିମନ୍ତେ ବିଶେଷରେ ଭାରୀ ଶିଳ୍ପର ଉନ୍ନତି କରିବା, କାରିଗରୀ ବିଦ୍ୟା ତଥା ବୈଜ୍ଞାନିକ ପଦ୍ଧ-ତିରେ ନନ୍-କଂପିଟିଙ୍ଗ ଗ୍ରୁପ୍ ଅଫ୍ ଲେବର ମାନଙ୍କର (ଅଣ ପ୍ରତିଯୋଗୀ ଶ୍ରମିକ) ଅର୍ଥାତ୍ ଏକ ବିଶେଷ ଶ୍ରେଣୀର ଦକ୍ଷ ଶ୍ରମିକ ଯଥା ଇଂଜିନିୟର, ଡାକ୍ତର, ବୈଜ୍ଞାନିକ ଆଦି ସଂଖ୍ୟା ବୃଦ୍ଧି କରିବା ଅଧିକ ବ୍ୟୟ ସାପେକ୍ଷ ଓ ଏ ଦିଗରେ ପୁଞ୍ଜିର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମାତ୍ର ସ୍ୱଳ୍ପ ପୁଂଜି ତଥା ବିପୁଳ ଜନଶକ୍ତିର ବିନିଯୋଗ ଦ୍ୱାରା ଜନବହୁଳ ରାଷ୍ଟ୍ରରେ ଉତ୍ପାଦନ ବୃଦ୍ଧି ମଧ୍ୟ ସମ୍ଭବ ଏବଂ ଦେଶର ଆର୍ଥିକ ଅବସ୍ଥାର ସମୂହ ଉନ୍ନତି ମଧ୍ୟ ଅନେକାଂଶରେ ସମ୍ଭବ ।

ଏ କଥା ବିଶ୍ୱରବନ୍ତ ଲୋକେ ବହୁ ଆଗରୁ ପ୍ରମାଣ ସହ ବ୍ୟକ୍ତ କରିଛନ୍ତି । ଯେକୌଣସି ଜନବହୁଳ ରାଷ୍ଟ୍ରରେ– Labour intensive project (ଅଧିକ ଶ୍ରମିକ ଓ ଅଳ୍ପ ପୁଂଜି ସମନ୍ୱୟ ଯୋଜନା)ରେ ଗୁରୁତ୍ୱ ଦିଆଯାଇ ଉତ୍ପାଦନ ବୃଦ୍ଧି ନିମନ୍ତେ ପୁଂଜି ବିନିଯୋଗ ଉଚିତ ବୋଲି ଅର୍ଥନୀତିଜ୍ଞ-ମାନେ ସର୍ବଦା ମତ ବ୍ୟକ୍ତ କରିଆସିଛନ୍ତି । କଥାରେ ଅଛି "ଆୟ ଦେଖି ବ୍ୟୟ କର, ଶରୀର ଦେଖି ଧର୍ମ କର " !

ଆମେ ଯେଉଁ ସମ୍ବଳର ଅଧିକାରୀ, ତାରି ଅନୁପାତରେ, ସେହି ସମ୍ବଳର ସାର୍ଥକ ବିନିଯୋଗ ଦ୍ୱାରା ଦାରିଦ୍ର୍ୟ କବଳରୁ ମୁକ୍ତି ପାଇବାକୁ ପ୍ରୟାସ କରିବା ଅଧିକ ବାସ୍ତବଧର୍ମୀ ହେବ ସିନା ! ନଚେତ୍ ଆକାଶ କଇଁଆଁ ଚିଲିକା ମାଛକୁ ଗୁହିଁବସି ବସି କୁପଛା ବିଶ୍ୱରୁ ବିଶ୍ୱରୁ ଲେଡ଼ିଗୁଡ଼ କହୁଣୀକି ବୋହିଯିବା ସାରହେବ । ଦାରିଦ୍ର୍ୟର ବିଶାଳ ବୃକ୍ଷ (ଭିସିୟସ ସର୍କଲ ଅଫ ପୋଭଟି) ଗଢ଼ି ଗ୍ଭଲିଥିବ । ଆମେ ଯେଉଁ ଅନ୍ଧାରକୁ ସେହି ଅନ୍ଧାରରେ ଥିବା । ଶ୍ରମିକ ତ ଆଉ ଖଣିଜ ସଂପଦ ବା ନଦୀ ନାଳ ନୁହେଁ ଯେ ଅବ୍ୟବହୃତ ହୋଇ ପଡ଼ିରହିଲେ ମଧ୍ୟ ଅକ୍ଷତ ଅବସ୍ଥାରେ ରହିବ । ଅପର ପକ୍ଷରେ ଗୋଟିଏ ଦିନର ଶ୍ରମ ନଷ୍ଟ ହେଲେ ସେ ଆଉ ଫେରି ଆସିବନାହିଁ । ବଜାରରେ ଶ୍ରମର ଚାହିଦା ବଢ଼ିଲେ ଦାମ ବଢ଼ିବ ବିଶ୍ୱରେ ଶ୍ରମିକ ଶ୍ରମକୁ ସାଇତି ରଖିପାରିବ ନାହିଁ । ସେଇଥି ପାଇଁ କୁହାଯାଇଥାଏ

"ମୂଲିଆ ଘରଣୀ ମାନ କଲ
ଆପଣା ଖୋରାକି ହାନୀକଲ" ।

ଶ୍ରମିକ ଶ୍ରମ ବିକ୍ରୟ ନ କରି ବସିରହିବା ଅର୍ଥ ଶ୍ରମ ଶକ୍ତି ନଷ୍ଟହେବା । ବର୍ତ୍ତମାନ ବିଶ୍ୱରକୁ ଅଣାଯାଉ, ଆମ ଓଡ଼ିଶାର ଶ୍ରମ ଶକ୍ତି ବା ଲୋକଶକ୍ତି କିଭଳି ବିନିଯୋଗ ହେଉଛି ! ପରିସଂଖ୍ୟାନ ବିଭାଗ ରିପୋର୍ଟରୁ ଜଣାଯାଏ ଯେ ୧୯୭୧ ରେ ଓଡ଼ିଶାରେ ଶତକଡ଼ା ୬୮ ଭାଗ ବ୍ୟକ୍ତି ଅନ୍ୟ ଉପରେ ନିର୍ଭର କରି ଉପାର୍ଜନ ନକରି ବଞ୍ଚିରହନ୍ତି କେବଳ ୩୧% ଲୋକ ଉପାର୍ଜନ କରନ୍ତି । ଏହାର ଅର୍ଥ ନୁହେଁ ଯେ ଅନ୍ୟମାନେ ଉପାର୍ଜନକ୍ଷମ ନୁହନ୍ତି । ସେମାନେ ହୁଏତ ସ୍ୱେଚ୍ଛାକୃତ ବେକାର ବା ବୃତ୍ତି ଅଭାବରୁ ବା ବୃତ୍ତିର ସୁଯୋଗ ନଜାଣି ବେକାର ହୁଅନ୍ତି । ଅପର ପକ୍ଷରେ ଦେଶର ଉତ୍ପାଦନ ବୃଦ୍ଧିରେ ସ୍ତ୍ରୀ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ସେ ଶକ୍ତି ଅର୍ଦ୍ଧ ବ୍ୟବହୃତ । ଓଡ଼ିଶାରେ ଜଣେ ଲୋକ ଉପାର୍ଜନ କଲେ ୨.୧୫ ଲୋକ ତା ଉପରେ ନିର୍ଭର କରି ଚଳନ୍ତି । ଅବଶ୍ୟ ଉପାର୍ଜନ ନକରି ଯଦି ଗୃହର ଆଭ୍ୟନ୍ତରୀଣ ଖର୍ଚ୍ଚ କାଟ କରିବାରେ ବ୍ୟକ୍ତି ବିଶେଷଙ୍କର ଶ୍ରମ ବିନିଯୋଗ ହେଉଥାଏ ତାହା ମଧ୍ୟ ଉପାର୍ଜନଠାରୁ କୌଣସି ଅଂଶରେ ନ୍ୟୁନ ନୁହେଁ । ତଦ୍ୱାରା ଅନ୍ୟ ପକ୍ଷରେ ଦେଶର ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥାଏ ।

ଅନ୍ୟ ଉପରେ ନିର୍ଭର କରି ଚଳୁଥିବା ଜନତାର ଅନୁପାତ ଓଡ଼ିଶାରେ ଅଧିକ । ଭାରତରେ ୬୭% ଘରଉପରେ ନିର୍ଭର କରି ଭରଣପୋଷଣ କରୁଥିବା ସ୍ଥଳେ ଓଡ଼ିଶାରେ ୬୮% ବୋଲି ୧୯୭୧ ରିପୋର୍ଟରୁ ଜଣାଯାଏ । ଏଥି ନିମନ୍ତେ ସାକ୍ଷରତାର ମଧ୍ୟ ଭୂମିକା ରହିଛି । ଭାରତରେ ହାରାହାରି ୩୫% ସାକ୍ଷର ସ୍ଥଳେ ଓଡ଼ିଶାରେ ୨୬.୧୨% ସାକ୍ଷର ।

ଏଭଳି ଅବସ୍ଥାରେ ଏହି ନିରକ୍ଷର, କାରିଗରୀ ବିଦ୍ୟାରେ ଅନଭିଜ୍ଞ, ଦାରିଦ୍ର୍ୟ କବଳରେ ପୀଡ଼ିତ ଜନଶକ୍ତିକୁ କିଭଳି ବିନିଯୋଗ କଲେ ଦେଶର ଉତ୍ପାଦନ ବୃଦ୍ଧି ସମ୍ଭବ, ସେ ସଂପର୍କରେ ବହୁ ଅନୁଧ୍ୟାନ ଅନୁଶୀଳନ ଗ୍ଭଲିଛି । ଏଥିପାଇଁ ସୁବିଧାସୁଯୋଗ ଯେ ଅଧିକ ନାହିଁ, ଏକଥା ନିଶ୍ଚିତ । ଅଶିକ୍ଷିତ ପୁଣି ଶିକ୍ଷିତ ବେକାରଙ୍କ ସଂଖ୍ୟା ମଧ୍ୟ ଅଧିକ । ମ୍ୟାଟ୍ରିକ୍ ପାଶ ବେକାରଙ୍କ ସଂଖ୍ୟା ଆହୁରି ଅଧିକ । ମ୍ୟାଟ୍ରିକ୍ ପାଶ ଶତକଡ଼ା ୫ ଭାଗ ଗ୍ଭକିରୀ ପାଆନ୍ତି । ଏହା ବ୍ୟତୀତ

ଅଥଚ ଗ୍ରାମାଞ୍ଚଳ ବହୁଳ ଏ ରାଜ୍ୟରେ ଲୋକଶକ୍ତିର ଆଦୌ ଅଭାବ ନାହିଁ । ପରନ୍ତୁ ଜନସଂଖ୍ୟାର କ୍ରମାଗତ ବୃଦ୍ଧି ଅପର ପକ୍ଷରେ ବେଳେ ବେଳେ ଆତଙ୍କ ସୃଷ୍ଟି କରୁଛି କହିଲେ ଚଳେ । ଏଣେ ପ୍ରାକୃତିକ ସଂପଦରେ ଭରପୁର ଉତ୍କଳର ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଚିର ସହଚର, ଏ କଥା ମଧ୍ୟ କିଏ ବା ଅସ୍ୱୀକାର କରିବ କିଭଳି ?

ଜାତିର ପିତା ମହାତ୍ମାଗାନ୍ଧୀ ୧୯୪୦ ମସିହାରେ ଓଡ଼ିଶା ପରିଦର୍ଶନ କରି ଲେଖିଯାଇଥିଲେ ଯେ ଓଡ଼ିଶାହିଁ ଭାରତବର୍ଷର, ଦାରିଦ୍ର୍ୟର ମୂର୍ତ୍ତିମନ୍ତ ସଫଳ ପ୍ରତୀକ । ସ୍ୱାଧୀନତା ପୂର୍ବବର୍ତ୍ତୀ ଅବସ୍ଥା ଦେଖି ସେ ଏଭଳି ମତବ୍ୟକ୍ତ କରିଥିଲେ ମାତ୍ର ଦୁଃଖର କଥା ଆଜି ମଧ୍ୟ ସ୍ୱାଧୀନତାର ଦୀର୍ଘ କାଳପରେ ଅନେକ ବହୁତେ ସେହି ଉକ୍ତିର ସତ୍ୟତାକୁ ଆମେ ଅସ୍ୱୀକାର କରି ପାରୁନଥାଇଁ । ଏତ ଆମ ଅଙ୍ଗେ ଲିଭାଇବା କଥା ।

ଅପର ପକ୍ଷରେ ପରମ ଆଶ୍ଚର୍ଯ୍ୟର କଥା ଯେ ଏହି ଭୂଇଁରେ ସମଗ୍ର ଭାରତବର୍ଷ ମଧ୍ୟରେ ପ୍ରକୃତିର ଦାନ ଅପୁରନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ନଦୀ ସଂପଦରେ ପରିପୂର୍ଣ୍ଣ ଏହି ଉର୍ବର ମାଟି ସଦା ସର୍ବଦା ଫସଲ ଉପଯୋଗୀ । ଶିଳ୍ପର ଅଭିବୃଦ୍ଧି ନିମନ୍ତେ ସବୁଠାରୁ ଅଧିକ ପ୍ରୟୋଜନୀୟ ପ୍ରାକୃତିକ ସଂପଦ ଯଥା ଖଣିଜ ସଂପଦରେ ଓଡ଼ିଶା ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଧନୀ, ଏହା ନିଃସନ୍ଦେହରେ କୁହାଯାଇପାରେ । ଭାରତର ପ୍ରୟୋଗ ଉପଯୋଗୀ ଲୁହାପଥରର ପ୍ରାୟ ଏକ ତୃତୀୟାଂଶ ଓଡ଼ିଶାରେହିଁ ମିଳେ । ଏହି ଲୁହା ପଥରର ଗୁଣାତ୍ମକ ମୂଲ୍ୟ ଦୃଷ୍ଟିରୁ କେବଳ ଭାରତରେ ନୁହେଁ ସମଗ୍ର ପୃଥିବୀରେ ମଧ୍ୟ ପ୍ରସିଦ୍ଧ । ଓଡ଼ିଶା ଭୂଇଁରୁ ପ୍ରାୟ ୩୩% ମାଙ୍ଗାନିଜ ମିଳେ । ଇସ୍ପାତ ତିଆରିରେ ବ୍ୟବହୃତ ହେଉଥିବା ମାଙ୍ଗାନିଜର ପ୍ରାୟ ୩୨% ଓଡ଼ିଶା ହିଁ ଯୋଗାଇଥାଏ । ଭାରତବର୍ଷର ପ୍ରାୟ ୮୫% ଆମ ରାଜ୍ୟରେ ମିଳେ । ଏହା ଛଡ଼ା କ୍ରୋମାଇଟ୍, ବକ୍ସାଇଟ୍ ଖଣି, ନିକେଲ, ମାଙ୍ଗାନିଜ ତଥା ଚୂନପଥର ଓଡ଼ିଶାରେ ପ୍ରଚୁର ଦେଖିବାକୁ ମିଳେ । ଏଠାରେ କୋଇଲା ଖଣିର ମଧ୍ୟ ଅଭାବ ନାହିଁ । ଜଳ ସଂପଦରେ ପରିପୂର୍ଣ୍ଣ ଓଡ଼ିଶାରେ ଜଳ ବୈଦ୍ୟୁତିକ ଶକ୍ତି (ହାଇଡ୍ରୋ ଇଲେକ୍ଟ୍ରିକ ପ୍ରୋଜେକ୍ଟ) ପାଇଁ ସମସ୍ତ ଉପାଦାନ ଭରି ରହିଛି । ଏକାଧାରରେ ସୁଲଭ ବିଦ୍ୟୁତ୍ ଶକ୍ତି ଯୋଗାଇ କଳକାରଖାନା, କ୍ଷୁଦ୍ର ଶିଳ୍ପ ଯୋଜନା ସୃଜନାର ସାମର୍ଥ୍ୟ ସଙ୍ଗେ ସଙ୍ଗେ ନିର୍ମାଣ ଜଳସେଚନ ମାଧ୍ୟମରେ କୃଷି ସଂପଦର ପ୍ରଭୂତ ଉନ୍ନତ ହେବାର ସମସ୍ତ ସମ୍ଭାବନାରେ ଏହି ଓଡ଼ିଶା ରାଜ୍ୟ ପରିପୂର୍ଣ୍ଣ । ଟିକରପଡ଼ା, ଭୀମକୁଣ୍ଡ ପରି ବନ୍ଧ ନିର୍ମାଣ ନିମନ୍ତେ ଏକାନ୍ତ ଉପଯୋଗୀ ସ୍ଥାନ ଭାରତର ଅନ୍ୟ କେଉଁଠିଥିବାର ସୂଚନା ଅଦ୍ୟାବଧି ମିଳିନାହିଁ । ଏତଦ୍ ବ୍ୟତୀତ ଓଡ଼ିଶାର ପ୍ରାୟ ୩୯ ଭାଗ ଅରଣ୍ୟ ସଂପଦରେ ପରିପୂର୍ଣ୍ଣ । ମୂଲ୍ୟବାନ ଶାଳ ଓ ବାଉଁଶ ବଣରେ ଆଚ୍ଛାଦିତ ବିସ୍ତୃତ ଭୂମି ଏବେ ମଧ୍ୟ ଅର୍ଦ୍ଧ ବ୍ୟବହୃତ ହୋଇ ପଡ଼ିରହିଛି । ପ୍ରକୃତିର ଏ ପ୍ରଭୂତ ଦାନର ମହାତ୍ମ୍ୟ ଓଡ଼ିଆ ଜାତି ଅଦ୍ୟାବଧି ପ୍ରକୃତରେ ଉପଲବ୍ଧି କରି ପାରିନାହିଁ । ତେବେ ସଫଳ ବିନିଯୋଗର ବା ପ୍ରଶ୍ନ ଉଠୁଛି କୁଆଡ଼ୁ ? ଅବଶ୍ୟ ଏ ସକଳ ପ୍ରାକୃତିକ ସମ୍ବଳର ବିନିଯୋଗ ନିମନ୍ତେ ପୁଂଜି ନିତ୍ୟାନ୍ତ ଆବଶ୍ୟକ । ପୁଂଜିର ଅଭାବ ହେତୁ ଏ ସକଳ ସମ୍ବଳ ଅବ୍ୟବହୃତ ବା ଅର୍ଦ୍ଧ ବ୍ୟବହୃତ ହୋଇ ପଡ଼ିରହିଛି କି ? ଏ ପ୍ରଶ୍ନ ସ୍ୱତଃ ମନକୁ ଆସିଥାଏ । ଏଇଥି ପାଇଁ କେବଳ, ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ଓଡ଼ିଶାର ଏ ଆଖିଦୃଶିଆ ଦାରିଦ୍ର୍ୟ କି ? ଏହା ଏକ ଜଟିଳ ପ୍ରଶ୍ନ ଅବଶ୍ୟ ପୁଂଜିର ଭୂମିକା ଯଥାର୍ଥରେ ଗୁରୁତ୍ୱପୂର୍ଣ୍ଣ ସନ୍ଦେହ ନାହିଁ । ପ୍ରାକୃତିକ ସମ୍ବଳକୁ ବିନିଯୋଗ କରିବା ନିମନ୍ତେ ପୁଂଜି ସହ ଶ୍ରମିକ ବା ଲୋକଶକ୍ତିର ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସ୍ୱଳ୍ପ ପୁଂଜି ଓ ଅଧିକ ଶ୍ରମ ମିଶ୍ରଣରେ ଉତ୍ପାଦନ ସମ୍ଭବ । ଅପରପକ୍ଷରେ ପୁଂଜିର ଉତ୍ପତ୍ତି ହୁଏ କିପରି ? ପ୍ରାକୃତିକ ସମ୍ବଳ ଓ ଶ୍ରମ ସମ୍ମିଶ୍ରଣରେ ହିଁ ପୁଂଜି ସୃଷ୍ଟି ହୁଏ ଓ ଏହି ପୁଂଜି ଅଧିକ ଉତ୍ପାଦନରେ ସାହାଯ୍ୟ କରେ । ଲୋକଶକ୍ତି ବା ହ୍ୟୁମାନ କ୍ୟାପିଟାଲର ଭୂମିକା ଏଦିଗରେ କୌଣସି ଅଂଶରେ ନ୍ୟୁନ ନୁହେଁ ବୋଲି ବିଶିଷ୍ଟ ଅର୍ଥନୀତଜ୍ଞମାନେ ସ୍ୱୀକାର କରିଛନ୍ତି । ଜନ ବଳଠାରୁ ବଳି ବଳ ନାହିଁ । ଏହି ଉକ୍ତି ସହିତ ଆମେ ସମସ୍ତେ ଭଲ ଭାବେ ଅଧିକେ ପରିଚିତ । ଲୋକଶକ୍ତି ବ୍ୟତିରେକ ପ୍ରାକୃତିକ ସମ୍ବଳର ଫଳପ୍ରଦ ବିନିଯୋଗ କଦାପି ସମ୍ଭବ ନୁହେଁ । ସୁଖର କଥା—ଓଡ଼ିଶା ଏ ଦିଗରେ ଆଦୌ ଦୁର୍ବଳ ନୁହେଁ ଠିକ୍ ସେହିଭଳି ଜନଶକ୍ତି ମଧ୍ୟ ଅବ୍ୟବହୃତ ବା ଅର୍ଦ୍ଧବ୍ୟବହୃତ ହେଉଥିବାରୁ ଆମ୍ଭେମାନେ ନିଜ ଦୋଷରୁ ଦାରିଦ୍ର୍ୟକୁ ବରଣ କରୁଛୁ ।


"ଆପଣା ହସ୍ତେ ଜିହ୍ୱା ଛେଦି,
କେ ତାର ଅଛି ପ୍ରତିବାଦୀ"

ଏ ରାଜ୍ୟରେ ସଂଖ୍ୟା ଗଣତିକଲେ ଜନସଂଖ୍ୟା ନିଶ୍ଚିତରେ ଅଧିକ ମାତ୍ର ଲୋକଶକ୍ତି ବା ଶ୍ରମିକ ଶକ୍ତି କହିଲେ ଯାହା ବୁଝାଯାଏ ଗୁଣାତ୍ମକ ଦୃଷ୍ଟିରୁ ବିଚାର କଲେ ଆମେ ନିଶ୍ଚିତରେ ଏ ଦିଗରେ ଦୁର୍ବଳ ଏ ଚରମ ସତ୍ୟ ସ୍ୱୀକାର ନକରି ଆମର ଅନ୍ୟ ଗତିନାହିଁ । ଅଧିକନ୍ତୁ ବିଜ୍ଞାନ ଓ କାରିଗରୀ ବିଦ୍ୟାର ଅଭୂତ ପୂର୍ବ ଅଗ୍ରଗତି ସ୍ରୋତରେ ସମଗ୍ର ବିଶ୍ୱ କ୍ରମାଗତ ପ୍ଲାବିତ ହେଉଥିବା ସ୍ଥଳେ ଆମର ଶ୍ରମିକମାନେ କାରିଗରୀ ତଥା ବୈଜ୍ଞାନିକ କୌଶଳରେ ସଂପୂର୍ଣ୍ଣ ଅନଭିଜ୍ଞ ଏ ଦିଗରେ ଜ୍ଞାନଲାଭର ସୁଯୋଗ ମଧ୍ୟ ଯଥେଷ୍ଟ ଉଣା । ଭାରତୀୟ ଶ୍ରମିକଙ୍କର କର୍ମଶକ୍ତି, କୁଶଳତା ତୁଳନାରେ ଓଡ଼ିଶା ମଧ୍ୟ ପଛରେ ପଡ଼ିଛି । ଓଡ଼ିଶାରେ ଶ୍ରମିକଙ୍କ ଶ୍ରମ ଶକ୍ତି ଅପେକ୍ଷାକୃତ ଉଣା ହେବାର ଯଥେଷ୍ଟ କାରଣରହିଛି ଦାରିଦ୍ର୍ୟ, ଅନାହାର ତଥା ସ୍ୱାସ୍ଥ୍ୟହାନୀ ବହୁ ପରିମାଣରେ

ସୀବନ ଶିଳ୍ପ, କୁଟୀରଶିଳ୍ପ ଜରିଆରେ ଉତ୍କୃଷ୍ଟ କହାର ଦେଶ ଉତ୍କଳର ନାରୀ ସମାଜ ବହୁ ସୁନ୍ଦର ଜିନିଷ ପ୍ରସ୍ତୁତ କରିପାରିବେ । ଏହା ଦ୍ୱାରା ଉପାର୍ଜନ ବୃଦ୍ଧି ତଥା ଉତ୍ପାଦନ ବୃଦ୍ଧି ଉଭୟ ସମ୍ଭବ ହେବ । ସହରାଞ୍ଚଳକୁ ଆସିଲେ ହୁଏତ ଏ ପ୍ରଚ୍ଛନ୍ନ ବେକାରୀରୁ ମୁକ୍ତି ମିଳିବ—ମାତ୍ର ପ୍ରକୃତ ଜାତୀୟ ଆୟ (Real National Income) ବୃଦ୍ଧି ହେବନାହିଁ । ବରଂ ଗ୍ରାମାଞ୍ଚଳରେ ଥାଇ ସାମୂହିକ ଉଦ୍ୟମ, ଅନୁଧ୍ୟାନ, ଗବେଷଣା, ତଥା ନବୀକରଣ ଦ୍ୱାରା ଲେକଶକ୍ତିର ସଫଳ ବିନିଯୋଗ ସମ୍ଭବ ହେବା ସଙ୍ଗେ ସଙ୍ଗେ ଆମଦାନୀ ପ୍ରତି ବଦଳ ଦ୍ରବ୍ୟ ପ୍ରସ୍ତୁତି ବଢିପାରିବ । ଫଳରେ ଏକ ପକ୍ଷରେ ଆମଦାନୀ କମିବ ଓ ଅପର ପକ୍ଷରେ କୁଟୀର ଶିଳ୍ପର ଆଖି ଦୃଶିଆ ଉନ୍ନତି ଫଳରେ ରପ୍ତାନୀ ମଧ୍ୟ ଆଶାନୁରୂପ ଭାବରେ ବୃଦ୍ଧି ପାଇ ପାରିବ ଏବଂ ଗ୍ରାମ ଆତ୍ମନିର୍ଭର-ଶୀଳ ହେବା ସମ୍ଭବ ହେବ । ସାକ୍ଷରତା ଅଭିଯାନରେ ଉଦ୍‌ବୃତ୍ତ ଜନ ଶକ୍ତିର ପ୍ରୟୋଗ ମଧ୍ୟ ପରୋକ୍ଷରେ ଉତ୍ପାଦନ ବୃଦ୍ଧିର ସହାୟକ ହେବ । ମାତ୍ର ପ୍ରତି ସ୍ତରରେ ଏଥିନିମନ୍ତେ ନିଷ୍ଠା, ନିରଳସ କର୍ମ, ଆନ୍ତରିକତା ଅତ୍ୟାବଶ୍ୟକ ।

ଜାପାନ ଦେଶ ଭଳି କୃଷି ଉତ୍ପାଦନ ସଙ୍ଗେ ସଙ୍ଗେ କୁଟୀର ଶିଳ୍ପର ଉନ୍ନତି ଆମ ରାଜ୍ୟପାଇଁ ମଧ୍ୟ ଅନୁକୂଳ । ନିଷ୍ଠା, ଆନ୍ତରିକତା, ଶ୍ରମ, ଅନୁଚିନ୍ତା, ଆତ୍ମ ସମୀକ୍ଷା, ସହଯୋଗ, କାରିଗରୀ ବିଦ୍ୟା, ତତ୍ପରତା ଏସବୁ ନିମନ୍ତେ ମନୋବୃତ୍ତିର ପ୍ରୟୋଜନ । ମାତ୍ର ଆମେ "ହାତ ନ ଲଗେ ଗୋଡ଼ ନ ଲଗେ ଚଡ଼୍ ପିଠା ଖଣ୍ଡି ଦୁଆଦ ଲଗେ" ଢଙ୍ଗରେ କିଛି ଶ୍ରମ ନ କରି ଖାଲି ସହରାଞ୍ଚଳକୁ ଆସି ଅମଲାତନ୍ତ୍ର ମଧ୍ୟରେ ଥିବା ପ୍ରଚ୍ଛନ୍ନ ବେକାରୀରେ ଆତ୍ମଗୋପନ କରି ନିଜ ପେଟ ପୋଷିବାକୁ ମନ ବଳାଉଛୁ । ମୁଦ୍ରାସ୍ଫୀତି ବଢ଼ାଇବାରେ ସାହାଯ୍ୟ କରୁଛୁ ସିନା—ମାତ୍ର ମୂଳ ସମସ୍ୟା ସମାଧାନପାଇଁ ବାଟ ପାଉନାହୁଁ । ଶେଷରେ ଆମ ଅବସ୍ଥା ଆସି ପହଞ୍ଚିଛି ସେଇ ଢଗରେ, ଯୋଉଠିକି "ଆରେ ଦାମଣା; ବୁଲି ବୁଲି କରି ସେଇ ଅଗଣା" ।

ରେଭେନ୍ସା କଲେଜ,
କଟକ-୩




ଶିଳ୍ପ ଏବଂ ଖଣି ଓ ଭୂତତ୍ୱ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ୧୯୭୬ ନଭେମ୍ବର ୧୯ ତାରିଖ ଦିନ ଭୁବନେଶ୍ୱରଠାରେ ରପ୍ତାନୀ ଉନ୍ନୟନର ୱାର୍କସପ୍ ଓ ନୂତନ କାର୍ଯ୍ୟକ୍ରମମାନ ଉଦ୍‌ଘାଟନକରି ତଳ କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ପ୍ରଚ୍ଛନ୍ନ ବେକାରୀ ଅର୍ଥାତ୍ Disguised unemploy-ment କୃଷି ପ୍ରଧାନ ଦେଶ ଓଡ଼ିଶାରେ ଅଧିକ ଦେଖା-ଯାଏ । ଏହା ଦ୍ୱାରା ଜନ ଶକ୍ତି ଅର୍ଦ୍ଧ ବ୍ୟବହୃତ ହୁଏ । ଏବଂ ଶକ୍ତି ବା ଶ୍ରମର ସଫଳ ପ୍ରୟୋଗ ହୁଏନାହିଁ । ଅନୁନ୍ନତ ରାଜ୍ୟରେ ପୁଂଜି ନିର୍ମାଣ Capital forma-tion in the underdeveloped economy ପୁସ୍ତକରେ ପୁଂଜି ବୃଦ୍ଧି ଦିଗରେ ଏହି ପ୍ରଚ୍ଛନ୍ନ ବେକାରୀ କିଭଳି ସହାୟକ ତାହା ବର୍ଣ୍ଣିତ ହୋଇଛି । ରେଜେନ ଷ୍ଟାଇନ, ରୋଡ଼େନ୍ ଓ ଆର୍ଥର ଲୁଇସ୍ ଆଦି ଏ ଶକ୍ତି କିଭଳି ଉପଯୋଗ ହୋଇପାରିବ ସେ ସଂପର୍କରେ ସୁଚିନ୍ତିତ ମତ ପ୍ରଦାନ କରିଛନ୍ତି ।

ସାଧାରଣତଃ ନିଜ ଜମିରେ ଚାଷ କରୁଥିବା ଚାଷୀମାନଙ୍କ ମଧ୍ୟରେ ଏହି ପ୍ରଚ୍ଛନ୍ନ ବେକାରୀ ଅଧିକ ମାତ୍ରାରେ ଦେଖା-ଯାଏ । ସାଧାରଣ ଭାଷାରେ କହିବାକୁ ଗଲେ ଯଦି ଅଧିକ ଶ୍ରମିକ ନିଯୁକ୍ତି ଫଳରେ ଜମିରୁ ଅଧିକ ଉତ୍ପାଦନ ନହେଲା ପରନ୍ତୁ ଶ୍ରମିକ ସଂଖ୍ୟା ହ୍ରାସ କରିଦେଲେ ଶସ୍ୟ ଉତ୍ପାଦନରେ କ୍ଷୟ ବୃଦ୍ଧି ନ ଘଟିଲା ତେବେ ବିଚାରିବାକୁ ହେବ ଯେ ସେମାନଙ୍କର ଉତ୍ପାଦନ ବୃଦ୍ଧିରେ କୌଣସି ଅବଦାନ ନଥିଲା । ଅର୍ଥାତ୍ ତାଙ୍କର କାମ କରିବା ନକରିବା ସମାନ ।

ଚକୁଳିଆ ପଣ୍ଡା ଗାଁ ଏ ଗଲେ ମାଣେ ଦି ଗାଁ ଗଲେ ମାଣେ । ଆରେ ଡ଼ାମଣା, ବୁଲି ବୁଲି କରି ସେହି ଅଗଣା । ଚାରିଜଣ କାମ କଲେ ଯେତିକି ଫସଲ, ସାତଜଣ କାମ କଲେ ସେତିକି । ଅର୍ଥନୀତି ପରିଭାଷାରେ କହିଲେ, ସେମାନଙ୍କ ସୀମାନ୍ତ ଉତ୍ପାଦନ ଶକ୍ତି ଶୂନ୍ୟ ବା ଅପରପକ୍ଷରେ ନାସ୍ତି-ବାଚକ । ଯଦି ସେ ସମସ୍ତ ଉଦ୍‌ବୃତ୍ତ ଶ୍ରମିକଙ୍କୁ କୃଷି କାମରୁ ଅପସାରଣ କରିନେଲେ ମଧ୍ୟ କୃଷି ଉତ୍ପାଦନରେ କିଛି ଫରକ ପଡ଼ିବ ନାହିଁ, ତେବେ ସେହି ସବୁ ଶ୍ରମିକମାନଙ୍କୁ ନେଇ ଅନ୍ୟ ଧନ୍ଦାରେ ଲଗାଇଲେ ଏମାନଙ୍କ ଶ୍ରମ ଉତ୍ପାଦନକ୍ଷମ ହୋଇପାରିବ । ଉଦାହରଣ ସ୍ୱରୂପ— ଘରର ପାଞ୍ଚଜଣ ଲୋକ ଜମିରେ କାମ ନକରି ତହିଁରୁ ତିନି ଜଣ ଯଦି ସାର ପ୍ରସ୍ତୁତ, କୂପ ଖନନ, ପୋଖରୀରୁ ଧାର କାଟି କ୍ଷୁଦ୍ର ଜଳସେଚନ, କ୍ଷୁଦ୍ର ଶିଳ୍ପ, କୁଟୀର ଶିଳ୍ପ ଓ କୃଷିଜାତ ଦ୍ରବ୍ୟ ଓ କଞ୍ଚାମାଲ ଦ୍ୱାରା ସମ୍ଭବ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତି ଆଦିରେ ଅଭିନିବେଶ କରନ୍ତେ—ତେବେ ସେହି ଏକା ଆୟରେ ପ୍ରତିପାଳିତ ହୋଇ ମଧ୍ୟ ସେମାନେ କୃଷି ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଅନ୍ୟ ଉପାୟରେ ଉପାର୍ଜନ ମଧ୍ୟ ଆଶାନୁରୂପ ବଢ଼ାଇ ପାରନ୍ତେ । ଏଣେ ସେମାନଙ୍କର ଭରଣପୋଷଣ ଖର୍ଚ୍ଚ ଅପରିବର୍ତ୍ତିତ ରହି-ପାରନ୍ତା—ଫଳରେ ସଞ୍ଚୟ ବୃଦ୍ଧି ଓ ତତ୍ ସଙ୍ଗେ ସଙ୍ଗେ ପୁଂଜି ନିର୍ମାଣ ସମ୍ଭବ ହୋଇପାରନ୍ତା । ପୁନଶ୍ଚ ସେମାନେ କିଛି ମୂଳ ଧନ ଖଟାଇ କୃଷି କର୍ମ ନଥିବା ସମୟରେ କୁଟୀର ଶିଳ୍ପ ଯଥା—ଲୁଗା ବୁଣା, କଣ୍ଢେଇ ଗଢ଼ା, ବେତକାମ ନଡ଼ିଆକତା କାମ, ମାଟି କାମ, ଝୋଟ ତିଆରୀ ଜିନିଷ, ଗାଲିଚା, ସପ, ମଶିଣା ଆଦି ବହୁବିଧ ଶିଳ୍ପଜାତ ନୂଆ ନୂଆ ଦ୍ରବ୍ୟ ପ୍ରସ୍ତୁତ କରିବାରେ ଶକ୍ତି ଖଟେଇ ପାରନ୍ତେ । ଅବଶ୍ୟ ଏଥିପାଇଁ ସୁଯୋଗ ସୁବିଧା ଲୋଡ଼ା । ପୁନଶ୍ଚ ଗୋବରର ସଦୁପଯୋଗ ଦ୍ୱାରା ଅଧିକ ସାର ସଂଗ୍ରହ ଆଦି କରି ସଫଳ ଭାବରେ ବୈଜ୍ଞାନିକ ପ୍ରଣାଳୀରେ କୃଷି ଉତ୍ପାଦନ ବୃଦ୍ଧିରେ ଯତ୍‌ପରନାସ୍ତି ସାହାଯ୍ୟ କରନ୍ତେ । ଜଳସେଚନ ନିମନ୍ତେ ଜନଶକ୍ତି ବିନିଯୋଗ ଏକ ଅର୍ଥକରୀ ଧନ୍ଦା, ସନ୍ଦେହ ନାହିଁ ।

ଅପର ପକ୍ଷରେ ସ୍ତ୍ରୀ ଲୋକମାନେ, ଗୋପାଳନ, କୁକୁଡ଼ା, ଛେଳି ପାଳନଠାରୁ ଆରମ୍ଭ କରି ବାରି ବଗିଚାରେ ଫସଲ ତଥା ଅଦରକାରୀ ଜିନିଷର ବ୍ୟବହାର ଦ୍ୱାରା ସୌଖୀନ ଦ୍ରବ୍ୟ ପ୍ରସ୍ତୁତି ଆଦି ଧନ୍ଦାରେ ଅଧିକ ଧ୍ୟାନଦେଇ ଘରର ଆୟବୃଦ୍ଧି ସଙ୍ଗେ ସଙ୍ଗେ ଜାତୀୟ ଆୟ ବୃଦ୍ଧିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାହାଯ୍ୟ କରିପାରନ୍ତେ । ଏଥି ନିମନ୍ତେ ସ୍ୱଳ୍ପ ସଞ୍ଚୟ ଯୋଜନା ଓ କଠୋର ଶ୍ରମ କରିବା ନିମନ୍ତେ ମନୋ-ବୃତ୍ତି ଏକାନ୍ତ ପ୍ରୟୋଜନ । କଥାରେ ଅଛି—

କଡ଼ାକେ ମରି, କଡ଼ାକେ ତରି
କଡ଼ାକେ ଘର ଦୁଆର କରି,

"ଶ୍ରମ ଦାନ" ତଥା କୁଟୀର ଶିଳ୍ପ ଦିଗରେ ଅଧିକ ଧ୍ୟାନ ଦେବାକୁ ଜାତିର ପିତା ମହାତ୍ମାଗାନ୍ଧୀ ବହୁକାଳରୁ କହି ଆସିଛନ୍ତି । ଜନବହୁଳ ରାଜ୍ୟରେ କୁଟୀର ଶିଳ୍ପ ସାମୟିକ ଧନ୍ଦା ଯୋଗାଇବାରେ ଓ କଞ୍ଚାମାଲ ବିନିଯୋଗରେ ଖୁବ୍ ସାହାଯ୍ୟ କରିଥାଏ ।

ଜଙ୍ଗଲ ସଂପଦର ପୂର୍ଣ୍ଣ ବିନିଯୋଗ ନିମନ୍ତେ—ଯଥା ଶାଳ ମଞ୍ଜି ସଂଗ୍ରହ, କେନ୍ଦୁପତ୍ର ସଂଗ୍ରହ ଆଦି କାର୍ଯ୍ୟରେ ଅବସର ସମୟରେ ମନୋନିବେଶ କରି ସେମାନେ ଅଧିକ ଉପାର୍ଜନ କରି ପାରିବାର ସମ୍ଭାବନା ଅଛି । ସମବାୟ ସମିତି ଜରିଆରେ ଏହି ଉଦ୍‌ବୃତ୍ତ ଜନଶକ୍ତିକୁ ଋଣ ଯୋଗାଇ ଟ୍ରାକ୍ଟର ମରାମତି କାରଖାନା, ସୁଲଭ ସାର ବିକ୍ରୀକେନ୍ଦ୍ର, ଗୋଦାମ-ଘର, ଶିତଳ ଭଣ୍ଡାର ନିର୍ମାଣ, ରାସ୍ତା ବନ୍ଧ ନିର୍ମାଣ, ବିକ୍ରୟ କେନ୍ଦ୍ର ସ୍ଥାପନ, ଯାତାୟତ ନିମନ୍ତେ ସୁବିଧା ଆଦି ଧନ୍ଦାରେ ନାନା ଭାବରେ ଲୋକଶକ୍ତି ବ୍ୟବହୃତ ହୋଇପାରନ୍ତା । ସୁନା,, ରୁପା, କଂସା ପିତଳ ଆଦିରେ ଯୁଗର ଚାହିଦା ଅନୁସାରେ ନୂତନ ଢ଼ଙ୍ଗର କାମ, ତାରକସି କାମ, ବସ୍ତ୍ରଶିଳ୍ପ ତଥା ପିପିଲି ଚାନ୍ଦୁଆ ଆଦି ଓଡ଼ିଶାର ଅତ୍ୟନ୍ତ ପରଂପରାଗତ ଶିଳ୍ପଗୁଡ଼ିକର ନବୀକରଣ (innovation) ପାଇଁ ଅଧିକ ଧ୍ୟାନ ଦିଆଯିବା ଉଚିତ । ନୂତନ ଉପାୟ ଉଦ୍ଭାବନ ତଥା ନୂତନ ନକ୍‌ସା ଓ ଆଧୁନିକ ରୁଚିସଂପନ୍ନ ଲୋକପ୍ରିୟ ଜିନିଷ ତିଆରି ଦ୍ୱାରା ବିଦେଶର ଚାହିଦା ମେଣ୍ଟାଇବାରେ ଦେଶ-ବାସୀ ଧ୍ୟାନ ଦେଲେ ଦେଶର ଧନ ଦେଶରେ ରହିବା ସଙ୍ଗେ ସଙ୍ଗେ ବୈଦେଶିକ ମୁଦ୍ରା ଉପାର୍ଜନର ପନ୍ଥା ପ୍ରଶସ୍ତ ହୋଇପାରନ୍ତା ।

# ବୀର ନରସିଂହ ପୁର.....

## ଜିଲ୍ଲା ସ୍ତରୀୟ ପଲ୍ଲୀଶ୍ରୋତା ମଣ୍ଡଳୀ

'— ଶ୍ରୀ ପ୍ରାଣକୃଷ୍ଣ ଗଡ଼ନାୟକ

ପୁରୀ-ଭୁବନେଶ୍ୱର ରାସ୍ତାରେ ୧୦ କି: ମି: ଅତିକ୍ରମ କରି ବାମକୁ ୩ କି: ମି: ଗଲେ ପଡ଼ିବ ସେଇ ଗାଁଟି । ଗାଁ ର ଦୁଇ ମୁଣ୍ଡରେ ଦୁଇଟି ମନ୍ଦିର ଯଥା ପୂର୍ବରେ ନୀଳକଣ୍ଠେଶ୍ୱର ଓ ପଶ୍ଚିମରେ ଗୋପୀନାଥ ମନ୍ଦିରକୁ ସଂଯୋଗ କରୁଛି ଏକ ସିଧା ଓସାରିଆ ଦାଣ୍ଡ । ଦାଣ୍ଡଟିର ଦୈର୍ଘ୍ୟ ୧ କିଲୋ ମିଟର । ଦୁଇ ପାର୍ଶ୍ୱରେ ଅବସ୍ଥିତ ଧାଡ଼ି ଧାଡ଼ି ଘର । ଘର ଆଗରେ ନଡ଼ିଆ ଗଛର ସମ୍ଭାର, ଗାଁ ର ଶୋଭାକୁ ଆହୁରି ବୃଦ୍ଧି କରୁଛି । ଦାଣ୍ଡଟି ଏତେ ସିଧା ଓ ଓସାରିଆ ଯେ, ଗୋପୀନାଥଙ୍କ ଗମ୍ଭୀରାରେ ଜଳୁଥିବା ସଂଧ୍ୟା ଦୀପଟି ନୀଳକଣ୍ଠେଶ୍ୱର ମନ୍ଦିରକୁ ସଂପୂର୍ଣ୍ଣ ଦୃଷ୍ଟି-ଗୋଚର ହୁଏ । ପୁରୀ ଜିଲ୍ଲାରେ ୪,୭୭୪ ଗ୍ରାମ ଭିତରୁ ଏହି ଗ୍ରାମ ବୀର ନରସିଂହପୁର ଏକ ପୁରାତନ ଓ ଆଦର୍ଶ ଗ୍ରାମ ହିସାବରେ ସର୍ବଦା ବିଦିତ । ପୁରୀ ସଦର ପଞ୍ଚାୟତ ସମିତି ଅନ୍ତର୍ଗତ ଏହି ଗାଁ ର ଲୋକ ସଂଖ୍ୟା ୫,୦୩୦ ଓ ସେମାନଙ୍କ ମଧ୍ୟରୁ ହରିଜନ ୧,୦୨୧ । ଗ୍ରାମଟିର ସମସ୍ତ ଚାଷ ଜମି ୧,୩୬୬ ଏକର ଓ ସେଥିରୁ ୫୬ ଏକର ମାତ୍ର କେନାଲ ଦ୍ୱାରା ଜଳ ସେଚିତ ।

ଗ୍ରାମଟି ଗଙ୍ଗ ବଂଶୀୟ ରାଜା ନରସିଂହ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ବୋଲି ଜଣା ଯାଏ । ଯୁଗର ପରିବର୍ତ୍ତନ ସଂଗେ ସଂଗେ ଗ୍ରାମବାସୀମାନେ ସମୟ ସହିତ ପାଦ ମିଳାଇ ବିଭିନ୍ନ ଉନ୍ନତି-ମୂଳକ ଯୋଜନା ଓ ସାମାଜିକ ପରିବର୍ତ୍ତନରେ ଅଂଶ ଗ୍ରହଣ କରି ଆସୁଛନ୍ତି । ଗ୍ରାମରେ ଗଢି ଉଠିଛି ଯୁବକ ସଂଘ, ମହିଳା ସମିତି, ପଲ୍ଲୀଶ୍ରୋତା ମଣ୍ଡଳୀ । ବିଭିନ୍ନ ଋତୁରେ ଯାନି ଯାତ୍ରାରେ ଗ୍ରାମଟି ଆନନ୍ଦ ମୁଖରିତ ହୋଇ ଉଠେ । ଶୀତଳ ଷଷ୍ଠୀ, ଝୁଲଣ, ଶିବରାତ୍ରୀ ଓ ଗଣେଶ ପୂଜା ଇତ୍ୟାଦି ପର୍ବ ଅତି ଜାକଜମକରେ ଗ୍ରାମବାସୀମାନେ ପାଳିଥାନ୍ତି । ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ମଧ୍ୟରେ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ସ୍କୁଲ, ପଞ୍ଚାୟତ ଶିଳ୍ପ ଯଥା – ତେଲ କଳ, ଧାନକଳ, ଓ ପୋଷ୍ଟ ଅଫିସ ଲୋକମାନଙ୍କ ସହାୟକତାରେ ଗଢି ଉଠିଛି । ଗାଁରେ ସଂଚୟ ଯୋଜନା କାର୍ଯ୍ୟକାରୀ ହୋଇ ଏକ ସଂଶ୍ରୟ ଗ୍ରାମରେ ପରିଣତ ହୋଇଛି । ଗ୍ରାମର ଦୁଇ ପାର୍ଶ୍ୱରେ ଦୁଇଟି ବିରାଟ ପୋଖରୀ । ମାଛ ଚାଷ, ନଡ଼ିଆ ଓ କଦଳୀରୁ ଗ୍ରାମ କୋଠକୁ ବାର୍ଷିକ ପାଞ୍ଚ ହଜାର ଟଙ୍କା ଆସିଥାଏ ।

ଏହି ଅର୍ଥରେ ଗାଁ ର ବିଭିନ୍ନ ଉନ୍ନତିକର ଯୋଜନା କାର୍ଯ୍ୟକାରୀ ହୋଇଥାଏ । ଗ୍ରାମଟି ବିଦ୍ୟୁତ୍‌କରଣ ହେବା ପରେ ଘରେ ଗ୍ରାମରେ ପାନୀୟ ଜଳ ଯୋଗାଣର (ପାଇପ୍ ୱାଟର) ବ୍ୟବସ୍ଥା କରା ଯାଇଛି ।




ରାଜ୍ୟ ପୂର୍ତ୍ତ ଓ ପରିବହନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ୧୯୭୭ ଅକ୍ଟୋବର ୧୯ ତାରିଖ ଦିନ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ-ଠାରେ ନିର୍ମିତ ଶାନ ବେସଣ୍ଡି (କନ୍ଧରା) ବନ୍ଧର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।



କୋରାପୁଟ ଜିଲ୍ଲା ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ କୋରାପୁଟ ଜିଲ୍ଲାପାଳ ତାଙ୍କୁ ରନିଂ ସିଲ୍ଡ ପ୍ରଦାନ କରୁଛନ୍ତି ।



ଆବଶ୍ୟକତା ଉପରେ ଜୋର ଦେଇ ରେଡ଼ିଓ ଓ ପ୍ରଦର୍ଶନୀ ମାଧ୍ୟମରେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମତ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ଓଡ଼ିଶା ବହୁ ଖଣିଜ ସଂପଦରେ ଭରପୁର ହୋଇ ରହିଥିଲେ ହେଁ ଅର୍ଥନୈତିକ ଦୃଷ୍ଟିରୁ ଏହା ଅନ୍ୟ ପ୍ରଦେଶ ତୁଳନାରେ ପଛରେ ପଡ଼ି ରହିଛି । ସେ ଯୁବକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେଯେ, ଏହି ଖଣିଜ ସଂପଦର ବିନିଯୋଗ ଦ୍ୱାରା ହିଁ ଦେଶର ଅର୍ଥ ନୈତିକ ଅଭିବୃଦ୍ଧି କରାଯାଇ ପାରିବ । ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକାରିତା ଦ୍ୱାରା ଲୋକମାନଙ୍କୁ ଯୋଜନା ବିଷୟରେ ସମ୍ୟକ ଧାରଣା ଦିଆଯାଇ ପାରିବ ।

ରାଜ୍ୟ ସମାଜ ମଂଗଳ ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ କୁନ୍ତଳା କୁମାରୀ ଆଚାର୍ଯ୍ୟ ଏହି ଉତ୍ସବରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ମହିଳାମାନଙ୍କୁ ସୂଚନା ଦେଇ କହିଲେ ଯେ, ସେମାନେ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ନିଜକୁ ଜଡ଼ିତ କରିବା ଉଚିତ । ଏହି ଉତ୍ସବରେ ଓଡ଼ିଶାର ବିଶିଷ୍ଟ ଅର୍ଥ ନିତିଜ୍ଞ ଡ଼ାଃ. ସଦାଶିବ ମିଶ୍ର ପୌରହିତ୍ୟ କରିଥିଲେ ।

ଏହି ପଲ୍ଲୀଶ୍ରୋତା ମଣ୍ଡଳୀ ସମ୍ମିଳନୀ ଉପଲକ୍ଷେ ଏକ କୃଷକ ଓ ମହିଳା ତାଲିମ ଶିବିର କୃଷି ବିଭାଗ ଦ୍ୱାରା ସଂଗଠନ କରାଯାଇଥିଲା ।

ଏହି ପ୍ରଦର୍ଶନୀରେ ଲୋକ ସଂପର୍କ ବିଭାଗ, ନଡ଼ିଆ ଗବେଷଣା କେନ୍ଦ୍ର, କୃଷି ଇଂଜିନିୟରିଂ ସଂସ୍ଥା, ସାର କରପୋରେସନ, ଜିଲ୍ଲା କୃଷି ବିଭାଗ, ପରିବାର କଲ୍ୟାଣ, ଶିଳ୍ପ, ସମବାୟ, ବିଭିନ୍ନ ଯୁବକ ସଂଘ ଓ ମହିଳା ସମିତିର ଷ୍ଟଲମାନ ଅଂଶ ଗ୍ରହଣ କରି ଥିଲେ ।

ପ୍ରତ୍ୟେହ ସଂଧ୍ୟାର ଉତ୍ସବ ପରେ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରା ଯାଇଥିଲା । ବୀର ନରସିଂହପୁର ଦୟାନିଧି ଯୁବକ ସଂଘର ଉତ୍ସାହି ଯୁବକମାନେ ଭାରୋତ୍ତଳନ ପ୍ରଦର୍ଶନ କରିଥିଲେ । ଏହି ଯୁବକ ସଂଘର ଶ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସର୍ବାପେକ୍ଷା ଅଧିକ ୨୮୦ ପାଉଣ୍ଡ ଭାରୋତ୍ତଳନ କରି ସମସ୍ତଙ୍କୁ ମୁଗ୍ଧ କରି ଦେଇଥିଲେ । କୁମାରୀ ସୁଚିତ୍ରା ମିଶ୍ରଙ୍କର ଓଡ଼ିଶୀ ନୃତ୍ୟ, ମୁରଲୀଧର ବିଶୋଇ ଓ ବୃନ୍ଦେଶ୍ୱର ପ୍ରଧାନଙ୍କର ଦାସକାଠିଆ ନୃତ୍ୟ ଓ ଅନ୍ୟାନ୍ୟ ସ୍ଥାନିୟ କଳା ଶିଳ୍ପୀମାନଙ୍କର କାର୍ଯ୍ୟକ୍ରମ ଉତ୍ସବଟିକୁ ଖୁବ୍ ଜମେଇ ରଖିଥିଲା ।

ଜିଲ୍ଲା ଲୋକ ସଂପର୍କ ଅଧିକାରୀ, ।
ପୁରୀ



ଗତ ୧୭-୧୧-୧୯୭୭ ଓ ୧୮-୧୧-୧୯୭୭ ତାରିଖ ଦୁଇ ଦିନ ଧରି ଜିଲ୍ଲା ସ୍ତରୀୟ ପଲ୍ଲୀ ଶ୍ରୋତା ମଣ୍ଡଳୀ ଏବଂ କୃଷି ଓ ଗୃହ ପରିଗ୍ଭଳନାର ଆଲୋଚନା ଚକ୍ର ଓ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବ ଉପଲକ୍ଷେ ଗ୍ରାମରେ ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା । ଆଖ-ପାଖରୁ ହଜାର ହଜାର ସଂଖ୍ୟାରେ ଲୋକ ଏହି ପ୍ରଦର୍ଶନୀ ଉପଭୋଗ କରିବା ସଂଗେ ସଂଗେ ବହୁତ କଥା ଶିକ୍ଷା ଲାଭ କରିଛନ୍ତି । ଏହି ପ୍ରଦର୍ଶନୀ ଆକାଶବାଣୀର ଡେପୁଟି ଡାଇରେକ୍ଟର-ଜେନେରାଲ ଶ୍ରୀଯୁକ୍ତ କେ: ପି: ଶର୍ମା ୧୭ ତାରିଖ ଦିନ ଉଦ୍‌ଘାଟନ କରିଥିଲେ ।

ଆଶା ପ୍ରକାଶ କରିଥିଲେ । କୃଷିର ଉନ୍ନତି ଲାଗି ଏହି ପରି ପଲ୍ଲୀଶ୍ରୋତା ମଣ୍ଡଳୀ ଖୁବ୍ ଉପାଦେୟ ବୋଲି ମନ୍ତ୍ରୀ ମହୋଦୟ ମତ ପ୍ରକାଶ କରିଥିଲେ । ଉତ୍ସବରେ ପୌରହିତ କରି ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ କହିଲେ ଯେ, କଟକ ଆକାଶବାଣୀର ଉନ୍ନତି ହେବା ଦରକାର । ସେ ଆହୁରି କହିଲେ .ଯେ, ଆଇନ ମାଧ୍ୟମରେ ଯାହା ହୋଇ ନ ପାରିବ, ଆକାଶ ବାଣୀର ପ୍ରଗ୍ଭର ମାଧ୍ୟମରେ ତାହା ସମ୍ଭବ ହୋଇ ପାରିବ । ଯୋଜନା ବିଷୟ ଗାଁ ଗହଳରେ ପ୍ରଗ୍ଭର ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚିବା ଦରକାର । ସଭାର ଆରମ୍ଭରେ ଜିଲ୍ଲାପାଳ





ଗତ ୧୭ ତାରିଖ ଗୁରୁବାର ଦିନ ସଂଧ୍ୟାରେ ଆଲୋକ ମାଳାରେ ସଜ୍‌ଜିତ ଏହି ଗ୍ରାମଟି ଆନନ୍ଦ ମୁଖରିତ ହୋଇ ଉଠିଲା । ଓଡ଼ିଶାର କୃଷି ଓ ଗ୍ରାମ ମଂଗଳ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରହଲ୍ଲାଦ ମଲିକ ଓ ଓଡ଼ିଶାର ଲୋକ ସଂପର୍କ ଓ ଗ୍ରାମ ଗୋଷ୍ଠୀ ବିଭାଗ, ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଅଦ୍ୱୈତ ପ୍ରସାଦ ସିଂହ ସଂଧ୍ୟାରେ ଏହି ଗ୍ରାମରେ ପଦାର୍ପଣ କରିବା ସଂଗେ ସଂଗେ ବାଜା, ବାଣ, ଖୋଳ ଓ କର-ତାଳରେ ଗ୍ରାମଟି ମୁଖରିତ ହୋଇ ଉଠିଲା । ଗାଁ ମୁଣ୍ଡରୁ ଅତିଥିମାନଙ୍କୁ ଲୋକମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇ ସଭାମଣ୍ଡପକୁ ପାଛୋଟି ଆଣିଥିଲେ । ସ୍ଥାନୀୟ ବିଧାନ ସଭା ସଦସ୍ୟ ଶ୍ରୀ ବ୍ରଜ କିଶୋର ତ୍ରିପାଠୀ, ବ୍ରହ୍ମଗିରୀ ବିଧାନ ସଭା ସଦସ୍ୟ ଶ୍ରୀ ଅଜୟ କୁମାର ଜେନା ଏହି ଶୋଭା ଯାତ୍ରାରେ ମନ୍ତ୍ରୀଙ୍କ ସହ ଯୋଗ ଦେଇଥିଲେ । ସଂଧ୍ୟା ୭ଟା ସମୟରେ ବୀର ନରସିଂହପୁର ଗ୍ରାମର ବିକାଶ କାହାଣୀ ଆକାଶବାଣୀ ସୌଜନ୍ୟରୁ ପ୍ରଗ୍ଭର କରା ଯାଇଥିଲା ।


ଗ୍ରାମର ଝିଅମାନଙ୍କ ଦ୍ୱାରା ପ୍ରାରମ୍ଭୀକ ସଂଗୀତ ପରେ ପରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟ କ୍ରମ ଉଦ୍-ଘାଟନ କରି ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ରେଡ଼ିଓ ମାଧ୍ୟମରେ ପ୍ରଗ୍ଭର୍ କାର୍ଯ୍ୟ ଖୁବ୍ ତ୍ୱରାନ୍ୱିତ ହୋଇ ପାରିବ ବୋଲି

ଶ୍ରୀ ଶଚିଦାନନ୍ଦ ରଥ ପ୍ରାରମ୍ଭିକ ଭାଷଣ ଦେଇ ଏହି ଉତ୍ସବର ସୂଚନା ଦେଇଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଆକାଶବାଣୀର ଡେପୁଟି ଡାଇରେକ୍ଟର ଶ୍ରୀ ଶର୍ମା, କୃଷି ବିଭାଗ ନିର୍ଦ୍ଦେଶକ ଶ୍ରୀ ସେନ୍‌ଗୁପ୍ତ, ବିଧାନ ସଭା ସଦସ୍ୟ, ଶ୍ରୀ ତ୍ରିପାଠୀ ଓ ଶ୍ରୀ ଯେନା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଦ୍ୱିତୀୟ ଦିନ ଉଦ୍‌ଯାପନ ଉତ୍ସବ ମହା ସମାରୋହରେ ପାଳନ କରା ଯାଇଥିଲା । ଏହି ଉତ୍ସବରେ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନୀଳମଣି ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂଧ୍ୟା ସମୟରେ ମୁଖ୍ୟ-ମନ୍ତ୍ରୀଙ୍କ ଆଗମନରେ ଗ୍ରାମଟି ଆନନ୍ଦରେ ନାଚି ଉଠି ଥିଲା । ଘଣ୍ଟ ମାଦଳ ବଜାଇ ହଜାର ହଜାର ଲୋକ ମୁଖ୍ୟ ମନ୍ତ୍ରୀଙ୍କୁ ଗାଁ ର ଏହି ବିସ୍ତୃତ ଦାଣ୍ଡରେ ପାଛୋଟି ନେଇଥିଲେ । ଏହି ଶୋଭାଯାତ୍ରାରେ ଲୋକସଂପର୍କ ବିଭାଗର ଡ଼ାଇରେକ୍-ଟର ଶ୍ରୀଯୁକ୍ତ ବିବେକା ନନ୍ଦ ପଟନାୟକ, ଜିଲ୍ଲାପାଳ ଶ୍ରୀ ଯୁକ୍ତ ସଚିଦାନନ୍ଦ ରଥ, ମୁଖ୍ୟ ମନ୍ତ୍ରୀଙ୍କ ସଚୀବ ଶ୍ରୀ ଅକ୍ଷୟ ବିଶ୍ୱାଳ, କୃଷି ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀ ଗୌରାଂଗ ନାୟକ ଏବଂ ସଦର ଏସ୍. ଡ଼ି. ଓ. ଶ୍ରୀ ପରମାନନ୍ଦ ପଣ୍ଡା, ଯୋଗ ଦେଇଥିଲେ । ଏକ ବିରାଟ ସଭାରେ ଉଦ୍-ବୋଧନ ଦେଇ ମୁଖ୍ୟ ମନ୍ତ୍ରୀ ଏହିପରି ଉତ୍ସବରେ

ଆମ ଦେଶରେ ସ୍ୱାଧୀନତାର ପୂର୍ବାବସ୍ଥାରେ ଜନ ସାଧାରଣ, କୃଷକ ଏବଂ ବିଶେଷ କରି ଯୁବଗୋଷ୍ଠୀଙ୍କୁ ସ୍ୱାଧୀନତା ସଂଗ୍ରାମରେ ସଂପୃକ୍ତ କରିବାକୁ ସ୍ୱେଚ୍ଛାଧୀନ ପଦକ୍ଷେପ ମାନ ନିଆ ଯାଇଥିଲା । ପରେ ପରେ ଯୁବ-ଗୋଷ୍ଠୀ ବିଭିନ୍ନ ଯୁବ ଅନୁଷ୍ଠାନ ମାଧ୍ୟମରେ ସମାଜମଙ୍ଗଳ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କଲେ । ଅଧୁନା ଗ୍ରାମାଞ୍ଚଳର ବିକାଶ ଦିଗରେ ସର୍ବ ସାଧାରଣ ପାଠାଗାର, ଶିକ୍ଷାକେନ୍ଦ୍ର, ଚିକିତ୍ସାଗତ ସାହାଯ୍ୟ, ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ ଏବଂ ଆନୁସଙ୍ଗୀକ ଗଠନ ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ମଙ୍ଗଳ ରାଷ୍ଟ୍ର ଗଠନ କରିବା ଏବଂ ବିଭିନ୍ନ ସାମାଜିକ କୁ ସଂସ୍କାର ଦୂର କରିବା ଉଦ୍ଦେଶ୍ୟରେ ଯୁବଶକ୍ତିକୁ ବିନି-ଯୋଗ କରିବା ପାଇଁ ସରକାରଙ୍କ ଆଗ୍ରହ ସ୍ୱାଗତ ଯୋଗ୍ୟ ।

ସମୟୋପଯୋଗୀ ପଦକ୍ଷେପ ହିସାବରେ ଭାରତ ସରକାର ଜାତୀୟ ସେବା ସଂସ୍ଥା ଓ ନେହେରୁ ଯୁବକ କେନ୍ଦ୍ର ନାମରେ ଦୁଇଟି ସଂସ୍ଥା ଗଠନ କରିଛନ୍ତି । ଜାତୀୟ ସେବା ସଂସ୍ଥା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱ-ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅବସର ସମୟରେ ଗ୍ରାମାଞ୍ଚଳରେ ଆବର୍ଜନା ଓ ବ୍ୟାଧି, ବନ୍ୟା ଓ ଦୁର୍ଭିକ୍ଷ ଏବଂ ସାମାଜିକ କୁ ସଂସ୍କାର ଗୁଡ଼ିକ ବିରୁଦ୍ଧରେ ଅଭିଯାନ ଚଳାଇ ଅଣ ଛାତ୍ର ଯୁବଗୋଷ୍ଠିଙ୍କ ସହାୟତାରେ ରାସ୍ତା ମରାମତି, ପଙ୍କୋଦ୍ଧାର ପ୍ରଭୃତି କେତେକ ଜାତୀୟ ଗଠନ-ମୂଳକ କାର୍ଯ୍ୟ କରନ୍ତି । ଏହା ବ୍ୟତିତ ପଲ୍ଲୀ ଓ ସହରା-ଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ନିରକ୍ଷରଙ୍କୁ ସାକ୍ଷର କରିବା, ଜାତିର ଐତିହାସିକ କୀର୍ତ୍ତିନିଚୟକୁ ସଂରକ୍ଷଣ କରିବା, ବୃକ୍ଷ ରୋପଣ ଓ ରକ୍ଷଣା ବେକ୍ଷଣ କରିବା, ପନିପରିବା ଚାଷ କରିବା ଭଳି କେତେକ କାର୍ଯ୍ୟକ୍ରମକୁ ଜାତୀୟ ସେବା ସଂସ୍ଥା ହାତକୁ ନେଇଅଛି । କିନ୍ତୁ ଏହି ସଂସ୍ଥା ଏକ ପୂର୍ଣ୍ଣାଙ୍ଗ ସଂସ୍ଥା ନୁହେଁ । ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଜାତୀୟ ସେବା ସଂସ୍ଥାରେ ଅନ୍ତର୍ଭୁକ୍ତ ହୋଇ ନ ଥାନ୍ତି । ପୁଣି ବିଦ୍ୟାର୍ଥୀ ମାନେ ସମସ୍ତ ସମୟ ଜାତୀୟ ସେବାରେ ବିନିଯୋଗ କରିବା ଅସମ୍ଭବ । ସେମାନଙ୍କ ଅବସରର ସୀମିତ ପରିସର ମଧ୍ୟରେ କୌଣସି ସ୍ଥାୟୀ ଯୋଜନା ସୃଷ୍ଟି କରିବା ବି ସମ୍ଭବପର ନୁହେଁ । ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛା-ସେବୀମାନେ ଅନେକ ଯାଗାରେ ବିଭିନ୍ନ ଯୋଜନା ଆରମ୍ଭ କରିଥାନ୍ତି ଏବଂ କେତେକ ଯୋଜନା ପୂର୍ଣ୍ଣ କରିଥାନ୍ତି । କିନ୍ତୁ ଅସଂପୂର୍ଣ୍ଣ କାମକୁ ସଂପୂର୍ଣ୍ଣ କରିବା ଏବଂ ସଂପୂର୍ଣ୍ଣ କାମକୁ ସ୍ଥାୟୀ କରିବା ଉକ୍ତ ଅଞ୍ଚଳର ଅଧିବାସୀ ମାନଙ୍କ ଉପରେ ହିଁ ନିର୍ଭର କରେ । ଏଥିପାଇଁ ଗ୍ରାମବାସୀ ମାନଙ୍କୁ ସଂଗଠିତ କରିବା ଦିଗରେ ଗ୍ରାମା-ଞ୍ଚଳରେ ଯୁବ ଅନୁଷ୍ଠାନ ଗୁଡ଼ିକର ଭୂମିକା ଅତି ଗୁରୁତ୍-ପୂର୍ଣ୍ଣ । ପୁଣି ଯେଉଁ କାର୍ଯ୍ୟ ଗୁଡ଼ିକ ଜାତୀୟ ସେବା-ସଂସ୍ଥା ନିର୍ଦ୍ଦିଷ୍ଟ ଅଞ୍ଚଳମାନଙ୍କରେ କରେ ସେହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଅଞ୍ଚଳର ଯୁବନୁଷ୍ଠାନ ଧାରାବାହିକ ପଦକ୍ଷେପ ଦ୍ୱାରା ବ୍ୟାପକ ଭାବରେ ସଂପାଦନ କରିପାରେ ।



ନେହେରୁ ଯୁବକ କେନ୍ଦ୍ର ପକ୍ଷରୁ ସିଲେଇ ତାଲିମ ବ୍ୟବସ୍ଥା

ଯେ କୌଣସି ଫଳପ୍ରଦ ଯୁବ ଯୋଜନା ପାଇଁ ସକ୍ରିୟ ଓ ଜୀବନଧାରଣକ୍ଷମ ଯୁବ ଅନୁଷ୍ଠାନ ଆବଶ୍ୟକ । ଗ୍ରାମାଞ୍ଚଳ ଓ ଛୋଟ ଛୋଟ ସହରାଞ୍ଚଳରେ ଯୁବ ଅନୁଷ୍ଠାନ

# ଓଡ଼ିଶାର ଯୁବଗୋଷ୍ଠୀର ଭୂମିକା

—ଶ୍ରୀ ଗୁରୁପ୍ରସାଦ ପାଣିଗ୍ରାହୀ

ଗଣତାନ୍ତ୍ରିକ ରାଷ୍ଟ୍ରରେ ଜାତୀୟ ପୁନର୍ଗଠନ ଏବଂ ବିକାଶୋନ୍ମୁଖୀ ଯୋଜନା ଗୁଡ଼ିକରେ ଜନସାଧାରଣଙ୍କ ଅଂଶ ଗ୍ରହଣର ଯଥେଷ୍ଟ ଗୁରୁତ୍ୱ ରହିଛି । ସମାଜର ଦୁର୍ବଳ ଓ ଅନୁନ୍ନତ ଶ୍ରେଣୀର ମଙ୍ଗଳ ନିମନ୍ତେ ପ୍ରକାରାନ୍ତରେ କହିବାକୁ ଗଲେ କୌଣସି ପରିକଳ୍ପନାର ସଫଳତା ଉକ୍ତ ପରିକଳ୍ପନାରେ ସଂପୃକ୍ତ ସଂପ୍ରଦାୟର ସଂଯୁକ୍ତର ପରିମାଣ ଉପରେ ନିର୍ଭର କରେ । ରାଷ୍ଟ୍ରର ବିଭିନ୍ନ ଜନମଙ୍ଗଳ ଯୋଜନା ମାଧ୍ୟମରେ ଜନସାଧାରଣଙ୍କ ସ୍ୱେଚ୍ଛାସେବୀ ପଦକ୍ଷେପ ଦ୍ୱାରା ସମୁଚ୍ଚୟ ଅଗ୍ରସରତା ହାସଲ କରିବା ହେଉଛି ମହାତ୍ମା ଗାନ୍ଧୀଙ୍କ ପରିକଳ୍ପନା । ଏହି ପରିକଳ୍ପନାର କାର୍ଯ୍ୟକାରିତା ଉପରେ ଆମ ଦେଶର ଜନ-ନାୟକ ମାନେ ସଂପ୍ରତି ଧ୍ୟାନ ଦେଇଥିବା ଅତ୍ୟନ୍ତ ସୁଖର କଥା । ସାମଗ୍ରୀକ ଅଗ୍ରସରତା ଉପରେ ହିଁ ଦେଶର ବିକାଶ ସମ୍ଭବପର ହୁଏ । କିନ୍ତୁ ବିକାଶକୁ କେବଳ ରାସ୍ତା ନିର୍ମାଣ, ପୋଖରୀ ଖନନ ବା ଗୃହ ନିର୍ମାଣରେ ସୀମିତ କରି ତାର ପରିସରକୁ ସଂକୁଚିତ କରିବା ଠିକ୍ ହେବ ନାହିଁ । ବିକାଶ କହିଲେ ଭୌତିକ ବିକାଶ ବ୍ୟତିତ ମାନବିକତାର ବିକାଶକୁ ମଧ୍ୟ ବହୁଳ ଭାବରେ ବୁଝାଏ । ପରସ୍ପର ମଧ୍ୟରେ ଭ୍ରାତୃଭାବ, ସୁଖ ଦୁଃଖରେ ଅଂଶ ଗ୍ରହଣ, ସ୍ନେହ ମମତାର ଆଦାନ ପ୍ରଦାନ, ଅନ୍ୟର ସମସ୍ୟାର ସମାଧାନରେ ଧ୍ୟାନ ଦେବାରେ ହିଁ ମାନବିକତା ପ୍ରସ୍ଫୁଟିତ ହୁଏ । "ମୁଁ ଯଦି ମୋ ନିଜ ପାଇଁ ନ କରେ, ମୋ ପାଇଁ ଆଉ କିଏ କରିବ ? ମୁଁ ଯଦି କେବଳ ମୋ ପାଇଁ କରେ ସମାଜରେ ମୋର ବଞ୍ଚିରହିବାରେ ଆବଶ୍ୟକତା କେଉଁଠି ?" ଏହି ଦର୍ଶନ ଉପରେ ବିଶ୍ୱାସ ରଖି କର୍ମାଭିମୁଖୀ ହେଲେ ମଣିଷ ବହି ସାହାଯ୍ୟ ଉପରେ ନିର୍ଭର କରେ ନାହିଁ । ଏହି ପ୍ରକୃତି ତାକୁ ଆତ୍ମ ନିର୍ଭରଶୀଳ କରିବା ସଙ୍ଗେ ସଙ୍ଗେ ସମାଜ ସେବା ଦିଗରେ ବ୍ରତୀ କରାଇଥାଏ ।

ଏହି ପରିପ୍ରେକ୍ଷୀରେ ସମାଜ ଗଠନ ଏବଂ ବିକାଶ ମୂଳକ ଯୋଜନାରେ ଯୁବଶକ୍ତିର ଅଂଶ ଗ୍ରହଣ ନିତାନ୍ତ ଆବଶ୍ୟକ ମନେ ହୁଏ । ଜାତୀୟ ପୁନର୍ଗଠନ ଏବଂ ସମାଜ ମଙ୍ଗଳ ଦିଗରେ ଯୁବ ଶକ୍ତିର ବିନିଯୋଗକୁ ପୃଥିବୀର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ନୀତିଗତ ଭାବେ ଗ୍ରହଣ କରି ନେଇଛନ୍ତି । ସାମ୍ୟବାଦୀ ରାଷ୍ଟ୍ରମାନଙ୍କରେ ସରକାରଙ୍କ ନିର୍ଦ୍ଦେଶନାରେ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରାଯାଇ ସହଜରେ ବିକାଶମୂଳକ ଯୋଜନାଗୁଡ଼ିକୁ ସଫଳ କରାଯାଏ । ଚୀନ ଦେଶରେ ମାଓ ସେ ତୁଂ ତିନିଲକ୍ଷ ଯୁବକଙ୍କୁ ଲଗାଇ ପୃଥିବୀର ସର୍ବ ବୃହତ୍ ମାଟି ସେତୁବନ୍ଧ ତିନିମାସ ମଧ୍ୟରେ ପୂର୍ଣ୍ଣକରି ପାରିଥିଲେ । ଗଣତନ୍ତ୍ର ରାଷ୍ଟ୍ରରେ ଏହିପରି ପଦକ୍ଷେପ ନିଆଯାଇ ପାରିଲେ ଗଣତନ୍ତ୍ରର ମୂଲ୍ୟବୋଧ ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ଯୁବଗୋଷ୍ଠିଙ୍କୁ ଶୃଂଖଳିତ କରି ବୃହତ୍ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରାଯାଇ ପାରିବ ।

ଗ୍ରହଣରେ ମହାପୁରୁଷମାନଙ୍କର ଜୀବନୀ, ଧର୍ମଶାସ୍ତ୍ର ବାଣୀର ଆଲୋଚନା ମାଧ୍ୟମରେ ଉଚ୍ଚନୀଚ ଭେଦଭାବ ଦୂର କରାଯାଏ ଏବଂ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ଦିଆଯାଇ ପ୍ରୌଢ଼ ଶିକ୍ଷାକୁ ଉତ୍ସାହିତ କରାଯାଏ । ସାକ୍ଷରତାର ପରବର୍ତ୍ତୀ କାର୍ଯ୍ୟକ୍ରମ ହିସାବରେ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଭ୍ରାମ୍ୟମାଣ ପାଠାଗାର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ପଲ୍ଲୀ ଅଞ୍ଚଳରେ ଅନେକ ପାଠାଗାରରେ ବହିଗୁଡ଼ିକ ରହି କୀଟ ନଷ୍ଟ ହୋଇଯାଏ । ପୁଣି ପ୍ରତ୍ୟେକ ପଲ୍ଲୀ ପାଠାଗାରକୁ ବହି ସବୁଦିନ ପାଇଁ ଯୋଗାଇ ଦେବା ସରକାରଙ୍କ ପକ୍ଷରେ ସଂଭବ ନୁହେଁ । ସୁତରାଂ ଏହି ସଂସ୍ଥା ପକ୍ଷରୁ ଭ୍ରାମ୍ୟମାଣ ପାଠାଗାରର ବ୍ୟବସ୍ଥା ରହିଛି ।

ସମାଜ ସେବାର ମୂଳ ଲକ୍ଷ୍ୟ ହେଉଛି ଅବହେଳିତ ଓ ଅନୁନ୍ନତ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ସାଧନା କରିବା । ନେହେରୁ



ଯୁବ କେନ୍ଦ୍ର ଆନୁକୂଲ୍ୟରେ ପଲ୍ଲୀ ଅଞ୍ଚଳର ଯୁବ ଗୋଷ୍ଠୀ-ଦ୍ୱାରା ପୋଖରୀ ଖନନ ପଙ୍କୋଦ୍ଧାର, ରାସ୍ତାଘାଟ ନିର୍ମାଣ ଓ ମରାମତି, କଂପୋଷ୍ଟପିଟ୍ ତିଆରି ପ୍ରଭୃତି କାର୍ଯ୍ୟକ୍ରମକୁ ହାତକୁ ନିଆଯାଏ । ଏହି କାର୍ଯ୍ୟକ୍ରମ ଗୁଡ଼ିକ ମାଧ୍ୟମରେ ନିର୍ଦ୍ଧାରିତ ଅର୍ଥର ସଦୁପଯୋଗ ବିନା ଅର୍ଥରେ ବା କମ୍ ଅର୍ଥ ବ୍ୟୟରେ ବୃହତର ଯୋଜନା ପ୍ରସ୍ତୁତି, ସଂପୃକ୍ତ ଲୋକଙ୍କର କାର୍ଯ୍ୟରେ ଅଂଶ ଗ୍ରହଣ ପରବର୍ତ୍ତୀ ପଦକ୍ଷେପ (Follow up action) ହିସାବରେ ଯୋଜନା ଗୁଡ଼ିକର ରକ୍ଷଣା ବେକ୍ଷଣ କରାଯିବା ସଙ୍ଗେ ସଙ୍ଗେ ଆତ୍ମ ବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ଜାଗ୍ରତ ହୁଏ । ସମାଜ ସେବାରେ ଆଦି ଅନ୍ତ ନ ଥାଏ । ନେହେରୁ ଯୁବ କେନ୍ଦ୍ର ରକ୍ତଦାନଠାରୁ ଆରମ୍ଭ କରି ଉନ୍ନତ କୃଷି ସମ୍ବନ୍ଧୀୟ, ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ଶିକ୍ଷାଦାନ ପ୍ରଭୃତି ସାମାଜିକ କର୍ତ୍ତବ୍ୟ ତୁଲାଇବା ପାଇଁ ଯୁବ ସଂପ୍ରଦାୟକୁ ପ୍ରବର୍ତ୍ତାଏ ।

ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟ ଯୁବ ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଏ । ନାଟକ ଅଭିନୟ, ସଂଗୀତ ପରିବେଷଣ ପ୍ରଭୃତି ଯୁବକମାନଙ୍କ ଭାରାକ୍ରାନ୍ତ ମନକୁ ଆରାମ ଦିଏ ଏବଂ ସେମାନଙ୍କ ଜୀବନକୁ ସମୃଦ୍ଧ କରେ । ତତ୍ ସଙ୍ଗେ ସଙ୍ଗେ ସାମାଜିକ ସଂସ୍କାର ଦିଗରେ ସାଂସ୍କୃତିକ ଦଳଗୁଡ଼ିକୁ ଶକ୍ତିଶାଳୀ ଅସ୍ତ୍ର-ହିସାବରେ ବ୍ୟବହାର କରାଯାଏ । ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ଆଧୁନିକ ଆମୋଦ ପ୍ରମୋଦର ସୁବିଧା ନଥାଏ । ପୁଣି ଅଧିକାଂଶ ଗ୍ରାମବାସୀ ଅଶିକ୍ଷିତ । ସୁତରାଂ ସେମାନଙ୍କୁ ପୁରାଣ ଓ ଶାସ୍ତ୍ରର ବାଣୀ ଓ ତାର ଆଦର୍ଶ ଏବଂ ଏକ ସୁସ୍ଥ ସମାଜ ଗଠନ ପାଇଁ ବ୍ୟକ୍ତିଗତ କର୍ତ୍ତବ୍ୟ ସଂପର୍କରେ ଉଦ୍‌ବୁଦ୍ଧ କରିବା ପାଇଁ ସଂଗୀତ, ନୃତ୍ୟ, ନାଟକ ଇତ୍ୟାଦି ହିଁ ଉପଯୁକ୍ତ ମାଧ୍ୟମ ଅଟେ । ଭାରତର ବିଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ଯାତ୍ରା ଓ ମେଳା ଅନୁଷ୍ଠିତ ହୁଏ ଏବଂ ଲୋକେ ସେଗୁଡ଼ିକରେ ବହୁ ସଂଖ୍ୟାରେ ଯୋଗ ଦେଉଥିବା ହେତୁ ସାଂସ୍କୃତିକ ଦଳ ମାଧ୍ୟମରେ ବଳିଷ୍ଠ ସାମାଜିକ ବିଷୟବସ୍ତୁକୁ ସହଜରେ ରୂପାୟିତ କରାଯାଇପାରେ । ଏହି ଦଳଗୁଡ଼ିକୁ ନୂତନ ଅଭିମୁଖ୍ୟର ବାହକ ହିସାବରେ ବ୍ୟବହାର କରିବା ଦିଗରେ ନେହେରୁ ଯୁବ କେନ୍ଦ୍ର ସହାୟକ ହୁଏ । ଏବଂ ଏଗୁଡ଼ିକର କ୍ରମ ବିକାଶଦିଗରେ ଯତ୍ନ ନିଏ ।

ସାଧାରଣତଃ ଅର୍ଥନୈତିକ କାର୍ଯ୍ୟକ୍ରମକୁ ଯୁବ ଯୋଜନା ପରିସରଭୁକ୍ତ କରାଯାଇ ନଥାଏ କିନ୍ତୁ ଆମ ଦେଶରେ ଅର୍ଥନୈତିକ ସଂକଟକୁ ଏଡ଼ାଇବା ପାଇଁ ଯୁବ ଗୋଷ୍ଠୀ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶ-ଗ୍ରହଣ କରିବାକୁ ପଡ଼ିଥାଏ । ଗ୍ରାମାଞ୍ଚଳରେ ଶତକଡ଼ା ୬୮ ଭାଗ ଯୁବକ ଓ ବାଳକ ଆବଶ୍ୟକ ପଡ଼ିଲେ ବିଦ୍ୟାଳୟ ଶିକ୍ଷାକୁ ବଳି ଦେଇ ସେମାନଙ୍କ ପରିବାର ବର୍ଗଙ୍କୁ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରନ୍ତି । ଅତଏବ ନେହେରୁ ଯୁବ କେନ୍ଦ୍ର ଯୁବ ଅନୁଷ୍ଠାନମାନଙ୍କ ମାଧ୍ୟମରେ ଦେଶର ଅର୍ଥନୈତିକ ବିକାଶରେ ଭାଗୀଦାର କରାଇବା ପାଇଁ ଯୁବ ଗୋଷ୍ଠୀକୁ ରେଡ଼ିଓ ମରାମତି, ପଂପସେଟ୍ ମରାମତି, ସୀବନ ଶିକ୍ଷା, ପାପଡ଼ ତିଆରି, ଧୂପକାଠି ତିଆରି, ପରିବା ଚାଷ, କୁକୁଡ଼ା ଓ ମାଛ ଚାଷ, ଘୁଷୁରୀ, ଗାଈ ଓ ଛେଳି ଚାଷ ପ୍ରଭୃତି ଧନ୍ଦାମୂଳକ ତାଲିମ୍ ଦିଏ । ଏହି ଯୋଜନା ଯୁବକମାନଙ୍କୁ ଆତ୍ମ ନିଯୁକ୍ତି କ୍ଷେତ୍ରରେ ସାହାଯ୍ୟ କରେ ଏବଂ ଫଳରେ କିଛିକାଂଶରେ ଦେଶର ବେକାର ସମସ୍ୟାର ସମାଧାନ ହୁଏ । ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାଧ୍ୟମରେ ଋଣ ଦାନ କରି ତାଲିମ ପ୍ରାପ୍ତ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା କେନ୍ଦ୍ରର ଲକ୍ଷ୍ୟ ।

ଉପର ବର୍ଣ୍ଣିତ ପଞ୍ଚମୁଖୀ ଯୁବ-ଯୋଜନାକୁ ବାଦ୍‌ଦେଲେ ନେହେରୁ ଯୁବ କେନ୍ଦ୍ର ମାଧ୍ୟମରେ ଯୁବ ଗୋଷ୍ଠୀକୁ ସାଂଗଠନିକ ଶିକ୍ଷା ମଧ୍ୟ ଦିଆଯାଏ ।

ଗୁଡ଼ିକୁ ଉଜ୍ଜୀବିତ ରଖିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନେହେରୁ ଯୁବକ କେନ୍ଦ୍ର ନାମରେ ଏକ ଜିଲାସ୍ତରୀୟ ଅନୁଷ୍ଠାନ ଗଠନ କରାଯାଇଛି ।

ଭାରତ ସରକାର ନେହେରୁ ଯୁବ କେନ୍ଦ୍ର ପାଇଁ ମୋଟା-ମୋଟି ପାଞ୍ଚ ପ୍ରକାର ଯୁବ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିଛନ୍ତି—ମନୋରଞ୍ଜକ, ଶିକ୍ଷାଗତ, ସାଂସ୍କୃତିକ, ସାମାଜିକ ଓ ଅର୍ଥ ନୈତିକ । ନେହେରୁ ଯୁବ କେନ୍ଦ୍ର ସହିତ ସଂପୃକ୍ତ କୌଣସି ଯୁବ ଅନୁଷ୍ଠାନ ଏହି ସମସ୍ତ କାର୍ଯ୍ୟକ୍ରମକୁ ନିଜର ପରିସରଭୁକ୍ତ କରିପାରେ, କିମ୍ବା ଏକ ବା ଏକାଧିକ କାର୍ଯ୍ୟ ଉପରେ ନିଜର ମନୋ ଯୋଗ କେନ୍ଦ୍ରୀଭୂତ କରିପାରେ ।

ବିଭିନ୍ନ ବିକାଶମୂଳକ କାରଣରୁ ମନୋରଞ୍ଜକ କାର୍ଯ୍ୟ-କ୍ରମକୁ ଯୋଜନାର ପରିସରଭୁକ୍ତ କରାଯାଇଛି ଗ୍ରାମାଞ୍ଚଳର ଯୁବଗୋଷ୍ଠି ପ୍ରତ୍ୟହ ହାରା ହାରି ପ୍ରାୟ ଦୁଇ-ଘଣ୍ଟା କ୍ରୀଡ଼ା କସରତ୍, ଗୀତ ନାଚ, ଭଜନ କୀର୍ତ୍ତନ ଭଳି ମନୋରଞ୍ଜକ କାର୍ଯ୍ୟରେ ମନ ଦିଅନ୍ତି । ଏ ସବୁ ମାଧ୍ୟମରେ କ୍ରୀଡ଼ାବିତ୍ ଓ କଳାକାରର କୃତିତ୍ୱକୁ ଅନୁସନ୍ଧାନ କରାଯାଏ ପ୍ରତିଭାର ଅନ୍ୱେଷଣ ସଙ୍ଗେ ସଙ୍ଗେ ଚିତ୍ତ ବିନୋଦନ କାର୍ଯ୍ୟ ଗୁଡ଼ିକୁ ଯୁବ ଅନୁଷ୍ଠାନ ଗଠନର ଅସ୍ତ୍ର ରୂପେ ବ୍ୟବହାର କରାଯାଏ । ଅଭିଭାବକ ମାନେ ସାଧାରଣତଃ କୌଣସି ଯୁବ ଅନୁଷ୍ଠାନରେ ନିଜ ପିଲମାନଙ୍କ ଯୋଗ ଦେବାକୁ ପସନ୍ଦ କରନ୍ତି ନାହିଁ । ସେମାନେ ଏହିପରି ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ । କାରଣ ଅନେକ ସମୟରେ ଯୁବ ଅନୁଷ୍ଠାନ ଗୁଡ଼ିକ ପଥଭ୍ରଷ୍ଟ ହୋଇ ଧ୍ୱଂସାତ୍ମକ କାର୍ଯ୍ୟରେ ଲିପ୍ତ ରହନ୍ତି ଏବଂ ଯୁବକ ମାନେ ନିଜର ମୂଲ୍ୟବାନ ସମୟର ଅପଚୟ କରନ୍ତି । ନେହେରୁ ଯୁବ କେନ୍ଦ୍ର ଯେ ଯୁବ ଅନୁଷ୍ଠାନମାନଙ୍କୁ ନୂତନ ମାର୍ଗ ଦେଖାଇବା ପାଇଁ ସୃଷ୍ଟି, ଏକଥା ବୁଝିବା ପାଇଁ ଅଭିଭାବକ ମାନଙ୍କ ପକ୍ଷରେ ସମୟ ସାପେକ୍ଷ । ଆଧ୍ୟାତ୍ମିକ ଏବଂ ଚିତ୍ତବିନୋଦନ ମାର୍ଗ ମାଧ୍ୟମରେ ଯୁବଗୋଷ୍ଠିକୁ ଯୁବ ଅନୁଷ୍ଠାନ ଆଡ଼କୁ ଆକୃଷ୍ଟ କରାଗଲେ ଅଭିଭାବକ ମାନଙ୍କ ଆଡୁ ପ୍ରତି-ବନ୍ଧକ ଦେଖାଯିବ ନାହିଁ । ନେହେରୁ ଯୁବକେନ୍ଦ୍ର ତରଫରୁ ଯୁବ ଅନୁଷ୍ଠାନ ଗୁଡ଼ିକୁ ବିଭିନ୍ନ କ୍ରୀଡ଼ା କସରତ୍ ସାମଗ୍ରୀ ଯୋଗାଇ ଦିଆଯାଏ ଏବଂ ସାମୟିକ ପ୍ରତିଯୋଗିତାମାନ ଆୟୋଜନ କରାଯାଏ । କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଭଜନ, କୀର୍ତ୍ତନ, ପୁରାଣପାଠ, ଗୀତା ଚର୍ଚ୍ଚା ଓ ଆଞ୍ଚଳିକ ଗୀତ ନାଚ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଏ ।

ଶିକ୍ଷାଗତ କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀର ଅତିଶୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯୁବକମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିକ୍ଷା ବିଶେଷ ଭାବରେ ବିଦ୍ୟାଳୟ ବହିର୍ଭୂତ ଶିକ୍ଷା ହେବା ଉଚିତ । ଯୁବଗୋଷ୍ଠୀ ସାମାଜିକ ସଂସ୍କାର ଓ ପରିବର୍ତ୍ତନର ଦୂତ ହେବାକୁ ହେଲେ ସେମାନଙ୍କୁ ଦେଶର ପରିସ୍ଥିତି ଓ ପରିସର ପୂର୍ଣ୍ଣମାତ୍ରାରେ ଅନୁଧ୍ୟାନ କରି ଭବିଷ୍ୟତ କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରିବାକୁ ହେବ । ଶିକ୍ଷାଗତ କର୍ମ ତତ୍ପରତା ଦ୍ୱାରା ଯୁବଗୋଷ୍ଠୀ ଅନ୍ୟକୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ନିଜେ ବି ଉଚିତ ଆତ୍ମ ଶିକ୍ଷା ଲାଭ କରେ । ନେହେରୁ ଯୁବ କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ଶିକ୍ଷାଗତ କାର୍ଯ୍ୟକ୍ରମ ମଧ୍ୟରେ ସାମାଜିକ ସଂସ୍କାର ପାଇଁ ସାମାଜିକ ଶିକ୍ଷା, ରାଜନୈତିକ ସଚେତନତା ବୃଦ୍ଧି କରିବା ପାଇଁ ରାଜନୈତିକ ଶିକ୍ଷା ସୁସ୍ଥ ପାରିବାରିକ ଜୀବନଯାପନ ପାଇଁ ଶିକ୍ଷା, ନାଗରୀକ



ରେଡ଼ିଓ ମରାମତି କେନ୍ଦ୍ର

ଶିକ୍ଷା, ସ୍ୱାସ୍ଥ୍ୟ ସଂପର୍କୀୟ ଶିକ୍ଷା ଏବଂ ବିଭିନ୍ନ ଧନ୍ଦା-ମୂଳକ ଶିକ୍ଷା ଅନ୍ତର୍ଭୁକ୍ତ । ଏହି ସମସ୍ତ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଉତ୍ତମ ଜାତୀୟ ଚରିତ୍ର ଗଠନ କରିବା ଓ ସୁସ୍ଥ ସାମାଜିକ ବାତାବରଣ ସୃଷ୍ଟି କରିବା । ଗୋଷ୍ଠୀ ଆଲୋଚନା ସଭାସମିତି ଆଲୋଚନାଚକ୍ର ମାଧ୍ୟମରେ ଏବଂ ବିଭିନ୍ନ ଶିକ୍ଷା କେନ୍ଦ୍ର ଜରିଆରେ ନେହେରୁ ଯୁବକେନ୍ଦ୍ର ଯୁବଗୋଷ୍ଠୀକୁ ସଂଗଠିତ ଭାବରେ ଉପଯୁକ୍ତ କାର୍ଯ୍ୟକ୍ରମରେ ବ୍ରତୀ ହେବା ପାଇଁ ପନ୍ଥା ଦର୍ଶାଏ । ପୁଣି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ପାଠ୍ୟକ୍ରମ ସାହାଯ୍ୟରେ ନିରକ୍ଷରତା ଦୂରୀକରଣ ଦିଗରେ ବାସ୍ତବ ପଦକ୍ଷେପ ନିଆଯାଏ । ଗାଁ ଗହଳିରେ ଅନେକ ଶିଶୁ ଓ ଯୁବକ ଦିନବେଳେ ବିଭିନ୍ନ କାର୍ଯ୍ୟରେ ନିଜ ପରିବାରକୁ ସାହାଯ୍ୟ କରନ୍ତି । ତେଣୁ ଯୁବ ଅନୁଷ୍ଠାନମାନଙ୍କ ମାଧ୍ୟମରେ ନୈଶ୍ୟ ବିଦ୍ୟାଳୟର ବ୍ୟବସ୍ଥା କରି ଛଅ (୬) ରୁ ଚଉଦ (୧୪) ବର୍ଷର ବାଳକ ବାଳିକା ଏବଂ ପନ୍ଦର (୧୫) ରୁ ପଚିଶ (୨୫) ବର୍ଷର ଯୁବକ ଯୁବତୀ-ମାନଙ୍କୁ ଶିକ୍ଷା ଦିଆଯାଏ । ନେହେରୁ ଯୁବ କେନ୍ଦ୍ର ଜରିଆରେ ନିରକ୍ଷରବହୁଳ ଅଞ୍ଚଳମାନଙ୍କରେ ନୈଶ୍ୟ ଶିକ୍ଷା କେନ୍ଦ୍ର ଖୋଲାଯାଇ ଅକ୍ଷରଶିକ୍ଷା ଦିଆଯାଇ ପରୀକ୍ଷା କରାଯାଏ ଓ ମାନପତ୍ର ଦିଆଯାଏ । ସାକ୍ଷରତା ଅଭିଯାନକୁ ସଫଳ ରୂପଦେବା ପାଇଁ ବିଦ୍ୟାର୍ଥୀମାନଙ୍କ

ଦୃଷ୍ଟିଆକର୍ଷ ପାଇଁ



# ଗାଁଟିର ନାମ.... ଗୋଲାପଡ଼ା

–ଶ୍ରୀ ଗୌରୀ ଶଙ୍କର ମହାପାତ୍ର

ଗୋଲପଡ଼ା ଗ୍ରାମ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ମଧ୍ୟରେ କୁଲଡ଼ ପଞ୍ଚାୟତ ଅଧୀନରେ ଭଞ୍ଜପୀଠ କୁଲଡ଼ଠାରୁ ପ୍ରାୟ ୨ମାଇଲ ଦୂରରେ ଅବସ୍ଥିତ, ଏହି ଗ୍ରାମକୁ ଯିବାକୁ ହେଲେ ଭଞ୍ଜନଗରଠାରୁ କୁଲଡ଼ ଯାଇଥିବା ପ୍ରଧାନ ରାସ୍ତାରୁ ପ୍ରାୟଃ ଏକ ଫର୍ଲଙ୍ଗ ପୂର୍ବକୁ ଯାଇ ଏକନଦୀ ପାର ହେବାକୁ ହୁଏ (ବଡ଼ନଦୀ) ।

ଏହି ଗାଁର ଚତୁଃସୀମା ଅତ୍ୟନ୍ତ ଚିତାକର୍ଷକ ଦୃଶ୍ୟରେ ପରିପୂର୍ଣ୍ଣ । ପୂର୍ବରେ ସ୍ୱପ୍ନେଶ୍ୱର ମନ୍ଦିର ଓ ଦୋଳପଲୀ ପାହାଡ଼, ପଶ୍ଚିମରେ ବଡ଼ନଦୀ ଓ ମୁଣ୍ଡିଆପାହାଡ଼, ଉତ୍ତରରେ କୁଲଡ଼ଗଡ଼ ଓ ବଡ଼ନଦୀ ଏବଂ ଦକ୍ଷିଣରେ ବିସ୍ତୃତ ସବୁଜକ୍ଷେତ୍ର ଓ ହରିପୁର ଗାଁ । ଏହି ଗାଁର ପୂର୍ବ ଦିଗରେ ଏକ ଜଳାଶୟ ଅଛି । ଜଳାଶୟର ଅନେକ ଦୂରରେ ସ୍ୱପ୍ନେଶ୍ୱର ମହାଦେବ ଓ ଅଷ୍ଟଭୂଜା ଠାକୁରାଣୀଙ୍କ ମନ୍ଦିର । ଏହି ମନ୍ଦିର ଦୁଇଟି ଏକ ପାହାଡ଼ର ପାଦଦେଶ ଓ ତୋଟା ମଧ୍ୟରେ ଥିବାରୁ ଅତ୍ୟନ୍ତ ସୁନ୍ଦର ଦେଖାଯାଏ । ସ୍ୱପ୍ନେଶ୍ୱର ମହାଦେବ ଏ ଅଞ୍ଚଳରେ ପ୍ରତ୍ୟକ୍ଷ ଦେବତା ବୋଲି ଲୋକମୁଖରୁ ଶୁଣାଯାଏ । କାର୍ତ୍ତିକ ପୂର୍ଣ୍ଣିମାଦିନ ଏଠାରେ ଏକ ମେଳା ଅନୁଷ୍ଠିତ ହୁଏ । ଠାକୁରଙ୍କ ନାମରେ କିଛି ଜମି ମଧ୍ୟ ଅଛି । ପ୍ରତିବର୍ଷ ସଞ୍ଚିତ ଅର୍ଥରୁ ଗ୍ରାମ ଭିତରେ ଗୋଟିଏ କୋଠାଘର ନିର୍ମାଣ ହୋଇ ପାରିଛି ।

୧୯୭୧ ଜନଗଣନା ଅନୁସାରେ ଏ ଗାଁର ଜନସଂଖ୍ୟା ୧୧୭୨ । ସେଥି ମଧ୍ୟରୁ ହରିଜନଙ୍କ ସଂଖ୍ୟା ୧୧୩ । ବର୍ତ୍ତମାନ ଏ ଗାଁର ୨୦୦ ପରିବାରର ଜନସଂଖ୍ୟା ପ୍ରାୟ ୧୫୦୦ ହେବ ଏବଂ ସେଥିମଧ୍ୟରୁ ହରିଜନଙ୍କ ସଂଖ୍ୟା ପ୍ରାୟେ ୨୦୦ ହେବ । ଏହି ଗାଁର ୮୦% ଲୋକ ହେଉଛନ୍ତି ଚାଷୀ । ଆଉ ୨୦% ମୂଲିଆ ଶ୍ରେଣୀ ଅନ୍ତର୍ଭୁକ୍ତ । ଏ ଗାଁର ଚାଷଯୋଗ୍ୟ ଜମି ପ୍ରାୟ ୧୦୦୦ ଭରଣ ବା ୨୦୦ ଏକର । ସେଥି ମଧ୍ୟରୁ ୭୦ ଏକର ଜମି ଜଳସେଚିତ—ବାକୀ ଜମି ବର୍ଷା ଦ୍ୱାରା ଓ ବଡ଼ନଦୀରୁ ଟେଣ୍ଡା ସାହାଯ୍ୟରେ ଜଳସେଚିତ ହୋଇଥାଏ । ଧାନ ଏ ଗାଁର ମୁଖ୍ୟ ଫସଲ । ଏତଦ୍ ବ୍ୟତୀତ ଆଖୁ ପ୍ରାୟେ ୬୦,୭୦ ଏକର ଜମିରେ ଚାଷହୋଇ ପ୍ରଚୁର ପରିମାଣରେ ଉତ୍ପନ୍ନ ହୋଇ ଆସ୍କା ସୁଗାର ଫାକ୍ଟୋରୀକୁ ପଠାଯାଇଥାଏ । ଆଳୁ, ବାଇଗଣ, ଗହମ ପ୍ରଭୃତି ଫସଲ ମଧ୍ୟ ପ୍ରଚୁର ପରିମାଣରେ ଉତ୍ପାଦନ ହୋଇଥାଏ । ଭଞ୍ଜନଗର ବ୍ଲକ ଉନ୍ନୟନ ଅଫିସର ଓ କୃଷି ସଂପ୍ରସାରଣ ଅଫିସରଙ୍କ ସହାୟତାରେ ଏ ଗାଁରେ ସବୁଜ ବିପ୍ଳବର ରେଖାପାତ

ଯୁବସଂଯୋଜନାର ପ୍ରଣାଳୀ, ଯୁବ ନେତୃତ୍ୱ, ପାଣ୍ଠିର ସଦୁପଯୋଗ, ଯୋଜନାବଦ୍ଧ କାର୍ଯ୍ୟ, ସହଯୋଗମୂଳକ ମନୋବୃତ୍ତି, ସାମାଜିକ ସଂସାରରେ ସଂଶ୍ଳେଷ ପ୍ରଭୃତି କାର୍ଯ୍ୟରେ ତାଲିମ ଦିଆଯାଏ ।

ଯୁବ-ଯୋଜନାଗୁଡ଼ିକ ଅଧିକତର ଭାବରେ ବେସରକାରୀ ଓ ସ୍ୱେଚ୍ଛାଧୀନ ଯୁବ ଅନୁଷ୍ଠାନମାନଙ୍କ-ଦ୍ୱାରା ହିଁ କାର୍ଯ୍ୟକାରୀ ହୋଇଥାଏ ! ତେଣୁ ଏହି ଅପରିହାର୍ଯ୍ୟ କର୍ତ୍ତବ୍ୟକୁ ପାଳନ କରିବା ପାଇଁ ଅନୁଷ୍ଠାନ-ଗୁଡ଼ିକ ସୁସ୍ଥ ଓ ସବଳ ହେବା ଉଚିତ । ଅବଶ୍ୟ ସମାଜକୁ ନୂତନ ରୂପ ଦାନ କରିବାର ଦୁଃସାହସିକ ପଦକ୍ଷେପରେ ଯୁବଗୋଷ୍ଠୀ ନିଶ୍ଚିତ ଭାବେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ଉକ୍ତ ପ୍ରତିବନ୍ଧକର ମୁକାବିଲା କରିବା ପାଇଁ ସଂଗଠିତ ଯୁବଶକ୍ତିର ଆବଶ୍ୟକତା ରହିଛି । ଏହି ପଦକ୍ଷେପରେ ମହାତ୍ମା-ଗାନ୍ଧୀଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଅବଲମ୍ବନୀୟ ।

ଯୁବ ସଂଯୋଜକ,
ଗଞ୍ଜାମ



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ କଟକ ଜିଲ୍ଲା ଛତିଆଠାରେ ବନ୍ଦ ହୋଇଯାଇଥିବା ଛତିଆ ପାଓ୍ୱାରଲୁମ କାରଖାନାଗୁଡ଼ିକୁ ପରିଦର୍ଶନ କଲାବେଳେ ଏଗୁଡ଼ିକ ଚାଲୁ କରିବା ସଂପର୍କରେ ଶିଳ୍ପ ଓ ସମବାୟ ବିଭାଗର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରୁଛନ୍ତି ।

# ଜାତୀୟ ପରିବହନରେ....

# ଓଡ଼ିଶା ଟାୟାର୍ସ

— ଶ୍ରୀ କିଶୋର ଚନ୍ଦ୍ର ସାହୁ

ଗତ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରୁ ଆମ ରାଜ୍ୟରେ ପକାରାସ୍ତା ନିର୍ମାଣ, ଅଣଓସାରିଆ ରାସ୍ତା ମରାମତି ଓ ଜାତୀୟ ରାଜପଥମାନଙ୍କର ଉନ୍ନତି କାର୍ଯ୍ୟ ଅହରହ ଚାଲି ଆସୁଥିବା ଆମେ ଦେଖୁଥାଉଁ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେବା ଦିନଠାରୁ ୧୯୬୦ ମସିହା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ଦିଗରେ ସେପରି କିଛି ଉଲ୍ଲେଖନୀୟ କାର୍ଯ୍ୟ ହୋଇନଥିବା ସ୍ପଷ୍ଟ । ମୁଖ୍ୟ ରାଜପଥକୁ ଛାଡ଼ିଦେଲେ ଜିଲ୍ଲା ଓ ସଦରମହକୁମାମାନଙ୍କରେ ଯାତାୟତ ରାସ୍ତା ବ୍ୟତୀତ ପକା ରାସ୍ତା ଖୁବ୍ କମଥିଲା । ଜିଲ୍ଲାଗୁଡ଼ିକର ପରିବହନ ଯୋଗ୍ୟ ପଥ ସବୁ ମରାମତି ଅଭାବରୁ ଅତି ଶୋଚନୀୟ ଅବସ୍ଥାକୁ ଚାଲିଆସିବା ଆଶ୍ଚର୍ଯ୍ୟ ନୁହେଁ । ରାସ୍ତାଘାଟର ଅବସ୍ଥାକୁ ଦେଖି ସେହି ଅନୁପାତରେ ଗାଡ଼ି ମଟର ଯିବାଆସିବା କରେ । ଫଳରେ ପରିବହନ ଶିଳ୍ପର ପ୍ରସାର ଓ ଅଗ୍ରଗତି ସ୍ୱତଃ ରାସ୍ତାଘାଟର ଉନ୍ନତି ଉପରେ ପର୍ଯ୍ୟବେସିତ ହେବା ସ୍ୱାଭାବିକ ।

ସଂପ୍ରତି ଜନତା ସରକାରଙ୍କ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା ତଥା ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳରେ ସଡ଼କ ନିର୍ମାଣ କାର୍ଯ୍ୟକ୍ରମର କ୍ଷିପ୍ର କାର୍ଯ୍ୟକାରିତା ଫଳରେ ଓଡ଼ିଶାରେ ପରିବହନ ଶିଳ୍ପର ପ୍ରସାର ଅବସମ୍ଭାବୀ । ୧୯୭୨-୭୩ ସୁଦ୍ଧା ରାଜ୍ୟରେ ଜାତୀୟ ରାଜପଥ ୧୭୦୪ କି: ମି:, ଏକ୍ସପ୍ରେସ୍ ପଥ ୬୭ କି: ମି: ରାଜ୍ୟ, ରାଜପଥ ୨୯୪୭ କି: ମି:, ମୁଖ୍ୟ ଜିଲ୍ଲା ସଡ଼କ ୫୨୩୫ କି:ମି: ଓ ଅନ୍ୟାନ୍ୟ ଜିଲ୍ଲାସଡ଼କ ୨୩୧୫ କି: ମି:କୁ ମିଶାଇ ମୋଟ ୧୧୫୧୮ କି: ମି: ଲମ୍ବା ରାସ୍ତା ଯାନବାହନ ଯାତାୟତ ଯୋଗ୍ୟ ହୋଇପାରିଛି ; ଯାହାକି ଓଡ଼ିଶାଭଳି ଏକ ପ୍ରାକୃତିକ ବିଭବଶାଳୀ ରାଜ୍ୟ ପାଇଁ ନଗଣ୍ୟ । ପରିବହନ ଶିଳ୍ପର ଉନ୍ନତି ବସ୍ତୁତଃ ରାଜ୍ୟର ରାସ୍ତାଘାଟ ମାନଙ୍କର ପରିବର୍ଦ୍ଧନ ଉପରେ ନିର୍ଭର କରୁଥାଏ । ଏହା ସାଙ୍ଗକୁ ଇଞ୍ଜିନିୟରିଙ୍ଗ ଶିଳ୍ପ ଓ କାରଖାନା ପ୍ରତିଷ୍ଠା ତଥା ଯାନବାହନ ଉତ୍ପାଦନ ବୃଦ୍ଧି ଏକାନ୍ତଭାବେ ଆବଶ୍ୟକ ମନେହୁଏ । ଭାରି ମଟର ଶିଳ୍ପ ଓ ଏହାର ଉତ୍ପାଦନ ଦିଗରେ ଆମେ ଯଦିଓ ଆତ୍ମନିର୍ଭରଶୀଳ ହୋଇପାରିଛେ ସେହି ପରିମାଣର ଆନୁସଙ୍ଗିକ ଯନ୍ତ୍ରପାତି ଉତ୍ପାଦନ ଦିଗରେ ଆମେ ଟିକିଏ ପଛେଇ ଯାଇଛେ ; ବିଶେଷ କରି ଟାୟାର ଓ ଟିଉବ୍ ଉତ୍ପାଦନ ଦିଗରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ ।

ହୋଇଛି । ବିଲରେ ଅଧିକ ଉତ୍ପାଦନ ଧାନ—ଯଥା ଜୟା, ପଦ୍ମା, ଜଗନ୍ନାଥ ପ୍ରଭୃତି ଉତ୍ପନ୍ନ କରିଛନ୍ତି, କିଛିଦିନ ତଳେ ଏ ଗାଁକୁ ପି. ଏଚ. ଡ଼ି. ତରଫରୁ ଗୋଟିଏ ଟିଉବ୍‌ୱେଲ ବସାଯାଇଛି ।

ଏ ଗାଁର ପ୍ରତ୍ୟେକ ବ୍ୟକ୍ତି କର୍ମ ତତ୍ପର । ସମୟର ସଦୁପଯୋଗ ଏମାନେ ବୁଝନ୍ତି । ଛୋଟ ପଦର ବା ବିଲଟିର ଉପଯୁକ୍ତ ବ୍ୟବହାର ଏମାନେ ବୁଝନ୍ତି । ବଡ଼-ନଦୀରୁ ବହିଯାଉଥିବା ଚିରସ୍ରୋତା ଜଳସଂପଦର ସଦୁପ-ଯୋଗ କରନ୍ତି । ଏଇ ଗାଁର—ଅରକ୍ଷିତ ପ୍ରଧାନ, ଅଭି ମଲ୍ଲିକ ବାଞ୍ଛା ମଲ୍ଲିକ, ଦଣ୍ଡପାଣି ପାଳ, ଅର୍ଜୁନ ଜେନା ପ୍ରଭୃତି ଟେଣ୍ଡା ସାହାଯ୍ୟରେ ଏମାନେ ୫,୧୦ ଲେଖା ଜମିରେ ପାଣି ଉଠାଇ—ମାଣ୍ଡିଆ, ଆଳୁ; ଗହମ ପ୍ରଭୃତି ରବି ଫସଲ ପ୍ରଚୁର ପରିମାଣରେ ଉତ୍ପନ୍ନ କରନ୍ତି । ସେମାନେ ନିଜେ ଉପକୃତ ହେବା ସଙ୍ଗେ ସଙ୍ଗେ ଭଞ୍ଜନଗର ମାର୍କେଟରେ ବିକ୍ରୟ କରି ଅର୍ଥ ଉପାର୍ଜନ କରନ୍ତି । ବଡ଼-ନଦୀ ଦିଏ ତୁଣ୍ଡରେ ଆହାର । କଠିନ ପରିଶ୍ରମ ସାର୍ଥକ ହୁଏ । ମୁହଁରେ ଫୁଟେ ହସ ।

ଏ ଗାଁର ଖୁବ୍ କମ୍ ଲୋକ ଚାକିରୀକରି ଜୀବନ ନିର୍ବାହ କରନ୍ତି । ସେମାନଙ୍କ ସଂଖ୍ୟା ୧୫ ଭିତରେ ସୀମିତ ।


ଶିକ୍ଷା ସଂସ୍କୃତି କ୍ଷେତ୍ରରେ ପଛରେ ପଡ଼ିଥିଲା ଗୋଲପଡ଼ା । ଗଠନମୂଳକ କାର୍ଯ୍ୟ ବିଶେଷ ଭାବରେ ପରିଲକ୍ଷିତ ହୋଇ-ନଥିଲା । ଭଞ୍ଜନଗର କଲେଜର 'ଜାତୀୟ ସେବାସଂସ୍ଥା' ଗତ ଡ଼ିସେମ୍ବର ମାସରେ ଏକ ବୈପ୍ଳବିକ, ଗଠନ ମୂଳକ ପରିବର୍ତ୍ତନ ଆଣିଲେ । ସ୍ୱେଚ୍ଛାସେବୀମାନଙ୍କ ଅପୂର୍ବ ସାହାସ, ମାନସିକ ଶକ୍ତି ଓ ଅଦମ୍ୟ ଚେଷ୍ଟା ଫଳରେ ଓ ଗ୍ରାମବାସୀମାନଙ୍କ ସହଯୋଗରେ ଗାଁର ଚତୁର୍ଦ୍ଦିଗରେ ୧ କିଲୋମିଟର ରାସ୍ତା—୧୩ ଫୁଟ ଚଉଡ଼ାରେ ହୋଇ-ପାରିଲା ଓ ଏହା ଗ୍ରାମ ମଧ୍ୟସ୍ଥିତ—ମୁଖ୍ୟ ରାସ୍ତାକୁ ସଂଯୋଗ କଲା । ଭେଦାଭେଦ ଦୂରହେଲା ଓ ଏ ଗାଁରେ ଏକତା ପରିଲକ୍ଷିତ ହେଲା—ବିଶେଷତଃ ଏହି ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ । ଏହି ଗାଁର ବୟସ୍କ ମୁଖ୍ୟବ୍ୟକ୍ତି—ସର୍ବଶ୍ରୀ-କୃଷ୍ଣ ମଲ୍ଲିକ ଓ ଭୀମ ଜେନାଙ୍କ ପ୍ରେରଣା ଓ ଉପଦେଶ ଗ୍ରାମ-ବାସୀମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଏକତା ସୂତ୍ରରେ ଆବଦ୍ଧ କରି ଅଗ୍ରଗତି କରିବାରେ ସାହାଯ୍ୟ କରିଛି—ଏଥିରେ ସନ୍ଦେହ ନାହିଁ ।

ଏହି ଗୋଲପଡ଼ା ଗ୍ରାମ ଆଜି ଘୁମୁସର ସବ୍‌ଡ଼ିଭିଜନରେ ଏକ ଆଦର୍ଶ ଗ୍ରାମ ରୂପେ ଠିଆହୋଇଛି । ଗ୍ରାମବାସୀ-ମାନଙ୍କ ସହଯୋଗ ଫଳରେ ଏଠାରେ ଗଢ଼ିଉଠିଛି ଏକ—ଯୁବକ ସଂଘ, ମହିଳା ସମିତି, ପଲ୍ଲୀଶ୍ରୋତା ମଣ୍ଡଳୀ । ଏଇ ଗାଁରେ ଅଛି—ମଧ୍ୟଇଂରାଜୀ ବିଦ୍ୟାଳୟ, ଉ:ପ୍ରା: ବିଦ୍ୟାଳୟ ଓ ଧାଇ ସେଣ୍ଟର । ଏଇ ଗାଁରେ ୨୫ ଜଣ ବ୍ୟକ୍ତି ସଞ୍ଚୟ ପାଶ୍ ବହି ଖୋଲିଛନ୍ତି । ପରିବାର ନିୟନ୍ତ୍ରଣ ଯୋଜନାରେ ୩୦ ଜଣ ଦଂପତି ଭାଗନେଇ ଆଦର୍ଶ ସୃଷ୍ଟି କରିପାରିଛନ୍ତି । ପଲ୍ଲୀଶ୍ରୋତାମଣ୍ଡଳୀର କାର୍ଯ୍ୟକ୍ରମକୁ ସଭାପତି—ଶ୍ରୀ ଚିତ୍ତରଞ୍ଜନ ମଲ୍ଲିକ ଓ ଆବାହକ ଶ୍ରୀ କୃପାସିନ୍ଧୁ ଭୋଇଙ୍କ ଭୂମିକା ଅବିସ୍ମରଣୀୟ ।

ଇନ୍ଦିରା ମହିଳାସମିତି ୨୬ ଜଣ ମହିଳାଙ୍କୁ ନେଇ ଗଠିତ । ଏଥିରେ ସଭାନେତ୍ରୀ କୁମାରୀ ସାହୁ ଓ ସଂପାଦିକା କମା ମହାନ୍ତିଙ୍କ ପ୍ରେରଣା ଓ ଆଦର୍ଶ ମହିଳା ସମିତିକୁ ବହୁ ଦୂର ଆଗେଇ ନେଇଛନ୍ତି ଓ ନୂତନ ଦିଗଦର୍ଶନ ଦେଇଛି !

ଆଜି 'ଗୋଲପଡ଼ା' ଗ୍ରାମରେ ନୂତନ ଉତ୍ସାହ ପ୍ରେରଣା ସୃଷ୍ଟିହେବା ସଙ୍ଗେ ସଙ୍ଗେ, ଗାଁଟି କର୍ମତତ୍ପର ହୋଇଉଠିଛି । ସାରାଦିନର ହାଡ଼ଭଙ୍ଗା ପରିଶ୍ରମ ପରେ ସନ୍ଧ୍ୟାରେ ଗ୍ରାମ-ବାସୀମାନେ ଏକତ୍ରିତ ହୁଅନ୍ତି ସେଇ କୋଠାଘରେ । ଯେଉଁଠି ରେଡ଼ିଓରେ କୃଷି ଖବର ସଙ୍ଗୀତ ଇତ୍ୟାଦି ଶୁଣନ୍ତି ଓ ଭଗବତ ଚର୍ଚ୍ଚା ଇତ୍ୟାଦି କରନ୍ତି । ସେତେବେଳେ ଗ୍ରାମବାସୀମାନେ ସବୁ ଦୁଃଖ, କ୍ଳେଶ ଭୁଲି ଯାଆନ୍ତି । ସମସ୍ତେ ଆଜି କର୍ମତତ୍ପର । ନୂତନ ଆଶା ଓ ଉଦ୍ଦୀପନାର ନୂତନ ସୂର୍ଯ୍ୟ ଉଇଁଛି ଏଇ ଗାଁରେ । ପ୍ରତ୍ୟେକ ଗ୍ରାମ ଏଇ 'ଗୋଲପଡ଼ା' ଗ୍ରାମର ଆଦର୍ଶକୁ ଅନୁସରଣ କରନ୍ତୁ, ଦିନ ଆସିବ ଗ୍ରାମାଞ୍ଚଳର ଆଭିମୁଖ୍ୟ ବଦଳିଯିବ ।

ଜିଲ୍ଲା ଲୋକସଂପର୍କ ଅଧିକାରୀ
ଗଞ୍ଜାମ



# ରାଜ୍ୟର ଦ୍ରୁତ ବିକାଶ ଦିଗରେ

## ଇଂଜିନିୟରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଶ୍ରୀ ନଟବର ପ୍ରଧାନ

ଗତ ତା ୯-୧୨-୧୯୭୭ରେ ପୂର୍ତ୍ତ ବିଭାଗ ମଂତ୍ରୀ ଶ୍ରୀ ନଟବର ପ୍ରଧାନ ରାଜ୍ୟର ଇଞ୍ଜିନିୟରମାନଙ୍କୁ ଯେଉଁ ଉଦ୍‌ବୋଧନ ଦେଇଥିଲେ, ସେଥିରେ ସେ ଓଡ଼ିଶାର ସର୍ବାଙ୍ଗୀନ ଦ୍ରୁତ ବିକାଶ ପାଇଁ ପୂର୍ତ୍ତ ବିଭାଗର ଦାୟିତ୍ୱ ସଂପର୍କରେ ଅତି ଆବେଗପୂର୍ଣ୍ଣ ଭାବେ ନିଜର ମନୋଭାବ ବ୍ୟକ୍ତ କରିଥିଲେ । ସେହି ଆନ୍ତରିକ ଉଦ୍‌ବୋଧନର କେତେକାଂଶ ସର୍ବସାଧାରଣଙ୍କ ଜ୍ଞାତବ୍ୟ ଲାଗି ଆମେ ଏଠାରେ ପ୍ରକାଶ କରୁଅଛୁ ।

—ସଂପାଦକ—

ଆମ ଦେଶ ଭଳି ଏକ ବିକାଶମୁଖୀ ରାଷ୍ଟ୍ରରେ ଇଞ୍ଜିନିୟରମାନଙ୍କର ଦାୟିତ୍ୱ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ବିକାଶ କହିଲେ ଆମେ ଏହି ପରିପ୍ରେକ୍ଷୀରେ ସାଧାରଣତଃ ବୈଷୟିକ ବିକାଶକୁ ହିଁ ବୁଝୁଛୁ । ଦେଶର ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ଯଥା– ଖାଦ୍ୟ, ବାସଗୃହ, ବସ୍ତ୍ର ତଥା ଅନ୍ୟାନ୍ୟ ସୁଖ ସୁବିଧା ଯୋଗାଇ ଦେବା ଆମର ଲକ୍ଷ୍ୟ ଏବଂ ଏହିଠାରେ ହିଁ ଇଞ୍ଜିନିୟରମାନଙ୍କର ଦାୟିତ୍ୱ ସର୍ବାଧିକ ବୋଲି ମନେହୁଏ । କାରିଗରୀ ତଥା ବୈଷୟିକ ବିକାଶଧାରା ସହିତ ଆଜିର ଅର୍ଥନୈତିକ ସମସ୍ୟାଗୁଡ଼ିକ ବିଶେଷଭାବେ ଜଡ଼ିତ । ସମସ୍ୟାର ସମାଧାନ କରିବାକୁ ଗଲେ ତାର ଠିକ୍ ନିଖି ବିଶ୍ଳେଷଣ ଆବଶ୍ୟକ । ଏ କ୍ଷେତ୍ରରେ ଅଭିଜ୍ଞ ବିଶେଷଜ୍ଞମାନଙ୍କର ମତାମତର ଆବଶ୍ୟକତା ଯେପରି ଦରକାର, ଗୋଟିଏ ଯୋଜନା କାର୍ଯ୍ୟକାରୀ ହେଉଥିଲା ବେଳେ ଏହାର ପ୍ରତ୍ୟେକ ସ୍ତରରେ ଦାୟିତ୍ୱରେ ଥିବା କର୍ମୀମାନଙ୍କର ସତର୍କତା ଏବଂ ତତ୍ପରତା ମଧ୍ୟ ତଦ୍ରୂପ ଆବଶ୍ୟକ । ତା' ନହେଲେ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଅଧିକାଂଶ ପରିକଳ୍ପନା କେବଳ ଫାଇଲ୍ ଭିତରେ ହେଉଛି ବୋଲି ଯେଉଁ ସମାଲୋଚନା ହୋଇଥାଏ, ତାହା ସତ୍ୟ ବୋଲି ପ୍ରମାଣିତ ହୋଇଯିବ । କାରଣ, ଜନସାଧାରଣ ଆମର ପ୍ରତିଶ୍ରୁତି ଉପରେ ଭାସିନଯାଇ କାର୍ଯ୍ୟଟି କିପରି ସମାହିତ ହୋଇଛି ଏବଂ ତାର ଫଳାଫଳ କେତେଦୂର କଲ୍ୟାଣକର ହୋଇଛି, ସେତେକ ଦେଖି ଆମକୁ ବିଚାର କରିବେ । ଆମ ବିଭାଗରେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟଟିର ସଫଳାୟନ ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି, ଏ ବିଭାଗର ସମସ୍ତ ସାନବଡ଼ କର୍ମଚାରୀଙ୍କ ଉପରେ ନିଶ୍ଚିତ ଭାବରେ ନିର୍ଭର କରେ । ଏ କ୍ଷେତ୍ରରେ କୌଣସି ବିତର୍କ କିମ୍ବା ବିଫଳତାର କାରଣମାନ ଦର୍ଶାଇ ଆମେ ଆମର ନିଜକୃତ ତ୍ରୁଟିକୁ ଘୋଡ଼ାଇ ପାରିବୁ ନାହିଁ ।

ଦେଶର ମୁଖ୍ୟ ମଟର ଶିଳ୍ପ କାରଖାନା ଯଥା :—ଟାଟା ଇଞ୍ଜିନିୟରିଙ୍ଗ ଓ ଲୋକମୋଟିଭ କଂପାନୀ ବାର୍ଷିକ ୨୬,୦୦୦ ମୋଟର, ଟ୍ରକ, ଅଶୋକ ଲେୟଣ୍ଡ କଂପାନୀ ୮ ହଜାର ଚେସିସ୍ ଓ ହିନ୍ଦୁସ୍ଥାନ ମୋଟର କଂପାନୀରୁ ୫ହଜାର ବେଡ୍‌ଫୋର୍ଡ ଟ୍ରକ୍ ଉତ୍ପାଦନ ହୁଏ । ସେହିପରି ପ୍ରିମିୟର ଅଟୋମୋବାଇଲସ୍ ବାର୍ଷିକ ୬ ହଜାର ପ୍ରିମିୟର କାର, ହିନ୍ଦୁସ୍ଥାନ ମୋଟରସ୍ ୨୨ ହଜାର ଆମ୍ବାସଡ଼ର କାର ଓ ହେରାଲଡ୍ କଂପାନୀ ୫ ହଜାର ଷ୍ଟାଣ୍ଡାର୍ଡ କାର ଉତ୍ପାଦନ କରନ୍ତି । ଏହାଛଡ଼ା ବହୁ ଛୋଟ ମଧ୍ୟମ ଧରଣର ଚେସିସ୍ ଓ ସ୍କୁଟର ମଟର ସାଇକେଲ ଦେଶରେ ଉତ୍ପାଦିତ ହେଉଛି । ଟାୟାର ଏସବୁଥିର ଏକ ମୁଖ୍ୟ ଆନୁସଙ୍ଗିକ ଉପକରଣ ହୋଇଥିବାରୁ ବଜାରରେ ଏହାର ଚାହିଦା ବେଶୀ ।

ମଟରଗାଡ଼ି ଉତ୍ପାଦନ ତୁଳନାରେ ଟାୟାରର ଉତ୍ପାଦନ ପରିମାଣ କମ୍ ହେଉଥିବାରୁ ବର୍ତ୍ତମାନ ସରକାର ଦେଶରେ ଆଉ ଚାରୋଟି ବଡ଼ଧରଣର ଟାୟାର କାରଖାନା ପ୍ରତିଷ୍ଠା ପାଇଁ ସ୍ଥିର କରିଛନ୍ତି । ଆମ ରାଜ୍ୟବାସୀଙ୍କପାଇଁ ଏହା ଏକ ସୁଖର କଥାଯେ, ସେଥିମଧ୍ୟରୁ ଗୋଟିଏ ରାଜଧାନୀ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରିବା ପାଇଁ ଲାଇସେନ୍‌ସ ଦେଇସାରିଲେଣି । କେନ୍ଦ୍ର ସରକାରଙ୍କ ଶିଳ୍ପବିକାଶ ନୀତି ବଳରେ ଏହି କାରଖାନାକୁ 'ଜଏଣ୍ଟ ସେକ୍ଟର' ରୂପେ ପରିଚାଳନା କରାଯିବ । ଓଡ଼ିଶା ଶିଳ୍ପୋଦ୍ୟୋଗ ଓ ଅର୍ଥ ବିନିଯୋଗ କର୍ପୋରେସନ ( IPICOL ) ଓ ଶିଳ୍ପୋଦ୍ୟୋଗୀ ସଂସ୍ଥାଙ୍କ ମିଳିତ ଉଦ୍ୟମରେ ଏହି କାରଖାନା 'ଓଡ଼ିଶା ଟାୟାରସ୍' ନାମରେ ରେଜେଷ୍ଟ୍ରୀ ଭୁକ୍ତ ହୋଇସାରିଲଣି । ଶିଳ୍ପାନୁଷ୍ଠାନ ପାଇଁ ଆବଶ୍ୟକୀୟ ଉପାଦାନ ଦୃଷ୍ଟିକୋଣରୁ ବିଚାର କଲେ ସ୍ଥାନ ନିରୂପଣ ଅତ୍ୟନ୍ତ ପ୍ରଶଂସନୀୟ । ରାଜ୍ୟର ରାସ୍ତାଘାଟ ତଥା ପରିବହନ ଶିଳ୍ପର ବିକାଶ ପରିପ୍ରେକ୍ଷୀରେ 'ଓଡ଼ିଶା ଟାୟାରସ'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ମନେହୁଏ । ବର୍ତ୍ତମାନ କୃଷି ଓ ଶିଳ୍ପ ବିକାଶ ପାଇଁ ସରକାର ଯେଉଁସବୁ ଦୃଢ଼ ପଦକ୍ଷେପମାନ ନେଉଛନ୍ତି ସେଥିମଧ୍ୟରୁ ଓଡ଼ିଶା ଟାୟାରସ ଏକ ବୃହତ୍ତମ ଶିଳ୍ପ ରୂପେ ଅନ୍ୟତମ । କେବଳ ଆମ ରାଜ୍ୟର ନୁହେଁ ସମଗ୍ର ଭାରତର ବୈଷୟିକ ଜ୍ଞାନ ଓ ପ୍ରୟୋଜନୀୟ କାର୍ଯ୍ୟଦକ୍ଷତା ଏଥିରେ ନିୟୋଜିତ ହେବ । ଓଡ଼ିଶା ବିଜ୍ଞାନ ଓ କାରୀଗରି କ୍ଷେତ୍ରରେ ଅଗ୍ରସର ଓ ସ୍ୱାବଲମ୍ବୀ ହେବା ପାଇଁ ଆଉ ବେଶୀ ସମୟ ଲାଗିବନାହିଁ । ଏହି କାରଖାନା ପ୍ରତିଷ୍ଠା ଫଳରେ ରାଜ୍ୟର ବହୁ ଶିକ୍ଷିତ ବେକାର ଇଞ୍ଜିନିୟର ଓ ତାଲିମପ୍ରାପ୍ତ ବେକାର ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଆନୁସଙ୍ଗିକ ଛୋଟ ବଡ଼ ଯନ୍ତ୍ରପାତି ଶିଳ୍ପାନୁଷ୍ଠାନ ମୁଣ୍ଡ ଟେକିବାକୁ ସମର୍ଥ ହେବେ ।

ପରିକଳ୍ପିତ ଏହି ବୃହତ୍ତମ କାରଖାନା ପ୍ରାୟ ୫ ହଜାର ବେକାରଙ୍କୁ କର୍ମସଂସ୍ଥାନ ଯୋଗାଇ ଓଡ଼ିଶାରେ ଏକ ଅଭିନବ ଅଧ୍ୟାୟ ସୃଷ୍ଟି କରିବ । ଖାଲିଯେ ବେକାର ସମସ୍ୟାର ଦୂରୀକରଣ ହେବ ତାନୁହେଁ, ବୈଦେଶିକ ମୁଦ୍ରା ଉପାର୍ଜନ ଓ ସ୍ୱଦେଶ ମୁଦ୍ରା ବହିର୍ଗମନର ପଥରୁଦ୍ଧ ହେବା ନିଃସନ୍ଦେହ । ଏତଦ୍‌ବ୍ୟତୀତ ଆମ ରାଜ୍ୟର ରାଜସ୍ୱ ବୃଦ୍ଧିରେ ମଧ୍ୟ ପରିବର୍ତ୍ତନ ହେବ । ଏହି କାରଖାନାର ନିର୍ମାଣ କାର୍ଯ୍ୟ ଓ ଯନ୍ତ୍ରପାତି ଆମଦାନୀ ଅତିଶୀଘ୍ର ହେବାର ସମ୍ଭାବନା ରହିଛି । ଦେଶରେ ଶିଳ୍ପୋନ୍ନୟନ ପାଇଁ ବିଶ୍ୱବ୍ୟାଙ୍କରୁ ମଞ୍ଜୁରୀ ହୋଇ ଆସିଥିବା ଦୀର୍ଘ ମିଆଦୀ ଋଣରୁ କିଛି ଅଂଶ ଏ ବାବଦରେ ବିନିଯୋଗ ହୋଇପାରିଲେ ହୁଏତ ଇପ୍‌ସିତ ଲକ୍ଷ୍ୟ ହାସଲ ଦିଗରେ ବିଶେଷ ଅସୁବିଧା ହୁଅନ୍ତା ନାହିଁ । ସୁତରାଂ କେନ୍ଦ୍ର ସରକାରଙ୍କ ଶିଳ୍ପ ମନ୍ତ୍ରଣାଳୟ, ରାଜ୍ୟ ସରକାର ଓ 'ଇପ୍‌କଲ' ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ! ସରକାରଙ୍କ ଋଣ ପ୍ରଣାଳୀ ସରଳୀକରଣ ବ୍ୟବସ୍ଥା ଫଳରେ କାମ ଅଟକିଯିବା ମନେହୁଏ ନାହିଁ । ତଥାପି ସରକାରଙ୍କ ସମେତ ଅର୍ଥ ମଞ୍ଜୁରୀ ସଂସ୍ଥା ତଥା ଜନସାଧାରଣଙ୍କ ସହଯୋଗ ସର୍ବୋପରି ଓଡ଼ିଶା ଟାୟାର୍ସରକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ଏକାନ୍ତ ଭାବେ ସକ୍ଷମ ।

ବସ୍ତୁତଃ ଓଡ଼ିଶା ଟାୟାର୍ସର କାରଖାନା ଆମ ରାଜ୍ୟରେ ଟାୟାର ଉତ୍ପାଦନ ଆରମ୍ଭ । ଉତ୍ପାଦିକା ଶକ୍ତି ସଂପ୍ରସାରଣ, କର୍ମ ସୁଯୋଗ ସୃଷ୍ଟି ଓ ଦାରିଦ୍ର୍ୟ—ଦୂରୀକରଣ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ !

ପର୍ସନେଲ ଅଫିସର,
କଳିଙ୍ଗ ଟିଉବ୍‌ସ ଲିମିଟେଡ୍
ଚଉଦ୍ୱାର, କଟକ

ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ ନ କରି ମୁଁ ରହି ପାରୁ ନାହିଁ । ବାର୍ଷିକ ଯୋଜନା ସଂପର୍କରେ ମୋତେ ଯେଉଁ ପରିସଂଖ୍ୟାନ ସୂଚନା ଦିଆଯାଇଥିଲା, ସେଥିରୁ ମୁଁ ଜାଣିଲି ଯେ, ସର୍ବ ଭାରତୀୟ ହିସାବ ଅନୁଯାୟୀ ପ୍ରତି ୧୦୦ ବର୍ଗ କିଲୋମିଟର ଅଞ୍ଚଳରେ ୧୬ କିଲୋମିଟର ଭୂପୃଷ୍ଠ ରାସ୍ତା ଥିବା ସ୍ଥଳେ ଓଡ଼ିଶାରେ ଭୂପୃଷ୍ଠ ରାସ୍ତାର ପରିମାଣ ହେଉଛି ମାତ୍ର ୮.୬୦ କିଲୋ-ମିଟର । ସର୍ବ ଭାରତୀୟ ସ୍ତରରେ ୧ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ୯୦ କିଲୋମିଟର ଭୂପୃଷ୍ଠ ରାସ୍ତା ଥିବା ସ୍ଥଳେ ଓଡ଼ିଶାରେ ଏହା ମାତ୍ର ୬୧ କିଲୋ-ମିଟର । ରାଜ୍ୟର ୬ଟି ସବ୍‌ଡ଼ିଭିଜନ ସଦର ମହକୁମାରୁ ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ ନିମନ୍ତେ ସବୁ ଦିନିଆ ରାସ୍ତା ନଥିବା ଏବଂ ୯୫ଟି ବ୍ଲକ୍ ସଦର ମହକୁମା ଓ ୮୫ଟି ଥାନାରୁ ସବ୍‌ଡ଼ିଭିଜନ ସଦର ମହକୁମାକୁ ସବୁ ଦିନିଆ ରାସ୍ତାର ଯୋଗାଯୋଗ ନଥିବା ବିଷୟ ମୋତେ ଯେତେବେଳେ କୁହାଗଲା ତାହା ଶୁଣି ମୁଁ ବିଶ୍ୱାସ କରିପାରିଲି ନାହିଁ । ଆହୁରି ମଧ୍ୟ ମୁଁ ବୁଝିଲି ଯେ ଏହି ବିଭାଗ ଅନ୍ତର୍ଗତ ସମସ୍ତ ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ହେଲେ, ଏଥି ମଧ୍ୟରୁ କେବଳ ସେତୁଗୁଡ଼ିକ ନିର୍ମାଣ ନିମନ୍ତେ ୭୦ କୋଟି ଟଙ୍କା, ଅଣଓସାରିଆ ଓ ଭଗ୍ନପ୍ରାୟ ଅବସ୍ଥାରେ ଥିବା ସେତୁ ଓ ପୋଲଗୁଡ଼ିକର ନୂତନ ନିର୍ମାଣ ଦିଗରେ ୩୦ କୋଟି ଟଙ୍କା, ଓ ଆଧୁନିକ ଯାନ ବାହାନ, ଚଳାଚଳ ନିମନ୍ତେ ରାସ୍ତା ଚଟାଣର ଉନ୍ନତି ବିଧାନ ପାଇଁ ୬୫ କୋଟି ଟଙ୍କା ଆବଶ୍ୟକ ହେବ । ରାସ୍ତା ହେଉଛି ରାଜ୍ୟର ଯୋଗାଯୋଗ ପ୍ରଣାଳୀର ମେରୁଦଣ୍ଡ ସ୍ୱରୂପ । ଅନ୍ୟ କଥାରେ, ଏହି ବିଭାଗର ନିୟନ୍ତ୍ରଣାଧୀନରେ ଥିବା ରାସ୍ତାଗୁଡ଼ିକୁ ଆଧୁନିକ ଯାନ-ବାହାନ ଚଳାଚଳ ନିମନ୍ତେ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ଅତି କମ୍‌ରେ ୧୬୫ କୋଟି ଟଙ୍କା ଆବଶ୍ୟକ ହେବ । ଜନସାଧାରଣ ତଥା ସେମାନଙ୍କ ପ୍ରତିନିଧିମାନଙ୍କର ବହୁ ଦିନର ଏହି ରାସ୍ତା ନିର୍ମାଣ ଦାବୀ ପୂରଣ ନିମନ୍ତେ କେତେଶୀଘ୍ର ଆମେ ଏଇ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଇ ପାରିବୁ, ସେ ବିଷୟରେ ମୁଁ ନିର୍ଭର ପ୍ରତିଶ୍ରୁତି ଦେବା ଅବସ୍ଥାରେ ନାହିଁ ।

ଅବଶ୍ୟ ଏହା ଏକ ଯୁକ୍ତିଯୁକ୍ତ ଦାବୀ । କାରଣ ଚଳପ୍ରଚଳ ଯୋଗାଯୋଗ ବ୍ୟବସ୍ଥା ଉପରେ ହିଁ ଦେଶର ବ୍ୟାପକ ସମୃଦ୍ଧି ନିର୍ଭର କରେ । ମୁଁ ନିଶ୍ଚିତ ଯେ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ, ରାସ୍ତାଘାଟର ଉନ୍ନତିମୂଳକ କାର୍ଯ୍ୟକୁ ଦେଶ ସ୍ୱାଧୀନତା ପାଇବା ବେଳଠାରୁ ଉପଯୁକ୍ତ ଦୃଷ୍ଟି ଦିଆ ନଯାଇ ପଛରେ ପକାଇ ଦିଆଯାଇଛି ।

ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟର ରାସ୍ତାଘାଟଗୁଡ଼ିକୁ ଉନ୍ନତ ତଥା ଅଧିକ ସୁନ୍ଦର କରି ନିର୍ମାଣ କରିବାକୁ ପଡ଼ିବ । ଆମର କୋଠା ବାଡ଼ିଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ନୁହେଁ । ଗୋଟିଏ ବିକାଶମୁଖୀ ରାଜ୍ୟରେ ବାସଗୃହ ଓ ଅନ୍ୟାନ୍ୟ ଗୃହଭଳି ସର୍ବନିମ୍ନ ଆବଶ୍ୟକତା କାହିଁକି ଯେ ପୂରଣ ହୋଇ ପାରୁନାହିଁ, ତାହାର କାରଣ ବୁଝାଯାଇ ନାହିଁ । କେବଳ ରାଜଧାନୀର କଥା ଦେଖିଲେ ବି ବୁଝା ପଡ଼ିବ ଏ ଦିଗରେ ଘର ତିଆରି କରିବାର ଆବଶ୍ୟକତା କେତେ ଜରୁରୀ । କିନ୍ତୁ ଏ କ୍ଷେତ୍ରରେ ପାର୍ଥକ୍ୟଟି ହେଉଛି—ବାସଗୃହ ଓ ଅନ୍ୟାନ୍ୟ କୋଠାବାଡ଼ି ନିର୍ମାଣ ପାଇଁ ପ୍ରତ୍ୟେକ ବିଭାଗ ସେମାନଙ୍କର ଯୋଜନା ଅଟକଳ ଭିତରେ ଯୋଜନା-ବାବଦ ବ୍ୟୟରୁ ଏସବୁ ଲାଗି ଅର୍ଥ ବରାଦ କରିଥାନ୍ତି ।

ମୁଁ ଏସବୁ କଥା କହିବାର ବିଶେଷ କାରଣ ହେଉଛି-ଯେ ଆମକୁ ଅନେକଗୁଡ଼ିଏ କାର୍ଯ୍ୟ ଅତି କମ ସମ୍ବଳ ଓ ସୁଯୋଗକୁ ନେଇ ଯଥା ସଂଭବ କମ୍ ସମୟ ମଧ୍ୟରେ ସଂପନ୍ନ କରିବାକୁ ପଡ଼ିବ । ସେଥିଲାଗି ଆପଣମାନଙ୍କ ପ୍ରତିଭା, କର୍ମ ଦକ୍ଷତା, ଦେଶ ଓ ଜନସାଧାରଣଙ୍କ ମଙ୍ଗଳ ପ୍ରତି ଆନ୍ତରିକତା ଉପରେ ନିଶ୍ଚିନ୍ତ ଭାବେ ଆମ୍ଭେମାନେ ନିର୍ଭର କରୁଅଛୁ । ତା' ସଙ୍ଗେ ସଙ୍ଗେ ଆମକୁ ମଧ୍ୟ ଭାବିବାକୁ ପଡୁଛି ଯେ ଦରିଦ୍ର ଜନସାଧାରଣଙ୍କଠାରୁ ଗୃହୀତ ପ୍ରତ୍ୟେକଟି ପଇସା ଯେପରି ଅତି ଆବଶ୍ୟକୀୟ ଓ ଫଳପ୍ରଦ କାର୍ଯ୍ୟରେ ବିନିଯୋଗ କରାଯାଏ ଏବଂ ଅଯଥା ଅପବ୍ୟୟ ବା ବିନର୍ଦ୍ଧୟରେ ନଷ୍ଟ ହୋଇ ନଯାଏ ।

ମୋର ବକ୍ତବ୍ୟ ସାଙ୍ଗ କରିବା ପୂର୍ବରୁ ମୁଁ ଏତିକି ଅନ୍ତରର ସହିତ ସମସ୍ତଙ୍କୁ ନିବେଦନ କରିବି ଯେ—ରାଜ୍ୟର ଦାରିଦ୍ର୍ୟ ଓ ଦୁଃଖ ଦୁର୍ଦ୍ଦଶା ଘୁଞ୍ଚାଇବା ଲାଗି ଆପଣମାନେ ଯେପରି କଠିନ ଓ ନିଷ୍ଠାପର ଭାବେ ଆପଣମାନଙ୍କ ପ୍ରତିଭା ଓ କର୍ମଠତାକୁ ଉତ୍ସର୍ଗ କରନ୍ତି । ଆପଣମାନେ ହେଲେ ବୈଜ୍ଞାନିକ । ଏହି ବିଜ୍ଞାନ ବୁଦ୍ଧି ଆପଣମାନଙ୍କଠାରେ ଈଶ୍ୱରଙ୍କର ମହାନ୍ ଦାନ । ଏହି ମହାନ୍ ଦାନର ସଦୁପଯୋଗ ହେବ—ଜନ ସାଧାରଣଙ୍କ କଲ୍ୟାଣାର୍ଥେ ଯଦି ଏହାକୁ ନିବେଦନ କରାଯାଏ । ମୋର ଗଭୀର ଆଶା, ଆପଣମାନଙ୍କ ଭଳି ପ୍ରତିଭାଶାଳୀ ବୈଜ୍ଞାନିକ ଆମ ରାଜ୍ୟରେ ଥାଉଁ ଥାଉଁ —ଏ ରାଜ୍ୟ ଆଉ ବେଶୀ ଦିନ ଦୁଃଖ ଦୁର୍ଦ୍ଦଶା ଭୋଗିବ ନାହିଁ ଏବଂ ଏଣିକି ପର୍ତ୍ତ ବିଭାଗ ଜନସାଧା-ରଣଙ୍କର ଏକ ସେବାମୂଳକ ସଂସ୍ଥା ରୂପେ ବିବେଚିତ ହେବ ।

ମୁଁ ଅବଶ୍ୟ ଅନୁଭବ କରୁଛି ଯେ, ପୂର୍ତ୍ତ ବିଭାଗର ସମସ୍ତ ସାନବଡ଼ କର୍ମଚାରୀଙ୍କୁ ଅନେକ ଅସୁବିଧା ଓ ପରିସ୍ଥିତି ଗତ ସ୍ତୁପ ମଧ୍ୟରେ କାମ କରିବାକୁ ପଡୁଛି ଏବଂ ବହୁ କଟକଣା ଏବଂ ପ୍ରତିବନ୍ଧକ ଭିତରେ ଗତି କରିବାକୁ ପଡୁଛି । ମୋ ମତରେ ଗୋଟିଏ ଦ୍ରୁତଗାମୀ ଗାଡ଼ି ଯଦି ଠିକ୍ ଭାବରେ ନିୟନ୍ତ୍ରିତ ନହୁଏ, ତାହା ଯେପରି ଭାରସାମ୍ୟ ହରାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଧ୍ୱଂସ ହୋଇଯାଏ, ଏ କ୍ଷେତ୍ରରେ ମଧ୍ୟ ତଦ୍ରୂପ, ରାଜକୋଷରୁ ଟଙ୍କାଟିଏ ଖର୍ଚ୍ଚ କଲେ ବି ଆମକୁ ତାର ଯଥାର୍ଥତା ଦର୍ଶାଇବାକୁ ହେବ ଏବଂ ଏହି ଟଙ୍କାକୁ ଠିକ୍ ବାଟରେ ଖର୍ଚ୍ଚ କରିବା ଆମର ନୈତିକ କର୍ତ୍ତବ୍ୟ । କାରଣ ଏହି ଟଙ୍କାଟି ଆମେ ସାଧାରଣ ନାଗରିକଠାରୁ ଅସୁଲ କରିଛୁ ।

ଇଞ୍ଜିନିୟରମାନଙ୍କ ସଭାରେ ବକ୍ତୃତା ଦେଲାବେଳେ ମୁଁ ଆମର ସୁଯୋଗ୍ୟ କର୍ମଦକ୍ଷ ଇଞ୍ଜିନିୟରମାନଙ୍କର ଦୋଷାଦୋଷ ଦେଖାଇବା ଲାଗି ଆଗ୍ରହୀ ନୁହେଁ । ମୋର କହିବା କଥା, ଆମ ରାଜ୍ୟରେ ଏହି ସବୁ ବିଭାଗରେ ଯେତିକି କଟକଣା ରହିବା କଥା ଏବଂ କାର୍ଯ୍ୟର ଗୁଣାତ୍ମକ ମାନ ଉପରେ ଯେତିକି ଧ୍ୟାନ ଦିଆଯିବା କଥା, ସେତିକି ଦିଆଯାଉନାହିଁ । କାରିଗରୀ କୌଶଳ ଜଣାନଥିବାରୁ ଯେ ଏଭଳି ତ୍ରୁଟି ଘଟୁଛି ତାହା ନୁହେଁ, ମୁଁ ଭାବୁଛି, ଏହି ବିଭାଗରେ ବହୁ ଖ୍ୟାତନାମା ଇଞ୍ଜିନିୟର ଥାଇ ସୁଦ୍ଧା ଏ ବିଭାଗରେ ଏତେ ଆଖିଦୃଶିଆ ତ୍ରୁଟି କିପରି ଘଟୁଛି ? ଉଦାହରଣ ସ୍ୱରୂପ, ନିକଟରେ ମୁଁ କୌଣସି ଏକ ମୁଖ୍ୟ ରାସ୍ତା ଉପରେ ଆସୁଥିଲା ବେଳେ ଦେଖିଲି—ସେ ରାସ୍ତାର ଦୁଇ ପାର୍ଶ୍ୱ ଅତି କଦର୍ଯ୍ୟଭାବେ ଖାଲ ହୋଇଯାଇଛି ଏବଂ ଶୁଣିଲି, ଏହି ଅବସ୍ଥା ବହୁଦିନ ଧରି ରହିଛି । ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ, ଏ ବିଭାଗରେ ଏତେଗୁଡ଼ିଏ ପର୍ଯ୍ୟବେକ୍ଷକ ସଂସ୍ଥା, ଠିକା-କାର୍ଯ୍ୟ ସଂସ୍ଥା ଏବଂ ବୈଷୟିକ ପରାମର୍ଶ ପ୍ରଭୃତି ଦେବା ବ୍ୟବସ୍ଥା ଥିବା ସତ୍ତ୍ୱେ ଏବଂ ଏ ବାବଦ ସମସ୍ତ ଟଙ୍କା ମଞ୍ଜୁର ହୋଇସାରିଥିଲେ ହେଁ, ଏହି ସାମାନ୍ୟ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କିପରି ଯଥା ସମୟରେ ହୋଇପାରୁନାହିଁ ? ଅନେକ ରାସ୍ତା ମଝିରେ ବିରାଟ ଆୟତନର ଗଭୀର ଖାଲ ସବୁ ହୋଇ ଯାଇଛି ଏବଂ ସେଗୁଡ଼ିକ ଠିକ୍ ସମୟରେ ମରାମତି ହେଉନାହିଁ । ଏ ଭଳି ଖାଲ ମୁଁ ରାଜଧାନୀ ରାସ୍ତାଗୁଡ଼ିକରେ ମଧ୍ୟ ଦେଖୁଛି । ସରକାରୀ ଘରଗୁଡ଼ିକର ଭଙ୍ଗା କାନ୍ଥ, ପାଣି ଗଳୁଥିବା ଛାତ, କିମ୍ବା ଉଇ ଖାଇ ନଷ୍ଟ ହୋଇ ଯାଇଥିବା କବାଟ ପ୍ରଭୃତି ଦେଖିଲେ ମନେ ହୁଏ—ଏଗୁଡ଼ିକର ରକ୍ଷଣାବେକ୍ଷଣକାରୀ କେହି ନାହାଁନ୍ତି । ଲୋକ ଅଭାବ ବା ବୈଷୟିକ ଜ୍ଞାନ ଅଭାବ କିମ୍ବା ଆବଶ୍ୟକୀୟ ସମ୍ବଳ ଅଭାବରୁ ଯେ ଏସବୁ ଘଟୁଛି, ତା' ନୁହେଁ । ପରନ୍ତୁ, ନିମ୍ନ ପାହ୍ୟାରେ ଆବଶ୍ୟ କର୍ମତତ୍ପରତାର ଅଭାବ, ତଥା ଉପର ପାହ୍ୟାରେ ଆବଶ୍ୟକୀୟ ଦେଖାଶୁଣା ଅଭାବରୁ ଯେ ଏ ସବୁ ଘଟୁଛି, ସେ ସମ୍ବନ୍ଧେ ମୁଁ ନିଃସନ୍ଦେହ ! ଓ୍ୱାର୍କ ସରକାରଙ୍କଠାରୁ ଆରମ୍ଭ କରି ମୁଖ୍ୟ ଇଞ୍ଜିନିୟରଙ୍କ ପର୍ଯ୍ୟନ୍ତ ବିଭାଗୀୟ ସମସ୍ତ କର୍ମଚାରୀ ଯଦି ନିଜ ନିଜର ଅଧସ୍ତନ କର୍ମଚାରୀଙ୍କ କାମ ତଦାରଖ ନ କରନ୍ତି, ଦୋଷ ତ୍ରୁଟି ଦର୍ଶାଇ ତାର ସଂଶୋଧନ ପାଇଁ ପରାମର୍ଶ ନ ଦିଅନ୍ତି, ଏବଂ ପ୍ରତ୍ୟେକ ନିଜନିଜର କର୍ତ୍ତବ୍ୟ ଯେପରି କରନ୍ତି, ସେଥିପ୍ରତି ସଚେତନ ନହୁଅନ୍ତି, ତେବେ ଅବସ୍ଥାର ବିଶେଷ କିଛି ଉନ୍ନତି ଘଟିବା ଭଳି ମନେ ହୁଏ ନାହିଁ ।

ଇଞ୍ଜିନିୟରିଂ ଚାକିରୀ ସଂପର୍କରେ ଅନେକ ସମୟରେ ମୁଁ ବହୁ ସମାଲୋଚନା ଶୁଣିଛି । ଏ ଧରଣର ସମାଲୋଚନାର ଭୁଲ୍ ଠିକ୍ ବିଚାର କରିବା ମୋର କାମ ନୁହେଁ । ହୁଏତ ଏହା କେତେକାଂଶରେ ଠିକ୍ ଓ କେତେକାଂଶରେ ଭୁଲ ମଧ୍ୟ । କିନ୍ତୁ ମୁଁ ଏ ବିଷୟରେ ନିଶ୍ଚିତ ଯେ, ଆପଣମାନଙ୍କର ସଚ୍ଚୋଟ କର୍ମଦକ୍ଷତା ଏବଂ ଜନଗଣଙ୍କର ମଙ୍ଗଳ ସାଧନ ପାଇଁ ଗଭୀର ଆନ୍ତରିକତା ଫଳରେ ଆପଣମାନେ ଲୋକମାନଙ୍କ ଭିତରେ ଆପଣମାନଙ୍କ ପ୍ରତି ଯଥାର୍ଥ ମର୍ଯ୍ୟାଦାବୋଧ ବୃଦ୍ଧି କରିପାରିବେ । ଜନ ସାଧାରଣଙ୍କ ସୁଖ ସୁବିଧା ବୃଦ୍ଧି କରିବାର ଗୁରୁ ଦାୟିତ୍ୱ ଆପଣମାନଙ୍କ ଉପରେ ହିଁ ନ୍ୟସ୍ତ କରାଯାଇଛି । ତେଣୁ, ଲୋକମାନେ ହିଁ ଆପଣମାନଙ୍କ କାର୍ଯ୍ୟର ଅସଲ ବିଚାରକ । ଅବଶ୍ୟ ଲୋକଙ୍କ ଆଶାନୁରୂପ ଫଳ ଅର୍ଜନ କରିବା ପାଇଁ ବର୍ତ୍ତମାନର ପ୍ରଶାସନିକ ପଦ୍ଧତି କେତେକାଂଶରେ ଜଟିଳତା ସୃଷ୍ଟି କରୁଛି । ବିଶେଷକରି ବୈଷୟିକ କାର୍ଯ୍ୟ କରୁଥିବା ବିଭାଗଗୁଡ଼ିକୁ ପ୍ରଚଳିତ ପଦ୍ଧତି ଅନୁଯାୟୀ ପୁନର୍ଗଠନ କରିବା ନିମନ୍ତେ ଯଥେଷ୍ଟ ସୁବିଧାସୁଯୋଗ ରହିଅଛି । ମୁଁ ଅତି ଆନନ୍ଦର ସହିତ ଉଲ୍ଲେଖ କରୁଛି ଯେ ଆପଣମାନଙ୍କ ମଧ୍ୟରୁ ଜଣଙ୍କୁ ସରକାରଙ୍କ ଶାସନ ସଚିବରୂପେ ନିଯୁକ୍ତ କରିବା ଦ୍ୱାରା ଆମ ବିଭାଗ ଅନ୍ୟାନ୍ୟ ବୈଷୟିକ ବିଭାଗ ଅପେକ୍ଷା ଗୋଟିଏ ପାହାଚ ଆଗେଇ ଯାଇଛି । ଆପଣମାନେ ମନେ ରଖନ୍ତୁ, ଲୋକମାନଙ୍କ ଆଶା ଆକାଂକ୍ଷାକୁ ବହୁ ଅଂଶରେ ପୂରଣ ନକରି ପାରିଲେ ଗୋଟିଏ ଗଣତାନ୍ତ୍ରିକ ସରକାର ବେଶୀ ଦିନ ତିଷ୍ଠି ପାରିବ ନାହିଁ । ତେଣୁ ଲୋକମଙ୍ଗଳକାରୀ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ସବୁ ସୁବିଧାସୁଯୋଗ ଆପଣମାନଙ୍କର ଆବଶ୍ୟକ ତାହା ଯୋଗାଇ ଦେବା ଲାଗି ସରକାର ନିଶ୍ଚୟ ଯଥା ସାଧ୍ୟ ଚେଷ୍ଟା କରିବେ ।

ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ ନ କରି ମୁଁ ରହି ପାରୁ ନାହିଁ । ବାର୍ଷିକ ଯୋଜନା ସଂପର୍କରେ ମୋତେ ଯେଉଁ ପରିସଂଖ୍ୟାନ ସୂଚନା ଦିଆଯାଇଥିଲା, ସେଥିରୁ ମୁଁ ଜାଣିଲି ଯେ, ସର୍ବ ଭାରତୀୟ ହିସାବ ଅନୁଯାୟୀ ପ୍ରତି ୧୦୦ ବର୍ଗ କିଲୋମିଟର ଅଞ୍ଚଳରେ ୧୬ କିଲୋମିଟର ଭୂପୃଷ୍ଠ ରାସ୍ତା ଥିବା ସ୍ଥଳେ ଓଡ଼ିଶାରେ ଭୂପୃଷ୍ଠ ରାସ୍ତାର ପରିମାଣ ହେଉଛି ମାତ୍ର ୮.୬୦ କିଲୋମିଟର । ସର୍ବ ଭାରତୀୟ ସ୍ତରରେ ୧ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ୯୦ କିଲୋମିଟର ଭୂପୃଷ୍ଠ ରାସ୍ତା ଥିବା ସ୍ଥଳେ ଓଡ଼ିଶାରେ ଏହା ମାତ୍ର ୬୧ କିଲୋମିଟର । ରାଜ୍ୟର ୬ଟି ସବ୍‌ଡ଼ିଭିଜନ ସଦର ମହକୁମାରୁ ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ ନିମନ୍ତେ ସବୁ ଦିନିଆ ରାସ୍ତା ନଥିବା ଏବଂ ୯୫ଟି ବ୍ଲକ୍ ସଦର ମହକୁମା ଓ ୮୫ଟି ଥାନାରୁ ସବ୍‌ଡ଼ିଭିଜନ ସଦର ମହକୁମାକୁ ସବୁ ଦିନିଆ ରାସ୍ତାର ଯୋଗାଯୋଗ ନଥିବା ବିଷୟ ମୋତେ ଯେତେବେଳେ କୁହାଗଲା ତାହା ଶୁଣି ମୁଁ ବିଶ୍ୱାସ କରିପାରିଲି ନାହିଁ । ଆହୁରି ମଧ୍ୟ ମୁଁ ବୁଝିଲି ଯେ ଏହି ବିଭାଗ ଅନ୍ତର୍ଗତ ସମସ୍ତ ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ହେଲେ, ଏଥି ମଧ୍ୟରୁ କେବଳ ସେତୁଗୁଡ଼ିକ ନିର୍ମାଣ ନିମନ୍ତେ ୭୦ କୋଟି ଟଙ୍କା, ଅଣଓସାରିଆ ଓ ଭଗ୍ନପ୍ରାୟ ଅବସ୍ଥାରେ ଥିବା ସେତୁ ଓ ପୋଲଗୁଡ଼ିକର ନୂତନ ନିର୍ମାଣ ଦିଗରେ ୩୦ କୋଟି ଟଙ୍କା, ଓ ଆଧୁନିକ ଯାନ ବାହାନ, ଚଳାଚଳ ନିମନ୍ତେ ରାସ୍ତା ଚଟାଣର ଉନ୍ନତି ବିଧାନ ପାଇଁ ୬୫ କୋଟି ଟଙ୍କା ଆବଶ୍ୟକ ହେବ । ରାସ୍ତା ହେଉଛି ରାଜ୍ୟର ଯୋଗାଯୋଗ ପ୍ରଣାଳୀର ମେରୁଦଣ୍ଡ ସ୍ୱରୂପ । ଅନ୍ୟ କଥାରେ, ଏହି ବିଭାଗର ନିୟନ୍ତ୍ରଣାଧୀନରେ ଥିବା ରାସ୍ତାଗୁଡ଼ିକୁ ଆଧୁନିକ ଯାନବାହାନ ଚଳାଚଳ ନିମନ୍ତେ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ଅତି କମ୍‌ରେ ୧୬୫ କୋଟି ଟଙ୍କା ଆବଶ୍ୟକ ହେବ । ଜନସାଧାରଣ ତଥା ସେମାନଙ୍କ ପ୍ରତିନିଧିମାନଙ୍କର ବହୁ ଦିନର ଏହି ରାସ୍ତା ନିର୍ମାଣ ଦାବୀ ପୂରଣ ନିମନ୍ତେ କେତେଶୀଘ୍ର ଆମେ ଏଇ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଇ ପାରିବୁ, ସେ ବିଷୟରେ ମୁଁ ନିର୍ଭର ପ୍ରତିଶ୍ରୁତି ଦେବା ଅବସ୍ଥାରେ ନାହିଁ ।

ଅବଶ୍ୟ ଏହା ଏକ ଯୁକ୍ତିଯୁକ୍ତ ଦାବୀ । କାରଣ ଚଳପ୍ରଚଳ ଯୋଗାଯୋଗ ବ୍ୟବସ୍ଥା ଉପରେ ହିଁ ଦେଶର ବ୍ୟାପକ ସମୃଦ୍ଧି ନିର୍ଭର କରେ । ମୁଁ ନିଶ୍ଚିତ ଯେ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ, ରାସ୍ତାଘାଟର ଉନ୍ନତିମୂଳକ କାର୍ଯ୍ୟକୁ ଦେଶ ସ୍ୱାଧୀନତା ପାଇବା ବେଳଠାରୁ ଉପଯୁକ୍ତ ଦୃଷ୍ଟି ଦିଆ ନଯାଇ ପଛରେ ପକାଇ ଦିଆଯାଇଛି । ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟର ରାସ୍ତାଘାଟଗୁଡ଼ିକୁ ଉନ୍ନତ ତଥା ଅଧିକ ସୁଦୃଢ଼ କରି ନିର୍ମାଣ କରିବାକୁ ପଡ଼ିବ । ଆମର କୋଠା ବାଡ଼ିଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ନୁହେଁ । ଗୋଟିଏ ବିକାଶମୁଖୀ ରାଜ୍ୟରେ ବାସଗୃହ ଓ ଅନ୍ୟାନ୍ୟ ଗୃହଭଳି ସର୍ବନିମ୍ନ ଆବଶ୍ୟକତା କାହିଁକି ଯେ ପୂରଣ ହୋଇ ପାରୁନାହିଁ, ତାହାର କାରଣ ବୁଝାଯାଇ ନାହିଁ । କେବଳ ରାଜଧାନୀର କଥା ଦେଖିଲେ ବି ବୁଝା ପଡ଼ିବ ଏ ଦିଗରେ ଘର ତିଆରି କରିବାର ଆବଶ୍ୟକତା କେତେ ଜରୁରୀ । କିନ୍ତୁ ଏ କ୍ଷେତ୍ରରେ ପାର୍ଥକ୍ୟଟି ହେଉଛି—ବାସଗୃହ ଓ ଅନ୍ୟାନ୍ୟ କୋଠାବାଡ଼ି ନିର୍ମାଣ ପାଇଁ ପ୍ରତ୍ୟେକ ବିଭାଗ ସେମାନଙ୍କର ଯୋଜନା ଅଟକଳ ଭିତରେ ଯୋଜନାବାବଦ ବ୍ୟୟରୁ ଏସବୁ ଲାଗି ଅର୍ଥ ବରାଦ କରିଥାନ୍ତି ।

ମୁଁ ଏସବୁ କଥା କହିବାର ବିଶେଷ କାରଣ ହେଉଛି- ଯେ ଆମକୁ ଅନେକଗୁଡ଼ିଏ କାର୍ଯ୍ୟ ଅତି କମ ସାଧନ ଓ ସୁଯୋଗକୁ ନେଇ ଯଥା ସଂଭବ କମ୍ ସମୟ ମଧ୍ୟରେ ସଂପନ୍ନ କରିବାକୁ ପଡ଼ିବ । ସେଥିଲାଗି ଆପଣମାନଙ୍କ ପ୍ରତିଭା, କର୍ମ ଦକ୍ଷତା, ଦେଶ ଓ ଜନସାଧାରଣଙ୍କ ମଙ୍ଗଳ ପ୍ରତି ଆନ୍ତରିକତା ଉପରେ ନିଶ୍ଚିନ୍ତ ଭାବେ ଆମେମାନେ ନିର୍ଭର କରୁଅଛୁ । ତା' ସଙ୍ଗେ ସଙ୍ଗେ ଆମକୁ ମଧ୍ୟ ଭାବିବାକୁ ପଡୁଛି ଯେ ଦରିଦ୍ର ଜନସାଧାରଣଙ୍କଠାରୁ ଗୃହୀତ ପ୍ରତ୍ୟେକଟି ପଇସା ଯେପରି ଅତି ଆବଶ୍ୟକୀୟ ଓ ଫଳପ୍ରଦ କାର୍ଯ୍ୟରେ ବିନିଯୋଗ କରାଯାଏ ଏବଂ ଅଯଥା ଅପବ୍ୟୟ ବା ବିନର୍ଦ୍ଦିଷ୍ଟରେ ନଷ୍ଟ ହୋଇ ନଯାଏ ।

ମୋର ବକ୍ତବ୍ୟ ସାଙ୍ଗ କରିବା ପୂର୍ବରୁ ମୁଁ ଏତିକି ଅନ୍ତରର ସହିତ ସମସ୍ତଙ୍କୁ ନିବେଦନ କରିବି ଯେ— ରାଜ୍ୟର ଦାରିଦ୍ର୍ୟ ଓ ଦୁଃଖ ଦୁର୍ଦ୍ଦଶା ଘୁଞ୍ଚାଇବା ଲାଗି ଆପଣମାନେ ଯେପରି କଠିନ ଓ ନିଷ୍ଠାପର ଭାବେ ଆପଣମାନଙ୍କ ପ୍ରତିଭା ଓ କର୍ମଠତାକୁ ଉତ୍ସର୍ଗ କରନ୍ତି । ଆପଣମାନେ ହେଲେ ବୈଜ୍ଞାନିକ । ଏହି ବିଜ୍ଞାନ ବୁଦ୍ଧି ଆପଣମାନଙ୍କଠାରେ ଈଶ୍ୱରଙ୍କର ମହାନ୍ ଦାନ । ଏହି ମହାନ୍ ଦାନର ସଦୁପଯୋଗ ହେବ—ଜନ ସାଧାରଣଙ୍କ କଲ୍ୟାଣାର୍ଥେ ଯଦି ଏହାକୁ ନିବେଦନ କରାଯାଏ । ମୋର ଗଭୀର ଆଶା, ଆପଣମାନଙ୍କ ଭଳି ପ୍ରତିଭାଶାଳୀ ବୈଜ୍ଞାନିକ ଆମ ରାଜ୍ୟରେ ଥାଇଁ ଥାଇ —ଏ ରାଜ୍ୟ ଆଉ ବେଶୀ ଦିନ ଦୁଃଖ ଦୁର୍ଦ୍ଦଶା ଭୋଗିବ ନାହିଁ ଏବଂ ଏଣିକି ପର୍ତ୍ତ ବିଭାଗ ଜନସାଧାରଣଙ୍କର ଏକ ସେବାମୂଳକ ସଂସ୍ଥା ରୂପେ ବିବେଚିତ ହେବ ।

ମୁଁ ଅବଶ୍ୟ ଅନୁଭବ କରୁଛି ଯେ, ପୂର୍ତ୍ତ ବିଭାଗର ସମସ୍ତ ସାନବଡ଼ କର୍ମଚାରୀଙ୍କୁ ଅନେକ ଅସୁବିଧା ଓ ପରିସ୍ଥିତି ଗତ ଚାପ ମଧ୍ୟରେ କାମ କରିବାକୁ ପଡୁଛି ଏବଂ ବହୁ କଟକଣା ଏବଂ ପ୍ରତିବନ୍ଧକ ଭିତରେ ଗତି କରିବାକୁ ପଡୁଛି । ମୋ ମତରେ ଗୋଟିଏ ଦ୍ରୁତଗାମୀ ଗାଡ଼ି ଯଦି ଠିକ୍ ଭାବରେ ନିୟନ୍ତ୍ରିତ ନହୁଏ, ତାହା ଯେପରି ଭାରସାମ୍ୟ ହରାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଧ୍ୱଂସ ହୋଇଯାଏ, ଏ କ୍ଷେତ୍ରରେ ମଧ୍ୟ ତଦ୍ରୂପ, ରାଜକୋଷରୁ ଟଙ୍କାଟିଏ ଖର୍ଚ୍ଚ କଲେ ବି ଆମକୁ ତାର ଯଥାର୍ଥତା ଦର୍ଶାଇବାକୁ ହେବ ଏବଂ ଏହି ଟଙ୍କାକୁ ଠିକ୍ ବାଟରେ ଖର୍ଚ୍ଚ କରିବା ଆମର ନୈତିକ କର୍ତ୍ତବ୍ୟ । କାରଣ ଏହି ଟଙ୍କାଟି ଆମେ ସାଧାରଣ ନାଗରିକଠାରୁ ଅସୁଲ କରିଛୁ ।

ଇଞ୍ଜିନିୟରମାନଙ୍କ ସଭାରେ ବକ୍ତୃତା ଦେଲାବେଳେ ମୁଁ ଆମର ସୁଯୋଗ୍ୟ କର୍ମଦକ୍ଷ ଇଞ୍ଜିନିୟରମାନଙ୍କର ଦୋଷାଦୋଷ ଦେଖାଇବା ଲାଗି ଆଗ୍ରହୀ ନୁହେଁ । ମୋର କହିବା କଥା, ଆମ ରାଜ୍ୟରେ ଏହି ସବୁ ବିଭାଗରେ ଯେତିକି କଟକଣା ରହିବା କଥା ଏବଂ କାର୍ଯ୍ୟର ଗୁଣାତ୍ମକ ମାନ ଉପରେ ଯେତିକି ଧ୍ୟାନ ଦିଆଯିବା କଥା, ସେତିକି ଦିଆଯାଉନାହିଁ । କାରିଗରୀ କୌଶଳ ଜଣାନଥିବାରୁ ଯେ ଏଭଳି ତ୍ରୁଟି ଘଟୁଛି ତାହା ନୁହେଁ, ମୁଁ ଭାବୁଛି, ଏହି ବିଭାଗରେ ବହୁ ଖ୍ୟାତନାମା ଇଞ୍ଜିନିୟର ଥାଇ ସୁଦ୍ଧା ଏ ବିଭାଗରେ ଏତେ ଆଖିଦୃଶିଆ ତ୍ରୁଟି କିପରି ଘଟୁଛି ? ଉଦାହରଣ ସ୍ୱରୂପ, ନିକଟରେ ମୁଁ କୌଣସି ଏକ ମୁଖ୍ୟ ରାସ୍ତା ଉପରେ ଆସୁଥିଲା ବେଳେ ଦେଖିଲି—ସେ ରାସ୍ତାର ଦୁଇ ପାର୍ଶ୍ୱ ଅତି କଦର୍ଯ୍ୟଭାବେ ଖାଲ ହୋଇଯାଇଛି ଏବଂ ଶୁଣିଲି, ଏହି ଅବସ୍ଥା ବହୁଦିନ ଧରି ରହିଛି । ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ, ଏ ବିଭାଗରେ ଏତେଗୁଡ଼ିଏ ପର୍ଯ୍ୟବେକ୍ଷକ ସଂସ୍ଥା, ଠିକା-କାର୍ଯ୍ୟ ସଂସ୍ଥା ଏବଂ ବୈଷୟିକ ପରାମର୍ଶ ପ୍ରଭୃତି ଦେବା ବ୍ୟବସ୍ଥା ଥିବା ସତ୍ତ୍ୱେ ଏବଂ ଏ ବାବଦ ସମସ୍ତ ଟଙ୍କା ମଞ୍ଜୁର ହୋଇସାରିଥିଲେ ହେଁ, ଏହି ସାମାନ୍ୟ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କିପରି ଯଥା ସମୟରେ ହୋଇପାରୁନାହିଁ ? ଅନେକ ରାସ୍ତା ମଝିରେ ବିରାଟ ଆୟତନର ଗଭୀର ଖାଲ ସବୁ ହୋଇ ଯାଇଛି ଏବଂ ସେଗୁଡ଼ିକ ଠିକ୍ ସମୟରେ ମରାମତି ହେଉନାହିଁ । ଏ ଭଳି ଖାଲ ମୁଁ ରାଜଧାନୀ ରାସ୍ତାଗୁଡ଼ିକରେ ମଧ୍ୟ ଦେଖୁଛି । ସରକାରୀ ଘରଗୁଡ଼ିକର ଭଙ୍ଗା କାନ୍ଥ, ପାଣି ଗଳୁଥିବା ଛାତ, କିମ୍ବା ଉଇ ଖାଇ ନଷ୍ଟ ହୋଇ ଯାଇଥିବା କବାଟ ପ୍ରଭୃତି ଦେଖିଲେ ମନେ ହୁଏ— ଏଗୁଡ଼ିକର ରକ୍ଷଣାବେକ୍ଷଣକାରୀ କେହି ନାହାଁନ୍ତି । ଲୋକ ଅଭାବ ବା ବୈଷୟିକ ଜ୍ଞାନ ଅଭାବ କିମ୍ବା ଆବଶ୍ୟକୀୟ ସମ୍ବଳ ଅଭାବରୁ ଯେ ଏସବୁ ଘଟୁଛି, ତା’ ନୁହେଁ । ପରନ୍ତୁ, ନିମ୍ନ ପାହ୍ୟାରେ ଆବଶ୍ୟ କର୍ମତତ୍ପରତାର ଅଭାବ, ତଥା ଉପର ପାହ୍ୟାରେ ଆବଶ୍ୟକୀୟ ଦେଖାଶୁଣା ଅଭାବରୁ ଯେ ଏ ସବୁ ଘଟୁଛି, ସେ ସମ୍ବନ୍ଧେ ମୁଁ ନିଃସନ୍ଦେହ । ଓ୍ୟାର୍କ ସରକାରଙ୍କଠାରୁ ଆରମ୍ଭ କରି ମୁଖ୍ୟ ଇଞ୍ଜିନିୟରଙ୍କ ପର୍ଯ୍ୟନ୍ତ ବିଭାଗୀୟ ସମସ୍ତ କର୍ମଚାରୀ ଯଦି ନିଜ ନିଜର ଅଧସ୍ତନ କର୍ମଚାରୀଙ୍କ କାମ ତଦାରଖ ନ କରନ୍ତି, ଦୋଷ ତ୍ରୁଟି ଦର୍ଶାଇ ତାର ସଂଶୋଧନ ପାଇଁ ପରାମର୍ଶ ନ ଦିଅନ୍ତି, ଏବଂ ପ୍ରତ୍ୟେକ ନିଜନିଜର କର୍ତ୍ତବ୍ୟ ଯେପରି କରନ୍ତି, ସେଥିପ୍ରତି ସଚେତନ ନହୁଅନ୍ତି, ତେବେ ଅବସ୍ଥାର ବିଶେଷ କିଛି ଉନ୍ନତି ଘଟିବା ଭଳି ମନେ ହୁଏ ନାହିଁ ।

ଇଞ୍ଜିନିୟରିଂ ଚାକିରୀ ସଂପର୍କରେ ଅନେକ ସମୟରେ ମୁଁ ବହୁ ସମାଲୋଚନା ଶୁଣିଛି । ଏ ଧରଣର ସମାଲୋଚନାର ଭୁଲ୍ ଠିକ୍ ବିଚାର କରିବା ମୋର କାମ ନୁହେଁ । ହୁଏତ ଏହା କେତେକାଂଶରେ ଠିକ୍ ଓ କେତେକାଂଶରେ ଭୁଲ ମଧ୍ୟ । କିନ୍ତୁ ମୁଁ ଏ ବିଷୟରେ ନିଶ୍ଚିତ ଯେ, ଆପଣମାନଙ୍କର ସଚ୍ଚୋଟ କର୍ମଦକ୍ଷତା ଏବଂ ଜନଗଣଙ୍କର ମଙ୍ଗଳ ସାଧନ ପାଇଁ ଗଭୀର ଆନ୍ତରିକତା ଫଳରେ ଆପଣମାନେ ଲୋକମାନଙ୍କ ଚିତ୍ତରେ ଆପଣମାନଙ୍କ ପ୍ରତି ଯଥାର୍ଥ ମର୍ଯ୍ୟାଦାବୋଧ ବୃଦ୍ଧି କରିପାରିବେ । ଜନ ସାଧାରଣଙ୍କ ସୁଖ ସୁବିଧା ବୃଦ୍ଧି କରିବାର ଗୁରୁ ଦାୟିତ୍ୱ ଆପଣମାମଙ୍କ ଉପରେ ହିଁ ନ୍ୟସ୍ତ କରାଯାଇଛି । ତେଣୁ, ଲୋକମାନେ ହିଁ ଆପଣମାନଙ୍କ କାର୍ଯ୍ୟର ଅସଲ ବିଚାରକ । ଅବଶ୍ୟ ଲୋକଙ୍କ ଆଶାନୁରୂପ ଫଳ ଅର୍ଜନ କରିବା ପାଇଁ ବର୍ତ୍ତମାନର ପ୍ରଶାସନିକ ପଦ୍ଧତି କେତେକାଂଶରେ ଜଟିଳତା ସୃଷ୍ଟି କରୁଛି । ବିଶେଷକରି ବୈଷୟିକ କାର୍ଯ୍ୟ କରୁଥିବା ବିଭାଗଗୁଡ଼ିକୁ ପ୍ରଚଳିତ ପଦ୍ଧତି ଅନୁଯାୟୀ ପୁନର୍ଗଠନ କରିବା ନିମନ୍ତେ ଯଥେଷ୍ଟ ସୁବିଧାସୁଯୋଗ ରହିଅଛି । ମୁଁ ଅତି ଆନନ୍ଦର ସହିତ ଉଲ୍ଲେଖ କରୁଛି ଯେ ଆପଣମାନଙ୍କ ମଧ୍ୟରୁ ଜଣଙ୍କୁ ସରକାରଙ୍କ ଶାସନ ସଚିବରୂପେ ନିଯୁକ୍ତ କରିବା ଦ୍ୱାରା ଆମ ବିଭାଗ ଅନ୍ୟାନ୍ୟ ବୈଷୟିକ ବିଭାଗ ଅପେକ୍ଷା ଗୋଟିଏ ପାହାଚ ଆଗେଇ ଯାଇଛି । ଆପଣମାନେ ମନେ ରଖନ୍ତୁ, ଲୋକମାନଙ୍କ ଆଶା ଆକାଂକ୍ଷାକୁ ବହୁ ଅଂଶରେ ପୂରଣ ନକରି ପାରିଲେ ଗୋଟିଏ ଗଣତାନ୍ତ୍ରିକ ସରକାର ବେଶୀ ଦିନ ତିଷ୍ଠି ପାରିବ ନାହିଁ । ତେଣୁ ଲୋକମଙ୍ଗଳକାରୀ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ସବୁ ସୁବିଧାସୁଯୋଗ ଆପଣମାନଙ୍କର ଆବଶ୍ୟକ ତାହା ଯୋଗାଇ ଦେବା ଲାଗି ସରକାର ନିଶ୍ଚୟ ଯଥା ସାଧ୍ୟ ଚେଷ୍ଟା କରିବେ ।

ଏହିରୂପେ ପ୍ରତି ଉଠାଣରେ ମୋଟ ଟ୨୦,୫୦,୦୦୦ ର ୧୧,୧୧୬ ଟି ପୁରସ୍କାର ଦିଆଯାଏ । ଏହି ପୁରସ୍କାର ମଧ୍ୟରୁ ଯେ କୌଣସି ପୁରସ୍କାର ଏପରିକି ପ୍ରଥମ ପୁରସ୍କାର ପାଇବାର ଭାଗ୍ୟ ଯେ କୌଣସି ଏକାଉଣ୍ଟ ହୋଲ୍ଡର ଅର୍ଜନ କରିପାରନ୍ତି । ଯେପରିକି ଏଥର ଗତ ତା୩୦-୭-୧୯୭୭ ରିଖ ଦିନ ଅନୁଷ୍ଠିତ ୭ମ ଉଠାଣରେ ଆମ ରାଜ୍ୟର ଶ୍ରୀମାନ୍ ସୂର୍ଯ୍ୟ ନାରାୟଣ ମିଶ୍ର ଅର୍ଜନ କରିଛନ୍ତି । ଓଡିଶାର ଜନସାଧାରଣ ଜାଣି ଆନନ୍ଦିତ ହେବେ ଯେ, ବ୍ରହ୍ମପୁର ରେଳବାଇ ଷ୍ଟେସନର ଟିପ୍ ବୁକିଂ କ୍ଲର୍କ ଶ୍ରୀ ପି : ସି: ମିଶ୍ର ତାଙ୍କ ପୁଅ ଶ୍ରୀ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ନାମରେ ଡାକଘର ସଞ୍ଚୟ ବ୍ୟାଙ୍କରେ ଟ୨୦୦.୦୦ ର ଗୋଟିଏ ପୋଷ୍ଟ ଅଫିସ ସେଭିଙ୍ଗସ୍ ବ୍ୟାଙ୍କ ଏକାଉଣ୍ଟ ଖୋଲିଥିଲେ । ସେହି ଏକାଉଣ୍ଟଟି ଲକ୍ଷେ ଟଙ୍କାର ସର୍ବୋଚ୍ଚ ପୁରସ୍କାର ଲାଭ କରିଥିବାର ଭାରତ ସରକାର ଘୋଷଣା କରିଛନ୍ତି ।

୧୯୭୩-୭୪ ଠାରୁ ଏପର୍ଯ୍ୟନ୍ତ ସାତୋଟି 'ଡ୍ର' ଅନୁଷ୍ଠିତ ହୋଇସାରିଛି ଓ ଏହି 'ଡ୍ର' ଗୁଡିକରେ ଓଡିଶାର ନିମ୍ନଲିଖିତ ସଞ୍ଚୟବ୍ୟାଙ୍କ ଏକାଉଣ୍ଟଧାରୀମାନେ ଟ୫,୦୦୦'୦୦ ରୁ ଊର୍ଦ୍ଧ୍ୱ ନଗଦ ପୁରସ୍କାରମାନେ ଲାଭ କରିଛନ୍ତି ।

### ହେଡ ପୋଷ୍ଟ ଅଫିସ

| | | | | |
|---|---|---|---|---|
| ପ୍ରଥମପୁରସ୍କାର .. | ଶ୍ରୀ ସୂର୍ଯ୍ୟ ନାରାୟଣ ମିଶ୍ର | ବ୍ରହ୍ମପୁର | ଟ ୧,୦୦,୦୦୦'୦୦ | (୭ମ ଉଠାଣ) |
| ଦ୍ୱିତୀୟ ପୁରସ୍କାର .. | ଶ୍ରୀ ଯୁଧିଷ୍ଠିର ଖାଡଙ୍ଗା (ଟ୍ରାଫିକ୍ ହାବିଲଦାର) | ବ୍ରହ୍ମପୁର | ଟ୫୦,୦୦୦'୦୦ | (୩ୟ ଉଠାଣ) |
| ତୃତୀୟ ପୁରସ୍କାର .. | ଶ୍ରୀ ବଳରାମ ପଣ୍ଡା | ଜଗତସିଂହପୁର | ଟ୨୦,୦୦୦'୦୦ | (୭ମ ଉଠାଣ) |
| " .. | ଶ୍ରୀ ଭକ୍ତ ଗୋବିନ୍ଦ ପାତ୍ର | ବ୍ରହ୍ମପୁର | ଟ୨୦,୦୦୦'୦୦ | (୬ଷ୍ଠ ") |
| " .. | ଶ୍ରୀ ସିରାଜ ଅହମଦ୍ | ସମ୍ବଲପୁର | ଟ୧୦,୦୦୦'୦୦ | (୧ମ ") |
| " .. | ଶ୍ରୀ ନାରାୟଣ ନାୟକ | କେନ୍ଦ୍ରାପଡା | ଟ୧୦,୦୦୦'୦୦ | (୧ମ ") |
| " .. | ଶ୍ରୀ ରମେଶ ଚନ୍ଦ୍ର ନାୟକ | ସମ୍ବଲପୁର (ବାମଣ୍ଡା) | ଟ୧୦,୦୦୦'୦୦ | (୧ମ (") |
| ଚତୁର୍ଥ ପୁରସ୍କାର .. | ଶ୍ରୀ ସୁରେନ୍ଦ୍ର ନାଥ ଘଣା | ମୟୂରଭଞ୍ଜ | ଟ ୫,୦୦୦'୦୦ | (ଦ୍ୱିତୀୟ ଉଠାଣ) |
| " .. | ଶ୍ରୀ ରମେଶ ଚନ୍ଦ୍ର ପାଳ | " | ଟ ୫,୦୦୦'୦୦ | " |
| " .. | ଶ୍ରୀ ଅନାଦି ପ୍ରସାଦ ସାହୁ | ସମ୍ବଲପୁର | ଟ ୫,୦୦୦'୦୦ | " |
| " .. | ଶ୍ରୀମତୀ ନମିତା ମହାପାତ୍ର | ଭୁବନେଶ୍ୱର | ଟ ୫,୦୦୦'୦୦ | " |
| " .. | ଶ୍ରୀ ବି: ଟାପୋ | ସମ୍ବଲପୁର | ଟ ୫,୦୦୦'୦୦ | (ତୃତୀୟ ଉଠାଣ) |
| " .. | କୁମାରୀ ବନ୍ଦନା ବିଦ୍ୟାର୍ଥୀ | ଭୁବନେଶ୍ୱର | ଟ ୫,୦୦୦'୦୦ | " |
| " .. | ଶ୍ରୀ ବି : ବେହେରା | ବଡବିଲ (କେନ୍ଦୁଝରଗଡ) | ଟ ୫,୦୦୦'୦୦ | (୪ର୍ଥ ଉଠାଣ) |
| " .. | ଶ୍ରୀ ସଂଖାଳି ଚରଣ ସାହୁ | କେନ୍ଦୁଝରଗଡ | ଟ ୫,୦୦୦'୦୦ | (୫ମ ଉଠାଣ) |
| " .. | କୁମାରୀ ସଂଘମିତ୍ରା ପାତ୍ରୀ | ଭୁବନେଶ୍ୱର | ଟ ୫,୦୦୦'୦୦ | (୬ଷ୍ଠ ଉଠାଣ) |
| " .. | କୁମାରୀ ଜ୍ୟୋସ୍ନାରାଣୀ ପ୍ରଧାନ | ଖୋର୍ଦ୍ଧା | ଟ ୫,୦୦୦'୦୦ | " |
| " .. | କୁମାର ଚନ୍ଦ୍ର ସାହୁ | ଢେଙ୍କାନାଳ | ଟ ୫,୦୦୦'୦୦ | " |
| " .. | କୁନ୍ଦବାଳା କର | ବାରିପଦା | ଟ ୫,୦୦୦'୦୦ | " |
| " .. | ଶ୍ରୀ ଧ୍ରୁବ ଚରଣ ପାତ୍ର | କେନ୍ଦ୍ରାପଡା | ଟ ୫,୦୦୦'୦୦ | " |
| " .. | ଶ୍ରୀ ଚିତ୍ତରଞ୍ଜନ ପଟନାୟକ | ଜୟପୁର | ଟ ୫,୦୦୦'୦୦ | (୭ମ ଉଠାଣ) |

# ଡାକଘର ସଂଚୟ ବ୍ୟାଙ୍କ

## ଏକାଉଣ୍ଟଧାରୀମାନଙ୍କ ପାଇଁ ପୁରସ୍କାର ଯୋଜନା

ଶ୍ରୀ ରାଘବାନନ୍ଦ ପାଣିଗ୍ରାହୀ

ସ୍ୱାଧୀନତା ପ୍ରାପ୍ତି ପରଠାରୁ ଏପର୍ଯ୍ୟନ୍ତ ଜାତୀୟ ସଞ୍ଚୟ ଆନ୍ଦୋଳନ ବେଶ୍ ପ୍ରଗତି ହାସଲ କରିଛି । ଏହା ବିଭିନ୍ନ ଆୟ ଗୋଷ୍ଠୀର ଲୋକଙ୍କୁ ସେମାନଙ୍କର ଆୟର ସ୍ୱଳ୍ପ ସଞ୍ଚୟ ଦ୍ୱାରା ମୂଳଧନ ବାବଦକୁ ଗଚ୍ଛିତ ଜମା ଲାଭ କରିବା ସକାଶେ ଅନେକ ଗୁଡ଼ିଏ ପରିକଳ୍ପନା ଖଞ୍ଜି ଦେଇଛି । ଏଥିସହିତ ଏହା ସେମାନଙ୍କୁ ରାଷ୍ଟ୍ରୀୟ ଉନ୍ନୟନ କାର୍ଯ୍ୟରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଏ, କାରଣ ଅଳ୍ପ ହେଉ ବା ବହୁତ ହେଉ ସମସ୍ତ ସଞ୍ଚୟ ରାଷ୍ଟ୍ରୀୟ ଅର୍ଥନୀତିରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଅଛି ।

ଜାତୀୟ ସଞ୍ଚୟ ସଙ୍ଗଠନ ସବୁ ଶ୍ରେଣୀର ଅମାନତକାରୀ ଓ ସଞ୍ଚୟକାରୀଙ୍କୁ ମୂଳଧନ ଗଚ୍ଛିତ କରିବାକୁ ନିୟମିତ ସଞ୍ଚୟ ଏବଂ ଗଚ୍ଛିତ ସଞ୍ଚୟ ଧନକୁ ବାର୍ଷିକ ସୁଧ ଉପାର୍ଜନ ନିମନ୍ତେ ପୁନଃଲଗାଣ କିମ୍ବା ପରିପକ୍ୱ ହେବାପରେ ମୂଳଧନ ସହିତ ଚକ୍ର ବୃଦ୍ଧି ହାରରେ ସୁଧ ଲାଭର ସୁବିଧା ଆତ୍ମ ନିଯୁକ୍ତି ବ୍ୟକ୍ତିମାନଙ୍କପାଇଁ ଏକ ଭବିଷ୍ୟନିଧି ତଥା ଅବସର ଗ୍ରହଣପରେ, ନିୟମିତ ଆୟର ସୁବିଧା ଭଳି ଅନେକ ପ୍ରକାରର ସଂପୂର୍ଣ୍ଣ ସଂଚୟ ଯୋଜନାମାନ ଯୋଗାଇଦିଏ ।

ସଞ୍ଚୟକାରୀମାନଙ୍କ ସୁବିଧା ପାଇଁ ଭାରତ ସରକାର ବହୁ ପ୍ରକାର ସଞ୍ଚୟ ସାର୍ଟିଫିକେଟ୍ ଓ ସଞ୍ଚୟ ଏକାଉଣ୍ଟ ପ୍ରବର୍ତ୍ତନ କରିଛନ୍ତି । ବିଭିନ୍ନ ସାର୍ଟିଫିକେଟ୍ ଓ ଏକାଉଣ୍ଟରେ ବିଭିନ୍ନ ହାରରେ ସୁଧ ମିଳେ । ଡାକଘର ସଞ୍ଚୟ ବ୍ୟାଙ୍କରେ ପାଶ୍ୱବହି ଖୋଲିଥିବା ସଞ୍ଚୟକାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ୧୯୭୩-୭୪ ଠାରୁ ଏକ ନୂଆ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ଏହି ଯୋଜନାନୁସାରେ ଯେଉଁମାନଙ୍କ ଡାକଘର ସଞ୍ଚୟ ବ୍ୟାଙ୍କରେ ବର୍ଷସାରା ଅନ୍ୟୂନ୍ ଦୁଇଶହ ଟଙ୍କା ଗଚ୍ଛିତ ହୋଇ ରହିଥିବ (ବର୍ଷର କୌଣସି ସମୟରେ ସେହି ପରିମାଣରୁ କମ୍ ହୋଇ ନଥିବ) ସେମାନେ ଭାରତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଦୁଇଟି ଡ୍ର (ଉଠାଣ) ରେ ଅଂଶ ଗ୍ରହଣ କରିପାରିବେ । ଏହି 'ଡ୍ର' ପ୍ରତିବର୍ଷ ଜାନୁଆରୀ ୩୧ ତାରିଖରେ ଓ ଜୁଲାଇ ୩୧ ତାରିଖରେ ଅନୁଷ୍ଠିତ ହୁଏ ଏବଂ ପ୍ରତି 'ଡ୍ର' (ଉଠାଣ) ରେ ନିମ୍ନଲିଖିତ ପୁରସ୍କାରମାନ ବିଜେତାମାନଙ୍କୁ ଦିଆଯାଏ :—

| | | | |
|---|---|---|---|
| ଗୋଟିଏ ପ୍ରଥମ ପୁରସ୍କାର | .. | | ଟ୧,୦୦,୦୦୦'୦୦ |
| ୫ଟି ୨ୟ ପୁରସ୍କାର | | | ଟ୫୦,୦୦୦'୦୦ |
| ୧୦ଟି ୩ୟ ପୁରସ୍କାର | .. | ପ୍ରତ୍ୟେକ | ଟ୨୦,୦୦୦'୦୦ |
| ୧୦୦ ଟି ୪ର୍ଥ ପୁରସ୍କାର | .. | " | ଟ୫,୦୦୦'୦୦ |
| ୧,୦୦୦ ଟି ୫ମ ପୁରସ୍କାର | .. | " | ଟ୫୦୦'୦୦ |
| ୧୦,୦୦୦ ଟି ୬ଷ୍ଠ ପୁରସ୍କାର | .. | " | ଟ୫୦'୦୦ |

ପ୍ରଚ୍ଛା —ତା ୩୧-୩-୧୯୭୬ ରିଖ ସୁଦ୍ଧା ସବୁ ପ୍ରକାର ସଞ୍ଚୟ ଏକାଉଣ୍ଟରେ ଜମା ପରିମାଣ ୪,୦୪୮ କୋଟି ଟଙ୍କା ।

ସାରା ଭାରତବର୍ଷରେ ତା ୩୦-୬-୧୯୭୬ ରିଖ ସୁଦ୍ଧା ସେଭିଂସ ବ୍ୟାଙ୍କ ସୁବିଧା ଥିବା ପୋଷ୍ଟ ଅଫିସ ମାନଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା—

| | ସର୍ବ ଭାରତୀୟ ସ୍ତରରେ | ଓଡ଼ିଶା ରାଜ୍ୟସ୍ତରରେ |
|---|---|---|
| ହେଡ୍ ପୋଷ୍ଟ ଅଫିସ | ୫୮୪ .. | ୨୮ |
| ସବ୍ ପୋଷ୍ଟ ଅଫିସ | ୨୦,୬୯୮ .. | ୮୧୪ |
| ବ୍ରାଞ୍ଚ ପୋଷ୍ଟ ଅଫିସ | ୯୪,୨୭୫ .. | ୫,୩୫୬ |

ଓଡ଼ିଶାର ମୋଟ ପ୍ରାୟ ୯,୬୯,୫୬୬ ସେଭିଂସ ବ୍ୟାଙ୍କ ଏକାଉଣ୍ଟ ହୋଲଡ଼ର ଙ୍କ ମଧ୍ୟରୁ ପ୍ରାୟ ଦୁଇ ଲକ୍ଷ ଏକାଉଣ୍ଟ ହୋଲଡ଼ର ଟ ୨୦୦'୦୦ ରୁ ଉର୍ଦ୍ଧ୍ଵ ରଖିଥିବାରୁ ପ୍ରତ୍ୟେକ ଉଠାଣରେ ଭାଗ ନେଉଛନ୍ତି । ଉପରୋକ୍ତ ହିସାବରୁ ଦେଖାଯିବ, ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କର ସୁବିଧା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଯେଉଁଭଳି ଅଛି ଏକାଉଣ୍ଟ ହୋଲଡ଼ରମାନଙ୍କୁ ଅନୁରୋଧ ତା ୧୦-୧୦-୧୯୭୭ ତାରିଖ ମଧ୍ୟରେ ଯେଉଁମାନଙ୍କୁ ଟ ୨୦୦.୦୦ ରୁ ଯେତିକି କମ୍ ଅଛି ସେମାନେ ସେତେକ ଭରଣା କରି ଟ ୨୦୦'୦୦ ଜମା ରଖି ଦିଅନ୍ତୁ ଏବଂ ତା ୩୧-୬-୧୯୭୮ ରିଖରେ ଅନୁଷ୍ଠିତ ହେବା 'ଡ୍ର' ରେ ଯୋଗଦାନ କରିବାର ସୁଯୋଗ ଗ୍ରହଣକରନ୍ତୁ ।

ଯେଉଁ ସରକାରୀ ଓ ବେସରକାରୀ କର୍ମଚାରୀ ମାନେ ବାଧ୍ୟତା ମୂଳକ ଜମା ଟଙ୍କାର ଦ୍ଵିତୀୟ କିସ୍ତି ଫେରସ୍ତ ପାଇଛନ୍ତି ବା ଏ ମାସରେ ପାଇବେ, ସେମାନେ ଉକ୍ତ ଅର୍ଥରୁ ଅନ୍ତତଃ ଟ ୨୦୦'୦୦ ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କରେ ଜମା ଦେଇ ଡ଼ାକ ଘର ସଞ୍ଚୟ ବ୍ୟାଙ୍କ ପୁରସ୍କାର ଯୋଜନାରେ ଭାଗ ନିଅନ୍ତୁ ।

ଓଡ଼ିଶାରେ ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କ ଏକାଉଣ୍ଟ ହୋଲଡ଼ର ମାନଙ୍କ ସଂଖ୍ୟା ୧୯୭୨-୭୩ ଠାରୁ ୧୯୭୫-୭୬ ମଧ୍ୟରେ କିଭଳି ବଢ଼ି ଚାଲିଛି ଏବଂ ସେମାନଙ୍କ ଏକାଉଣ୍ଟରେ ଜମା ପରିମାଣ କିପରି ବଢ଼ି ଚାଲିଛି, ନିମ୍ନ ଲିଖିତ ହିସାବରୁ ଓଡ଼ିଶାର ଜନସାଧାରଣ ଜାଣିବାର ସୁବିଧା ପାଇବେ :—

| ଆର୍ଥିକ ବର୍ଷ | ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କ ଏକାଉଣ୍ଟ ହୋଲଡ଼ରଙ୍କ ସଂଖ୍ୟା | ସେଭିଂସ ବ୍ୟାଙ୍କରେ ଗଚ୍ଛିତ ଜମାର ପରିମାଣ |
|---|---|---|
| ୧୯୭୨-୭୩ | .. ୭,୦୫,୯୨୧ | ଟ ୨୮,୭୬,୮୨,୦୦୦'୦୦ |
| ୧୯୭୩-୭୪ | .. ୭,୬୯,୨୭୪ | ଟ ୩୩,୦୦,୪୯,୦୦୦'୦୦ |
| ୧୯୭୪-୭୫ | .. ୮,୪୫,୯୧୯ | ଟ ୩୫,୧୯,୦୭,୦୦୦'୦୦ |
| ୧୯୭୫-୭୬ | .. ୯,୬୯,୫୨୭ | ଟ ୩୭,୮୨,୫୫,୦୦୦'୦୦ |

କାରଖାନା ମାନଙ୍କରେ କାର୍ଯ୍ୟ କରୁଥିବା ଭାଇ ମାନେ ଦୁର୍ଗା ପୂଜା ପୂର୍ବରୁ ବୋନସ ପାଇଥିବେ ବା ଡ଼ିସେମ୍ବର ମଧ୍ୟରେ ପାଇବେ । ସେମାନଙ୍କୁ ଅନୁରୋଧ ସେମାନେ ନିଜ ନାମରେ ଏବଂ ନିଜ ପରିବାରଙ୍କ ନାମରେ ଗୋଟିଏ ଗୋଟିଏ ଟ ୨୦୦'୦୦ ଏକାଉଣ୍ଟ ଖୋଲି ଏହି "ଅଭିନବ ପୁରସ୍କାର ଯୋଜନା"ରେ ଭାଗ ନେବାର ସୁଯୋଗ ଗ୍ରହଣ କରନ୍ତୁ ।

ଏହାଛଡ଼ା ଓଡ଼ିଶାରେ ଥିବା ୨୮ଟି ହେଡ ପୋଷ୍ଟ ଅଫିସ ଅଧିନସ୍ଥ ପ୍ରାୟ ୬ ହଜାର ପୋଷ୍ଟ ଅଫିସରେ ଯେଉଁମାନଙ୍କର ଏକାଉଣ୍ଟରେ ଟ୨୦୦'୦୦ ବା ତଦୁର୍ଦ୍ଧ୍ୱ ଟଙ୍କା ଜମା ଅଛି ସେମାନଙ୍କର ମଧ୍ୟରୁ ବହୁ ସଂଖ୍ୟକ ଲୋକ ବିଭିନ୍ନ ଉଠାଣରେ ୫୦୦ ଓ ୫୦ ଟଙ୍କିଆ ପୁରସ୍କାର ପାଇଛନ୍ତି । ଡାକଘରେ ଗୋଟିଏ ସଞ୍ଚୟ ଏକାଉଣ୍ଟ ଖୋଲି ଏଭଳି ଏକ ପୁରସ୍କାର ଲାଭ କରିବାର ସୁଯୋଗ ଗ୍ରହଣ କରନ୍ତୁ । ସର୍ବସାଧାରଣଙ୍କର ଅବଗତି ପାଇଁ ପ୍ରତ୍ୟେକ ଜିଲ୍ଲାର ପୁରସ୍କାର ବିଜେତାମାନଙ୍କର ନାମ, ଠିକଣା ଓ ପୁରସ୍କାର ମୂଲ୍ୟ ଛପାଇ ଜିଲ୍ଲାସ୍ତରରେ ବଣ୍ଟନ ବ୍ୟବସ୍ଥା କରାଯାଉଛି । ଯେଉଁମାନଙ୍କର ସଞ୍ଚୟ ବ୍ୟାଙ୍କରେ ଅକ୍ଟୋବର ୧୦ ତାରିଖଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଅନ୍ୟୁନ୍ ଟ୨୦୦'୦୦ ଜମା ଥାଏ ସେମାନେ ସେହିବର୍ଷ ଜୁଲାଇମାସରେ ଅନୁଷ୍ଠିତ 'ଡ୍ର' ରେ ଅଂଶ ଗ୍ରହଣ କରିପାରିବେ ଏବଂ ଏପ୍ରିଲ ୧୦ ତାରିଖଠାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଯେଉଁମାନଙ୍କର ଅନ୍ୟୁନ୍ ଟ୨୦୦'୦୦ ଜମାଥିବ ସେମାନେ ଜାନୁଆରୀ ମାସରେ ଅନୁଷ୍ଠିତ 'ଡ୍ର' ରେ ଅଂଶ ଗ୍ରହଣ କରିପାରିବେ । ଯେଉଁମାନଙ୍କ ପାଶ୍ ବହିରେ ବର୍ଷସାରା ଟ୨୦୦'୦୦ବା ତଦୁର୍ଦ୍ଧ୍ୱ ଗଚ୍ଛିତଥିବ ସେମାନେ ବର୍ଷର ଦୁଇଟିଯାକ ଉଠାଣରେ ଅଂଶ ଗ୍ରହଣ କରିପାରିବେ । ସୁତରାଂ ଡାକଘର ସେଭିଙ୍ଗସ୍ ବ୍ୟାଙ୍କରେ ଯେଉଁମାନଙ୍କର ଏକାଉଣ୍ଟ ଅଛି, ସେମାନେ ସେମାନଙ୍କ ଏକାଉଣ୍ଟରେ ଯେପରି ବର୍ଷସାରା ଅନ୍ୟୁନ୍ ଟ୨୦୦'୦୦ ଗଚ୍ଛିତ ହୋଇ ରହିପାରିବ ତହିଁ ପ୍ରତି ଦୃଷ୍ଟି ଦିଅନ୍ତୁ । ଯେଉଁମାନଙ୍କ ଏକାଉଣ୍ଟ ନାହିଁ, ସେମାନେ କାଳ ବିଳମ୍ବ ନକରି ପୋଷ୍ଟ ଅଫିସରେ ଗୋଟିଏ ଏକାଉଣ୍ଟ ଖୋଲି ଟ୨୦୦'୦୦ ଜମା ଦିଅନ୍ତୁ । ଯେଉଁମାନଙ୍କ ଏକାଉଣ୍ଟରେ ଟ୨୦୦'୦୦ ବା ତଦୁର୍ଦ୍ଧ୍ୱ ଟଙ୍କା ଜମାଥାଏ, ସେମାନଙ୍କ ଏକାଉଣ୍ଟ ପ୍ରତି 'ଡ୍ର' ପାଇଁ ଗୋଟିଏ ଲେଖାଏଁ ସର୍ବଭାରତୀୟ କୋର୍ଡ ନମ୍ବର ମିଳେ । ଟ୨୦୦'୦୦ ରୁ ଊର୍ଦ୍ଧ୍ୱ ଜମାକାରୀଙ୍କ କୋର୍ଡ ନମ୍ବର ସେଭିଙ୍ଗସ୍ ବ୍ୟାଙ୍କ ପାଶ୍ ବୁକ୍‌ରେ ବିଧିବଦ୍ଧ ଭାବରେ ଲେଖି ଦେବାର ବ୍ୟବସ୍ଥା ପୋଷ୍ଟାଲ ବିଭାଗ କରୁଛନ୍ତି । ଯେଉଁମାନେ ପ୍ରଥମ ପୁରସ୍କାର ଅର୍ଥାତ୍ ଏକଲକ୍ଷ ଟଙ୍କା ଦ୍ୱିତୀୟ ପୁରସ୍କାର ଅର୍ଥାତ ଟ୫୦,୦୦୦'୦୦ ଓ ତୃତୀୟ ପୁରସ୍କାର ଟ୨୦,୦୦୦'୦୦ ଏବଂ ଚତୁର୍ଥ ପୁରସ୍କାର ଟ୫,୦୦୦'୦୦ ଲାଭ କରିଛନ୍ତି ସେମାନଙ୍କୁ ବ୍ୟକ୍ତିଗତ ଭାବରେ ପୋଷ୍ଟ ମାଷ୍ଟର ଟଙ୍କା ନେବାପାଇଁ ଦରଖାସ୍ତ କରିବାକୁ ଚିଠି ଦିଅନ୍ତି । ଇନ୍‌କମ୍ ଟ୍ୟାକସ୍ କାଟି ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ଟଙ୍କା ଚେକ୍ ଆକାରରେ ଦିଆଯାଏ । ଯେଉଁମାନେ ଟ୫୦୦'୦୦ ବା ଟ୫୦'୦୦ ପୁରସ୍କାର ପାଇଥାନ୍ତି ପୋଷ୍ଟ ଅଫିସ ସେମାନଙ୍କ ଲେଜର ଏକାଉଣ୍ଟରେ ପୁରସ୍କାର ଟଙ୍କା ଜମା କରି ଦିଅନ୍ତି । ଏବଂ ପୁରସ୍କାର ବିଜେତାଙ୍କୁ ଜଣାଇ ଦିଅନ୍ତି । ଯୋଜନାରେ ସମସ୍ତ ପ୍ରାଇଜ୍ ଟଙ୍କା ପୁରସ୍କାର ବିଜେତାଙ୍କ ସେଭିଙ୍ଗସ୍ ଏକାଉଣ୍ଟରେ ଜମା ଦେବା ବ୍ୟବସ୍ଥା ଯୋଗୁଁ ଗତ ୬ଟି ଉଠାଣର ସମସ୍ତ ପୁରସ୍କାର ବିଜେତା ସେମାନଙ୍କ ପୁରସ୍କାର ଟଙ୍କା ପାଇସାରିଛନ୍ତି ।

ଯଦି କୌଣସି 'ଡ୍ର' ରେ ଆପଣଙ୍କୁ କୌଣସି ପୁରସ୍କାର ନମିଳେ ତଥାପି କିଛି ଆର୍ଥିକ କ୍ଷତି ନାହିଁ । ପାଶ୍ ବହିରେ ଯେଉଁ ଟଙ୍କା ଜମାଥାଏ, ତହିଁ ଉପରେ ଆପଣଙ୍କୁ ବାର୍ଷିକ ଶତକଡ଼ା ୫ ହାରରେ ଆୟକର ମୁକ୍ତ ସୁଧ ମିଳିବ । ଏସବୁ ଦୃଷ୍ଟିରୁ ପ୍ରତ୍ୟେକ ଜମାକାରୀଙ୍କ ପାଇଁ ଏହା ଏକ ଅପୂର୍ବ ସୁଯୋଗ । କୌଣସି ବିଶେଷ ଉଦ୍ୟମ ନକରି ଗୋଟିଏ ବଡ଼ ପୁରସ୍କାର ଜିତିବାର ଏହା ହେଉଛି ଏକ ଅତି ସହଜ ଉପାୟ ।

ସର୍ବ ଭାରତୀୟ ସ୍ତରରେ ୬୦ ଲକ୍ଷ ନିରବ ଏକାଉଣ୍ଟ ହୋଲଡରଙ୍କ ଏକାଉଣ୍ଟରେ ୨୩ କୋଟି ଟଙ୍କା ଜମା ହୋଇ ପଡ଼ିଛି । ଓଡ଼ିଶାର ସମସ୍ତ ନିରବ ଏକାଉଣ୍ଟ ହୋଲଡର ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କ ନିରବ ଏକାଉଣ୍ଟକୁ ଚାଲୁ କରାନ୍ତୁ । ସର୍ବଭାରତୀୟ ସ୍ତରରେ ଟ୨୦୦'୦୦ ରୁ ଊର୍ଦ୍ଧ୍ୱ ରଖି ବିଭିନ୍ନ 'ଡ୍ର' ରେ ଯୋଗଦାନ କରିବା ପାଇଁ ସେଭିଙ୍ଗସ୍ ବ୍ୟାଙ୍କ ଏକାଉଣ୍ଟ ହୋଲଡର ମାନଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା—

| ଆର୍ଥିକ ବର୍ଷ | | ଡ୍ରରେ ଯୋଗଦାନକାରୀ ସେଭିଂସ ବ୍ୟାଙ୍କ ଏକାଉଣ୍ଟ ହୋଲଡ଼ରଙ୍କ ସଂଖ୍ୟା | ମୋଟ ସେଭିଂସ ବ୍ୟାଙ୍କ ଏକାଉଣ୍ଟ ହୋଲଡ଼ରଙ୍କ ସଂଖ୍ୟା |
| --- | --- | --- | --- |
| ୧-୩-୧୯୭୫ | | ୪୦'୮୪ ଲକ୍ଷ | ୨,୨୧ ଲକ୍ଷ |
| ୩୧-୩-୧୯୭୬ | .. | ୪୧'୭୬ ଲକ୍ଷ | ୨,୩୭ ଲକ୍ଷ |

ସର୍ବ ଭାରତୀୟ ସ୍ତରରେ ସେଭିଂସ ବ୍ୟାଙ୍କ ଏକାଉଣ୍ଟରେ ଡ଼ିପୋଜିଟର ମାନଙ୍କ ଜମା ପରିମାଣ କିପରି ବଢ଼ି ଚାଲୁଛି ନିମ୍ନ ହିସାବରୁ ତା'ର ଚିତ୍ର ମିଳିବ :—

| | | |
| --- | --- | --- |
| ୩୧-୩-୧୯୭୫ | .. | ଟ ୧,୨୭୬ କୋଟି |
| ୩୧ ୩-୧୯୭୬ | .. | ଟ ୧,୩୨୫ କୋଟି |

# ଶସ୍ୟ ସଂରକ୍ଷଣ ଅଭିଯାନ କାହିଁକି ?

ଆମ ଦେଶରେ ପାରମ୍ପରିକ ରୀତିରେ କୃଷି କାର୍ଯ୍ୟ ହୋଇ ଆସୁଥିଲା । ଗତ କେତେ ବର୍ଷଧରି ବୈଜ୍ଞାନିକ ଓ ବୈଷୟିକ କୌଶଳ ବିନିଯୋଗ କରିବା ଫଳରେ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ କ୍ରମଶଃ ବୃଦ୍ଧି ପାଉଛି । ଅଧିକରୁ ଅଧିକ ଜମିରେ ଖାଦ୍ୟ ଚାଷ କରାଯାଉଛି ଓ ଆବଶ୍ୟକ ପରିମାଣ ଖତସାର, ପୋକମରା ଔଷଧ ଓ ଅଧିକ ଅମଳକ୍ଷମ ବିହନ ପ୍ରଚଳନ ହେବା ସଙ୍ଗେ ସଙ୍ଗେ ଜଳସେଚନର ସୁବ୍ୟବସ୍ଥା କରାଯାଇ କୃଷକମାନଙ୍କୁ ଆଧୁନିକ ବୈଷୟିକ ଜ୍ଞାନ ଓ ଆର୍ଥିକ ସମ୍ବଳ ଯୋଗାଇ ଦେବା ଦ୍ୱାରା ଖାଦ୍ୟ ଉତ୍ପାଦନ ଯେ ଆହୁରି ଅଧିକ ବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ ।

ଖାଦ୍ୟ ଉତ୍ପାଦନ ବୃଦ୍ଧି ହୋଇଥିଲେ ମଧ୍ୟ ଆମ ଦେଶର ବର୍ଦ୍ଧିଷ୍ଣୁ ଜନତାକୁ ଆବଶ୍ୟକ ମୁତାବକ ଖାଦ୍ୟଶସ୍ୟ ଯୋଗାଇବା ସମ୍ଭବ ହେଉନାହିଁ । ଆମର ଚାହିଦା ଓ ଉତ୍ପାଦନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଯାଉଛି । ଅବଶ୍ୟ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ଏହାର ପ୍ରଧାନ କାରଣ । ଲୋକଙ୍କର ଜୀବନଧାରଣର ମାନ କ୍ରମଶଃ ବୃଦ୍ଧି ହେବାରୁ ଖାଦ୍ୟଶସ୍ୟର ଚାହିଦା ସେହି ଅନୁପାତରେ ବୃଦ୍ଧି ପାଉଛି । ଏହି ଅଭାବ ପୂରଣ କରିବାକୁ ଆମେ ପ୍ରତିବର୍ଷ ବିଦେଶରୁ ବହୁପରିମାଣ ଖାଦ୍ୟଶସ୍ୟ ଆମଦାନୀ କରିବାକୁ ବାଧ୍ୟ ହେଉଛୁ ।

ପରୀକ୍ଷା କରି ଦେଖାଯାଇଛି ଯେ ଆମ ଦେଶରେ ଫସଲ ଅମଳ ସମୟରେ ଓ ଅମଳ ପରେ ଖାଦ୍ୟଶସ୍ୟକୁ ଯେପରି ଭାବରେ ପରିବହନ ଓ ରକ୍ଷଣାବେକ୍ଷଣ କରାଯାଉଛି ତାହାଦ୍ୱାରା ବହୁ ପରିମାଣ ଶସ୍ୟ ନଷ୍ଟ ହୋଇଯାଉଛି । ଏ ପ୍ରକାର କ୍ଷୟକ୍ଷତି ମୋଟ ଉତ୍ପାଦନର ପ୍ରାୟ ଶତକଡ଼ା ୧୦ ଭାଗ ହେବ । ଅର୍ଥାତ୍ ପ୍ରତିବର୍ଷ ଏହିପରି ଏକ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଖାଦ୍ୟଶସ୍ୟ ନଷ୍ଟ ହୋଇଯାଉଛି । ଏହାର 'ପରିମାଣ ୧୦ ନିୟୁତ ଟନ୍‌ରୁ ବେଶୀ ହେବ । ଏ କ୍ଷତିର ପ୍ରଧାନ କାରଣ ହେଲା, ଶସ୍ୟ ଉତ୍ପାଦନଠାରୁ ଆରମ୍ଭ କରି ଖାଦ୍ୟରୂପେ ବ୍ୟବହାର କରିବା ମର୍ଯ୍ୟାନ୍ତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଆମେ ଅପ୍ରାସଙ୍ଗିକ ଓ ପୁରାତନ ପଦ୍ଧତି ଅନୁସରଣ କରିଥିଲୁ ।

ଶସ୍ୟ ଉତ୍ପାଦନ ଓ ଶସ୍ୟ ସଂରକ୍ଷଣ ଉଭୟେ ସମଭାବରେ ଗୁରୁତ୍ୱପୂର୍ଣ୍ଣ । ଫସଲ ଉତ୍ପାଦନ-ବେଳେ ଆମେ ଯେପରି ବିଭିନ୍ନ ଆନୁସଙ୍ଗୀକ କୃଷି କାର୍ଯ୍ୟକ୍ରମକୁ ଧ୍ୟାନ ଦେଉଥାଉ ସେହିପରି ଶସ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଅନୁରୂପ ଧ୍ୟାନ ଦେବା ଆବଶ୍ୟକ । ତେଣୁ ଖାଦ୍ୟଶସ୍ୟ ମହଜୁଦ କରି ରଖୁଥିବାବେଳେ ଘଟୁଥିବା କ୍ଷୟକ୍ଷତିକୁ ଯଥାସାଧ୍ୟ ହ୍ରାସ କରିବା ପାଇଁ 'ଭାରତ ସରକାର ପର୍ଯ୍ୟାୟକ୍ରମେ ବିବିଧ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ପ୍ରଥମ ତଃ ଖାଦ୍ୟଶସ୍ୟର ତତ୍ତ୍ୱାବଧାନ ନିମିତ୍ତ

ସେମାନଙ୍କର ଗଚ୍ଛିତ  ଅର୍ଥ ପରିବାରଙ୍କ କଲ୍ୟାଣ ସହିତ ଦେଶର ଯୋଜନା କାର୍ଯ୍ୟକୁ ଆଗେଇନେବାରେ ସାହାଯ୍ୟ
କରିବା ସଂଗେ ସଂଗେ ମୁଦ୍ରା ସ୍ଫୀତୀକୁ ରୋକିବାରେ ଯଥେଷ୍ଟ ସାହାଯ୍ୟ କରିବ । ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କ
ଜନତାର ବ୍ୟାଙ୍କ । ଏଣୁ ଏହି ବ୍ୟାଙ୍କରେ ଲକ୍ଷ ଲକ୍ଷ ନୂଆ ଏକାଉଣ୍ଟ ହୋଲଡ଼ର ଯୋଗଦାନ କରନ୍ତୁ ଏବଂ ଓଡ଼ିଶାର
ପ୍ରଗତିକୁ ଆଗେଇ ନେବାରେ, ଦେଶକୁ ସ୍ୱାବଲମ୍ବୀ କରିବାରେ, ସ୍ୱାଧୀନ ଦେଶବାସୀଙ୍କର ଯେଉଁ କର୍ତ୍ତବ୍ୟ, ତାହା
ସଂପାଦନ କରି ଦେଶର ମର୍ଯ୍ୟାଦା ଏବଂ ଗୌରବ ରକ୍ଷାକରନ୍ତୁ ।

### ଡାକଘର ସଂଞ୍ଚୟ ବ୍ୟାଙ୍କରେ ବଡ଼ ବଡ଼ ପୁରସ୍କାର ଜିତନ୍ତୁ

ଡ଼ାକଘର ସଂଞ୍ଚୟ ବ୍ୟାଙ୍କ ହେଉଛି ଦେଶର ବୃହତମ ସଞ୍ଚୟ ବ୍ୟାଙ୍କ । ଏହାର ଏକ ଲକ୍ଷରୁ ଅଧିକ ଶାଖା ରହିଛି ଓ
ପ୍ରାୟ ୩ କୋଟି ଜମାକାରୀ ଅଛନ୍ତି । ନିପଟ ମଫସଲ ଗାଁ ରେ ମଧ୍ୟ ଡ଼ାକ ଘର ସଞ୍ଚୟ ବ୍ୟାଙ୍କ ରହିଛି । ତେଣୁ
ଏହାକୁ ଜନତାର ବ୍ୟାଙ୍କ ବୋଲି କୁହାଯାଏ ।

ଡ଼ାକଘର ସଞ୍ଚୟ ବ୍ୟାଙ୍କ ଭାରତରେ ପ୍ରତିଷ୍ଠିତ ସର୍ବ ପୁରାତନ ବ୍ୟାଙ୍କ ମଧ୍ୟ । ପୁରୁଷାନୁକ୍ରମେ ଆମ ଲୋକେ ସର୍ବତ୍ର
ଏହି ବ୍ୟାଙ୍କ ମାଧ୍ୟମରେ ସଞ୍ଚୟ କରି ଆସୁଛନ୍ତି ।

ଡେପୁଟୀ ଡିରେକ୍ଟର
ସ୍ମଲ ସେଭିଂସ, ଅର୍ଥବିଭାଗ, ଭୁବନେଶ୍ୱର


# THE BISRA STONE LIME CO. LTD.

*If you are in the Market for:*

- FLUX GRADE AND FOUNDRY GRADE LIMESTONE
- LIMESTONE FOR LIME MANUFACTURE, CHEMICAL AND INDUSTRIAL USE.
- LIMESTONE POWDER FOR AGRICULTURAL USE
- LIMESTONE CHIPS AS CONCRETE AGGREGATE
- FLUX, REFACTORY OR CHEMICAL GRADE DOLOMITE

THE BISRA STONE LIME Co. Ltd.
CHARTERED BANK BUILDINGS
CALCUTTA-700001
Phone : 22-2351 (25 Lines)

**THE LARGEST PRODUCER OF LIMESTONE AND DOLOMITE IN INDIA**

WILL BE AT YOUR SERVICE

## ଦଶମ ଜୁନିୟର

# ଜାତୀୟ ସାଇକେଲ ଚାଳନା

### ମିନତି ମହାପାତ୍ରଙ୍କ ତିନୋଟି ସର୍ବଭାରତୀୟ ନୂତନ ଜାତୀୟ ରେକର୍ଡ଼ ସୃଷ୍ଟି

କୁମାରୀ କାଂଚନ ସାହୁ

ଗତ ନଭେମ୍ବର ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ପାଟିଆଲା ଠାରେ ଅନୁଷ୍ଠିତ ହୋଇଥିବା ୧୦ମ ଜୁନିୟର ନେସନାଲ୍ ଓ ପ୍ରଥମ ଇଣ୍ଟରଷ୍ଟେଟ୍ ସାଇକେଲ୍ ଚାଳନା ପ୍ରତିଯୋଗିତାରେ ଓଡ଼ିଶା ସମେତ ୧୫ ଟି ରାଜ୍ୟ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶାରୁ ଜଣେ ବାଳକ, ଜଣେ ବାଳିକା, ତିନି ଜଣ ମହିଳା ଓ ୪ ଜଣ ପୁରୁଷ ଯୋଗ ଦେଇଥିଲେ । ଓଡ଼ିଶାର ମହିଳା ସାଇକ୍ଲିଷ୍ଟ ମାନେ ଦଳଗତ ଚଂପିୟାନସିପ୍ ଲାଭକଲେ । ଓଡ଼ିଶାର ଏହି ଗୌରବ ପାଇଁ କୁମାରୀ ମିନତି ମହାପାତ୍ରଙ୍କ କୃତିତ୍ୱ ପ୍ରଶଂସନୀୟ । ମହିଳା ବିଭାଗରେ ବ୍ୟକ୍ତିଗତ ଚଂପିୟନ ହେବା ସଙ୍ଗେ ସଙ୍ଗେ ଭାରତର ସେ କ୍ଷିପ୍ରତମ ମହିଳା ସାଇକ୍ଲିଷ୍ଟ ରୂପେ ଗୌରବ ଅର୍ଜନ କରିଛନ୍ତି ।

ପାଟିୟାଲା ଇନଭରସିଟି ପଡ଼ିଆରେ ଅନୁଷ୍ଠିତ ୧୦ମ ଜୁନିଅର ଓ ପ୍ରଥମ ଇଣ୍ଟରଷ୍ଟେଟ ସାଇକେଲ ଚାଳନା ପ୍ରତିଯୋଗିତାରେ ଓଡ଼ିଶାର କୁମାରୀ ମିନତି ମହାପାତ୍ର ପ୍ରଥମଦିନର ୧୦୦୦ ମିଟର 'ଟାଇମ ଟ୍ରାୟଲ' ଓ ୨୦୦୦ ମିଟର 'ଇଣ୍ଡିଭିଜୁଆଲ ପର୍ ସୁଟ୍' ରେ ନୂତନ ରେକର୍ଡ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଦ୍ୱିତୀୟ ଦିନରେ ୨୦୦୦ ମିଟର୍ ମାସ୍‌ଷ୍ଟାଟ୍‌ରେ ଓ ୨୦୦୦ ମିଟର୍ ଲ୍ୟାପ୍ ରେସ୍‌ରେ ସ୍ୱର୍ଣ୍ଣପଦକ ହାସଲ କରି ତୃତୀୟ ଦିନର ୨୫ କିଲୋମିଟର ରୋଡ଼ ରେସ୍‌ରେ ୪୫ ମିନିଟ୍, ୩୦ ସେକେଣ୍ଡରେ ଅତିକ୍ରମ କରି ସର୍ବଭାରତୀୟ ସ୍ତରରେ ତିନୋଟି ନୂତନ ରେକର୍ଡ ସୃଷ୍ଟି କରି ଚଂପିୟନସିପ୍ ଲାଭ କଲେ । କୁମାରୀ ମିନତି ମହାପାତ୍ର ଚଂପିୟନସିପ୍ ଲାଭ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଦଳ ୫ ଟି ସ୍ୱର୍ଣ୍ଣ ଓ ୭ ଟି ବ୍ରୋଞ୍ଜ ପଦକ ପାଇ ସର୍ବଭାରତୀୟ ଇଣ୍ଟରଷ୍ଟେଟ୍ ସାଇକେଲ ଚାଳନାରେ ତୃତୀୟ ସ୍ଥାନ ଅଧିକାର କଲେ ।

କୁମାରୀ ପ୍ରଦୀପ କାଉର ୧୦୦୦ ମିଟର 'ଟାଇମ ଟ୍ରାୟଲ୍' ରେ ୨୦୦୦ ମିଟର 'ଇଣ୍ଡିଭିଜୁଆଲ ପରସୁଟ୍' ଏବଂ ୨୫ କିଲୋମିଟର୍ ରୋଡ଼ ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକର ଅଧିକାରୀଣୀ ହେଲେ । ଓଡ଼ିଶାର ଅନ୍ୟତମ ସାଇକେଲ ଚାଳିକା କୁମାରୀ ଅଲପନା ବୋଷ ୨୦୦୦ ମିଟର ମାସ୍‌ଷ୍ଟାଟ୍‌ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କଲେ ।

ତାଲିମ ପ୍ରାପ୍ତ ଓ ଯୋଗ୍ୟତା ସଂପନ୍ନ କର୍ମଚାରୀ ନିଯୁକ୍ତି କରି ସରକାରୀ ଶସ୍ୟଭଣ୍ଡାରଗୁଡ଼ିକର ଉନ୍ନତି କରାଯାଇଛି ଓ ବିଭିନ୍ନ ସଂସ୍ଥା ମାଧ୍ୟମରେ ଶସ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ସୁରକ୍ଷା କରାଯାଇ ପାରିଛି । ପ୍ରାୟ ୧୫ ନିୟୁତ ଟନ୍ ଖାଦ୍ୟଶସ୍ୟ ଏହି ସଂସ୍ଥାଗୁଡ଼ିକ ଦ୍ୱାରା କାରବାର କରାଯାଇ କ୍ଷତିର ପରିମାଣ ଶତକଡ଼ା ୧ ଭାଗକୁ କମାଇ ଦିଆଯାଇଛି ।

ଦେଶରେ ଉତ୍ପାଦିତ ଅଧିକାଂଶ ଖାଦ୍ୟଶସ୍ୟ କୃଷକମାନଙ୍କ ହାତରେ ରହିଛି । ଗ୍ରାମ୍ୟ ସ୍ତରରେ ମହଜୁଦ୍ ରଖାଯାଇଥିବା ଖାଦ୍ୟଶସ୍ୟର ପରିମାଣ ୭୦ ନିୟୁତ ଟନ୍‌ରୁ ବେଶୀ ହେବ । କିନ୍ତୁ ଏମାନଙ୍କର ମହଜୁଦ୍ କରିବା ପ୍ରଣାଳୀ ଆଦୌ ସନ୍ତୋଷଜନକ ନୁହେଁ । ଏତଦ୍ୱାରା ଶସ୍ୟର ପରିମାଣ ଓ ଗୁଣାତ୍ମକ ମାନର ଯଥେଷ୍ଟ ହ୍ରାସ ହେଉଛି । ଖାଦ୍ୟ ଭଣ୍ଡାରର ପ୍ରଧାନ ଶତ୍ରୁ ହେଲେ–କୀଟପତଙ୍ଗ, ମୂଷା, ଆଦ୍ରତା, ଫିମ୍ପି ଓ ବିଭିନ୍ନ ପକ୍ଷୀ । ଏମାନଙ୍କଦ୍ୱାରା ହେଉଥିବା କ୍ଷତିକୁ ଯଥାସାଧ୍ୟ କମାଇବା ଦିଗରେ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ଖାଦ୍ୟ ବିଭାଗ ୧୯୬୫-୬୬ ମସିହାରେ ଏକ ଆଗୁଆ ଯୋଜନା କରି ଶସ୍ୟ ସଂରକ୍ଷଣ ଅଭିଯାନ (Save grain campaign) ଆରମ୍ଭ କରିଛନ୍ତି । ଏହା ଫଳରେ ଦେଶର ବିଭିନ୍ନ ଅଞ୍ଚଳରେ ୧୪୦ ଗୋଟି ବ୍ୟବସାୟିକ ଓ ଗ୍ରାମ୍ୟ ସ୍ତରୀୟ କେନ୍ଦ୍ରଗୁଡ଼ିକରେ କୀଟପତଙ୍ଗ ଓ ମୂଷା ପ୍ରଭୃତିକୁ ନିୟନ୍ତ୍ରଣ କରିବା ଓ ଉପଯୁକ୍ତ ଭାବରେ ଖାଦ୍ୟଶସ୍ୟ ମହଜୁଦ୍ କରି ରଖିବାର ଆଦର୍ଶ ପ୍ରଣାଳୀ ପ୍ରଦର୍ଶିତ ହୋଇଅଛି । ୧୯୬୮ ସାଲରେ ଶସ୍ୟସଂରକ୍ଷଣ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏକ ଧାରାବାହିକ ଯୋଜନା ଆରମ୍ଭ କରାଯାଇଛି । ବର୍ତ୍ତମାନ ଏ ଉଦ୍ଦେଶ୍ୟରେ ହାଇଦ୍ରାବାଦ, ମାନ୍ଦ୍ରାଜ, ବମ୍ବେ, ଭୋପାଳ, ଘାଜିଆବାଦ, ପାଟଣା, ଉଦୟପୁର, ଚଣ୍ଡିଗଡ଼, ଲକ୍ଷ୍ନୌ, କଲିକତା ଓ ଭୁବନେଶ୍ୱରରେ କେନ୍ଦ୍ରମାନ ସ୍ଥାପିତ ହୋଇଛି । 'ଶସ୍ୟ ସଂରକ୍ଷଣ ଅଭିଯାନ'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି–

୧. କୃଷକ ଓ ବ୍ୟବସାୟୀମାନଙ୍କୁ ଆଧୁନିକ ଓ ବିଜ୍ଞାନ-ସମ୍ମତ ଶସ୍ୟ ସଂରକ୍ଷଣ କୌଶଳ ପ୍ରଦର୍ଶନ କରିବା ।

୨. ରାଜ୍ୟ ସରକାରଙ୍କ ଜରିଆରେ କୃଷକମାନଙ୍କୁ ଉନ୍ନତ ଶସ୍ୟ ସାଇତା କୋଠି (Storage bins) ଯୋଗାଇବା ।

୩. ଉନ୍ନତ ସାଇତା ପ୍ରଣାଳୀ ସମ୍ପର୍କୀୟ ଜ୍ଞାନର ପ୍ରସାର ନିମିତ୍ତ କୃଷକ, ବ୍ୟବସାୟୀ ଓ ସଂପ୍ରସାରଣ ବିଭାଗୀୟ କର୍ମଚାରୀମାନଙ୍କୁ ତାଲିମ ଦେବା ।

୪. ନିଜ ନିଜ ରାଜ୍ୟରେ ସାଇତା ପ୍ରଣାଳୀର ଆଧୁନିକୀକରଣ ଦୃଷ୍ଟିରୁ ଯୋଜନାଗୁଡ଼ିକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବା ।

କେନ୍ଦ୍ର ଖାଦ୍ୟ ବିଭାଗ ୧୯୫୮ ସାଲରେ ହାପୁର (Hapur) ଠାରେ ଖାଦ୍ୟଶସ୍ୟ ସଞ୍ଚୟନ ଗବେଷଣା ଓ ତାଲିମ କେନ୍ଦ୍ର (Grain Stores Research and Training Centre) ସ୍ଥାପନ କରିଛନ୍ତି । ଏ ଦେଶରେ ବ୍ୟବହାର ହେବାଭଳି ବିଜ୍ଞାନସମ୍ମତ ମହଜୁଦ କୌଶଳ ଉଦ୍ଭାବନା କରିବା ଏବଂ ଖାଦ୍ୟଶସ୍ୟ କାରବାର ଓ ମହଜୁଦ ଲାଗି ନିଯୁକ୍ତ ଥିବା ଉପରେ ସ୍ତରୀୟ କର୍ମଚାରୀମାନଙ୍କୁ ତାଲିମ ଦେବା ହେଉଛି ଏ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ । ଜାତିସଂଘ ଉନ୍ନୟନ ଯୋଜନା (United Nations Development Programme) ସାହାଯ୍ୟରେ ୧୯୬୮ ସାଲରେ ଉକ୍ତ କେନ୍ଦ୍ରକୁ 'ଭାରତୀୟ ଶସ୍ୟ ସଞ୍ଚୟନ ଅନୁଷ୍ଠାନ' (Indian Grain Storage Institute) ରେ ପରିଣତ କରାଯାଇଛି । ଖାଦ୍ୟଶସ୍ୟ ସଂରକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଗବେଷଣାଲବ୍ଧ ଓ ବିକାଶମୂଳକ ଫଳାଫଳଗୁଡ଼ିକୁ କାର୍ଯ୍ୟକାରୀ କରି ବିଶେଷତଃ କୃଷକ ବ୍ୟବସାୟୀ ସ୍ତରରେ କ୍ଷତିର ପରିମାଣକୁ ଯଥାସାଧ୍ୟ କମାଇଦେବା ହେଲା 'ଶସ୍ୟ ସଂରକ୍ଷଣ ଅଭିଯାନର'ର ପ୍ରଧାନ ଉଦ୍ଦେଶ୍ୟ ।

ଖାଦ୍ୟ ସଂରକ୍ଷଣ ସମ୍ବନ୍ଧରେ କାହାର କିଛି ଜାଣିବାକୁ ଥିଲେ ବ୍ୟକ୍ତିଗତ ଭାବରେ କିମ୍ବା ପତ୍ରଦ୍ୱାରା ଅଫିସର ଇନଚାର୍ଜ, ସେଭ୍‌ଗ୍ରେନ୍‌କ୍ୟାମ୍ପେନ୍, ପ୍ଲଟ ନଂ ୬୪୨, ଶହୀଦ ନଗର, ଭୁବନେଶ୍ୱର–୭ ଙ୍କ ସହିତ ଯୋଗାଯୋଗ କରି ପାରନ୍ତି ।

(ସଂପାଦକ)

ଖାଲି ସେତିକି ନୁହେଁ, ମଣିଷର ଅସଙ୍ଗତ ବ୍ୟବହାର ସହିତ ଚନ୍ଦ୍ର କିପରି ସଂପର୍କିତ, ସେଥିପାଇଁ ଉଇଲିୟମ ସେକସ୍‌ପିୟରଙ୍କ ଅମର ଚରିତ୍ର 'ଅଥେଲୋ' ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଅଥେଲୋ କହେ—'ଇଏତ ଚନ୍ଦ୍ରର ଦୋଷ, ସେ ପୃଥିବୀର ନିକଟତର ହୋଇଆସିଲେ ମଣିଷକୁ ପାଗଳ କରିଦିଏ' ।

ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ କାଳ୍ପନିକ ଓ ବାସ୍ତବ ଜୀବନର ସେତୁ ଏଇ ଚନ୍ଦ୍ରକୁ ନେଇ ବହୁ ପୌରାଣିକ ମତବାଦ ଏବେ ମଧ୍ୟ ପ୍ରଚଳିତ । ପ୍ରାଚୀନକାଳରୁ ଲୋକମାନଙ୍କର ବିଶ୍ୱାସ, ଏହି ଚନ୍ଦ୍ରର ପ୍ରଭାବ ପୃଥିବୀର ଜୀବନଧାରା ଉପରେ ପ୍ରତିଫଳିତ । ଜୀବଜଗତର ନାନାବିଧ ଦୁଃଖ, କ୍ଲେଶ ଓ ବ୍ୟାଧିର କାରଣ ଏବଂ ଚିକିତ୍ସା ହେଉଛି ଏଇ ଚନ୍ଦ୍ର । ପ୍ରାଚୀନ ଭେଷଜ ଶାସ୍ତ୍ର ମତରେ 'ଦକ୍ଷିଣାୟନରେ ସୂର୍ଯ୍ୟଙ୍କର ଗତି ଦକ୍ଷିଣ ଆଡ଼କୁ ହୁଏ ଏବଂ ସୂର୍ଯ୍ୟଙ୍କର ତାପ କମିଯାଏ । ମେଘ, ବର୍ଷା ଏବଂ ଔଷଧିନାଥ ଚନ୍ଦ୍ରଙ୍କର ବଳ ବଢ଼େ । ଏଣୁ ପୃଥିବୀ ଔଷଧ ସଂପନ୍ନା ଓ ଶସ୍ୟଶାଳିନୀ ହୁଏ । ପୃଥିବୀରେ ମଧୁର ରସ ଏବଂ ସ୍ନେହ ରସର ଆଧିକ୍ୟ ଯୋଗୁ ଧୀରେ ଧୀରେ ପ୍ରାଣୀମାନଙ୍କର ବଳବୃଦ୍ଧି ହୁଏ ।"

ସେହି ଦୃଷ୍ଟିରୁ, ଆଜିର ଏଇ ବିଂଶ ଶତାବ୍ଦୀ ଜନବହୁଳତାରେ ପିଡ଼ୀତ ଏବଂ ଜର୍ଜରିତହୋଇ ତା'ର ସୁପରିକଳ୍ପିତ ସୁନ୍ଦର ଭବଷ୍ୟତକୁ ହରାଇଦେବାର ଆଶଙ୍କାରେ —'ପରିବାର ନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ! ଚିତ୍କାର କରୁଥିବାବେଳେ, ଏହି ସମସ୍ୟାର ପରଦାତଳେ ପ୍ରଚ୍ଛନ୍ନଭାବେ ଆତ୍ମଗୋପନ କରିଥିବା ଚନ୍ଦ୍ରର ପ୍ରଭାବକୁ ସେ ହୁଏତ ସ୍ୱୀକାର କରିପାରୁନାହିଁ । କାରଣ ଜ୍ୟୋତିଃଶାସ୍ତ୍ର ଦୃଷ୍ଟିକୋଣରୁ ଚନ୍ଦ୍ରର ପ୍ରଭାବ ଯାହା ହେଉନା କାହିଁକି, ସାଂପ୍ରତିକ ବିଜ୍ଞାନ ଏ ସଂପର୍କରେ ଏବେ ମଧ୍ୟ ଅସମାହିତ ଅବସ୍ଥାରେ ରହିଛି ।

ଆଜକୁ ପ୍ରାୟ ଦୁଇହଜାର ବର୍ଷ ପୂର୍ବେ ଜନସମାଜର ଧାରଣା ଥିଲା ଯେ ଚନ୍ଦ୍ରର ପ୍ରଭାବ ଫସଲ ଉପରେ ପଡୁଛି । ଆଜି ମଧ୍ୟ ଅନେକଙ୍କ ମନରେ ଏହି ଧାରଣା ବଦ୍ଧମୂଳ । ପ୍ରାଚୀନ କୃଷକ ପଞ୍ଜାଙ୍ଗ ଅନୁସାରେ ଭୂମିରେ ଉପନ୍ନ ହେଉଥିବା ପନିପରିବା ଓ ଫୁଲ ଫଳର ଗଛରୋପଣ କରିବାର ସର୍ବୋତ୍ତମ ସମୟହେଲା ଶୁକ୍ଳପକ୍ଷ । ଏହି 'ପଞ୍ଜାଙ୍ଗ'ରେ ଚନ୍ଦ୍ର ସଂପର୍କୀୟ ବହୁ ପ୍ରସଙ୍ଗ, କିମ୍ବଦନ୍ତୀ ତଥା ଋତୁମାନଙ୍କ ଉପରେ ଏହାର ପ୍ରଭାବନେଇ ଅନେକ ଭବିଷ୍ୟତ ବାଣୀ ଓ ଖଗୋଳ-ଗଣନା ବିଷୟକ ବିଭିନ୍ନ ଉଲ୍ଲେଖନୀୟ ତଥ୍ୟ ବର୍ଣ୍ଣିତ ହୋଇଅଛି ।

ଝଡ଼-ତୋଫାନ ଓ ପାଗଆଦି ଉପରେ ଚନ୍ଦ୍ରକଳାର ପ୍ରଭାବ ଅଛିବୋଲି ଅନେକ ବିଶ୍ୱାସ କରନ୍ତି । ଏତଦ୍‌ଭିନ୍ନ ଜୀବଜଗତ ଉପରେ ସୌରଜଗତର ପ୍ରଭାବନେଇ ରୁଷ, ଜର୍ମାନ ପ୍ରଭୃତି ପାଶ୍ଚାତ୍ୟ ବୈଜ୍ଞାନିକଗଣ ଏବେ ମଧ୍ୟ ଅନୁସନ୍ଧିତ୍ସୁ ।

ଜୀବଜଗତ, ବିଶେଷତଃ ସାମୁଦ୍ରିକ ଜୀବମାନଙ୍କ ଉପରେ ଚନ୍ଦ୍ରକଳାର ପ୍ରଭାବ ରହିଛି । ୧୯୬୦ ମସିହାରେ ଚେକୋସ୍ଲୋଭାକିଆର ବୈଜ୍ଞାନିକ ଡ଼ଃ ୟୁଜେନ୍ ଜୋନ୍‌ସ୍ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଯେଉଁ ସ୍ତ୍ରୀଲୋକମାନଙ୍କର ଜନ୍ମ ପୂର୍ଣ୍ଣମୀଦିନ, ସେମାନେ ସାଧାରଣତଃ ପୂର୍ଣ୍ଣମୀ ଦିନ ଗର୍ଭବତୀ ହୋଇଥାନ୍ତି । ଏହି ସିଦ୍ଧାନ୍ତକୁ ଭିତ୍ତିକରି ଏବେ ମଧ୍ୟ ଇଉରୋପରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଚାଲିଛି । କେବଳ ସେତିକି ନୁହେଁ, ସାମୁଦ୍ରିକ ଜୀବମାନଙ୍କ ପ୍ରଜନନକ୍ରିୟା ମଧ୍ୟ ଚନ୍ଦ୍ରର ପ୍ରଭାବଦ୍ୱାରା ଅନେକାଂଶରେ ପ୍ରଭାବିତ । ଇଭିଂଷ୍ଟନ୍‌ରେ ଗବେଷଣାରତ ଡ଼ଃ ବ୍ରାଉନ୍ କହିଥିଲେ ଯେ କେତେଗୋଟି ଶାମୁକା କୌଣସି ଏକ ଦ୍ୱୀପରୁ ସିକାଗୋକୁ ଅଣାଯାଇ ଦେଖାଗଲା– ପୂର୍ଣ୍ଣମୀଦିନ ସେମାନଙ୍କ ମୁହଁ ଖୋଲିଯାଉଛି । ଏହାପରେ ସେ ଏହି ଅନୁସନ୍ଧାନ କେତେକ ମୂଷାଙ୍କ ଉପରେ ଚଳାଇଥିଲେ । ସେଥିରୁ ମଧ୍ୟ ଦେଖାଗଲା, ଶୁକ୍ଳପକ୍ଷ ପ୍ରତିପଦ ଓ ପୂର୍ଣ୍ଣମାଦିନ ଏମାନଙ୍କ ପରିପାକକ୍ରିୟା ପୂର୍ବାପେକ୍ଷା ତୀବ୍ରତର ହେଉଛି । ଏଥିପୂର୍ବରୁ ୧୯୨୩ ମସିହାରେ ଏଚ୍. ଏମ୍. ଫକ୍‌ସ ନାମକ ଜଣେ ଇଂରେଜ ଜୀବବିଜ୍ଞାନୀ, 'ଚନ୍ଦ୍ରକଳା ସହିତ ସାମୁଦ୍ରିକ ଜୀବମାନଙ୍କ ପ୍ରଜନନ କ୍ରିୟାରେ ପରିବର୍ତ୍ତନ'– ସଂପର୍କରେ ଏକ ପରୀକ୍ଷାମୂଳକ ତଥ୍ୟ ପ୍ରଦାନ କରିଥିଲେ । କେତେକ ସି-ଅର୍ଚ୍ଚିନ୍ ଉପରେ ପରୀକ୍ଷା ଚଳାଇ ଲକ୍ଷ୍ୟକଲେ, ପୂର୍ଣ୍ଣମୀର କିଛିଦିନ ପୂର୍ବରୁ ସେମାନଙ୍କ ଡିମ୍ବାଣୟ ଓ ଶୁକ୍ରାଶୟ ଯଥାକ୍ରମେ ଅଣ୍ଡା ଓ ଶୁକ୍ରାଣୁରେ ଭରିଯାଉଛି, ଏବଂ ଠିକ୍ ପୂର୍ଣ୍ଣମୀଦିନ ସେମାନେ ସମୁଦ୍ରରେ ଅଣ୍ଡା ଛାଡ଼ିଦେଉଛନ୍ତି ।

ଜୀବମାନଙ୍କ ଆହାର, ନିଦ୍ରା ତଥା ମୈଥୁନ ଏକ ଚକ୍ରକ୍ରମରେ ଚାଲେ । ସଂପ୍ରତି ଏହା ହୁଏତ ଅଜ୍ଞାତ ଯେ ଏହି ନିୟମ ପ୍ରକୃତି ଦ୍ୱାରା କିମ୍ବା ସ୍ୱୀୟ ପଦ୍ଧତିରା ଅଥବା କୌଣସି ବାହ୍ୟକାରଣରୁ ପ୍ରଭାବିତ । ତେବେ, ଡ଼ଃ ଫ୍ରେଙ୍କ ବ୍ରାଉନ୍‌ଙ୍କ ମତରେ ଏହା ବାହ୍ୟ ପ୍ରଭାବର ଫଳ ସ୍ୱରୂପ ଘଟିଥାଏ । ତାଙ୍କର ଅନୁମାନ, ଅଧିକାଂଶ ଦୈନିକ-ଚକ୍ର ଚନ୍ଦ୍ରକଳାର ପ୍ରଭାବ ଜନିତ ଓ ଏହାର ଫଳସ୍ୱରୂପ ।

ସଂପ୍ରତି ଫ୍ଲୋରିଡ଼ା (ଆମେରିକା) ର ଦୁଇଜଣ ମନସ୍ତତ୍ତ୍ୱବିତ୍ ଡ଼ଃ ଅର୍ନିଲଡ୍ ଏଲ୍. ଲାଇବର ଏବଂ କରୋଲିନ ଆର. ସେରିନ୍ ସର୍ବପ୍ରଥମ ମିଳିତଭାବେ ଏକ ତଥ୍ୟ ପ୍ରକାଶ କରିଛନ୍ତି ଯେ ଚନ୍ଦ୍ରକଳା ସହିତ ମଣିଷ ମନର ସମ୍ଭୋଗ-ଲିପ୍‌ସା ଘନିଷ୍ଠଭାବେ ଜଡ଼ିତ । ୧୯୫୬ରୁ ୧୯୭୦–ଦୀର୍ଘ ପନ୍ଦରବର୍ଷ ମଧ୍ୟରେ ମିୟାମୀଠାରେ ଘଟିଥିବା ହତ୍ୟାକାଣ୍ଡଗୁଡ଼ିକ ଅଧ୍ୟୟନକରି ସେମାନେ ଉକ୍ତ ମତ ପ୍ରକାଶ କରିଛନ୍ତି । ତାଙ୍କ ମତରେ, ଶୁକ୍ଳ ପ୍ରତିପଦ ଓ ପୂର୍ଣ୍ଣିମାଦିନ ସବୁଠାରୁ ଅଧିକ ହତ୍ୟାକାଣ୍ଡ ଘଟିଛି । ବିଭିନ୍ନ ଘଟଣାବଳୀ ଓ ହତ୍ୟାକାଣ୍ଡଗୁଡ଼ିକୁ ବ୍ୟାପକଭାବେ ନିରୀକ୍ଷଣ କରି ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ଚନ୍ଦ୍ରକଳା ସମୁଦ୍ର ଜୁଆରକୁ ଯେପରି ଆକ୍ରାନ୍ତ ତଥା ନିୟନ୍ତ୍ରିତକରେ,

# ଜ୍ଞାନ ବିଜ୍ଞାନ

— ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ

## ଆଖି ଦୃଷ୍ଟିରେ ଚନ୍ଦ୍ର

ଟିକି ଟିକି ଲୁନିମୁନି ଛୋଟ ଶିଶୁମାନେ ଟିକେ ନିରବରେ ନ ଶୋଇ ଅଝଟ ହେଲାବେଳେ ମାତୃପ୍ରାଣର ସେହି ଗଭୀର ଆବେଦନଶୀଳ 'ଲୁଲବୀ' ଏବେ ବେଶ୍ ମନେପଡ଼େ—

"ଆ' ଜହ୍ନମାମୁଁ ଶରଦ ଶଶୀ,
ମୋ କାହ୍ନୁ ହାତରେ ପଡ଼ରେ ଖସି !"

ଛୋଟ ଶିଶୁର ଆଖି ଆଗରେ ଭାସିଉଠେ କେଉଁ ଅମର ଚିତ୍ରକର ତୂଳୀରେ ଚିତ୍ରିତ ସ୍ନେହ ପ୍ରେମଭରା ଜହ୍ନମାମୁଁର ସେହି ସ୍ନିଗ୍ଧ ଛବିଳ ରାଇଜଟିଏ । ସେଠାକୁ ଯିବାଲାଗି ପ୍ରାଣ ବ୍ୟାକୁଳ ହୁଏ । କୋମଳ ଶିଶୁର ନରମ ଆଖିପତା ଦିଓଟି ଆସ୍ତେ ଆସ୍ତେ ମୁଦିହୋଇ ଆସେ ।

ବଡ଼ ଆଶ୍ଚର୍ଯ୍ୟ ସେ କାହାଣୀ । ବଡ଼ ଆଶ୍ଚର୍ଯ୍ୟ ତା'ର ମହିମା ! ! ! ସେ କାହାଣୀ ଜହ୍ନମାମୁଁର.......... ଅନ୍ୟ ଭାଷାରେ ପୃଥିବୀର ନିକଟତମ ଉପଗ୍ରହ ଚନ୍ଦ୍ରର । କି ଅସୀମ ତା'ର ପ୍ରେରଣା ! କି ବିପୁଳ ତା'ର ଉନ୍ମାଦନା ! ! ତାହା ଖାଲି ସାଧାରଣ ମଣିଷ ପାଇଁ ନୁହେଁ, ଆଜିର ବୈଜ୍ଞାନିକ କିମ୍ବା କୃଷକ ପାଇଁ ମଧ୍ୟ ନୁହେଁ । କେଉଁ ଅନାଦି କାଳରୁ ଚିକିତ୍ସା ବିଜ୍ଞାନୀମାନଙ୍କଠାରୁ ଆରମ୍ଭ କରି ଅଗଣିତ ଅମର କବିଙ୍କ ପୀୟୁଷ—ଲେଖନୀରେ ଭରିଦେଇଛି ଅଦମନୀୟ ସୃଜନୀ-ପ୍ରେରଣାର ଉତ୍ସ । ମହାକବି କାଳିଦାସଙ୍କ ଠାରୁ ସଂପ୍ରତି ସାହିତ୍ୟର ଜ୍ଞାନଦୀପ୍ତ ତୀର ପ୍ରବହମାନ ଧାରାର ଅନ୍ତରାଳରେ, ମୁଖ୍ୟ ସାହିତ୍ୟିକ ସଙ୍କେତ ସେହି ଚନ୍ଦ୍ରର ଅଗାଧ ଭୂମିକାକୁ ଟିକିଏ ଦୃଷ୍ଟିପାତ କଲେ ବେଶ୍ ସହଜରେ ଜଣାପଡ଼େ ।



(ଏକ)

ଟୁରିଷ୍ଟ ଜଣକ ଗୋଟିଏ ଖରଡାୟ ଗାଁରେ ପହଁଚି ନିଶ୍ଚିନ୍ତରେ ବସି ପିକା ଟାଣୁଥିବା ଗ୍ରାମବାସୀଙ୍କୁ ପଚାରିଲେ ।

ସମୟ କିପରି କଟୁଛି ?

ଖୁବ୍ ଭଲ ସମୟ । ମୋର କେତେକ ଗଛ କାଟିବାକୁ ଥିଲା । ଈଶ୍ୱରଙ୍କ ଦୟା । ତୋଫାନ ଆସିଲା । ଗଛଗୁଡ଼ିକ ଆପଣା ଛାଏଁ ଭାଙ୍ଗି ତଳେ ଶୋଇଗଲେ । ମୋର କଷ୍ଟ ଚିନ୍ତା ଗଲା । ସେଇଠୁ ହଠାତ୍ ଦିନେ ଗୋଟିଏ ଚଡ଼ଚଡ଼ି ମାରିଲା । ସବୁ ଗଛରେ ନିଆଁ ଲାଗି ସବୁଗୁଡ଼ିକ ଚମତ୍କାର ଜାଳେଣି ପାଲଟି ଗଲେ । ଈଶ୍ୱର ସେ ଦାୟିତ୍ୱରୁ ବି ରକ୍ଷା କଲେ ।

ବାସ୍ ବାସ୍ । ତା'ହେଲେ ବର୍ତ୍ତମାନ ଆଉ ଆପଣଙ୍କର ଚିନ୍ତା କ'ଣ ?

କିଛି ନାହିଁ । କେବଳ ଅପେକ୍ଷା କରୁଛି—କୋଉଦିନ ଭୂମିକମ୍ପ ହେବ—ମୋର ଆଳୁତକ ଭିଆଣାରୁ ପଦାକୁ ବାହାରି ଆସିବେ । ଆଳୁ ଖୋଳାରୁ ବି ମୁଁ ତ୍ରାହି ପାଇଯିବି ।

(ଦୁଇ)

ଧର୍ମଗ୍ରନ୍ଥ ପାଠ ଓ ଆଲୋଚନା ପରେ ଧର୍ମଯାଜକ ଜଣକ ପ୍ରାର୍ଥନା ସମାପ୍ତ କରି ସମବେତ ଉପାସକ ମଣ୍ଡଳିଙ୍କ ଉଦ୍ଦେଶ୍ୟରେ କହିଲେ—

ବର୍ତ୍ତମାନ ଅସୁଖୀ ସ୍ୱାମୀମାନେ ଦୟାକରି ଦଣ୍ଡାୟମାନ ହୁଅନ୍ତୁ । ଆସ୍ତେ ସେମାନଙ୍କର ଦୁଃଖ ମୋଚନ ଲାଗି ପରମ ପିତାଙ୍କ ନିକଟରେ ପ୍ରାର୍ଥନା କରିବା ।

ହଲ୍ ଭିତରେ ସମାବିଷ୍ଟ ସମସ୍ତ ପୁରୁଷ ଉଠି ଠିଆ ହେଲେ । କେବଳ ଜଣେ ନ ଉଠି ବସି ରହିଲେ ।

ଧର୍ମଯାଜକ ଦଣ୍ଡାୟମାନ ପୁରୁଷମାନଙ୍କୁ ଗଣିସାରି ଉପବିଷ୍ଟ ପୁରୁଷଟିକୁ କହିଲେ—ତା'ହେଲେ, ଏକଶତ ସ୍ୱାମୀଙ୍କ ଭିତରେ ତୁମ୍ଭେଇ ଏକମାତ୍ର ସୁଖୀ ସ୍ୱାମୀ ।

ନା—ନା ମହାଶୟ । ସେ କଥା ନୁହେଁ । ମୋର ବାତ ବେମାରୀ ହେତୁ ମୁଁ ସହଜରେ ଉଠି ଠିଆହୋଇ ପାରୁନାହିଁ ।

ମଣିଷ ମନର ସମ୍ଭୋଗ ଲିପ୍ସାକୁ ମଧ୍ୟ ସେହିପରି ପ୍ରଭାବିତ କରିଥାଏ । କଂପ୍ୟୁଟର ସାହାଯ୍ୟରେ ପ୍ରାୟ ଖ୍ରିହଜାରରୁ ଊର୍ଦ୍ଧ୍ୱ ହତ୍ୟା ମାମଲା ବିଶ୍ଳେଷଣକରି ଡ଼ଃ ଲଇବର ଓ ସେରିନ କହନ୍ତି—'ଶୁକ୍ଳ ପ୍ରତିପଦ ଓ ପୂର୍ଣ୍ଣମୀଦିନ କେବଳ ହତ୍ୟାକାଣ୍ଡ-ଗୁଡ଼ିକର ସଂଖ୍ୟା ଯେ ବୃଦ୍ଧିପାଇଛି ତା'ନୁହେଁ, ଅଧିକନ୍ତୁ ଏହି ହତ୍ୟାଗୁଡ଼ିକ ଅତି ଜଘନ୍ୟ ଭାବରେ ସଙ୍ଗଠିତ ହେ, ଛି ଡ଼ଃ ଲଇବର ତାଙ୍କ ଅଧ୍ୟୟନରେ ଅଗଷ୍ଟ ୧୯୭୦ ମସିହାର ସେହି ଅସାଧାରଣ ଘଟଣାର ଉଲ୍ଲେଖ କରିଛନ୍ତି—ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟ ତିନିହେଁ ଏକ ସରଳରେଖାରେ ଅବସ୍ଥାନ କରିଥିବାରୁ ସେବର୍ଷ ସେପ୍‌ଟେମ୍ବର ଓ ଅକ୍‌ଟୋବର ମାସରେ ଅନ୍ୟ ସବୁ ମାସ ଅପେକ୍ଷା ଦୁଇଗୁଣ ହତ୍ୟାକାଣ୍ଡ ଘଟିଥିଲା । ତାଙ୍କର ଯୁକ୍ତି ଏହିକି—ଶରୀରସ୍ଥ କେତେକ ହରମୋନ୍‌ର ସାମାନ୍ୟ ପରିବର୍ତ୍ତନ ସ୍ନାୟୁଉପରେ ଚାପ ପକାଏ । ଯାହା ଫଳରେ ସ୍ନାୟୁ ଓ ମାଂସପେଶୀଗୁଡ଼ିକର ଉତ୍ତେଜନା ଆସେ । ମାତ୍ର ପରିବେଶ ତଥା ପୃଷ୍ଠଭୂମି ଯଦି ଦୂଷିତହୁଏ ଏବଂ ବ୍ୟକ୍ତି ଜଣକ ଉତ୍ତେଜିତ ବା ଭାବପ୍ରବଣ ରହେ, ତେବେ ତା'ର ମାନସିକ ଅସ୍ଥିରତା କ୍ରମଶଃ ବୃଦ୍ଧିପାଏ । ଫଳରେ ଆବେଗପୂର୍ଣ୍ଣ ମନୋଦଶା ତାହାକୁ ଅନିୟନ୍ତ୍ରିତ କରିଦିଏ ।

ଚନ୍ଦ୍ରର ପ୍ରଭାବନେଇ ପୁରାଣମାନଙ୍କରୁ ଯେଉଁ ବର୍ଣ୍ଣନା ମିଳେ, ସେଥିରେ ମଧ୍ୟ ଆଂଶିକ ସତ୍ୟ ନିହିତ । ଏବି ତଥ୍ୟବଳରେ ମନୁଷ୍ୟ ସେହି ଆଦିମ କାଳରୁ ସମୁଦ୍ରର ଜୁଆର-ଭଟ୍ଟା ଓ ଚନ୍ଦ୍ରକଳା ସଂପର୍କରେ ଅଭିହିତ ହୋଇଆସିଛି । ଡ଼ଃ ଲଇବରଙ୍କ ମତରେ ମନୁଷ୍ୟ ଶରୀର ଯେହେତୁ ଅଶୀଭାଗ (୮୦%) ଜଳ, ଓ କୋଡ଼ିଏଭାଗ (୨୦%) ଅନ୍ୟ ପଦାର୍ଥ-କୁ ନେଇ ଗଠିତ, ଚନ୍ଦ୍ରର ପ୍ରଭାବରେ ତା'ର ପାରିପାର୍ଶ୍ୱିକ ଅବସ୍ଥା ରୂପାନ୍ତରିତ ହେବା କିଛି ବିଚିତ୍ର କଥା ନୁହେଁ ।

ସୁତରାଂ ଡ଼ଃ ଲଇବର ଏବଂ ସେରିନ୍‌ଙ୍କ ତଥ୍ୟାବଳୀରୁ ଏହାହିଁ ସ୍ପଷ୍ଟ ପ୍ରମାଣିତ ହୁଏଯେ ଚନ୍ଦ୍ରକଳା ସହିତ ମଣିଷର ବ୍ୟାବହାରିକ ଜୀବନର ଘନିଷ୍ଠ ସମ୍ବନ୍ଧ ରହିଛି । ମାତ୍ର ଏହାର ମୂଳକାରଣ ସଂପର୍କରେ, କହିବାକୁ ଗଲେ, ସେ ଦୁହେଁ ନିରବ । ସେ ଯାହାହେଉନା କାହିଁକି, ପୃଥିବୀର ଜୀବନଧାରା ଉପରେ ଚନ୍ଦ୍ରର ପ୍ରଭାବ ନେଇ ତାହାଙ୍କ ଶ୍ରମ ଓ ସାଧନା ବହୁ ମହତ୍ତ୍ୱପୂର୍ଣ୍ଣ ବୈଜ୍ଞାନିକ-ରହସ୍ୟ-ଉଦ୍‌ଘାଟନର ଦ୍ୱାର ଖୋଲି ଦେଇଛି ।

'ଜୀବଜଗତର ଗତିବିଧି ଉପରେ ଚନ୍ଦ୍ରର ପ୍ରଭାବ'—ଏହା ଉପରେ ପର୍ଯ୍ୟବେସିତ ବୈଜ୍ଞାନିକ ତଥ୍ୟ ଏବେ ମଧ୍ୟ ଅପେକ୍ଷାକୃତ ବିରଳ । ଚନ୍ଦ୍ରର ପ୍ରଭାବ କେବଳ କାବ୍ୟ, କିମ୍ବଦନ୍ତୀ ବା କାହାଣୀ ରୂପେ ରହି ନ ଯାଇ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ସେଗୁଡ଼ିକ ବିଶ୍ଳେଷିତ ହେଲେ ଅନୁସନ୍ଧିତ୍ସୁମାନଙ୍କୁ ସଫଳତାର ଯଥେଷ୍ଟ ଖୋରାକ ଯୋଗାଇପାରନ୍ତା । ମାତ୍ର ଏ ସଂପର୍କରେ ସିଦ୍ଧାନ୍ତ ସଂପ୍ରତି ଖୁବ୍ ସୀମିତ ଏବଂ ଯେଉଁ-ମାନଙ୍କ ଉଦ୍ୟମ ଆଂଶିକଭାବେ ସଫଳ, ତାହାଙ୍କ ତଥ୍ୟାବଳୀ ଏବେ ମଧ୍ୟ ବାଦାନୁବାଦ ଅବସ୍ଥାରେ ।

ବିଶ୍ୱସାହିତ୍ୟରେ ଚନ୍ଦ୍ରକୁ ପୃଷ୍ଠଭୂମିରେ ରଖି ବିଭିନ୍ନ ଆଂଶିକ ତଥା ସାଙ୍କେତିକ ଦୃଷ୍ଟିକୋଣରୁ ସାହିତ୍ୟ ଧାରା ଯେପରି ସତତ ଗତିଶୀଳ, ପୃଥିବୀର ଉପଗ୍ରହ ରୂପେ, ଚନ୍ଦ୍ର ମାଟି ଛୁଇଁବାର ଅସୀମ ଉଦ୍‌ବେଗ ତାହାଠାରୁ ଆହୁରି ଘନୀଭୂତ ଅନୁସନ୍ଧିତ୍ସା ନେଇ ଆଜିର ବୈଜ୍ଞାନିକ ଆଖିରୁ ନିଦ ଛଡ଼ାଇ ନେଇଛି । ଲୁନା, ଆପୋଲୋ, ଆରବିଟର, ସର୍ଭେୟର, ଭାଇକିଙ୍ଗ, ଆର୍ଯ୍ୟଭଟ ପରି କୃତ୍ରିମ ଉପଗ୍ରହଗୁଡ଼ିକ ସାହାଯ୍ୟରେ ଚନ୍ଦ୍ରପୃଷ୍ଠର ପାଣିପବନ ସହିତ ପରିଚିତ ହେବାପାଇଁ ସେ ଅହରହ ସାଧନା-ମଗ୍ନ । ଅସୀମ ପଥରେ ତା'ର ଏଇ ଉନ୍ମାଦନାର ଉପସଂହାର ନାହିଁ—ଯାହାକି ଏଇ ମଣିଷ ପାଇଁ ସମୟର ପ୍ରତିଟି ପାହାଚରେ ଆଣିଦେବ ଅସୁମାରୀ ନବୀନ ଆଲୋକଶିଖାର ସ୍ମାରକୀ ! !

(ଆକାଶବାଣୀ, କଟକଙ୍କ ଆନୁକୂଲ୍ୟରୁ)

ସହଶିକ୍ଷକ;
ମାନଗୋବିନ୍ଦ ମଧ୍ୟଇଂରାଜୀ ବିଦ୍ୟାଳୟ
କଣ୍ଟାବଣିଆ, ପୋ: ଛତ୍ରପଡ଼ା,
ପ୍ରୀତିପୁର, ଜି: କଟକ ।





# ଭାରତର ନିୟତି ଓ ଆଦର୍ଶ

ଯୁଗଯୁଗର ଭାରତ ଆଜି ମୃତ ନୁହେଁ । ସେ ତାର ଶେଷପ୍ରସ୍ତୁତନା ବାଣୀ ଉଚ୍ଚାରଣ କରିସାରିନାହିଁ । ଏବେବି ତାକୁ ତାʼ ନିଜ ନିମିତ୍ତ ଓ ସମଗ୍ର ମାନବ ଜାତି ନିମିତ୍ତ କିଛି ସାଧନ କରିବାକୁ ହେବ, ଏବଂ ଯାହାଦ୍ୱାରା ଏହି ଜାଗରଣ ସମ୍ଭବ ହେବ ............. ତାʼ ହେଲା ସେହି ପୁରାତନୀ ଶାଶ୍ୱତୀ ଶକ୍ତି, ଯାହା ନିଜର ଆତ୍ମାକୁ ପୁନରୁଦ୍ଧାର କରିବ ଏବଂ ଜ୍ୟୋତି ଓ ଶକ୍ତିର ସର୍ବୋତ୍ତମ ଉତ୍ସ ଆଡକୁ ନିଜର ମସ୍ତକ ଉତ୍ତୋଳନ କରି ତାହାର ଧର୍ମର ବୃହତ୍ତର ଓ ସଂପୂର୍ଣ୍ଣ ଅର୍ଥକୁ ଆବିଷ୍କାର କରିବ...... .......

ଆଜି ଏକଥା ବୋଧ ହେଉଛି ଯେ, ଭାରତର ଅନ୍ତରାତ୍ମା ତାହାର ଉତ୍ତରାଧିକାରରେ ପୂର୍ଣ୍ଣ ପ୍ରତିଷ୍ଠିତ ହେବାକୁ ପ୍ରସ୍ତୁତ ଏବଂ ତାହାର ଏକ ଅତୁଳନୀୟ ଗୌରବର ମୁହୂର୍ତ୍ତ ଉପସ୍ଥିତ—ଯେତେବେଳେ ତାହାର ଏହି ଭୂମିରୁ ସେହି ଆଦର୍ଶ ପ୍ରସାରିତ ହେବ, ଯାହା ମାନବ ଜାତିକୁ ତାହାର ସ୍ୱର୍ଗୀୟ ଉଚ୍ଚତମ ପରିଣତି ଦିଗରେ ପରିଚାଳିତ କରିବ ।

--ଶ୍ରୀ ଅରବିନ୍ଦ

(ତିନି)

ସକାଳେ ଖାଦ୍ୟ ପରିବେଷଣ କରୁ କରୁ ସନ୍ଦେହଶୀଳା ପତ୍ନୀ ଆହତ କଣ୍ଠରେ ତାଙ୍କର ସ୍ୱାମୀଙ୍କୁ ପଚାରିଲେ—

ମିଛୁଆ ! କାଲି ରାତିରେ ତୁମେ ଯେତେବେଳେ ଡେରି କରି ଘରକୁ ଫେରିଲ—ମତେ କହିଲ ଯେ ତୁମେ ସ୍ୱାତୀ ହୋଟେଲରେ ବେହେରା ବାବୁଙ୍କ ସଙ୍ଗେ ଖିଆପିଆ କରୁ କରୁ ଡେରି ହୋଇଗଲା । କିନ୍ତୁ ଆଜି ବଡ଼ିଶୋର୍‌ରୁ ମୁଁ ଶୁଣିବାକୁ ପାଇଲି ଯେ ତୁମେ ତୁଆଡ଼େ କାଲି ରାତିରେ ଶ୍ରୀମତୀ ବେହେରାଙ୍କ ସାଙ୍ଗେ ସ୍ୱାତୀ ହୋଟେଲରେ ବସି ଖାଇ ପିଇ ନାଚ ଦେଖୁଥିଲ । ଆଚ୍ଛା ! ମତେ ତୁମେ ଏମିତି ମିଛ କଥା କେମିତି କୁହ ? ତୁମ ଛାତି ଫାଟି ଯାଏନା ?

ନିଜ ମୁଣ୍ଡର ବାଳକୁ ଆପଣା ଆଙ୍ଗୁଠିରେ ସାଉଁଳୁ ସାଉଁଳୁ ସ୍ୱାମୀ ଜଣକ ଅତି ନିରୀହ ଗଳାରେ କହିଲେ—ବିଶ୍ୱାସ କର ! କାଲି ରାତିରେ ମୋର ସ୍ୱାତୀ ହୋଟେଲ ନାଁ'ଟା ମନେ ପଡ଼ିଲା ନାହିଁ ।

(ଚାରି)

ଡାକ୍ତର ସା'ବ ! ଆପଣଙ୍କର ସେହି ମହାନ୍ ଫଳପ୍ରଦ ଔଷଧଟି ଲାଗି ଅଜସ୍ର ଧନ୍ୟବାଦ । ଖୁବ୍ ଭଲ କାମ ଦେଲା—ଖୁବ୍ ଚଞ୍ଚଳ ବି ।

ଖୁବ୍ ଆନନ୍ଦର କଥା ଶ୍ରୀମାନ ଚୌଧୁରୀ ! ଆପଣ କେତେ ଟି ବୋତଲ ଖାଇବା ପରେ ଏ ଉପକାର ପାଇଲେ ?

ମୁଁ ଆଦୌ ସେ ଔଷଧ ଖାଇନି ଡାକ୍ତର ସା'ବ ! ମୋ କକା ସେ ଔଷଧରୁ ଅଧଶିଶିଏ ମାତ୍ର ଖାଇଥିଲେ । ବାପ୍ ! ସେତିକିରେ କାମ ଫତେ ! ଆନନ୍ଦର କଥା ହେଉଛି—ମୁଁ କେବଳ ତାଙ୍କର ଏକମାତ୍ର ଉତ୍ତରାଧିକାରୀ !

(ପାଞ୍ଚ)

ମାନସିକ ରୋଗୀ—ଦେଖନ୍ତୁ ଡାକ୍ତର ! ମୋ ମୁଣ୍ଡ ସବୁ ପ୍ରକାରେ ଠିକ୍ ଅଛି । କିନ୍ତୁ ମୋ ସ୍ତ୍ରୀ ମୋ ମୁଣ୍ଡରେ ଗୋଟିଏ କଥା ଭୁକାଇ ଦେଇଛନ୍ତି ଯେ ମୁଁ କୁଆଡ଼େ ଗୋଟିଏ କୁକୁର ।

ଡାକ୍ତର—କିନ୍ତୁ ପ୍ରକୃତରେ ଆପଣ ନିଜକୁ କ'ଣ ଭାବିବା ଉଚିତ ବୋଲି ମନେ କରନ୍ତି ?

ମାନସିକ ରୋଗୀ—ସେଇ କଥା'ଟି ମୁଁ ଜାଣିପାରୁ ନାହିଁ । ସେଥିଲାଗି ମୁଁ ଆପଣଙ୍କ ପାଖକୁ ଆସିଛି ।

(ଛଅ)

ରାଜନୈତିକ ନେତା ଜଣକ ଗୋଟିଏ ଗ୍ରାମର କୃଷକମାନଙ୍କ ଗହଳରେ ଭାଷଣ ଦେଇ ଖୁବ୍ ଅନୁପ୍ରାଣିତ ଗଳାରେ କହି ଚାଲିଥିଲେ—

"ଆପଣମାନେ ବୋଧେ ଜାଣନ୍ତି ନାହିଁ ଯେ ମୁଁ ନିଜେ ଜଣେ ବଡ଼ ଆଉ ପୋଖତ ଚାଷୀ । ମୁଁ ହଳ ବୁଲାଇ ପାରେ—ମଇ ଦେଇପାରେ—ବିଲ ବାଛିପାରେ—ଫସଲ କାଟିପାରେ । ମୁଁ ପୋଖରୀରେ ଭଲ ମାଛ ବଢ଼ାଇ ପାରେ—ଗୋରୁ ଗାଈଙ୍କ ଯତ୍ନ ନେଇପାରେ—ମହୁ ସଂଗ୍ରହ କରିପାରେ—ଗାଈ ଦୁହିଁପାରେ—ଛେଳି, ମେଣ୍ଢା ପାଳି-ପାରେ—ଏମିତି ଏମିତି ଆପଣମାନେ କହି ପାରିବେନି ମୁଁ ଚାଷ ବିଷୟରେ କ'ଣ ନ କରିପାରେ ।"

ସଭା ଭିତରୁ ଅଖାଡୁଆ ଚାଷୀ ଟୋକାଟିଏ ଉଠି ପଚାରିଲା—

ଅଚ୍ଛା ; ଆପଣ ଅଣ୍ଡା ଦେଇ ପାରିବେ ?

(ସାତ)

ହେଡ୍ ଆସିଷ୍ଟାଣ୍ଟ—ମୁଁ ଆପଣଙ୍କୁ ଯେତେବେଳେ ଲକ୍ଷ୍ୟ କରିଛି—ଆପଣ ସେତେବେଳେ ନିଜ ସିଟ୍‌ରେ ନଥାନ୍ତି । ଆପଣ କୁଆଡ଼େ ଯା'ନ୍ତି କାମବେଳେ ?

ଆସିଷ୍ଟାଣ୍ଟ—ଆପଣଙ୍କ ପାଖକୁ ବଡ଼ବାବୁ ! କିନ୍ତୁ ଆପଣ ସେତେବେଳେ ନିଜ ସିଟ୍‌ରେ ନଥାନ୍ତି ।

OGP—MP-VI [Home (P. R.)] 62—15,000—20-1-1978

7

Vol. XXXIV No. 5 & 6    UTKAL PRASANGA    Regd. No. O-247
Licence No. C. R. N. P. 5—Licensed to post without Pre-Payment


ସତେ! ଏକ ଇସ୍ପାତ
କାରଖାନାରୁ!
ସୋନା
ସାର

ଦେଶର ସର୍ବାଧିକ ଲୋକପ୍ରିୟ ସାର



SONA
ସୋନା
କୃଷକର ସାଥୀ

ରାଉରକେଲା ଇସ୍ପାତ କାରଖାନା